ନ ହନ୍ୟତେ

ମୂଳ ବଙ୍ଗଳା : ମୈତ୍ରେୟୀ ଦେବୀ

ଅନୁବାଦିକା : ଅଧ୍ୟାପିକା ଉଷା ରାୟ

Digitized by srujanika@gmail.com

ନ ହନ୍ୟତେ

[କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ]

ମୂଳ ବଙ୍ଗଳା : ମୈତ୍ରେୟୀ ଦେବୀ
ଅନୁବାଦିକା : ଅଧ୍ୟାପିକା ଉଷା ରାୟ

ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୭୫୩୦୦୨

Digitized by srujanika@gmail.com

ଭୂମିକା

ମିଥ୍ୟାର ଆବରଣ ତଳେ ସତ୍ୟ ଲୁକ୍କାୟିତ ହୋଇ ରହିଥାଏ । ତଥାପି ସତ୍ୟର ରୂପ ଚିରଭାସ୍ୱର, ସତ୍ୟ, ଅବିନଶ୍ୱର । ବିବେକ ଉପରେ ସତ୍ୟର ପ୍ରଭାବ ଗଭୀର ଓ ଚିରସ୍ଥାୟୀ । ମଣିଷ ତାହାକୁ ଏଡ଼ାଇ ଯାଇପାରେନା– ତାହାକୁ ସ୍ୱୀକାର କରିବାକୁ ପଡ଼େ ସତ୍ୟର ଅସ୍ତିତ୍ୱ । କିନ୍ତୁ ସ୍ୱୀକାର କଲେ ମଧ ସମସ୍ତେ ପ୍ରକାଶ କରିପାରନ୍ତି ନାହିଁ । ସତ୍ୟକୁ ନିର୍ଭୀକ ଭାବରେ ପ୍ରକାଶ କରିବା ପାଇଁ ଯେଉଁ ସାହସ ଓ ସ୍ଥୈର୍ଯ୍ୟ ଅପରିହାର୍ଯ୍ୟ, ତାହା ସମସ୍ତଙ୍କର ନଥାଏ । କିନ୍ତୁ କେତେଜଣ ତାହା କରିପାରନ୍ତି – ସେମାନେ ସତ୍ୟକୁ ସ୍ୱୀକାର କରନ୍ତି, ପ୍ରକାଶ କରନ୍ତି । ମୈତ୍ରେୟୀ ଦେବୀ ସେହିପରି ମୁଷ୍ଟିମେୟ ମହୀୟସୀ ମହିଳାମାନଙ୍କ ମଧ୍ୟରୁ ଅନ୍ୟତମ । ଜୀବନରେ ସେ କଠିନ ଅଗ୍ନିପରୀକ୍ଷାର ସମ୍ମୁଖୀନ ହୋଇଥିଲେ; କିନ୍ତୁ ସେ ଆଶାତୀତ ସଫଳତାର ସହ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଯାଇଛନ୍ତି । ତେଣୁ ତାଙ୍କ ଲେଖାର ଆବେଦନ ସତ୍ୟାନୁସନ୍ଧିତ୍ସୁ ପାଠକ ନିକଟରେ ଖୁବ୍ ଗଭୀର । ସେଥିପାଇଁ କଲମ ଧରିଲି । ଆଶା, ଉପନ୍ୟାସଟି ଓଡ଼ିଆ ପାଠକ-ପାଠିକାଙ୍କ ନିକଟରେ ବିଶେଷ ଆଦୃତ ହେବ ।

ଗ୍ରନ୍ଥମନ୍ଦିର ଏହି ପୁସ୍ତକଟିର ପ୍ରକାଶନଭାର ସାଗ୍ରହ ଗ୍ରହଣକରିଥିବାରୁ ତାଙ୍କ ନିକଟରେ ମୁଁ କୃତଜ୍ଞ ।

ଶେଷରେ, ଶ୍ରୀ ଚନ୍ଦ୍ରଶେଖର ପତି ଏହି ପୁସ୍ତକଟିକୁ ଅନୁବାଦ କରିବାରେ ଓ ପ୍ରୁଫ୍ ଦେଖିବାରେ (ପ୍ରଥମ ସଂସ୍କରଣ) ସାହାଯ୍ୟ କରିଥିବାରୁ ତାଙ୍କୁ ମୋର ହାର୍ଦ୍ଦିକ ଧନ୍ୟବାଦ ।

ଡିସେମ୍ବର ୨୬, ୧୯୭୯

ଉଷା ରାୟ

Digitized by srujanika@gmail.com

ନ ହନ୍ୟତେ

Digitized by srujanika@gmail.com

ପ୍ରଥମ ପର୍ବ

ପାର୍ବତୀ ଓ ଗୌତମୀ, ତୁମେମାନେ ଆଜି ମୋର ଜନ୍ମଦିନ ପାଳନ କରିବାକୁ ଆସିଥିଲ । ତୁମେମାନେ ଯେତେବେଳେ ଏ ଉତ୍ସବ ପାଳନ କରୁଥିଲ, ତୁମେ ହୁଏତ ଜାଣିନଥିଲ ଯେ, ଠିକ୍ ସେତେବେଳେ ଏ ଘରେ ଗୀତ ବୋଲାହେଉଥିଲା ଏବଂ ଗପ ଚାଲିଥିଲା । ମୁଁ ହସୁଥିଲି । ମୁଁ ଏଠାରୁ ଚାଲିଯାଉଥିଲି । ସମୟର ପ୍ରବାହରେ ମୁଁ ଭାସିଚାଲିଲି; ଅବଶ୍ୟ ଭବିଷ୍ୟତକୁ ନୁହେଁ, ଅତୀତକୁ ।

ବର୍ତ୍ତମାନ ମଧ୍ୟରାତ୍ର । ପ୍ରାୟ ରାତି ଦୁଇଟା ହେବ । ମୁଁ ବାଲ୍କନିରେ ଛିଡ଼ାହୋଇଛି । ଏଠାରୁ ଆକାଶଟା ପୂରା ଦେଖିପାରୁନାହିଁ । କେବଳ ସପ୍ତର୍ଷିର ଅର୍ଦ୍ଧାଂଶ ମୋର ମୁହଁକୁ ଚାହିଁଛି, ଏକ ବିରାଟ ପ୍ରଶ୍ନଚିହ୍ନ ପରି । ଏ ପ୍ରଶ୍ନ ଚିରନ୍ତନ । ବହୁ ଯୁଗ ପରେ ଏ ପ୍ରଶ୍ନ ମୋ ମନକୁ ବା କାହିଁକି ଆସିଲା ? କାହିଁକି ମୋ ଜୀବନରେ ଏପରି ଘଟଣା ଘଟିଲା, ଯାହାର କିଛି ମଧ୍ୟ ଦରକାର ନଥିଲା ? ଏ ପ୍ରଶ୍ନର ଉତ୍ତର କିଏ ଦେବ ?

ଏ ଆକାଶର ତାରାଗଣ ଉଜ୍ଜ୍ୱଳ । ମନୁଷ୍ୟର କେତେ ଯନ୍ତ୍ରଣାର ସାକ୍ଷୀ ଏମାନେ । ଆକାଶ ମୋତେ ଆକର୍ଷଣ କରୁଛି । ମୁଁ ଏଠାରେ ନାହିଁ । ନା ନା, ମୁଁ ଏଠାରେ ହିଁ ଅଛି । ମୁଁ ଏଠାରୁ ଯାଇପାରେନା । ଏ ମୋର ଅତି ପରିଚିତ ସଂସାର । ଏହି ଗୃହରେ ମୋର ସ୍ୱାମୀ ଆରାମରେ ନିଦ୍ରା ଯାଇଛନ୍ତି । ମୋ ସମ୍ପର୍କରେ ତାଙ୍କର ତିଳେହେଲେ ସନ୍ଦେହ ନାହିଁ । ମୋ ଉପରେ ତାଙ୍କର ଅଖଣ୍ଡ ବିଶ୍ୱାସ । ପ୍ରକୃତରେ ମୁଁ ତାଙ୍କର ସର୍ବସ୍ୱ । ତାଙ୍କ ପୃଥିବୀର ମୁଁ କେନ୍ଦ୍ରବିନ୍ଦୁ । କିନ୍ତୁ ସେ ଯେ ମୋର ସର୍ବସ୍ୱ ନୁହନ୍ତି, ସେଇଟା ସେ କୌଣସି ପ୍ରକାରେ ଜାଣିପାରିଛନ୍ତି । ସେଥିପାଇଁ ସେ ଦୁଃଖିତ ନୁହନ୍ତି; କିନ୍ତୁ ମୁଁ ମଧ୍ୟ ଦୁଃଖିତ ନୁହେଁ । ମୋର ଜୀବନ ପରିପୂର୍ଣ୍ଣ । ସଂସାରକୁ ଯାହା ଦେୟ ତା' ମୁଁ ଦେଇପାରିଛି । ପ୍ରେମର ମହିମା ମୁଁ ଜାଣେ । ଶ୍ରଦ୍ଧା ଓ ପୂଜାର ମିଶ୍ରଣର ଅଲୌକିକ ଊର୍ଦ୍ଧ୍ୱଗାମୀ ନିବେଦନ ମୋତେ ଗୁରୁଙ୍କ ପ୍ରତି କୃତଜ୍ଞ କରିଛି; କିନ୍ତୁ କାଲିଠାରୁ ମୋ ଜୀବନର ସ୍ୱାଦ କିପରି ବଦଳିଗଲା ? ମୋର ଏ ସୁନ୍ଦର ଶସ୍ୟଶ୍ୟାମଳା ପୃଥିବୀ ଉପରେ ନିଦାରୁଣ ଅତୃପ୍ତିର ସାହାରା ମରୁଭୂମି ବିସ୍ତାରିତ ହୋଇଗଲା ।

ମୁଁ ଜାଣେ ତା' ତଳେ ସବୁ ଠିକ୍ ଆଗପରି ରହିଛି । ମୁଁ ତାଙ୍କ ଅବଚେତନରେ ଏବେ ମଧ୍ୟ ରହିଛି । ଦୋମହଲା ଘରେ, ମା'-ବାପା କୋଳରେ ଶୋଇରହିଛି ମୋ ନାତି । କାଲି ସକାଳେ ସେ ଓହ୍ଲାଇ ଆସିବ ତା'ର ଛୋଟ ଛୋଟ କଅଁଳିଆ ହାତରେ ମୋତେ ଜାବୁଡ଼ି ଧରିବାକୁ । ମନେହେବ ମୋ ପୃଥିବୀ ରହିଛି ସେହିପରି କୋମଳ, ସଜୀବ ଓ ସବୁଜ; କିନ୍ତୁ

Digitized by srujanika@gmail.com

ତା' ଉପରେ ଆଗ୍ନେୟଗିରିର ଲାଭା ଗଡ଼ିଚାଲିଛି । ତା'ର ଉତପ୍ତ ପବନରେ ମୋ ମୁହଁ ଝଲସିଯାଉଛି । ଲାଭା ନୁହେଁ, ହୁଏତ ତାହା ଗଳିତ ସ୍ୱର୍ଣ୍ଣ । ମୁଁ ଏହାକୁ ଫେରାଇ ପାରିବି ନାହିଁ । ଏହାର ଆନନ୍ଦ ଅପୂର୍ବ; ଏହା ଅମୂଲ୍ୟ । ଏହା ପାଉଁଶ ନୁହେଁ । ଏହା ପାଉଁଶର ନିର୍ଯ୍ୟାସ । ଏହା ଅବିନଶ୍ୱର । ''ଛାଇ ହୟେ ଗିୟେ, ତବୁ ବାକି ଯାହା ରହିବେ'' ଏ ସେଇ ଅବଶିଷ୍ଟ ।

ତଥାପି ଗତ ଦୁଇଦିନ ହେଲା ମୁଁ ଖୁବ୍ କଷ୍ଟପାଉଛି । ସେ କଷ୍ଟର ରୂପ କ'ଣ ? ''ରମ୍ୟାଣି ବୀକ୍ଷ୍ୟ ମଧୁରାଂଶ୍ଚ ନିଶମ୍ୟ ଶବ୍ଦାନ୍''–ମନ ବ୍ୟାକୁଳ ହୋଇଛି । ଜନ୍ମାନ୍ତରର ସୌହାର୍ଦ୍ଦ୍ୟ ମନେପଡୁଛି । ''ପର୍ଯ୍ୟୁତ୍ସୁକୀ ଭବତି ଯତ୍ ସୁଖ ତୋହ ପଦକେ'' ସେପରି ନା ନା, ଏ'ତ ଜନ୍ମାନ୍ତରର କଥା ନୁହେଁ, ଏ'ତ ସେଦିନର କଥାପରି ମନେହେଉଛି; ମାତ୍ର ବୟାଳିଶ ବର୍ଷ ତଳର କଥା । ମଣିଷ ପାଖରେ ଏହା ଦୀର୍ଘ– କିନ୍ତୁ ଅନନ୍ତ ପାଖରେ ?

ସମୟର ଅବସ୍ଥାନ ନାହିଁ । ତାର ସମ୍ମୁଖ କ'ଣ ? ପଶ୍ଚାତ୍ ବା ପାର୍ଶ୍ୱ କ'ଣ ? ତା'ର ଆରମ୍ଭ କେଉଁଠି ? ତା'ର ଶେଷ କେଉଁଠି ? ମୁଁ ମହାକାଳର ଏକ କ୍ଷୁଦ୍ରାଂଶର ପ୍ରକାଶ । ମୋ ପାଇଁ କାଳ ସୀମାବଦ୍ଧ; କିନ୍ତୁ ଆଜି ହଠାତ୍ ବୟାଳିଶ ବର୍ଷର ସୀମା ଅସୀମରେ ମିଶିଯାଇଛି । ମୁଁ ମହାକାଳରେ ଅନୁପ୍ରବିଷ୍ଟ । ମୋର ଅଗ୍ର ବା ପଶ୍ଚାତ୍ ନାହିଁ । ମୁଁ ସ୍ଥିର, ଧ୍ରୁବ, ଦଣ୍ଡାୟମାନ । ୧୯୭୨ରେ ପାଦ ରଖି ମଧ୍ୟ ୧୯୩୦ରେ ମୁଁ ବିଦ୍ୟମାନ ।

ଘଟଣାଟି ଘଟିଲା– ସେପ୍‌ଟେମ୍ବର ପହିଲା ୧୯୭୨–ତା' ପୂର୍ବଦିନ ମୋ ବାଲ୍ୟବନ୍ଧୁ ଗୋପାଳ ମୋତେ ଫୋନ୍ କରି କହିଲା, ''ଅମୃତା ! ୟୁକ୍ଲିଡ୍ ମନେପଡୁଛି ?''

ମୁଁ ଉତ୍ତର ଦେଲି, ''ହଁ, କିଛି କିଛି ... କାହିଁକି ?''

''ତାଙ୍କ ଦେଶରୁ ଜଣେ ଭଦ୍ରଲୋକ ଆସିଛନ୍ତି, ୟୁକ୍ଲିଡ୍‌ର ପରିଚିତ । ୟୁକ୍ଲିଡ୍ ତୁମ ବାପାଙ୍କ ଛାତ୍ର ଥିଲେ; ମାତ୍ର ତୁମ ବାପା ତ ଆଉ ଜୀବିତ ନାହାନ୍ତି; ତେଣୁ ସେ ଭଦ୍ରଲୋକ ତୁମ ସହିତ ଦେଖାକରିବାକୁ ଚାହାଁନ୍ତି ।''

ମୋର ଶରୀର ଓ ମନରେ ଆନନ୍ଦର ଶିହରଣ ଖେଳିଗଲା । ଗୋପାଳ ଟେଲିଫୋନ୍‌ରେ ପୁଣି ପଚାରିଲା, ''ଚୁପ୍ ରହିଲ କାହିଁକି ? ତାଙ୍କୁ ନେଇ ଆସିବି ?''

''ନା, ନା–ମୁଁ ଯିବି, ମୋତେ ଠିକଣାଟା କହ ।''

ସେଦିନ ସକାଳୁ ବର୍ଷା ପଡ଼ିଥିଲା । ଟ୍ୟାକ୍‌ସିଟିଏ ଯୋଗାଡ଼ କରି ଗନ୍ତବ୍ୟ ସ୍ଥଳରେ ପହଞ୍ଚିଲି । ଆସିବାଟା ବୃଥା । ଯେ ଚିଠି ଲେଖିଲେ ଉତ୍ତର ଦିଏ ନାହିଁ, ତା ଖବର ଜାଣି ମୋର କ'ଣ ଲାଭ ?

ନିଛକ କୌତୂହଳବଶତଃ ଚାଲିଆସିଲି । ପରିଚିତ ଜଣଙ୍କର ଖବର ଜାଣିବାକୁ ଚାହିଁବାଟା କ'ଣ ଅନ୍ୟାୟ ? ସତକଥା କହିବାକୁ ଗଲେ, ମୁଁ ସାଧାରଣ ଝିଅମାନଙ୍କ ପରି ଅଳ୍ପ ଟିକିଏ ବେଶହୋଇ ଆସିଛି । ଦର୍ପଣ ଆଗରେ ଠିଆହେଲି । ଚେହେରାଟା ଖୁବ୍ ଖରାପ

Digitized by srujanika@gmail.com

ହୋଇଯାଇଛି । ମହାକାଳ ସବୁକିଛି ଭାଙ୍ଗିରୁଜି ଦେଇଛି । ଖାଲି କ'ଣ ଭାଙ୍ଗିରୁଜି ଜୀର୍ଣ୍ଣ କରିଛି ? କାଳ ମଣିଷକୁ ପୁରୁଣା କରେ କେବଳ ? ନୂତନ କରେନାହିଁ ? ମୋର ଦେହ ପୁରାତନ ହୋଇଯାଇଛି ସିନା, କିନ୍ତୁ ମୋର ମନ ? ଯେଉଁ ମନ ମୋର ମିର୍ଚ୍ଚା ୟୁକ୍ଲିଡ୍‌ର କଥା ଜାଣିବାକୁ ଚାହେଁ, ସେ ମନ କୌତୂହଳୀ...ନୂତନ । ସେ ବି ତ କାଳର ସୃଷ୍ଟି । ଦିନେ ଲେଖିଥିଲି—

''ଯେ କାଳ ପିଛନେ ଛିଲ
ସେ କାଳ ସମ୍ମୁଖେ ଫିରେ ଆସେ
ଅନବଗୁଣ୍ଠିତ ମୁଖେ ତାରକାଖଚିତ ପଟ୍ଟବାସେ
କେ ତାରେ ଭୂଷଣ ଦିଲ, ଦିଲ ଅଲଙ୍କାର
କ୍ଷଣସ୍ଥାୟୀ ଐଶ୍ୱର୍ଯ୍ୟେର ବସନ୍ତ ବାହାର ?
ସ୍ପର୍ଶହୀନ ସ୍ରୋତେ ତା'ର ରୂପହୀନ ଆବେଗେ ଅତୁଲ
    କେ ଫୋଟାଲ ଫୁଲ ?
ଶୂନ୍ୟେର ସମୁଦ୍ର ହତେ ନିମେଷେ ନିମେଷେ ଧରେ କାୟା
ବେଲାହୀନ ବେଲାତଟେ ତରଙ୍ଗେର ମୃତ୍ୟୁମୟୀ ମାୟା ।''

ଯେତେବେଳେ ଏହା ଲେଖିଥିଲି, ସେତେବେଳେ ଜାଣିନଥିଲି ପଛ କିପରି ସାମନା ହୁଏ, ପୁରାତନ କିପରି ନୂତନ ହୁଏ । ନୂତନ ଓ ପୁରାତନ ମଧ୍ୟରେ ପ୍ରଭେଦ ଭାବିବାଟା ଏକ ଭୁଲ ।

ଗାଡ଼ିରେ ବସି ମୋତେ ଖୁବ୍ ହସ ମାଡୁଛି । ମଜା ବି ଲାଗୁଛି । ମୋର ବେଶ ହବାଟା କ'ଣ ଦରକାର ଥିଲା ? ମୁଁ ତ ଆଉ ମିର୍ଚ୍ଚା ୟୁକ୍ଲିଡ୍ ସହିତ ଦେଖାକରିବାକୁ ଯାଉନାହିଁ ? ମୁଁ ତ କେବଳ ତା'ର ପରିଚିତ ଜଣେ କେହି, ଯେ କି ମୋର ସମ୍ପୂର୍ଣ୍ଣ ଅପରିଚିତ – ତାଙ୍କ ସଙ୍ଗେ ଦେଖାକରିବାକୁ ଯାଉଛି ।

ଦୁଆରଟି ମେଲାଥିଲା । ଲୋକଟି ମୁଣ୍ଡପୋତି ଟେବୁଲରେ ଲେଖୁଥିଲା । ଠିଆ ହୋଇ ପରିଚୟ ଦେଲା, ''ମୁଁ ସେରଗେଇ ସେବାଷ୍ଟିନ୍ ।'' ତପୂରେ ସେ ମୋ ହାତ ପାପୁଲିଟି ଟାଣିନେଇ ଚୁମ୍ବନ କଲା । ଏଟା ତାଙ୍କ ଦେଶର ରୀତି ।

ତାହାର ଏ ଭଙ୍ଗୀ ମୋର ଅତି ପରିଚିତ । ବହୁ ବିସ୍ମୃତ ଯୁଗର ପଦଶବ୍ଦ ପରି ମନେହେଲା । ସେ ମୋତେ ପ୍ରଶ୍ନ କଲା, ''ତୁମେ ଅମୃତା ?''

ମୁଁ ଜାଣେ ଏ ବିଦେଶୀ ବ୍ୟକ୍ତି ଯେଉଁ ଅମୃତା କଥା କହୁଛି, ସେ ୧୯୭୨ ମସିହାର ଅମୃତା ନୁହେଁ । ଏ ବିଦେଶୀର ବିସ୍ମୟ ଆଜିର ଅମୃତାକୁ ଦେଖି ଜାଗ୍ରତ ହେବନାହିଁ । ବିଦେଶୀର ଦୃଷ୍ଟି ସ୍ଥିର; ସେ ଦୃଷ୍ଟି ଦେଖୁଛି ୧୯୩୦ ମସିହାର ଅମୃତାକୁ । ମୁଁ ପ୍ରଶ୍ନ କଲି,

Digitized by srujanika@gmail.com

''ତୁମେ ମୋତେ ଜାଣ'' ? ସେବାଷ୍ଟିନ୍ ଉତ୍ତର ଦେଲା, ''ତୁମକୁ ଆମ ଦେଶରେ ସମସ୍ତେ ଜାଣନ୍ତି । ତୁମେ ଆମ ଦେଶର ରୂପକଥାର ନାୟିକା ।''

''କିପରି ? ମିର୍ଚ୍ଚାର ବହି ଦ୍ୱାରା ?''

''ହଁ, ତାହାରି ବହି । ସେ ତୁମକୁ ବିବାହ କରିବାକୁ ଚାହିଁଥିଲା; ମାତ୍ର ତୁମ ବାପା ରାଜିହେଲେ ନାହିଁ– ତୁମେ ହିନ୍ଦୁ, ସେ ଖ୍ରୀଷ୍ଟିୟାନ୍ ।''

''ନା ନା, ସେସବୁ କିଛି ନୁହେଁ, ବାପାଙ୍କ ଅହଙ୍କାର, ଅହଙ୍କାର ପାଇଁ ବିବାହ ଦେଲେନାହିଁ । ବୟାଳିଶ ବର୍ଷ ହୋଇଗଲାଣି– ବେଳେବେଳେ ଶୁଣିଛି ସେ ବହିଟିର କଥା; କିନ୍ତୁ କେତେବେଳେ ହେଲେ କାହାକୁ ପଚାରିନାହିଁ ସେ ବହିଟି କ'ଣ– ଉପନ୍ୟାସ, କବିତା ବା ପ୍ରବନ୍ଧ । ଆଜି କୁହ ତ ବନ୍ଧୁ–ସେ ବହିରେ କ'ଣ ଅଛି ?'' ପ୍ରଶ୍ନଟା ପଚାରି ମୁଁ ହସୁଛି । ଏଇ ତ କେତେ ସହଜରେ ପଚାରିପାରିଲି, ଏତେ ଦିନ ପଚାରି ନାହିଁ କାହିଁକି ? ସେ ତ ଅନ୍ୟ ଏକ ଅମୃତା । ଚାଳିଶ ବର୍ଷ ପୂର୍ବର ମଣିଷ ସହିତ ମୋର କି ସମ୍ପର୍କ ? ତା'ର କର୍ମଫଳ ମୋତେ କ'ଣ ସ୍ପର୍ଶ କରିପାରିବ ? ବାରବର୍ଷ ପରେ ତ ଆଉ ହତ୍ୟା ଅପରାଧରେ ଦଣ୍ଡ ମିଳେନାହିଁ– ମୋର ବା ଲଜ୍ଜା କାହିଁକି ? ଲଜ୍ଜା ଏଥିପାଇଁ ଯେ ମୁଁ ମୋରାଲିଷ୍ଟ । ନ୍ୟାୟ ଅନ୍ୟାୟ, ଉଚିତ ଅନୁଚିତ ବିଷୟରେ ମୁଁ ଅନେକ ଭାବିଛି । ମୁଁ କଠୋର ଭାବରେ ବିଚାର କରେ । ଦୁର୍ବଳତାକୁ ପ୍ରଶ୍ରୟ ଦିଏ ନାହିଁ । ମୋର ବନ୍ଧୁମାନେ ମଧ୍ୟ ମୋ ସମ୍ମୁଖରେ ସେମାନଙ୍କ ଦୁର୍ବଳତା ବିଷୟରେ କଥାବାର୍ତ୍ତା କରନ୍ତି ନାହିଁ । ମୁଁ ସମ୍ମାନର ଉଚ୍ଚାସନରେ ଅଧିଷ୍ଠିତ; ନିଜକୁ ମଧ୍ୟ କେବେ କ୍ଷମା କରିନାହିଁ । ଯେତେବେଳେ ମିର୍ଚ୍ଚାର କଥା ମନେପଡୁଛି ତତ୍‌କ୍ଷଣାତ୍ ଭ୍ରୂକୁଟି କରିଛି ନିଜକୁ । କାହିଁକି ଏମିତି ଘଟଣାଟିଏ ଘଟିଲା ? ନ ଘଟିଥିଲେ ତ ଭଲ ହୋଇଥାନ୍ତା । ସେତେବେଳେ ଲଜ୍ଜା, ବିଷମ ଲଜ୍ଜା, ମୋର ଚେତନାକୁ ଆଚ୍ଛନ୍ନ କରିଛି । ତା'ର ସ୍ମୃତିକୁ ଅବଚେତନର ଗଭୀରତାରେ ନିର୍ବାସନ ଦେଇଛି; କିନ୍ତୁ ଆଜି କେତେ ସହଜରେ ଏହି ଭଦ୍ରଲୋକଙ୍କୁ ପଚାରିପାରିଲି ସେହି ବହିଟିର କଥା ! ମନରେ କୌଣସି ସଂକୋଚ ନାହିଁ ।

ସେରଗେଇ କହିଲେ, ''ସେହି ବହି ଆତ୍ମଜୀବନୀମୂଳକ ଉପନ୍ୟାସ ।'' ଲୋକଟି ଭଲ ଇଂରାଜୀ କହିପାରେ ନାହିଁ । ଭଙ୍ଗା ଭଙ୍ଗା ଇଂରେଜୀରେ ରହି ରହି କହିବାକୁ ଲାଗିଲା, ''ଜାଣିଛ, ସେହି ବହିରେ ଭାରତବର୍ଷକୁ ଜାଣି, କଲିକତାକୁ ଜାଣି ଆମ ଦେଶର ଲୋକେ ଅବାକ୍ ହୋଇଯାଇଥିଲେ ।''

ତା'ର ଗଳା ଶୁଣୁଛି ଏବଂ ପରିଚିତ ନାମଗୁଡ଼ିକ ମନେପଡୁଛି । ଛାତିରେ ଟିକିଏ ଟିକିଏ ଧକ୍‌କା ଲାଗୁଛି । ଯେପରି ଗୋଟିଏ ଗୋଟିଏ କରି ଝିଡ଼ିକି ଖୋଲୁଛି । ଘର ଭିତର ଅନ୍ଧକାର; କିନ୍ତୁ ଜାଣେ ସେଠାରେ କ'ଣ ଅଛି । ସେଠାକୁ ଯିବାକୁ ଇଚ୍ଛା ହେଉଛି, କିନ୍ତୁ ଭୟରେ ମୋର ଶ୍ୱାସରୁଦ୍ଧ ହୋଇଆସୁଛି ।

Digitized by srujanika@gmail.com

"ସେରଗେଇ, ସତ କୁହ ତ, ସେ ବହିରେ ମୋ କଥା କ'ଣ ଅଛି ?"

ସେ ମୃଦୁ ହସୁଛନ୍ତି, ତା'ପରେ ଇଉରୋପୀୟ ଉଚ୍ଚାରଣ ଅନୁସାରେ ତା'ର ଆଧିକ୍ୟ ଦେଇ ସେ କହିଲେ, "ଫାଷ୍ଟ ସି ଲାଭଡ୍ ଏ ଟ୍ରି" (First she loved a tree– ପ୍ରଥମେ ସେ ଗୋଟିଏ ଗଛକୁ ଭଲପାଇଥିଲା) । ମୁଁ ଚମକି ପଡ଼ିଲି । ଛାତି ଭିତରେ ଦପ୍ କରି ଏକ ସ୍ମୃତିର ଦୀପ ଜଳିଉଠିଲା । ଠିକ୍ ଠିକ୍...ଠିକ୍ ତ । "ଆହୁରି କହ ସେରଗେଇ, ଏପରି କିଛି ଅଛି କି ଯଦ୍ଦ୍ୱାରା ମୁଁ ଲଜ୍ଜିତ ହେବି ?"

ସେରଗେଇ ମୁଣ୍ଡ ତଳକୁ କରି କହିଲେ, "ସେ ଲେଖିଛି, ରାତିରେ ତୁମେ ତା' ଘରକୁ ଆସୁଥିଲ... ଅବଶ୍ୟ ଏଥିରେ ଲଜ୍ଜିତ ହେବାର କାରଣ ମୁଁ ଦେଖୁନାହିଁ ।"

ମୁଁ ତ ସ୍ତମ୍ଭିତ ! 'କି ସର୍ବନାଶ ! କି ଅନ୍ୟାୟ ! ବିଶ୍ୱାସ କର ସେରଗେଇ, ଏ ସତ୍ୟ ନୁହେଁ, ଆଦୌ ସତ୍ୟ ନୁହେଁ ।"

ସେ ମୋତେ ସାହସ ଦେଉଛି; "ତାହା ବୁଝାଯାଏ, ସେଥିପାଇଁ ତୁମକୁ ବର୍ଣ୍ଣନା କରିପାରିନାହାନ୍ତି । ଲେଖିଛି ତୁମେ ଅନ୍ଧକାର ମଧ୍ୟରେ ମୂର୍ତ୍ତିପରି ଠିଆହୋଇଛ– ତା'ର ଯେ ଉପାୟ ନଥିଲା; ତା'ର ଯେ ସେତେବେଳେ ଭୀଷଣ କଷ୍ଟ ।"

ମୁଁ ଅସହାୟ ବୋଧକରୁଛି, ଯେପରି ପାଣିରେ ପଡ଼ିଛି । ଅପ୍ରିୟ ସତ୍ୟକୁ ଗ୍ରହଣ କରିବା ପାଇଁ ମନକୁ ପ୍ରସ୍ତୁତ କରିପାରେ–କିନ୍ତୁ ଅପ୍ରିୟ ମିଥ୍ୟାର ଆଘାତ ତ ଅସହନୀୟ !

ଆସ୍‌ଟ୍ରେରେ ସିଗାରେଟ୍ ନିର୍ବାପିତ କରି ଏହି ଭଲ ମଣିଷ ବିଦେଶୀ ବ୍ୟକ୍ତିଟି କହିଲେ, "କ୍ଷମାକର, ମୁଁ ତୁମକୁ ସବୁ କହିଲି, ସତ କଥାହିଁ କହିବାକୁ ହେଲା ।"

"କହିପାରିବ କି ସେରଗେଇ, କାହିଁକି ସେ ମୋ ନାଁରେ ବହିଟା ଲେଖିଛି ?"

"ତୁମ ନାଁର ବନ୍ଧନ ସେ ଏଡ଼ାଇ ପାରିନାହିଁ । ସେତେବେଳେ ଯେ ତା'ର କଷ୍ଟ ଅତିଶୟ ! ତୁମେ ବହିଟି ପଢ଼ିଲେ ଆଖିରେ ପାଣି ଆସିବ ।"

"ତା ବୋଲି ଏପରି ଗୋଟିଏ ମିଥ୍ୟା କଳଙ୍କ ଦେବ ?"

"ସେଟା ତା'ର କଳ୍ପନା । ସେତେବେଳେ ତା'ର ଯନ୍ତ୍ରଣାରୁ ଉଦ୍ଧାର ନିମିତ୍ତ ସେଇ ଗୋଟିଏ ପଥ ହିଁ ଥିଲା । ତୁମକୁ ତ ସେ ଏବେ ବି ଭୁଲିନାହିଁ ।"

ମୋତେ ଦିଗ୍‌ବିଦିଗ ଶୂନ୍ୟ ଲାଗୁଛି । କ'ଣ କରିବି ମୁଁ ? "ଆଶ୍ଚର୍ଯ୍ୟ ତୁମର ଯୁକ୍ତି ସେରଗେଇ, ଯନ୍ତ୍ରଣାରୁ ମୁକ୍ତି ପାଇଁ ମିଥ୍ୟାର ଆଶ୍ରୟ ନେବା ! ଆଉ ଏପରି ଯଦି ତାହାର ପ୍ରେମ ଥିଲା, ତେବେ ମୋ ବାପାଙ୍କର ଗୋଟିଏ ଧମକରେ ମୋତେ ଛାଡ଼ିଦେଇ ଚାଲିଗଲା କାହିଁକି ? ଏପରି କେବେ ହୁଏ ? ଶୁଣିଛ କେବେ ?"

"ହୁଏନା ? ଶୁଣିନାହିଁ ? ଏପରି ଦୃଷ୍ଟାନ୍ତରେ ତ ଇତିହାସ ପୂର୍ଣ୍ଣ । ତୁମେ ସେତେବେଳେ ଷୋଳବର୍ଷର ଗୋଟିଏ ଝିଅ, ସେ ତେଇଶ ବର୍ଷର ତରୁଣ । ଆହା...ତୁମର ବାପା ତୁମର ଜୀବନଟିକୁ ନଷ୍ଟ କରିଦେଲେ !"

Digitized by srujanika@gmail.com

ମୋ ଶରୀରରେ ବିଦ୍ୟୁତ୍ ସୃଷ୍ଟିହେଲା– ଏ ଲୋକଟା କହେ କ'ଣ ? ''ସେରଗେଇ, ତୁମେ ମୋ ଜୀବନର କ'ଣ ଜାଣ ? ମୋ ଜୀବନ ନଷ୍ଟ କରିବାକୁ ସାଧ୍ୟ କାହାର ? ମୋର ସମୃଦ୍ଧ ଜୀବନ । ପୁଅଝିଅ ନାତିନାତୁଣୀ ନେଇ ମୋର ଆଦର୍ଶ ସଂସାର । କେତେ ଲୋକଙ୍କର ସ୍ନେହ ପାଇଛି, ସମ୍ମାନ ପାଇଛି, ସର୍ବୋପରି ମୋର ଗୁରୁ, ଯାହାଙ୍କ ସମ୍ବନ୍ଧରେ ତୁମ ବନ୍ଧୁର ଏତେ ଈର୍ଷା–ତାଙ୍କର ଆଶ୍ଚର୍ଯ୍ୟଜନକ ସ୍ନେହରେ ଉତ୍ଫୁଲ୍ଲ ମୋ ମନ; ଏମିତି ଏକ ଅତୀନ୍ଦ୍ରିୟ ସ୍ନେହର ସନ୍ଧାନ ପାଇଛି, ଯାହା ବାକ୍ୟ ଓ ମନର ଅତୀତ ବସ୍ତୁ । ତା'ପରି ଏକ ତେଇଶ ବର୍ଷର ତରୁଣ ପାଇଁ ମୋର ଏଇ ଅଠାବନ ବର୍ଷ ଜୀବନରେ କୌଣସି ସ୍ଥାନ ଅଛି କି ?''

ମୁଁ ଖୁବ୍ ଉତ୍ତେଜିତ ହୋଇ କଥାଗୁଡ଼ାକ କହୁଛି । ମୋ ମୁଣ୍ଡ ଭିତରର ଶିରା ଉପଶିରା ଦପ୍‌ଦପ୍ କରୁଛି । ମୋତେ ଭୟଲାଗୁଛି, ମୋର ଯେ ଅନେକ ବୟସ–ଷ୍ଟ୍ରୋକ୍ ହୋଇଯିବନି ତ ? ସେରଗେଇ ବିଷଣ୍ଣ ବଦନରେ ଅପ୍ରସ୍ତୁତ ହସ ନେଇ ଅନାଇଛି ।

''ନା ନା, ଜୀବନ ନଷ୍ଟ ନୁହେ- ଜୀବନ ଅନ୍ୟରକମ ହୋଇଥାଆନ୍ତା...ତା କହିପାର– ଅନ୍ୟରକମ–ଏଇମାତ୍ର ।''

''ତୁମର ପ୍ରଥମ କବିତା ବହିଟି ମୋ ପାଖରେ ଅଛି । ତାକୁ ଯେତେବେଳେ ଦେଶ ଛାଡ଼ି ଚାଲିଯିବାକୁ ହେଲା, ସେତେବେଳେ ତା'ର ସମଗ୍ର ଲାଇବ୍ରେରୀ ମୁଁ ନେଇ ଆସିଥିଲି, ତା' ଭିତରେ ତୁମର ବହିଖଣ୍ଡିକ ଥିଲା ।''

''କୁହ ତ କିପରି ଦେଖିବାକୁ ?''

''ନୀଳ କନାର କଠିନ ମଲାଟରେ ବନ୍ଧା, ମଝିରେ ଗୋଟିଏ ସୁନେଲି ରଙ୍ଗ ଫୁଲର ନକ୍‌ସା ।''

ମୁଁ ହସୁଛି । କି ଆଶ୍ଚର୍ଯ୍ୟ, ଠିକ୍ ତ ! ସେ ଯେ କେତେ କାଳ ପୂର୍ବର କଥା ! ''କିପରି ଜାଣିଲ ସେଟା ମୋର ଲେଖା ବହି ?''

''ଶେଷ ପୃଷ୍ଠାରେ, ତିର୍ଯ୍ୟକ୍ ଭାବେ ଗୋଟିଏ ପୃଷ୍ଠାରୁ ଅନ୍ୟ ପୃଷ୍ଠାକୁ ଚାଲିଯାଇଛି, ତୁମର ହସ୍ତାକ୍ଷର, ତୁମେ ଲେଖିଛ– Mircea, Mircea, Mircea– I have told my mother that you have only kissed me on my forehead." (ମୁଁ ମୋ ମା'ଙ୍କୁ କହିଛି, ତୁମେ କେବଳ ମୋ କପୋଳଦେଶ ଚୁମ୍ବନ କରିଛ) ।

ସେରଗେଇ ମୁହଁର କଥା ଶେଷ ହୋଇନାହିଁ– ମୋ ଗୋଡ଼ତଳେ ଶିହରଣ ହେଲା । ମୁଁ ଗୋଟିଏ ତଳୁଆ ଚୌକିରେ ବସି ଚଟାଣରେ ଗୋଡ଼ ରଖିଥିଲି । ମୋର ମନେହେଲା ମୋର ଗୋଡ଼ତଳେ ଚଟାଣ ନାହିଁ । ଏଇ ଘରର ଛାତ ନାହିଁ । ମୁଁ ଶୂନ୍ୟ, ମହାଶୂନ୍ୟରେ ଚାଲିଛି–ଅଥଚ ମୁଁ ଜାଣେ, ମୁଁ ସେରଗେଇ ଆଡ଼କୁ ଅନାଇଛି, ସେ ମୃଦୁ ହସୁଛି । ମୁଁ ମଧ ହସୁଛି; କିନ୍ତୁ କି ଆଶ୍ଚର୍ଯ୍ୟ ସେହି ଶାରୀରିକ ଅନୁଭୂତି ! ମୁଁ ଦ୍ୱିଧା ବିଭକ୍ତ । ମୁଁ ଏଠାରେ– ଅଥଚ ଏଠାରେ ନାହିଁ । ମୁଁ ନିଜକୁ ଦେଖିବାକୁ ପାଉଛି ଭବାନୀପୁର ଘରର ଦ୍ୱିତଳ ବାରନ୍ଦାରେ–

Digitized by srujanika@gmail.com

ବାରନ୍ଦାର ଚଟାଣରେ ଧଳା କଳା ଚାରିକୋଣିଆ ପଥର, ଯେପରି ସତରଞ୍ଚ ଖେଳର ଛକ । ମସୃଣ ପଥରର ଚଟାଣରେ ମୁଁ ଶୋଇଛି । ମୋ ହାତରେ ସେହି ବହିଟା; ଏଇ ତ ମୁଁ, ଏଇ ତ ମୁଁ–ମୁଁ ନିଜକୁ ଦେଖିବାକୁ ପାଉଛି । ମୋ ଛାତି ଭିତରେ ହଠାତ୍ ଜଳପ୍ରପାତ ଶବ୍ଦରେ ସେ ଦିନର କ୍ରନ୍ଦନ ଫେରିଆସିଛି । କି ଆଶ୍ଚର୍ଯ୍ୟ ! ମୁଁ ସେରଗେଇକୁ କିଛି କହୁଛି । ସେ ତା'ର ପରିଷ୍କାର ଉତ୍ତର ଦେଉଛି । ମୋର ହାତ ଚେୟାରର ହାତ ଉପରେ; କିନ୍ତୁ ମୁଁ ସେହି ପଥର ଚଟାଣର ସ୍ପର୍ଶ ଅନୁଭବ କରୁଛି । ମୋ ଆଗରେ ଖୋକା ଠିଆହୋଇଛି । ମୁଁ ତାର ଅପରିଷ୍କାର ଗୋଡ଼ର ଆଙ୍ଗୁଠିଗୁଡ଼ିକ ଦେଖିବାକୁ ପାଉଛି–ମଇଳା ଧୋତିର ଏକ ଅଂଶ ତଳେ ଝୁଲୁଛି । ଏଟା ତ ଗୋଟିଏ ସକାଳ–ବୋଧହୁଏ ସେପ୍‌ଟେମ୍ବର ୨୦ର ସକାଳ । ସେପ୍‌ଟେମ୍ବର ୧୬ରେ ମିର୍ଜା ଚାଲିଯାଇଛି । ଖୋକା ମୋତେ କହୁଛି । ମୁଁ ପରିଷ୍କାର ଶୁଣିବାକୁ ପାଉଛି "ରୁ, ଚଞ୍ଚଳ ଲେଖିଦିଅ ଭଉଣୀ"–ତା'ପରେ ଗୋଟିଏ ମୁଖଭଙ୍ଗୀ କରି ଫିସ୍‌ଫିସ୍ କରି କହୁଛି– ଚାରିଆଡ଼େ ସ୍ପାଇ ବୁଲୁଛି । ଏଟା ସେ ଥଟ୍ଟା କରି କହୁଛି, ସେ ଖୁବ୍ ମଜା କରିପାରେ, ହସାଇପାରେ ।

ଖୋକା ଆମର କେହି ନୁହେଁ, କିନ୍ତୁ ଭାଇପରି । ସେମାନେ ଖୁବ୍ ଗରିବ । ତା ମା'କୁ ମୋର ଆଈ ମଣିଷ କରିଥିଲେ । ତା'ପରେ ତାଙ୍କୁ ବିବାହ ଦେଇଥିଲେ । ଖୋକାର ମା'କୁ ତେଣୁ ଆମେ ପିଉସୀ କହୁ । ପିଉସୀଙ୍କର ଅଠରଟି ସନ୍ତାନ– ତେଣୁ ସେମାନଙ୍କ ଦାରିଦ୍ର୍ୟ କେବେ ଗଲାନାହିଁ । ଖୋକା ଏବଂ ତା'ର ଭଉଣୀ ଶାନ୍ତି ଆମର ଆଶ୍ରିତ, ଯଦିବା ସେମାନଙ୍କ ସଙ୍ଗେ ଆମର ବନ୍ଧୁତ୍ୱ, ଖେଳିବାବେଳର ସାଙ୍ଗ, ତଥାପି ସେମାନଙ୍କର ମର୍ଯ୍ୟାଦା ନାହିଁ– ଆଶ୍ରିତମାନଙ୍କର ଯେପରି ଭାଗ୍ୟ–ଦକ୍ଷିଣା ପାଇଲେ ମଧ ମର୍ଯ୍ୟାଦା ପାଆନ୍ତି ନାହିଁ । ଏପରିକି ମିର୍ଜା ମଧ ତା' ଉପରେ ସନ୍ତୁଷ୍ଟ ନୁହେଁ । ସେଟା ଅବଶ୍ୟ ଅନ୍ୟ କାରଣ ଯୋଗୁଁ– କାରଣ ଖୋକା ମୋତେ ହସାଏ । ସେ ସାମାନ୍ୟ ବିଷୟକୁ ଏପରି କହେ, ଏପରି ମୁଖଭଙ୍ଗୀ କରେ ଯେ ହସି ହସି ଆମେ ହଇରାଣ ହୋଇଯାଉ । ମିର୍ଜା ଅଧେ କଥା ବୁଝିପାରେନାହିଁ, ତେଣୁ ଗମ୍ଭୀର ହୋଇଯାଏ । ଦିନେ ଲାଇବ୍ରେରୀ ଘରେ ଗୋଟିଏ ନୂଆ ପର୍ଦା ଝୁଲେଇଛି, ନାନାରକମ ପର୍ଦା ନେଇ ଘର ସଜେଇବାକୁ ମୁଁ ଭଲପାଏ, ଖୋକା ଲାଇବ୍ରେରୀ ପର୍ଦା ଘୁଞ୍ଚେଇ ପଶୁଛି, ଏମିତି ଗୋଟେ ଭଙ୍ଗୀ କରୁଛି ଯେମିତି କି ପଥର ଘୁଞ୍ଚାଉଛି, ଯେପରି ସେ ପଶିପାରୁନାହିଁ– ତା'ର ଭାବଭଙ୍ଗୀ ଦେଖି ମୁଁ ଯେତିକି ହସି ହସି ଗଡ଼େ, ମିର୍ଜାର ମୁହଁ ସେତିକି ଗମ୍ଭୀର ହୋଇଯାଏ ।

"ସେ ଲୋକଟା ସେମିତି କରୁଥିଲା କାହିଁକି ?" ମିର୍ଜା କହିଲା । ମୁଁ ଉତ୍ତର ଦେଲି, "ଥଟ୍ଟା କରୁଥିଲା, ପ୍ରତିଦିନ ପର୍ଦା ବଦଳାଇବା ଦେଖି । ସେ କହେ ମୋର ଯେତେବେଳେ ସଂସାର ହେବ, ସେଠାରେ ପ୍ରତ୍ୟେକ କବାଟରେ ଏତେଗୁଡ଼ିଏ ପର୍ଦା ଝୁଲିବ ଯେ, ଗୋଟିଏ ଉଠାଇଲେ ଆଉ ଗୋଟିଏ, ସେଇଟା ଉଠାଇଲେ ଆଉ ଗୋଟିଏ, ଏମିତି ଉଠେଇ ଉଠେଇ

Digitized by srujanika@gmail.com

ମଣିଷ କ୍ଳାନ୍ତ ହୋଇଯିବ; କେହି ଆଉ ଘର ଭିତରକୁ ଆସିପାରିବ ନାହିଁ । କିପରି ଅବସ୍ଥାଟା ହେବ ତାହା ସେ ଭଙ୍ଗୀ କରି ଦେଖାଉଥିଲା; ଏଥରେ ହସମାଡ଼ିବା କଥା...ମୁହଁ ଭାରୀ କର କାହିଁକି ?''

''ଏ କଥାର ଅର୍ଥ କ'ଣ ?''

''ଦେଖ ଥରେ—ଏହା ଭିତରେ ପୁଣି ଅର୍ଥ କ'ଣ ? କେବଳ ମଜା କରିବା ।'' ମିର୍ଚ୍ଚାର ଏହି ସ୍ୱଭାବ । ସବୁ କିଛି ମଧ୍ୟରେ ସେ ଅର୍ଥ ଖୋଜେ ।

''ସେ ତୁମକୁ ଏତେ ଭଲଲାଗେ, ବଫୁନ, ଜୋକର ।'' ଆହା, କି ଅଦୃଷ୍ଟ ! ଆଜି ମିର୍ଚ୍ଚାକୁ ସେହି ଖୋକାର ସାହାଯ୍ୟ ନେବାକୁ ହେଉଛି । ବର୍ତ୍ତମାନ ସେ ତା'ର ଏକମାତ୍ର ବନ୍ଧୁ । ତା' ବ୍ୟତୀତ କେହି ତାକୁ ମୋର ଖବର ଦେବେନାହିଁ । ମୋତେ ବା ଦେବ କିଏ ?

''ଖୋକା, ଭାଇ ଖୋକା !''

''ରୁ, ଶୀଘ୍ର ଲେଖ ଭଉଣୀ, ମୋତେ ବର୍ତ୍ତମାନ ଦେଖିବାକୁ ପାଇଲେ ମାମୁ ଭୀଷଣ ରାଗିବେ । ହୁଏତ ଆଜି ଏଠାରୁ ମୋତେ ତଡ଼ିଦେବେ ।''

ମୁଁ ଲେଖିବାକୁ ଚେଷ୍ଟା କରୁଛି । କ'ଣ ଲେଖିବି ଭାବିପାରୁନାହିଁ । ମିର୍ଚ୍ଚା ମୋର ବହିଟା ମାଗିଛି । ଖୋକା କହିଛି, ତା' ପାଖରେ ମୋର ଗୋଟିଏ ହେଲେ ବି ବହି ନାହିଁ, ବହିଟି ଦିଅ । ତେଣୁ ମୁଁ ବହିଟାରେ ଲେଖୁଛି । କ'ଣ ଲେଖିବି— ଭୟରେ ମୋ ଭିତରଟା ଥରୁଛି । ମିର୍ଚ୍ଚା ଯଦି ସବୁ ସତକଥା କହିଦିଏ ? ସେ ସହଜରେ ମିଛ କହେନାହିଁ । ତାକୁ ବି ମିଛ କହେନାହିଁ ବୋଲି ଜାଣେ; କିନ୍ତୁ ମୁଁ ମିଛ କହୁଛି—ତାକୁ ବଞ୍ଚାଇବା ପାଇଁ ମୁଁ କହୁଛି । ବର୍ତ୍ତମାନ ବୁଝିପାରୁଛି ମିଛ ସବୁବେଳେ ଖରାପ ନୁହେଁ । କି ଆଶ୍ଚର୍ଯ୍ୟ ! ଏମିତି ଗୋଟେ କଥା ମୋ ମନକୁ କିପରି ଆସିଲା ? ମା' ସେଥିପାଇଁ ବୋଧହୁଏ କହିଲେ, ଗୋଟିଏ ଅନ୍ୟାୟ ଆଉ ଗୋଟିଏ ଅନ୍ୟାୟକୁ ଡାକିଆଣେ । ମିଛ ପଛେ ପଛେ ମିଛ ଗୋଡ଼ାଏ—ସତ୍ୟତା'ର ସୂତ୍ର ପାଏନାହିଁ । ଛି, ଛି, ମୁଁ ମଧ୍ୟ ଏତେ ଖରାପ ହୋଇଗଲି; ମୋର ଗୁରୁ କ'ଣ କହିବେ ? ମୁଁ ଯେ ସୂର୍ଯ୍ୟାଲୋକରେ ମୁହଁ ଟେକିଛି । ମୁଁ ଯେ ଭାବିଥିଲି ସଂପୂର୍ଣ୍ଣ ଶୁଦ୍ଧ ଓ ନିଷ୍ପାପ ରହିଛି...ହେଲାନାହିଁ, ହେଲାନାହିଁ । ମୁଁ ଦେଖିବାକୁ ପାଉଛି, ବହିର ଶେଷ ପୃଷ୍ଠା ଖୋଲି ମୁଁ ଲେଖିଛି, ମୋର ହାତ ଥରୁଛି । ଅକ୍ଷରଗୁଡ଼ିକ ଥରୁଛି । ଧାଡ଼ି ବଙ୍କା ହୋଇଗଲା । ଯେପରି କୌଣସି ଅନ୍ଧକାର ଭିତରୁ ମୋର ଷୋହଳ ବର୍ଷର ଶରୀରଟା ଫୁଟିଉଠୁଛି । ମୋର କେଶ ମୁକୁଳା—ତିନିଦିନ ଧରି ମୁଁ ମୁଣ୍ଡ ବାନ୍ଧିନାହିଁ । ଏଇ ତିନିଦିନ ମୁଁ ସରବତ୍ ଛଡ଼ା ଆଉ କିଛି ଖାଇନାହିଁ— ଖାଇବି ନାହିଁ । ମୁଁ ମନେମନେ କହୁଛି । ବାଳ କାଟିପକାଇବି । ଲୁଗାଧଡ଼ି ଛିଣ୍ଡେଇଦେବି— ତେବେ ଯାଇ ମା'ଙ୍କର ଶିକ୍ଷା ହେବ । ଆଈ ଆସି ଯେତେବେଳେ ପଚାରିବେ, ତା'ର କ'ଣ ହୋଇଛି— ସେତେବେଳେ ତ ମା'ଙ୍କୁ କହିବାକୁ ପଡ଼ିବ । ମା' କ'ଣ କହିବେ ?

Digitized by srujanika@gmail.com

ମୁଁ ଜାଣେ, ଜାଣେ, ଜାଣେ, ସେ ମନେମନେ କହିବେ–ଏଇ ଝିଅ ସ୍ୱୟମ୍ବରା ହୋଇଛି, ତାକୁ ଆଉ ଅନ୍ୟ ପତି ମିଳିବନାହିଁ, କିନ୍ତୁ ମୁହଁରେ ଗୋଟିଏ କଥା କହିପାରିବି ନାହିଁ ବାପାଙ୍କ ଭୟରେ । ଜଣେ ଲୋକକୁ ଏତେ ଜଣ ଭୟକରନ୍ତି ।

ମିର୍ଚ୍ଚାକୁ ଲେଖିଲି, ସାବଧାନ କରିଦେଲି– ଏହାଠାରୁ ବେଶି ସେ ଯେମିତି ସ୍ୱୀକାର ନକରେ । ବୁଝିବ ତ ? କିଏ ଜାଣେ ? ଏହାଠାରୁ ବେଶି ମୁଁ ଆଉ କିଛି ଲେଖିପାରିଲି ନାହିଁ । ଇଂରାଜୀ କଥା ମୋର ଆଉ ମନେ ପଡ଼ିଲା ନାହିଁ । ସେରଗେଇ କହିଲା, ''ମିର୍ଚ୍ଚା କିନ୍ତୁ ତୁମଠାରୁ ଅନେକ ବେଶି ବୁଢ଼ା ଦିଶୁଛି ।'' ମୁଁ ଆଶ୍ଚର୍ଯ୍ୟ ହୋଇ ଚାହିଁରହିଲି । ମୋର ଆଖିକୁ ଦୃଷ୍ଟିଶକ୍ତି ଫେରି ଆସିଛି । ମୁଁ ତେବେ କ'ଣ ଏ ପର୍ଯ୍ୟନ୍ତ ଏଠି ନଥିଲି ? ମୁଁ କ'ଣ ଦେଖୁଥିଲି ତାହେଲେ । ଖୋକା କୁଆଡ଼େ ଗଲା ? ସେ ବର୍ତ୍ତମାନ ଏକ ବୃଦ୍ଧ ଜୀର୍ଣ୍ଣ ମଣିଷ । ବୋଧହୁଏ କାଳିଘାଟ ପାଖେ ରହିଛି । ବହୁ ବର୍ଷ ହେଲା ତା'ର କିଛି ଖବର ରଖିନି । ବର୍ତ୍ତମାନ ଏଠି ପୂର୍ବର ସେହି ପଥର ବାରଣ୍ଡା ଭାସମାନ କାର୍ପେଟଭଳି ଭାସିଆସିଲା ।

କି ଆଶ୍ଚର୍ଯ୍ୟ ! କି ବିସ୍ମୟ ! ମୋର ମୋହ କଟିବ ନାହିଁ ପରା । ସେହି ଗୀତଟି ମନେପଡୁଛି, ''ଚୋଖେର ଆଲୋୟ ଦେଖେଛିଲାମ୍ ଚୋଖେରେ ବାହାରେ/ଅନ୍ତରେ ଆଜ ଦେଖବ ଯଖନ ଆଲୋକ ନାହିଁରେ ।'' ତେବେ କ'ଣ ଆଲୋକ ବିନା ଦେଖାଯାଏ ? ଆଲୋକର ତରଙ୍ଗ ବ୍ୟତୀତ ଆଉ କ'ଣ କୌଣସି ତରଙ୍ଗ ଅଛି ? ଅଛି, ନିଶ୍ଚୟ ଅଛି । ମୁଁ ନାସ୍ତିକ; ମାତ୍ର ଅଲୌକିକରେ ବିଶ୍ୱାସ କରେ । କାରଣ ମୁହୂର୍ତ୍ତକେ ଯାହା ଘଟିଗଲା, ତା' ସ୍ମୃତି ନୁହେଁ, ମନେପଡ଼ିବା ନୁହେଁ; ତାହା ବାସ୍ତବ ଅନୁଭୂତି । ମୁଁ ୧୯୩୦ ମସିହା ସେପ୍ଟେମ୍ବର ୨୦ ତାରିଖ ସକାଳେ ଉପସ୍ଥିତ ଥିଲି । ମୋ ହାତ ପାପୁଲି ପଥରର ଶୀତଳତା ସ୍ପର୍ଶ କରୁଥିଲା । ଅବିଶ୍ରାନ୍ତ ରୋଦନଦ୍ୱାରା ମୋ ଆଖି ଭାରାକ୍ରାନ୍ତ ଥିଲା । ତିନିଦିନର ଅନାହାରଦ୍ୱାରା ମୁଁ କ୍ଷୁଧାର୍ତ୍ତ ଥିଲି । Forehead (କପାଳ) ଲେଖିବାକୁ ଗଲାବେଳେ ମୁଁ ଟିକିଏ ଇତସ୍ତତଃ ହେଉଥିଲି ବନାନ୍ ନେଇ; ମୋର ସନ୍ଦେହ ହେଉଥିଲା 'e' ଟା ଲାଗିବ କି ନାହିଁ । ଅତୀତ କାଳର ଏଇ ପ୍ରତ୍ୟକ୍ଷ ଅନୁଭୂତିକୁ ରୂପ ଦେବାକୁ ମୋର ଭାଷା ନାହିଁ । ୧୯୭୨ ମସିହା–୧୯୩୦ ମସିହାରେ ଅନୁପ୍ରବିଷ୍ଟ ହେଉଥିଲା । ମୁଁ ସେରଗେଇ ସଙ୍ଗେ ସ୍ୱାଭାବିକ ଭାବରେ କଥାବାର୍ତ୍ତା ହେଉଥିଲି; ମାତ୍ର ମୋ ଭିତରେ କମ୍ପନ ଅନୁଭବ କରୁଥିଲି, ଝଡ଼ର ଏକ ବିପନ୍ନ ପତ୍ର ପରି । ମୁଁ ନିଜକୁ ବିଶ୍ୱାସ କରିପାରୁନାହିଁ । ମୁଁ ଏଠାରେ ଅଛି; ବର୍ତ୍ତମାନ ଏଠାରେ ନଥାଇପାରେ ମଧ୍ୟ ! ମୁଁ ବୁଝିପାରୁଛି, ପୁଣି ଏପରି ହେବ । ପୁନର୍ବାର ମୁଁ କାଳଦ୍ୱାରା ପଛକୁ ଫେରିଯିବି । କିପରି ଏହା ସମ୍ଭବ ହେଉଛି ? ଯଦି ମୁଁ ବୁଝିପାରେ କାଳର କୌଣସି ଉଦୟ ବା ଅସ୍ତ ନାହିଁ, ମୋର ହିଁ ଉଦୟ ଓ ଅସ୍ତ ଅଛି; କିନ୍ତୁ ମୋର ଏଇ ପଞ୍ଚେନ୍ଦ୍ରିୟ ଦେଇ ଯେଉଁ ଖଣ୍ଡିତ ଜଗତ୍‌ଟିକୁ ଜାଣେ, ସେହି ସୀମା ଲଙ୍ଘନ କରିବାକୁ ମୋର ସାହସ କାହିଁ ? ସେହି ଅଜ୍ଞାତ ଜଗତ୍‌ରେ ପାଦ ଦେବାକୁ ମୁଁ ଭୟକରେ । ଆଜିର ଯେଉଁ ଅଭିଜ୍ଞତାଟି ହେଲା, ତାହା

Digitized by srujanika@gmail.com

ଭୟାନକ, ତାହା କଷ୍ଟକର, ବିପର୍ଯ୍ୟୟକାରୀ । ମୋର ସମସ୍ତ ଧାରଣା, ଆତ୍ମବିଶ୍ୱାସକୁ ଗୋଳମାଳ କରିଦେଇଛି । କିଏ ମୋତେ ଏହି ବିପଦରୁ ରକ୍ଷା କରିବ ? ମୁଁ ସେହି ୧୯୩୦ ମସିହା ପରି ପୁନର୍ବାର ମୋର ଗୁରୁଙ୍କୁ ଡାକିବାକୁ ଲାଗିଲି : ''ହେ ପ୍ରଭୁ ! ମୋତେ ପରିତ୍ୟାଗ କରନାହିଁ । ମୋ ହୃଦୟକୁ ଫେରିଆସ । ମୁଁ ଆଉ କିଛି ଚାହେଁନାହିଁ । ମୋ ଜୀବନରେ ଆଉ କିଛି ନାହିଁ । ଆଉ କିଛି ନଥିଲା । ମୋର ସମସ୍ତ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ମିଶି ତୁମ ଗୀତରେ ଏକ ଜ୍ୟୋତି-ବିକୀର୍ଣ୍ଣ ମହୋତ୍ସବ ସୃଷ୍ଟି କରିଛି । ମୋର କୌଣସି ଅଭାବ ନାହିଁ, ଦୈନ୍ୟ ନାହିଁ । ଆଜି କ'ଣ ଏକ ଅଜ୍ଞାତ ଓ ଅପରିଚିତ ବ୍ୟକ୍ତିର କେତୋଟି କଥାରେ ସବୁକିଛି ବିପର୍ଯ୍ୟସ୍ତ ହୋଇଯିବ ? ଏତେ ଦିନ ପରେ କ'ଣ ଧ୍ରୁବତାରା ଜ୍ୟୋତି ଲିଭିଯିବ ? ମୁଁ କ'ଣ ପଥଭ୍ରଷ୍ଟ ହେବି ?''

ମୋତେ ଗାଡ଼ିରେ ଉଠାଇଦେଇ ସେରଗେଇ ମୋର ହସ୍ତ ଚୁମ୍ବନ କଲା । ମୋର ପାଦତଳୁ ତୀବ୍ର ଓ ତୀକ୍ଷ୍ଣ ଅନୁଭୂତି ମୋତେ ଅଭିଭୂତ କଲା । ମୁଁ ଅତି କଷ୍ଟରେ ନିଜକୁ ସମ୍ଭାଳି ନେଲି ।

ଏଇ ତ ୧୯୭୨ର ଗୋଲପାର୍କ । ୧୯୩୦ ମସିହାରେ ଏ ସ୍ଥାନଟି ପୂରା ଜଙ୍ଗଲ ଥିଲା । ମୁଁ ଗାଡ଼ିରେ ଉଠି ଦୁଆର ବନ୍ଦକଲି, କହିଲି, ''ଏଇଟା ତ ଗୋଟିଏ ଟ୍ୟାକ୍‌ସି, ଶେଭର୍‌ଲେ ନୁହେଁ ।

ଆମର ପ୍ରଥମ ଗାଡ଼ିଟା ଥିଲା ଶେଭର୍‌ଲେ– ଉଚ୍ଚ ଓ ହୁଡ୍‌– ଖୋଲା । ଏବେ ହୁଏତ ଲୋକେ ତାକୁ ପସନ୍ଦ କରିବେ ନାହିଁ; ମାତ୍ର ସେତେବେଳେ ତାହା ଆମକୁ ଖୁବ୍ ଭଲ ଲାଗୁଥିଲା । ଗାଡ଼ିରୁ ଓହ୍ଲାଇଲାବେଳେ ମିର୍ଚ୍ଚା ସବୁବେଳେ ମୋର ହାତ ଧରି ଓହ୍ଲାଇବାରେ ସାହାଯ୍ୟ କରୁଥିଲା ।

ମୁଁ କହୁଥିଲି, ''ଏତିକି ଟିକିଏ ଓହ୍ଲାଇବାକୁ ସାହାଯ୍ୟ ଦରକାର ?''

ମିର୍ଚ୍ଚା କହିଲା, ''ନାରୀମାନଙ୍କ ହାତ ଧରି ଗାଡ଼ିରୁ ଓହ୍ଲାଇବାରେ ସାହାଯ୍ୟ କରିବା ଏବଂ ଅଭ୍ୟର୍ଥନା ଓ ବିଦାୟ ଅଭିନନ୍ଦନ ଜଣାଇଲାବେଳେ କରପଲ୍ଲବ ଚୁମ୍ବନ କରିବା ଆମ ଦେଶର ରୀତି ।''

''ରୀତି ?''

''ହଁ ରୀତି; ନ କରିଲେ ଲୋକେ କହିବେ ବର୍ବର । ତୁମମାନଙ୍କର ଏପରି କୌଣସି ନିୟମ ନାହିଁ ?''

''ନା, ଆମେ ଗୁରୁଜନମାନଙ୍କୁ ପ୍ରଣାମ କରୁ । ସମବୟସୀମାନଙ୍କୁ ନମସ୍କାର କରୁ । ଅବଶ୍ୟ ସେଟା ଖୁବ୍ ବେଶି ପ୍ରଚଳନ ଏପର୍ଯ୍ୟନ୍ତ ହୋଇନାହିଁ । ଠାକୁର (Rabindranath Tagore) ପରିବାରଠାରୁ ଏପରି ରୀତି ଆରମ୍ଭ ହୋଇଛି । ଶାନ୍ତିନିକେତନରେ ରବୀନ୍ଦ୍ରନାଥ ତାଙ୍କ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେଉଛନ୍ତି । ସେମାନେ ସମସ୍ତଙ୍କୁ ହାତ ଯୋଡ଼ି ନମସ୍କାର

Digitized by srujanika@gmail.com

କରୁଛନ୍ତି । ଛାତ୍ରମାନେ ପରସ୍ପରକୁ ନମସ୍କାର କରନ୍ତି । ଦେଶର ଅନ୍ୟତ୍ର ସମସ୍ତେ ଏଥିରେ ହସନ୍ତି ।''

''ସେହି ଜଣେ ଲୋକ କ'ଣ ତୁମମାନଙ୍କର ସବୁକିଛି କରିବେ ?''

''ହଁ ହଁ, ସେହି ଜଣେ ଲୋକହିଁ ଆମ୍ଭମାନଙ୍କ ଆକାଶରେ ବିରାଜମାନ । ସେ ଆମ ମୁହଁରେ ଭାଷା ଦେଉଛନ୍ତି, ଆମ ମନରେ ସ୍ନେହ ଦେଉଛନ୍ତି । ସେ ଅଛନ୍ତି ବୋଲି ମୋର ଆକାଶ ଭର୍ତ୍ତି, ରାତିରେ ତାରା ଫୁଟେ, ସକାଳେ ବଗିଚାରେ ଫୁଲ ଫୁଟି ରହେ ।''

ମିର୍ଜା ସ୍ତମ୍ଭିତ ବିସ୍ମୟରେ ମୋ ଆଡ଼କୁ ଅନାଇ ରହିଛି– ''ଏ ପୁଣି କ'ଣ ? ଜଣେ ମନୁଷ୍ୟ ସମ୍ବନ୍ଧରେ ଏପରି ଉଚ୍ଛ୍ୱସିତଭାବେ କହୁଛ ! ମୁଁ ତୁମକୁ ବୁଝିପାରୁନାହିଁ ।''

ମୁଁ ଉତ୍ତର ଦେଲି, ''ମୋର ସେଥିରେ ଯାଏ-ଆସେ କ'ଣ ?''

ଘରେ ଆସି ପହଞ୍ଚିଲି । ମୋର ପୁତ୍ରବଧୂ ଲେଖା ମୋତେ କହିଲା, ''ହଠାତ୍ କୁଆଡ଼େ ଚାଲିଗଲେ ? ଆଜି 'ଖୁ' ବାବୁଙ୍କର ଆସିବା କଥା ଥିଲା । ତାଙ୍କର କ'ଣ କାମ ଥିଲା ।''

ଏହି ଝିଅଟିକୁ ମୁଁ ଭୟକରେ । ପ୍ରଖର ବୁଦ୍ଧିମତୀ ଝିଅ ଏବଂ ମୋ ପାଖେ ପାଖେ ସବୁବେଳେ ଥାଏ; କେତେବେଳେ ଯେ କ'ଣ ବୁଝିନେବ, ଜାଣେ ? ମୋତେ ଖୁବ୍ ସାବଧାନତାର ସହିତ ରହିବାକୁ ହେବ । ମୁଁ ସହାସ୍ୟ ବଦନରେ 'ଖୁ' ବାବୁଙ୍କ ବକ୍ତବ୍ୟ ଶୁଣିଲି; କିନ୍ତୁ କୌଣସି କଥା ମୋ କାନରେ ପଶୁନାହିଁ । ଆଖିରେ ପାଣି ଆସୁଛି । ଛାତି ଭିତରଟା ଥରୁଛି । ମୁଁ ବୁଝିପାରୁନାହିଁ ଜଗତ୍‌ଟା ଏତେ ଅଳ୍ପ ସମୟ ମଧ୍ୟରେ ବଦଳିଗଲା କିପରି ? ଏତେ କଷ୍ଟ କାହିଁକି ? ମୋ ସାଙ୍ଗମାନେ ମୋର ଜନ୍ମୋତ୍ସବ ପାଳନ କରିବେ, ଏଥିରେ ମୋର ଗର୍ବ ନାହିଁ । ସେମାନେ ମୋତେ ସ୍ନେହଦାନ କରି କ'ଣ କରିବେ ? ମୋତେ କ'ଣ ଶାନ୍ତି ଦେଇପାରିବେ ? ମୁଁ ବୁଝିପାରୁଛି, ସେରଗେଇ ଆସି ମୋ ଶାନ୍ତ ଓ ସ୍ଥିର ଜୀବନ-ସ୍ରୋତରେ ଗୋଟିଏ ଲୋଷ୍ଟ୍ରପାତ କରି ଯେଉଁ ତରଙ୍ଗବଳୟ ସୃଷ୍ଟି କରିଛି, ତା' ମୋତେ ସହଜରେ ଛାଡ଼ିବ ନାହିଁ । ସ୍ଥିର ହେବନାହିଁ ଏ ଆବର୍ତ୍ତ । ବର୍ତ୍ତମାନ ଶାନ୍ତିର ଆଶା ବହୁଦୂର । ମୁଁ ଆଖି ବୁଜି ଚୌକିରେ ବସିଛି । ମୁଁ କ'ଣ ଚାହେଁ ? କିଛି ନୁହେଁ । କର୍ମ, ସମାଜସେବା ଓ ଦେଶର ଉନ୍ନତି ନରକକୁ ଯାଉ; କିଛି ଚାହେଁ ନାହିଁ– ନେଇଚାଲ ସେଇ ୧୯୩୦ ମସିହାକୁ ଏବଂ ଆଉ ଥରେ ତାକୁ ଦେଖିବି– ମିର୍ଜା, ମିର୍ଜା, ମିର୍ଜା !

........ହଠାତ୍ ଆଖି ଖୋଲି ଦେଖେ, ଲେଖା ମୋ ଆଡ଼କୁ ସ୍ଥିର ଦୃଷ୍ଟିରେ ଅନାଇଁ ରହିଛି: ''ମା, ଆପଣଙ୍କ ଆଖିରେ କ'ଣ କଷ୍ଟ ହେଉଛି ? ପାଣି ପୂରିରହିଛି କାହିଁକି ? ଔଷଧ ଦେବି କି ?''

''ହଁ, ଦିଅ ।''

Digitized by srujanika@gmail.com

ଜନ୍ମଦିନର ବିପଜ୍ଜନକ ସନ୍ଧ୍ୟା । ନିଜର କୃତିତ୍ୱରେ ମୁଁ ଖୁସି । ମୁଁ ନୂଆ ଶାଢ଼ି ପିନ୍ଧିଛି । ଫୁଲମାଳ ପିନ୍ଧିଛି, କବିତା ଆବୃତ୍ତି କରିଛି । ଗୀତ ଶୁଣିଛି;. କିନ୍ତୁ କେହି ବୁଝିପାରି ନାହାନ୍ତି– ମୋ ଭିତରଟା କିପରି ଥରଥର କରି କମ୍ପୁଛି । ଏ କଥାଟା ଉପମା ଦେଇ କହୁନାହିଁ । ସେହି କମ୍ପନ ଯଦି ମୋ ଶରୀରରେ ଦେଖାଦିଅନ୍ତା, ତାହାହେଲେ ଲୋକମାନେ ଭାବିଥାନ୍ତେ ମୋର ପାର୍କିନ୍‌ସନ୍ ରୋଗ ହୋଇଛି ।

ରାତି ଦୁଇଟାରେ ବାହାରେ ଆସି ଠିଆହୋଇଛି–ବର୍ତ୍ତମାନ ଭୋର ହୋଇଆସିଲାଣି । ତାରାଗୁଡ଼ିକ ଗୋଟିଏ ଆଡୁ ଅନ୍ୟ ଆଡ଼କୁ ଚାଲିଯାଉଛନ୍ତି । ଏ ଘରଟିର କୋଠା ଉପରକୁ ଯାଇହୁଏନା– ଏ ଏକ ମହାଅସୁବିଧା; ଭଲକରି ଆକାଶ ଦେଖିହୁଏ–ନାହିଁ । ମୁଁ ସବୁବେଳେ ଆକାଶ ତଳେ ଶୋଇବାକୁ ଭଲପାଏ । ମିର୍ଚ୍ଚା ମଧ୍ୟ ଛାତରେ ବୁଲିବାକୁ ଖୁବ୍ ଭଲପାଉଥିଲା । ପ୍ରଥମ ଦିନ ସେ ଛାତ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲା । କହିଲା, ''ଜାଣ, ଆମ ଦେଶରେ ଛାତ ଉପରକୁ ଉଠିହୁଏନାହିଁ ।''

''ଏ' ମା ! ସେ ପୁଣି କ'ଣ ? ତୁମେ ସୂର୍ଯ୍ୟ, ତାରା ଦେଖ କିପରି ?''

''ସୂର୍ଯ୍ୟ ତାରା ଦେଖନ୍ତି ଆଷ୍ଟ୍ରୋନୋମର୍‌ମାନେ; ସାଧାରଣ ଲୋକେ ସେକଥା ଭାବନ୍ତି ନାହିଁ ।''

''ଆମ ଦେଶରେ ଲୋକେ ପ୍ରଥମେ ସୂର୍ଯ୍ୟଙ୍କୁ ପ୍ରଣାମ କରନ୍ତି ।'

''ତୁମେ କର ?''

''ମୋ ସୂର୍ଯ୍ୟ ଭିତରେ ବି ଅଛି; ବାହାରେ ମଧ୍ୟ ଅଛି । ମୁଁ ସବୁବେଳେହିଁ ପ୍ରଣତ– ପ୍ରାତଃ ଓ ଅପରାହ୍ଣ ନାହିଁ ।''

''ତାର ଅର୍ଥ ? କହ, କହ, ହସୁଛ କାହିଁକି ? କହିବାକୁ ହେବ ।''

''ନା, ନା; କହିବି ନାହିଁ । ତୁମେ ବୁଝିବ ନାହିଁ ।''

''ତୁମେ ମୋତେ ଅପମାନ କରୁଛ– ବୁଝିପାରିବି ନାହିଁ ବୋଲି କହି-କହିବାକୁ ହେବ, ଭିତରର ସୂର୍ଯ୍ୟ କିଏ ?''

''ମୋର ଗୁରୁ । ସେ ମୋତେ ଏହି ସୁନ୍ଦର ପୃଥିବୀଟା ଦେଖାଇଛନ୍ତି । ତାଙ୍କରି ଆଲୋକରେ ମୁଁ ସବୁ କିଛି ଦେଖେ ।''

''କେମିତି ?''

''ଯେମିତି ଏଇ ତୁମକୁ ଦେଖୁଛି ।'' ମିର୍ଚ୍ଚା ଖୁସି ହୋଇଗଲା; କହିଲା, ''ଆଜି ସନ୍ଧ୍ୟାରେ ମୋ ସାଙ୍ଗେ ହୁଇଟ୍‌ମ୍ୟାନ୍ ପଢ଼ିବ ।''

''ଛି ! ଛି ! ଏତେ ନୀରସ ଲେଖା ମୁଁ ବୁଝିପାରେ ନାହିଁ । ବରଂ ଶେଲି ପଢ଼ିବ... ସେନ୍‌ସିଟିଭ ପ୍ଲାଣ୍ଟ ।''

Digitized by srujanika@gmail.com

ଯାଏ, ଶୋଇପଡ଼େ- କାଲିକୁ କେତେ କାମ ଅଛି । ଅପରାହ୍ନରେ ମିଟିଂ ଅଛି । ବୟାଳିଶ ବର୍ଷ ପୂର୍ବର କଥା ମନେରଖି ଲାଭ ବା କ'ଣ ? କେଉଁଠି ବା ସେ ମିର୍ଚ୍ଚା, ଆଉ କେଉଁଠି ସେ ଅମୃତା ? ଦେଖିଲେ ହୁଏତ କେହି କାହାକୁ ଚିହ୍ନିପାରିବେ ନାହିଁ ।

ଦିନ ପରେ ଦିନ କଟିଯାଉଛି । ମୁଁ କୌଣସିମତେ ମୋର ବର୍ତ୍ତମାନରେ ସ୍ଥିର ରହିପାରୁନାହିଁ । ପ୍ରତି ଥର କେତେବେଳେ ଦିନରେ କେତେବେଳେ ବା ରାତିରେ ମୁଁ ୧୯୩୦ ମସିହାର ଭବାନୀପୁର ଘରକୁ ଫେରିଯାଉଛି ।

ମୋର ମନେପଡୁନାହିଁ, ସେ'ଟା କେଉଁ ମାସ, ଯେଉଁ ଦିନ ମିର୍ଚ୍ଚା ୟୁକ୍ଲିଡ୍ ପ୍ରଥମେ ଆମ ଘରକୁ ଆସିଲା, ମାନେ ମୁଁ ତାକୁ ପ୍ରଥମେ ଲକ୍ଷ୍ୟ କଲି । ମୋର ବାପା ପଣ୍ଡିତ ଲୋକ; ମାତ୍ର ଛଅବର୍ଷପୂର୍ବେ ସେ ପୂର୍ବବଙ୍ଗର ଗୋଟିଏ ମଫସଲ କଲେଜରେ ଅଧ୍ୟାପନା କରୁଥିଲେ; ତା'ପରେ କଲିକତା ଆସିଥାନ୍ତି । ଏହି ସ୍ୱଳ୍ପ ସମୟ ମଧ୍ୟରେ ସେ କଲିକତା ସହରର ବିଦ୍ୱାନ୍-ସମାଜରେ ସମ୍ମାନର ଉଚ୍ଚ ଚୂଡ଼ାରେ ପହଞ୍ଚିଯାଇଥାନ୍ତି । ସମସ୍ତେ ତାଙ୍କୁ ଚିହ୍ନନ୍ତି । ସେ ପଣ୍ଡିତ ଏବଂ ଅସାଧାରଣ ଜ୍ଞାନୀ । ସେଥିପାଇଁ ଅନେକେ ତାଙ୍କୁ ଭୟ କରନ୍ତି । ସେହି ପାଣ୍ଡିତ୍ୟର ଏକ ଆକ୍ରମଣକାରୀ ରୂପ ଅଛି । ଯେକୌଣସି ବ୍ୟକ୍ତିକୁ ଅଳ୍ପ ସମୟ ମଧ୍ୟରେ ସେ ବିତର୍କରେ ପରାସ୍ତକରି ତାକୁ ମୂର୍ଖ ପ୍ରତିପନ୍ନ କରିଦେଇପାରୁଥିଲେ ଏବଂ ଏ ଖେଳରେ ବେଶ୍ ଆନନ୍ଦ ପାଉଥିଲେ; କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ତାଙ୍କର ଅଦ୍ଭୁତ ଆକର୍ଷଣୀ ଶକ୍ତି ଥିଲା । ସେ ଯାହାକୁ ଅପମାନ ଦିଅନ୍ତି, ସେମାନେ ମଧ୍ୟ ତାଙ୍କ ନିକଟରୁ ପଳାନ୍ତି ନାହିଁ । ତାଙ୍କର ଛାତ୍ରଛାତ୍ରୀମାନେ ତାଙ୍କ ପାଇଁ ଅନେକ ତ୍ୟାଗ କରିବାକୁ ପ୍ରସ୍ତୁତ; ସେ ମଧ୍ୟ ସେମାନଙ୍କୁ ଭଲପାଆନ୍ତି; କିନ୍ତୁ ସେ ସେହ୍ନ ଆମପରି ସାଧାରଣ ମଣିଷର ସ୍ନେହ ନୁହେଁ । ସେଥିରେ ଅପରପକ୍ଷ ପ୍ରତି ସମବେଦନା ନାହିଁ; ସ୍ନେହଟା ତାଙ୍କ ନିଜପାଇଁ– ଯେପରି ସେ ମୋତେ ଭଲପାଆନ୍ତି; ଖୁବ୍ ଭଲପାଆନ୍ତି । ସେଟା ମୋ' ପାଇଁ ଯେତେ ନୁହେଁ, ନିଜ ପାଇଁ ସେତେ–ଏଇ ଦେଖ, ମୋ କନ୍ୟାଟି କେମିତି ଏକ ଅମୂଲ୍ୟ ରତ୍ନ; ଦେଖିବାକୁ ସୁନ୍ଦରୀ; କି ଚମତ୍କାର କବିତା ଲେଖେ; କି ସୁନ୍ଦର ଇଂରେଜୀ କହେ– ଏ ମୋ' ଝିଅ, ଦେଖ ଦେଖ ତୁମେମାନେ । ମୋତେ ନେଇ ମାତିଛନ୍ତି ବାପା; କିନ୍ତୁ ଜାଣେ ତାଙ୍କ ଇଚ୍ଛା ବିରୁଦ୍ଧରେ ଗଲେ ମୋତେ ଗୁଣ୍ଡ କରିଦେବାକୁ ତାଙ୍କୁ କଷ୍ଟ ହେବନାହିଁ । ମୁଁ କେଉଁଥିରେ ସୁଖୀ ହେବି ସେଟା ତାଙ୍କ ପାଇଁ ଅବାନ୍ତର ।

ମୋ ମା' ସମ୍ପୂର୍ଣ୍ଣ ବିପରୀତ । ମୋ ମା' ପରମା ସୁନ୍ଦରୀ । ସେତେବେଳେ ତାଙ୍କ ସୌନ୍ଦର୍ଯ୍ୟ ଅଲୌକିକ, ସ୍ୱର୍ଗୀୟ । ସେଥିରେ ବାପା ଖୁବ୍ ଗର୍ବିତ; କିନ୍ତୁ ମା'ଙ୍କର କୌଣସି ଚିନ୍ତା ନାହିଁ । ମା' କେବେହେଲେ ପ୍ରସାଧନର ଯତ୍ନ ନିଅନ୍ତି ନାହିଁ । ନିଜର କୌଣସି ଇଚ୍ଛା ଅନିଚ୍ଛା ନାହିଁ କହିଲେ ଚଳେ । ବାପାଙ୍କୁ ସୁଖୀ କରାଇବାହିଁ ତାଙ୍କର ଏକମାତ୍ର କାମ । ସେହି କାମଟିରେ ବାପା ତାଙ୍କୁ ଯଥେଷ୍ଟ ବ୍ୟସ୍ତ ରଖନ୍ତି– ବିଶେଷ କରି ସାମାନ୍ୟ ଟିକିଏ ବେମାର

Digitized by srujanika@gmail.com

ହେଲେ ସେ ଗଣ୍ଡଗୋଳ କରି ଏପରି ଅବସ୍ଥା କରନ୍ତି ଯେ, ମା'ଙ୍କ ମନରେ ସର୍ବଦା ଭୟ ହୁଏ ଏଇ ପରା ତାଙ୍କ ସ୍ୱାମୀଙ୍କର ଭୟଙ୍କର କିଛି ଗୋଟାଏ ହେଲା !

ମୋ ମା' ବୈଷ୍ଣବ-ସାହିତ୍ୟ ପଢ଼ିବାକୁ ଭଲପାଉଥିଲେ । ସେ ପ୍ରାୟ ଗାଉଥିଲେ–

'ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାରେ କହି କାମ୍
କୃଷ୍ଣେନ୍ଦ୍ରିୟ ପ୍ରୀତି ଇଚ୍ଛା ଧରେ ପ୍ରେମ ନାମ !''

ମା' ଯେ କେବଳ ତାଙ୍କ ସ୍ୱାମୀଙ୍କୁ ଖୁସି କରିବାକୁ ଚାହୁଁଥିଲେ ତା' ନୁହେଁ; ସମସ୍ତଙ୍କ ପାଇଁ ତାଙ୍କ ହସ୍ତରେ ଥିଲା ମମତାର ସୁଧାପାତ୍ର । ସେ ସମୟରେ ଆମ ଘରକୁ ବିଦେଶୀ ଅଧ୍ୟୟନାର୍ଥୀମାନେ ଯାତାୟାତ କରୁଥିଲେ । ନାନା ବିଷୟରେ ଆଲୋଚନା ହେଉଥିଲା । ବିଦେଶୀମାନଙ୍କ ମଧ୍ୟରେ ବିଦୁଷୀ ଷ୍ଟେଲା କ୍ରାମରିଶ୍ ଓ ଅଧ୍ୟାପକ ତୁଚି ପ୍ରଧାନ । ଅଧ୍ୟାପକ ତୁଚି ବଙ୍ଗଳା ଭାଷା ଭଲଭାବରେ ଶିଖିଥିଲେ । ତାଙ୍କୁ ଦେଖିଲେ ଛାତ୍ରପରି ମନେ ହେଉଥିଲା । ତାଙ୍କର ସ୍ୱାସ୍ଥ୍ୟବତୀ ସ୍ତ୍ରୀ ଗଳାରେ ମୁକ୍ତାର ହାର ପରିଧାନ କରୁଥିଲେ । ସେମାନେ ଯିବାଆସିବା କରୁଥିବାରୁ ଆମ ଘରର ରୂପ ବଦଳିଯିବାକୁ ଲାଗିଲା । ବଙ୍ଗାଳୀ ରୀତି ଉପରେ ସାହେବୀ ପ୍ରଭାବ ପଡ଼ିବାକୁ ଲାଗିଲା । ଏକବର୍ଷ ତଳେ ମୋର ଜେଜୀମା'ଙ୍କ ମୃତ୍ୟୁ ହୋଇଥିଲା– ସେଥିପାଇଁ ଏପରି ପ୍ରଭାବ ଦ୍ରୁତ ପଡ଼ିପାରିଲା–ତା' ନହେଲେ ଏପରି ହୋଇପାରିନଥାନ୍ତା । ମୋର ବେଶ୍ ମନେଅଛି, ୧୯୨୪ ମସିହାରେ ପ୍ରଥମ କରି ଆମ ଘରକୁ ଡାଇନିଂ ଟେବୁଲ୍ ଆସିଥିଲା, ମେହଗାନି କାଠର ବିରାଟ ଟେବୁଲ । ମୋ ଜେଜୀମା' ମାଳି ଜପୁଥିଲେ, ବନ୍ଦ କରି ପଚାରିଲେ, ''ଏହା ଉପରେ କାହିଁକି ଖିଆପିଆ ହେବ ? ଶୋଇଲେ କଣ ଦୋଷ ହେବ ? ଏହା ତ ଗୋଟିଏ ଖଟ !'' ତା' ପରେ ଦେଖିଲେ, ତାଙ୍କ ଯୁକ୍ତି ଖାଟିଲା ନାହିଁ । ଦୀର୍ଘ ନିଃଶ୍ୱାସ ପକାଇ କହିଲେ, ''ବୃହତ୍ କାଠରେ ଦୋଷ ନାହିଁ ।'' ମାତ୍ର ଡାଇନିଂ ଟେବୁଲ୍ ପଡ଼ିଥିବା ଘରକୁ ସେ ଯାଉନଥିଲେ । ଯେଉଁଦିନ ସେ କଣ୍ଟାଚାମୁଚ ଦେଖିଲେ, ସେଦିନର କଥା ଭୁଲି ହେବନାହିଁ । ଭ୍ରୂକୁଞ୍ଚନ କରି ମୋ ମା'ଙ୍କୁ ପଚାରିଲେ, ''ଭାତ ଖାଇବା ପାଇଁ କ'ଣ ଏତେଗୁଡ଼ିଏ ଯନ୍ତ୍ର ଦରକାର ?'' ପ୍ରତିଶୋଧ ସ୍ପୃହା ତାଙ୍କର ଏପରି ବଢ଼ିଯାଇଥିଲା ଯେ, ସେ ସର୍ବଦା ଆଶା ପ୍ରକାଶ କରୁଥିଲେ ଯେପରି ସେହି କଣ୍ଟାଦ୍ୱାରା ଜିଭଟି ଦୁଇଭାଗ ହୋଇଯାଉ । ଜେଜୀମାଙ୍କ ସଂସ୍କାରଗୁଡ଼ିକ କେତେ ହାସ୍ୟାସ୍ପଦ ଏବଂ ତାଙ୍କପାଇଁ କେତେ ମୂଲ୍ୟବାନ୍ ତାହା ସେ ତାଙ୍କ ରୋଗଶଯ୍ୟାରେ ଦେଖାଇ ଦେଇଯାଇଛନ୍ତି । ହଇଜା ରୋଗରେ ତିନିଦିନ ଧରି ଆକ୍ରାନ୍ତ ହୋଇ ସେ ମୃତ୍ୟୁବରଣ କରିଥିଲେ । ପ୍ରଥମ ଦୁଇଦିନ ମା' ସବୁ ସେବାକଲେ ଏବଂ କକା ମା'ଙ୍କୁ ସାହାଯ୍ୟ କରିଥିଲେ । ମା' ସେତେବେଳେ ଗର୍ଭବତୀ ଥିଲେ– ଡାକ୍ତର ଖୁବ୍ ଲାଗିଲେ । ଶେଷପର୍ଯ୍ୟନ୍ତ ବାପାଙ୍କୁ ଗାଳିଗୁଲଜ କଲେ । ପରିଶେଷରେ ମା'ଙ୍କୁ କାମରୁ ଛୁଟି ନେବାକୁ

Digitized by srujanika@gmail.com

ପଡ଼ିଲା—ନର୍ସ ଆସିଲା । ଖ୍ରୀଷ୍ଟିୟାନ ନର୍ସ । ତାଙ୍କୁ ଶିଖେଇ ଦିଆଗଲା ଜେଜୀମା' ଜାତି ବିଷୟରେ ପଚାରିଲେ ସେ 'ବ୍ରାହ୍ମଣ'ବୋଲି କହିବ ।

ରୋଗୀ ଅର୍ଦ୍ଧଚୈତନ୍ୟ ଆଖି ଈଷତ୍ ଖୋଲି ମାଗିଲେ, ''ପାଣି'' । ନର୍ସ ପାଣି ନେଇ ଆଗେଇ ଆସିଲେ, କହିଲେ, ''ମୁହଁ ଖୋଲନ୍ତୁ, ପାଣି ପିଅନ୍ତୁ ।'' 'ମୁମୂର୍ଷୁ ଜେଜୀମା' ମୁହଁ ଖୋଲିଲେ ନାହିଁ, ମାତ୍ର ଆଖି ଖୋଲିଲେ । ଅପରିଚିତ କଣ୍ଠସ୍ୱର ବାରିପାରିଲେ ନାହିଁ, ପଚାରିଲେ, ''ତୁମେ କିଏ ମା' ?''

''ମୁଁ ନର୍ସ''—ନର୍ସ ଉତ୍ତରଦେଲେ ।

''ହଉ ଥାଉ, ଟିକିଏ ପରେ ପାଣି ପିଇବି ।''

ମାତ୍ର କଲେରା ରୋଗାକ୍ରାନ୍ତ ରୋଗୀର ମୁହୁର୍ମୁହୁ ତୃଷା । ଜେଜୀମା' ପୁଣି କହିଲେ, ''ପାଣି ।'' ନର୍ସ ଫିଡ଼ିଂ କପ୍‌ଟା ଆଗେଇଦେଲେ ।

''ମୋ ବୋହୂକୁ ଡାକିଦିଅ''—ଜେଜୀମା' କହିଲେ ।

''ସେ ତ ଖୁବ୍ ଅସୁସ୍ଥ । ମୁଁ ପାଣି ଦେଉଛି, ପିଅନ୍ତୁ ।''—ନର୍ସ କହିଲେ ।

''ତୁମେ କି ଜାତି ?''

''ବ୍ରାହ୍ମଣ ।''

''ବିଧବା ନା ସଧବା ?''

''ବିଧବା''—ଏଥର ମୃତ୍ୟୁପଥର ଯାତ୍ରିଣୀ ନର୍ସଙ୍କୁ ନିରୀକ୍ଷଣ କଲେ । ରୋଗିଣୀ ନିଜର ଅବସ୍ଥା ସମ୍ପର୍କରେ ବିଶେଷ ଭାବରେ ଅବହିତ । ସେ ଜାଣନ୍ତି ଆଉ ବଞ୍ଚିବେ ନାହିଁ । ମୋ ଜେଜୀମା' କବିରାଜ କନ୍ୟା; ରୋଗ ବିଷୟରେ ତାଙ୍କର,ଅଛପା କିଛି ନାହିଁ ।

ସେ ନର୍ସଙ୍କୁ ପ୍ରଶ୍ନକଲେ, ''ନର୍ସ ! ତୁମେ ଖାଇଛ ତ ? କ'ଣ ଲଗାଇ ଭାତ ଖାଇଲ ?''

''ମାଛ ଝୋଳ ଲଗାଇ ଭାତ ଖାଇଲି ।''

ଆଉ କିଛି କହିବା ଦରକାର ହେଲାନାହିଁ । ଜେଜୀମା'ଙ୍କର ସନ୍ଦେହ ଦୂରହେଲା । ସେ କହିଲେ, ''ଦେଖ ନର୍ସ—ତୁମେ ବ୍ରାହ୍ମଣ ଘରର ବିଧବା, ମାଛଝୋଳ ଲଗାଇ ଭାତ ଖାଇଛ । ମୃତ୍ୟୁ ସମୟରେ ମୋ ମୁହଁରେ ଆଉ ପାଣି ଦିଅନାହିଁ । ମୋ ବୋହୂକୁ ଡାକ ।''

ମୋ ମା' ଦୌଡ଼ିଆସିଲେ । କହିଲେ, ''ସାରାଜୀବନ ମୁଁ ତାଙ୍କର ସେବାକଲି, ବର୍ତ୍ତମାନ ମୃତ୍ୟୁ ସମୟରେ ତାଙ୍କୁ କଷ୍ଟ ଦେଇପାରିବି ନାହିଁ ।''

ଜେଜୀମା'ଙ୍କ ମୃତ୍ୟୁ ପରେ ଘରର ରୂପ ବଦଳିଗଲା । ପୂଜାପାର୍ବଣ, ବାରବ୍ରତ, ଅଇଁଠା, ସଙ୍କୁଡ଼ି ଇତ୍ୟାଦି ଯେଉଁଗୁଡ଼ିକ ପୂର୍ବେ ବିରାଟ ସମସ୍ୟାରୂପେ ମା'ଙ୍କୁ ଦିନସାରା ହଇରାଣ କରୁଥିଲା; ବର୍ତ୍ତମାନ ସେଗୁଡ଼ିକ ନିମିଷକେ ଉଭେଇଗଲା । ଦୀର୍ଘଦିନର ପୁଞ୍ଜୀଭୂତ କୁସଂସ୍କାରର ସ୍ତୂପ ଅପସାରଣ କରି ଆମେ ନୂତନ ଦିଗନ୍ତର ସନ୍ଧାନ ପାଇଲୁ ।

Digitized by srujanika@gmail.com

ଅବଶ୍ୟ ଏ ପରିବର୍ତ୍ତନ ମୋତେ ଖୁବ୍ ଭଲଲାଗୁଥିଲା । ମୁଁ ଶୈଶବରୁ କୈଶୋର ଓ କୈଶୋରରୁ ଯୌବନ ଆଡ଼କୁ ଅଗ୍ରସର ହେବା ସଙ୍ଗେ ସଙ୍ଗେ ବଙ୍ଗଳା ଦେଶର ଶ୍ରେଷ୍ଠ ଗୁଣୀ ଓ ଜ୍ଞାନୀ ମଣିଷମାନଙ୍କ ସଂସ୍ପର୍ଶରେ ଆସୁଥିଲି । ଆମ୍ଭମାନଙ୍କ ଗାଁ ଘର ତୁଳନାରେ ସେମାନଙ୍କ ଘରଦ୍ୱାର ଆଚାର-ଆଚରଣ ବହୁତ ପୃଥକ୍ ଥିଲା । ସେତେବେଳେ 'ଏଲିଟ୍' ଶବ୍ଦଟିର ବିଶେଷ ପ୍ରଚଳନ ଥିଲା– ବର୍ତ୍ତମାନ ଯେପରି ବୁର୍ଜୋୟା । ବୁର୍ଜୋୟା ଶବ୍ଦଟିରୁ ଏକପ୍ରକାର ଦ୍ୱନ୍ଦ୍ୱର ଆଭାସ ମିଳେ; କିନ୍ତୁ 'ଏଲିଟ୍' ଶବ୍ଦରୁ ସେପରି ମିଳେନାହିଁ । ଆଉ ଗୋଟିଏ କଥାର ପ୍ରଚଳନ ଥିଲା– କ୍ରିମ୍ ଅଫ୍ କ୍ୟାଲ୍‌କାଟା । ବର୍ତ୍ତମାନ ତ ଦୁଧ ସର ମିଶି ଏକାକାର । ଏହି ଉଚ୍ଚ ସମାଜର ଶ୍ରେଷ୍ଠ ବ୍ୟକ୍ତିଟି ଥିଲେ ରବୀନ୍ଦ୍ରନାଥ ଠାକୁର । ମୋତେ ଯେତେବେଳେ ତେରବର୍ଷ, ବାପା ମୋତେ ତାଙ୍କ ପାଖକୁ ନେଇଯାଉଥିଲେ, ମୁଁ ଯେପରି କବିତାଗୁଡ଼ିକ ତାଙ୍କୁ ଦେଖାଇ ପାରିବି । ମୁଁ ସେହି କାର୍ଯ୍ୟଟିକୁ କୌଣସିମତେ ଶେଷ କରି ତାଙ୍କୁ ତାଙ୍କର କବିତା ଆବୃତ୍ତି କରି ଶୁଣାଏ । ମୁଁ ପିଲାଦିନରୁ କବିତା ଆବୃତ୍ତି କରିବାକୁ ଭଲପାଏ । ମୋ ମୁହଁରେ ରବୀନ୍ଦ୍ରନାଥ ନିଜ କବିତା ଶୁଣିବାକୁ ଭଲପାଉଥିଲେ । ମଝିରେ ମଝିରେ ମୋତେ ଉତ୍ସାହ ଦେବାପାଇଁ ସେ କହୁଥିଲେ, ''ତୁମେ ମୋ କବିତା ମୋଠାରୁ ଭଲ ପଢ଼''–ଜାଣେ, ଏକଥା ମୋତେ ଖୁସି କରିବା ପାଇଁ କୁହାଯାଇଥାଏ; ତଥାପି ମୋ ମନର ପ୍ରତିଟି କୋଣ ଆନନ୍ଦରେ ପୂର୍ଣ୍ଣ ହୋଇଯାଏ । ମୁଁ ଭାବୁଥାଏ, ଯାଙ୍କ ପାଖରୁ ମୁଁ କେତେ ପାଏ ! ଏଠାକୁ ଥରେ ଆସିଲେ ଯାଙ୍କର ଅସ୍ତିତ୍ୱର ଆସ୍ୱାଦ କି ମଧୁର – କିନ୍ତୁ ମୋର ତ ତାଙ୍କୁ କିଛି ଦେବାକୁ ନାହିଁ; ଏଇ ଗୋଟିଏ ଜିନିଷହିଁ ଦେଇପାରେ । ସେଥିପାଇଁ ଯଦିବା ସେହି ବିରାଟ ପ୍ରତିଭାର ସମ୍ମୁଖରେ ମୋର ସଙ୍କୋଚ ଓ ଲଜ୍ଜାର ଶେଷ ନଥିଲା, ବହୁ ସମୟରେ ମୁହଁଟେକି କଥା କହିପାରୁନଥିଲି; କିନ୍ତୁ କବିତା ଆବୃତ୍ତି ଆରମ୍ଭ ହେଲେ ମୋର ଲଜ୍ଜା, ଭୟ, ସଙ୍କୋଚ ଉଭେଇଯାଉଥିଲା । ମନେପଡୁଛି ଥରେ ''ସୋନାର ତରୀ'', ''କୌତୁକମୟୀ'', ''ଜୀବନଦେବତା', ''ହୃଦୟଯମୁନା' ଗୋଟି ଗୋଟି କରି ଆବୃତ୍ତି କରୁଛି–ସେ ଅଳ୍ପ ଅଳ୍ପ ହସୁଛନ୍ତି, ମୋତେ ପଚାରିଲେ–''ଏ ସବୁ କବିତା ତୁମେ ବୁଝିପାର ?''

ମୁଁ ଖୁବ୍ ଆତ୍ମବିଶ୍ୱାସର ସହିତ ମୁଣ୍ଡ ହଲାଇ କହିଲି, ''ହଁ ।'' ତା'ପରେ ''ସୋନାର ତରୀ''ର ନିହିତାର୍ଥ, ''ଜୀବନଦେବତା''ର ଦର୍ଶନ ବାପାଙ୍କଠାରୁ ଯେପରି ଭାବେ ଶୁଣିଥିଲି, ଗଡ଼ଗଡ଼ କରି କହିବାକୁ ଆରମ୍ଭ କଲି । ସେ ମୋତେ ମଝିବାଟରେ ବନ୍ଦ କରିବାକୁ କହିଲେ । ମୋ ପିଲାମୁହଁରେ ଉଚ୍ଚ ଦର୍ଶନଶାସ୍ତ୍ର କିପରି ଶୁଭୁଥିଲା, ତାହା ବର୍ତ୍ତମାନ ବୁଝିପାରୁଛି । ସେ କହିଲେ, ''ଥାଉ ଥାଉ, ତୁମେ ଖାଲି ପଢ଼– ଯେତେବେଳେ ସମୟ ହେବ, ଆପେ ଆପେ ଅର୍ଥ ବୁଝିପାରିବ । ପକ୍ଷୀ ଯେଉଁ ଗୀତ ଗାଏ, ତା'ର ମଧ୍ୟ ପୃଥିବୀସଂକ୍ରାନ୍ତୀୟ ଅର୍ଥ ଅଛି; ସେ କିନ୍ତୁ ସେଟା ଜାଣିନାହିଁ । ସେଥିରେ କ୍ଷତି ନାହିଁ । ସେହିପରି ତୁମେ ମନ ଆନନ୍ଦରେ ପଢ଼; ଅନ୍ୟର ବ୍ୟାଖ୍ୟା ତୁମର କୌଣସି କାର୍ଯ୍ୟରେ ଲାଗିବ ନାହିଁ ।''

Digitized by srujanika@gmail.com

ଏହି ସମୟରେ ଜଣେ ରୁଷ୍ ପଣ୍ଡିତ ପ୍ରାୟ ଆସୁଥିଲେ; ତାଙ୍କର ନାଁ ମୋର ମନେ ପଡୁନାହିଁ, ହୁଏତ ସେହି ବଗଦନଭ୍– ଶାନ୍ତିନିକେତନକୁ ଯେଉଁ ସବୁ ଜ୍ଞାନୀବ୍ୟକ୍ତି ଆସୁଥିଲେ, ସେମାନେ ଯିବା ବାଟରେ ଆମ ଘରକୁ ଥରେ ହେଲେ ବି ଆସୁଥିଲେ । ଶାସ୍ତ୍ର ଆଲୋଚନାରେ ମୁଁ ସାହସର ସହିତ ଯୋଗଦେଉଥିଲି । ତତ୍ତ୍ୱଚିନ୍ତା ମୋ ଭଳି ଛୋଟ ପିଲା ପାଖରେ କୁହୁଡ଼ି ଛଡ଼ା ଆଉ କିଛି ନୁହେଁ– କିନ୍ତୁ ସେହି ପ୍ରହେଳିକାମୟ ନୀହାରିକା ମୋତେ ଭଲଲାଗୁଥିଲା । ସେହି ନୀହାରିକାକୁ ଭେଦ କରି ସୂର୍ଯ୍ୟର ଆଲୋକ ଅବଶ୍ୟ ମୋତେ ଉତ୍ତପ୍ତ ଓ ସଜାଗ ରଖୁଥିଲା । ଏକ ଦିଗରେ ବ୍ୟକ୍ତିର ଜୀବନ୍ତ ଅନୁଭୂତିର ସତ୍ୟ, ସୃଷ୍ଟିବେଦନାରେ ଝଙ୍କୃତ: ଅନ୍ୟ ଦିଗରେ ଏକ ଚିରନ୍ତନ, ଅନନ୍ତ ଜିଜ୍ଞାସାର ପ୍ରହେଳିକା ମୋର ସେହି ଉନ୍ମୁଖ ସତେଜ ଓ ନବୀନ ମନ ଉପରେ ଆଲୋକ-ଛାୟାର ଖେଳ ଖେଳୁଥିଲା । ଆମର ଆତ୍ମୀୟ ସ୍ୱଜନ ଓ ବନ୍ଧୁବାନ୍ଧବଙ୍କ ପରିବାରଠାରୁ ଆମ ଘରଟା ଥିଲା ସ୍ୱତନ୍ତ୍ର–ଆଉ ମୋ ସମବୟସୀଙ୍କ ନିକଟରେ, ବିଶେଷତଃ ବିଦ୍ୟାଳୟର ସହପାଠୀଙ୍କ ପାଖରେ, ମୁଁ ଥିଲି ଦୁର୍ବୋଧ । ସେମାନେ ମୋତେ ଅନ୍ୟମନସ୍କା ବୋଲି ଥଟ୍ଟା କରୁଥିଲେ । ଅନ୍ୟମନସ୍କା ମାନେ ଯେତେବେଳେ ଯେଉଁଟାରେ ମନ ଦେବାର କଥା ସେତେବେଳେ ମୁଁ ସେଟାକୁ ଭୁଲି ଅନ୍ୟ କିଛି ଭାବୁଥିଲି ।

ସେ ସମୟରେ ଅବଶ୍ୟ ସ୍ତ୍ରୀ-ପୁରୁଷଙ୍କ ମଧ୍ୟରେ ମିଳାମିଶା ଖୁବ୍ କମ୍ ଥିଲା, କିନ୍ତୁ ଆମେମାନେ ପର୍ଦ୍ଦାପ୍ରଥା ମାନୁ ନ ଥିଲୁ । ମୋ ମା' ବାପାଙ୍କର ସହକର୍ମୀମାନଙ୍କ ସାମନାକୁ କେବେହେଲେ ବାହାରୁ ନ ଥିଲେ ମଧ୍ୟ ଛାତ୍ରମାନଙ୍କ ସାମନାକୁ ବାହାରୁଥିଲେ । ମୁଁ ସମସ୍ତଙ୍କ ସମ୍ମୁଖକୁ ଆସୁଥିଲି । ଆମେ ଯେତେବେଳେ ଗାଁରେ ଥିଲୁ, ସେତେବେଳେ ମୋ ମା' ପର୍ଦ୍ଦା ପଛରେ ବସି ବୈଠକଖାନାରେ ହେଉଥିବା ସାହିତ୍ୟ ଆଲୋଚନା ଶୁଣୁଥିଲେ ଏବଂ ସେଠାରୁ ହିଁ ସେ ଜଳଖିଆ, ସରବତ୍ ଓ ପାନ ପଠେଇଦେଉଥିଲେ । କଲିକତା ଆସି ସେ ପ୍ରତିବନ୍ଧକ ଉଠିଗଲା । ମୁଁ ସବୁଆଡ଼କୁ ଯାଉଥିଲି; ସାହିତ୍ୟସଭାରେ କବିତା ଆବୃତ୍ତି କରୁଥିଲି । ସେସବୁ ସଭାକୁ ସେତେବେଳେ ଜଣେ ହେଲେ ଝିଅ ଯାଉନଥିଲେ । ମୋ ପରି ଖୁବ୍ କମ୍ ଝିଅ ସଭାସମିତିକୁ ଯାଉଥିଲେ; କିନ୍ତୁ ଏ ସବୁ ସତ୍ତ୍ୱେ ଆମ୍ଭେମାନେ ଏକ ଅଦୃଶ୍ୟ ପର୍ଦ୍ଦା ମଧ୍ୟରେ ନିଜକୁ ଆବଦ୍ଧ କରି ରଖିଥିଲୁ । ଆମେ ସହଜରେ କାହାରି ସହିତ କଥାବାର୍ତ୍ତା କରୁନଥିଲୁ । ବାପାଙ୍କର କୌଣସି ଛାତ୍ର ସହିତ ସାକ୍ଷାତ୍ ହେଲେ, ମୁଁ ମୁଣ୍ଡ ପୋତି ଚାଲୁଥିଲି, କଥା କହୁନଥିଲି ।

ଆମର ରୀତି ଥିଲା ପର୍ଦ୍ଦାବିହୀନ ପର୍ଦ୍ଦାନସୀନ ପରି– କୌଣସି ପୁରୁଷ ଲୋକ ସହିତ କଥା କହିବାକୁ ଇଚ୍ଛା ହେଉଥିଲେ ମଧ୍ୟ ଆମେ କଥା କହିବାକୁ ଅସମର୍ଥ ଥିଲୁ । ଆତ୍ମୀୟସ୍ୱଜନ ବ୍ୟତୀତ ଅନ୍ୟ ପୁରୁଷ, ବିଶେଷତଃ ଯୁବକ ସମ୍ମୁଖରେ ଆମକୁ ପଥର ପାଲଟିଗଲାପରି ମନେହେଉଥିଲା । ଯୁବକମାନେ ମଧ୍ୟ କଥାବାର୍ତ୍ତା କରିବା ଦିଗରେ ଅଗ୍ରସର ହୋଇପାରୁ ନଥିଲେ; ସତେ ଯେପରି କେହି କାହାରିକୁ ଦେଖିପାରୁ ନାହାନ୍ତି । ବହୁ ଯୁଗର ସଞ୍ଚିତ ନିଷେଧର ପ୍ରଭାବ ଆମ ରକ୍ତସ୍ରୋତରେ ପ୍ରବାହିତ ହେଉଛି– ଏହାକୁ ଅତିକ୍ରମ କରିବା

Digitized by srujanika@gmail.com

ଅତ୍ୟନ୍ତ କଷ୍ଟସାଧ୍ୟ । ଆଧୁନିକ ଯୁଗର ତରୁଣ-ତରୁଣୀମାନେ ଏପରି ଏକ ଅଲେଖା ନିଷେଧାଜ୍ଞାର କାରଣମାନ ହୁଏତ ପଚାରିବେ । ମୁଁ ନିଜେ ବି ଠିକ୍ କହିପାରିବି ନାହିଁ ଏପରି ନିଷେଧାଜ୍ଞା କିପରି ସୃଷ୍ଟ ଓ କାହିଁକି ସୃଷ୍ଟ ? ଏସବୁ ଶିକ୍ଷିତ ଉଚ୍ଚ ମଧ୍ୟବିତ୍ତ ପରିବାରରେ ଯୌନସମ୍ପର୍କୀୟ ବିଷୟରେ କୌଣସି ଆଲୋଚନା ହେଉନଥିଲା । ଯୌନବିଷୟବର୍ଣ୍ଣିତ ପୁସ୍ତକ-ପାଠ ନିଷିଦ୍ଧ ଥିଲା । 'କୃଷ୍ଣକାନ୍ତର ଉଇଲ୍', 'ବିଷବୃକ୍ଷ', 'ଚୋଖେର୍ ବାଲି' ଓ 'ଚରିତ୍ରହୀନ' ପାଠ ନିଷିଦ୍ଧ ଥିଲା । 'ନୌକାଡୁବି' ପଢ଼ିବାକୁ ଅନୁମତି ମିଳିଥିଲା । 'ନୌକାଡୁବି' ଉପନ୍ୟାସର ମଲାଟ ଖୋଲିନେଇ 'ଚୋଖେର ବାଲି' ଉପନ୍ୟାସରେ ଲଗାଇ ପଢ଼ି ପକାଇଲି । ଅବଶ୍ୟ ବହିଟା କାହିଁକି ନିଷିଦ୍ଧ ଥିଲା ବୁଝିନାହିଁ ।

ପିତାଙ୍କର ବଙ୍ଗୀୟ ଛାତ୍ରମାନଙ୍କ ସହିତ ମୋର ବେଶି କଥା କହିବାକୁ ସାହସ ହେଉନଥିଲା; କିନ୍ତୁ ବିଦେଶୀ (ୟୁରୋପୀୟ) ଛାତ୍ରମାନଙ୍କ ସହିତ କଥାବାର୍ତ୍ତା ଓ ଆଳାପ ଆଲୋଚନା କରିବାକୁ ବାପା ମୋତେ ଅନୁମତି ଦେଇଥିଲେ ।

ଏହି ସମୟରେ ଏକ ରୁଷ-ଦମ୍ପତି କଲିକତା ଆସିଥିଲେ । ସେମାନେ ଗ୍ଲୋବ୍ ଥିଏଟର ହଲ୍‌ରେ ନାନାପ୍ରକାର ଯାଦୁବିଦ୍ୟା ପ୍ରଦର୍ଶନ କରୁଥିଲେ । ସହରରେ ସେମାନଙ୍କୁ ନେଇ ଚହଳପଡ଼ିଯାଇଥିଲା । ବାପା କହିଲେ, ''ଚାଲ ଭଣ୍ଡାମିଟା ଦେଖି ଆସିବା ।'' ଗ୍ଲୋବ୍ ଥିଏଟର ଷ୍ଟେଜ ଉପରେ ଏକ ସୁନ୍ଦରୀ ମହିଳା ଆଖିରେ କଳା ରୁମାଲ ବାନ୍ଧି ଆଭୂମିଲୁଣ୍ଠିତ କଳା ଗାଉନ୍ ପିନ୍ଧି ଠିଆହୋଇଥିଲେ । ତାଙ୍କ ସ୍ୱାମୀ ଦର୍ଶକ ଭିଡ଼ ଭିତରକୁ ଓହ୍ଲାଇ ଆସୁଥିଲେ । ଭଦ୍ରମହିଳା ଦର୍ଶକମାନଙ୍କୁ ପ୍ରଶ୍ନ କରିବାକୁ କହିଥିଲେ । ଦର୍ଶକମାନଙ୍କ ମଧ୍ୟରୁ କେହି ଯଦି ପ୍ରଶ୍ନ କରୁଥିଲେ, ତେବେ ସେହି ମହିଳାଙ୍କ ତରୁଣ ସ୍ୱାମୀ ତାଙ୍କ ନାଡ଼ି ଧରୁଥିଲେ । ମହିଳାଟି ଷ୍ଟେଜ୍ ଉପରୁହିଁ ଅନୁଚ୍ଚାରିତ ପ୍ରଶ୍ନ ଓ ତା'ର ଉତ୍ତର ଅତି ସହଜରେ କହିଦେଉଥିଲେ । ଠକାଇବା ପାଇଁ କିମ୍ବା ମର୍ମାନ୍ତିକ ଗୋପନ ଖବର ଜାଣିବା ଉଦ୍ଦେଶ୍ୟରେ ପ୍ରଶ୍ନ କରାଯାଉଥିଲା । ଜଣେ ଉଠି ଠିଆହେବାମାତ୍ରେ ଆଖିବନ୍ଧା ମହିଳାଟି କହିଲେ, ''ତୁମେ ଜାଣିବାକୁ ଚାହିଁ ତୁମ ପକେଟର ଡିଆସିଲି ଖୋଳରେ କେତୋଟି କାଠି ଅଛି ?– ବାଉନଟି– । ଅଥବା ''ତୁମେ ଜାଣିବାକୁ ଚାହିଁ ତୁମ ସ୍ତ୍ରୀ ତୁମ ପ୍ରତି ଅବିଶ୍ୱାସିନୀ କି ନୁହେଁ ? ସେ ପୂରା ଠିକ୍ ଅଛନ୍ତି– ତୁମେ ବରଂ ଅବିଶ୍ୱାସୀ ।'' ଏ କଥା ଶୁଣି ହଲ ସାରା ଲୋକ ହସିବାକୁ ଲାଗିଲେ । ଭଦ୍ରଲୋକଟି ଅପ୍ରସ୍ତୁତ ହୋଇଗଲେ । ବାପା କହିଲେ, ''ଏ ଝିଅଟି ଭାରି ପାରଙ୍ଗମ ମନେହେଉଛି, ଏହାକୁ ଟିକିଏ ପରୀକ୍ଷା କରିନେବା ।'' ସେମାନଙ୍କ ସହିତ ଯୋଗାଯୋଗ କରାଗଲା ।

ଅଧୁନା ଉଚ୍ଚବିତ୍ତ ଶିକ୍ଷିତ ସମାଜ ମଧ୍ୟ ଯେପରି ଅଲୌକିକ ଓ ଅତିପ୍ରାକୃତ ପ୍ରତି ଆକୃଷ୍ଟ ହେଉଛନ୍ତି ଆମ ସମୟରେ, ମୋର ଯେତେଦୂର ମନେପଡ଼େ, ସେପରି ନ ଥିଲା । ଏହା ଅନେକ କମ୍ ଥିଲା । ବର୍ତ୍ତମାନ ଅନେକଙ୍କ ଘରେ ଥିବା ଛବିରୁ ବିଭୂତି ଝରେ, ଅଦ୍ଭୁତ ଅଦ୍ଭୁତ ଜିନିଷପତ୍ର ଆବିର୍ଭୂତ ହୁଏ; ଏବଂ ଏସବୁ କଥା ବିଦ୍ୱାନ୍ ବୈଜ୍ଞାନିକମାନେ ମଧ୍ୟ ବିନା

Digitized by srujanika@gmail.com

ଦ୍ୱିଧାରେ କହିଥାନ୍ତି । ସେତେବେଳେ ତାହା ହେଉନଥିଲା । ଶିକ୍ଷିତ ଲୋକେ ଅଲୌକିକ ଅତିପ୍ରାକୃତ ଘଟଣା ବିଶ୍ୱାସ କରିବାକୁ ଇତସ୍ତତଃ କରୁଥିଲେ । ଅନ୍ତତଃ ମନ ଭିତରେ ଯାହା ଥାଉନା କାହିଁକି, ମୁହଁରେ ତାହା ସ୍ୱୀକାର କରୁନଥିଲେ ।

ମୋ ବାପା ଯେ ପୂରାପୂରି କୁସଂସ୍କାରମୁକ୍ତ ଥିଲେ ତାହା ନୁହେଁ; କିନ୍ତୁ ସେ ପ୍ରକାଶ୍ୟରେ ତାହା ସ୍ୱୀକାର କରୁନଥିଲେ । ତେଣୁ ପରୀକ୍ଷା କରିବା ପାଇଁ ସେହି ରୁଷ ଦମ୍ପତିଙ୍କୁ ନିମନ୍ତ୍ରଣ କରାଗଲା । ବାବାଙ୍କର ଧାରଣା ଥିଲା ଦର୍ଶକବୃନ୍ଦ ଭିତରେ ସେମାନଙ୍କ ଲୋକ ରହିଥିଲେ । ମୁଁ କହିଲି, ‘‘ତୁମେ କିଛି ପଚାରିଲ ନାହିଁ କାହିଁକି ?’’

‘‘ବାବାରେ, ଯା ଜାଁହାବାଜ୍ ମାଇୟା, କି ଜାନି କି ବଲେ ଦେବେ ।’’

(ବାପ୍‌ରେ, ଯେଉଁଭଳି ମୁଖରା ଝିଅ...କ’ଣ ବୋଲି କ’ଣ କହିଦିଅନ୍ତା)

ଆମ ଘର ଟି-ପାର୍ଟିକୁ କେତେକ ପ୍ରତିଷ୍ଠାବାନ୍ ବ୍ୟକ୍ତି ଆସିଲେ । ଆଧ୍ୟାପକ ଓ ଲେଖକ ଥିଲେ ଏମାନଙ୍କ ମଧ୍ୟରେ । ଟି-ପାର୍ଟିରେ ଏ ଯାଦୁଖେଳ ପ୍ରଦର୍ଶନ ହେଉଥିଲା । ଭଦ୍ରଲୋକଟି ଯାହାର ନାଡ଼ି ଚିପିଧରୁଥିଲେ, ଭଦ୍ରମହିଳା ତାଙ୍କର ମନକଥା କହୁଥିଲେ । ପରିଶେଷରେ ମୋ ପାଳି ପଡ଼ିଲା । ମୁଁ ଭାବିଲି, ତାଙ୍କୁ ଠକିଦେବାକୁ ଚେଷ୍ଟା କରିବି । ଏ କ’ଣ ବଙ୍ଗଳା କଥା କହିପାରିବେ ? ମୁଁ ମନେ ମନେ କହିଲି, ‘‘ମୋ ଶେଷ କବିତାଟାର ନାଁ କ’ଣ ?’’ ଭଦ୍ରମହିଳା ଅଙ୍ଗେଇ ଅଙ୍ଗେଇ କହିଲେ ‘‘ଭୋଗପାତ୍ର’’– ଉଚ୍ଚାରଣରେ ବିକୃତ ଥିଲା ସିନା, କଥାଟା ଠିକ୍ କହିଥିଲେ । ଜଣେ ତରୁଣ ଅଧ୍ୟାପକ କହିଲେ, ‘‘ଏହା ଥଟ୍ ରିଡ଼ିଂ ବ୍ୟତୀତ ଆଉ କିଛି ନୁହେଁ ।’’

ବାପା କହିଲେ, ‘‘ଆରେ ଏହାଦ୍ୱାରା କ’ଣ ସବୁ କିଛିର ବ୍ୟାଖ୍ୟା ହୋଇଗଲା ?’’

ଏହି ରୁଷଦମ୍ପତିଙ୍କ ସହ ଆମେ ଦିନେ ଏମ୍ପାୟାର ଥିଏଟର୍‌ରେ ହେଉଥିବା ଇଟାଲିୟାନ୍ ଅପେରା ଦେଖିବାକୁ ଯାଇଥିଲୁ । ବାପା, ମା’ ଓ ମୁଁ ଏବଂ ସେମାନେ ଦୁଇଜଣ । ସେତେବେଳେ ଏ ଦେଶ ଲୋକଙ୍କ କାନ ଇଉରୋପୀୟ ସଙ୍ଗୀତ ଶୁଣିବାକୁ ଅଭ୍ୟସ୍ତ ହୋଇନଥିଲା । ସାଧାରଣତଃ ତାକୁ ବିଲୁଆ-କୁକୁରଙ୍କ ଡାକ ସହିତ ସମାନ କରି ଦିଆଯାଉଥିଲା । ବର୍ତ୍ତମାନ ଟ୍ରାନଜିସଟାର୍ ଦୟାରୁ ବସ୍ତିର ବାରଣ୍ଡାରେ ମଧ୍ୟ ଜାଜ୍ ସଙ୍ଗୀତ ବାଜୁଛି; ଏପରି କି ବିଠୋଭେନ୍ ମଧ୍ୟ ବାଜୁଛି । ସେ ସମୟରେ ଏହା କଳ୍ପନାତୀତ ଥିଲା । ଦୁଇ ତିନି ପୁରୁଷ ଧରି ଯେଉଁମାନେ ପାଶ୍ଚାତ୍ୟ ଶିକ୍ଷା ଲାଭ କରୁଥିଲେ, ସେମାନଙ୍କୁ ଇଙ୍ଗବଙ୍ଗ ସମାଜର ଲୋକ ବୋଲି କୁହାଯାଉଥିଲା । ସେମାନଙ୍କ ଘରେ ୟୁରୋପୀୟ ସଙ୍ଗୀତ ଚର୍ଚ୍ଚା ହେଉଥିଲା । ପରିବାରର କନ୍ୟାମାନେ ଟୁଂ-ଟାଂ ପିୟାନୋ ବଜାଉଥିଲେ । ଅତିଥି ଅଭ୍ୟାଗତ, ବିବାହୋପଯୋଗୀ ପାତ୍ର ଆସିଲେ ଡଇଂରୁମ୍‌ରେ ପିୟାନୋ ବଜାଇ ସେମାନେ ସଂସ୍କୃତିର ପରିଚୟ ଦେଉଥିଲେ । କିନ୍ତୁ ତାହ ଶିଶୁସୁଲଭ ବ୍ୟାପାର ଥିଲା । ଅତଏବ ବୁଝାପଡୁଛି, ମୋ ନିକଟରେ ଇଟାଲିୟାନ୍ ଅପେରା ବିଶେଷ ଉପଭୋଗ୍ୟ ନଥିଲା । କିନ୍ତୁ

Digitized by srujanika@gmail.com

ସେ କଥା କାହାକୁ କହିବି ନାହିଁ; କାରଣ ଏ ସବୁ ସ୍ଥାନକୁ ମୁଁ ନୂଆକରି ଆସିଛି । ଏହାଦ୍ୱାରା ମୁଁ ବଡ଼ ହୋଇ ଉଠିବାର ଗୌରବ ଅନୁଭବ କରୁଛି । ଏହା ବ୍ୟତୀତ ମୁଁ ମୋର ପରିପକ୍ୱତା ପ୍ରମାଣ କରିବାକୁ ଚାହେଁ; ଅଜ୍ଞତା ନୁହେଁ । ସେ ଯାହାହେଉ, ଔଷଧ ଗିଳିଲା ଭଳି ମୁଁ ଅନ୍ୟମନସ୍କ ହୋଇ ଅପେରା ଦେଖୁଛି । ହଠାତ୍ ସେହି ରୁଷ ଭଦ୍ରଲୋକ—ନା, ସେତେବେଳେ ମୋ ମତରେ ଅ-ଭଦ୍ର ଲୋକ ଡାହାଣ ହାତ ବଢ଼ାଇ ମୋ ଗଳା ଜାବୋଡ଼ି ଧରିଲେ । ମୁଁ ଆତଙ୍କିତ ହୋଇଉଠିଲି । ଯଦିବା ଏସବୁ ବିଷୟରେ ଆମର ବିଶେଷ କିଛି ଜ୍ଞାନ ନଥିଲା, ତଥାପି ସ୍ୱାଭାବିକ ରୂପେ ଆମେ ଉଚିତ ବ୍ୟବହାର କରିଥିଲୁ । ମୁଁ ଏକାଝଟକାରେ ତା' ହାତ ଫୋପାଡ଼ିଦେଲି । ମାତ୍ର ସେ ହାତ ସ୍ପ୍ରିଙ୍ଗ୍ ଦିଆ କଳ ଭଳି ପୁଣି ଫେରିଆସିଲା । ଭାବିଲି କଣ କହିବି—ଏଠି ପାଟିତୁଣ୍ଡ କରିହେବନାହିଁ । ନଇଁପଡ଼ି ମୋ ପାଦର ନାଗରା ଜୋତା ଖୋଲି ଧୀରେ ଧୀରେ ତାର ଆଣ୍ଠୁ ଉପରେ ରଖିଲି । ଏଥର ସେ ଡରିଗଲା । ମୁଁ ଆସ୍ତେ କହିଲି, "ତୁମକୁ ଜୋତାରେ ପିଟିବି ।" ସ୍ପ୍ରିଙ୍ଗଟି ମନେହେଲା ବିପରୀତ ଦିଗକୁ ଚାଲିଗଲା । ସେ ହାତ ଉଠାଇନେଲା । ଘରକୁ ଫେରି କଥାଟା କହିବାରୁ ମା' ବାପାଙ୍କ ଉପରେ ଖୁବ୍ ରାଗିଲେ । ଯେକୌଣସି ଲୋକଙ୍କୁ ଅନ୍ଦରମହଲରେ ପୂରାଇବା ଠିକ୍ ନୁହେଁ । କିନ୍ତୁ ବାପା ହସିବାକୁ ଲାଗିଲେ । ପାଶ୍ଚାତ୍ୟ ସଭ୍ୟତା ସହିତ ତାଙ୍କର ଘନିଷ୍ଠ ପରିଚୟ ଥିବାରୁ ସେ ଏଥିରେ ଆଶ୍ଚର୍ଯ୍ୟ ହୋଇନଥିଲେ । ମା'ଙ୍କୁ କହିଲେ, "ଅମୃତାକୁ ବିଭିନ୍ନ ଅବସ୍ଥାରେ ନାନା ପ୍ରକାର ଲୋକମାନଙ୍କ ସହିତ ମିଶିବାକୁ ପଡ଼ିବ, ଶିଖିବାକୁ ପଡ଼ିବ; ସେ ତ ଆଉ ତୁମ ଭଳି ଘରେ ବସିରହିବ ନାହିଁ । ସେ ଯଦି ଠିକ୍ ଏ ଚେଷ୍ଟାକରେ ତେବେ ସରୋଜିନୀ ନାଇଡୁ ହୋଇପାରିବ ।"

ଯାହାବି ହେଉନା କାହିଁକି, ବାପା ଯେ ଏ ଘଟଣା ପରେ ବି ସେମାନଙ୍କ ସହିତ ଦୁର୍ବ୍ୟବହାର କଲେ ନାହିଁ, ଏଥିରେ ମା' ଓ ମୁଁ ଅତ୍ୟନ୍ତ ଉତ୍ତେଜିତ ହୋଇଥିଲୁ । ଘଟଣାଟି ଆମକୁ ଅତ୍ୟନ୍ତ ଖରାପ ଲାଗିଥିଲା ଓ ଏହା ଯେ ଅକ୍ଷମଣୀୟ, ତାହା ଆମେ ଧରିନେଇଥିଲୁ । କିନ୍ତୁ ବାପାଙ୍କର ରବିଠାକୁରଙ୍କ ନିକଟକୁ ଯିବାର ସଂକଳ୍ପ ମଧ୍ୟ ସ୍ଥିର ରହିଲା । ମୁଁ ତାଙ୍କୁ ରୁଷ୍ ଯାଦୁବିଦ୍ୟା କଥା କହିଦେଇଥିଲି । ସେ ମଧ୍ୟ ଏମାନଙ୍କୁ ଦେଖିବାପାଇଁ ଆଗ୍ରହୀ ଥିଲେ । ଅଲୌକିକ ଅତିପ୍ରାକୃତିକତାରେ ରବି ଠାକୁର ବିଶ୍ୱାସ ନକଲେ ମଧ୍ୟ ସବୁ ବିଷୟ ପରୀକ୍ଷା କରିବାକୁ ସେ ଭଲପାଉଥିଲେ । ତାଙ୍କ ମତରେ ତାହା ବୈଜ୍ଞାନିକ ।

ଅନୁସନ୍ଧାନ କାହିଁକି ରହିବ ନାହିଁ ? ତେଣୁ ଦିନେ ରୁଷ୍-ଦମ୍ପତିଙ୍କୁ ତାଙ୍କ ନିକଟରୁ ନେଇଯିବା ସ୍ଥିର ହେଲା ।

"ବାପା ! ମୁଁ ତାଙ୍କ ସହିତ ଯିବି ନାହିଁ, ଲୋକଟା ଭାରି ଖରାପ । ଜମା ତା ହୋଇପାରିବନାହିଁ ।"

Digitized by srujanika@gmail.com

"ଆଗରୁ ଠିକ୍ ହୋଇଯାଇଛି । ତୁମେ ନଗଲେ କବି କ'ଣ ଭାବିବେ ? ଜୀବନରେ ବିଭିନ୍ନ ପ୍ରକାରର ଲୋକଙ୍କ ସହିତ ଦେଖାହେବ । ନିଜର ଶକ୍ତି ଓ ବୁଦ୍ଧି ଦ୍ୱାରା ଠିକ୍ ବାଟରେ ଅବିଚଳିତ ରହିବ । ମୁଁ ତୁମକୁ ଜାଣେ । ପୃଥିବୀରେ ଖରାପ ଲୋକ ଅଛନ୍ତି ବୋଲି କ'ଣ ତୁମେ ଗାତ ଭିତରେ ଲୁଚିଯିବ ?"

ଦ୍ୱିପ୍ରହର ବେଳେ ବାପା ଓ ମୁଁ ରୁଷ-ଦମ୍ପତିଙ୍କୁ ନେଇ କବିଙ୍କ ନିକଟକୁ ଗଲୁ । ସେମାନଙ୍କୁ ଦ୍ୱିତଳର ପଥର ଘରେ ବସାଇଦେଇ ମୁଁ ତିନିମହଲା ଉପରକୁ ଉଠିଗଲି ଖବର ଦେବାକୁ । ପଥରର ସେହି କକ୍ଷଟି ମୋ ଆଖିରେ ଭାସିଯାଉଛି । ଛୋଟ ଛୋଟ ଚୌକିଗୁଡ଼ିକ ଉପରେ ଜାପାନୀ ସର୍ଡପ କୁଶନଗୁଡ଼ିକ ମଧ୍ୟ ଜାପାନୀ ସଉକରେ ଆବୃତ । ପରେ ସେ ଘରର ଅନେକ ପରିବର୍ତ୍ତନ ମୁଁ ଦେଖିଛି । ସେହି ଘରେହିଁ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଉପରକୁ ଯାଇ ଦେଖିଲି ସେ ପ୍ରସ୍ତୁତ । ଖଣ୍ଡେ କାଗଜରେ କେତୋଟି ପ୍ରଶ୍ନ ଲେଖି ଗୋଟିଏ ବହି ଭିତରେ ରଖି ଠିଆ ହୋଇ କହିଲେ, "ଚାଲ, ଯାଦୁକରୀକୁ ଦେଖିବା ।" ବୁଲାଣିଆ ଶିଡ଼ିରେ ଆମେ ତଳକୁ ଓହ୍ଲାଇ ଆସିଲୁ । ସେମାନେ ମଧ୍ୟ ଅପେକ୍ଷା କରୁଥିଲେ । ସାମାନ୍ୟ କଥାବାର୍ତ୍ତା ପରେ ମହିଳାଟି ଆଖିରେ ରୁମାଲ ବାନ୍ଧିଲେ, ତାଙ୍କ ସ୍ୱାମୀ କବିଙ୍କର ନାଡ଼ି ଧରିଲେ । ମହିଳାଟି କିଛି କହି ପାରିଲେ ନାହିଁ । ତେବେ ସେ ଯେ ଖୁବ୍ ଚେଷ୍ଟା କରୁଛନ୍ତି ତାହା ବୁଝାପଡୁଥିଲା । କବି ତ ସେମାନଙ୍କୁ ଅପ୍ରସ୍ତୁତ କରିବାକୁ ଚାହାନ୍ତି ନାହିଁ; ବରଂ ବିଷୟଟା ବୁଝିବାକୁ ଚାହାନ୍ତି । ସେ କହିଲେ, "କ'ଣ କରିଲେ ତୁମର ସୁବିଧା ହେବ, ମୁଁ ଯଦି କାଗଜରେ ଲେଖେ ତେବେ ସୁବିଧା ହେବ ? ମହିଳାଟି କହିଲା, "ହୋଇପାରେ ।" କବି କାଗଜରେ ଲେଖି ତାକୁ ଓଲଟାଇ ରଖିଲେ । ତଥାପି କିଛି ହେଲା ନାହିଁ । ମହିଳାଟିର କପାଳରେ ବିନ୍ଦୁ ବିନ୍ଦୁ ଝାଳ ଦେଖାଗଲା । ସେ ବାରଣ୍ଡାର ଏପଟ ସେପଟ ବୁଲୁବୁଲୁ କହିବାକୁ ଲାଗିଲା– "There is a wall before me– there is a wall before me" – (ମୋ ସାମନାରେ ଏକ ପାଚେରି–ମୋ ସାମ୍ନାରେ ଏକ ପାଚେରି) । ସେ ଦୌଡ଼ିବାକୁ ଲାଗିଲା ଓ କହିଚାଲିଲା, "ମୁଁ କିଛି ଦେଖିପାରୁନାହିଁ ।" ତା' କପାଳରୁ ଝାଳ ବୋହିବାକୁ ଲାଗିଲା । ତା' ନିଶ୍ୱାସ ଦ୍ରୁତ ହେବାକୁ ଲାଗିଲା । ସେ ଉକ୍ତ କଥାଟି କହୁ କହୁ ଶୀଘ୍ର ଶିଡ଼ି ଦେଇ ଓହ୍ଲାଇ ଦୌଡ଼ି ଚାଲିଗଲା ଗଳି ଭିତରକୁ । ତା' ହତବାକ୍ ସ୍ୱାମୀ ତା' ପଛେ ପଛେ ଦୌଡ଼ିବାକୁ ଲାଗିଲା । ଚିତ୍‌ପୁର ରୋଡ଼ର ଦୁଇ ପାଖରେ ଥିବା ଦୋକାନୀମାନେ ସାହେବ ମେମ୍‌ଙ୍କର ଏହି ଦୌଡ଼ି ସେଦିନ କିପରି ଉପଭୋଗ କରିଥିଲେ ତାହା ଭାବି ମୋତେ ଖୁବ୍ ହସମାଡ଼ିଲା । ମୁଁ ମୁହଁରେ ଲୁଗାଦେଇ ହସିବାକୁ ଲାଗିଲି । ବାପା କହିଲେ, "ତୁ ଏଇଠି ଥା; ମୁଁ ସେମାନଙ୍କୁ ଛାଡ଼ିଦେଇ ଆସେ ।" କବି ଆମ ପିତା-ପୁତ୍ରୀଙ୍କ ଉପରେ ମନ୍ତବ୍ୟ କଲେ ଓ ଅଧ୍ୟାପକଙ୍କଠାରୁ ଏହାଠାରୁ ଅଧିକ କ'ଣ ଆଶା କରାଯିବ ବୋଲି କହିଲେ । ବାପା ମଧ୍ୟ ଯଥେଷ୍ଟ କ୍ଷୁବ୍ଧ । ତାଙ୍କର କ୍ଷୋଭର କାରଣ ଯେ ସେମାନେ କବିଙ୍କ ପ୍ରଶ୍ନର ଉତ୍ତର ଦେଇ

Digitized by srujanika@gmail.com

ପାରିଲେ ନାହିଁ; ମାତ୍ର ପିତାଙ୍କର କଥା କହିପାରିଲେ । ରୁଷ-ଯାଦୁକର ଉପାଖ୍ୟାନ ଏହିପରି ଶେଷ ହେଲା ।

ମୋର ଯେତେଦୂର ମନେପଡ଼େ, ଏହି ସବୁ ଘଟଣା ଘଟୁଥିବାବେଳେ ମିର୍ଚ୍ଚା ୟୁକ୍ଲିଡ଼ ଆମ ଘରକୁ ଆସେ; କିନ୍ତୁ ମୁଁ ତାକୁ ଲକ୍ଷ୍ୟ କରି ନ ଥିଲି, ତା' ସହିତ କଥା ମଧ୍ୟ କହିନଥିଲି । ଗୋଟିଏ ଅପରାହ୍ଣ ମୋର ମନେପଡୁଛି– ବାପା ତାଙ୍କ ଲେଖିବା ଟେବୁଲ ପାଖରେ ବସିଥିଲେ । ତାଙ୍କରି ଆଡ଼କୁ ମୁହଁ କରି ବିପରୀତ ଦିଗରେ ବସିଥିଲା ସେ । ବାପା ମୋତେ ଡାକିପଠାଇଲେ, ପରିଚୟ କରାଇଦେଲେ– ଏ ମୋର କନ୍ୟା ଅମୃତା, ଆଉ ଏ ମୋର ଛାତ୍ର ମିର୍ଚ୍ଚା ୟୁକ୍ଲିଡ଼ । ସେ ଉଠି ଠିଆହେଲା ।

ମୁଁ ତାକୁ ମୁହୂର୍ତ୍ତକେ ଦେଖିନେଲି । ତା' ଆଖିରେ ମୋଟା ଚଷମା, ବିରଳ କେଶ, ଗାଲର ହାଡ଼ ଉଚ୍ଚ, ମୁହଁଟା ଚାରିକୋଣିଆ । ବିଦେଶୀମାନଙ୍କର ଏହି ଅଭ୍ୟାସଟା ମୋତେ ଖୁବ୍ ଭଲ ଲାଗେ । ସ୍ତ୍ରୀଲୋକ ଦେଖିଲେ ସେମାନେ ଉଠି ଠିଆହୋଇଯାଆନ୍ତି । ଆଉ ଆମ ଦେଶର ପୁଅମାନେ ଗୋଡ଼ ଉପରେ ଗୋଡ଼ ପକାଇ ବସିରହନ୍ତି; ସତେ ଯେପରି ଝିଅମାନଙ୍କର ଉପସ୍ଥିତି ଲକ୍ଷ୍ୟ କରନ୍ତି ନାହିଁ ।

ବାପା କହିଲେ, ''ୟୁକ୍ଲିଡ଼ ବର୍ତ୍ତମାନ ଯେଉଁଠି ରହୁଛି, ସେଠି ତାର ଖୁବ୍ ଅସୁବିଧା ହେଉଛି । ତା' ପାଇଁ ଆମ ଘରେ ଗୋଟିଏ ବଖରା ସଜାଡ଼ାସଜଡ଼ି କରିଦିଅ । ସେ ରହିବ ।''

ମୁହୂର୍ତକ ପାଇଁ ମୋ ମନଟା ଖରାପ ହୋଇଗଲା । ମୁଁ କହିଲି, ''ବାପା ! ଆମ ଘରେ କ'ଣ ଜଣେ ଇଂରେଜ ରହିବେ !'' ମୋ ଆପତ୍ତିରେ ବାପା ବିରକ୍ତ ହେଲେ ମଧ୍ୟ ଅତି ସାବଧାନତା ସହ ବଙ୍ଗଳାରେ କହିଲେ, ''ଇଏ ତ ଇଂରେଜ ନୁହଁନ୍ତି, ୟୁରୋପର ଗୋଟିଏ ଛୋଟ ଦେଶର ମଣିଷ । ଏହାଛଡ଼ା ଇଂରେଜ ହୋଇଥିଲେ କ'ଣ କ୍ଷତି ? ତୁମେ କ'ଣ ଏଭଳି ଶିକ୍ଷା ପାଇଛ ?''

ଏଥର ମୁଁ ମିର୍ଚ୍ଚା ୟୁକ୍ଲିଡ଼୍ ଆଡ଼କୁ ଚାହିଁଲି । ବିଦେଶୀ ନାଁ ବିଷୟରେ ମୋର ସେ ପର୍ଯ୍ୟନ୍ତ କୌଣସି ଅଭିଜ୍ଞତା ହୋଇନଥିଲା । ନଚେତ୍ ନାଁଟି ଶୁଣି ବୁଝିପାରିଥାଅନ୍ତି ଯେ ସେଟା ଆଙ୍ଗଲୋ-ସାକସନ୍ ନାଁ ନୁହେଁ । ଯାହାହେଉ, ଚେହେରା ଦେଖି ବୁଝିପାରିଲି ଯେ ସେ ଇଂରେଜ ନୁହେଁ । ଦେହ ଖୁବ୍ ଗୌରବର୍ଣ୍ଣ ହେଲେ ମଧ୍ୟ କେଶର ବର୍ଣ୍ଣ କୃଷ୍ଣ । ବ୍ୟାଚ ବ୍ରଗ କେଶ । ପାହାଡ଼ୀମାନଙ୍କ ପରି ଗାଲର ହାଡ଼ ଉଚ୍ଚ ।

ସେ ମୋତେ ଚକିତରେ ଥରେ ଅନାଇଁ ଆଖି ତଳକୁ କଲା ।

ମୁଁ ଇଂରେଜ ବୋଲି ୟୁକ୍ଲିଡ଼ର ରହିବାଟାକୁ କ'ଣ ଆପତ୍ତି କରିଥିଲି ? ଠିକ୍ ତା' ନୁହଁ– ଯଦିବା ଏପରି କହିବା ଶ୍ରେୟସ୍କର ମନେହୋଇଥିଲା ।

ଏହି ସମୟରେ କେତେକ ବିଦେଶୀ ଭଦ୍ରଲୋକ ଆମ ଘରକୁ ଯିବା-ଆସିବା କରୁଥିଲେ । କଲିକତାର 'ଏଲିଟ' ମାନଙ୍କ ସଂସ୍ପର୍ଶରେ ମଧ୍ୟ ଆମେ ଆସୁଥିଲୁ । ଏ ସବୁ

Digitized by srujanika@gmail.com

ପାଇଁ ଆମ ଗୃହସଜ୍ଜାର ଧୀରେ ଧୀରେ ପରିବର୍ତ୍ତନ ହେଉଥିଲା । ମୁଁ ଏସବୁରେ ଅଗ୍ରଣୀ ଥିଲି; କାରଣ ମୋ ମା' ଏସବୁ ଆଦୌ ପାରନ୍ତେ ନାହିଁ । ବାପାଙ୍କ ସହିତ ମୁଁ ପ୍ରାୟ ଏଗ୍‌ବାର୍ଟ ଏଣ୍ଡ କ ନାମକ ଏକ ନିଲାମ୍ ଦୋକାନକୁ ଯାଉଥିଲି ଓ ସେଠାରୁ ନୂଆ ନୂଆ ଆସବାବପତ୍ର ଆଣୁଥିଲି । ଦିଲ୍ଲୀ କାନ୍‌ପୁରର ପାଲିଶ୍‌କରା ପିତଳ ଜିନିଷ କବାଟର କଡ଼ାଠାରୁ ଆରମ୍ଭ କରି ଝରକାର ଛିଟିକିଣି ପର୍ଯ୍ୟନ୍ତ ସବୁକିଛି ମୋତେ ହିଁ ଆଣିବାକୁ ପଡୁଥିଲା । ଆମ ପରି ଅଧାସାହେବୀ ପରିବାର ପକ୍ଷରେ ଗୃହ ପରିଚ୍ଛନ୍ନ ରଖିବା ଖୁବ୍ କଷ୍ଟକର ଥିଲା । ପ୍ରକୃତରେ ଆମ ଘରେ ବହୁତ ଲୋକ ରହନ୍ତି । ଆମ ଗାଁରୁ ଆତ୍ମୀୟସ୍ୱଜନ ଆସି ଅଧିକାଂଶ ସମୟରେ ରହୁଥିଲେ । କିଏ ଆସନ୍ତି ରୋଗର ଚିକିତ୍ସା କରାଇବାକୁ, କିଏ ବା ଆସନ୍ତି ଗ୍ରହଣ ବେଳେ ଗଙ୍ଗାସ୍ନାନ କରିବାକୁ । କେହି କେହି ପୁଣି କାଳୀଙ୍କୁ ପୂଜା ଦେବାପାଇଁ ଆସୁଥିଲେ । ମୋ ମା' କାହାରିକୁ ହେଲେ ଫେରାଇ ଦେଉନଥିଲେ । ରୋଗର ଚିକିତ୍ସା କରାଇବାକୁ କେହି ଆସିଲେ ମା' ଦକ୍ଷା ନର୍ସପରି ତା'ର ଶୁଶ୍ରୂଷା କରୁଥିଲେ । ମା' ନିଜେ କେବେହେଲେ କାଳୀ ଦର୍ଶନ କରିବାକୁ ଯାଉନଥିଲେ; କାରଣ ତାଙ୍କର ପିତୃକୁଳ ଥିଲା ସଂପୂର୍ଣ୍ଣ ବ୍ରାହ୍ମଭାବାପନ୍ନ । କିନ୍ତୁ ଗାଁର କୌଣସି ବୃଦ୍ଧା ଆତ୍ମୀୟା କାଳୀ-ଦର୍ଶନ ଅଭିପ୍ରାୟରେ ଆସିଲେ, ମା' ସଙ୍ଗେ ସଙ୍ଗେ ତା'ର ବନ୍ଦୋବସ୍ତ କରିଦେଉଥିଲେ । ଏପରିକି ଆମର ଶେଭରଲେ ଗାଡ଼ିରେ ପ୍ରତିଦିନ ତାଙ୍କୁ କାଳୀ-ଦର୍ଶନ କରିବାକୁ ପଠାଉଥିଲେ । ଗାଡ଼ିରେ ପୁଣି ଗରାକୁ ଗରା ଗଙ୍ଗାପାଣି ଅଣାଉଥିଲେ । ଆମ ଦୁଆର ସର୍ବଦା ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଥିଲା । କିନ୍ତୁ ମୋ ପାଇଁ ଏସବୁ ବିଶେଷ ସୁଖପ୍ରଦ ନଥିଲା; କାରଣ ମୁଁ ଅଳ୍ପ କିଛି ଦିନ ହେଲା ନିଜ ପାଇଁ ଗୋଟିଏ ଘର ପାଇଛି– ଅବଶ୍ୟ ସଂପୂର୍ଣ୍ଣ ନିଜସ୍ୱ ନୁହେଁ । ମୋ ଘରେ ରାତିରେ ଶାନ୍ତି ଏବଂ ମୋର ଭଉଣୀ ସାବିତ୍ରୀ ଓରଫ ସାବି ଶୋଉଥିଲେ । ଯାହା ବି ହେଉ, ଘରଟି ମୋର ଥିଲା । ନିଜ ରୁଚି ଅନୁସାରେ ଘରଟି ସଜାଇଥିଲି । ଆସବାବପତ୍ର ଖୁବ୍ କମ୍ ଥିଲେ ମଧ୍ୟ ତଳଟି ଥିଲା ଚିକ୍‌କଣ ଧଳାକଳା ପଥରର ଠିକ୍ ଚେସ୍ ଖେଳ ଛକ ଭଳି । ଧୂପ ଓ ଫୁଲଗନ୍ଧରେ ଘରଟି ମହକୁଥିଲା । ଲୋକେ କହୁଥିଲେ– ଘର ତ ନୁହେଁ, ମନ୍ଦିର ! ମଝି କାନ୍ଥରେ ରବୀନ୍ଦ୍ରନାଥଙ୍କର ଗୋଟିଏ ଫଟୋ ଥିଲା । ମୁଣ୍ଡରେ ଟୋପି । ଆଶ୍ଚର୍ଯ୍ୟ ! ଘରର ଯେକୌଣସି ସ୍ଥାନରେ ରୁହ, ମନେହେବ, ସେ ତୁମକୁହିଁ ଚାହିଁରହିଛନ୍ତି । ତାଙ୍କ ଦୃଷ୍ଟି ଏଡ଼ାଇବାର ଉପାୟ ନାହିଁ ।

ଗାଁରୁ ଆତ୍ମୀୟ-ସ୍ୱଜନ ସେମାନଙ୍କ ଗଣ୍ଠିଲିପତ୍ର ଧରି ଆସିବା ମାତ୍ରେ ମୋତେ ମୋର ପେଡ଼ିପତ୍ର ଧରି ଘର ଛାଡ଼ିବାକୁ ପଡୁଥିଲା । କାରଣ ମୋ'ର ରୁମ୍‌ଟିହିଁ ଥିଲା ବଳକା । ସେମାନେ କାନ୍ଥରେ ହାତର ଦାଗ ଲଗାଇ, ପର୍ଦାରେ ହାତ ପୋଛି, ଟେବୁଲରେ ପାଣି ଛାଟ ମାରି, ଗ୍ରହଣସ୍ନାନ ପୁଣ୍ୟରେ ତୃପ୍ତ ହୋଇ ଯେତେବେଳେ ପ୍ରତ୍ୟାଗମନ କରୁଥିଲେ, ସେତେବେଳେ ପୁଣି ମୋତେ ନୂତନ କରି କର୍ମକ୍ଷେତ୍ରକୁ ଅବତରଣ କରିବାକୁ ପଡୁଥିଲା ।

Digitized by srujanika@gmail.com

ମୋ ମାଆ କିନ୍ତୁ ଏସବୁରେ ପୂରା ନିର୍ବିକାର ରହୁଥିଲେ । ବାହାର ବସ୍ତୁ ଅପେକ୍ଷା ମନୁଷ୍ୟହିଁ ତାଙ୍କ ନିକଟରେ ଅତ୍ୟନ୍ତ ମୂଲ୍ୟବାନ ଥିଲା । ମଣିଷ ମନରେ କଷ୍ଟ ଦେଇ ଗୃହସଜ୍ଜା ଅକ୍ଷୁଣ୍ଣ ରଖିବା କଥା ସେ କେବେହେଲେ ଭାବିପାରୁନଥିଲେ ।

କିନ୍ତୁ ମୋ ଉପରେ ଏହାର ପ୍ରତିକ୍ରିୟା ପଡୁଥିଲା । ସୁନ୍ଦର ସଜ୍ଜିତ ଘରେ ବସି କବିତା ଲେଖିବାକୁ ବା ପଢ଼ିବାକୁ ମୋତେ ଖୁବ୍ ଭଲଲାଗୁଥିଲା । ଆଉ ମଧ୍ୟ ମୋତେ କକାଙ୍କଠାରୁ ସ୍ୱାଧୀନତା ସଂଗ୍ରାମର କାହାଣୀ ଶୁଣିବାକୁ ଭଲଲାଗୁଥିଲା । ଏ ସଂଗ୍ରାମ ଆମର ଚତୁର୍ଦ୍ଦିଗରେ ଲାଗିରହିଥିଲେ ମଧ୍ୟ ଆମକୁ ତାହା ବାଧୁନଥିଲା । କକା ଥିଲେ ବାପାଙ୍କ ବଡ଼ବାପା-ପୁଅ ଭାଇ । ତାଙ୍କର ଘରେ ଏସବୁ ପ୍ରତି ଆଗ୍ରହ ଥିଲା । କକାଙ୍କ ବଡ଼ଭାଇ ଜେଲରେ ରହିଥିଲେ ବୋଲି ମୁଁ ଖୁବ୍ ଗର୍ବ ଅନୁଭବ କରିଥିଲି । ମୁଁ ମୋ ସହପାଠୀମାନଙ୍କୁ ତାଙ୍କ ବିଷୟରେ ଅନେକ କଥା କହୁଥିଲି । କିନ୍ତୁ ଆମ ଘରେ ମୋ ବାପା ଏସବୁ ସମର୍ଥନ କରୁନଥିଲେ । ଆଜି ଅତୀତ ମୋର ମନେପଡ଼େ, ସେତେବେଳେ ଅଧିକାଂଶ ଉଚ୍ଚଶିକ୍ଷିତ ଉଚ୍ଚବିତ୍ତ ଲୋକେ ସ୍ୱାଧୀନତାର ସମ୍ଭାବନା କଥା ମଧ୍ୟ ଚିନ୍ତା କରିପାରୁନଥିଲେ । ସେମାନେ ଥଟ୍ଟା କରି କହୁଥିଲେ, 'ଧେତ୍, ଏଇୟା କରି ଏମାନେ ଇଂରେଜକୁ ତଡ଼ିପାରିବେ ? ଆଦୌ ନୁହେଁ ।' କିନ୍ତୁ କ'ଣ କଲେ ଇଂରେଜମାନଙ୍କୁ ତଡ଼ାଯାଇପାରିବ, ସେ ବିଷୟରେ ସେମାନଙ୍କର କୌଣସି ଧାରଣା ନଥିଲା ।

ସ୍ୱଦେଶୀ ଆନ୍ଦୋଳନର ଦୁଃସାହସିକ ଘଟଣାସମୂହ ଆମ ଭଳି ଅଳ୍ପ-ବୟସ୍କ ବୟସ୍କାଙ୍କ ମନରେ ଏକ ମୋହ ସୃଷ୍ଟି କରିଥିଲା ।

ଦାଣ୍ଡିଯାତ୍ରା ଓ ସେକ୍ରେଟେରିୟାଟ୍‌ରେ ପ୍ରବେଶ କରି ସାହେବ-ନିଧନ ଇତ୍ୟାଦି ନାନା ଘଟଣାବଳୀର ଉତ୍ତାପ ପାରିବାରିକ ପ୍ରତିବନ୍ଧକତା ଅତିକ୍ରମ କରି ଆମ ମନକୁ ସ୍ପର୍ଶ କରୁଥିଲା । ଆମେ ଅନ୍ତତଃ ଗୋଟିଏ କାମ ଆରମ୍ଭ କରିଦେଇଥିଲୁ– ତାହା ହେଲା ସମ୍ପୂର୍ଣ୍ଣ ରୂପେ ବିଲାତି ଦ୍ରବ୍ୟ ବର୍ଜନ ।

ତେଣୁ କଥାଟା ଅର୍ଥାତ୍ 'ଘରେ ପୁଣି ଜଣେ ଇଂରେଜ କାହିଁକି ?' ଆଦୌ ଖାପଛଡ଼ା ନଥିଲା । କିନ୍ତୁ ପ୍ରକୃତ କାରଣ ଥିଲା ଘରଟି ଆଉଥରେ ବେଦଖଲ ହୋଇଯିବ ।

ବାପା ମୋତେ ନିଶ୍ଚିନ୍ତ କରି କହିଲେ, ''ତଳ ମହଲାର ଆଗପଟ ଘରେ ସେ ରହିବ । ଘରଟିକୁ ପାର୍ଟିସନ ଦ୍ୱାରା ଦୁଇଭାଗ କରିଦିଅ । ଗୋଟିଏ ପାଖରେ ୟୁକ୍ଲିଡ଼ ରହିବ; ଅନ୍ୟ ପାଖଟି ବାହାର ଲୋକଙ୍କର ବସାଉଠା ପାଇଁ ବ୍ୟବହାର କରାଯିବ ।''

ସେଦିନ ସନ୍ଧ୍ୟାବେଳେ ବାପା ମୋତେ 'ନ୍ୟାସନାଲିଜମ୍' ବହିଟି ଦେଇ କହିଲେ, ''ଏ ବହିଟି ପଢ଼ । ସବୁ ଇଂରେଜ କ'ଣ ଶତ୍ରୁ ? ଦିନ ଆସିବ ଯେତେବେଳେ ପ୍ରାର୍ଟିୟଟିଜମ୍ (ସ୍ୱଦେଶପ୍ରୀତି) ଅପରାଧ ବୋଲି ଗଣ୍ୟହେବ ।'' ମୁଁ ବହିକି ଦେଖିଲି; କିଛି ବୁଝିପାରିଲି ନାହିଁ । ମୋର ବୋଧଗମ୍ୟ ନ ହେଉଥିବା ବହି ମୋତେ ବାପା ପ୍ରାୟ ଦେଉଥିଲେ ପଢ଼ିବାକୁ ।

Digitized by srujanika@gmail.com

ନ ବୁଝି ପଢ଼ିବାକୁ ମୋତେ ବି ଭଲଲାଗୁଥିଲା । ବୁଝା ଅବୁଝା ଏକ ରହସ୍ୟମୟ ଜଗତ୍ ସୃଷ୍ଟି କରୁଥିଲା ମୋ ପାଇଁ ଯଦିବା ତାହ ମୋ ଧରାଛୁଆଁ ବାହାରେ, ତଥାପି ମୋ କବିତାର ତାହାହିଁ ପ୍ରେରଣା ଥିଲା ।

ଦୁଇ-ତିନି ଦିନ ଭିତରେ ସବୁ ବନ୍ଦୋବସ୍ତ ହୋଇଗଲା । ପାର୍ଟିସନ୍ ଦେଲେ ମଧ୍ୟ ଘରଟା ଦେଖିବାକୁ ଖୁବ୍ ଛୋଟ ନଥିଲା । ଖଟ, ଟେବୁଲ, ଚୌକି, ବେତର ସୋଫା, ପିୟାନୋ ଓ ଝୁଲ, ତାହା ସହିତ ଟେବୁଲ ଲ୍ୟାମ୍ପ– ଏସବୁ ଦେଇ ଘରଟି ମୁଁ ସଜାଇଦେଲି । ଘରଟି ମୋ ରୁମ୍‌ର ଠିକ୍ ତଳକୁ ଥିଲା ।

ସକାଳେ ଖାଇବା ଟେବୁଲ ପାଖରେ ବାପା ମିର୍ଚ୍ଚା ୟୁକ୍ଲିଡ୍ ସହିତ ନାନା ବିଷୟରେ ଆଲୋଚନା କରୁଥିଲେ । ଦିନେ ବାପା କହିଲେ, ‘‘ତୁମେ ଦୁହେଁ ମୋ ପାଖରେ ଶକୁନ୍ତଳା କାବ୍ୟ ପଢ଼ । ଏହା ଉପଭୋଗ୍ୟ ପୁସ୍ତକ । ହିତୋପଦେଶରୁ ସଂସ୍କୃତ ଶିଖି କିଛି ଲାଭ ନାହିଁ ।’’ତହିଁ ଆରଦିନଠାରୁ ଚଟେଇ ପାରି ଆମେ ସଂସ୍କୃତ ପଢ଼ିବାକୁ ବସିଲୁ । ଚଟେଇ ପାରି ମିର୍ଚ୍ଚା ଯେତେବେଳେ ପଢ଼ିବାକୁ ଆସୁଥିଲା ବଙ୍ଗୀୟ ଛାତ୍ରମାନେ ଈର୍ଷ୍ୟାମିଶ୍ରିତ ବିସ୍ମୟରେ ଆମକୁ ଲକ୍ଷ୍ୟ କରୁଥିଲେ । ମାତୃସ୍ଥାନୀୟା ବର୍ଷୀୟସୀମାନେ କୌତୂହଳୀ ହୋଇଉଠୁଥିଲେ । ବାପାଙ୍କର ଏସବୁ ପ୍ରତି ତିଳେ ଭ୍ରୂକ୍ଷେପ ନଥିଲା । କ୍ରମେ କ୍ରମେ ମିର୍ଚ୍ଚା ଆମ ପରିବାରର ଜଣେ ହୋଇଉଠିଲା । ବାପା ଆମ ଦୁଇଜଣଙ୍କ ମଝିରେ ଗୋଟିଏ ସୋଫାରେ ବସୁଥିଲେ । ମୁଁ ବାପାଙ୍କ ପାଖରେ ପଢ଼ିବା ସମୟରେ ଚଟେଇ ପାରି ବସିବାକୁ ଭଲପାଉଥିଲି । ମୁଁ ବୁଝିପାରୁଥିଲି ମିର୍ଚ୍ଚାକୁ ଚଟେଇରେ ବସିବାକୁ ଖୁବ୍ ଭଲଲାଗୁଛି । ଏଥିରେ ସେ ଏକ ନୂତନତ୍ୱର ସ୍ୱାଦ ପାଉଛି । ସେ ଆମ ସଙ୍ଗେ ଏକାତ୍ମ ହେବାକୁ ଚେଷ୍ଟା କରୁଛି । ସେ ପ୍ରତ୍ୟେକ ଜିନିଷକୁ ଦେଖେ, ନିରୀକ୍ଷଣ କରେ । ଆମର ସବୁକିଛି ଜାଣିବାକୁ ଚାହେଁ ଏବଂ ପ୍ରତ୍ୟେକଟି ବିଷୟର ଅର୍ଥ ଖୋଜି ବାହାରକରେ ।

ମା’ କହୁଥିଲେ, ‘‘ୟୁକ୍ଲିଡ୍ ଖୁବ୍ ଭଲପିଲା, ଭଦ୍ର, ଶାନ୍ତ, ବିନୀତ । ମିର୍ଚ୍ଚା, ତୁମେ ମୋତେ ମା’ ବୋଲି କାହିଁକି କୁହନି ? ମା’ ବୋଲି ଡାକିବ ।’’

ତା’ ପରଠାରୁ ସେ ମା’ ବୋଲି ଡାକିଲା; କିନ୍ତୁ ସେ ମୋତେ କହିଥିଲା– ତାଙ୍କ ଦେଶରେ ଏତେ ଅଳ୍ପବୟସୀ ଝିଅକୁ କେହି ମା’ କହନ୍ତି ନାହିଁ; ସେମାନେ ରାଗନ୍ତି । ସେତେବେଳେ ମୋ ମା’ଙ୍କ ବୟସ ବା କେତେ– ବତିଶ କି ତେତିଶ ହେବ । କିନ୍ତୁ ନାଲିଧଡ଼ିଆ ଶାଢ଼ି ପିନ୍ଧି, କପାଳରେ ସିନ୍ଦୂର ଏବଂ ପାଦରେ ଅଳତା ଲଗେଇ ମୋର ମା’ କେବଳହିଁ ମାତୃମୂର୍ତ୍ତି ହୋଇପାରିଛନ୍ତି । ତାଙ୍କ ବୟସ ବିଷୟରେ କିଏ ବା ଭାବେ ? କେଜାଣି ତାଙ୍କ ଦେଶଟା ତ ଭାରି ଅଦ୍ଭୁତ–ଅଳ୍ପବୟସ୍କା ବିବାହିତାଙ୍କୁ ମା’ କହିଲେ ରାଗନ୍ତି । ‘ମା’ ଡାକ ପାଇଁ ବୟସର ମାପକାଠି ଦରକାର କ’ଣ ?

Digitized by srujanika@gmail.com

ସକାଳବେଳା ଖାଇବା ଟେବୁଲରୁ ସମସ୍ତେ ଉଠି ଚାଲିଯାଆନ୍ତି । ଆମେ ବସି ବସି ଗପ କରୁ । ତା' ପରେ ଲାଇବ୍ରେରି ଦୁଆର ପାଖରେ ଠିଆହୋଇ କଥାବାର୍ତ୍ତା କରୁ କରୁ ଦୁଇଘଣ୍ଟା ବିତିଯାଏ । ବାପା ପାହାଚ ଓହ୍ଲାଇଗଲେ; କିନ୍ତୁ କିଛି କହିଲେ ନାହିଁ । ଏମିତି କେତେ ଦିନ ବିତିଛି । ଏପରିକି, ଆଡ୍‌ଡ୍‌ା କରି ସମୟ କାହିଁକି ନଷ୍ଟ କରୁଛି ବୋଲି କହନ୍ତି ନାହିଁ । ମୁଁ ଯଦି ମିଲୁ ବା ଗୋପାଳ ସହିତ ଗପ କରିଥାଆନ୍ତି, ତା' ହେଲେ ଅବଶ୍ୟ ସେ ମୋତେ ଗାଳିଦେଇଥାନ୍ତେ; କିନ୍ତୁ ମିର୍ଚ୍ଚା ୟୁକ୍ଲିଡ୍ ସହିତ ମୁଁ ନିଶ୍ଚୟ ଶାସ୍ତ୍ରାଲୋଚନା କରୁଛି; ପରସ୍ପରର ଉନ୍ନତି ହେଉଛି ।

ମୁଁ ହାତରେ ବହି ଧରି ଉପରୁ ଓହ୍ଲାଇଆସୁଛି–ମିର୍ଚ୍ଚା ମୋତେ ରାସ୍ତା ମଝିରେ ଅଟକାଇଲା– ''ତୁମେ କାଲି ପରା ଗୋଟେ ଦାର୍ଶନିକ କବିତା ଲେଖିଛ ?'' ମୁଁ କହିଲି ''ହଁ, ବାପା ମୋର କବିତା ନେଇ ଖୁବ୍ ଉଚ୍ଛ୍ୱସିତ ।'' ମୋ କବିତାରେ ଗୋଟିଏ ପଙ୍‌କ୍ତି ଥିଲା, 'ବାଲେର ଯବେ ହାରିଯେ ଯାବେ ମୁହୂର୍ତ୍ତ ନିମେଷ ।' ମୋ ବାପାଙ୍କୁ ଏ ପଙ୍‌କ୍ତିଟି ଖୁବ୍ ଭଲଲାଗିଛି । ଏହା ମଧ୍ୟରେ ନିହିତ ଥିଲା ଏକ ତତ୍ତ୍ୱ । ଦୁଇବର୍ଷ ତଳେ, ଅର୍ଥାତ୍ ମୋତେ ଯେତେବେଳେ ଚଉଦ ବର୍ଷ ବୟସ, ମୁଁ ଦିନେ ସନ୍ଧ୍ୟାବେଳେ ପୁରୀ ସମୁଦ୍ରକୂଳରେ ବସିଥିଲି । ହଠାତ୍ ମୋର ସେତେବେଳେ ମନେହେଲା, ସେଟା ସନ୍ଧ୍ୟା ନୁହେଁ, ସକାଳ । ସେଟା ମୋର ଏକ ଅଦ୍ଭୁତ ଅନୁଭୂତି । ମୁଁ କବିତାରେ ଲେଖିଥିଲି, 'ଲହମୋରେ, ଲହମୋରେ ମୋରେ ଚଲ ଲୟେ । ଆମାର ଏ ସ୍ୱପ୍ନସ୍ରୋତ ଯେଥା ଗେଲ ବୟେ ।' ସେ ଦେଶଟା କିପରି ? 'ଆଶାହୀନ ଭାଷାହୀନ ଶେଷ ଯେଥା ସବ୍ । ପାନ୍ଥହୀନ ପଥପରେ ନାହିଁ କଲେବର ଜନ୍ମହୀନ ମୃତ୍ୟୁହୀନ ନାହିଁ ରବେ କାଲେ; ନାହିଁ ରାତ୍ରି ନାହିଁ ଦିନ ନାହୟେ ସକାଲେ ।' ମୋ ପିତାଙ୍କ ମତରେ 'କାଳ' ସମ୍ପର୍କରେ ମୋର ଅନୁସନ୍ଧାନୀ ଚିନ୍ତା ରୀତିମତ ଶାସ୍ତ୍ରମୁଖୀ । ବାପାଙ୍କର ଉଚ୍ଛ୍ୱସିତ ପ୍ରଶଂସା ପାଇ ମୁଁ ନିଜକୁ ଖୁବ୍ ଗର୍ବିତ ମନେକରେ; କିନ୍ତୁ ବାପା ଯେତେବେଳେ ମୋତେ କବିତା ଲେଖିବାପାଇଁ ନିର୍ଦ୍ଦେଶ ଦିଅନ୍ତି, ସେତେବେଳେ ମୋତେ ଆଦୌ ଭଲଲାଗେ ନାହିଁ । ମୋର ମନେହୁଏ ତଦ୍ୱାରା କବିତାର ସ୍ୱାଭାବିକ ଗତି ବନ୍ଦହୋଇଯାଏ ।

ମିର୍ଚ୍ଚା ଈଷତ୍ ହସି କହିଲା, ''ତୁମର ବୟସ ତ ଏତେ କମ୍, ତୁମେ କି ଦାର୍ଶନିକ କବିତା ଲେଖିବ ?''

''ମୋର ବୟସ ଆଦୌ କମ୍ ନୁହେଁ– ତା' ଛଡ଼ା ମୁଁ ଦାର୍ଶନିକ ।''

''ତୁମେ ଦାର୍ଶନିକ ?''

''ହଁ ନିଶ୍ଚୟ ! ଯେ ଦେଖେ ବା ଦେଖିବାକୁ ଚାହେଁ, ସେ ତ ଦାର୍ଶନିକ; ମୁଁ ତ ଦେଖେ, ଦେଖିବାକୁ ଚାହେଁ ।''

''ତେବେ ଚାଲ, ତୁମର କବିତା ମୁଁ ଶୁଣିବି ।''

Digitized by srujanika@gmail.com

ମୁଁ ମିର୍ଚ୍ଚା ପଛେ ପଛେ ତା' ଘର ଭିତରକୁ ପ୍ରବେଶ କଲି । ମୁଁ ବଡ଼ ବେତ ଚୌକିଟାରେ ବସିଲି । ସେ ତା' ଖଟରେ ବସିପଡ଼ି କହିଲା, "ତୁମର ଦାର୍ଶନିକ କବିତା ବୁଝାଅ ।" ମୁଁ ଉତ୍ତର ଦେଲି, "ନା, ନା, ମୁଁ ରବୀନ୍ଦ୍ରନାଥଙ୍କ କବିତା କହିବି; ଶୁଣ ତାଙ୍କ ରଚିତ ନୂତନ କାବ୍ୟଗ୍ରନ୍ଥଟି ସେ ମୋତେ ଉତ୍ସର୍ଗ କରିଛନ୍ତି ।" ଚମକି ପଡ଼ି ମିର୍ଚ୍ଚା କହିଲା, "ଏଁ ! ସେ ତୁମକୁ ଉତ୍ସର୍ଗ କରିଛନ୍ତି ?" ମୁଁ ଉତ୍ତର ଦେଲି, "ଚମକିପଡ଼ିଲ କାହିଁକି ? ମୋତେ ଉତ୍ସର୍ଗ କରିବାରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?" ସେ ବିଶ୍ୱାସ କଲା, ଆଉ ମୁଁ ମନେ ମନେ ହସିଲି– ତାକୁ ଠକିଦେଇଛି– ପରେ ହୁଏତ କକାଙ୍କ ପାଖରୁ ସେ ସମସ୍ତ ଜାଣିନେବ ।

ଗୁରୁଦେବଙ୍କ କବିତାଟି ଆବୃତ୍ତି କଲି–

"ତୁମି କି ଶୁନେଛ ମୋର ବାଣୀ
ହୃଦୟେ ନିୟେଛ ତାରେ ଟାଣି
ଜାନିନା ତୋମର ନାମ, ତୋମାରେଇ ସଁପିଲାମ୍
ଆମାର ଧ୍ୟାନେର ଧନଖାନି ।"

କବିତାଟି ମୁଁ ଅନୁବାଦ କରି ଶୁଣାଇଲି । ଅନୁବାଦଟା ଭଲ ହେଲା ନାହିଁ । ଭ୍ରୂକୁଟି କଲା । ଅର୍ଥ ବୁଝିବାର ଚେଷ୍ଟା କଲା । ମୁଁ ଉଠି ଠିଆହୋଇଗଲି ।

ମୁଁ ଯେ ତାକୁ ଠକିଦେଇଛି, ସେ ତାହା ବୁଝିପାରିଛି, କହିଲା– "ତୁମ ନାଁ କାହିଁକି ଲେଖିଲେ ?"

"ସେ ସବୁ ଗୋପନୀୟ ।"

ଏଭଳି କଥାବାର୍ତ୍ତାରେ – ମିର୍ଚ୍ଚା ୟୁକ୍ଲିଡ୍ ବିଭ୍ରାନ୍ତ ହୋଇଯାଏ– ପ୍ରଥମତଃ ଭାଷା ଏକ ପ୍ରତିବନ୍ଧକ; ଦ୍ୱିତୀୟତଃ ଭାବ ମଧ୍ୟ ଅନ୍ୟ ଏକ ପ୍ରତିବନ୍ଧକ । ଆମେ ଯେ କ'ଣ ଚିନ୍ତା କରୁ, ତା' ସେ ବୁଝିପାରେନାହିଁ । ତୀକ୍ଷ୍ଣଦୃଷ୍ଟିରେ ସେ ଅଜ୍ଞାନ-ଅନ୍ଧାର ଭିତରେ କ'ଣ ଯେପରି ଦରାଣ୍ଡୁଥାଏ– କମ୍ପିତ କଣ୍ଠରେ ମନେହେଲା ସେ କହୁଛି, "ଧରାଦେବେନା ଅଧରା କାୟା, ରଚିଗେଲ ପ୍ରାଣେ ମୋହିନୀ ମାୟା– ମୋହିନୀ ମାୟା ?" କିଏ ଜାଣେ !

ମିର୍ଚ୍ଚା ଘରର ଠିକ୍ ଉପରଟା ଥିଲା ମୋର ଘର । ମୋ ଘର ସାମ୍ନାରେ ତଳୁ ଉପରକୁ ଉଠିଆସିଥିଲା ଏକ ମାଧବୀ ଲତା । ମୁଁ ସେଇ ମାଧବୀ ଲତାଟି ଧରି ଦୋହଲାଇ ଦଉଦଉ ବାଲ୍‌କନିରେ ଛିଡ଼ାହୋଇ ମିର୍ଚ୍ଚାକୁ ଅପେକ୍ଷା କରି ରହୁଥିଲି । ମୁଁ ଯେ ତା'ପାଇଁ ଅପେକ୍ଷା କରୁଛି, ସେଟା ପରିଷ୍କାର ବୁଝେ ନାହିଁ, କାରଣ ଜାଣିବାକୁ ଚାହେଁ ନାହିଁ; ତଥାପି ମୁଁ ଉତ୍କର୍ଣ୍ଣ– ସେ କାହିଁକି ଆସୁନି ? ଦେଖିବାକୁ ପାଇନି ନା କ'ଣ ? କ'ଣ କରିବି ତା' ହେଲେ–ଏଠି ଗୁଣୁଗୁଣୁ କରି ଗୀତ ଗାଇବି ? ଏ ଯେ ଅନ୍ୟାୟ ! ଅନ୍ୟାୟ ! ଏପରି ହେବା ତ ଭଲ ନୁହେଁ । ଦାର୍ଶନିକ ଯେ ସତ୍ୟାଶ୍ରୟୀ, ସତ୍ୟ-ସନ୍ଧାନୀ; ସେ କେବେହେଲେ

Digitized by srujanika@gmail.com

ଲୁଚକାଳି ଖେଳେ ନାହିଁ । ନୁହେଁ କି ? ମୁଁ ଲତାଟି ଧରିଛି– ମୋ ଅନ୍ତରଟା ମୃଦୁ କମ୍ପୁଛି ଆଶାରେ ଓ ଆଶଙ୍କାରେ । ଏହି ସମୟରେ ଖଦଡ଼ ପଞ୍ଜାବିପରିହିତ 'ମ' ବାବୁ ଉପସ୍ଥିତ ହେଲେ । ସେ ମୋର ଏକ ଆତ୍ମୀୟାଙ୍କ ଦିଅର । ମୁଁ ତା' ସହିତ କଥା କହେ, ତାହାହିଁ ସେ ଚାହୁଁଥିଲେ– ଯେହେତୁ ସେ ଆମର ଆତ୍ମୀୟ କହିଲେ ଚଳେ ।

''ନମସ୍କାର ।''

''ନମସ୍କାର ।''

''ଆସନ୍ତା ମାସରେ ମୁଁ ଲଣ୍ଡନ ଯାଉଛି ।''– 'ମ' ବାବୁ କହିଲେ ।

ମୁଁ କହିଲି, ''ଭଲକଥା ।''

''କେତେଦିନ ଯେ ଲାଗିବ ବ୍ୟାରିଷ୍ଟରି ପାସ୍ କରିବାକୁ !''

''ମନ ଦେଇ ପଢ଼ିଲେ ଆଦୌ ବେଶିଦିନ ଲାଗିବା କଥା ନୁହେଁ ।''

''ମୋ ମନ କ'ଣ ଆଉ ସେଠି ଲାଗିବ ?''

ସର୍ବନାଶ ! ପୁଣି ସେହି ପ୍ରଶସ୍ତିବୋଲା ଆରମ୍ଭ ହୋଇଯିବ । ମୁଁ ଏହିପରି ଖୋସାମଦ କରୁଥିବା ପୁଅମାନଙ୍କୁ ଆଦୌ ପସନ୍ଦ କରେ ନାହିଁ । ଏମାନଙ୍କ ସଂଖ୍ୟା ଖୁବ୍ କମ୍ ନୁହେଁ । ମୁଁ ଓ ମିଲୁ ଏମାନଙ୍କୁ ଥଟ୍ଟା କରୁ । କିନ୍ତୁ ଆଜି ମୋତେ ଡରମାଡ଼ୁଛି । ମିର୍ଚ୍ଚା ଯଦି ତା' ଘର ଭିତରୁ ବାହାରିଆସେ, ତେବେ ନିଶ୍ଚୟ ବିରକ୍ତ ହେବ । ଯାହା ଡରୁଥିଲି, ତାହାହିଁ ଘଟିଲା । ମିର୍ଚ୍ଚା ତା' ଘରୁ ପର୍ଦ୍ଦାଟେକି ବାହାରିଲା ଏବଂ 'ମ' ବାବୁଙ୍କୁ ଦେଖି ଭିତରକୁ ଚାଲିଗଲା । ଏଭଳି କରିବାଟା ଅଭଦ୍ରାମି ବୋଲି ଭାବିଲି । ସେ ଭଦ୍ରଲୋକ କ'ଣ ମନେକରିଥିବେ ! ମୋତେ ବଡ଼ ଅଡୁଆ ଲାଗିଲା ।

ମୁଁ 'ମ' ବାବୁଙ୍କୁ କହିଲି, ''ମା' ଉପରେ ଅଛନ୍ତି– ଆପଣ ତାଙ୍କ ନିକଟକୁ ଯାଆନ୍ତୁ ।'' ମୁଁ ତାଙ୍କୁ କୌଣସିମତେ ମା'ଙ୍କ ନିକଟକୁ ପଠାଇଦେଲି । ସେ କ୍ଷୁଣ୍ଣ ହୋଇ ଚାଲିଗଲେ ।

ମୋତେ ଖୁବ୍ କାନ୍ଦମାଡ଼ିଲା– ଏମାନଙ୍କ କଥା ଭାବିବାର ବା ଦରକାର କ'ଣ ? ଏମାନେ କ'ଣ ଭାବିଲେ, ସେଥିରେ ମୋର କିଛି ଯାଏ-ଆସେ ନାହିଁ । କେତେଦିନ ହେଲା ମୁଁ ଶାନ୍ତିନିକେତନ ଯାଇ ନାହିଁ । ସେଠାକୁ ନ ଗଲେ ମୋ ମନ ଶାନ୍ତ ହେବ ନାହିଁ । ଶାନ୍ତିନିକେତନର କୃଷ୍ଣଚୂଡ଼ା ଗଛ ତଳେ ପଥର ଫଳକରେ ଲେଖାଅଛି–

''ତିନିଇ ଆମାର ଆତ୍ମାର ଶାନ୍ତି, ତିନିଇ ଆମାର ପ୍ରାଣେର ଆରାମ ।''

ମହର୍ଷିଦେବ ଈଶ୍ୱରଙ୍କୁ ଚିହ୍ନିଥିଲେ, ସେ ତାଙ୍କର ପ୍ରାଣର ସୁଖ ଥିଲେ । ହେବ ପରା । ମୁଁ ତ ଈଶ୍ୱରଙ୍କୁ ଚିହ୍ନେ ନାହିଁ । ବାପା ସେହି ଥିଓଲିଜିୟାନ୍‌ମାନଙ୍କ ଯୁକ୍ତିକୁ ବୁଝାଉଥିଲେ । କାନ ଭିତରେ ଯେଉଁ ଯନ୍ତ୍ରଟା ନିପୁଣ ଭାବେ ତିଆରି ହୋଇଛି, ହ୍ୟାମର ଓ ଏନ୍‌ଭିଲ୍ ବସାହୋଇଛି, ସେଟା କ'ଣ ମନକୁମନ ହୋଇଛି ? କେହି ହେଲେ ତାକୁ ନିଶ୍ଚୟ କରିଛି । ସେ କ'ଣ ? ଏଇଟାଇ ତ ଈଶ୍ୱରଙ୍କ ଅସ୍ତିତ୍ୱର ଏକ ଅପ୍ରତ୍ୟକ୍ଷ ପ୍ରମାଣ ।

Digitized by srujanika@gmail.com

ସେମିତି କରି ହୁଏତ ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରମାଣିତ ହୋଇପାରେ; କିନ୍ତୁ ସେ ଈଶ୍ୱର କ'ଣ ପ୍ରାଣର ସୁଖ ହୋଇପାରିବେ ? ଯାହାକୁ ଦେଖି ଆଖି ଶୀତଳ ହୋଇଯାଏ, ଯାହାକୁ ଦେଖିଲେ ପବନ–ମଧୁର ହୁଏ– ଛି ! ଶ୍ରାଦ୍ଧର ମନ୍ତ୍ର ମନକୁ ଆସୁଛି କାହିଁକି କେଜାଣି–ପ୍ରକୃତରେ ଏଇଟା ତ ପ୍ରେମର ମନ୍ତ୍ର । ସେଦିନ ଷ୍ଟାର୍ ରୋଡ଼ର ବଡ଼ ନାଲିଘରକୁ ଆମେ ଯାଇଥିଲୁ । କଲିକତାର ସବୁ 'ଏଲିଟ୍' ଅତୁଲ ପ୍ରସାଦଙ୍କ ଗୀତ ଶୁଣିବାକୁ ଆସିଥିଲେ । ଅତୁଲ ପ୍ରସାଦ ସେନ୍ ହାରମୋନିୟମ ବଜାଇ ଗାଉଥିଲେ, "ତୁମି ମଧୁ, ତୁମି ମଧୁ, ତୁମି ମଧୁର ନିର୍ଝର, ମଧୁର ସାୟର ଆମାର ପରାଣ ବନ୍ଧୁ–" ସେ ନିଶ୍ଚୟ ଈଶ୍ୱରଙ୍କ କଥା କହୁଥିଲେ । ବୈଷ୍ଣବସାହିତ୍ୟରେ ବନ୍ଧୁ ତ ଈଶ୍ୱର; ଶ୍ରୀକୃଷ୍ଣ ଈଶ୍ୱର, ରାଧା ମଧ ଈଶ୍ୱର । ସମସ୍ତେ ଆଖି ବନ୍ଦ କରି ବସିଛନ୍ତି । କାହାରି କାହାରି ଆଖିରୁ ଲୁହ ଗଡ଼ୁଛି– କାହିଁକି ? ସେମାନେ କ'ଣ ଈଶ୍ୱରଙ୍କୁ ବୁଝିପାରୁଛନ୍ତି ? ଆଦୌ ନୁହେଁ । ମୁଁ ତ ଜାଣେ 'ଏଲିଟ୍' ହେଲେ କ'ଣ ହେବ–ପ୍ରତ୍ୟେକେ ମିଥ୍ୟାବାଦୀ ଆଉ ସ୍ୱାର୍ଥପର ! ମୋର ଯେତେଦୂର ଧାରଣା, ମିଥ୍ୟାବାଦୀମାନଙ୍କ ସହିତ ଈଶ୍ୱରଙ୍କର ସମ୍ପର୍କ ନାହିଁ । ଆଉ ମିଲୁ କଥା ଛାଡ଼ ! ଈଶ୍ୱର ତା' ପାଖାପାଖି ଯେ ନାହାନ୍ତି, ତା' ମୁଁ ଖୁବ୍ ଭଲକରି ଜାଣେ । ଗୀତଟା କିନ୍ତୁ ଖୁବ୍ ସୁନ୍ଦର ଗାଇଛନ୍ତି ଭଦ୍ରଲୋକ–ଖୁବ୍ ଦରଦୀ ଗଳା । ମୁଁ ଆଖି ବନ୍ଦ କରି ତାଙ୍କ ଆଡ଼କୁ ନ ଚାହିଁ ଶୁଣିଯାଉଛି । ଭଦ୍ରଲୋକଙ୍କ କଣ୍ଠଟି ଅପୂର୍ବ । 'ସ୍ୱରର ସୁରଧୁନୀ' ପ୍ରବାହିତ ହୋଇଗଲା ପରି ମନେହେଲା । ସେହି ସ୍ୱରର ଜ୍ୟୋତିରେ ମୋ ଅନ୍ତର ଆଲୋକିତ ହୋଇଗଲା । ମୋ ଆଖିରେ ଭାସିଉଠିଲା ଅନ୍ୟ ଏକ ସ୍ଥାନ- ଗୋଟିଏ ବାରନ୍ଦା, ଯାହାର ଏକ ପାର୍ଶ୍ୱରେ ରହିଛି ଇଉଷ୍ଟେରିଆ ଫୁଲଲତାଟିରୁ ଝୁଲୁଛି ପେନ୍ଥା ପେନ୍ଥା ନେଳି ଫୁଲ । ଟେବୁଲ ପାଖରେ ବସି ସେ ଲେଖୁଛନ୍ତି । ତାଙ୍କର ଶୁଭ୍ର କୁଞ୍ଚିତ କେଶ ଉପରେ ଉଷାର ଆଲୋକ ପଡ଼ିଛି । ଗୁଣୁଗୁଣୁ କରି ଗୀତ ବୋଲୁଛନ୍ତି– ଅନ୍ୟଗୀତ– କିନ୍ତୁ ମୋ ମନଭିତରେ ଦୁଇଟିଯାକ ଗୀତ ମିଳିମିଶି ଏକାକାର "ତଖନ ଅନଲେ ଅନଲେ ଜଲେ, ମଧୁ ପ୍ରବାହିନୀ ଚଲେ, ବଲେ ମଧୁରଂ ମଧୁରଂ ।"

ମୁଁ ଏହା କିପରି ଭୁଲି ରହିଥିଲି । ଗୋଟିଏ ମନୁଷ୍ୟ ବ୍ୟତୀତ ମୋର ଶାନ୍ତିର ଉତ୍ସ କିଏ ଅବା ପ୍ରାଣର ସୁଖ କିଏ ? କେହି ନୁହେଁ; ନ ହେବା ହିଁ ଉଚିତ । ମୋ ଭିତରେ କମ୍ପନର ସୃଷ୍ଟି । ମୁଁ କ'ଣ ନିଜ ସତ୍ୟକୁ ଲଂଘନ କରିଛି; ସେ ସତ୍ୟଟା କ'ଣ ? କ'ଣ ସେ ?

ମିର୍ଚ୍ଚା କ'ଣ ଯେ କରେ ? ଭାରି ଅଭଦ୍ର । ତା' ଘର ସାମନା ଦେଇ 'ମ' ବାବୁ ବାହାରିଗଲେ । ସେ ନିବିଷ୍ଟ ମନରେ ପୁସ୍ତକ ପଢୁଥିଲା; ଲକ୍ଷ୍ୟ କଲା ନାହିଁ । ବାହାରି ଆସିଲା ନାହିଁ କି ପଦେ କଥା ମଧ କହିଲା ନାହିଁ । ମୁଁ ଆଉ ତା' ଘରକୁ ଯିବି ନାହିଁ । ଆଜି ଏ ପ୍ରତିଜ୍ଞା ରକ୍ଷା କରିବି– କରିବି । ସେଥିରେ ଯଦି ତା' ସହିତ ପୂରା କଥା ବନ୍ଦ

Digitized by srujanika@gmail.com

ହୋଇଯାଏ–ହେଉପଛେ । ମାଧବୀ ଫୁଲ ପେନ୍ଥାଟିଏ ନେଇ ମୁଁ ଉପରକୁ ଚାଲିଲି । ଗଲାବେଳେ ତା' ଘରର ପର୍ଦ୍ଦା ଫାଙ୍କଦେଇ ଦେଖିଲି ସେ ବହି ପଢୁଛି । ମୁଁ ଫୁଲଟା ଗଳେଇଦେଲି ଘର ଭିତରକୁ ଓ ଚାଲିବାକୁ ଆରମ୍ଭ କଲି । ପଛରୁ ସେ ଡାକିଲା "ଅମୃତା ! ଅମୃତା !"

× × × ×

ମା' ମା' ମା' ଡାକ ମନେହେଲା ମହାସିନ୍ଧୁ ସେପାରିରୁ ଭାସିଆସୁଛି । ମହାସିନ୍ଧୁ ନୁହେଁ, ମହାଜଗତରୁ । ଅନାଇଁ ଦେଖିଲି– ମୋ ପୁଅ ମୋ ସାମନାରେ ଠିଆହୋଇଛି । ଟେଲିଫୋନ୍ ବାଜୁଛି । "ମା' ! ତୁମେ ଟେଲିଫୋନ୍ ଉଠାଇଲ ନାହିଁ ।" ଅତି କଷ୍ଟରେ ଟେଲିଫୋନ୍ ଉଠାଇଲି । ମୋ ହାତ ସ୍ଥବିର । ମନ ଅସ୍ଥିର । ଗୋଟିଏ ମୁହୂର୍ତ୍ତରେ ଏଡ଼େବଡ଼ ଦୂରତ୍ୱ କ'ଣ କେହି ପାରିହୋଇପାରେ ? ମୁଁ ବର୍ତ୍ତମାନ ଏଠି ନଥିଲି– କେବେହେଲେ ନଥିଲି ।

ଏଟା ତ ସ୍ମୃତି ନୁହେଁ । ମୋ ଶରୀର ଏଇ ଚୌକିରେ ଅବଶ୍ୟ ପଡ଼ିରହିଥିଲା । ମାତ୍ର ମୁଁ ମହାକାଳରେ ଅନୁପ୍ରବିଷ୍ଟ, ଯାହାର ସମ୍ମୁଖ ନାହିଁ କି ପଶ୍ଚାତ୍ ମଧ ନାହିଁ । 'ଯେଖାନେ ନାହିଁ ରାତ୍ରି ନାହିଁ ଦିବା ନା ହୟ ସକାଳ ।' ମୋର ମନ ଓ ଶରୀର ଏକାବେଳକେ ଦୁଇଟି ସମୟରେ ଉପସ୍ଥିତ । ଏହା ଅଲୌକିକ ହେଲେ ମଧ ପରମ ସତ୍ୟ । ଏହା ଶରୀରକୁ ଆଘାତ ଦିଏ– ତେଣୁ ମୁଁ ଅବସନ୍ନ । ମୋ ପୁଅ ତିରିଶ ବର୍ଷର ବୟସ୍କ ଯୁବକ । ସେ ଯେ କ'ଣ ଭାବୁଥିବ; କିନ୍ତୁ ତା'ର ସ୍ୱଭାବ ଅନେକଟା ତା ବାପାଙ୍କ ପରି । ମନକୁ ନ କହିଲେ ସେ କିଛି ପ୍ରଶ୍ନ କରେ ନାହିଁ । ଧୀରେ ଧୀରେ ସେ ଘର ଭିତରୁ ଚାଲିଗଲା । ତା'ର ଅପସୃୟମାଣ ମୂର୍ତ୍ତି ଆଡ଼କୁ ମୁଁ ଚାହିଁରହିଲି । କିଏ ଗଲା, କୁଆଡ଼େ ଗଲା, ଏହାପରେ କ'ଣ ମୁଁ କିଛି ବୁଝିପାରୁନାହିଁ । ମୋ ପୁତ୍ରବଧୂ ଟେଲିଫୋନ୍ ଉଠାଇଲା । ଯେ ଟେଲିଫୋନ୍‌ରେ ଡାକୁଥିଲା । ତାକୁ କହିଲା– "ମା' ଶୋଇପଡ଼ିଛନ୍ତି ।" ମାତ୍ର ତାଙ୍କର ଟେଲିଫୋନ୍ ନମ୍ବର ଜାଣିନେଲା । ମୁଁ ବୁଝିପାରିଲି ଲୋକଟି ସହିତ କଥା ହୋଇଥିଲେ ଭଲହୋଇଥାନ୍ତା । କଥା କହିଲେ ଏଣୁତେଣୁ କଥା କହିଦେଇଥାନ୍ତି ? ଲେଖା, ମୋ ପ୍ରିୟ ପୁତ୍ରବଧୂ, ମୋତେ ବିଶ୍ରାମ ନେବାକୁ ଅନୁରୋଧ କଲା । ମୁଁ ତାକୁ କହିଲି, ମୋର ତ କିଛି ହୋଇନିରେ ମା' ! ଧୀରେ ଧୀରେ ଆବୃତ୍ତି କଲି–

"ଦେଖି ତୁଲେ ତା'ର ବୁକେର ଆଚ୍ଛାଦନ
ସେଖାନେ ଏଖନଓ ବାସକରେ କିନା ମନ,
ହନ୍ୟମାନ ଏ ଶରୀରେର ମାଝେ ଯା'ର
ଅଜର ଅମର ସତ୍ତାର ସମ୍ଭାର,
ପଦେ ପଦେ ଗାୟ ଅସମ୍ଭବେର ଗାନ

Digitized by srujanika@gmail.com

ତାଇ ଶୁନ୍‌ତେଇ ଆଜୋ ପୋତେ ଆଛି କାନ୍ ।''

ଅସମ୍ଭବ, ଅସମ୍ଭବ ! ସବୁ କିଛି ମୋତେ ଅସମ୍ଭବ ମନେହେଉଛି । ଜୀବନଟା ତ ଅସମ୍ଭବର ସମ୍ଭାବନାରେ ପରିପୂର୍ଣ୍ଣ । ଏତେକାଳ ପରେ ମୋ ମନରେ ଏ ତୀବ୍ର ବେଦନା କାହିଁକି ! ଏତେ ରକ୍ତ କ୍ଷରଣ ହେଉଛି କାହିଁକି ?

ପୁତ୍ରବଧୂର ପୁନଶ୍ଚ ପ୍ରଶ୍ନ, ''ମା ! ଆପଣ ଆଖି ବନ୍ଦ କରି କ'ଣ କହୁଛନ୍ତି– ମନ୍ତ୍ରଜପ କରୁଛନ୍ତି କି ?''

''କବିତା କବିତା, ଅନେକ ଦିନ ପରେ କବିତା ଲେଖିବାକୁ ଚାହେଁ ।

ଶସ୍ତ୍ର ଛେଁଡ଼େନା, ଅଗ୍ନି ଦହେନା ଯାରେ
ଦେଖବ ତାରେଇ ଅଶ୍ରୁର ପାରାବାରେ
ପାଗଲେର ମତ ଦୁହାତ ବାଡ଼ାୟେ ଧରେ
ଅଧରା ପ୍ରାଣେର ଆବାର ସ୍ୱୟମ୍ବରେ
ଚଲୋ ଯାଇ ଦୂରେ ଯେଖାନେ ବାଁଡ଼ାଏ କାଲ
ଭେଙ୍ଗେଚୂରେ ଦିଏ ଝେଡ଼େ ଫେଲେ ଦିଓ୍ୱାଲ
ଶୁଧୁ ହାତେ ନିୟେ ମୁକ୍ତ ପ୍ରାଣେର ଦୀପ
ନୂତନ ବଧୂର କପାଲେ ପରାବେ ଟିପ–
ସେଖାନେ ଯାବଇ ଯେଖାନେ ରୟେଛେ ଥେମେ
ବାସରରାତ୍ରି, ଅବିଚଲ କାରୁ ପ୍ରେମେ......... ।''

ବର୍ତ୍ତମାନ ମୁଁ ବୁଝିପାରୁଛି । ମୋ ମନରେ ଦୂରକୁ ଯିବାର ଆକାଂକ୍ଷା ଏତେ ଦୁର୍ଦ୍ଦମନୀୟ ଯେ, ମୁଁ ଆକାଶରେ ଉଡ଼ି ଉଡ଼ି ଚାଲିଯିବାକୁ ଚାହେଁ । ଲେଖା ମୋତେ ହସି ହସି କହିଲା– ''ମା' ଶୋଇପଡ଼ନ୍ତୁ ।''

ସେଠରେଇ ଆସିଲାପରଠାରୁ ମୋର ପରିବର୍ତ୍ତନ ନିଶ୍ଚୟ ମୋ ସ୍ୱାମୀ ଲକ୍ଷ୍ୟ କରିଛନ୍ତି । ମୁଁ ସଂସାରର ପୂର୍ଣ୍ଣକର୍ତ୍ତ୍ରୀ ହେଲେ ମଧ୍ୟ ସଂପୂର୍ଣ୍ଣରୂପେ ଏମାନେ ଜାଣନ୍ତି ନାହିଁ । ମୋର ମଧ୍ୟ ଆଉ ଗୋଟିଏ ସତ୍ତା ଅଛି । କିନ୍ତୁ ଦୀର୍ଘ ଅଠତିରିଶ ବର୍ଷ ବିବାହିତ ଜୀବନରେ କେବେହେଲେ ଦ୍ୱନ୍ଦ୍ୱ ନାହିଁ । ମୋ ସ୍ୱାମୀ ଏ ବିଷୟରେ ମୋତେ କେବେହେଲେ କିଛି ପ୍ରଶ୍ନ କରିନାହାନ୍ତି, କାରଣ ତାଙ୍କ ଚରିତ୍ର ମହତ୍ । ସେ କେବଳ ଦେଇଜାଣନ୍ତି; ଦାବି କରି ଜାଣନ୍ତି ନାହିଁ । ତାଙ୍କୁ କୌଣସି ପ୍ରକାର ସଂଶୟ ମଧ୍ୟରେ ରଖିବା ଉଚିତ ନୁହେଁ । ତାଙ୍କଠାରୁ କିଛି ଲୁଚାଇବା ଠିକ୍ ନୁହେଁ । କିନ୍ତୁ ଏତେଦିନପରେ ମୁଁ କ'ଣ କହିବି ? ମିର୍ଚ୍ଚା ଲେଖିଥିବା ବହି ବିଷୟ ବା ମୁଁ କହିବି ମୋ ସ୍ୱାମୀଙ୍କୁ ? ଯାହା ସତ୍ୟ ଥିଲା, ତାହାହିଁ କ'ଣ ଯଥେଷ୍ଟ ନୁହେଁ ? ମିଛ ଲେଖାହୋଇଛି, ବହିଟିର ଭଲ ବିକ୍ରି ହେବ ବୋଲି । ଅଧୁନା ଅଶ୍ଳୀଳତା ନ ଥିଲେ ବହି ଭଲ ବିକ୍ରି ହୁଏ ନାହିଁ । କଦର୍ଯ୍ୟ ରୁଚିବିକାର, ଦେହବଦ୍ଧ ପ୍ରେମର ନିର୍ଲଜ୍ଜତା–

Digitized by srujanika@gmail.com

ସେ ତ ତୁମ ଦ୍ବେଶର ଅବଦାନ । ମିର୍ଚ୍ଚା ! ତୁମେ ମୋତେ ସେଇ ଅଶ୍ଳୀଳତା ଭିତରକୁ ଟାଣିନେଇଗଲ ? ସତ୍ୟର ଦାୟିତ୍ୱ ମୁଁ ନେଇପାରେ; ମାତ୍ର ମିଥ୍ୟାର ଦାୟିତ୍ୱ ବହନ କରିବା ଦୁଃସହ ନୁହେଁ କି ? ମୋର ଭବିଷ୍ୟତ ଅଛି, ଯଶ ଅଛି, ଖ୍ୟାତି ଅଛି । ପୁତ୍ରକନ୍ୟା ପରିପୂର୍ଣ୍ଣ ସଂସାର । ମୁଁ ଭାରତୀୟ ନାରୀ– ସୁନାମ ନଷ୍ଟ ହେଲେ ତ ମୃତ୍ୟୁରୁ ଅଧିକ । ତୀବ୍ର ଅପମାନ ମୋ ଶରୀର ଦହନ କରୁଛି । ମିର୍ଚ୍ଚା, ତୁମ ପୁସ୍ତକ ବିଂଶତି ଥର ପ୍ରକାଶିତ ହୋଇଛି । ସେ ପୁସ୍ତକର ପାଠକ ସହସ୍ର ସହସ୍ର । ସେମାନଙ୍କ ସମ୍ମୁଖରେ କ'ଣ ତୁମେ ମୋତେ ବିବସ୍ତ୍ରା କରିନାହଁ ? ଏଇ ତୁମ ପ୍ରେମ ? ପୁସ୍ତକଟି ମୁଁ ପଢ଼ିନାହିଁ; କାରଣ ତା'ର ଭାଷା ମୋତେ ଜଣାନାହିଁ । ମାତ୍ର ଯେତିକି ଶୁଣିଛି, ସେଥିରୁ ମୁଁ ଜାଣିଛି ଯେ ତୁମେ ମୋର ପ୍ରେମର ମୂଲ୍ୟ ଦେଇନାହଁ। ଥରେ ଯଦି ମିର୍ଚ୍ଚା ସଙ୍ଗେ ମୋର ଦେଖାହୁଅନ୍ତା, ତେବେ ଦେଖିନିଅନ୍ତି, କିନ୍ତୁ କାହା ସହିତ ମୁଁ କଳିକରିବି ? ଅନେକ–ଅନେକ ଦିନ ହୋଇଗଲା ତା' ମୁହଁ ମୋର ମନେପଡୁନାହିଁ । ମନେପଡୁଛି କେବଳ ବଗର ପରଭଳି ତା'ର ଗୋଡ଼ ଦୁଇଟା–ସେ ପାର୍ଟିସନ୍ କାନ୍ଥକୁ ଆଉଜି ବସି ଗୋଡ଼ ଦୁଇଟି ଲମ୍ବାଇ ଦେଉଛି । ମୁଁ ଝରକା ପାଖକୁ ଆସିଲି । ଆଜିକାଲି ଝରକାରେ ଆଉ ରେଲିଂ ରହୁନାହିଁ–ତା' ବଦଳରେ ଗ୍ରୀଲ୍ । ଗ୍ରୀଲ୍ ଧରି କ'ଣ କେହି ଠିଆହୋଇପାରେ । ଉନ୍ମୁଖ ମନ ଯେତେବେଳେ ଝରକାବାଟେ ଉଡ଼ିଚାଲିଯିବାକୁ ଚାହେଁ, ସେତେବେଳେ ଏଇ ରେଲିଂକୁ ମୁଠେଇ ଧରିଲେ ମନରେ ଶକ୍ତି ମିଳେ । ଶିଳ୍ପୀ ନନ୍ଦଲାଲଙ୍କ ଅଙ୍କିତ 'ବନ୍ଦିନୀ ସୀତା' ଝରକାର ରେଲିଂଟିଏ ଧରି ଠିଆହୋଇଛନ୍ତି । ମୋତେ ନିଜକୁ ଠିକ୍ ସେହିପରି ଲାଗିଲା । ଝରକାର ରେଲିଂ ଖୋଲିଦେଇ ମୁଁ ଯିବାକୁ, ଚାଲିଯିବାକୁ ଚାହେଁ । ସମୟର ସମୁଦ୍ର ପାରିହୋଇ ଚାଳିଶ ବର୍ଷର ସଂସାର, ଖ୍ୟାତି ଓ କର୍ତ୍ତବ୍ୟ ସବୁ କିଛି ଛାଡ଼ି ମୁଁ ଚାଲିଯିବି । ମିର୍ଚ୍ଚା, ମୁଁ କେବଳ ତୁମକୁ ଥରେ ଦେଖିବାକୁ ଚାହେଁ ।

× × × ×

କବିଗୁରୁ ରବୀନ୍ଦ୍ରନାଥ ବିଦେଶଯାତ୍ରା କରିବା ପାଇଁ ପ୍ରସ୍ତୁତ ହେଉଥିଲେ । ମୁଁ, ବାପା ଓ ୟୁକ୍ଲିଡ଼ ତାଙ୍କୁ ସାକ୍ଷାତ କରିବା ପାଇଁ ଶାନ୍ତିନିକେତନ ଯାତ୍ରାକଲୁ ଓ ସେଠାକାର ଗେଷ୍ଟହାଉସରେ ରହିଲୁ । ସକାଳୁ ଆମେ ତିନିହେଁ 'ଉତ୍ତରାୟଣ' ଯାଇ କବିଙ୍କ ସହିତ ଦେଖାକରିବା କଥା । ମୁଁ ଓ ମିର୍ଚ୍ଚା ଟିକିଏ ଆଗରୁ ବାହାରିଗଲୁ ଓ ଟେନିସ୍ କୋର୍ଟ ପାଖରେ ବାପାଙ୍କୁ ଅପେକ୍ଷା କରିବାରେ ଲାଗିଲୁ । ବାପାଙ୍କ ଆସିବାର ଡେରି ଦେଖି ଆମେ ଭାବିଲୁ ଯେ ସେ ବୋଧହୁଏ କ୍ଷିତିମୋହନ ସେନଙ୍କ ନିକଟରେ ଅଟକିଯାଇଛନ୍ତି । ଯାହାହେଉ ସେଥିରେ ଆମ ମନଦୁଃଖ ହୋଇନଥିଲା । ଶାନ୍ତିନିକେତନର ସେହି ସୁନ୍ଦର ସକାଳଟା ସତେ ଯେପରି ଆମକୁ ଆଲିଙ୍ଗନ କରିବାକୁ ଉଦ୍ୟତ– ''ତାର ଆକାଶଭରା କୋଲେ ଶୋଦେର ଦୋଲେ ହୃଦୟ ଦୋଲେ ।''

Digitized by srujanika@gmail.com

ବାପା ଆସି ପହଞ୍ଚିଲେ ଓ ଆମମାନଙ୍କୁ ତାଙ୍କ ସହିତ ଆଗେଇଯିବାକୁ କହିଲେ । ମୁଁ ସେ ଦୁହିଁଙ୍କୁ ଯିବାକୁ କହି, ବନ୍ଧୁମାନଙ୍କ ସହିତ ଦେଖାକରିବା ବାହାନାରେ ପଛରେ ରହିଗଲି । ପ୍ରକୃତରେ ଶାନ୍ତିନିକେତନରେ ମୋର କୌଣସି ବନ୍ଧୁ ନଥିଲେ । ମୁଁ ସେଠାକୁ ଦିନେ ଦୁଇଦିନ ପାଇଁ ଯାଉଥିଲି; ତେଣୁ ମୋର ସାଙ୍ଗ କେଉଁଠୁ ଆସିବେ ? ସେଠାରେ ଥିଲେ ମୋ ପାଇଁ ଜଣେ ହିଁ ବନ୍ଧୁ, ସେ ମୋର ପରମବନ୍ଧୁ ।

କବିଙ୍କ ନିକଟରୁ ଫେରି ବାପା ମିର୍ଚ୍ଚାକୁ ପୁସ୍ତକାଗାର ଦେଖାଇବାକୁ ନେଇଗଲେ । ଜ୍ଞାନ ପାଇଁ ତା'ର ପ୍ରବଳ ତୃଷ୍ଣା । ବାପା ତାଙ୍କର ଏହି ଛାତ୍ରଟି ପାଇଁ ଖୁବ୍ ଗର୍ବ କରୁଥିଲେ । କହିବାକୁ ଗଲେ ବାପାଙ୍କ ପ୍ରଦର୍ଶନୀରେ ଆମେ ଦୁହେଁ ଥିଲୁ ଦ୍ରଷ୍ଟବ୍ୟ ବସ୍ତୁ ।

କବି ଝରକାପାଖରେ ଗୋଟିଏ ଆରାମଚୌକିରେ ବସିଥିଲେ; ତାଙ୍କ ଦୃଷ୍ଟି ଥିଲା ବାହାର ଆଡ଼କୁ । ମୁଁ ନିଃଶବ୍ଦରେ ପ୍ରବେଶ କରି ଫୁଲପେନ୍ଥାଟିଏ ଗୋଡ଼ତଳେ ରଖିଦେଲି । ସେ ହାତ ବଢ଼ାଇ କହିଲେ ମୋ ହାତକୁ ଦିଅ ।

ମୋ ଆଡ଼କୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ହସି ହସି ପଚାରିଲେ, "କ'ଣ ! ସାହେବ ସହିତ ଏତେ କ'ଣ ଗପ କରୁଥିଲ ? ମନେହେଉଥିଲା କଥାର ଫୁଲଝୁରି । ସାହେବଙ୍କୁ ମୁଁ କହିଛି, ସ୍ତ୍ରୀ ଜାତି ବହୁତ ବେଶି କଥା କହନ୍ତି, ସେମାନଙ୍କର ସବୁ କଥା ବିଶ୍ୱାସ କରିବ ନାହିଁ ।" ମୁଁ ବୁଝିପାରିଲି, ଝରକାରୁ ସେ ଲକ୍ଷ୍ୟ କରିଛନ୍ତି ମୁଁ ଓ ମିର୍ଚ୍ଚା କଥୋପକଥନ ହେବାର ।

କବି ମୋତେ ଓ ମିର୍ଚ୍ଚାକୁ ନେଇ ପରିହାସ କଲେ । ମୋ ନୟନ ଅଶ୍ରୁରେ ପ୍ଲାବିତ ହେଲା । ମୁଁ ହତବାକ୍ ହେଲି । କବି ମୋ ମସ୍ତକରେ ଅଭୟ ହସ୍ତ ରଖି କହିଲେ, "ଅମୃତା ! ତୁମର ବୟସ ଅଳ୍ପ । ମନ ବିଚଳିତ କରନାହିଁ । ସେଟା ଆଦୌ ସ୍ୱାସ୍ଥ୍ୟକର ନୁହେଁ । ମନକୁ ସ୍ୱଚ୍ଛ, ସ୍ଥିର ଓ ଶାନ୍ତ ରଖ । ମନରେ ହୁଏତ ନାନାପ୍ରକାର ଛାୟା ପଡ଼ିବ; ମାତ୍ର ତୁମେ ତାକୁ ସହଜ ଭାବରେ ଗ୍ରହଣ କରିବ । ସତ୍ୟକୁ ସବୁବେଳେ ସହଜ ଭାବରେ ଗ୍ରହଣ କରିବ । ତେବେ ସବୁ ଜିନିଷରେ ଅପେକ୍ଷା କରିବାଟା ଭଲ– ଦିନେ-ନା-ଦିନେ ଫଳ ମିଳିବ । ଆଚ୍ଛା, ବର୍ତ୍ତମାନ ତୁମ ନିଜ କଥା ଟିକିଏ କହ । ତୁମର ସେ କୃଷ୍ଣଚୂଡ଼ା ଗଛଟା ଅଛି ?"

ମୁଁ କହିଲି, "ଆମେ ତ ସେ ଘର ଛାଡ଼ିଦେଇଛୁ ।"

ଆମେ ପୂର୍ବେ ଯେଉଁ ଘରେ ରହିଥିଲୁ, ସେଠାରେ ଗୋଟିଏ କୃଷ୍ଣଚୂଡ଼ା ଗଛ ଥିଲା । ବାଲ୍ୟକାଳରେ ସେହି ଗଛକୁ ବିଷୟବସ୍ତୁ କରି ମୁଁ ଗୋଟିଏ କବିତା ଲେଖିଲି । କବିଗୁରୁଙ୍କୁ ସେ କବିତା ଖୁବ୍ ଭଲଲାଗିଥିଲା । ମିର୍ଚ୍ଚା ସେ କବିତା ଶୁଣି ଆଶ୍ଚର୍ଯ୍ୟ ହୋଇ କହିଲା, "ପ୍ୟାନ୍‌ଥେଇଜ୍‌ମ ।" ଗଛକୁ ଗୋଟିଏ ଝିଅ ଭଲପାଏ– ଏହା ତାକୁ ଗଭୀର ଚିନ୍ତାରେ ପକାଇଥିଲା । ପ୍ରକୃତରେ ଏ କଥାର କିଛି ଗୁରୁତ୍ୱ ନଥିଲା, ଏ କେବଳ ମାତ୍ର କବିତ୍ୱ ।

Digitized by srujanika@gmail.com

ସେଦିନ ଗେଷ୍ଟହାଉସ୍‌କୁ ଟିକିଏ ଡେରିରେ ଫେରିଲି ବୋଲି ବାପା କ୍ରୋଧାନ୍ୱିତ ହୋଇ ବହୁତ ଗାଳିଦେଲେ । ବାସ୍ତବିକ ତା'ର କୌଣସି କାରଣ ନଥିଲା । ବାପା ରାଗିଗଲେ ତାଙ୍କ କାଣ୍ଡଜ୍ଞାନ ରହେ ନାହିଁ । ନିଜକୁ ବିପର୍ଯ୍ୟସ୍ତ ଓ ଅପଦସ୍ଥ ମନେକଲି । ମିର୍ଚ୍ଚା ମୋ ଆଡ଼କୁ କରୁଣ ଭାବରେ ଚାହିଁରହିଲା । ଏତେ ସୁନ୍ଦର ସକାଳଟା ନଷ୍ଟହୋଇଗଲା । କୌଣସି ଗୋଟିଏ ସୁନ୍ଦର ଜିନିଷକୁ ବିନାଶ କରିବାରେ ମୋ ବାପା ଥିଲେ ଅଦ୍ୱିତୀୟ । ଇନ୍ଦ୍ରଙ୍କ ସଭା ହୋଇଥିଲେ ମର୍ତ୍ତ୍ୟରେ ତାଙ୍କୁ ନିର୍ବାସନ ଦଣ୍ଡ ମିଳିଥାନ୍ତା । କିନ୍ତୁ ଏଟା ତ ଆଉ ଇନ୍ଦ୍ରସଭା ନୁହେଁ, ତାଙ୍କ ନିଜ ସଂସାର । ତାଙ୍କର ସବୁ ଅନ୍ୟାୟକୁ ସମସ୍ତେ ମୁଣ୍ଡପାତିସହିନେବା ଆମ ସଂସାରର ରୀତି ।

ସେଦିନ ଟ୍ରେନ୍‌ରେ ଫେରିଲାବେଳେ ବାପା କ୍ରମାଗତ ଶାନ୍ତିନିକେତନର ନିନ୍ଦା କରିବାକୁ ଲାଗିଲେ । ତାଙ୍କ ମତରେ ସେ ପ୍ରତିଷ୍ଠାନ ବେଶି ଦିନ ତିଷ୍ଠିବ ନାହିଁ । ସେ ସବୁ ଶୁଣିବାରେ ମୋର ମନ ନଥିଲା; ମୁଁ ଦିବାସ୍ୱପ୍ନରେ ମଗ୍ନ ଥିଲି । କାଳିଦାସ ବାବୁଙ୍କ କଣ୍ଠରେ ରବୀନ୍ଦ୍ରନାଥଙ୍କ ଅପୂର୍ବ ଗୀତ; 'ବୁକେ ଦୋଲେ ତା'ର ବିରହବ୍ୟଥାର ମାଲା– ଗୋପନ ମିଲନ ଅମୃତ ଗନ୍ଧ ଢାଲା' ମୋତେ ଖୁବ୍ ଭଲଲାଗିଥିଲା । ମୋର ମନହେଉଥାଏ ସତେ ଯେପରି ଟ୍ରେନ୍‌ର ଚକ ସେହି ଗୀତ ବୋଲି ବୋଲି ଚାଲିଛି ।

ଟ୍ରେନ୍‌ରେ ବାପା ବାଥ୍‌ରୁମ୍ ଗଲେ । ମିର୍ଚ୍ଚା ଆସି ମୋ ପଛରେ ଠିଆହେଲା । ଡାକିଲା– ''ଅମୃତା !'' ମୁଁ ଉତ୍ତର ଦେଲି, ''କହ'' । ସେ ପୁଣି କହିଲା, ''ମୋ ଆଡ଼କୁ ଚାହିଁ ଦେଖ ।'' ମୁଁ ମୁହଁ ଫେରାଇ ତାକୁ ଦେଖିଲି । ସେ ସ୍ଥିର ଅପଲକ ଦୃଷ୍ଟିରେ ମୋ ଆଡ଼କୁ ଅନାଇଁ ରହିଲା । ଦୃଷ୍ଟି ଥିଲା ସମ୍ମୋହିତ । ଆମେ ଦୁହେଁ ହସିପକାଇଲୁ । ସେ ମୋତେ ପ୍ରଶ୍ନ କଲା, ''ଏତେବେଳଯାଏ କ'ଣ ଭାବୁଥିଲ ?'' ''ମୁଁ ଗୋଟିଏ ଗୀତ ମନେ ପକେଇବାକୁ ଚେଷ୍ଟା କରୁଛି ।''

ବାପା ଇତିମଧ୍ୟରେ ବାହାରିଆସିଲେ । ପଚାରିଲେ, ''ତୁମେମାନେ କ'ଣ କଥା ହେଉଛ ?'' ମୁଁ କହିଲି, ''ବାପା, ୟୁକ୍ଲିଡ଼କୁ ସେ ଗୀତଟି ଅନୁବାଦ କରିଦିଅ- ଆମାର ଦିନ ଫୁରାଲେ, ବ୍ୟାକୁଲ ବାଦଲ ସାଁଝେ ।'' ବାପା କହିଲେ, ''ତୁମେ ନିଜେ ଅନୁବାଦ କରିପାରିବ ।'' ବାପା କବିତା ଆବୃତ୍ତି କରି ଚାଲିଲେ, ''ବୁକେ ଦୋଲେ ତା'ର ବିରହ ବ୍ୟାଥାର ମାଲା–ଗୋପନ ମିଲନ ଅମୃତ ଗନ୍ଧ ଢାଲା''......ବର୍ଷାର ବର୍ଣ୍ଣନା, ବିରହ କଥା ତ ଆପେ ଆପେ ଆସିବ । ବର୍ଷା ବିରହୀର ମନକୁ ସନ୍ତପ୍ତ କରେ । ବାପା ମେଘଦୂତର କଥା କହିବାକୁ ଲାଗିଲେ । ଏକଦିଗରେ ଅତି ବିରହ-ବ୍ୟଥା ଓ ଅନ୍ୟ ଦିଗରେ ଅଛି ଗୋପନ ମିଳନ । ମିଳନ ଓ ବିରହ ଏଇ ଦୁଇ ବିପରୀତ ଭାବ ଦ୍ୱାରା ଏକ ସଂପୂର୍ଣ୍ଣତା ବୁଝାଇବାର ଚେଷ୍ଟା ହୋଇଛି । ବିପରୀତ ଭାବ ରବୀନ୍ଦ୍ର କାବ୍ୟର ବୈଶିଷ୍ଟ୍ୟ; ବାପାଙ୍କର ସେ ବିଷୟରେ ଜ୍ଞାନ ଅଦ୍ଭୁତ ।

Digitized by srujanika@gmail.com

ମୁଁ ମିର୍ଚ୍ଚା ଆଡ଼କୁ ଚାହିଁ ବୁଝିଲି ବିରହ ଓ ମିଳନ କିପରି ଏକତ୍ର ରହେ । ମୁଁ ତା'ର ସୁନ୍ଦର ସଫେଦ କଣ୍ଠରେ ଅଦୃଶ୍ୟ ମାଳର ସୁଗନ୍ଧି ପାଉଛି । ''ଗୋପନ ମିଳନ ଅମୃତ ଗନ୍ଧେଇ ତାଲା'' । ମିର୍ଚ୍ଚା ଆମ ଘରକୁ ଆସିବାର କିଛିଦିନ ପରେ ଗୋଟିଏ ଘଟଣା ଘଟିଲା । ସେଟା ତା'ର ସ୍ୱତଃକୃତ । ଡାଇନିଂ ଟେବୁଲ୍‌ର ଗୋଟିଏ ପଟେ ମା', ଅନ୍ୟ ପଟେ ବାପା – ମଝିରେ ସେ ଓ ମୁଁ ମୁହାଁମୁହିଁ ବସିଛୁ । ଟେବୁଲ୍ ତଳେ ସେ ଧୀରେ ଧୀରେ ତା'ର ପାଦ ଆଣି ମୋ ପାଦ ଉପରେ ରଖିଲା । ମୁଁ ଭାବିଲି ତା' ପାଦଟା ହୁଏତ ଦୈବାତ୍ ଲାଗିଯାଇଛି । ମୋ ଶରୀର ଓ ମନରେ ବିଦ୍ୟୁତ୍ ସ୍ପର୍ଶ କଲା । ସେ ମୁହୂର୍ତ୍ତଟି ମୋ ପାଇଁ ପରମ ମୁହୂର୍ତ୍ତ । ମୋର ହଠାତ୍ ମନେହେଲା ସେ ଯଦି ମୋତେ ଛାଡ଼ି ଚାଲିଯାଏ ତେବେ ମୁଁ ବଞ୍ଚିବି କିପରି ? ସେଦିନ ଡାଇନିଂ ଟେବୁଲ୍‌ରୁ ସମସ୍ତେ ଉଠିଗଲା ପରେ ମୁଁ ମିର୍ଚ୍ଚାକୁ ପଚାରିଲି–

''ତୁମର ପାଦ କ'ଣ ହଠାତ୍ ଲାଗିଗଲା ?– କେବେହେଲେ ନୁହେଁ ।''

''ନା''

''ତୁମର ତ ବହୁତ ସାହସ । ଯଦି ବାପାଙ୍କ ଗୋଡ଼ରେ ଲାଗିଯାଇଥାଆନ୍ତା ।''

''କିଛି ହୋଇନଥାନ୍ତା । ମୁଁ ତାଙ୍କୁ ତତ୍‌କ୍ଷଣାତ୍ ପ୍ରଣାମ କରିଥାନ୍ତି ।''

''ତୁମେ ବୁଝିଥାଆନ୍ତ କିପରି ?''

ସେ ହୋ-ହୋ କରି ହସିପକାଇ କହିଲା– ''ତୁମର ବାପାଙ୍କ ପାଦ ଆଉ ତୁମ ପାଦ–ବୁଝିପାରିବି ନାହିଁ ?'' ଏହା କହି ସେ ତା'ର ପାଦ ଦୁଇଟା ଆଣି ପୁଣି ମୋ ଗୋଡ଼ ଉପରେ ରଖିଲା ।

ତେୟାଳିଶ ବର୍ଷ ପୂର୍ବର ଘଟଣା । କି ଆଶ୍ଚର୍ଯ୍ୟ, କି ବିସ୍ମୟ ! ମୁଁ ସେଇ ଟେବୁଲ ପାଖରେ ବସିଛି– ମୁଁ ତାକୁ ଦେଖିବାକୁ ପାଉଛି । ସେ ଗୋଟିଏ ପଞ୍ଜାବି ପିନ୍ଧିଛି, ତା' ଛାତିଟା ଖୋଲା, ତା'ର ସଫେଦ ଗଳାଟି ମୁଁ ଦେଖୁଛି– ହାତ ଦୁଇଟି ଟେବୁଲ ଉପରେ– ମୋ ହାତ ଧରିବାକୁ ସାହସ ନାହିଁ । ମୁଁ ଗୋଡ଼ ଦୁଇଟି ଘୁଞ୍ଚେଇ ନେବାକୁ ଚେଷ୍ଟା କରୁଛି– ପାରୁନାହିଁ, ପାରୁନାହିଁ– ଏ କି ଅନ୍ୟାୟ ? ଏ କ'ଣ ପାପ ? ବର୍ତ୍ତମାନ କ'ଣ କରିବି ? ମା' ଅନାତ୍ମୀୟ କୌଣସି ପୁରୁଷକୁ ସ୍ପର୍ଶ କରିବାକୁ ମନାକରିଥିଲେ– ତା' ହେଲେ ଶରୀର ନଷ୍ଟ ହୁଏ । କଥାଟା ଠିକ୍ । ମୋ ଶରୀର ଅବସନ୍ନ ହୋଇ ଆସୁଛି । କିନ୍ତୁ ସେ ଗୋଡ଼ ଘୁଞ୍ଚାଉନାହିଁ । ମୋ ପାଦ ଉପରେ ତାହା ଦୃଢ଼ ରୂପେ ରହିଛି, ଏବେ ମଧ୍ୟ ଏଠାରେହିଁ ।

ମୋ କପାଳ ଉପରେ କିଏ ଥଣ୍ଡା ହାତ ଦେଇ ମୋତେ ଯୁଗାନ୍ତର ନିଦ୍ରାରୁ ଉଠାଇଦେଲା । ଲେଖା ପାଖରେ ଠିଆହୋଇଛି । ସେ ଧୀରେ ଧୀରେ କହିଲା– ''ମା ! ଆପଣଙ୍କର କ'ଣ କେହି ନାହିଁ ଯାହାକୁ ମନର କଥା ସବୁ ଖୋଲି କହିବେ– ଭଉଣୀକୁ, ଝିଅକୁ, ବନ୍ଧୁକୁ ? ଆପଣଙ୍କର ଯାହା ହୋଇଛି କାହାକୁ ନକହିଲେ ତ ହେବ ନାହିଁ ।''

× × × ×

Digitized by srujanika@gmail.com

ସ୍ୱାଧୀନତା ଯୁଦ୍ଧର ନାନାରକମର ହୁଙ୍କାର ଶୁଣାଯାଉଛି– ହିଂସ୍ର ଓ ଅହିଂସ୍ର ! ପ୍ରେସିଡେନ୍‌ସି କଲେଜରେ ଗଣ୍ଡଗୋଳ ଲାଗିରହିଛି । ଦିନେ ଛାତ୍ରମାନେ ଅଧକ୍ଷ ଷ୍ଟେପ୍ଲଟନ୍‌ଙ୍କ ରକ୍ତ ଚାହିଁଥିଲେ । ମୋ ପିତା ଓ ତାଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଥିଲେ ମଧ୍ୟ ସେ ତାଙ୍କୁ ରକ୍ଷାକରିଥିଲେ । କଲେଜ ହତା ଭିତରେ ପୁଲିସ ଗୁଳିରେ ଜଣେ ଛାତ୍ର ଆହତ ହୋଇଗଲା । ଛାତ୍ରମାନେ ଉତ୍ତ୍ୟକ୍ତ ହୋଇ କଲେଜ ଘେରାଉକଲେ । ସେମାନେ ଅଧକ୍ଷଙ୍କୁ ମାରିଦେବାକୁ ଧମକାଇଲେ । ଅବଶ୍ୟ ସେତେବେଳକୁ ପୁଲିସ୍ ଚାଲିଯାଇଥିଲେ । ବାପା ମଧ୍ୟସ୍ଥତା କରି ଛାତ୍ରମାନଙ୍କୁ ଶାନ୍ତ କରାଇଲେ; ମାତ୍ର ସେମାନେ ଦାବିକଲେ ଯେ ଷ୍ଟେପ୍ଲଟନ୍ ଆହତ ଛାତ୍ରଟି ପାଖରେ କ୍ଷମାମାଗିବେ । ଅଧକ୍ଷଙ୍କୁ ନିରାପଦରେ ବାହାର କରି ଆଣିବା ଦାୟିତ୍ୱ ସେହି ସର୍ତ୍ତରେ ବାପା ହିଁ ନେଇଥିଲେ । ସେ ଭଦ୍ରଲୋକ କ୍ଷମା ମାଗିବେ କହି ବାପାଙ୍କ ସହିତ ଗାଡ଼ିରେ ଉଠିଲେ; ମାତ୍ର ଗାଡ଼ିରେ ଉଠିସାରି ମନାକରିଦେଲେ । ବାପା କହିଲେ–''ଠିକ୍ ଅଛି, ମୁଁ ଏଠାରେ ହିଁ ଓହ୍ଲାଇଯାଉଛି । ତୁମେ ଛାତ୍ରମାନଙ୍କ ସହିତ କଥାବାର୍ତ୍ତା କର ।'' ସାହେବ ବାପାଙ୍କୁ ଛାଡ଼ିଲେ ନାହିଁ; ବାପା ମଧ୍ୟ ଓହ୍ଲାଇଯିବାକୁ ଦୃଢ଼ପ୍ରତିଜ୍ଞ । ବାପାଙ୍କ କୋଟ୍ ଧରି ସାହେବ ଝୁଲିପଡ଼ିଲେ । ବାପା ନିରୁପାୟ ହୋଇ କୋଟ୍‌ଟି ଗାଡ଼ିଭିତରେ ରଖି ଓହ୍ଲାଇଗଲେ । ଖାଇବା ଟେବୁଲରେ ବାପା ଏହି ହାସ୍ୟକର କଥା କହୁଥିଲେ । ଆମେ ଖୁବ୍ ହସିଥିଲୁ । ମିର୍ଚ୍ଚା ଏସବୁ ଶୁଣିବା ପରେ ଠିକ୍ କଲା, ଆସନ୍ତା କାଲି ''ରିଭଲିଉସନ୍'' ଦେଖିବାକୁ ଯିବ ।

କୁହାବୋଲା ନାହିଁ, ସକାଳୁ ସେ ବାହାରିଗଲା । ସାରାଦିନ କଟିଗଲା । ସମସ୍ତେ ଉଦ୍‌ବିଗ୍ନ । ମା' ଘର ବାହାର ହେଉଛନ୍ତି, ପର ପିଲା ଯଦି ବିପଦରେ ପଡ଼ିଯିବ ! କାକା ଯେତେବେଳେ ପୁଲିସ୍‌ରେ ଖବର ଦେବେ ବୋଲି ବାହାରୁଛନ୍ତି, ସେତେବେଳେ ମୂର୍ତ୍ତିମାନ୍ ହାଜର । ଧୂଳିଧୂସରିତ, ଦିନସାରା ବୁଲି ବୁଲି ଶୁଖିଲା ଏବଂ ନିରତିଶୟ ହତାଶ । ଯେଉଁଠି ଯେଉଁଠି ପିକେଟିଂ ହେଉଛି ସେ ବୁଲୁଛି, ରାସ୍ତାରେ ରାସ୍ତାରେ ବିପଦର ସନ୍ଧାନ କରୁଛି; କିନ୍ତୁ କୌଣସି ବିପଦ ଆସିନାହିଁ । ଉପରୁ ଝରକା ଦେଇ କେହି ଜଣେ ଦହିହାଣ୍ଡି ଫୋପାଡ଼ିଲା, ସେଟା ମଧ୍ୟ ତା' ଦେହରେ ବାଜିଲା ନାହିଁ । ସ୍ୱଦେଶକୁ ଯାଇ କିଛି ଚିହ୍ନ ଦେଖାଇବ, ଏମିତି କିଛି ମଧ୍ୟ ଘଟିଲାନାହିଁ । ତା'ର ଭୟ ଯେତେବେଳେ ସେ ସ୍ୱଦେଶକୁ ଫେରିଯିବ ସେତେବେଳେ ସମସ୍ତେ କହିବେ, ଭାରତରେ ରିଭଲ୍ୟୁସନ୍ ହେଉଥିବା ସମୟରେ ସେ ନିଶ୍ଚୟ ଗାତରେ ଲୁଚି ରହିଯାଇଥିଲା । ସେ ଯେ ଭାରତକୁ ଆସିଛି, ତାହା ସେ ତା'ର ଦେଶବାସୀଙ୍କୁ କିପରି ବିଶ୍ୱାସ କରାଇବ– ଏଇଟାହିଁ ତା'ର ଏକ ଚିନ୍ତା । କାରଣ ତା' ଦେଶରୁ ଏଇ ପ୍ରଥମ କେହି ଭାରତକୁ ଆସିଲେ, ପୁଣି ଗୋରା ଚମଡ଼ା ମଧ୍ୟ ଯଥେଷ୍ଟ ଖରାରେ ପୋଡ଼ାଯାଇପାରୁନାହିଁ । ତେଣୁ ଦିନେ ସକାଳୁ ଉଠି ମସିଣାଟିଏ ଧରି ଛାତକୁ ଚାଲିଗଲା । ମୁହଁ ଉପରେ ଗୋଟିଏ ତଉଲିଆ ଘୋଡ଼େଇ ଦ୍ୱିପ୍ରହର ପର୍ଯ୍ୟନ୍ତ ଶୋଇରହିଲା । ତା'ପରେ ଉପରଓଳି ଦେହସାରା

Digitized by srujanika@gmail.com

ଫୋଟକା ହୋଇଗଲା । ଆମେ ସବୁ ହସୁଛୁ, ବିଶେଷ ସହାନୁଭୂତି ନାହିଁ । ମା' ଖୁବ୍ ଉଦ୍‌ବିଗ୍ନ । ଏ ପୁଅ ତ ପାଗଳାମି ଆରମ୍ଭ କରିଛି ! ମା'ଙ୍କ ପକ୍ଷରେ ୟୁରୋପର ଗୋଟିଏ ଦୁରନ୍ତ ପିଲାକୁ ସମ୍ଭାଳିବା କଷ୍ଟକର କଥା, ବିଶେଷକରି ଭାଷାଟି ଭଲଭାବେ ଜଣାନାହିଁ । ମା'ଙ୍କ ନିର୍ଦ୍ଦେଶାନୁସାରେ କାକା ମଲମ ଲଗାଇଦେଲେ ଏବଂ ମା'ଙ୍କର ଭର୍ତ୍ସନାଗୁଡ଼ିକ ଇଂରାଜୀରେ ଅନୁବାଦ କରି ଶୁଣାଇଲେ ।

ବାପା ପରେ ତାକୁ ବୁଝାଇଲେ, ''ଦେଖ ମିର୍ଜା, ତୁମେ ଯେ ଭାରତ ଆସିଛ, ଲୋକେ ତୁମ କଥା ଶୁଣି ବିଶ୍ୱାସ କରିବେ । ତୁମ ଭିତରେ ମଧ୍ୟ ପରିବର୍ତ୍ତନ ଆସିବ; ସେଇଟା ତ ଦରକାର । ଦେହର ରଙ୍ଗ ବ୍ରାଉନ୍ କରିବାକୁ ହେଲେ ଅନ୍ୟଠି ମଧ୍ୟ ଖରାରେ ଶୋଇ କରାଯାଇପାରେ–କିନ୍ତୁ ଅସଲ ପରିବର୍ତ୍ତନ କରିବ ଭାରତୀୟ ଦର୍ଶନ; ତୁମେ ଯାହା ପଢୁଛ ସେଥିରେ ହିଁ ରୂପାନ୍ତର ହେବ ।''

''ତା'ଛଡ଼ା ରିଭଲ୍ୟୁସନ୍ – ରିଭଲ୍ୟୁସନ୍ ଦେଖିବା ପାଇଁ ଦୌଡ଼ାଦୌଡ଼ି କରି ଲାଭ ନାହିଁ । ଭାରତରେ ବର୍ତ୍ତମାନ ସର୍ବତ୍ର ରିଭଲ୍ୟୁସନ୍ ଚାଲିଛି । ପିକେଟିଂ ଏବଂ ଲୁହବୁହା ଗ୍ୟାସ୍ ହିଁ କ'ଣ କେବଳ ଏକମାତ୍ର ଦ୍ରଷ୍ଟବ୍ୟ ବସ୍ତୁ ? ଏଇ ଯେ ତୁମେ ଆମ ଘରେ ଅଛ, ଏଇଟା ତ ଗୋଟେ ରିଭଲ୍ୟୁସନ୍ – ମୋ ବାପାଙ୍କ ଘରେ କ'ଣ ରହିପାରିଥାଆନ୍ତ ? ତାହାହେଲେ ମୋ ସ୍ତ୍ରୀ ତୁମ ସାମନାକୁ ମୁଣ୍ଡରେ ଓଢ଼ଣା ଟାଣି ବାହାରିଥାଆନ୍ତା । ଆଉ ଏଇ ଅମୃତା–ପୁଅଙ୍କ କଲେଜକୁ ଯାଇ କବିତା ପଢୁଛି– ଏହା କ'ଣ କେବେହେଲେ ସମ୍ଭବ ହୋଇପାରନ୍ତା ? ତୁମର ବାସନ ଅଲଗା ହୋଇଥାଆନ୍ତା, ତୁମେ ଛୁଇଁଥିବା ଭାତ ଫୋପଡ଼ା ହୁଅନ୍ତା–ସେ ଏକ ନାଟ । ସେ ଅବସ୍ଥା ସଙ୍ଗେ ବର୍ତ୍ତମାନକୁ ତୁଳନା କଲେ ଆଜି ଏହି ସାରା ଘରଟାହିଁ ଗୋଟିଏ ରିଭଲ୍ୟୁସନ୍ ।''

ସାହିତ୍ୟ ପରିଷଦର ବଡ଼ଏକ ସାହିତ୍ୟ ସଭା ହେବ । ପ୍ରଥମ ଥର ପାଇଁ ମୁଁ ସ୍ୱରଚିତ ଗଦ୍ୟପ୍ରବନ୍ଧ ପଢ଼ିବି । ବିଷୟବସ୍ତୁ– ''ସୁନ୍ଦରର ସ୍ଥାନ କେଉଁଠି ?'' ସୁନ୍ଦର କ'ଣ ବାହାରେ ଅଛି ? ଅବା ମଣିଷର ମନ ମଧ୍ୟରେ ? କଥାଟି ନେଇ ଏତେ ବୁଲାଇବା ଦରକାର କ'ଣ ? ସୁନ୍ଦର କେବେହେଲେ ବହିର୍ବସ୍ତୁ ହୋଇନପାରେ । ସୌନ୍ଦର୍ଯ୍ୟ ଜଣେ ଦେଖେ ତା'ର ନିଜ ଆଖିରେ । ବହୁ ପରିଶ୍ରମ କରି ରଚନାଟିକୁ ଲେଖିଥିଲି । ରବୀନ୍ଦ୍ରନାଥଙ୍କର ସେହି ସଭାରେ ସଭାପତିତ୍ୱ କରିବାର ଥିଲା; ମାତ୍ର ସେ ହାଇଦ୍ରାବାଦ ଯାଇ ଅସୁସ୍ଥ ହୋଇପଡ଼ିଥିବାରୁ ଆସିପାରିନଥିଲେ । ଆରମ୍ଭ ହେଲା ତାଙ୍କର ନିନ୍ଦା ।

ମୋର ମନଟା ବିକ୍ଷୁଣ୍ଣ, ଯଦିବା ସେଦିନ ମୁଁ ପ୍ରଚୁରଭାବେ ପୁରସ୍କୃତ ହୋଇଛି । ମୁଁ ଥିଲି କନିଷ୍ଠ ସାହିତ୍ୟିକା । ଜ୍ୟେଷ୍ଠା ଥିଲେ ମାନକୁମାରୀ ବସୁ, ମଧୁସୂଦନଙ୍କ ଭାଇର ଝିଅ । ବିଧବାର ଧଳା ଥାନ ଶାଢ଼ି ପିନ୍ଧି, ଖାଲି ପାଦରେ ସେ ସଭାମଞ୍ଚରେ କବିତା ପଢ଼ିଲେ । ଦୁଇ

Digitized by srujanika@gmail.com

ଯୁଗର କି ପରିବର୍ତ୍ତନ ! ମୁଁ ଭାବୁଥିଲି, ମିର୍ଚ୍ଚା ଏହି ରିଭଲ୍ୟୁସନ୍‌ଟି ଦେଖିଥିଲେ ବୁଝିପାରିଥାଆନ୍ତା ।

ଘରକୁ ଫେରି ଦେଖେ ଯେ ସେ ଚୁପ୍‌ଚାପ୍ ବସିଛି । ଏଠାରେ ସେ ଏକା, ମୋ ଛଡ଼ା ସାଙ୍ଗସାଥୀ କେହି ନାହାଁନ୍ତି; ତେଣୁ ତାକୁ କହିଲି, ''ଚାଲ, ବାରଣ୍ଡାରେ ବସି ଗପ କରିବା ।'' ନାନା କଥା ମଧ୍ୟରେ ମିର୍ଚ୍ଚା ପଚାରିଲା, ''ତୁମେ ଏତେ ବିଷଣ୍ଣ କାହିଁକି ?'' ମୁଁ ତାକୁ ସଭାରେ ଯାହାସବୁ ହୋଇଛି, କହିଲି– ସଭାରେ କବିଗୁରୁଙ୍କର ନିନ୍ଦା କରାଯାଇଛି । ଏଥିରେ ତା'ର ବିଷଣ୍ଣ ହେବାର କଥା । ଦୁଇଚାରିଟା କଥା ପରେ ସେ କହିଲା, ''ଜଣେ ସତୁରି ବର୍ଷର ବୁଢ଼ା ମଣିଷକୁ ତୁମଭଳି ଛୋଟ ଝିଅଟିଏ ଏତେ ଭଲପାଏ କିପରି ?''

ରାଗରେ ମୋ କାନ ଗରମ ହୋଇଗଲା– ''କାହିଁକି ?'' ବେଶି ବୟସ ହେଲେ ମଣିଷ କ'ଣ ସ୍ନେହ ପାଇବାର ଅଯୋଗ୍ୟ ହୋଇଯାଏ ?'' ସେ ଟିକିଏ ଉତ୍ତେଜିତ ହୋଇ କହିଲା, ''ଦେଖ ଅମୃତା–ହୁଏତ ତୁମେ ନିଜକୁ ଚିହ୍ନିନାହଁ । ନହେଲେ ତୁମେ ନିଜକୁ ଠକାଅ, କାରଣ ସତ୍ୟ ଲେଖିବାକୁ ତୁମର ସାହସ ନାହିଁ, କିମ୍ବା ଜାଣିଶୁଣି ମିଛ କହୁଛ ।''

''ମିର୍ଚ୍ଚା, ତୁମେ ଚୁପ୍‌କର । ମୋ ମୁଣ୍ଡ ଖୁବ୍ ବୁଲାଉଛି ।''

ବାପା କହିଲେ, ''ରୁ (ମୋର ଡାକ ନାଁ), ତୁମେ ମିର୍ଚ୍ଚା ପାଖରୁ ଫରାସୀ ଭାଷାଟା ଶିଖିନିଅ । ଫରାସୀ ଭାଷା ନ ଶିଖିଲେ ସମ୍ପୂର୍ଣ୍ଣତା ଆସେନାହିଁ ।'' ମୋର ଶିକ୍ଷାଦୀକ୍ଷା ପାଇଁ ବାପାଙ୍କର ଯଥେଷ୍ଟ ପ୍ରଚେଷ୍ଟା ଥିଲା । ଗୀତ, ବାଦ୍ୟ ଓ ଚିତ୍ରାଙ୍କନ ଶିଖାଇବାର ବ୍ୟବସ୍ଥା ବାପା କରିଛନ୍ତି । ମୋତେ ଏସବୁ କିଛି ମାତ୍ର ଭଲଲାଗେନାହିଁ । ମୋତେ କେବଳ କବିତା ବହି ହାତରେ ଧରି ଝରକା ପାଖରେ ବସିରହିବାକୁ ଭଲଲାଗେ ।

ମିର୍ଚ୍ଚା ମୋତେ ଫରାସୀ ପଢ଼ାଇବ– ମୁଁ ତାକୁ ବଙ୍ଗଳା ଶିଖାଇବି– ଚମତ୍କାର ବ୍ୟବସ୍ଥା । କାହିଁକି କେଜାଣି, ପଢ଼ାପଢ଼ିରେ କିନ୍ତୁ ଆମେ ଆଦୌ ଅଗ୍ରସର ହୋଇପାରିଲୁ ନାହିଁ ।

ମିର୍ଚ୍ଚା ଘରେ ବସି ଆମେ ପଢୁ । ରାତିରାତି ଆମେ କବିତା ପଢୁ । 'ବଲାକା' କାବ୍ୟଗ୍ରନ୍ଥରୁ ମୁଁ କବିତା ପଢ଼ି ଶୁଣାଏ । ଭାଷାନ୍ତର କରି ତାକୁ କବିତା ବୁଝାଇବା ମୋ ପକ୍ଷରେ ଖୁବ୍ କଷ୍ଟକର । ଗୋଟିଏ କବିତା ସେ ବୁଝିପାରେ, ସେଟା ତାକୁ ଖୁବ୍ ଭଲଲାଗେ ।

''ପାଖୀରେ ଦିୟେଛ ଗାନ ପାଖୀ ଗାୟ ଗାନ ।
ତା'ର ବେଶି କରେନା ସେ ଦାନ ।
ଆମାରେ ଦିୟେଛ ସ୍ବର ଆମି ତା'ର ଓ ବେଶି କରି ଦାନ,
ଆମି ଗାଇ ଗାନ ।''

''ଦୁଃଖ ଖାନି ଦିଲେ ମୋର ତପ୍ତଭାରେ ଥୁୟେ
ଅଶ୍ରୁଜଲେ ତାରେ ଧୁୟେ ଧୁୟେ,
ଆନନ୍ଦ କରିଆ ତାରେ ଫିରାୟେ ଆନିୟା ଦିଇହାତେ
ଦିନଶେଷେ ମିଲନେର ରାତେ ।''

Digitized by srujanika@gmail.com

ଏ କବିତା ମୁଁ ପଢ଼େ; ତଥାପି ବୁଝିବାର ବୟସ ହୋଇନାହିଁ, ତେବେ ଆନନ୍ଦ ଏବଂ ଦୁଃଖ ଯେ ମିଳିମିଶି ଏକାକାର ହୋଇଯାଏ, ଏଇ ପର୍ଯ୍ୟନ୍ତ ମୁଁ ବୁଝିପାରେ ।

ଦିନେ ଦିନେ ବେଶି ରାତି ପର୍ଯ୍ୟନ୍ତ ଆମେ ପଢୁ । ନ, ଟା, ଦଶଟା–କେହି କିଛି କହନ୍ତି ନାହିଁ । ବାପା ମା' କିଛି କହନ୍ତି ନାହିଁ; କିନ୍ତୁ ମୋତେ ସଙ୍କୋଚ ଓ ଅସ୍ୱସ୍ତି ଲାଗେ– କିଏ ଯଦି କିଛି ଭାବିବ ! ମୁଁ ଦେଖିଛି ଭୃତ୍ୟମାନଙ୍କ ଆଖିରେ କୌତୂହଳ ଏବଂ ମୋର ଏଗାର ବର୍ଷର ସାନଭଉଣୀ ଆଖିରେ ସନ୍ଦେହ ଓ ତୀକ୍ଷ୍ଣତା । ସାବିଟି ଖୁବ୍ ଭଲପିଲା; କିନ୍ତୁ ତା'ର ଅଭିଯୋଗ– ଦିଦୀକୁ ସମସ୍ତେ ଭଲପାଆନ୍ତି, ମିର୍ଜା ମଧ୍ୟ । ତେଣୁ ସାବି କହୁଛି, ସେ ମଧ୍ୟ ତାକୁ ବଙ୍ଗଳା ପଢ଼ାଇବ । ଭଲ ତ ! ତା' ପାଖରେ ପଢ଼ିଲେ ବା ବିଦ୍ୟା ହୋଇପାରେ– ଆମର ପଢ଼ାଶୁଣା ତ ବିଶେଷ ଅଗ୍ରସର ହେଉନାହିଁ । ତଥାପି ମାଷ୍ଟର ମହାଶୟଙ୍କ ପାଖରେ ସଂସ୍କୃତ ପଢ଼ାହୁଏ । ମିର୍ଜା ଖୁବ୍ ଧାତୁରୂପ ମୁଖସ୍ଥ କରୁଛି; ସେ ମୋତେ ପରାସ୍ତ କରିବ । ମୋର ତା' ଭଳି ଅଧ୍ୟବସାୟ ନାହିଁ ।

ଆମେ ଘରେ ଅନେକ ଲୋକ ଏକାଠି ରହୁ । ସେଥିପାଇଁ ତ ତା'ପରି ସମ୍ପୂର୍ଣ୍ଣ ବିଦେଶୀକୁ ମଧ୍ୟ ଘରର ସମସ୍ତେ ନିଜର କରିନେଇଛନ୍ତି ।

କାକା ମୋତେ ଖୁବ୍ ସ୍ନେହ କରନ୍ତି । ଆମେ ଯେତେବେଳେ ମାଷ୍ଟର-ମହାଶୟଙ୍କ ପାଖେ ପଢୁ– ସେ ନାନା ମଜା କରନ୍ତି ଏବଂ ଆମେ ଦୁଇଜଣ ହସିହସି ହଇରାଣ ହୋଇଯାଉ ।

ଉପରକୁ ଯିବାକୁ ବାହାରୁଛି, ମୋ ମଝିଆଁ ମାଉସୀ ଭ୍ରୂକୁଟି କଲେ । ସେ ଗତ କାଲି ଆସିଛନ୍ତି । ଗତ କାଲିଠାରୁ ହିଁ ତାଙ୍କର ସନ୍ଦିଗ୍ଧ ଦୃଷ୍ଟି ମୁଁ ଦେଖୁଛି; କି ବିରକ୍ତିକର ! ମାଉସୀ କହିଲେ, ''ସେହି ସାହେବ ଟୋକାଟା ସଙ୍ଗେ କ'ଣ ଏତେ ହସୁଥିଲୁ ?''

ମୁଁ ମଧ୍ୟ ଦବିଯିବାର ପାତ୍ରୀ ନୁହେଁ, ''ସାହେବ ଟୋକା ପୁଣି କ'ଣ ? ତା'ର କ'ଣ ନାଁ ନାହିଁ ?''

''ଇସ୍, ନାଁ ! ଟିକିଏ ବେଶି ଅସଭ୍ୟ ହୋଇଯାଇଛୁ । ନରେନ୍ ବାବୁ (ମୋ ବାପା) ମୁଣ୍ଡରେ ବସେଇ ସର୍ବନାଶ କରିଛନ୍ତି ।''

ମୁଁ ଆଉ ଏଠାରେ ବେଶି ସମୟ ଠିଆହେବାକୁ ଚାହେଁ ନାହିଁ । ମିର୍ଜା ଘରୁ ସାମ୍ନା ଦେଇ ସରୁଗଳିଟାରେ ଥିବା ବାରଣ୍ଡାରେ ଆମ ଚିଠିବାକ୍ସ । ମୋ ପାଖରେ ଚାବି, ମୁଁ ଦିନ ଭିତରେ ବହୁଥର ଖୋଲି ଦେଖେ । ମୁଁ ଜାଣେ, ମୁଁ କାହିଁକି ମୁଁ ଚିଠି ଦେଖିବାକୁ ଯାଏ । ମୋ ବୁଦ୍ଧି ଅଛି; ନିଜକୁ ଆଉ କେତେ ଠକେଇବି ? ଯଦିବା ମିର୍ଜା କହିଛି ମୁଁ ବୋକା, ନହେଲେ ମିଥ୍ୟାବାଦିନୀ; ମୋ 'ସୁମତି' କହେ– କେବେ ନୁହେଁ, ତୁମେ ଚିଠି ଦେଖିବାକୁ ଯାଅ ନାହିଁ, ମିର୍ଜାକୁ ଦେଖିବାକୁ ଯାଅ– ସତକଥା କୁହନା କାହିଁକି; ଆଉ 'କୁମତି' କହେ ତା' କାହିଁକି ହେବ, କାହାର ଚିଠି ଆସିପାରେ !

ମୁଁ କବାଟ ବନ୍ଦ କରି ଖଟ ଉପରେ ବସିଲି– ନିଜକୁ ନିଜ କବଳରୁ ରକ୍ଷାକରିବାକୁ ହେବ– 'ମହୁଆ' ଖୋଲିଛି–

Digitized by srujanika@gmail.com

''ଦୂର ମନ୍ଦିରେ ତୀର୍ଥ କିନାରେ ପଥେ ଚଲିଆଛ ତୁମି–
ଆମି ତରୁ, ମୋର ଛାୟା ଦିଏ ତାରେ, ମୃତ୍ତିକା ତା'ର ଚୁମି,
ହେ ତୀର୍ଥଗାମୀ ତବ ସାଧନାର ଅଂଶ କିଛୁବା ରହିଲ ଆମାର ।
ପଥ ପାଶେ ଆମି ତବ ଯାତ୍ରାର ରହିବ ସାକ୍ଷୀ ରୂପେ
ତୋମାର ପୂଜା, ମୋର କିଛୁ ଯାଏ ଫୁଲର ଗନ୍ଧେ ଧୂପେ ।''

ଏ ମୋ କଥା ନୁହେଁ; ଏ ମୋ ମା'ଙ୍କ କଥା । ମା'ଙ୍କ ଜୀବନ ଉନ୍ନତ । ସ୍ୱାର୍ଥହୀନ ଦାନରେ ପରିପୂର୍ଣ୍ଣ; କିନ୍ତୁ ମୁଁ ଏ'ଟା ଚାହେଁନାହିଁ । ଏ ଜୀବନ ମୋର କାମ୍ୟ ନୁହେଁ । 'ସବଳା' କବିତାରେ ଅଛି ମୋ କଥା– ନିଜେ ନିଜ ଭାଗ୍ୟକୁ ଜୟ କରିବ– ଏଟା କ'ଣ ସମ୍ଭବ ? ମୋର ଟିକିଏ ହେଲେ ବଳ ନାହିଁ, ଶକ୍ତି ନାହିଁ, ବୁଦ୍ଧି ନାହିଁ; ମୁଁ ତ ପରାଜିତ । ହଠାତ୍ ମୋତେ କାନ୍ଦଲାଗୁଛି । ଖଟ ଉପରେ ମୁଁ କାନ୍ଦୁଛି– ''ବଲ୍ ଦାଓ ମୋରେ ବଲ୍ ଦାଓ, ପ୍ରାଣେ ଦାଓ ମୋର ଶକ୍ତି...ତବ କାଜ ଶିରେ ବହିତେ ସଂସାରତାପ ସହିତେ...'' ସଂସାରତାପଟା କ'ଣ ? ଏଇ ଯେ ନିଆଁର ଧାସଟା ମୋର ଶରୀରେ ଲାଗୁଛି, ଏଇଟା କି ? ଯଦି ତାହାହିଁ ହୁଏ, ତେବେ ସେ ଧାସ ଲାଗୁ । ମୋ ଦେହରେ ଲାଗିଥାଉ । ମୁଁ ଏହି ଉଷ୍ଣତା ଚାହେଁ, ଅଗ୍ନିର ପରଶମଣି ମୋର ପ୍ରାଣକୁ ସ୍ପର୍ଶକରୁ ।

ନିଜ ଅଜ୍ଞାତରେ ତଳକୁ ଓହ୍ଲାଇ ଆସିଲି । ପର୍ଦ୍ଦା ଉଠେଇ ମିର୍ଜ୍ଜା ଦୁଆର ପାଖରେ ଛିଡ଼ାହୋଇଛି । ମୋତେ ପ୍ରଶ୍ନ କଲା, ''କ'ଣ, ଚିଠି ପାଇଲ ?''

''ନା, ଆସିନି– କି ହତାଶ ଯେ ଲାଗୁଛି !''

''କାହା ଚିଠିର ଅପେକ୍ଷା କରୁଛ ?''

''କୌଣସି ଅଜ୍ଞାତ ବ୍ୟକ୍ତିର ।''

''ସେ କିଏ ?''

''ଜାଣେନା, ଚିହ୍ନେନା, ସେଥିପାଇଁ ତ ଅପେକ୍ଷା କରିବାରେ ଏତେ ଆନନ୍ଦ ।''

ମୁଁ 'ଡାକଘର' କଥା କହୁଛି– ସେ ବୁଝିପାରୁନାହିଁ, ଭ୍ରୂକୁଟି କରୁଛି । କ'ଣ ଯେ ହେବ ? ଯଦି ୟା ସଙ୍ଗେ ସାରା ଜୀବନ ରହିବାକୁ ହୁଏ ? ଜୀବନର ଅଧେ କଥା ଅକୁହା ରହିଯିବ, ଆଉ କ୍ରମାଗତ ଅଭିଧାନ ଦେଖିବାକୁ ପଡ଼ିବ । ଏକଥା କାହିଁକି ମନକୁ ଆସିଲା ? ୟା ସହିତ ସାରା ଜୀବନ କିପରି ରହିବି ? ଇଏ ତ ଆଉ କେତୋଟି ଦିନ ପରେ ଚାଲିଯିବ । ମୋର ମଧ୍ୟ ବିବାହ ହୋଇଯିବ । କେଉଁଠି ବାହାଘର ହେବ କେଜାଣି–ଗୋଟିଏ ହେଲେ ଲୋକ ମନକୁ ଆସୁନାହିଁ, ଯାହା ସହିତ ସାରା ଜୀବନ ରହିବା ସମ୍ଭବ ।

''ଭିତରକୁ ଆସିବନି ଅମୃତା ?' ତୁମ ପାଇଁ ନ୍ୟୁଟ୍ ହାମ୍‌ସନ୍‌ଙ୍କ 'ହଙ୍ଗ୍‌ର' ବହିଟି ଆଣିଛି ।''

Digitized by srujanika@gmail.com

ଏହାହିଁ ପ୍ରଥମ ଥର, ସେ ମୋତେ କିଛି ଉପହାର ଦେଲା । ତା' ହାତରୁ ବହିଟି ନେଲି; ବହିଟିରେ ମୋ ନାଁ ଲେଖାହୋଇଛି; ଆଉ ଫରାସୀ ଭାଷାରେ ଗୋଟିଏ କଥା 'ଆମିତିୟେ'–

ମୁଁ ଠିଆ ହୋଇ ରହିଛି, ବସିବାକୁ ମୋର ସାହସ ନାହିଁ । କାହିଁକି, କେଜାଣି ? ସେ ମଧ ଠିଆହୋଇ ରହିଛି– ମୁଁ ନ ବସିଲେ ତ ସେ ବସିବ ନାହିଁ । ମୁଁ ତାକୁ ପଛ କରି ପିଆନୋ ପାଖରେ ଠିଆହୋଇଛି । ମୁଁ କ'ଣ କିଛି ଅପେକ୍ଷା କରୁଛି ? କିଛି ଅସମ୍ଭବ ଘଟଣା ଘଟିଯିବ କି ? ମୁଁ କ'ଣ ତାହା ଚାହେଁ ? ସେ ମୋର ଖୁବ୍ ନିକଟରେ ଠିଆହୋଇଛି– କିନ୍ତୁ ମୋତେ ସ୍ପର୍ଶ କରୁନାହିଁ । ସେ ମୋ ପିଠିରେ ହାତ ରଖିପାରନ୍ତା; କିନ୍ତୁ ରଖିନାହିଁ । ସେ ମୋତେ ଅଳ୍ପ ଛାଡ଼ି ଠିଆହୋଇଛି; କିନ୍ତୁ ମୋ ସର୍ବାଙ୍ଗରେ ତାକୁ ଅନୁଭବ କରୁଛି, ତା'ର ଅସ୍ତିତ୍ୱର ସ୍ପର୍ଶ ଲାଗୁଛି ମୋ ମନ ମଧ୍ୟରେ । ତା'ର ଓ ମୋ ମଝିରେ ଚେନାଏ ଆକାଶ । ଆକାଶ ତ ଶୂନ୍ୟ ନୁହେଁ, ଇଥର୍‌ରେ ପୂର୍ଣ୍ଣ । ଇଥର୍ କି ବସ୍ତୁ ମୁଁ ଜାଣେ ନାହିଁ; କିନ୍ତୁ ସେ ନିଶ୍ଚୟ ଅଦୃଶ୍ୟ ହସ୍ତରେ ଏ ସଂଯୋଗ କରୁଛି । ମୋର ଚାରିପାଖର ବାୟୁମଣ୍ଡଳରେ ତା'ର ନିଃଶ୍ୱାସର ସୁଗନ୍ଧ ।

"ସାୟନ୍ତନେର କ୍ଳାନ୍ତ ଫୁଲେର ଗନ୍ଧ ହାଓୟାର ପରେ,
ଅଙ୍ଗବିହୀନ ଆଲିଙ୍ଗନେ ସକଲ ଅଙ୍ଗ ଭରେ ।"

ସେତିକିବେଳେ ଉପରୁ ମୋ ନାଁ ଧରି କିଏ ଡାକିଲା– ମୁଁ ଚାଲିଗଲି ।

ମିର୍ଚ୍ଚାର ବୟସ ତେଇଶ; ଆଉ ମୋର ଷୋହଳ; କିନ୍ତୁ ବୟସ ତୁଳନାରେ ଆମେ ଦୁହେଁ ଉଚ୍ଚକୋଟୀର ତତ୍ତ୍ୱଜ୍ଞାନୀ । ବାପା ମୋତେ 'ଜ୍ୟେଷ୍ଠତାତ' ବୋଲି ଡାକିଥାଆନ୍ତି । ମୋତେ ଜ୍ୟେଷ୍ଠତାତ କରି ଗଢୁଛି କିଏ ? ମୋ ବାପାହିଁ ମୋତେ 'ଜ୍ୟେଷ୍ଠତାତ' ଭାବେ ଗଢୁଛନ୍ତି; ତାକୁ ମଧ ସେହିଭଳି ଗଢୁଛନ୍ତି । ସବୁବେଳେ ଅଷ୍ଟାଙ୍ଗଯୋଗ ବିଷୟରେ ଶିକ୍ଷା ଦେଉଛନ୍ତି ।

ଆଉ ତନ୍ତ୍ର ବିଷୟରେ ତ ମନେହୁଏ, ଏ ଘରେ ସମସ୍ତେ ପଣ୍ଡିତ । କାକା ଯେତେ-ବେଳେ ତା' ସହିତ ତନ୍ତ୍ର ନେଇ ଆଲୋଚନା କରନ୍ତି, ଗମ୍ଭୀର ମୁହଁରେ 'ହେବଜ୍ର'ର ରହସ୍ୟ ବିଷୟରେ କିଛି କହନ୍ତି, ସେତେବେଳେ ମୋତେ ଖୁବ୍ ରାଗ ଲାଗେ ।

ମୁଁ ଜାଣେ, ମୋର ସମବୟସୀ ପୁଅଝିଅମାନେ ଏହା ଅପେକ୍ଷା ଅନେକ ଲଘୁସ୍ୱରରେ କଥାବାର୍ତ୍ତା ହୁଅନ୍ତି । ମୋର ମଧ ପଣ୍ଡିତ ହେବାପାଇଁ ଖୁବ୍ ଆଗ୍ରହ ଥିଲା; କିନ୍ତୁ ଏବେ ତାହା କମିଯାଉଛି । ବିଶେଷ କରି ମିର୍ଚ୍ଚାର ତତ୍ତ୍ୱରେ ରୁଚି ବଢିଯାଉଚି ବୋଲି ଦେଖାହେବାମାତ୍ରେ ସେ ମୋତେ ବିଶ୍ୱସାହିତ୍ୟ ପଢାଇବାକୁ ଆରମ୍ଭ କରେ । କାଲି ଦିନସାର ସେ ମୋତେ ଏକ ଅଦ୍ଭୁତ ଅଲୌକିକ ଗଳ୍ପ କହିଛି, ଯାହାର କୌଣସି ଅର୍ଥ ମୁଁ ବୁଝିପାରିଲି ନାହିଁ । ଗୋଟିଏ ଲୋକକୁ ଫାଶୀ ହୁକୁମ ହେଲା । ସେ ଯେଉଁ ଝିଅଟିକୁ ଭଲପାଉଥିଲା, ସେ ଥିଲା ଅନେକ

Digitized by srujanika@gmail.com

ଦୂରରେ । ଫାଶୀ ସମୟରେ ଲୋକଟିର ସେହି ଝିଅଟି କଥା ମନେପଡ଼ିଲା । ଦଶମାସ ପରେ ସେହି ଝିଅଟିର ଯେଉଁ ପୁଅଟି ହେଲା, ସେ ଠିକ୍ ସେଇ ଲୋକଟି ପରି ଦେଖିବାକୁ । ଏ ଗପର ମୁଣ୍ଡଗଣ୍ଡି ମୁଁ କିଛି ହେଲେ ବୁଝିପାରିଲି ନାହିଁ । ମୋର ଇଚ୍ଛା ସେ ଟିକିଏ ସ୍ୱାଭାବିକ ଭାବେ ଗପସପ କରୁ । ମୋତେ ଟିକିଏ ଖୋସାମତ କଲେ କ'ଣ ଦୋଷ ହୁଅନ୍ତା– ଅନ୍ୟମାନେ ଯେପରି କରନ୍ତି ସେହିପରି– ତା' ତ ସେ କେବେ କରେନାହିଁ; ବରଂ କାଲି ମୋତେ ଖୁବ୍ ରଗେଇଦେଇଛି; କହିଛି, ''ତୁମର କ'ଣ ଧାରଣା ଯେ ତୁମେ ଖୁବ୍ ସୁନ୍ଦର ଦେଖିବାକୁ ?''

''ମୋର ଧାରଣା କାହିଁକି ହେବ– ଅନେକଙ୍କର ଏପରି ଧାରଣା ।''

''କାହାର କାହାର ?''

''ତୁମେ ଚାଲ ମୋ ସହିତ, ଦେଖିବ ରାସ୍ତା ଦୁଇକଡ଼ର ଲୋକେ ମୋତେ କିପରି ଚାହିଁରହନ୍ତି ।''

''ତା' ତ ଚାହିଁରହିବେ– ତୁମ ଦେଶରେ ଯେ ଝିଅମାନେ ବେଶି ପଦାକୁ ବାହାରନ୍ତି ନାହିଁ । ୟୁରୋପରୁ ଆସିଥିବା ଲୋକ ପାଇଁ ସବୁଠାରୁ କ'ଣ ଆଶ୍ଚର୍ଯ୍ୟଜନକ ମନେହୁଏ ଜାଣ– ଏ ଦେଶରେ ବୋଧହୁଏ ଝିଅ ନାହାନ୍ତି ।''

''ଝିଅ ନାହାଁନ୍ତି ନା' କ'ଣ ? ସେମାନେ ଘୋଡ଼ାଗାଡ଼ି, ପାଲିଙ୍କି ବା ମୋଟର ଗାଡ଼ିରେ ଯାତାୟାତ କରନ୍ତି । ଚାଲିଚାଲି କ'ଣ ରାସ୍ତାରେ ବୁଲିବେ ?''

''ଅନ୍ୟ ଦେଶରେ ବୁଲନ୍ତି ।''

''ବୁଲନ୍ତୁ ! ତୁମେ କ'ଣ ବୁଝିପାରୁନାହଁ ମୁଁ ଗୋରା କି କଳା ? ବାବା, ମୁଁ, ସାବି, ସିଲୁ, ମା' ସମସ୍ତେ କ'ଣ ଏକ ? ଝଡୁ ବି କ'ଣ ମୋ ପରି ?''

''ରଙ୍ଗର ପ୍ରଭେଦ ମୁଁ ବୁଝିପାରେନାହିଁ ।''

''ଠିକ୍ ଅଛି, ମୁଁ ତେବେ ଯାଉଛି ।''

''ବସ, ବସ, ସୁନାଝିଅଟି ପରା ! ମୁଁ ଟିକିଏ ତୁମକୁ ଭଲ କରି ଦେଖେ, ବୁଝି ପାରୁଛି କି ନାହିଁ ।''

''ତୁମେ କ'ଣ ମାଇକ୍ରୋସ୍କୋପ ଲଗାଇ ଦେଖିବ ମୁଁ ସୁନ୍ଦର କି ନୁହେଁ ?''

''ମୁଁ ତ ତୁମର ବାହାରଟା ଦେଖେନାହିଁ, ତୁମର ଆତ୍ମାକୁ ଦେଖିବାକୁ ଚାହେଁ ।''

ଏଥର ମୋ ବ୍ରହ୍ମ ଜଳିଗଲା । ସେ କ'ଣ ପୁଣି ଜୀବାତ୍ମା ପରମାତ୍ମା ନେଇ ବିତର୍କ କରିବସିବ ? ମୁଁ ରାଗିକରି ଚାଲିଗଲି । ମୋ ମନ ଖୁବ୍ ଖରାପ ହେଲା । ମୁଁ ଦର୍ପଣ ସମ୍ମୁଖରେ ଠିଆହୋଇ ଦେଖୁଛି, ବୁଝିପାରୁନାହିଁ ମୁଁ ସୁନ୍ଦର କି ନୁହେଁ । ମୋର ସନ୍ଦେହ ହେଉଛି– ସବୁ ଦୋଷଗୁଡ଼ିକ ଆଖିରେ ପଡ଼ୁଛି ।

Digitized by srujanika@gmail.com

ଏହା ପରେ ମୁଁ ପ୍ରସାଧନରେ ଧ୍ୟାନ ଦେଲି । ନାନା ପ୍ରକାର ସାଜସଜ୍ଜା କରିବାକୁ ଲାଗିଲି । ବିଭିନ୍ନ ପ୍ରଦେଶର ପୋଷାକ ଓ ଗହଣା ପିନ୍ଧି ଦର୍ପଣ ସମ୍ମୁଖରେ ଠିଆହୋଇ ନିଜକୁ ଦେଖି ଚମତ୍କୃତ ହୋଇଗଲି ।

ତେୟାଳିଶ ବର୍ଷ ତଳର ଘଟଣା– ମୁଁ କିପରି ଲେଖିପାରୁଛି ? ଦଶବର୍ଷ ପୂର୍ବେ କ'ଣ ମୁଁ ଲେଖିପାରିଥାଆନ୍ତି ? କୋଡ଼ିଏ ବର୍ଷ ପୂର୍ବେ ? ଆଦୌ ନୁହେଁ । ତାହାହେଲେ ତ ମୋର ଜୀବନ ବଦଳିଯାଇଥାଆନ୍ତା । ଏତେଦିନ ଧରି ମୁଁ ଜାଣିନଥିଲି, ମୋର ସମସ୍ତ ଜୀବନ ଏକ ବିୟୋଗାନ୍ତ ଉପନ୍ୟାସ । ଧୀରେ ଧୀରେ ଅଦୃଶ୍ୟ କାଳିରେ, ଅବ୍ୟକ୍ତ ଭାଷାରେ, ଅଶ୍ରୁତ ସ୍ପନ୍ଦନରେ ଲେଖାଚାଲିଛି । ଜୀବନର ବୟାଳିଶ ବର୍ଷ ବିତିଗଲାଣି, ଏ ଦୃଶ୍ୟଗୁଡ଼ିକ ଅଗୋଚର ଥିଲା । କହିବାକୁ ଗଲେ, 'ଜଉମୁଦଦ୍ୱାରା ବନ୍ଦ ହୋଇଯାଇଥିଲା'; କିନ୍ତୁ ହଠାତ୍ ସେରଗେଇ ମୁହଁରୁ ସେଇ କଥାଟି – Mircea, Mircea, Mircea, I have told my mother that you only kissed me on my forehead– ଗୋଟିଏ ଭୀତା ବାଳିକାର ମିଥ୍ୟାଭାଷଣ ସୁନା ଚାବିକାଠି ହୋଇ ସେଇ ଦୁର୍ଗମ ଗୁହାର ଦ୍ୱାର ଖୋଲିଦେଇଛି । ଭୈରବ ବାହାରି ଆସିଛନ୍ତି । ମୁଁ ମହାକାଳର ପଦଧ୍ୱନି ଶୁଣିପାରୁଛି । ନଟରାଜ ନାଚିଚାଲିଛନ୍ତି । ତାଙ୍କର ଗୋଟିଏ ପାଦ ଅତୀତରେ, ଗୋଟିଏ ପାଦ ବର୍ତ୍ତମାନରେ– ତା ତା ଥୈ ଥୈ- ହୀରା ପାନ୍ନା ସବୁଆଡ଼େ ବିଛାଡ଼ି ପଡ଼ିଛି । ହସ ଓ କ୍ରନ୍ଦନର ତରଙ୍ଗ ନୃତ୍ୟ କରୁଛି । ମୋର ଛାତିର ହାଡ଼ ଚୂର୍ଣ୍ଣ ହୋଇଯାଉଛି । ଏ ଯନ୍ତ୍ରଣା ଅସହ୍ୟ । ହେ ନଟରାଜ ! ତୁମେ ନୃତ୍ୟ ବନ୍ଦକର ! ପଦଚାଳନା ବନ୍ଦକର । କେଶବରୂପେ ଆସ । ଶଙ୍ଖଚକ୍ରଗଦାପଦ୍ମଧାରୀ ହୋଇ ମୋର ସନ୍ତାପ ହରଣକର । ଅବା ବାମନରୂପେ ତୁମ୍ଭର ତୃତୀୟ ପାଦ ମୋ ମସ୍ତକରେ ସ୍ଥାପନ କର– ମୁଁ ତୁମ ପାଦତଳେ ଦଳିତ ହେବାକୁ ଚାହେଁ । ତୁମେ କି ସକଳ କଳୁଷ ତାମସହାରୀ ସଦୟହୃଦୟ ବୁଦ୍ଧରୂପେ ଦେଖାଦେଇପାରନା ? ହେ କେଶବ-ଧୃତ-ବୁଦ୍ଧଶରୀର, ମୋର ବେଦନାର ଦାହ ନିର୍ବାପିତ କର । ମୋର ମୋହ ଘୁଞ୍ଚାଇ ମୁକ୍ତି ଦିଅ । ମୁଁ ଆଉ ମିର୍ଚ୍ଚାକୁ ଦେଖିବାକୁ ଚାହେଁନା । ମୁଁ କେବଳ ମୋର ସ୍ୱାମୀ ଓ ସନ୍ତାନମାନଙ୍କୁ ଦେଖି କରି ତାଙ୍କରି ଭିତରେ ନିଜକୁ ମିଶାଇ ଦେବାକୁ ଚାହେଁ ।

ମିର୍ଚ୍ଚା କଫି ତିଆରିକରୁଛି । କଫି ଉପରେ ଫେଣ ଘନ ହେଲେ ତାକୁ ଖୁବ୍ ଭଲଲାଗେ– କହେ ଟର୍କିଶ କଫି । ଖାଇବା ପରେ ପ୍ରତ୍ୟହ ଦୁଇବେଳା ତା'ର ସେ କଫି ଖାଇବା ନିତାନ୍ତ ଦରକାର । ତା'ର ଗୋରା ମୁହଁ, କଳା ଚଷମାର ଫ୍ରେମ୍‌ରେ ବିନ୍ଦୁ ବିନ୍ଦୁ ବାଷ୍ପ ଜମୁଛି । ସେଇଟା କଫିର ବାଷ୍ପ । ମିର୍ଚ୍ଚା ଖାଇବା ଟେବୁଲ ପାଖକୁ ଚୌକିଟି ଟାଣି ନେଇ ବସିପଡ଼ିଲା ।

Digitized by srujanika@gmail.com

ଠିକ୍ ସେତିକିବେଳେ–

''ନୃତ୍ୟ ପାଗଳ ନଟରାଜ ଯେନ ଦୁଇ ହାତେ ଦିଯେ ତାଲ,
ଦେଖିନି ଆମରା ତଖନେଇ ସେଖାନେ ଢୁକେ ଛିଲ ମହାକାଲ ।''

ଦେଖିବୁ କିପରି ? ଆମେ ସେତେବେଳେ ପରସ୍ପର ବିଦୃକ୍ଷୁ ପତଙ୍ଗ, ଯେପରି ବହ୍ନିମୁଖ ବିବିକ୍ଷୁ ।

ଲାଇବ୍ରେରିରେ ପ୍ରବେଶ କରୁ କରୁ ଆମ ଭିତରେ ଝଗଡ଼ା ଆରମ୍ଭ ହୋଇଗଲା । ଶେଷହେଲା ଉପର ବାଲ୍‌କୋନିରେ ।

ମିର୍ଚ୍ଚା କହିଲା, ''କ'ଣ ! କଥା କହିବ ନାହିଁ ?''

ମୁଁ କହିଲି, ''ନା, ତୁମେ ଯଦି ସେମିତି କର ତାହାହେଲେ **ଆଦୌ କଥା କହିବି** ନାହିଁ । ତୁମର ବା କଥା କହିବା କ'ଣ ଦରକାର– ମୁଁ ତ ଭଲ ନୁହେଁ ।''

''ମୁଁ ତୁମକୁ ଖରାପ କହିଛି ?''

''ନିଷ୍ଠୁର, ହୃଦୟହୀନ, ଭଦ୍ରତା ପର୍ଯ୍ୟନ୍ତ ଜାଣନାହିଁ । ଏସବୁ ଯଦି ଖରାପ ନହବ, ତାହେଲେ ହେବ କେଉଁଟା ?''

''ତୁମେ କାଲି ସେଭଳି କାହିଁକି କଲ ?''

''କଣ କଲି ?''

''ଅ' ବାବୁର ହାତ ଧରି ତୁମେ ଓ ମିଲୁ ବେଶ୍ ତ ଚାଲିଗଲ; କିନ୍ତୁ ମୁଁ ଯଦି ତୁମ ପାଖରେ ବି ଟିକିଏ ଠିଆହୁଏ, ତୁମେ ଘୁଞ୍ଚିଯାଅ ।''

''କି ଆଶ୍ଚର୍ଯ୍ୟ ! 'ଅ' ଯେ ମୋର ଆତ୍ମୀୟ, ତୁମେ ତ ମୋର ଆତ୍ମୀୟ ନୁହଁ ।''

ମୋ ମା'ଙ୍କର ଉପଦେଶ ମନେପଡ଼ିଲା– କୌଣସି ଅନାତ୍ମୀୟ ପୁରୁଷକୁ ସ୍ପର୍ଶ କରିବ ନାହିଁ– ତା'ର ଫଳ ଭଲ ହୁଏ ନାହିଁ । ତଦ୍ୱାରା ଶରୀର ତ ଖରାପ ହୁଏ, ଏପରିକି ମୃତ୍ୟୁ ବି ହୋଇପାରେ । ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ମୁଁ ବେଶ୍ ବୁଝିପାରୁଛି, କେତେକ ଲୋକ ବୟସ୍କ ଓ ଶିକ୍ଷିତ ହେଲେ ମଧ୍ୟ ନାରୀସଙ୍ଗ କାମନା କରନ୍ତି । ସେମାନଙ୍କର ଦୃଷ୍ଟି ଲୋଲୁପ ।

ହଠାତ୍ ଦେଖେ ମିର୍ଚ୍ଚା ମୋ ଆଡ଼କୁ ସ୍ଥିର ଦୃଷ୍ଟିରେ ଚାହିଁରହିଛି । ''କ୍ଷମାକର'' ସେ ମୋ ଦୁଇହାତ ଧରି କରପଲ୍ଲବ ଚୁମ୍ବନ କଲା । ଚିତ୍ରପରି ମୁଁ ଠିଆହୋଇ ରହିଲି । ସେ ମୋର ହାତ ଛାଡୁନାହିଁ । ମୋର ହାତଦୁଇଟି ଭାଙ୍ଗି ଗୁଣ୍ଡ ହୋଇଯିବା ପରି ମନେହେଉଛି । ସେ ତା' ଉପରେ ମୁହଁ ରଖିଲା– ଅନନ୍ତ ସମୟ ଚାଲିଯାଉଛି । କେତେ ବେଳ ପର୍ଯ୍ୟନ୍ତ କିଏ ଜାଣେ, ସେ ଛାଡୁ ନାହିଁ । ମୁଁ ହାତ ଛଡ଼ାଇ ନେବାକୁ ଇଚ୍ଛା କରୁଛି, ପାରୁନାହିଁ । ମୁଁ ଊର୍ଦ୍ଧ୍ୱମୁଖୀ ହୋଇ ପ୍ରାର୍ଥନା କରିବାକୁ ଚେଷ୍ଟାକରୁଛି । ନିଜ ପାଖରୁ ନିଜକୁ ରକ୍ଷାକରିବାକୁ ଚେଷ୍ଟା କରୁଛି; କାରଣ ବର୍ତ୍ତମାନ ମୁଁ ପଳାଇବାକୁ ଚାହୁଁଛି... ନା ମାଗୁଛି ତା'ର ଭୁଜବନ୍ଧନ ?

Digitized by srujanika@gmail.com

କିନ୍ତୁ ସେ ମୋତେ ଆଉ ପାଖକୁ ଟାଣିନେଲାନାହିଁ । ଆମ ଭିତରେ ବ୍ୟବଧାନ ଅନେକ । ସେ ଜାଣେ ମୁଁ ବାଧାଦେଉଛି– "ଛାଡ଼ ଛାଡ଼ ମିର୍ଜା, ମୋ ହାତ ଭାଙ୍ଗି ଗୁଣ୍ଡ କରିଦେଉଛ । ତୁମେ ମୋତେ ମାରିପକାଇବ ।"

ମିର୍ଜା ମୁହଁ ଟେକି ଅନାଇଲା । ମୁଁ ମୁଗ୍ଧ ହୋଇ ତା' ଆଡ଼କୁ ଚାହିଁରହିଛି, ମୋର ଟିକିଏ ହେଲେ ଘୁଞ୍ଚିଯିବାକୁ ଇଚ୍ଛା ହେଉନାହିଁ । ମୋ ଶରୀର ମଧ୍ୟରେ ଘୁଙ୍ଗୁର ବାଜୁଛି– ଏଟାକୁ ଦେହ ଖରାପ କୁହାଯାଇ ନପାରେ । ମୋ ଦୁଇପାଖରେ ଯେପରି ପ୍ରଜାପତି ଡେଣା ମେଲିଛି– ମୁଁ ଉଡ଼ିଯାଇପାରେ । ମୋ ହାତ ଉପରେ ମିର୍ଜା ପୁଣି ମୁହଁ ରଖିଲା, ରୌଦ୍ରତପ୍ତ ଆକାଶ ମାଟିରେ ଲାଗିଗଲାପରି ମନେହେଉଛି । "ନୀଳ ଅମ୍ବର ଚୁମ୍ବନନତ", ସ୍ଥିର ମୋର ହାତ ଉପରେ ।

ସେଦିନ ରାତିଟା ଗୋଟିଏ ଆଶ୍ଚର୍ଯ୍ୟ ରାତି । ଚତୁର୍ଦ୍ଦିଗରେ ଜ୍ୟୋସ୍ନା । ଆଲୋକ ଛାୟା ମେଳି କଲିକତାର ସେହି ରାସ୍ତାଟିକୁ ଇନ୍ଦ୍ରପୁରୀ କରିଦେଇଛି । ମୁଁ ବାଲ୍‌କୋନିରେ ଠିଆହୋଇଛି, ଘଡ଼ିରେ ଢଂ ଢଂ କରି ଦୁଇଟା ବାଜିଲା । ଜହ୍ନଟା ଏପଟୁ ଉଠି ସେପଟକୁ ଚାଲିଯାଉଛି । ଚାଲିଛି କାଳପୁରୁଷ । ମୁଁ ଏକା ଠିଆହୋଇଛି । ମୁଣ୍ଡ ବାନ୍ଧିନାହିଁ । ବାଳଗୁଡ଼ାକ ଏପଟ ସେପଟ ଉଡୁଛି । ପାଖରେ ଥିବା କାନ୍ଥ ଉପରେ ମୋ ଛାଇ ପଡ଼ିଛି । ମୁଁ ନାର୍ସିସାସ ପରି ନିଜ ଛାୟାକୁ ଚାହିଁରହିଛି । ପୂର୍ଣ୍ଣଚନ୍ଦ୍ରର ମାୟାରେ ଜଡ଼ିତ ତନ୍ୱୀ ଦେହଛାୟାକୁ ଦେଖି ଆଶ୍ଚର୍ଯ୍ୟ ହେଉଛି । ଏ ଶରୀରରେ ଯେଉଁ ମନ ବାସକରେ ତାହା କିପରି ? ମୁଁ ତା'ର ଅନୁସନ୍ଧାନ କରୁଛି । ମିର୍ଜା ମୋର ଆତ୍ମାକୁ ଦେଖିବାକୁ ଚାହେଁ । ଶଙ୍କର କହିଥିଲେ– ଆତ୍ମା ଛଡ଼ା ଜଗତ୍ ମିଥ୍ୟା–ସବୁ ସେହି ଛାୟାଭଳି; କିନ୍ତୁ ସେ ଛାୟାଟି ତ ମିଥ୍ୟା ନୁହେଁ– ତା' ପାଖରେ ମାଧବୀ ଲତାଟି ମଧ୍ୟ ସତ୍ୟ– ଜୋତିର୍ମୟ ସତ୍ୟ ।

ମୋତେ ଭଲଲାଗୁଛି । କି ଆଶ୍ଚର୍ଯ୍ୟ ସୁଖରେ ମୋର ଦେହ ମନ ଭରିଯାଇଛି । 'ଆନନ୍ଦସାଗରେ ଭାସିବା' କଥାଟି ଶୁଣିଥିଲି– ପ୍ରଥମଥର ପାଇଁ ତା'ର ଅର୍ଥ ବୁଝିପାରିଲି । ମୋ ମନଟା ସେହି ଜ୍ୟୋସ୍ନା ଭଳି ହୋଇଯାଇଛି– ସୋମପାୟୀଙ୍କ ପରି ମୁଁ ଜ୍ୟୋସ୍ନା ପାନ କରି ଆକାଶଗଙ୍ଗାରେ ଭାସୁଛି– ମୋ ହାତରେ ତାରାର ପ୍ରଦୀପ; ଗଳାରେ ତାରାର ମାଳା, ଉପରେ ଲାଲ୍ ରଙ୍ଗର ବ୍ରହ୍ମହୃଦୟ ଜଳୁଛି । ସେଇଟା ହିଁ ମୋର ମୁଣ୍ଡର ଟିପା । ମୋର ଗୋଡ଼ରେ ତାରାର ଘୁଙ୍ଗୁର ବାଜୁଛି । ରୁମୁକ୍ ଝୁମୁକ୍ ରିମିଝିମି– ସେଟା ଘୁଙ୍ଗୁର ନୁହେଁ– ତଳେ ମିର୍ଜା ପିୟାନୋ ବଜାଉଛି– ସେ ନିଶ୍ଚୟ ଅନେକ ରାତି ପର୍ଯ୍ୟନ୍ତ ବଜାଇବ । ସେ ଶୋଇପାରିବ ନାହିଁ, ମୁଁ ମଧ୍ୟ ଶୋଇପାରୁନାହିଁ । ମୁଁ ଜାଣେ ସେ କ'ଣ ଚାହେଁ । ଅଜ୍ଞାତ ରହସ୍ୟ ଜଗତର ପର୍ଦ୍ଦାଟା ଘୁଞ୍ଚିଯାଉଛି– ମୁଁ ବୁଝିପାରୁଛି ତା'ର ସେପଟେ କ'ଣ ଅଛି । ମୋ ମା'ଙ୍କ କଥାରେ ମୋର ଅଟଳ ବିଶ୍ୱାସ ଥିଲା; କିନ୍ତୁ ସେ ବିଶ୍ୱାସ କମିଯାଉଛି । ଏଠି ପାପ ବୋଲି କିଛି ନାହିଁ, ତା' ହେଲେ ତ' ମୁଁ ଚିହ୍ନିପାରନ୍ତି, ଯେପରି ବହୁଥର ଚିହ୍ନିଛି ଉଦ୍ୟତ

Digitized by srujanika@gmail.com

ସର୍ପକୁ; କିନ୍ତୁ ଏ ତ ଜ୍ୟୋସ୍ନାର ବଗିଚା; ଏ ତ ପଦ୍ମର ସରୋବର, କିମ୍ବା କବି ଯାହା ଲେଖିଛନ୍ତି ରୂପସାଗର– ଏଇ କ'ଣ ସେଇ ରୂପସାଗର ! କୌଣସି ବିଷୟ ଭାବିବାକୁ ଗଲେ ମୋର କେବଳ କବିତା ମନକୁ ଆସେ– କବିତା ମନେପଡ଼ିଲେ, କବିଙ୍କ କଥା ମଧ ମନେପଡ଼େ । ଅନେକ ଦିନ ହେଲା ତାଙ୍କୁ ଦେଖିନାହିଁ; କିନ୍ତୁ ସେଥିପାଇଁ ମୋର କଷ୍ଟ ହେଉନାହିଁ । ଏଟା କ'ଣ ଅନ୍ୟାୟ ? ଏଟା କ'ଣ ସତ୍ୟଭଙ୍ଗ ? ମୁଁ କ'ଣ କୌଣସି ଏକ ସକାଳର ପ୍ରଥମ ସୂର୍ଯ୍ୟ ଆଡ଼କୁ ଚାହିଁ କହିଥିଲି– 'ଧାୟ ଯେନ ମୋର ସକଲ ଭାଲବାସା ପ୍ରଭୁ ତୋମାର ପାନେ, ତୋମାର ପାନେ'– ମୁଁ ଆଉ କୌଣସି ଜିନିଷକୁ ବା କାହାକୁ ତୁମ ଅପେକ୍ଷା ବଡ଼ ହେବାକୁ ଦେବିନାହିଁ । ମୁଁ କ'ଣ ସେ ସତ୍ୟଚ୍ୟୁତ ? କେତେ ଦିନ ହେଲା, ଏଇ କଥାଟା ମୋର ମନ ଭିତରେ ଖେଳୁଛି । ମୁଁ ଉତ୍ତର ପାଇନାହିଁ । ଆଜି ମୁଁ ଉତ୍ତର ପାଉଛି, ଆଜି ଉତ୍ତର ମୋ ସମ୍ମୁଖରେ ଉପସ୍ଥିତ । ସତ୍ୟରୁ କ'ଣ କେହି ଚ୍ୟୁତ ହୋଇପାରେ ? ସତ୍ୟ ସମସ୍ତଙ୍କୁ ଧାରଣ କରି ରଖେ । ମୋ ମନର ସମସ୍ତ ତାରଗୁଡ଼ିକ ଯେ ତାଙ୍କର ସ୍ୱରରେ ବନ୍ଧାହୋଇଛି ! ଏଇ ସଙ୍ଗୀତ ବଜାଉଛନ୍ତି ସେ– ମୋର ସମସ୍ତ ଦେହ ଓ ମନରେ ସୁରର ଢେଉ ଖେଳେଇଛନ୍ତି ସେ । ତାଙ୍କର ଗୀତ ମାଧ୍ୟମରେ ମୋ ମନ ଏଇ ଆଶ୍ଚର୍ଯ୍ୟ ରହସ୍ୟମୟ ଲୋକ ଭିତରକୁ ପ୍ରବେଶ କରୁଛି ।

''ତୋମାର ଗାନେର ଭିତର ଦିୟେ ଯଖନ ଦେଖି ଭୁବନଖାନି,
ତଖନ ତାରେ ଚିନି ଆମି ତଖନ ତାରେ ଜାନି ।''

ସେ ଈଶ୍ୱରଙ୍କ ସମ୍ବନ୍ଧରେ ଲେଖିଛନ୍ତି, ମୁଁ ମଣିଷ ବିଷୟରେ ଭାବୁଛି । ମୁଁ ଗୋଟିଏ ଛୋଟ ଝିଅ; ମଣିଷ ହିଁ ମୋ ପକ୍ଷରେ ଯଥେଷ୍ଟ; ଈଶ୍ୱରଙ୍କ କଥା ଦରକାର ନାହିଁ ।

ଶାନ୍ତି ମୋ ପାଇଁ ଅପେକ୍ଷା କରୁଥିଲା, ଶୋଇବ ବୋଲି ମୋତେ ଡାକିଲା–''ରୁ' (ମୋର ଡାକନାମ) ! ଶୋଇବ ଆସ !'

ମୋ ଘରେ ମୋର ଏଗାର ବର୍ଷରି ଭଉଣୀ ସାବି ଓ ଶାନ୍ତି ଶୁଅନ୍ତି । ଶାନ୍ତି ତଳେ ଶୁଏ, ମୁଁ ଓ ସାବି ଖଟ ଉପରେ ଶୋଉ । ଦିନେ ଦିନେ ମୁଁ ତଳେ ମସିଣା ପାରି ଶୁଏ । ମୋତେ ଭଲଲାଗେ । ସାବି ଶୋଇଛି । ମୁଁ ତା' ପାଖରେ ବସି ତା' ଦେହର ଚଦରଟାକୁ ସଜାଡ଼ିଦେଲି । ତା'ର କୁଞ୍ଚକୁଞ୍ଚିଆ ବାଳ । ସୁନ୍ଦର ମୁହଁ । ମୁହଁ ଉପରେ ଜ୍ୟୋସ୍ନା ପଡ଼ିଛି । ଜ୍ୟୋସ୍ନା ଆଲୋକରେ ଧୌତ ତା'ର ମୁହଁଟି ସରଳ ଓ ନିଷ୍ପାପ ଦିଶୁଛି । କିନ୍ତୁ ମଣିଷ କ'ଣ ପ୍ରକୃତରେ କେବେହେଲେ ସରଳ ଥାଏ ? ଆଜି ସକାଳେ ଯେତେବେଳେ ଲାଇବ୍ରେରିରୁ ବାହାରିଆସିଲି, ସେ ଶିଡ଼ି ପାଖରେ ଠିଆହୋଇଥିଲା, ମୁଁ ତା'ର ଉଜ୍ଜ୍ୱଳ ଆଖିରେ ଏକ ତୀକ୍ଷ୍ଣତା ଦେଖିଥିଲି । ସେଟା କ'ଣ ? କଥାଟା ମନେପଡ଼ିବାରୁ ମୋ ଦେହରେ ରୋମାଞ୍ଚ ସୃଷ୍ଟିହେଲା । ଏକ ଅଜ୍ଞାତ ଅଶୁଭ ଆଶଙ୍କା ମୋର ଆନନ୍ଦସାଗରକୁ ଅସ୍ଥିର କରିଦେଲା । ମୁଁ ହାତ ଯୋଡ଼ି ପ୍ରାର୍ଥନା କରିବାକୁ ଚାହିଁଲି । କାହାକୁ ପ୍ରାର୍ଥନା କରିବି ଜାଣେ ନାହିଁ; କିନ୍ତୁ ଏପରି

Digitized by srujanika@gmail.com

କୌଣସି କାନ ଅଛି କି ଯାହା ଦୂରରେ ଓ ନିକଟରେ ମଧ୍ୟ ରହିଛି– ଯେଉଁଠି ସବୁ ପହଞ୍ଚିପାରେ ! କିଏ ତୁମେ ମୋ ଗୁରୁଙ୍କ ହାତରେ ପରଶମଣି ଦେଇଛ, ମୋତେ ଜାଗ୍ରତ କରାଇବ ବୋଲି ? କିଏ ତୁମେ ଏଇ ଆନନ୍ଦସାଗରକୁ ପ୍ରବାହିତ କରିଆଣିଛ ? ଯଦି ସେପରି କେହି ଥାଅ, ତେବେ ଦିଅ, ମୋ ହାତରେ ଅରୂପ ରତ୍ନ ଦିଅ ! ମୋତେ ଶୂନ୍ୟ ହସ୍ତରେ ଫେରାଇ ଦିଅନାହିଁ । ମୋତେ ନିଦ ମାଡୁଛି । ମିର୍ଚ୍ଚା ମୋ ହାତ ଉପରେ ଗୋଟିଏ କ୍ଷୁଦ୍ର କ୍ଷତ କରିଦେଇଥିଲା । ମୁଁ ତା' ଉପରେ ହାତ ବୁଲାଉଛି ଆଉ ସେଇଟା ଧୀରେ ଧୀରେ ବଡ଼ହେଉଛି । କ୍ରମେ ମୋ ହୃଦୟ ଉପରକୁ ବିସ୍ତାରିତ ହେଉଛି । ମୁଁ ଦେଖୁଛି ମୁଁ ଆହତ ହୋଇ ପଡ଼ିଯାଇଛି– ସେ ଚାଲିଗଲାଣି ।

ବାପା କହିଲେ, ''ମିର୍ଚ୍ଚା ଯଦି କିଛି ସମୟ ଦେଇପାରେ, ସେ ଆଉ ତୁ ମିଶି କ୍ୟାଟଲଗ୍‌ଟିକୁ ନୂଆ କରି ତିଆରିକର ।'' ବାପାଙ୍କ ଲାଇବ୍ରେରିରେ ସାତ ଆଠ ହଜାର ବହି, ସେଗୁଡ଼ିକୁ କ୍ୟାଟଲଗ୍ କରିବା ପାଇଁ ଦିନକୁ ଚାରି ପାଞ୍ଚ ଘଣ୍ଟା ସମୟ ଲାଗେ । ଉପରଓଳି ସମସ୍ତେ ଏକାଠି ହୋଇ ଗାଡ଼ିକରି ବୁଲିବାକୁ ଯାଉ । ସାତ ଆଠ ଘଣ୍ଟା ଆମେ ଏକାଠି ଥାଉ । ଦ୍ୱିପ୍ରହରବେଳେ ଯେ ଅଳ୍ପ ସମୟ ପାଇଁ ମୁଁ ଉପରକୁ ଯାଏ, ତା' ପାଖକୁ ଆସିବା ପାଇଁ ମୋତେ ଅସ୍ଥିର ଲାଗେ; ଯେମିତି ଏକ ଅଦୃଶ୍ୟ ଦଉଡ଼ି ଦେଇ ମୋତେ କେହି ବାନ୍ଧି ଟାଣୁଛି । ଏ ବନ୍ଧନ କ'ଣ ତୁଟିପାରେ ? ତା'ହେଲେ ମୁଁ ତ ବଞ୍ଚିବି ନାହିଁ । କିନ୍ତୁ ଏ କଥାଟିକୁ ଘୁଣାକ୍ଷରରେ କାହାକୁ କହିନାହିଁ । ମିଲୁକୁ ବି ଏ ପର୍ଯ୍ୟନ୍ତ କହିନାହିଁ, ସେ ବୁଝିପାରିବ ନାହିଁ । ସେ ମୋତେ ଖରାପ ଭାବିବ– କିନ୍ତୁ ମୁଁ ଜାଣେ ମୁଁ ଆଦୌ ଖରାପ ନୁହେଁ ।

ମୁଁ ମିର୍ଚ୍ଚାକୁ ମୋର ମନର ଅବସ୍ଥା କ'ଣ କହିନାହିଁ, ତା'ର ମନ ସନ୍ଦେହରେ ପରିପୂର୍ଣ୍ଣ । ମୋ ଉପରେ ତା'ର ଆଦୌ ଆସ୍ଥା ନାହିଁ କହିଲେ ଚଳେ ।

ଯେତେବେଳେ ଆମେ ଏକାଠି ଥାଉ କୌଣସି ଗଳ୍ପ ବା କବିତା ବିଷୟରେ ଆଲୋଚନା କରୁ । 'ହଙ୍ଗର' ବହିଟା ପଢ଼ିଛି– ମୋତେ ଭଲଲାଗିନି । ବିଶେଷ କାରଣ ପାଇଁ ଭଲଲାଗିନାହିଁ । ସେଟା ଅବଶ୍ୟ ମୁଁ ତାକୁ କହିପାରିନାହିଁ । ବହିଟିରେ ଗୋଟିଏ ଦୃଶ୍ୟର ବର୍ଣ୍ଣନା ଅଛି, ତାହା ସମ୍ପର୍କରେ ଜୁଗୁପ୍‌ସାମିଶ୍ରିତ କୌତୂହଳ ମତେ ଭଲ ନ ଲାଗିବାର କାରଣ । ତାଛଡ଼ା 'ହଙ୍ଗର', ଅର୍ଥାତ୍ ଗୋଟାଏ ଲୋକ ଦିନ ପରେ ଦିନ ଭୋକରେ ଅଛି, ସେଟା ମୁଁ ବୁଝିବି କିପରି ? ମୁଁ କେବେହେଲେ କ୍ଷୁଧାର ତାଡ଼ନା ଜାଣେନା । ଦିନେ ବି ଭୋକରେ ରହିନାହିଁ । ମା' ସବୁବେଳେ ଭଲ ଭଲ ଖାଦ୍ୟ ବାଧ୍ୟ କରି ଖୁଆନ୍ତି । ଦେହର ଅନ୍ୟ କ୍ଷୁଧା କଥା ମଧ୍ୟ ସେଥିରେ ଅଛି– ମୁଁ ଏବେ ବି ତା' ତାଡ଼ନାରେ ପୀଡ଼ିତା ନୁହେଁ । ସେହି ଜଗତଟି ଅପରିଚିତ ମୋର । ଆଉ ମନର କ୍ଷୁଧା ତ ଜାଣେନାହିଁ ! ରୂପ, ରସ, ବର୍ଣ୍ଣ ଗନ୍ଧରେ ତ ପୂର୍ଣ୍ଣ କରିବାର ଆୟୋଜନ ରହିଛି । ତାକୁ କହିଲି, ମୁଁ ହଙ୍ଗର ବହିଟା ବୁଝିପାରିଲି ନାହିଁ ।

Digitized by srujanika@gmail.com

ସେ କହିଲା, ''କାହିଁ ଦେଖି ?'' ମୁଁ ବହିଟା ବଢ଼େଇ ଦେବାକୁ ଯାଉଛି, ସେ ମୋର କଟି ବେଷ୍ଟନ କରି ପାଖକୁ ଟାଣିନେଲା । ଆଉ ମୁଁ ବୋଧହୁଏ ଯୁଗାନ୍ତର ସଂସାରର ତାଡ଼ନାରେ ବାଁହାତରେ ତାକୁ ଧରି ମଧ, ତାହାଣ ହାତରେ ତା' ଗୋରା ଗାଲ ଉପରେ–ଛି ଛି, ଏବେ ବି ଭାବିବାକୁ ଲାଜଲାଗୁଛି– ଗୋଟିଏ ଥାପଡ଼ ମାରିଲି– ବେଶ୍ ଜୋର୍‌ରେ । ତା' ଗାଲଟା ଲାଲ୍ ହୋଇଗଲା । ସେ ଅବାକ୍ ହୋଇ ଚାହିଁରହିଛି । ମୋ ଡାହାଣ ହାତର ମଣିବନ୍ଧଟା ଜୋର୍ କରି ଧରି ସେ ଧୀରେ ଧୀରେ କହିଲା, ''ତୁମେ ମୋତେ ମାରିଲ ? ତୁମେ ଜାଣ, ଆମ ଦେଶରେ କୌଣସି ଝିଅ ଯଦି ଏପରି କରେ, ତାହେଲେ ସେଇଟା ଅସମ୍ଭବ ଅପମାନ । ଏହାକୁ ଜିଲ୍‌ଟ କରିବା କହନ୍ତି ।'' ''ଏଟା ତ ତୁମ ଦେଶ ନୁହେଁ ।'' ''ବେଶ୍, ମୁଁ କାଲି ଚାଲିଯିବି– ଆଉ କେବେହେଲେ ଆସିବି ନାହିଁ ।'' ଭୟରେ ମୋର ଅନ୍ତରାତ୍ମା ଶୁଖିଯାଉଛି । କ'ଣ ହେବ ସେ ଯଦି ସତକୁସତ ଚାଲିଯାଏ ! ମୁଁ କହିଲି, ''କ୍ଷମାକର ମିର୍ଚ୍ଚା, କ୍ଷମାକର । ମୁଁ ଇଚ୍ଛା କରି କରିନାହିଁ ।''

''ଇଚ୍ଛା କରି କରିନାହଁ ?'' ସେ ବିସ୍ମିତ ।

''ସତ କହୁଛି ତୁମକୁ, କିପରି ଯେ କ'ଣ ହୋଇଗଲା...ହାତଟାହିଁ ଅସଭ୍ୟତା କରିଛି– ମୁଁ ନୁହେଁ ।''

ଅବସ୍ଥାଟି ସ୍ୱାଭାବିକ ହେବାକୁ ବେଶି ସମୟ ଲାଗିଲା ନାହିଁ । ମୁଁ ଅନୁତପ୍ତ । ମନେମନେ ଭାବିଲି ଏପରି ଆଉ ଥରେହେଲେ କରିବିନାହିଁ । ସେ କିନ୍ତୁ ଖୁବ୍ ସାବଧାନରେ ରହୁଛି ।

ଆମ କଳି ତୁଟିଯାଇଛି । ମୁଁ ଅନେକ ଭାବି ଦେଖିଛି– ସେ ଯେତେବେଳେ ମୋତେ ଏତେ ଚାହେଁ, ସେତେବେଳେ କିଛି ଗୋଟାଏ କରିବାକୁ ହେବ । ସ୍ତ୍ରୀ-ପୁରୁଷ ସମ୍ପର୍କ ସମ୍ବନ୍ଧରେ ମୋର ଧାରଣା ଅସ୍ପଷ୍ଟ; କିନ୍ତୁ କୁହୁଡ଼ି ଭିତର ଦେଇ ତାହା ଟିକିଏ ଟିକିଏ ସ୍ପଷ୍ଟ ହୋଇଯାଉଛି । ମୁଁ ବୁଝିପାରୁଛି, ବୁଦ୍ଧି ଦ୍ୱାରା ନୁହେଁ, ଅନୁଭୂତିଦ୍ୱାରା । ଫୁଲ ଉପରେ ଆଲୁଅ ପଡ଼େ । ତା'ର ପାଖୁଡ଼ାଗୁଡ଼ିକ ଯେତେବେଳେ ଖୋଲେ ସେତେବେଳେ ଫୁଲ ତ ଜାଣେନାହିଁ– ଫଳ ଫଳିବାକୁ ନିର୍ଦ୍ଦେଶ ଆସୁଛି ଅଲକ୍ଷ୍ୟରୁ । ସେହିପରି ପ୍ରେମ– ସୂର୍ଯ୍ୟାଲୋକ ପରି ଉତପ୍ତ ଉଜ୍ଜ୍ୱଳ ପ୍ରେମ ମୋର ଶରୀରରେ ପ୍ରବିଷ୍ଟ ହୋଇ ତାକୁ ଉନ୍ମୁଖ କରିଦେଉଛି । ମୁଁ ଜାଣେନାହିଁ ତାର ନିର୍ଦ୍ଦେଶ କେଉଁଆଡକୁ । ଶାରୀରିକ ଶୁଦ୍ଧି ସମ୍ବନ୍ଧରେ ଭାରତୀୟ ନାରୀର ଉତ୍ତରାଧିକାର ସୂତ୍ରରେ ମିଳିଥିବା ନାନା ବଦ୍ଧମୂଳ ଧାରଣାରୁ ମୁଁ ମଧ ମୁକ୍ତ ନୁହେଁ । ସ୍ୱାମୀ ବ୍ୟତୀତ ନାରୀ ଅନ୍ୟ କୌଣସି ଲୋକକୁ ଭଲପାଇନପାରେ । ଅନ୍ୟ ପୁରୁଷ ହେଉଛି ପରପୁରୁଷ, ଯେଉଁ ଝିଅ ସେପରି କରେ ସେ ହେଉଛି ସ୍ୱୈରିଣୀ ।

ସ୍ତ୍ରୀ–ଚରିତ୍ର ସମ୍ପର୍କରେ ମୁଁ ଅନେକ ପୁସ୍ତକ ପାଠ କରିଥିଲେ ମଧ ରବୀନ୍ଦ୍ରନାଥଙ୍କ ପରି ମନର କଥା ଆଉ କେହି ଲେଖିଛି ବୋଲି ମୁଁ ମନେକରେନାହିଁ ।

Digitized by srujanika@gmail.com

ଏହି ସମୟରେ ମୋ ଛାତି ଭିତରଟା ଭଲମନ୍ଦର ଦ୍ୱନ୍ଦ୍ୱରେ ଆନ୍ଦୋଳିତ ହେଉଥିଲା । ଶରୀରର କୌଣସି ଅଂଶ କେହି ସ୍ପର୍ଶ କଲେ ତାହା ଏକ ପ୍ରକାର ପାପ ବୋଲି ମନେ ହେଉଥିଲା; ମାତ୍ର କେହି ପାଦ ସ୍ପର୍ଶକଲେ ତାହା ପାପ ନୁହେଁ, ଏପରି ଧାରଣା ମୋର ଜନ୍ମିଥିଲା । ଖାଇବା ଟେବୁଲ ପାଖେ ବସି ମିର୍ଚ୍ଚା ସର୍ବଦା ମୋ ପାଦ ଉପରେ ପାଦ ରଖୁଥିଲା– ସେଟା ନିଶ୍ଚୟ ପାପ ନୁହେଁ ।

ସେହିପରି ହ୍ୟାଣ୍ଡ୍‌ସେକ୍ କଲେ କ'ଣ ପାପ ହେବ ? ଦିନେ ଲାଇବ୍ରେରିରେ ମୁଁ ତା' ସହିତ ହ୍ୟାଣ୍ଡସେକ୍ କଲି । କହିଲି, ''ମିର୍ଚ୍ଚା, ତୁମେ ମୋର ହାତଟା ଧରିପାର ।'' ଏକଥା କହି ମୋର ହାତଟା ନେଇ ତା' ସାମନାରେ ମେଲାଇରଖିଲି । ସେ ଦୁଇହାତ ବଢ଼ାଇ ମୋ ହାତଟା ଧରିଲା । ମୁଁ ବୁଝିଲି ହାତକୁ କାହିଁକି ମୃଣାଳ ସହିତ ତୁଳନା କରାଯାଏ । ମୋ ହାତ ଉପରେ ତା'ର ସୁନ୍ଦର ଗୋରା ହାତ– କହିବି କରପଲ୍ଲବ, କରକମଳ । ସେ ଦୁଇ ଲୁବ୍‌ଧ ହାତରେ ମୋ ହାତଟା ଟାଣିନେଲା । ହାତ ଉପରେ ମୁଣ୍ଡ ରଖିଲା, ତା'ପରେ ମୁହଁ ରଖିଲା କାନ୍ଧ ଉପରେ । ମୋର ହାତ ପାପୁଲିରେ ମୁଁ ବାରମ୍ବାର ତା'ର ଅଧରର ସ୍ପର୍ଶ ପାଇବାକୁ ଲାଗିଲି । କ୍ରମେ କ୍ରମେ ମୋର ମନେହେଲା, ହାତଟା ମୋ ଶରୀରରୁ ବିଚ୍ଛିନ୍ନ ହୋଇଯାଇଛି– କିମ୍ବା ମୁଁ ହାତ ହୋଇଯାଇଛି । ମୋର ସମସ୍ତ ଅନୁଭୂତି ସେଠାରେ ଏକତ୍ର ହୋଇଛି–ମୋର ଏକାଗ୍ର ସତ୍ତା ସେହିଠାରେ ସ୍ପନ୍ଦିତ । କେତେ ବେଳ ପର୍ଯ୍ୟନ୍ତ ଜାଣେନା– ମୋର ହାତ ସେ ତା' ଛାତି ଉପରେ ରଖିଲା । ତା'ର ଦେହ ଓ ଗଳା ମୋ କହୁଣୀ ଉପରେ ଓ ମୁହଁ କାନ୍ଧ ଉପରେ । ସେ ସ୍ଥିର ରହୁନାହିଁ, କ୍ରମାଗତ ଦୋହଲୁଛି । କ୍ରମେ କ୍ରମେ ମୋର ହାତ ଆଉ ରକ୍ତମାଂସର ହାତ ହୋଇ ରହିଲାନାହିଁ । ସେସବୁ ସ୍ଥୂଳ ବସ୍ତୁ ଉଭେଇଗଲା । ଆକାଶଭର୍ତ୍ତି ବିଦ୍ୟୁତ୍‌ଲେଖା ପରି ଚମକିତ ହେବାକୁ ଲାଗିଲା । ତା' ଭିତରର ଅଣୁ ପରମାଣୁ ବିଶ୍ଳିଷ୍ଟ ହୋଇଯାଇଛି– ସେମାନେ ଘୂର୍ଣ୍ଣାୟମାନ ଓ ନୃତ୍ୟରତ । ଗ୍ରହ-ନକ୍ଷତ୍ର ପରି ସେମାନେ ବୁଲୁଛନ୍ତି– 'ଗ୍ରହ ତାରକା ଚନ୍ଦ୍ର ତପନ ବ୍ୟାକୁଳ ଦ୍ରୁତବେଗେ' – ମୁଁ ଆଖି ବନ୍ଦ କରି ରହିଛି –ମୋ ଆଖିରୁ ପାଣି ପଡୁଛି– ''ମିର୍ଚ୍ଚା, ଏ କ'ଣ, ଏ କ'ଣ, ଏ କ'ଣ !''

ଆଖିଲୁହରେ ମୋ ତକିଆ ଓଦା ହୋଇଯାଇଛି । ମୁଁ ଭବାନୀପୁରର ଲାଇବ୍ରେରି ଘରେ ନାହିଁ– ମୁଁ ବାଲିଗଞ୍ଜ ଘରର ଖଟ ଉପରେ ଶୋଇଛି । ମୋ ଶରୀର ଜଡ଼- ମୁଁ କଡ଼ ଲେଉଟାଇବାକୁ ଚେଷ୍ଟା କରୁଛି, ଦେଖେ ମୋ ସ୍ୱାମୀ କହୁଣି ଉପରେ ଭରା ଦେଇ ଉଠି ମୋ ଆଡ଼କୁ ଚାହିଁ ରହିଛନ୍ତି– ''ତୁମର କ'ଣ ହେଇଛି ମୋତେ କହିବନାହିଁ ?'' ମୋର ଅଠତିରିଶ ବର୍ଷ ହେଲା ବିବାହ ହୋଇଛି । ମୁଁ ଖୁବ୍ ନିପୁଣ ହସ୍ତରେ ସଂସାର କରିଛି– କୌଣସି ତ୍ରୁଟି ନାହିଁ । ମୁଁ ହାତ ବଢ଼େଇ ମୋ ସ୍ୱାମୀଙ୍କ ହାତଟା ଧରିବାକୁ ଚେଷ୍ଟାକଲି । ଛି, ଛି, ଏତେ ଦିନ ପରେ କାହିଁକି ଏ ସବୁ ଚିନ୍ତା ? କେଉଁଠି ବା ମିର୍ଚ୍ଚ ! ସେତିକିବେଳେ ବୁକୁଫଟା ନିଶ୍ୱାସ

Digitized by srujanika@gmail.com

ପଡ଼ିଲା– ସେ ଯେପରି କହିଉଠିଲା– ଏଇ ତ ମୁଁ ତୁମର ଜୀବନବାୟୁରେ ପ୍ରବିଷ୍ଟ–ଏତେ ଦିନ ଧରି ଭୁଲିଥିଲ କାହିଁକି ? କାହିଁକି ? କାହିଁକି ?

ଆମ ଘରେ ଏକ ଗଣ୍ଡଗୋଳିଆ ପରିସ୍ଥିତି ଉପୁଜିଛି । ମୋ ଆଈ ଆମର ଏକ ଆତ୍ମୀୟାଙ୍କୁ ନେଇ ଆମ ଘରକୁ ଆସିଛନ୍ତି । ଝିଅଟିର ନାଁ ଆରାଧନା । ଯଦିବା ସେ ମୋଠୁ ଛ ବର୍ଷ ବଡ଼, ତଥାପି କହିବାକୁ ଗଲେ ସେ ମୋର ବାନ୍ଧବୀ ଭଳି । ଆରାଧନା ଦେଖିବାକୁ ଖୁବ୍ ସୁନ୍ଦରୀ । ତାଙ୍କ ଘରେ ଯତୀନ୍ ନାମକ ଏକ ଦରିଦ୍ର ଛାତ୍ର ରହି ପାଠପଢୁଥିଲା । ଯତୀନ୍ ମଧ ଦେଖିବାକୁ ସୁନ୍ଦର– ଭଲ ପାଠ ପଢୁଥିଲା ଏବଂ ଶାନ୍ତଶିଷ୍ଟ । ଆରାଧନାର ବାପା ତା' ସହିତ ଝିଅର ବିବାହ ଠିକ୍ କଲେ । ଆରାଧନାର ବାରବର୍ଷ ବୟସ ବେଳୁ ଏଇ ବିବାହ ସ୍ଥିର ହୋଇଯାଇଥିଲା । ଦୁହେଁ ଗୋଟିଏ ଘରେ ରହୁଥିବାରୁ ସେମାନଙ୍କ ମଧରେ ଦେଖା ସାକ୍ଷାତ୍ ହେଉଥିଲା । କିନ୍ତୁ ଆରାଧନା ଯତୀନ୍‌କୁ ଆଦୌ ପସନ୍ଦ କରୁ ନ ଥିଲା । ତା'ର ବିରାଗ ସେ ପ୍ରକାରାନ୍ତରେ ମଧ ପ୍ରକାଶ କରୁଥିଲା । ସେ କାଳରେ ଝିଅ ନିଜ ବିବାହ କଥା ବାପା ମା'ଙ୍କ ସହିତ ଆଲୋଚନା କରିବାର ପ୍ରଥା ନ ଥିଲା । ତଥାପି ସେ କାନ୍ଦି କାନ୍ଦି ବାପା, ମା ଓ ଦିଦୀଙ୍କୁ ତା'ର ଯତୀନ୍ ସହିତ ବିବାହ ବନ୍ଦକରିବାକୁ ଅନୁରୋଧ କରିଥିଲା । ବାପା, ମା ଓ ଦିଦୀମାନେ ତା' କଥା ଶୁଣି ଖୁବ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସରଗଶଶୀ ପରି ପୁଅଟା, ତାକୁ କାହିଁକି ପସନ୍ଦ ହେଉନି ? ସେ ତ ଆରାଧନାକୁ ଖୁବ୍ ଭଲପାଏ, ତେବେ ତା'ର ଆପତ୍ତି କାହିଁକି ? ସେ କ'ଣ ଏମିତି ଇନ୍ଦ୍ରାଣୀ ଯେ ଏଭଳି ସହଜ ବିବାହ ପ୍ରସ୍ତାବଟା ସେମାନେ ଛାଡ଼ିଦେବେ ?

ପରିଶେଷରେ ଆରାଧନାର ଚଉଦବର୍ଷ ବୟସରେ ଯତୀନ୍ ସହିତ ବିବାହ ହୋଇଥିଲା । ତାଙ୍କର ଏକ ପୁତ୍ର ସନ୍ତାନ ମଧ ହୋଇଥିଲା । ବର୍ତ୍ତମାନ ଆରାଧନାକୁ ତେଇଶ ବର୍ଷ । ତା' ସ୍ୱାମୀ ତା'ର ଖୁବ୍ ଅନୁରକ୍ତ । ଆରାଧନା କିନ୍ତୁ ଆଦୌ ସୁଖୀ ନୁହେଁ । ସେ କହେ ତା' ପାଇଁ ଜୀବନଟା ଏକ ଡୋଜ୍ କୁଇନାଇନ୍ ମିକ୍ସ୍ଚର । ପିତାଟା ମୁହଁରେ ଲାଗି ରହିଛି । ଦିନେ ସେ ମୋତେ କହିଲା, 'ଭଉଣୀ 'ରୁ', ସେ ଲୋକଟା ସହିତ ବସବାସ କରିବା ଖୁବ୍ କଷ୍ଟଦାୟକ ।'

ମୁଁ କହିଲି– ''କାହିଁକି, ଯତୀନ୍ ମଉସା ତ ତୁମକୁ ଖୁବ୍ ଭଲପାଆନ୍ତି ।''

ସେ କହିଲା, ''ଯାଃ ! ସେଗୁଡ଼ାକ ଦେଖାଣିଆ ।''

କିନ୍ତୁ ଦିନେ କୁଇନାଇନ୍ ପିତା ତା ମୁହଁରୁ ପୋଛିହୋଇଗଲା । ଏକ ମଧୁର ଆସ୍ୱାଦନ ସେ ପାଇଲା । ତାଙ୍କ ପଡ଼ିଶା ଘରକୁ ଏକ ଯୁବକ ଅଧାପକ ଭଡ଼ାଟିଆ ହୋଇ ଆସିଲେ । ସେମାନଙ୍କ ସହିତ ତା'ର ପରିଚୟ ହେଲା । ଆରାଧନା ଅନୁଭବ କଲା ଯେ ସେ ଦୁର୍ବିସହ ଜୀବନକୁ ସହିନେଇଛି କେବଳ ସେହି ଯୁବକ ଅଧାପକଙ୍କ ପ୍ରତୀକ୍ଷାରେ ।

କିନ୍ତୁ ସେହି ଯୁବକ ଅଧାପକ, ଯାହାଙ୍କ ନାଁ ସୌମେନ୍, ସେ ବି ତ ଏକ ଭାରତୀୟ ନାରୀର ସନ୍ତାନ । ତାଙ୍କ ମା' ମୋ ମା'ଙ୍କପରି ଏ ଦେଶର ଆଦର୍ଶ ଅନୁଯାୟୀ କେଉଁଟା ଭଲ

Digitized by srujanika@gmail.com

କେଉଁଟା ମନ୍ଦ ନିଶ୍ଚୟ ଚିହ୍ନିବାକୁ ଶିଖାଇଦେଇଛନ୍ତି । ଭାରତରେ ଅବଶ୍ୟ 'ଆଦର୍ଶ' ପୁରୁଷମାନଙ୍କ ପାଇଁ ନୁହେଁ । କିନ୍ତୁ ସୌମେନ୍ ତ କେବଳ ଭାରତୀୟ ନ ଥିଲା, ସେ ଆଧୁନିକ । ତେଣୁ ତା'ର ମୂଲ୍ୟବୋଧରେ ସ୍ତ୍ରୀ ପୁରୁଷ ମଧ୍ୟରେ ତଫାତ୍ ନ ଥିଲା । ଆରାଧନା ସୌମେନ୍‌କୁ ଖୁବ୍ ଭଲପାଉଥିଲା ସତ, କିନ୍ତୁ ସୌମେନ୍ ତା' ଠାରୁ ଯଥେଷ୍ଟ ବେଶି ଆରାଧନାକୁ ଭଲପାଉଥିଲା । ସାରା ଜୀବନ ସେ ତାହା ପ୍ରମାଣ ମଧ୍ୟ କରିଛି । ତାଙ୍କ ଦୁହିଁଙ୍କ ମଧ୍ୟରେ ଦେଖା ସାକ୍ଷାତ ନ ହେବା ଉଚିତ, ଆରାଧନା ତା' ସ୍ୱାମୀଙ୍କ ପ୍ରତି କର୍ତ୍ତବ୍ୟରେ ଆଦୌ ତ୍ରୁଟି ରଖିବା ଉଚିତ ନୁହେଁ, ଏହାହିଁ ଥିଲା ସୌମେନ୍‌ର ମତ । ହିନ୍ଦୁମାନଙ୍କ ମଧ୍ୟରେ ବିବାହ ବିଚ୍ଛେଦର ପ୍ରଚଳନ ନଥିଲା, ତେଣୁ ସେମାନଙ୍କ ମଧ୍ୟରେ ସାକ୍ଷାତ ନ ହେବା ହିଁ ଶ୍ରେୟସ୍କର । ଆରାଧନାର ବିଶେଷ ନୀତିଜ୍ଞାନ ନଥିଲା– ସେ ସୌମେନ୍ ସହିତ ଘନିଷ୍ଠତା ଚାହୁଁଥିଲା । ସେ ଥଟ୍ଟାକରି କହୁଥିଲା– ଦ୍ରୌପଦୀଙ୍କର ପାଞ୍ଚଟି ସ୍ୱାମୀ ଥିଲେ, ତେବେ ତା'ର ଦୁଇଟି ହେଲେ କ୍ଷତି କ'ଣ ? ସୌମେନ୍ ମାନସିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେଲା । ପରିଶେଷରେ ଆରାଧନାକୁ ଚିଠି ଲେଖି ପତିବ୍ରତା ହେବାକୁ ଅନୁରୋଧ କଲା ଏବଂ ନିଜେ ପାପର ପ୍ରାୟଶ୍ଚିତ୍ତ ବ୍ରତ ପାଳିବାକୁ ମଠକୁ ଗଲା– ଠିକ୍ ଖ୍ରୀଷ୍ଟିୟାନ୍‌ମାନଙ୍କ ଭଳି । ତା'ର ବ୍ରତ ଭାଙ୍ଗିବା ପାଇଁ ଆରାଧନା ମଧ୍ୟ ଦୃଢ଼ ପ୍ରତିଜ୍ଞା କଲା । ଦିନେ ସେ ମୋତେ କହିଲା ରୁ, ତୁ ତ ଖୁବ୍ ସୁନ୍ଦର ଚିଠି ଲେଖିପାରୁ, ମୋର ଗୋଟିଏ ଚିଠି ଲେଖିଦେ ଭଉଣୀ, –କବିତା ଯେମିତି ଥାଏ ତା' ଭିତରେ ।

''ତୁମେ ମଠକୁ ଚିଠି ପଠାଇବ କିପରି ?''

''ସେଟା ତ ମୋର ଦାୟିତ୍ୱ । ତୁ ଖୁବ୍ ସାବଧାନରେ ଲେଖିବୁ ଯେପରି ବନାନ ଭୁଲ ରହିବ ନାହିଁ । ସୌମେନ୍ ଖୁବ୍ ବିଦ୍ୱାନ୍, ବନାନ ଭୁଲ ରହିଲେ ତାକୁ ଖୁବ୍ ଖରାପ ଲାଗିବ । ତା' ନହେଲେ ମୁଁ ନିଜେ ଲେଖିପକାନ୍ତି, ତୋତେ କାହିଁକି କହନ୍ତି ?''

ମୁଁ ଖୁବ୍ ଗର୍ବ ଅନୁଭବ କଲି । ଜୀବନରେ ପ୍ରେମପତ୍ର ଲେଖିବାର ସୁଯୋଗ ଏଇ ପ୍ରଥମଥର ମୋତେ ମିଳିଲା । ଆରାଧନା ମୋତେ ବାରମ୍ବାର ଅନୁରୋଧ କରୁଛି ରବୀନ୍ଦ୍ରନାଥଙ୍କର କବିତାର କୋଟେସନ୍ ଲଗାଇବା ପାଇଁ । ସେଥିପାଇଁ 'ଚୟନିକା' ସେ ଆଣିଛି । ମୁଁ ଅଡୁଆରେ ପଡ଼ିଯାଇଛି । ରବୀନ୍ଦ୍ରନାଥଙ୍କ ପ୍ରେମକବିତା ଓ ଈଶ୍ୱରଙ୍କ କବିତା ଭିତରେ ପ୍ରକୃତ ତଫାତ୍ କ'ଣ ବୁଝିବା ଖୁବ୍ କଷ୍ଟକର । ଆରାଧନାର ଏକା ଜିଦ୍ ରବୀନ୍ଦ୍ରନାଥଙ୍କ କବିତା 'ପରାଣେ ଭାଲବାସୀ କେନ ଗୋ ଦିଲେ ଯଦି ରୂପ ନା ଦିଲେ ବିଧି ହେ'– ଯେମିତି ହେଲେ ଉଲ୍ଲେଖ କରିବାକୁ ପଡ଼ିବ । ମୁଁ କହିଲି, 'ତୁମେ ଦେଖିବାକୁ ପରମା ସୁନ୍ଦରୀ, ତେଣୁ ତୁମଠି ଏ କବିତା ଲାଗୁ ହେବ ନାହିଁ ।' ଏଥିରେ ସେ ଖୁବ୍ ଦୁଃଖିତ ହେଲା, କହିଲା, ହାୟ ! କବିତାଟି କିନ୍ତୁ ଖୁବ୍ ସୁନ୍ଦର !

ଯାହାହେଉ ଅଠେଇଶ ପୃଷ୍ଠାର ପ୍ରେମପତ୍ର ଲେଖାହେଲା ଏବଂ ଅବ୍ୟର୍ଥରୂପେ ତାହା ଲକ୍ଷ୍ୟ ଭେଦ କଲା । ସେହି ଶବ୍ଦଭେଦୀ ବାଣ ଯଥାସ୍ଥାନେ ପହଞ୍ଚିଥିଲା ଏବଂ

Digitized by srujanika@gmail.com

ବାଣବିଦ୍ଧ ସୌମେନ୍ ସ୍ୱରଚିତ କାରାଗାର ତ୍ୟାଗକରି ଉପସ୍ଥିତ ହେଲା । ମୋର ମନେହୁଏ ମୋ ଚିଠିପାଇଁ ଯେ ଏପରି ହେଲା ଠିକ୍ ତା' ନୁହେଁ, କାରଣ ଚିଠିଟା ଗୋଟିଏ ଉପଲକ୍ଷ୍ୟ ଥିଲା ମାତ୍ର । ଏହା ପରେ ସେ ଆରାଧନା ଓ ତା' ପୁଅକୁ ନେଇ ଆଗ୍ରା ପଳାଇଗଲା । ପରବର୍ତ୍ତୀ ଘଟଣାରେ ମୁଁ ଖୁବ୍ ଶଙ୍କିତ ହେଲି । ସମସ୍ତେ ଛି ଛି କରି କହିଲେ, 'ଘରର ବୋହୂଟାକୁ ଶେଷରେ ନେଇ ପଳାଇଲା !' ସୌମେନ୍ ଏଭଳି ଭୟଙ୍କର ପାପ କରିଛି ବୋଲି ମୁଁ ପ୍ରତିଦିନ ଶୁଣେ । ମୁଁ ଭାବେ କେବଳ କ'ଣ ସୌମେନ୍ କରିଛି, ଆରାଧନା କିଛି କରିନାହିଁ ? ଅନ୍ତତଃ ମୁଁ ଜାଣେ ଯେ ଆରାଧନା ସୌମେନ୍‌କୁ ମଠ-କାରାଗାରରୁ ବାହାର କରି ଆଣିଛି ଏବଂ ଏ କାର୍ଯ୍ୟରେ ମୁଁ ତାକୁ ସାହାଯ୍ୟ କରିଛି । ମୁଁ ଜାଣିନଥିଲି ଏହାଦ୍ୱାରା ଏପରି ଏକ ଅପକର୍ମ ଘଟିଯିବ । ଯତୀନ୍ ·ଏହାପରେ ପାଗଳ ପରି ହୋଇଗଲା । ଆରାଧନାର ବାପା ଦୌଡ଼ିଲେ ଝିଅକୁ ଫେରାଇ ଆଣିବାକୁ । ଆଣିଲେ ମଧ । ସେହି ନିର୍ବୋଧ କାଣ୍ଡଜ୍ଞାନହୀନ ପୁଅଝିଅ ଦୁହିଁଙ୍କୁ ଉପଯୁକ୍ତ ଶାସ୍ତି ଦେବାର ବ୍ୟବସ୍ଥା ମଧ ହେଲା । ମୋ ବାପା ସୌମେନ୍‌ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଜଣାଇଦେବେ, ଯାହାଦ୍ୱାରା ସେ ଚାକିରି ହରାଇବ । ଏଭଳି ପରିସ୍ଥିତିରେ ମୁଁ ଭୟରେ ଥରୁଛି । ଯଦି ଜଣାପଡ଼ିଯାଏ ଯେ ସେହି ଐତିହାସିକ ପ୍ରେମପତ୍ରଟିର ରଚୟିତା ମୁଁ, ତାହାହେଲେ କ'ଣ ଯେ ହେବ ? ମୋ ମା' ଖୁବ୍ ଦୁଃଖ ପାଇବେ ଏଥିରେ ସନ୍ଦେହ ନାହିଁ । ସେ କାନ୍ଦିକାନ୍ଦି ମୋତେ କହିବେ, ''ତୁ ମୋ ଝିଅ ହୋଇ ଏପରି ଜଘନ୍ୟ କାମ କଲୁ ! ଲାଜରେ ମୁଁ ମୁହଁ ଦେଖାଇ ପାରୁନାହିଁ । ଆମେ କ'ଣ ତୋତେ ଏହି ଶିକ୍ଷା ଦେଇଛୁ ?'' ହୁଏତ ମୋ ମା' କୋଠା ଉପରୁ ଡେଇଁପଡ଼ି ଆତ୍ମହତ୍ୟା କରିବେ । ଆଉ ବାପା ! ବାପା ଯଦି ଶୁଣନ୍ତି ଏସବୁ, ତେବେ ସେ ମୋତେ ଖୁବ୍ ଗାଳିଦେବେ । ଡରରେ ମୋ ହାତ ଗୋଡ଼ ଥରୁଛି । ସେ କହିବେ, ''ତୁ ଓଳିଆରୁ ଗଜା ହୋଇଗଲୁଣି । ପଢ଼ାପଢ଼ିରେ ତ ଗୋଲ ଆଳୁ । ଏପର୍ଯ୍ୟନ୍ତ ଣିଜନ୍ତ ପ୍ରକରଣ ମୁଖସ୍ଥ କରିନାହୁଁ । ବ୍ୟାକରଣର 'ବ' ଅକ୍ଷର ଜଣାନାହିଁ– ଅଠେଇଶ ପୃଷ୍ଠାର ପ୍ରେମପତ୍ର ଲେଖିପକାଇଲୁ ।'' ସେ ଏପରି ପାଟିତୁଣ୍ଡ ଆରମ୍ଭ କରିଦେବେ ଯେ, ଆମର ଏହି ବକୁଳବାଗାନ୍‌ର ଘରଟି ଭାଙ୍ଗି ଚୂରମାର ହୋଇଯିବ– ଠିକ୍ ଯେପରି 'ହ, ଯ, ବ, ର, ଳ' ବହିରେ 'କିଂକର୍ତ୍ତବ୍ୟବିମୂଢ଼' ନାଁଟା ଶୁଣି ଘରଟି ଭୁଶୁଡ଼ିପଡ଼ିଲା । ମୋତେ ଯେତେ ଡର ଲାଗୁନା କାହିଁକି, ମୋର ଆଶା ଆରାଧନା ମୋତେ ରକ୍ଷାକରିବ, ସେ କେବେହେଲେ ସତକଥାଟା କହିବ ନାହିଁ । ତା'ର ପ୍ରେମପତ୍ରଟି ଯେ ସେ ଅନ୍ୟଦ୍ୱାରା ଲେଖେଇଛି ତାହା କେବେହେଲେ କହିବ ନାହିଁ । ତା'ର ତ ପୁଣି ଟିକିଏ ଆତ୍ମସମ୍ମାନ ଅଛି !

ଏସବୁ ପାଇଁ ଲାଇବ୍ରେରି ଘରକୁ ଯାଇ କ୍ୟାଟଲଗ୍ କରିପାରିନାହିଁ । ମିର୍ଜା ମୋ ବିଷୟରେ କ'ଣ ଭାବୁଛି କେଜାଣି ? ମୁଁ ଜାଣେ ସେ ମୋତେ ଆଦୌ ବିଶ୍ୱାସ

Digitized by srujanika@gmail.com

କରୁନଥିଲା । ମୁଁ ଦିନେ ତାଙ୍କୁ କହିଲି– କୃଷ୍ଣଚୂଡ଼ାଗଛ କବିତାଟି ମୁଁ 'କଲ୍ଲୋଳ' ପତ୍ରିକାକୁ ପ୍ରକାଶ କରିବାପାଇଁ ପଠାଇଦେଉଛି । ସେ ପତ୍ରିକାର ସମ୍ପାଦକ ମୋତେ ଖୁବ୍ ସୁନ୍ଦର ଚିଠି ଲେଖିଛନ୍ତି । ମିର୍ଚ୍ଚାକୁ କଥାଟା ପସନ୍ଦ ଆସିଲାନାହିଁ । ଜଣେ କବି କ'ଣ ଆଉ ଜଣେ କବିକୁ ଚିଠି ଲେଖିପାରିବ ନାହିଁ ? ମିର୍ଚ୍ଚା ମୋ ବିଷୟରେ କାହିଁକି ଯେ ଏତେ ଅନିଶ୍ଚିତ, ତା' ମୁଁ କହିପାରିବି ନାହିଁ । ସେ ମୋତେ ଭଲପାଏ, ସେ କଥା ଅନେକ ଥର କହିଛି । ମୁଁ ତାକୁ ଥରେହେଲେ ବି କହିନି, ତାକୁ ମୁଁ ଭଲପାଏ କି ନା । ମୁଁ ତ ନିଜେ ଜାଣେନା ମୋର ଏଇ ଯେ କଷ୍ଟମିଶ୍ରିତ ଆନନ୍ଦ ହେଉଛି, ତା' ନିକଟକୁ ଯିବାକୁ ଇଚ୍ଛା ହେଉଛି, ଏଇଟା କ'ଣ ପ୍ରେମ ? ମୋର ନିଜର ଧାରଣା ସୁସ୍ପଷ୍ଟ ନୁହେଁ । ମୋର ଅତି ଘନିଷ୍ଠ ବନ୍ଧୁ ମିଲୁ– ତାକୁ ମଧ୍ୟ ମୁଁ ଏକଥା। କହିନି । ତାକୁ କହିବି କିପରି ? ତାକୁ କହି କିଛି ଲାଭ ନାହିଁ । ସେ ଏକଥା ଜାଣିବ କିପରି ? ସେ ତ କାହାକୁ ଭଲପାଇନି । ମୋତେ ଖୁସି କରିବାପାଇଁ ଯା ହେଲେ କିଛି ଗୋଟାଏ କହିଦେବ । ମୁଁ କେବଳ ଜଣକୁ ଏ ବିଷୟ ପଚାରିପାରେ– କାରଣ ସେ ମୋର ଏକମାତ୍ର ବନ୍ଧୁ । ବୟସଦ୍ୱାରା କ'ଣ ବନ୍ଧୁତ୍ୱ ହୁଏ ? ମୋ ବାପା କହନ୍ତି ବନ୍ଧୁର ସଂଜ୍ଞା ହେଲା, 'ଅତ୍ୟାଗସହନଃ ବନ୍ଧୁଃ'– ଅର୍ଥାତ୍ ଯାହାର ବିଚ୍ଛେଦ ସହି ହୁଏନାହିଁ । ମୁଁ ତ ତାଙ୍କ ବିଚ୍ଛେଦ ସହିପାରେନା– ଏଟା ବି ତ ଠିକ୍ ନୁହେଁ । ବହୁଦିନ ହେଲା ମୁଁ ତାଙ୍କୁ ଦେଖିନାହିଁ । ମୋର ତ ତାଙ୍କ ପାଖକୁ ଯିବାକୁ ଇଚ୍ଛା ମଧ୍ୟ ହେଉନି । କାହିଁକି ? କାହିଁକି ? ତା'ର କାରଣ ମୁଁ ଭଲ କରି ଜାଣେ । ମିର୍ଚ୍ଚାକୁ ଛାଡ଼ି ଗୋଟିଏ ଦିନପାଇଁ ମୁଁ କୁଆଡ଼େ ଯିବାକୁ ଚାହେଁନା । ହଠାତ୍ ତାଙ୍କୁ (କବି) ଦେଖିବାପାଇଁ ପ୍ରବଳ ଇଚ୍ଛା ଜାଗ୍ରତ ହେଲା, ମୋ ନୟନ ଲୋତକପୂର୍ଣ୍ଣ ହୋଇଗଲା ।

ଏପରି ସମୟରେ ମିଲୁ ଘରଭିତରକୁ ପଶିଆସି ପଚାରିଲା, ''ରୁ, ୟୁକ୍ଲିଡ୍ ପଚାରୁଛି ଆଜି କ'ଣ କ୍ୟାଟଲଗ୍ କରାହେବନାହିଁ ।''

''ହେବ, ନିଶ୍ଚୟ ହେବ ।'' ମୁଁ ଅଳ୍ପ ପ୍ରସାଧନ ସାରି ତଳକୁ ଓହ୍ଲାଇ ଆସିଲି । ମୋ ଶରୀର ରୋମାଞ୍ଚିତ ହେଉଥିଲା । ଅତୀତର ସେ ଦିନଗୁଡ଼ିକ ମୋ ପାଇଁ ଏଠାରେ ବର୍ତ୍ତମାନ । ମୋର ଏ ଅନୁଭୂତି ମୁଁ କାହାକୁ ବୁଝାଇପାରିବିନାହିଁ; କିନ୍ତୁ ବୁଝାଇବାଟା ତ ଏତେ କଠିନ ନୁହେଁ । ଶ୍ରୀକୃଷ୍ଣଙ୍କ ଉନ୍ମୀଳିତ ବଦନ ମଧ୍ୟରେ ଅର୍ଜୁନ ବିଶ୍ୱରୂପ ଦର୍ଶନ କରିଥିଲେ । ଆଜି ମୁଁ ତାହା ଦେଖୁଛି । ପାର୍ବତୀ ଓ ଗୌତମୀ, ତୁମେ ସବୁ ବିଶ୍ୱାସକର । ଏଟା ସ୍ମୃତି ନୁହେଁ, ବର୍ତ୍ତମାନ ମୁଁ ପ୍ରତି ମୁହୂର୍ତ୍ତରେ ୧୯୩୦ ମସିହାରେ ପ୍ରବିଷ୍ଟ ହେଉଛି । ୧୯୩୦ ମସିହା ମୋତେ ସ୍ପର୍ଶ କରି ରହିଛି । ସେଥିପାଇଁ ମୁଁ ଲେଖିଛି–

''ସମୟେର ସମୁଦ୍ର ପାରାୟେ
ଯେ ଜୀବନ ଗିୟେଛେ ହାରାୟେ

Digitized by srujanika@gmail.com

ଯଦି ସେ ଫିରେଇ ଫେର ଆସେ
ଆଲୋ ହୟେ ମନେର ଆକାଶେ,
ଚନ୍ଦ୍ରତାରକାର ସାଥେ,
ବସେ ଏକାସନେ,
ସେ ସୂର୍ଯ୍ୟ ସ୍ୱରୂପ
ଆମାକେ ଦେଖାବେ ବିଶ୍ୱରୂପ
ତଖନ ଆର ଅନ୍ୟ ପନ୍ଥା ନାଇ
ପ୍ରଣିଧାୟ କାୟଂ ପ୍ରସନ୍ନତା ଚାଇ ।''

ମୁଁ ତୁମ ସମସ୍ତଙ୍କୁ ନିବେଦନ କରି କହୁଛି–ପ୍ରସୀଦ, ପ୍ରସୀଦ, ପ୍ରସନ୍ନ ହୁଏ –ମୋର ଭୁଲ ଭ୍ରାନ୍ତି, ଅପରାଧ ଓ ତ୍ରୁଟି ସବୁ କିଛି କ୍ଷମାକର । ମୁଁ ଅନ୍ୟ ଈଶ୍ୱର ଜାଣେନାହିଁ । ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ବିଶ୍ୱରୂପ ସମ୍ବରଣ କରିବାକୁ କହିଲେ । ମୁଁ ତ ତା କହୁନାହିଁ । ମୁଁ ବାରମ୍ବାର ଦେଖିବାକୁ ଚାହେଁ । ମୁଁ ତାକୁ ଦୁଇ ହାତରେ ଧରିବାକୁ ଚାହେଁ । ଅଲୌକିକ ପ୍ରତ୍ୟାଶା ମୋର ବୁଦ୍ଧିର କେନ୍ଦ୍ରକୁ ଶିଥିଳ କରିଦେଉଛି ।

ମୁଁ ପ୍ରାର୍ଥନା କରୁଛି, ଯଦି ପ୍ରକୃତରେ ଆମର କେହି ଭାଗ୍ୟନିୟନ୍ତା ଥାଆନ୍ତି– ତେବେ ଏଇ ଚାଳିଶଟା ବର୍ଷ ସେ ମୋର ପାରିକରି ନେଇଯାଆନ୍ତୁ । ତା'ର (ମିର୍ଜା) ମୁହଁର ରେଖାଗୁଡ଼ିକ ମୋ ନଜରକୁ ଆସୁନାହିଁ । କେବଳ ତା'ର ଆଖିର ତୀକ୍ଷ୍ଣ ଦୃଷ୍ଟି ବ୍ୟତୀତ ମୁଁ ଆଉ କିଛି ଦେଖିପାରୁନାହିଁ । ତା'ର ସୁନ୍ଦର ଗୋରା ବେକ ଓ ଛାତିର ଅଂଶବିଶେଷ ମୋ ଆଖିକୁ ଦିଶୁଛି । ତା'ର ସେଇ ଛାତିରେ ମୁଁ କାନ ଡେରି ଶୁଣିବାକୁ ଚାହେଁ ଜନ୍ମାନ୍ତର ପରି ବିଚ୍ଛିନ୍ନ ଅଥଚ ଯୁକ୍ତ ସେଇ ଆଶ୍ଚର୍ଯ୍ୟ ସ୍ୱରଟି କେଉଁଠି ବାଜୁଛି– ସେଇ ପ୍ରଥମ ଆଲୋକର ଚରଣ ଧ୍ୱନି, ସେଇ ପ୍ରଥମ ପ୍ରେମର କଲ୍ଲୋଳ ।

ଆମେ (ମୁଁ ଓ ମିର୍ଜା) ବହି ସଜାଡୁଛୁ, କାର୍ଡ଼ରେ ନାମ ଲେଖାହେଉଛି । ବାକ୍ସରେ କାର୍ଡ଼ ଗୁଡ଼ିକ ପଡୁଛି । ଆମେ ନୀରବରେ କାମ କରିଯାଉଛୁ । ମୁଁ ଟିକିଏ କଣେଇ ତାକୁ ଦେଖିଲି, ତା'ର ହାତଟା ଟିକିଏ ଟିକିଏ ଥରୁଛି । ତା' ଭିତରଟା କ'ଣ ହେଉଛି କେଜାଣି ? ତା'ପରେ, ତା'ପରେ କ'ଣ ହେଲା ମୁଁ କିଛି ଜାଣେନାହିଁ । କେଉଁ ଘରେ କେଉଁଠି, ମୁଁ ଠିକ୍ କହିପାରିବିନାହିଁ । ମୁଁ ଦେଖୁଛି । ମୋଟ ମୋଟ ରେଲିଂଦିଆ ବଡ଼ ଝରକା । ତା ସମ୍ମୁଖରେ ଆମେ ଦୁହେଁ । ହଠାତ୍ ମୁଁ ଅନୁଭବ କଲି ତା'ର ବାହୁବନ୍ଧନ ମଧ୍ୟରେ ମୁଁ ରହିଛି । ତା'ର ମୁହଁ ଓହ୍ଲାଇ ଆସୁଛି ମୋ ମୁହଁ ଉପରକୁ । ମୁଁ ଚେଷ୍ଟା କରୁଛି ନିଜକୁ ମୁକ୍ତ କରିନେବାକୁ । ଯୁଦ୍ଧ କରୁଛି– କାହିଁକି ଯୁଦ୍ଧ କରୁଛି ଜାଣେନା; ନିଶ୍ଚୟ ପରାଜିତ ହେବି ବୋଲି । ଶୁଚିତା ରକ୍ଷାକରିବା ପାଇଁ ନିଶ୍ଚୟ ନୁହେଁ । ମୁଁ ପରାଜିତ ହେଲି । ମିର୍ଜା ମୋ ମୁହଁ ଉପରେ ତା'ର ମୁହଁ ରଖିଲା । ନମ୍ର ମଧୁର

Digitized by srujanika@gmail.com

ସ୍ପର୍ଶରେ ମୋ ମୁହଁ ଖୋଲିଗଲା, ମୋ ମୁହଁ ମଧ୍ୟରେ ତା'ର ମୁହଁର ସ୍ପର୍ଶ ପାଇଲି । ମୋର ସମସ୍ତ ଶରୀର ସଙ୍ଗୀତମୁଖର; ମୋର ନୟନ ଅଶ୍ରୁପୂର୍ଣ୍ଣ–ମୋର କେଉଁଟା ହର୍ଷ କେଉଁଟା ବା ବିଷାଦ ବୁଝିପାରୁନାହିଁ ।

ସେ ଏତେ ଆନନ୍ଦ କେଉଁଠୁ ଆଣିପାରେ ? ଏପରି ଘଟେ କିପରି ? ମୁଁ ଯାହା ଶୁଣିଥିଲି, ଆରାଧନା ମୋତେ ଯାହା କହିଥିଲା, ଏହା ତାହାଠାରୁ ଯଥେଷ୍ଟ ଭଲ । ଅବଶ୍ୟ ଶୁଣି କିଛି ବୁଝାପଡ଼େନାହିଁ । ସମସ୍ତେ କ'ଣ ଏସବୁ ଜାଣନ୍ତି ? ମୋ ମନକୁ ନାନା ପ୍ରକାର ପ୍ରଶ୍ନ ଆସୁଛି । ମୋ ମନରେ ପାପବୋଧ ନାହିଁ, ଅଛି ପରିପୂର୍ଣ୍ଣତା । ମୋ ମନରେ ପାପ ଆସିବ କାହିଁକି, ମୁଁ ତ କରିନାହିଁ, ବରଂ ମୁଁ ବାଧାଦେଇଛି । ମିର୍ଚ୍ଚାର ପାପ ହୋଇପାରେ । ତାଙ୍କ ଦେଶରେ ଏ ସବୁ ପାପ ନୁହେଁ– ତା' କଥାରୁ ମୁଁ ବୁଝିପାରିଛି । ତା' ବାହୁବନ୍ଧନରୁ ମୁକ୍ତ ହୋଇ ମୁଁ ବେଶବାସ ସଜାଡ଼ି ନେଲି । ମନ କହିଲା– ଆମାର ପ୍ରାଣେର ଭିତର ସୁଧା ଆଛେ ଚାଓକି ?

''ରୁ' ରୁ' ରୁ'–''

''ଯାଉଛି ମା'–

ଆନନ୍ଦରେ ମୁଁ ଉଡ଼ିଗଲା ପରି ମନେହେଲା । ମନ ମଧ୍ୟରେ ମୟୂର ନୃତ୍ୟ କରୁଛି । ଡେଇଁ ଡେଇଁ ପାହାଚ ଚଢ଼ିଲି– ''ଉଲ୍ଲାସ ଉତ୍‌ରୋଳ ବେଣୁବନ କଲ୍ଲୋଲ, କମ୍ପିତ କିଶଲୟେ ମଲୟେର ଚୁମ୍ବନ'' ।

ହଠାତ୍ ମୋ ଆଖି ଶାନ୍ତି ଉପରେ ପଡ଼ିଲା । ସେ ଶିଡ଼ିର ଉପର ପାହାଚରେ ଠିଆ ହୋଇ ସ୍ଥିର ଦୃଷ୍ଟିରେ ମୋତେ ଦେଖୁଥିଲା । ସେ ଦୃଷ୍ଟିରେ ନିନ୍ଦା ଅଥବା ଈର୍ଷା ନଥିଲା, ଥିଲା ଜ୍ଞା ଧାତୁର ସନ୍ ପ୍ରତ୍ୟୟ– ଅର୍ଥାତ୍ ଜିଜ୍ଞାସା ବା ଜ୍ଞାନର ଇଚ୍ଛା । ଭୟରେ ମୋ ହାତ ଗୋଡ଼ ଜଡ଼ ହୋଇଗଲା । 'କମ୍ପିତ କିଶଳୟ' ସ୍ତମ୍ଭିତ ହୋଇଗଲା, 'ମଳୟର ଚୁମ୍ବନ' ପବନ ଦାଉରେ କେଉଁଆଡ଼େ ଯେ ପଳାଇଲା କହିହେଉନି । ମନରେ ଯେତେ ଡର ଆସୁନା କାହିଁକି ବାହାରେ ପ୍ରକାଶ କଲେ ବିପଦ ଘଟିବ । ତେଣୁ ସାହସ ସଞ୍ଚୟକରି କହିଲି, ''ମତେ ଏମିତି ଦେଖୁଛୁ କ'ଣ ?''

''ତୁମେ ଏତେବେଳ ଯାଏ କେଉଁଠି ଥିଲ ?''

ଚୋରମା' ବଡ଼ତୁଣ୍ଡୀ । ମୁଁ ବଡ଼ ପାଟିରେ କହିଲି, ''ତୁମେ କ'ଣ ଜାଣିନାହଁ, ମୁଁ ପରା କ୍ୟାଟଲଗ୍ କରୁଥିଲି !''

ଶାନ୍ତି ସ୍ଥିରହୋଇ ଚାହିଁ ରହିଲା । ତା'ର ଦୃଷ୍ଟି ଉଦାସ ହେଲା–ଅଶ୍ରୁପୂର୍ଣ୍ଣ ହୋଇଗଲା ।

ଶାନ୍ତି ମୋଠାରୁ ପାଞ୍ଚବର୍ଷ ବଡ଼ । ମୋତେ ଷୋଳ ପୂରି ସତର– ତାକୁ ଏକୋଇଶ ପୂରି ବାଇଶ । ସେ ତା ବଡ଼ଭାଇ ଖୋକା ପରି ଦେଖିବାକୁ –ଦୁଇଟି ଉଜ୍ଜ୍ୱଳ ଆଖି ଓ ଭ୍ରୂ ଛଡ଼ା ଆଉ କିଛି ସୁନ୍ଦର ନୁହେଁ । ସବୁବେଳେ ହସୁଥାଏ– କଥା କହୁଥାଏ । ସେମାନେ ଅତ୍ୟନ୍ତ

Digitized by srujanika@gmail.com

ଗରିବ । ତା'ର ବଡ଼ଭାଇ ଓ ସେ ଆମ ଘରେ ଆଶ୍ରିତ । ଶାନ୍ତି ଖୁବ୍ କମ୍ ପାଠ ପଢ଼ିଛି । ପଢ଼ିବ ବା କିପରି– ତାକୁ ତ ସୁଯୋଗ ମିଳିଲା ନାହିଁ । ତାକୁ ଯେତେବେଳେ ନ ବର୍ଷ ସେତେବେଳେ ପୂର୍ବବଙ୍ଗର କୌଣସି ଏକ ଗ୍ରାମର ଉଣିଶ ବର୍ଷର ଯୁବକ ରମେନ୍ ସହିତ ତା'ର ବିବାହ ହୋଇଗଲା । ଦୁଇବର୍ଷ ପରେ ରମେନ୍‌କୁ ଏକୋଇଶ ବର୍ଷ ହେଲା । ସେତେବେଳେ ତା'ର ପୂର୍ଣ୍ଣ ଯୌବନ । ଦୁଇବର୍ଷ ପରେ ଶାନ୍ତିକୁ ଏଗାର ବର୍ଷ ମାତ୍ର– ତା' ବି ସେ ସ୍ୱାସ୍ଥ୍ୟବତୀ ନଥିଲା । ରମେନ୍ ଭାବିଥିଲା ତା' ସ୍ତ୍ରୀ ଅତି ଦ୍ରୁତ ଏକ ପରିପୂର୍ଣ୍ଣା ଯୁବତୀରେ ପରିଣତ ହୋଇଯିବ । ତାହା ହେଲା ନାହିଁ । ଏଥିପାଇଁ ସେ ଶାନ୍ତିକୁ ଦୋଷଦେଲା । ସ୍ତ୍ରୀକୁ ଶାସ୍ତି ଦେବାପାଇଁ ରମେନ୍ ଏକ ପ୍ରାପ୍ତବୟସ୍କା ଯୁବତୀକୁ ବିବାହ କଲା । ଯୁବତୀଟି ଖୁବ୍ ସୁନ୍ଦରୀ । ପରିଣାମରେ ଶାନ୍ତି ତା' ସ୍ୱାମୀଙ୍କ ଘରେ ସେବିକା ପଦରେ ନିଯୁକ୍ତ ହେଲା । ତା'ର କର୍ତ୍ତବ୍ୟ ଥିଲା ରମେନ୍ ଓ ତାର ଯୁବତୀ ଭାର୍ଯ୍ୟାର ପଦ ସେବା କରିବା । ଶାନ୍ତି ଏପରି ଅନେକ ଦୁର୍ବ୍ୟବହାର ସହି ପରିଶେଷରେ ଦିନେ ବିଷ ଖାଇ ଆତ୍ମହତ୍ୟା କରିବାକୁ ଚେଷ୍ଟା କଲା– କିନ୍ତୁ ସଫଳ ହେଲା ନାହିଁ । ପ୍ରତିବେଶୀମାନେ ଖବର ଦେବାରୁ ତା' ବଡ଼ଭାଇ ଖୋକା ତାକୁ ନେଇଆସିଲା । ଅଠରଟି ସନ୍ତାନର ଜନନୀ ଶାନ୍ତିର ମା' ଝିଅକୁ ସ୍ୱାମୀ ପାଖକୁ ଫେରିଯିବାକୁ କହୁଥିଲେ । ଯେତେ ହେଲେ ମଧ୍ୟ ସ୍ତ୍ରୀଲୋକ ପାଇଁ ସ୍ୱାମୀର ଘର ଛଡା ଦୁନିଆରେ ଆଉ ସ୍ଥାନ କାହିଁ । ଯୁବତୀ ଝିଅ ଏକୁଟିଆ ରହିବ କେଉଁଠି ? କିଏ ବା ତାକୁ ଭରଣ ପୋଷଣ ଦେବ ? ମୋ ମା ଏ ସବୁର ସମାଧାନ କରିଦେଲେ । ଶାନ୍ତିକୁ ଆମ ଘରେ ରଖିବାକୁ ବ୍ୟବସ୍ଥା କଲେ । ସେ ଏଠାରେ ରହି ନର୍ସିଂ ପଢ଼ିବ–ଯେମିତି ହେଲେ ନିଜ ଗୋଡ଼ରେ ଠିଆହେବ ।

ଦୟା ଦାକ୍ଷିଣ୍ୟ ଦେଖାଇବାରେ ମୋ ମା' ଏକୁଟିଆହିଁ ଗୋଟିଏ ଇନ୍‌ଷ୍ଟିଚ୍ୟୁସନ୍ (ଅନୁଷ୍ଠାନ) କହିଲେ ଅତ୍ୟୁକ୍ତି ହେବନାହିଁ । ସେ ଯେ କେତେ ଲୋକଙ୍କୁ ସାହାଯ୍ୟ କରିଛନ୍ତି ତା'ର ହିସାବ ନାହିଁ । ଖୋକା ଆମରି ଘରେ ରହି ଟାଇପ୍ ଶିଖୁଛି । କିନ୍ତୁ ଶାନ୍ତି ଓ ଖୋକା ଏକା ପ୍ରକୃତିର ନୁହଁନ୍ତି । ଶାନ୍ତି ଉଦୟାସ୍ତ ପରିଶ୍ରମ କରି ତା'ର ଅନ୍ନସଂସ୍ଥାନ କରିନିଏ । ଆମେ ସମସ୍ତେ ତାକୁ ନାନା ପ୍ରକାର କାମ କରିବାକୁ ଆଦେଶ କରୁ । କିନ୍ତୁ ଖୋକା– ସେ କେବଳ ସମସ୍ତଙ୍କୁ ହସାଇପାରେ । ସେ କୌଣସି କାମକୁ ଉପଯୁକ୍ତ ନୁହେଁ । ମୋ ବାପା ତାକୁ ଆଦୌ ପସନ୍ଦ କରନ୍ତି ନାହିଁ । ସେ ବାପାଙ୍କ ଆଗକୁ ଆସିବାକୁ ସଂକୋଚ ବୋଧକରେ । ବାପା ତାକୁ ଘରୁ ତଡ଼ିଦେବାପାଇଁ ଚାହାନ୍ତି, କେବଳ ମା'ଙ୍କ ପାଇଁ ସେଟା କରିପାରନ୍ତି ନାହିଁ । ମୋ ମା' କାହାରିକୁ ହେଲେ ନିରାଶ୍ରୟ କରିବାକୁ ଚାହାନ୍ତି ନାହିଁ । ଆଉ ଆମ ପରିବାରରେ ମୋ ମା' ସର୍ବୋଚ୍ଚ କର୍ତ୍ତୀ । ସ୍ୱାମୀ ଥାଇ ମଧ୍ୟ ଶାନ୍ତିକୁ ବିଧବା ଭଳି ଜୀବନ ଯାପନ କରିବାକୁ ପଡ଼େ, ସେଥିପାଇଁ ମୋ ମାଆଙ୍କ ମନରେ ଖୁବ୍ ଦୁଃଖ । ଅବଶ୍ୟ ଶାନ୍ତି ପୂରାପୂରି ବିଧବା

Digitized by srujanika@gmail.com

ନୁହେଁ । ସେ ଶାଢ଼ିପିନ୍ଧେ, ସିନ୍ଦୂର ଲଗାଏ, ଭାତ ଓ ମାଛ ଖାଇଥାଏ । କିନ୍ତୁ ସେ ଆଉଥରେ ବିବାହ କରିପାରିବ ନାହିଁ । ହିନ୍ଦୁ ସମାଜରେ ସ୍ୱାମୀ ମରିଗଲା ପରେ ମଧ ଝିଅ ବିବାହ କରି ପାରେ ନାହିଁ, ସ୍ୱାମୀ ବଞ୍ଚି ଥାଉ ଥାଉ କିପରି ବା ବିବାହ କରିବ ? ମୋ ମା'ଙ୍କର ଆନ୍ତରିକ ଇଚ୍ଛା ଶାନ୍ତିର ବିବାହ ହେଉ । ତାଙ୍କ ମତରେ ଶାନ୍ତି କୁମାରୀ ବ୍ୟତୀତ ଆଉ କିଛି ନୁହେଁ । କିନ୍ତୁ ବେଆଇନ୍ କାମ କରିବାକୁ କାହାର ସାହସ ଅଛି ? ଶାନ୍ତିର ସ୍ୱାମୀ ରମେନ୍ ତେବେ ଆସି ଧୁନ୍ଧୁମାର ଲଗାଇଦେବ । ଅର୍ଥାତ୍ ଧୁନ୍ଧୁଦାନବକୁ ହତ୍ୟା କଲାବେଳେ ଯେଭଳି କୋଳାହଳ ହୋଇଥିଲା, ରମେନ୍ ଆସି ରାସ୍ତାରେ ଠିଆହୋଇ ସେହିଭଳି ହଲାପଟା କରିବ । ଲୋକ ଜମାହେବେ, ଥାନା ପୁଲିସ ହେବ । ସେ ଏସବୁ କରିପାରେ । ଥରେ ଅଧେ ଏଭଳି କରିବାର ଚେଷ୍ଟା ମଧ କରିଛି ।

ଶାନ୍ତି ଅନ୍ୟ ଜଣକୁ ଭଲପାଏ । ସେ ଲୋକଟି ତା' ମା'ଙ୍କ ଘର ପାଖରେ ରହେ । ଲୋକଟି ବିବାହିତ, ତା'ର ସ୍ତ୍ରୀ ଅଛି । ତା'ର ଆମ ଘରକୁ ଆସିବାଟା ମୋ ମା' କେବେହେଲେ ବରଦାସ୍ତ କରିବେ ନାହିଁ । ଶାନ୍ତିର ଜୀବନରେ ଏ ସମସ୍ୟାର ସମାଧାନ ନାହିଁ । ଶାନ୍ତି ବହୁତ କଷ୍ଟ ପାଇଛି, ତା' ଆଖିର ପାଣି ତ ଶୁଖିଯାଇଛି, ତେବେ ତା' ଆଖିରେ ପୁଣି ପାଣି ଆସିଲା କିପରି ? ମୋ ମନରେ ଆଶଙ୍କା ହେଲା । ମୁଁ କବିଙ୍କ କବିତାରୁ ପଦଟିଏ ଗାଇଲି, ''ଶଙ୍କିତ ଚିତ୍ତ ମୋର ପାଛେ ଭାଙ୍ଗେ ବୃନ୍ତ ଡୋର ।'' ମୁଁ ଭାବୁଛି ରବୀନ୍ଦ୍ରନାଥ ଏତେ କଥା ଜାଣିଲେ କିପରି ? ତାଙ୍କର ନିଶ୍ଚୟ ଏପରି କିଛି ହୋଇଥିଲା । ଏପରି ମାନେ– ମିର୍ଚ୍ଚାପରି ? ମୋ ପରି ନିଶ୍ଚୟ ନୁହେଁ । ମୁଁ ତ ଗୋଟିଏ ପୁଅ । ଏଟା ତ ଝିଅମାନଙ୍କର ହିଁ କଥା– ''ଶରମ ରକ୍ତରାଗେ, ତା'ର ଗୋପନ ସ୍ୱପ୍ନ ଜାଗେ''– ଏ ନିଶ୍ଚୟ ପୁରୁଷମାନଙ୍କର କଥାନୁହେଁ । ଶରମ-ଭରମ ଏସବୁ ତ ଝିଅମାନଙ୍କ ପାଇଁ ! ତାହେଲେ କୌଣସି ଝିଅ କ'ଣ ତାଙ୍କୁ ଏ କଥା କହିଛି ? କିଏ ସେ କହିଛି ! ବହିସବୁ ଖୋଜି ଖୋଜି ଦେଖିବାକୁ ପଡ଼ିବ । ଛି, ଛି, ମନକୁ ଧିକ୍କାର ଦେଲି । ଗୁରୁଜନମାନଙ୍କ ସମ୍ପର୍କରେ ଏ ସବୁ ଭାବିବା ଏକାନ୍ତ ଅନ୍ୟାୟ ।

ମୁଁ ଦର୍ପଣରେ ମୁହଁ ଦେଖୁଛି । ମନରେ ଆନନ୍ଦ । ମୁଁ ଗୀତ ଗାଉଛି–

''ଯୌବନ ସରସୀ ନୀରେ ମିଳନ ଶତଦଳ
କୋନ ଚଞ୍ଚଳ ବନ୍ୟାୟ ଟଲମଲ ଟଲମଲ ।''

ଆନନ୍ଦରେ ମୋର ନାଚିବାକୁ ଇଚ୍ଛା ହେଉଛି । ଶାନ୍ତିକୁ ପଚାରିଲି, ''ଯୌବନ ସରସୀ ନୀରେ ମିଳନ ଶତଦଳ କ'ଣ– ତୁମେ କହିଲ ?''

ଶାନ୍ତି କହିଲା, ''ତୁମେ କ'ଣ ପାଗଳୀ ହୋଇଗଲ ?'' ମୁଁ କହିଲି, ''ମୋର ନାଚ ଶିଖିବାକୁ ଇଚ୍ଛା ହେଉଛି । ଶାନ୍ତିନିକେତନରେ ତ ରବୀନ୍ଦ୍ରନାଥ ଝିଅମାନଙ୍କୁ ନାଚ ଶିଖାଉଛନ୍ତି ।''

Digitized by srujanika@gmail.com

ଶାନ୍ତି କହିଲା, ‘‘ଶିଖିବ ଯାଅ ।’’

‘‘କହିଦେଲେ କ’ଣ ହେବ– ବାପା କ’ଣ ମୋତେ ଛାଡ଼ିବେ ? ବାପା କେବେହେଲେ ଛାଡ଼ିବେ ନାହିଁ ।’’

ମୁଁ ଏଠାରେ ବନ୍ଦୀ, ଅବଶ୍ୟ ସ୍ନେହରେ ବନ୍ଦୀ; କିନ୍ତୁ କୌଣସି ବନ୍ଦୀର ଅବସ୍ଥା କେବେହେଲେ ସୁଖକର ହୋଇନପାରେ । ଥରେ ରବୀନ୍ଦ୍ରନାଥ ମୋତେ କହିଥିଲେ, ‘‘ତୁମ ବାପାଙ୍କ ପାଖରୁ ମୁଁ ତୁମକୁ କିଛି ଦିନ ପାଇଁ ଧାର ନେବି । ମୁଁ ‘ମାଳିନୀ’ ନାଟକଟି ପାଇଁ ନାୟିକା ଖୋଜୁଛି । ତୁମେ ନିଶ୍ଚୟ ପାରିବ । ମାଳିନୀ ପରି ତୁମ ମନର ଆକାଶ ଅଛି ।’’

‘ମନର ଆକାଶ’ ଏପରି କଥାଟିଏ ଏଇ ପ୍ରଥମ ଶୁଣିଲି । ଏହା ପୂର୍ବେ ଆକାଶକୁ ଆକାଶ ବୋଲି ଜାଣିଛି । ଆକାଶ ଶବ୍ଦଟି ଶୁଣିବା ମାତ୍ରେ ତା’ର ସମସ୍ତ ନେଳି ରଙ୍ଗ ମୋ ମନରେ ବିଛାଡ଼ି ହୋଇଗଲା । ଏକ ଅନିର୍ବଚନୀୟ ଆନନ୍ଦରେ ମୋ ମନ ପୂରିଗଲା । ରବୀନ୍ଦ୍ରନାଥ କଥାର ଯାଦୁକର । କଥାଦ୍ୱାରା ସେ ଆକାଶରେ ମେଘର ସମଷ୍ଟି କରି ଅଳକାନନ୍ଦା ସୃଷ୍ଟି କରନ୍ତି । ମହ୍ଲାରର ପ୍ରୟୋଜନ ହୁଏନାହିଁ; କିନ୍ତୁ ବାପା ମୋତେ ଛାଡ଼ିଲେ ନାହିଁ । ସେ କହିଲେ, ‘‘ନାଟକ, ଥିଏଟର କରି ଜୀବନ କଟାଇବା ଉଚିତ ନୁହେଁ । ଛାତ୍ରଣାମ୍ ଅଧ୍ୟୟନଂ ତପଃ ।’’

ମୁଁ କହିଲି, ‘‘ଦେଖ ଶାନ୍ତି, ମୁଁ ଯେତେବେଳେ ବିବାହ କରିବି, ସେତେବେଳେ ସ୍ୱାଧୀନ ହୋଇଯିବି– ସାବିକୁ ମୋ ପାଖରେ ରଖି ନାଚ ଶିଖାଇବି । ମୋତେ ନିଶ୍ଚୟ ସେତେବେଳେ କେହି ମନା କରିପାରିବେନାହିଁ ।’’

ମୋର ଧାରଣା ବିବାହ ପରେ ସମସ୍ତେ ସ୍ୱାଧୀନ ହୋଇଯାଆନ୍ତି । ଅବଶ୍ୟ ଶାନ୍ତି ପରି ବିବାହ କଲେ ତା’ ହେବନାହିଁ; କିନ୍ତୁ ସ୍ୱାଧୀନ ବା କିଏ ? ମୋ ମା’ କ’ଣ ସ୍ୱାଧୀନ ? ଟିକିଏ ହେଲେ ବି ନୁହେଁ ।

ଆଚ୍ଛା ମୋର କିପରି ବିବାହ ହେବ ?

ମିର୍ଚ୍ଚା ମିର୍ଚ୍ଚା ....ନା, ନା, ତା କେବେହେଲେ ସମ୍ଭବ ହେବନାହିଁ । ବୃନ୍ତଡାଳ ନିଶ୍ଚୟ ଭାଙ୍ଗିଯିବ । ମୁଁ ଶାନ୍ତିର କଣ୍ଠ ଆଲିଙ୍ଗନ କରି କ୍ରନ୍ଦନ କରିବାକୁ ଲାଗିଲି । ସେ ଆଶ୍ଚର୍ଯ୍ୟ ହୋଇ କହିଲା, ‘‘କାହିଁକି ଭଉଣୀ କାନ୍ଦୁଛ ? ନାଚ ଶିଖି କ’ଣ ହେବ ? ନ ଶିଖିଲେ ନାହିଁ ।’’

ମୁଁ କହିଲି; ‘‘ନା, ନା, ସେଥିପାଇଁ ନୁହେଁ । ମୋ ମନ ଭୀଷଣ ଖରାପ ହୋଇଯାଉଛି... ଭୀଷଣ ଖରାପ ।’’

ବଡ଼ ଟେବୁଲ ଲ୍ୟାମ୍ପଟା ଜଳୁଛି, ତା’ର ଡାଙ୍କୁଣୀଟା ଧଳା ଗୋଲ ଗୋଟିଏ ବଡ଼ ପାତ୍ରପରି । ମୁଁ ସୋଫାର ଗୋଟିଏ ପଟେ ବସିଛି । ଅନ୍ୟ ପଟେ ଖଟ ଉପରେ ମିର୍ଚ୍ଚା ତା’ର

Digitized by srujanika@gmail.com

ଗୋଡ଼ ଲମ୍ବେଇ ବସିଛି । ତା'ର ଏଇ ଭଙ୍ଗୀରେ ବସିବାଟା ମୋତେ ଖୁବ୍ ଭଲଲାଗେ । ତା'ର ପାଦ ସ୍ପର୍ଶ କରିବାକୁ ମୋର ଇଚ୍ଛା ହେଉଛି । ଭାବୁଛି ମୋ ହାତରେ ତା'ର ପାଦ ସ୍ପର୍ଶ କରିବି । ନା, ନା, ହାତରେ ତା'ର ପାଦ ସ୍ପର୍ଶ କରିବି କାହିଁକି ? ବରଂ ମୁଁ ରାଧା ପରି ମୁହଁ ଫେରାଇ ବସିବି, ତେବେ ସେ ମୋର ଗୋଡ଼ ଧରିବ । କହିବ–''ଦେହି ପଦପଲ୍ଲବମୁଦାରମ୍ ।'' ଗୀତଗୋବିନ୍ଦର ସେହି ଚିତ୍ରଟି ଆଖିରେ ଭାସିଉଠୁଛି । ରାଧା ମୁହଁ ଫେରାଇ ବସିଛନ୍ତି– କୃଷ୍ଣ ତାଙ୍କର ପାଦ ନିକଟରେ ଅବନତ । ବର୍ତ୍ତମାନ ମୁଁ ଗୀତଗୋବିନ୍ଦ ପଢୁଛି । ଗୀତଗୋବିନ୍ଦ ବୁଝିବା କ'ଣ ଏତେ ସହଜ ? ମୁଁ ତ ଗୀତଗୋବିନ୍ଦ ପୂରାପୂରି ବୁଝିପାରେନାହିଁ ।

ସତ କହିବାକୁ ଗଲେ, 'ମହୁୟା'ର ''ମାୟା'' କବିତା ମୁଁ ଭଲକରି ବୁଝିପାରେ ନାହିଁ । ବାପା କହନ୍ତି, ''ମାୟା'' କବିତାରେ ଏକ ଦାର୍ଶନିକ ତତ୍ତ୍ୱ ରହିଛି । ମୋତେ ସେ ବୁଝାଇ ଦେଇଛନ୍ତି । ମୁଁ କିନ୍ତୁ ସେ ତତ୍ତ୍ୱରେ ମନ ଦେଇପାରିନାହିଁ । କବିତାର ସେଇ ପଙ୍‌କ୍ତିଟା ''ଏଇ କ୍ଷଣଟୁକୁ ହୋକ୍ ସେଇ ଚିରକାଳ'' ମୁଁ ବୁଝିପାରୁନାହିଁ । ସ୍ୱଚ୍ଛ ମୁହୂର୍ତ୍ତ କ'ଣ ପାଇଁ ବା କେଉଁ ଦୁଃଖରେ ଚିରସ୍ଥାୟୀ ହୋଇଯିବ ? ବରଂ ଅନ୍ୟ ପଙ୍‌କ୍ତିଟି ବୁଝିପାରେ ''ଆମରା ଦୁଜନା ସ୍ୱର୍ଗ ଖେଲନା ଗଡ଼ିବନା ଧରଣୀତେ'' । ମିର୍ଜ୍ଜାକୁ ଏଇ ଧାଡ଼ିଟା ଶୁଣାଇଲି– ତାକୁ ଖୁବ୍ ଭଲଲାଗିଲା । ସେ ମୋତେ ହୁଏତ ''ହୁଇଟ୍‌ମ୍ୟାନ'' ଶୁଣାଇବାକୁ ଚାହିଁବ– ମୁଁ ଶୁଣିବି ନାହିଁ । ମୋତେ ସେ କବିତା ବଡ଼ ଶୁଷ୍କ ବୋଲି ମନେହୁଏ ।

କିନ୍ତୁ ମିର୍ଜ୍ଜା ଆଜି ସାହିତ୍ୟ ଚିନ୍ତା କରୁନାହିଁ । ବଙ୍ଗଳା ପଢ଼ିବାରେ ମଧ୍ୟ ତା'ର ଇଚ୍ଛା ନାହିଁ । ସିଗାରେଟ୍‌ଟା ଲିଭେଇଦେଇ ସେ ତୀକ୍ଷ୍ଣ ଦୃଷ୍ଟିରେ ମୋ ଆଡ଼କୁ ଚାହିଁଲା । ଚଷମା ଖୋଲିଦେଲେ ମିର୍ଜ୍ଜାର ଦୃଷ୍ଟି ବଦଳିଯାଏ । ତାକୁ ଅନ୍ୟ ଲୋକ ପରି ମନେହୁଏ । ମୁଁ କହିଲି, ''ତୁମେ ଚଷମା ଖୋଲିଦେଲେ ମୋତେ ଅସହ୍ୟ ଲାଗେ ।'' ସେ କହିଲା, ''ମୋର ଯେ ଆଖିରେ ମାଇଓପିୟା ।'' ମୁଁ ତା' ଆଖି ପାଇଁ ଚିନ୍ତିତ । ଯଦି ସେ ଅନ୍ଧ ହୋଇଯାଏ ?

ସେ କହିଲା, ''ଗୋଟିଏ କଥା କହିବି ଶୁଣ– ତୁମେ ମୋତେ ବିବାହ କରିବ ?''

ମୋତେ ହସମାଡ଼ିଲା । ଇଂରେଜୀ ଗଳ୍ପ ବହିରେ ପଢ଼ିଛି ଏ କଥାକୁ ପ୍ରପୋଜ କହନ୍ତି; କିନ୍ତୁ ପ୍ରପୋଜ କ'ଣ ଏପରି କରନ୍ତି ?

ପ୍ରପୋଜ କରିବାବେଳେ ଆଣ୍ଠୁମାଡ଼ି ହାତ ଧରିବାକୁ ହୁଏ । ମିର୍ଜ୍ଜା ଘର ଭିତରେ ଗୋଟିଏ ପିୟାନୋ ରହିଛି; ସେଇ ପିୟାନୋ ଉପରେ ତା'ର ଭଉଣୀର ଗୋଟିଏ ଫଟୋ ଅଛି । ଖୁବ୍ ସୁନ୍ଦର ଫଟୋ । ମିର୍ଜ୍ଜା ତା' ଭଉଣୀକୁ ଅତ୍ୟନ୍ତ ସ୍ନେହ କରେ । ସେ କହିଲା,''ମୁଁ ମୋ ମାଁ' ଓ ଭଉଣୀକୁ ତୁମ ବିଷୟରେ ସବୁ କିଛି ଲେଖିଛି ।

Digitized by srujanika@gmail.com

ସେମାନେ ଅତ୍ୟନ୍ତ ଆନନ୍ଦିତ ହେବେ । ଆମ ଘରେ ତୁମର କୌଣସି ଅସୁବିଧା ହେବନାହିଁ । ମୋତେ ବିବାହ କରିବାକୁ କ'ଣ ତୁମର କିଛି ଆପତ୍ତି ଅଛି ? କଥା କହୁନାହଁ କାହିଁକି ?''

ମୁଁ ଉତ୍ତର ଦେଲି, ''ମୋ କଥାରେ ତ କିଛି ହେବନାହିଁ ମିର୍ଚ୍ଚା ! ବାପା କେବେହେଲେ ରାଜି ହେବେନାହିଁ ।'' ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲା, ''ସେମାନେ ତ ଏକପ୍ରକାର ରାଜି ହୋଇଯାଇଛନ୍ତି ।''

''ତୁମେ କିପରି ଜାଣିଲ ?''

''ସେମାନେ ମୋତେ ଅତ୍ୟନ୍ତ ଭଲପାଆନ୍ତି । ସେମାନେ ମୋତେ ଅତି ଆପଣାର କରିନେଇଛନ୍ତି ।''

''ସେମାନେ ତୁମକୁ ଭଲପାଆନ୍ତି ବୋଲି ତୁମେ କାହିଁକି ଭାବୁଛ ଯେ ସେମାନେ ତୁମ ସଙ୍ଗେ ମୋତେ ବିବାହ ଦେବେ ?''

''ଅମୃତା ! ମୁଁ ତୁମ ମୁହଁରୁ ଶୁଣିବାକୁ ଚାହେଁ, ତୁମେ ମୋତେ ବିବାହ କରିବ– ଏଥିରେ ତୁମେ ମୋତେ ପୁଣି ଅବିଶ୍ୱାସ କରୁଛ ? ତୁମେ ମୋତେ ଅବିଶ୍ୱାସ କରନା । ତ୍ୱମସି ମମ ଜୀବନଂ ତ୍ୱମସି ମମ ଭୂଷଣଂ ତ୍ୱମସି ମମ ଭବଜଳଧିରତ୍ନଂ– କିନ୍ତୁ ମୁହଁରେ କିଛି କହିପାରୁନାହିଁ । ଆପତ୍ତି ଅଛି କି ?''

ସେ କହିଲା– ଅମୃତା, ମୁଁ ତୁମକୁ ପ୍ରିୟଜନମାନଙ୍କଠାରୁ ଦୂରକୁ ନେବିନାହିଁ । ମୁଁ ଏଠାରେ ରହିବି । ୟୁନିଭର୍ସିଟିରେ ଦେଢ଼ଶହ ଟଙ୍କା ଦରମାରେ ଗୋଟିଏ ଅଧ୍ୟାପକ କାମ କରିବି, ସେଥିରେ ଆମର ବେଶ୍ ଚଳିଯିବ ।

''ମିର୍ଚ୍ଚା, ମୋ ବାପା କେବେହେଲେ ରାଜି ହେବେନାହିଁ, କେବେହେଁ ନୁହେଁ ।''

''କାହିଁକି ? ମୁଁ ଖ୍ରୀଷ୍ଟିୟାନ୍ ବୋଲି ? ମୋ ଦେହର ବର୍ଣ୍ଣ ଧଳା ବୋଲି ?''

''ସେ କଥା ମୁଁ କହିପାରିବି ନାହିଁ; ତେବେ ତୁମେ ବିଦେଶୀ ବୋଲି ସେ ନିଶ୍ଚୟ ଆପତ୍ତି କରିବେ ।''

''ତୁମେ କ'ଣ କହିବାକୁ ଚାହଁ ଯେ, ପ୍ରଫେସର୍ (ମୋ ପିତା) ଜାତି ମାନନ୍ତି ? ଜଣେ ଦାର୍ଶନିକ ଆଖିରେ ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିୟାନ ସମସ୍ତେ ସମାନ ।''

''ନା, ତା ହୁଏନା ।''

''ତେବେ ସେମାନେ ତୁମକୁ ମୋ ସହିତ ମିଳାମିଶା କରିବାକୁ ଛାଡ଼ିଦେଲେ କାହିଁକି ?''

''ତା' ତ ଅପରାଧ ନୁହେଁ । ଭାଇ ଭଉଣୀ ପରି ମିଳାମିଶା କଲେ ଆପତ୍ତି କରିବାର କିଛି ନାହିଁ । ଆମେ ଭାଇଭଉଣୀ ପରି ମିଶିପାରିଲୁନାହିଁ, ସେଟା ତ ଆମର ଦୋଷ ।''

''ସେ ପୁଣି କ'ଣ ?'' ମିର୍ଚ୍ଚା ବିସ୍ମିତ ଓ ମର୍ମାହତ ହେଲା ।

Digitized by srujanika@gmail.com

ମୁଁ ମନେ ମନେ ଭାବିଲି– ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ମୋ ପିତା ମୋତେ କ୍ୟାଟଲଗ୍ ତିଆରି କରିବାକୁ କହିଥିଲେ; କିନ୍ତୁ ବାଗ୍‌ଦାନ କରିବାକୁ ତ କହିନାହାନ୍ତି । ମିର୍ଜ୍ଜା ସଙ୍ଗେ ମିଳାମିଶା କରିବାକୁ ଦେଇ ମୋ ପିତା ତ କିଛି ଅନ୍ୟାୟ କରିନାହାନ୍ତି । ମିର୍ଜ୍ଜା ମୋତେ ବାରମ୍ବାର ପଚାରିଛି ମୁଁ କାହାକୁ ଭଲପାଏ କି ନା ଏବଂ ପ୍ରଥମେ କାହାକୁ ଭଲପାଇଥିଲି । କହିଛି ତ ତାକୁ କୃଷ୍ଣଚୂଡ଼ା, କୃଷ୍ଣଚୂଡ଼ା, କୃଷ୍ଣଚୂଡ଼ାକୁ ହିଁ ଭଲପାଇଛି ପ୍ରଥମେ । ସେ ଖୁବ୍ ଗମ୍ଭୀର ହୋଇଗଲା । ମୁଁ ଉଠିପଡ଼ିଲି, ଦୌଡ଼ି ପଳାଇଯିବାକୁ ଚାହୁଁଛି । ମିର୍ଜ୍ଜା କାନ୍ଧରେ ମୁଣ୍ଡ ରଖି ଯଦି କାନ୍ଦିପାରନ୍ତି, ତେବେ ନିଶ୍ଚୟ ତା ମନରୁ ଦୁଃଖ ଉଭେଇଯାଆନ୍ତା; କିନ୍ତୁ ତା' ତ ସମ୍ଭବ ନୁହେଁ ।

ଆମ ଘରେ ବର୍ତ୍ତମାନ ଆମେ ଦୁଇଟି କାମ ନେଇ ବ୍ୟସ୍ତ– ଗୋଟିଏ ମୋ କକାଙ୍କ ବିବାହ, ଅନ୍ୟଟି ମୋର ବହି ଛପା ହେବ । ବିବାହ ଉତ୍ସବରେ ଯୋଗଦେବା ପାଇଁ ମିର୍ଜ୍ଜା ଧୋତି-ପଞ୍ଜାବି ପିନ୍ଧିବା ଅଭ୍ୟାସ କରିଛି । ଧୋତି-ପଞ୍ଜାବି ପିନ୍ଧିଲେ ମିର୍ଜ୍ଜାକୁ ଅତି ସୁନ୍ଦର ଦିଶେ । ସେ ସୁନ୍ଦର ଦିଶେ– ତାକୁ ଅବଶ୍ୟ ଏ କଥା ମୁଁ କେବେହେଲେ କହିନାହିଁ । ନା, ନା, କେବେ ବି କହିବିନାହିଁ । ସେ ତ ମୋତେ ସୁନ୍ଦର ବୋଲି କେବେହେଲେ କହିନାହିଁ; କିନ୍ତୁ ମୁଁ ଜାଣେ ମୁଁ ସୁନ୍ଦରୀ; ମୋ ହାତରେ ତ ଯଥେଷ୍ଟ ପ୍ରମାଣ ରହିଛି । ମିର୍ଜ୍ଜା ଆମ ଘରକୁ ଆସିବାର କିଛିଦିନ ପୂର୍ବେ ମୋର ମାଉସୀଝିଅ ଭଉଣୀ ସୀତାର ବିବାହ ପ୍ରସ୍ତାବ ଆସିଥିଲା ଏକ ଜମିଦାର ପୁତ୍ର ସହିତ । ଆମରି ଘରେ ରହି କନ୍ୟା ଦେଖା ହେଲା । ବରପକ୍ଷ ଆମ ଘରକୁ ଆସିଲେ । ସେମାନେ କନ୍ୟାର ବାଳ ଖୋଲି ମାପିଲେ, ଦେହର ବର୍ଣ୍ଣ ପରୀକ୍ଷା କରି ଦେଖିଲେ । ଗୀତ ମଧ୍ୟ ଶୁଣିଲେ । ହାରମୋନିୟମ୍ ବଜାଇ ମୋ ଭଉଣୀ ଯେଉଁ ଗୀତ ଗାଇଲା, ସେଥିରେ ଯେକୌଣସି ଲୋକର ପଳାଇଯିବା ଉଚିତ; କିନ୍ତୁ ବରପକ୍ଷ ପଳାଇଗଲେ ନାହିଁ । ପାତ୍ରର ପାତ୍ରୀ ପସନ୍ଦ ହୋଇଗଲା । ଆଧୁନିକ ପରିବାର ଆମର । କନ୍ୟାର ମା' ଆଧୁନିକା । ତାଙ୍କରି ଇଚ୍ଛାନୁଯାୟୀ ପାତ୍ର ସମସ୍ତଙ୍କ ସହିତ ପରିଚିତ ହେଲେ । ମୋ ମା'ଙ୍କର ଅବଶ୍ୟ ଏ ସବୁରେ ଆଦୌ ଇଚ୍ଛା ନଥିଲା । ବିଶେଷତଃ ମୃଗାଙ୍କ (ଭାବୀ ଜାମାତା) ମୋତେ ଦେଖୁ, ଏଟା ମୋ ମା' ଆଦୌ ଚାହୁଁ ନଥିଲେ । ତା'ର ପ୍ରଧାନ କାରଣ ମୁଁ ସୀତାଠାରୁ ଦେଖିବାକୁ ଅଧିକ ସୁନ୍ଦରୀ ଥିଲି ଏବଂ ତଦ୍ଦ୍ୱାରା ଯଦି ବିବାହରେ ଗଣ୍ଡଗୋଳ ହୋଇଯାଏ ? ମାତ୍ର ମୁହଁ ଫିଟାଇ ମା' ତ ଏସବୁ ଆଉ କହିପାରିବେ ନାହିଁ । ଯାହାହେଉ ମୃଗାଙ୍କ ଆସିବାରୁ ଆମେ ସମସ୍ତେ ତା' ସହିତ ବହୁତ ଥଟ୍ଟା ତାମସା କଲୁ । ଖିଆପିଆ ହେଲା, ସିନେମା ଦେଖା ବି ହେଲା । ତା'ପରେ ମୃଗାଙ୍କ ଚାଲିଗଲା । କିଛି ଦିନ ପରେ ତା' ବାପା ଜଣେଇଲେ ଯେ, ତାଙ୍କ ପୁତ୍ର ବାରିଷ୍ଟରୀ ପଢ଼ିବାକୁ ବିଲାତ ଯାଉଛି; ତେଣୁ ସେ ବର୍ତ୍ତମାନ ବିବାହ କରିପାରିବ ନାହିଁ । ବରପକ୍ଷର ଏପରି ମତପରିବର୍ତ୍ତନ ନେଇ ବହୁତ କଳ୍ପନା-ଜଳ୍ପନା ଚାଲିଲା ।

Digitized by srujanika@gmail.com

ଆଶ୍ଚର୍ଯ୍ୟ ହୋଇଗଲି, ଯେତେବେଳେ ଶୁଣିଲି ମୃଗାଙ୍କ ବିଲାତରୁ ପ୍ରସ୍ତାବ ପଠାଇଛି ଯେ ସେ ମୋତେ ବିବାହ କରିବାକୁ ଚାହେଁ । ଏଭଳି ପ୍ରସ୍ତାବରେ ବାପା ମା' ସମସ୍ତେ ଅସନ୍ତୁଷ୍ଟ । ଆତ୍ମୀୟ-ସ୍ୱଜନ ମଧ୍ୟରେ ଏପରି ହେବାଟା ଭଲ ନୁହେଁ । ମା' ତାଙ୍କ ଭଉଣୀଙ୍କୁ ଦୋଷ ଦେବାକୁ ଲାଗିଲେ–' ମୋ ସହିତ ପାତ୍ରର ସାକ୍ଷାତ ହେବାଟା ଉଚିତ ନଥିଲା । ବାପାଙ୍କ ମତରେ ବେଶି ଫରଓୟାର୍ଡ୍ ହେଲେ ଏଭଳି ଦଶା ହୁଏ । ମାଉସୀ କହିଲେ, ''ଜଣକୁ ଦେଖିବାକୁ ଆସି ଯେ ଆଉ ଜଣକ ଉପରେ ନଜର ଦିଏ, ସେ ଚରିତ୍ରହୀନ । ସେଭଳି ପାତ୍ର ସହିତ ବିବାହ ତ ନହେବାହିଁ ଭଲ ।''

କିନ୍ତୁ ଏ ଗଳ୍ପଟା ଯଦି ମୁଁ ଆଜି ମିର୍ଚ୍ଚାକୁ କହେ, ତାହେଲେ କ'ଣ ହେବ ? ହା ! ହ ! ହା ! ତାହାହେଲେ ଭାରି ମଜା ହେବ । ମୁଁ ଗମ୍ଭୀର ଭାବରେ ତାକୁ କହିପାରେ– ତୁମେ ସିନା ଦେଖିପାରନା, ମୁଁ ସୁନ୍ଦରୀ...କେତିକିବେଳେ ସେ କାତର ଭାବରେ ଚାହିଁବ । ମୁଁ ଲକ୍ଷ୍ୟ କରୁଛି କିଛିଦିନ ହେଲା ମୋ ରୂପ ବିଷୟରେ ପୁରୁଣା ମତଟା ସେ ଫେରେଇନେବାକୁ ଚେଷ୍ଟା କରୁଛି– ମୁଁ କିନ୍ତୁ ତା' ହବାକୁ ଦଉନି– ଥରେ କହିଛି ମାନେ କହିଛି । ବେଶ୍, ତା'ପରେ ମୁଁ କହିବି, ''ଦେଖ, ମୃଗାଙ୍କ ହିଁ ଠିକ୍ ଦେଖିପାରେ ।'' ଏ ଗପଟା ଶୁଣିଲେ ତା'ର କ'ଣ ହେବ ତା' ମୁଁ ଜାଣେନାହିଁ । ହୁଏତ ସେ କହିବ– ''କାହିଁ ଦିନେ ହେଲେ ତ ତୁମେ ତା' ବିଷୟରେ ମୋତେ କହିନାହଁ ?''

''ଏ ମା ! କହିବାର କ'ଣ ଅଛି ?''

''କି ସିନେମା ଦେଖିବାକୁ ଯାଇଥିଲ ?''

ମୁଁ ଉଦାସ ଭାବରେ କହିବି– ''ମୋର ମନେନାହିଁ ।''

ହାଃ ହାଃ ହାଃ, ଖୁବ୍ ମଜା ଲାଗୁଛି । ତା'ର ଈର୍ଷାଟା ମୋତେ ଖୁବ୍ ଭଲଲାଗେ । ଈର୍ଷା କ'ଣ ଭଲ ? ଖୁବ୍ ଖରାପ । ଈର୍ଷା ପାଇଁ ବର୍ଣ୍ଣ କଳା ହୁଏ, କିମ୍ବା ଈର୍ଷା ବିଷମୟୀ ଭୁଜଙ୍ଗିନୀ– ସାଧାରଣତଃ ଈର୍ଷାକୁ ଏପରି ବର୍ଣ୍ଣନା କରାଯାଏ । ଏ ଈର୍ଷା ତ ଆଉ ସେ ଈର୍ଷା ନୁହେଁ– ଏଟା ହେଲା ପ୍ରେମଜନିତ ଈର୍ଷା । ଈର୍ଷାରୂପକ ଛୋଟ ପକ୍ଷୀଟାହିଁ ମୋତେ ଜାଗ୍ରତ କରାଉଛି । ସେଇ ପକ୍ଷୀଟି ଗୋଟିଏ ଡାଳରୁ ଅନ୍ୟ ଡାଳକୁ ଡେଇଁ ମୋତେ କହୁଛି, 'ସଖୀ ଜାଗୋ, ସଖୀ ଜାଗୋ– ମମ ଯୌବନ ନିକୁଞ୍ଜେ ଗାହେ ପାଖୀ...''

ଆଚ୍ଛା, ମୋର ଈର୍ଷା ହେଉନାହିଁ କାହିଁକି ? ସେ ତ ମୋତେ କେତେ କଥା କହେ– ସେ ରିପନ୍ ଷ୍ଟ୍ରିଟ୍‌ରେ ରହୁଥିଲା– ସେଠାର ଝିଅମାନେ ତାକୁ ବହୁତ ପସନ୍ଦ କରୁଥିଲେ । ପ୍ରାୟ ତା' ପଛରେ ଗୋଡ଼ଉଥିଲେ । ତା' ଉପରକୁ ଦିନେ ତକିଆ ପକେଇଥିଲେ– ଏପରି କେତେ କ'ଣ । ସେସବୁ ମୋର ଏ କାନରେ ପଶି ଆର କାନବାଟେ ବାହାରିଯାଏ; ଶୁଣିବାକୁ ହିଁ ଇଚ୍ଛା ହୁଏ ନାହିଁ– ଈର୍ଷା ହେବ କିପରି ? ସେ ତ ସେମାନଙ୍କୁ ଘୃଣା କରୁଥିଲା– ସେଇଥିପାଇଁ ତ ପଳେଇଆସିଛି । ମୋର ତେଣୁ ମହତ୍ତ୍ୱ ଦାବି କରିବାର କ'ଣ ଅଛି ? ସେ ଆଂଲୋ-

Digitized by srujanika@gmail.com

ମଇଣ୍ଡିୟାନ୍‌ମାନଙ୍କ ସମ୍ପର୍କରେ ଯାହା କହୁଛି ସେସବୁ ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଯାଉଛି । ସେମାନଙ୍କର ଧାରଣା ଯେ, ସେମାନେ ଇଂରେଜ; ତେଣୁ ଆମମାନଙ୍କର ପ୍ରଭୁ । ଆମେ ବଙ୍ଗୀୟମାନେ ନିମ୍ନସ୍ତରର ଜୀବ; ସେମାନଙ୍କ ଆଖିରେ ପଶୁ । ଗ୍ୟାଣ୍ଡି (ଗାନ୍ଧି)ଙ୍କ ଉପରେ ସେମାନଙ୍କର ତୀବ୍ର ଘୃଣା ଓ ରାଗ । ସେମାନେ ନିଜେ ଅତ୍ୟନ୍ତ ଅଶ୍ଳୀଳ ଏବଂ ଅଭଦ୍ର; କିନ୍ତୁ ସେମାନେ ବଙ୍ଗୀୟମାନଙ୍କୁ ଅସଭ୍ୟ ମନେକରନ୍ତି । ମିର୍ଚ୍ଚାକୁ ସେଠାରେ ରହିବାକୁ ଭାରି କଷ୍ଟହୋଇଥିଲା ।

କି ଆଶ୍ଚର୍ଯ୍ୟ ! ଆମେ ତ ଏଇ ଜାତିଟାକୁ ଏପର୍ଯ୍ୟନ୍ତ ଚିହ୍ନିଲୁ ନାହିଁ । ସେମାନେ କେଉଁଠି ଥାଆନ୍ତି, କ'ଣ କରନ୍ତି, ସେମାନଙ୍କର ରୀତିନୀତି କିପରି– ଏସବୁ କିଛି ଆମେ ଜାଣୁନା । ଗୋଟିଏ ଦେଶରେ ଆମେ ରହିଛୁ, ମାତ୍ର କେହି କାହାରିକୁ ଚିହ୍ନିପାରିନାହୁଁ ! ଆମ ସମ୍ପର୍କରେ ସେମାନଙ୍କର କେତେକ ଭୁଲ ଧାରଣା ରହିଛି । ଆମେ ସେମାନଙ୍କର ଅସ୍ତିତ୍ୱ ସମ୍ପର୍କରେ ମଧ୍ୟ ସଚେତନ ନୋହୁଁ । ସେମାନେ ଆମ ପାଖାପାଖି ରହିଛନ୍ତି ବା ଆମ ସମ୍ପର୍କରେ କିଛି ଭାବୁଛନ୍ତି, ଏସବୁ କ'ଣ ଆମେ କେବେହେଲେ ଲକ୍ଷ୍ୟ କରିଛୁ ? ମିର୍ଚ୍ଚା ନ କହିଲେ ମୋର ମନେପଡ଼ନ୍ତା ନାହିଁ ଯେ 'ଆଂଲୋ-ଇଣ୍ଡିୟାନ୍' ବୋଲି ଗୋଟିଏ ଜାତି ଅଛି । ଟ୍ରେନ୍‌ରେ ଯାତାୟାତ କରିବା ସମୟରେ ସେମାନଙ୍କୁ ଦେଖିଛି– ଆଉ ଦେଖିଛି ଦୂରରୁ–ରେଲୱେ କ୍ୱାର୍ଟରମାନଙ୍କରେ । ସେମାନଙ୍କୁ ଦେଖିବାକୁ ଅବଶ୍ୟ ମୋତେ ଟିକିଏ ହେଲେ ବି ଖରାପ ଲାଗିନି । ସେମାନେ ଝିଡ଼ିକିରେ ପର୍ଦ୍ଦା ଟାଣନ୍ତି, ସିଧାସଳଖ ଓ ମଜଭୁତ୍ ଧରଣର ଝରକା ପାଖ ଟବ୍‌ରେ ଫୁଲଗଛ ରଖନ୍ତି । ସୁନ୍ଦର ବଗିଚା କରନ୍ତି– ବଙ୍ଗାଳୀମାନେ ଏ ସବୁ କରିପାରନ୍ତି ନାହିଁ । କିନ୍ତୁ ଆଂଲୋ-ଇଣ୍ଡିୟାନ୍‌ମାନେ ବଙ୍ଗାଳୀମାନଙ୍କୁ ଖୁବ୍ ଘୃଣା କରନ୍ତି– ସେଟା ଅବଶ୍ୟ ମିର୍ଚ୍ଚା ମୋତେ କେବେ କହିନାହିଁ; ତଥାପି ମୁଁ ଜାଣେ ! ସେମାନେ ଟ୍ରେନ୍‌ରେ ଆମ ସହିତ ଗୋଟିଏ ଡବାରେ ବସିବାକୁ ଘୃଣାକରନ୍ତି । ଆମେ କ'ଣ ସେମାନଙ୍କୁ ଘୃଣା କରୁନା ? ଅତ୍ୟନ୍ତ ଘୃଣା କରୁ । ଆମେ ସେମାନଙ୍କୁ ବର୍ଣ୍ଣସଙ୍କର କହୁ । ସେମାନେ ଆମକୁ ଜାଣନ୍ତି ନାହିଁ, ସେଥିପାଇଁ ଆମକୁ ଘୃଣାକରନ୍ତି– ଜାଣିଲେ ନିଶ୍ଚୟ ଘୃଣା କରନ୍ତେ ନାହିଁ । ଆଜିକାଲି ମିର୍ଚ୍ଚା ପ୍ରତିଦିନ ଚାରିଟାବେଳେ ଧୋତି-ପଞ୍ଜାବି ପିନ୍ଧେ । ମୁଁ ଶୁଣିଛି, ସେ ଆର୍ଯ୍ୟ ହେବ, ହିନ୍ଦୁ ହେବ । ସେ ହିନ୍ଦୁଶାସ୍ତ୍ର ପଢୁଛି, ପଢୁ– ତା' ବୋଲି ଧର୍ମ ତ୍ୟାଗ କରିବା କ'ଣ ଦରକାର ? ସେ ଯେ କାହିଁକି ହିନ୍ଦୁ ହେବାକୁ ଚାହେଁ ତା'ମୁଁ ବୁଝିପାରୁନାହିଁ । ଏ ବିଷୟରେ ମୋ ବାପା ତାକୁ ଉତ୍ସାହ ଯୋଗାଉଛନ୍ତି । ମିର୍ଚ୍ଚା ଭାବୁଛି, ଯଦି ସେ ହିନ୍ଦୁ ହୋଇଯାଏ ତେବେ ଗୋଟିଏ ବିରାଟ ପ୍ରତିବନ୍ଧକ ପାରିହୋଇଯିବ । କେଉଁ ବାଧା ସେ ଉତ୍ତୀର୍ଣ୍ଣ ହେବାକୁ ଚାହେଁ ? ତା'ର ଧାରଣା ସଂପୂର୍ଣ୍ଣ ଭୁଲ । ସେ ଆମ ସମାଜଟାକୁ ଭଲଭାବେ ଚିହ୍ନେ ନାହିଁ । ଏଠାରେ କୌଣସି କାର୍ଯ୍ୟର ଯୁକ୍ତି ନାହିଁ । ବାପା କ'ଣ ଜାଣନ୍ତି ନାହିଁ ଯେ ତାଙ୍କ ଛାତ୍ରମାନଙ୍କ ମଧ୍ୟରେ ମିର୍ଚ୍ଚା ନିଃସନ୍ଦେହରେ ଶ୍ରେଷ୍ଠ; କିନ୍ତୁ ସେଥିରେ କ'ଣ ଯାଏଆସେ ? ସେ ଯେ ଭିନ୍ନ ଜାତି ! ଜାତି

Digitized by srujanika@gmail.com

କ'ଣ ଗୋଟିଏ ପ୍ରକାର ? ପ୍ରଥମତଃ ସେ ଭିନ୍ନ ଦେଶର ମଣିଷ, ତା'ପରେ ଖ୍ରୀଷ୍ଟିୟାନ; ତା' ବି ଯଦି ନ ହୁଅନ୍ତା– ସେ ଯଦି ହିନ୍ଦୁ ବଙ୍ଗାଳୀ ବି ହୁଅନ୍ତା, ତା'ହେଲେ ମଧ୍ୟ ଆମର ଜାତି ହେବା ଦରକାର । ସେଥିରେ ମଧ୍ୟ ହେବ ନାହିଁ; ଗୋତ୍ର ପୃଥକ୍ ହେବା ଦରକାର । ହାତରେ ଯେ ଛୋଟବଡ କେତେ ନିଷେଧର ଗ୍ରନ୍ଥି, ତା' ମଧ୍ୟ ସେ ଜାଣେ ନାହିଁ । ଜାଣେ ସବୁ ଜାଣେ, ଅହରହ ଶୁଣଛି– ଆମ ପ୍ରଥା ସଂସ୍କାର ସମ୍ବନ୍ଧରେ ତା'ର ଜିଜ୍ଞାସାର ଅନ୍ତ ନାହିଁ । କିନ୍ତୁ ସେ ଜାଣେ ନାହିଁ ଆମ ଘରେ ଏଗୁଡ଼ିକ କେତେକାଂଶରେ ପ୍ରୟୋଗ କରାହୁଏ । ଆଉ ବାପା ଯେ ଏତେ କଥା ଜାଣନ୍ତି– ଯାହାଙ୍କର ଅଗାଧ ପାଣ୍ଡିତ୍ୟର ଶେଷ ନାହିଁ, ତଥାପି ସେ ଜାଣନ୍ତି ନାହିଁ ଗୋତ୍ର ବା ଜାତି ଯାହା ହେଉନା କାହିଁକି, ମଣିଷର ସୁଖଦୁଃଖ ତା' ଉପରେ ନିର୍ଭର କରେ ନାହିଁ । ଆଉ ମୁଁ ? ମୁଁ ମାନେ ନାହିଁ, ଏସବୁ ମାନେ ନାହିଁ । ମିର୍ଚ୍ଚା ସଙ୍ଗେ ମୋର ବିବାହ ନ ହେଲେ ବି ସାରା ଜୀବନ ଦେଇ ପ୍ରମାଣ କରିବି, ମୁଁ ମାନେ ନାହିଁ । ମୋ ପାଖରେ କୌଣସି ଆଚାର ବା ପ୍ରଥା ମନୁଷ୍ୟଠାରୁ କେଉଁ ବଡ଼ ନୁହେଁ । ଜାତି କଥା ଦୂରରେ ଥାଉ, ମୁଁ ହିନ୍ଦୁ ସମାଜର କିଛି ମାନେ ନାହିଁ । ଥରେ ଦଶହରା ପୂଜାବେଳେ କ'ଣ ହୋଇଥିଲା ?

ଦୁଇବର୍ଷ ପୂର୍ବେ ମୁଁ ଗାଁକୁ ଅର୍ଥାତ୍ ଆମ ପୂର୍ବବଙ୍ଗ ଘରକୁ ଯାଇଥିଲି । ସେ ଘରେ ସତୁରି ଜଣ ଲୋକ ଏକାଠି ବାସକରୁଥିଲେ । ଏ ଘରର କର୍ତ୍ତା ଯିଏ, ସେ ସମସ୍ତଙ୍କଠୁ ବଡ଼; ତାଙ୍କର ରୋଜଗାର ସବୁଠୁ ବେଶି । ସେ ଦୁର୍ଦ୍ଦଣ୍ଡ ପ୍ରତାପୀ; ତାଙ୍କର ଦୁଇଟି ସ୍ତ୍ରୀ; ପ୍ରଥମାଟିର ପୁଅ ନାହିଁ, ତେଣୁ କର୍ତ୍ତା ପୁନର୍ବାର ବିବାହ କରିଛନ୍ତି ।

ଆମ ଘରେ ଦୁର୍ଗୋତ୍ସବ ହୁଏ । ଆମ ପରି ବଡ଼ ଘରେ ପୂଜାର ଆୟୋଜନ ବିରାଟ । ଗ୍ରାମ୍ୟଜୀବନ ବେଶି ଦେଖିନାହିଁ, ତେଣୁ ମୁଁ ଖୁବ୍ ଉତ୍ସାହିତ ଏବଂ ମୋର ସଂପର୍କୀୟ ଭଉଣୀମାନେ ସିଲ୍କ ଶାଢ଼ିପିନ୍ଧା ଓ ପାଦରେ ମଖମଲ ଚପଲ-ପରିହିତା ସହରୀ ଭଉଣୀକୁ ପାଇ ଖୁବ୍ ଖୁସି; ଯଦିଚ ତା' ପରଦିନ ସବୁ କାଢ଼ିଦେଇ ମୁଁ ତାଙ୍କରି ଦଳରେ ମିଶିଗଲି । ପୂଜା ସମ୍ବନ୍ଧରେ କିଛି ଜାଣେ ନାହିଁ, ତଥାପି ପୂଜାର ଆୟୋଜନ ମୋତେ ଖୁବ୍ ଭଲଲାଗିଲା ।

ପ୍ରଥମ ଦିନ ଗୋଟିଏ ଛୋଟ ଘଟଣା ଘଟିଲା, ଯାହା ଅନ୍ୟମାନଙ୍କର ଦୃଷ୍ଟିକଟୁ ହୋଇଥିଲା । ମୁଁ ପ୍ରଥମେ ଯେଉଁ ଦିନ ଗଲି, ବାରଣ୍ଡାରେ ବସିଥିବା ଗୁରୁଜନମାନଙ୍କୁ ପ୍ରଣାମ କଲି । ଜଣେ ଶ୍ୱେତଶ୍ମଶ୍ରୁ ସୌମ୍ୟଦର୍ଶନ ବୃଦ୍ଧଙ୍କୁ ଦେଖି ମୁଁ ତାଙ୍କୁ ପ୍ରଣାମ କରୁ କରୁ ସେ ପ୍ରାୟ ଡେଇଁପଡ଼ିଲେ ଏବଂ ବାଧା ଦେଲେ; ଅନ୍ୟମାନେ କହିଲେ, ''ତାଙ୍କୁ ପ୍ରଣାମ କରିବାକୁ ହେବନାହିଁ, ସେ ମୁସଲମାନ ।'' ମୁଁ ତ ସ୍ତମ୍ଭିତ, ଏପରି ଅଭଦ୍ରତା କ'ଣ କେହି କରିପାରେ ? ବାପା ଉପସ୍ଥିତ ଥିଲେ ମଧ୍ୟ କିଛି କହିଲେ ନାହିଁ । ପରେ ମୁଁ ବାପାଙ୍କୁ ପଚାରିଥିଲି, ସେ କହିଲେ, ''ତୁ ଠିକ୍ କରିଥିଲୁ, ବୟୋଜ୍ୟେଷ୍ଠଙ୍କୁ ପ୍ରଣାମ କରିବୁ, ଜାତିରେ କ'ଣ ଅଛି ?''

''ତାହେଲେ ତୁମେ କାହିଁକି ଚୁପ୍ ରହିଲ ?''

Digitized by srujanika@gmail.com

ବାପା ଉତ୍ତର ଦେଲେ, ''ବଡ଼ଭାଇ ଥିଲେ– ତାଙ୍କ କଥା ଉପରେ କ'ଣ କଥା କହିବି ?''

ବର୍ତ୍ତମାନ ମିର୍ଚ୍ଚା କଥା ଯେତେ ଭାବୁଛି, ଏସବୁ ମନେପଡୁଛି । ବାପା ଯଦିବା ବୁଝନ୍ତି ଗୋଟିଏ କାମ ଠିକ୍, ତଥାପି ତାହା କରିପାରିବେ ନାହିଁ । ଆମ ଆତ୍ମୀୟସ୍ୱଜନମାନେ ଯେଉଁମାନଙ୍କ ସହିତ ଆମର ମନ ମିଳେନାହିଁ, ଯେଉଁମାନେ ଆମର ଅଧେ କଥା ବୁଝିପାରନ୍ତି ନାହିଁ, ସେଇମାନେ ହିଁ ପ୍ରବଳ ବାଧା ଦେବେ । ମଝିଆଁ ବଡ଼ବାପା ଗାଁରୁ ଚାଲିଆସିବେ, ବାପାଙ୍କୁ କହିବେ,''ନରେନ୍, ଏଭଳି ମହାପାପ କର ନାହିଁ, ଚୌଦପୁରୁଷକୁ ନରକକୁ ପଠାଅନାହିଁ, ପଠାଅନାହିଁ ।''

ଦେବୀପ୍ରତିମାଙ୍କ ପଶ୍ଚାତ୍‌ପଟରେ ଥିବା ଚିତ୍ର ଅଙ୍କନ କରେ ନସୁ । ଦିନେ ଦେଖେ, ସେ ଗୋଟିଏ ମଇଁଷି ଆଣି ଗଛତଳେ ବାନ୍ଧିଛି । ମୁଁ ବେଶ୍ ଭଲ ବୁଝିପାରିଛି, ଏ କେଉଁ କାମରେ ଲାଗିବ । ତଥାପି ପ୍ରଶ୍ନ କଲି, ''ଏହା କ'ଣ ହେବ ?'' ମୋ ଛାତି ଭିତରଟା ଥରି ଉଠିଲା । ନସୁଠାରୁ ଉତ୍ତର ପାଇଲି, ''ଅଷ୍ଟମୀ ଦିନ ଦେବୀଙ୍କ ନିକଟରେ ବଳି ପଡ଼ିବ– ଆଠଟି ଛେଳି ଓ ଗୋଟିଏ ମଇଁଷି ।'' ''ବଳି କିଏ ଦେବ ?'' ''ମୁଁ ଦେବି, ମୋ ଛଡ଼ା ଏକା ଚୋଟକେ ଆଉ କିଏ ବଳି ଦେବ ?'' ମୁଁ କହିଲି, ''ନସୁ, ତୁମେ କ'ଣ ଲଜ୍ଜିତ ନୁହଁ, ଗୋଟିଏ ଅସହାୟ ଜୀବକୁ ଏକା ଚୋଟକେ କାଟିବ ! ତା' ପାଇଁ ପୁଣି ଗର୍ବ ଅନୁଭବ କରୁଛ– ଏଟା କ'ଣ କେବେହେଲେ ମଧ୍ୟ ହୋଇପାରେ ?'' ନସୁ କହିଲା, ''ଝିଅ, ତୁମେ କ'ଣ କହୁଛ ? ମା'ଙ୍କ ପୂଜାରେ କ'ଣ ବଳିପଡ଼ିବନାହିଁ ?''

ତା'ପରେ ସବୁ ଭାଇଭଉଣୀଙ୍କୁ ଏକତ୍ର କରି ମୁଁ ଓଜସ୍ୱିନୀ ବକ୍ତୃତା ଦେବାକୁ ଲାଗିଲି । ମୋର ଯେଉଁମାନେ ସମବୟସ୍କ ଥିଲେ, ସେମାନେ ମୋର ମତାନୁବର୍ତ୍ତୀ ହେଲେ । ଆମେ ସମସ୍ତେ ମଝିଆଁ ବଡ଼ବାପାଙ୍କ ନିକଟକୁ ଗଲୁ । ସେ ସାଦାସିଧା ଓ ସରଳ, ମୋତେ ଖୁବ୍ ସ୍ନେହ କରନ୍ତି, ସେଥିପାଇଁ ହୁଏତ ରାଜିହୋଇଯିବେ । ଗୋଟିଏ ବିଶେଷ କାରଣରୁ ମୋତେ ତାଙ୍କୁ ଖୁବ୍ ଭଲଲାଗେ । ଛାତ୍ରମାନେ ଯେତେବେଳେ ଖାଇବସନ୍ତି, ସେତେବେଳେ ସେ ପ୍ରତି ଛାତ୍ରର ଖାଇବା ତଦାରଖ କରନ୍ତି । ସେମାନେ ଯେପରି ଭଲ ମାଛ ଖାଇପାରିବେ, ସେଥିପ୍ରତି ନଜର ରଖନ୍ତି । ଘରର ବୋହୂମାନେ ଯଦି ନିଜପାଇଁ ଭଲ ମାଛ ବାଛି ବାଛି ରଖିଦେବେ, ତେବେ ଛାତ୍ରମାନେ ସେଥିରୁ ବଞ୍ଚିତ ହେବେ । ସେଥିପାଇଁ ମଝିଆଁ ବଡ଼ବାପା ଛାତ୍ରମାନଙ୍କ ଖାଇବା-ପିଇବା ନିଜେ ତଦାରଖ କରିଥାଆନ୍ତି । ଆମ ଘରର କୌଣସି କର୍ତ୍ତୃସ୍ଥାନୀୟ ବ୍ୟକ୍ତି ଏପରି କରନ୍ତି ନାହିଁ । ସେ କିନ୍ତୁ କୌଣସି ଧର୍ମତତ୍ତ୍ୱ ଆଲୋଚନା କରିବାକୁ ରାଜିହେଲେ ନାହିଁ । ସେ ମୋତେ ଖୋଲାଖୋଲି କହିଦେଲେ ଯେ ସେ ଏ ଘରର ସର୍ବୋଚ୍ଚ କର୍ତ୍ତା ନୁହଁନ୍ତି । ଯେ ସର୍ବୋଚ୍ଚ କର୍ତ୍ତା, ତାଙ୍କରି ପାଖକୁ ଯିବାପାଇଁ ସେ ମୋତେ ନିର୍ଦ୍ଦେଶ ଦେଲେ ।

Digitized by srujanika@gmail.com

ଗୃହର ସର୍ବୋଚ୍ଚ କର୍ତ୍ତାଙ୍କ ନିକଟରେ ପହଞ୍ଚିଲି ସଦଳବଳେ । ପହଞ୍ଚିଲା ପରେ ଫେରି ଦେଖେ ତ ଭାଇଭଉଣୀମାନେ ଅଦୃଶ୍ୟ ହୋଇଯାଇଛନ୍ତି । ସେହି ଭୟଙ୍କର ରଣଶିବିରରେ ମୁଁ ଏକୁଟିଆ ପ୍ରବେଶକଲି । ବଡ଼ କର୍ତ୍ତା ପ୍ରତାପଶାଳୀ, ଶୀର୍ଣ୍ଣ ଓ କ୍ଷୁଦ୍ରକାୟ; ଗୁଡ଼ାଖୁ ହୁକାଟି ହାତରେ ଧରି ସେ ଖଟ ଉପରେ ବସିଥିଲେ । ବୟସ ଷାଠିଏରୁ ଊର୍ଦ୍ଧ୍ୱ । ତାଙ୍କର ତରୁଣୀ ଭାର୍ଯ୍ୟା କୋଳର ଶିଶୁକୁ ଦୁଧ ପିଆଉଥିଲେ । ମୁଁ ଭାବିଚିନ୍ତି ମୋ ବକ୍ତବ୍ୟ ପ୍ରକାଶ କଲି । ଦେବୀପୂଜାରେ ବଳି ପଡ଼ିବାର ଅର୍ଥ– ପ୍ରବୃତ୍ତିକୁ ବଳି ଦେବା । ପ୍ରତୀକ ହିସାବରେ ବୈଷ୍ଣବଙ୍କ ପରି ଲାଉ ଅଥବା କଖାରୁ ବଳି ଦେଲେ ଖୁବ୍ ଭଲ ହୁଅନ୍ତା । ମୁଁ ଯୁକ୍ତି କରିଚାଲିଛି– ସେ ଗୁଡ଼ାଖୁ ଟାଣିଚାଲିଛନ୍ତି । କିଛି କ୍ଷଣ ପରେ ମୁହଁ ଟେକି କହିଲେ, ''ଆମ୍ଭେମାନେ ଶାକ୍ତ ।''

ଯୁକ୍ତିତର୍କରେ ମୁଁ ଅତି ପାରଙ୍ଗମ ଥିଲି । ମୁଁ ଶେଷପର୍ଯ୍ୟନ୍ତ ଯୁକ୍ତି ଚଳାଇଲି । ନିରୀଶ୍ୱରବାଦୀମାନେ ବ୍ରାହ୍ମଣମାନଙ୍କ ସହିତ ଯେଉଁ ବିତର୍କ ଚଳାଇଥିଲେ, ତା'ମଧ୍ୟ କହିଲି । ସେମାନେ ବ୍ରାହ୍ମଣମାନଙ୍କୁ କହିଥିଲେ ଯେ, ପଶୁଟାକୁ ବଳିଦେଲେ ସେ ଯଦି ସ୍ୱର୍ଗକୁ ଯାଏ, ତେବେ ବ୍ରାହ୍ମଣର ପିତାଙ୍କୁ ଆଣି ବଳିଦେଲେ, ସେ ସ୍ୱର୍ଗକୁ ସହଜରେ ଯାଇପାରିବେ । ଗୃହକର୍ତ୍ତା କିନ୍ତୁ ଅବିଚଳ । ପରେ ସେ ମୋ ବିଷୟରେ ମନ୍ତବ୍ୟ କଲେ, ''ନରେନେର ଏଇ ମାଇୟାଡ଼ା କୁତାର୍କିକ ।'' (ନରେନ୍‌ର ଏଇ ମାଇକିନା ଝିଅଟା ବଡ଼ କଜିଆଖୋରଣୀ)

ତପ୍ରରେ ମୁଁ ଓ ମୋର ଅନୁଗତ ଭାଇଭଉଣୀମାନେ ଠିକ୍ କଲୁ, ଦଶହରା ଚାରିଦିନ ଆମେ ଘରେ ରହିବୁ ନାହିଁ ।

ଆମେ ସବୁ ଚୁଡ଼ା, ମୁଢ଼ି, ନଡ଼ିଆ ବାନ୍ଧି ନଈନାଳରେ ନୌକାବିହାର କରି ଲାଗିଲୁ । ଦଶହରାବେଳେ ଆମେ ପିଲାମାନେ, ଘରେ ନ ରହିବାରୁ ବଡ଼ମା'ମାନଙ୍କ ମନରେ ତୀବ୍ର ଦୁଃଖ । ପରିଶେଷରେ ସେମାନଙ୍କ ଅନୁରୋଧରେ ଆମେ ଘରକୁ ଫେରିଲୁ; ବିସର୍ଜନ ଉତ୍ସବରେ ଯୋଗଦେଲୁ । ମୁଁ ମନେକରିଥିଲି ପ୍ରକୃତରେ ଯଦି ପ୍ରତିମାଙ୍କ ଭିତରେ କୌଣସି ଶକ୍ତି ଥାଏ, ତେବେ ମଇଁଷିଟାକୁ ସେ ଅବଶ୍ୟ ବଞ୍ଚାଇଦେବେ; କିନ୍ତୁ କିଛି ହେଲା ନାହିଁ, ବିଚରା ମଇଁଷିଟା ବଳି ହୋଇଗଲା ।

ମୋର ସ୍ୱାଧୀନ ମତ ଓ ସ୍ୱାଧୀନ ଭାବରେ କାର୍ଯ୍ୟ କରିବାର ଶକ୍ତି ଦେଖି ମୋର ପିତା ଅତ୍ୟନ୍ତ ଖୁସିହେଲେ । ତାଙ୍କ ମତରେ ମୋର ଏପରି ମନର ବଳ ମୋତେ ଦିନେ ନିଶ୍ଚୟ ସରୋଜିନୀ ନାଇଡୁରେ ପରିଣତ କରାଇବ ।

କିନ୍ତୁ ମିର୍ଜା ବିଷୟରେ କ'ଣ ମୋ ବାପା ମୋ ସ୍ୱାଧୀନ ମତକୁ ସମର୍ଥନ ଜଣାଇବେ ? ନା, କଦାପି ନୁହେଁ । ଆଉ ମୁଁ ବା କ'ଣ ମନର ଜୋର୍ ଦେଖାଇପାରିବି, ମୋ ନିଜ ବିଷୟରେ ? ଅନ୍ୟ ପାଇଁ, ସେ ମଣିଷ ହେଉ ଅବା ପଶୁ ହେଉ, ମୁଁ କିଛି ହେଲେ କରିପାରିଲି;

Digitized by srujanika@gmail.com

କିନ୍ତୁ ନିଜପାଇଁ କ'ଣ ମୁଁ କିଛି କରିପାରିବି ? ଲଜ୍ଜା, ସଂକୋଚ ଓ ଅପରାଧ-ବୋଧ ମୋର ମୁହଁ ବନ୍ଦ କରିଦେବ ।

ପ୍ରକୃତରେ ମୁଁ ବନ୍ଦୀ, ମୁଁ ବନ୍ଦୀ । ମୋତେ କିଏ ଶକ୍ତି ଦେବ ? ମୁଁ ମନେ ମନେ କହିଲି, ହିନ୍ଦୁ ହୋଇ କ'ଣ ଲାଭ ? ହିନ୍ଦୁତ୍ୱ କୌଣସି ଶକ୍ତି ଦେବ ନାହିଁ; ବନ୍ଦିତ୍ୱ ଆଣିଦେବ ।

''ଅୟି ପ୍ରଥମ ପ୍ରଣୟ ଭୀତେ, ମମ ନନ୍ଦନ ଅଂଟବୀତେ
ପିକ ମୁହୁଃ ମୁହୁଃ ଉଠେ ଡାକି''

କି ଆଶ୍ଚର୍ଯ୍ୟ ଏଇ ଗୀତଟି । ଭୟ ପ୍ରକୃତରେ ଭୟ । ମିର୍ଚ୍ଚା ମୋ ପଛରେ ଅତି ନିକଟରେ ଆସି ଠିଆହୋଇଛି, କିଛି ଗୋଟିଏ ପ୍ରତ୍ୟାଶା କରି । ମୁଁ ବେପଥୁମତୀ । ତା'ର ଗୋଟିଏ ହସ୍ତ ମୋର କଟି ବେଷ୍ଟନ କରି ରହିଛି । ଅନ୍ୟ ହସ୍ତଟି ଗଳାରେ ଅସମ୍ପୂର୍ଣ୍ଣ ହାର ପରି ଝୁଲୁଛି । ତା'ର ମୁହଁ ମୋ କାନ ପାଖରେ । ସେ ଅତି ଧୀରେ ଧୀରେ କିଛି କହୁଛି ।

ମୁଁ କହିଲି, ''ମିର୍ଚ୍ଚା, ମୋତେ ଖୁବ୍ ଡର ଲାଗୁଛି ।'' ''କାହିଁକି ଡରୁଛ ?'' ମୋର ଶରୀର ଶିଥିଳ । ତାକୁ ବାଧା ଦେବାର ଶକ୍ତି ମୋର ନାହିଁ । ସେ ମୋର ଅତି ନିକଟରେ; ତା' ବାଳର ସୁଗନ୍ଧରେ ମୋ ନିଃଶ୍ୱାସ ଭାରୀ ହୋଇଉଠୁଛି । ସେ ମୋର ଅନାବୃତ ବୁକୁରେ ତା'ର ମୁହଁଟି ରଖିଲା । ଅସ୍ପଷ୍ଟଭାବରେ କହିଲା, ''ଗଡ଼େସ୍ ଗଡ଼େସ୍ ।'' ମିର୍ଚ୍ଚା, ମିର୍ଚ୍ଚା, ଆମର ଏଟା ପାପ ହେଉଛି । ପାପ ! ଦୁଆର ଠେଲିବାର ଶବ୍ଦ ହେଲା । ସେ ମୋତେ ତତ୍‌କ୍ଷଣାତ୍ ଛାଡ଼ିଦେଲା । ମୁଁ ମୋର ଶାଢ଼ି ସଜାଡ଼ିନେଲି । ମାତ୍ର ତିନି ଚାରି ମିନିଟ୍ ସମୟ । ଏହାରି ଭିତରେ ମୋ ପୃଥିବୀଟା ବଦଳିଗଲା । ମୋ ଜୀବନରେ ଯେ ଏପରି ଗୋଟିଏ ଘଟଣା ଘଟିପାରେ, ତା' ମୁଁ କେବେହେଲେ ଭାବିପାରିନାହିଁ । ମୁଁ ମୁହଁରେ ପାପ ହେଉଛି ବୋଲି କହିଲେ ମଧ ମୋ ମନରେ କୌଣସି ପାପ ନାହିଁ, ଅନୁଶୋଚନା ନାହିଁ । ମିର୍ଚ୍ଚା କହିଲା, ''ମୁଁ କହୁଛି ଅମୃତା, ଏଥିରେ ତ କିଛି ପାପ ନାହିଁ । ଭଲପାଇବାରେ ପାପ ଆସିଲା କେଉଁଠୁ ? ପ୍ରେମ ଆମକୁ କିଏ ଦେଇଛନ୍ତି ? ଈଶ୍ୱର । ପ୍ରେମ ହିଁ ଈଶ୍ୱର ।''

ଝଡୁ (ଆମର ପରିଚାରକ)କୁ ରୋଷେଇଘରେ ଦେଖିଲି । ମୁଁ ନିର୍ବିକାର । ତାକୁ ଡାକି କହିଲି, ''ଝଡୁ, ଚା' କର ।'' ମୁଁ କ'ଣ ମିଥ୍ୟା ଆଚରଣ କଲିନାହିଁ ? ମୁଁ କ'ଣ ଅନ୍ୟାୟ କଲିନାହିଁ ? ''ଯଦି ଦଣ୍ଡ ସହିତେ ହୟ ତବୁ ମିଥ୍ୟା କର୍ମ ନୟ ।'' ମୁଁ ମିଥ୍ୟା ଆଚରଣ କଲି । କିନ୍ତୁ ଏସବୁ କଥା ମିର୍ଚ୍ଚାକୁ କହି କିଛି ଲାଭ ନାହିଁ । ଅତି ଉତ୍ତମ । ସେ ଏହାକୁ ପାପ ମନେକରେନାହିଁ । ସେ ଯଦି ଏହାକୁ ପାପ ମନେକରି ଦୂରକୁ ଚାଲିଯାଆନ୍ତା, ତେବେ ମୋର କ'ଣ ଲାଭ ହୁଅନ୍ତା ? ମୁଁ ତ ଆଉ ତାକୁ ପାଇପାରନ୍ତି ନାହିଁ । ସେ ଯେ ମୋର ପ୍ରୟୋଜନ, ଅତି ପ୍ରୟୋଜନ । ମିର୍ଚ୍ଚାର ସଙ୍ଗଲାଭ ପାଇଁ ମୁଁ ଅତ୍ୟନ୍ତ ଅସ୍ଥିର । କିନ୍ତୁ

Digitized by srujanika@gmail.com

ବର୍ତ୍ତମାନ ତା' ଅସମ୍ଭବ । ଏଠାରୁ ପଳାଇଯିବା ନିହାତି ଦରକାର । ମୁଁ ଦ୍ରୁତ ଉପରକୁ ଚାଲିଗଲି ।

ସେଦିନ ରାତିରେ ମୋ ଆଖିକୁ ନିଦ ଆସିଲାନାହିଁ । ବହୁକ୍ଷଣ ତା'ର ଦେହର ସ୍ପର୍ଶଟା ମୋତେ କାତର କରିଦେଲା । ମୋ ଅନ୍ତରରେ ଏକ ଅଦ୍ଭୁତ ପ୍ରତ୍ୟାଶା–କି ପ୍ରତ୍ୟାଶା ଥାଇପାରେ ? ମୁଁ ନିଜକୁ ନିଜେ ଦେଖୁଛି । ମୋ ଆଖିରେ ବିରକ୍ତି ଓ ଅନୁସନ୍ଧିତ୍ସା; ସେ ଚାହିଁରହିଛି ଏକ ଅଜ୍ଞାତ ଗୁହାର ଅନ୍ଧକାର ଆଡ଼କୁ । ମୁଁ ଭାବୁଛି, ମୋର ଏ ଅଭିଜ୍ଞତାଟା କ'ଣ ମୁଁ କବିତାରେ ପ୍ରକାଶ କରିପାରିବି ? ତା' ହେଲେ କ'ଣ ହେବ ?

ବାପା-ମା'ଙ୍କ ଅପେକ୍ଷା ଆଉ ଜଣକୁ ମୋର ବେଶି ଡର; ଯଦିବା ମୁଁ ସେ ଭଦ୍ରଲୋକଙ୍କୁ ଦେଖିନି; କିନ୍ତୁ ତାଙ୍କର 'ଶନିବାରେର ଚିଠି'ଟା ବଡ଼ ମାରାତ୍ମକ । ମୁଁ ପୁଅପିଲାଙ୍କ କଲେଜରେ କବିତା ପଢ଼େ ବୋଲି ସେ ମୋତେ 'ବକୁଲ ବନେର ପାଖୀ' ବୋଲି ଇଙ୍ଗିତ କରନ୍ତି । କେତେ କ'ଣ ଲେଖିଛନ୍ତି ଏ ବିଷୟରେ–ଛାଡ଼...ମୋତେ ସେଇ ଦୁଇ ତିନି ମିନିଟ୍ ସମୟଟା ଭାବିବାକୁ ଖୁବ୍ ଭଲଲାଗୁଛି । ମୁଁ ଆଚ୍ଛନ୍ନ ହୋଇଯାଉଛି ।

ଏ ଅନୁଭୂତିର ଉତ୍ସ କେଉଁଠି– ଦେହରେ ନା ମନରେ ? ମୋର ସେଇ ପ୍ରିୟ କବିତାଟି ମନେପଡୁଛି, "Words are but loads of chain in my flight of fire, I pant, I sink, I expire." ମୋ ମନରେ flight of fire ଶବ୍ଦଟି ଘୂର୍ଣ୍ଣାୟମାନ ଝଡ଼ ପରି ବୁଲୁଛି । ମୋର ମନେହେଉଛି, ମୁଁ ବୁଡ଼ିଯାଉଛି ।

କକାଙ୍କ ବାହାଘର ଆସନ୍ନ । ବିବାହ ପାଇଁ ଜିନିଷପତ୍ର କିଣାକିଣି କରି ଘରକୁ ଫେରୁଛି । ଦେଖେ, ଦୁଆର ସମ୍ମୁଖରେ ମିର୍ଜ୍ଜା ଠିଆହୋଇଛି । ସେ ହାତ ବଢ଼ାଇ ଜିନିଷଗୁଡ଼ିକ ନେଇଗଲା । ଏଟା ତାଙ୍କ ଦେଶର ନିୟମ । ତାଙ୍କ ଦେଶର ଏ ନିୟମଟା ମୋତେ ଖୁବ୍ ଭଲଲାଗେ । ଅନ୍ୟ ଦିଗରେ ମୋ କକାଙ୍କୁ ଦେଖ, ମୋ କାନ୍ଧରେ ଜିନିଷପତ୍ର ସବୁତକ ଲଦିଦେଇ ଶୀଘ୍ର ଚାଲିଗଲେ । ଆଉ ଖୋକା ? ତା' କଥା ଛାଡ଼ । ମୁଁ ଯଦି ବସ୍ତାଏ ଇଟା ବି ଲଦି ନେଇଆସନ୍ତି, ତେବେ ସେ କେବେହେଲେ ଆସନ୍ତା ନାହିଁ ସାହାଯ୍ୟ କରିବାକୁ । ମିର୍ଜ୍ଜା ପୂରାପୂରି ଅଲଗା, ନବାଗତ ନ ବସିଲା ପର୍ଯ୍ୟନ୍ତ ନିଜେ ବସେ ନାହିଁ । ସେ ପ୍ରବେଶ କଲାବେଳେ ପର୍ଦ୍ଦା ଟେକିଧରି ଠିଆହୋଇ ରହେ ।

ଆମ ଘରର ସମସ୍ତେ ମିର୍ଜ୍ଜାର ଏ ରୀତିନୀତିକୁ ପସନ୍ଦ କରନ୍ତି । ମୋ ମାଉସୀ, ଯେ କି ମୋତେ ସାହେବ ସଙ୍ଗରେ ମିଳାମିଶା କରୁଛି ବୋଲି ଗାଳିଦେଉଥିଲେ, ସେ ମଧ୍ୟ ମୋ ମା'ଙ୍କୁ କହିଲେ, ''ମେଜଦି, ଏ ସାହେବ ଛେଲେଟି ଖୁବ୍ ଭାଲ ।'' ପୋଛିପାଛି ଡାଲିଭାତ ଖାଇଦେଉଛି । କିଏ କହିବ ସାହେବ ବୋଲି ? ଠିକ୍ ଯେପରି ଆମ ନିଜ ଘରର ପିଲା ।''

Digitized by srujanika@gmail.com

ମୋତେ ଖୁବ୍ ହସ ଲାଗିଲା । କିଛି ଦିନ ପୂର୍ବେ ସାହେବଟା ଥିଲା 'ଢୋଁଡ଼ା', ଆଉ ବର୍ତ୍ତମାନ ହେଲା 'ଛେଳେ' । କେବଳ ମୋ ମାଉସୀ ଯେ ତାକୁ ପସନ୍ଦ କରିବାକୁ ଲାଗିଲେ ତା' ନୁହେଁ, ମୋ ମା' ମଧ୍ୟ ତାକୁ ଖୁବ୍ ସ୍ନେହ କରୁଥିଲେ । ମୋ ମା' କହୁଥିଲେ– ଏପରି ପିଲା ଦେଖିବାକୁ ମିଳିବା କଷ୍ଟ–ପଢ଼ାପଢ଼ିରେ ଯେମିତି ଭଲ, ସେମିତି ଭଦ୍ର । ତା'ର ମା' ଡାକଟା ଖୁବ୍ ମିଠା ଲାଗେ ଶୁଣିବାକୁ । ଶାନ୍ତି କହିଲା, "ଧୋତି-ପଞ୍ଜାବି ପିନ୍ଧିଲେ ଠିକ୍ ଗୌରାଙ୍ଗ ପରି ମନେହୁଏ ।"

ମିର୍ଜା ନବାଗତା ଖୁଡ଼ୀଙ୍କ ପାଇଁ ଖୁବ୍ ସୁନ୍ଦର ସୁନ୍ଦର ଉପହାର ଅଣାଇଲା ନିଜ ଦେଶରୁ । ମୁଁ ଭାବିଲି ମୋତେ କିଛି ଦେଲାନାହିଁ– ଗୋଟେ ରୁମାଲ ପର୍ଯ୍ୟନ୍ତ ବି ନୁହେଁ । ମୋ ପାଇଁ ମନୀଷୀ ଗେଟେଙ୍କର ଦୁଇ ଭଲ୍ୟୁମ୍‌ର ଜୀବନୀ ଆଣିଥିଲା । ମୋତେ ସେ ବହି ଦୁଇଟି ଦେଲା; ଯେଉଁଦିନ ଭୂମିକମ୍ପ ହେଲା, ଠିକ୍ ତା' ପରଦିନ । ଏଇ ବହି ଦୁଇଟି ମିର୍ଜାର ଆମ ଘରେ ରହଣିର ଏକମାତ୍ର ନିଦର୍ଶନ । ବହି ଦୁଇଟି ଏଇ ଅସୀମ କାଳସମୁଦ୍ରରେ ଏକ କ୍ଷୁଦ୍ର ଦିଗ୍‌ଦର୍ଶନ; ଏବେ ଅର୍ଥାତ୍ ୧ ୯ ୭ ୨ ମସିହାରେ ମଧ୍ୟ ମୋ ପାଖରେ ଅଛି ।

ଭୂମିକମ୍ପର ରାତି– ରାତିଟା ଥିଲା ଚମତ୍କାର ।

ପ୍ରାୟ ଅଧରାତିରେ ଭୂମିକମ୍ପ ହେଲା । ଆମେ ସମସ୍ତେ ତଳକୁ ଓହ୍ଲାଇ ଆସିଲୁ । ରାତିର ଗୋଟିଏ ନିଜସ୍ୱ ରୂପ ଅଛି– ସେ ରୂପ ମଣିଷ ଆଖିରେ ବିଶେଷ ଦୃଷ୍ଟି ଆଣିଦିଏ । ଗଭୀର ରାତିରେ ମୁଁ ତାକୁ ଦେଖିଲି; ସେଇ ସୁଖଟା ସେ ସ୍ଥାୟୀ କରିଦେଲା ତା' ପରଦିନ ବହି ଦୁଇଟି ଉପହାର ଦେଇ । ବହିରେ ମୋ ନାଁ ଲେଖିଲା, ଆଉ ମଧ୍ୟ ଲେଖିଲା "as a token of friendship after the earthquake of 28th July 1930."

ମିର୍ଜା କହିଲା, "ତାଙ୍କ ଦେଶର ନିୟମ ହେଉଛି, ଭୂମିକମ୍ପ ପରେ ବନ୍ଧୁକୁ କିଛି ଉପହାର ଦେବା ।" ମିର୍ଜା ମୋତେ ଗେଟେଙ୍କ ସଂପର୍କରେ ଅନେକ କଥା କହିଥିଲା । ତାଙ୍କ ଜୀବନୀରୁ ମଧ୍ୟ କିଛି କିଛି ଶୁଣେଇଥିଲା– ଶୁଣେଇଥିଲା ମହାକବି ଗେଟେ କିପରି ଆଲୋକ ଚାହିଁଥିଲେ– ଆଲୋକ– କେବଳ ଆଲୋକ ।

ମୁଁ ବୁଝିପାରିଥିଲି, ଏ ଆଲୋକ ସୂର୍ଯ୍ୟାଲୋକ ନୁହେଁ; ଅର୍ଥାତ୍ ତାଙ୍କର ମୃତ୍ୟୁ-ଆଚ୍ଛନ୍ନ ଆଖି ସୂର୍ଯ୍ୟ ଲୋକ ଦର୍ଶନର ପ୍ରତ୍ୟାଶୀ ନୁହେଁ । ଆଲୋକ ଏକ ପ୍ରତୀକ–ଯେପରି ଜ୍ଞାନର ଆଲୋକ, ବୁଦ୍ଧିର ଆଲୋକ ।

କବିଗୁରୁ ଲେଖିଛନ୍ତି– "କୋଥାୟ ଆଲୋ, କୋଥାୟ ଓରେ ଆଲୋ, ବିରହାନଲେ ଜାଲୋରେ ତାରେ ଜାଲୋ ।" ବିରହାନଳ–ବିରହାନଳରେ ଆଲୋକ ଜାଳି ଲାଭଟା କ'ଣ ? ମିଳନରେ କ'ଣ ଆଲୋକ ଜଳେ ନାହିଁ ? ସବୁ ଦେଶର ସବୁ କାବ୍ୟରେ କେବଳ ବିରହର କ'ଣ ଜୟଗାନ । ବିରହ କି ଭୟଙ୍କର ! ମିର୍ଜା ଯେତେବେଳେ ତଳେ, ଆଉ ମୁଁ ଉପରେ,

Digitized by srujanika@gmail.com

ସେତେବେଳେ ବି ମତେ କଷ୍ଟ ହୁଏ । ଆଉ ସେ ଯଦି ଏକାବେଳକେ ଚାଲିଯାଏ ? ସେତେବେଳେ ଆଲୋକ ଜଳିବ କିପରି ? ସେ ଗଭୀର ଅନ୍ଧକାର, ଏକଥା ମୁଁ କଳ୍ପନା ମଧ୍ୟ କରିପାରେନାହିଁ । ଏପରି ଦୁଃଖ ପାଇ ସିନା ମେଘଦୂତର ବିଚରା ଯକ୍ଷ ବିରହର ଆଲୋକ ନିର୍ବାପିତ କରି, ମିଳନର ସ୍ୱର୍ଗ କଥା ଭାବିଥିଲା । ସ୍ୱର୍ଗ କ'ଣ ? ସେଇ ତ ସ୍ୱର୍ଗ ଯେଉଁଠି ଆନନ୍ଦ ବ୍ୟତୀତ ଅଶ୍ରୁପାତ ହୁଏନାହିଁ, ଯେଉଁଠାରେ ପ୍ରଣୟକଳହ ବ୍ୟତୀତ ବିରହ ହୁଏ ନାହିଁ, ଆଉ ବୟସ ମାତ୍ରେ ହିଁ ଯୌବନ । ମେଘଦୂତ ମନେପକାଇ ମୋ ମନ ପ୍ରସନ୍ନ । ମୁଁ ନିଜ ମନକୁ ମନ ଆବୃତ୍ତି କରିଚାଲିଛି–

''ଆନନ୍ଦୋତ୍ଥଂ ନୟନ-ସଲିଳଂ ଯତ୍ର ନାନ୍ୟୈର୍ନିମିତ୍ତୈ
ନାନ-ସ୍ତାପଃ କୁସୁମଶରଜାଦିଷ୍ଟସଂଯୋଗସାଧ୍ୟାତ୍ ।
ନାପ-ସ୍ତାତ୍ ପ୍ରଣୟକଳହାଦ୍ୱିପ୍ରୟୋଗୋପପତ୍ତି-
ର୍ବିତ୍ତେଶାନାଂ ନ ଚ ଖଳୁ ବୟୋ ଯୌବନାଦନ୍ୟଦସ୍ତି !!''

(ଯେଉଁଠାରେ ଆନନ୍ଦାଶ୍ରୁ ବ୍ୟତୀତ ଅନ୍ୟ କୌଣସି କାରଣପାଇଁ ଅଶ୍ରୁ ଝରେନାହିଁ, ଯେଉଁଠାରେ କନ୍ଦର୍ପଶରାଘାତ ଯୋଗୁଁ ହୋଇଥିବା କାମତାପ ଛଡ଼ା ଅନ୍ୟ କୌଣସି ବ୍ୟାଧି ନାହିଁ, ଯେଉଁଠାରେ କେବଳ ପ୍ରଣୟକଳହ ବ୍ୟତୀତ ଅନ୍ୟ କୌଣସି ସମୟରେ ପତିବିୟୁକ୍ତି ହୁଏ ନାହିଁ, ଯେଉଁଠାରେ କେବଳ ଯୌବନାବସ୍ଥା ବ୍ୟତୀତ ଅନ୍ୟ କୌଣସି ଅବସ୍ଥା ନାହିଁ ।)

ଯକ୍ଷ କୁବେରଙ୍କ ରାଜ୍ୟର ବର୍ଣ୍ଣନା ଦେଇଛି ।

ବାପା ବୈଠକଖାନାରୁ ବାହାରିଆସିଲେ; କହିଲେ, ''ମେଘଦୂତରୁ ଆବୃତ୍ତି କରୁଛୁ, ଭଲକରି ଉଚ୍ଚାରଣ କର ମୋ ସହିତ...''

ମୁଁ ପ୍ରଶ୍ନ କଲି, ''ତୁମେ କିପରି ଶୁଣିବାକୁ ପାଇଲ ?''

ବାପା ଉତ୍ତର ଦେଲେ, ''ସଂସ୍କୃତର ବିନ୍ଦୁଟିଏ ଯେବେ କୌଣସିଠାରେ ଉଚ୍ଚାରିତ ହୁଏ, ତେବେ କ'ଣ ତାହା ମୋର କାନରେ ପଡ଼ିବ ନାହିଁ ? ଏ କ'ଣ କେବେ ସମ୍ଭବ ?''

ମୋର ଭଉଣୀ ସାବିକୁ ନେଇ ଏକ ସମସ୍ୟା ଉପୁଜିଛି । ସେ ଏକ ମିନିଟ୍ ପାଇଁ ହେଲେ ମଧ୍ୟ ଆମ୍ଭମାନଙ୍କର ସଙ୍ଗ ଛାଡ଼େନାହିଁ । ସବୁଠାରୁ ମୁସ୍କିଲ, ମିର୍ଚ୍ଚା ମନେକରେ ସାବି ଅତି ସରଳ ଛୋଟ ଝିଅଟିଏ– ତେଣୁ ତା' ସାମନାରେ ପ୍ରେମାଳାପ-କଲେ ମଧ୍ୟ କିଛି ଯାଏ-ଆସେ ନାହିଁ; କିନ୍ତୁ ଏଟା ତା'ର ବୁଝିବା ଭୁଲ । ମୋତେ ଷୋଳ ପୂରି ସତର, ସାବିକୁ ଏଗାର ପୂରି ବାର । ତା' ଛଡ଼ା ସେତେବେଳେ ସେ ଯୌବନରେ ପ୍ରବେଶ କରୁଅଛି । ଏସବୁ ବିଷୟରେ ତା'ର ଅଦମ୍ୟ କୌତୂହଳ । କୌତୂହଳ ଜିନିଷଟା ଭଲ– ସେଟା ଜିଜ୍ଞାସା; ଜିଜ୍ଞାସା ନ ରହିଲେ ମଣିଷ ଜାଣିବ କିପରି ?

ସାବି ମଧ୍ୟରେ ଏକ ପରିବର୍ତ୍ତନ ମୁଁ ଲକ୍ଷ୍ୟ-କରିଛି । ମୁଁ ଯେ ବାପାଙ୍କର ଗର୍ବର ବସ୍ତୁ ବା ରବୀନ୍ଦ୍ରନାଥ ଠାକୁରଙ୍କ ପରି ମହାନ୍ ବ୍ୟକ୍ତିଙ୍କର ଯେ ମୁଁ ଏତେ ପ୍ରିୟ, ସେ କଥାଟା ସେ

Digitized by srujanika@gmail.com

ଠିକ୍ ରୂପେ ଗ୍ରହଣ କରିପାରୁନାହିଁ । ତା' ଭିତରେ ଏକ ତୀବ୍ର ଯନ୍ତ୍ରଣା ଆସୁଛି । ସେ ବେଳେବେଳେ ଓଠ ଫୁଲେଇ କାନ୍ଦୁଛି– ''ଦିଦୀକୁ ସମସ୍ତେ ଭଲପାଆନ୍ତି, ମୋତେ କେହି ଭଲପାଆନ୍ତି ନାହିଁ ।'' ମୁଁ ଯେତେବେଳେ ଥରେ ଦିଲ୍ଲୀ ଯାଇଥିଲି, ସେତେବେଳେ ବିଖ୍ୟାତ ସାହିତ୍ୟିକ ରାମାନନ୍ଦ ଚଟ୍ଟୋପାଧ୍ୟାୟ ଆମ ଘରକୁ ଆସିଥିଲେ । ସାବି ସଙ୍ଗେ ସଙ୍ଗେ କହିଲା, ''ଦିଦୀ ନାହିଁ, ସେଥିପାଇଁ ତ ଆପଣ ଆମ ଘରକୁ ଆଦୌ ଆସୁନାହାନ୍ତି ।'' ବର୍ତ୍ତମାନ ସେ ମିର୍ଚ୍ଚାକୁ ଧରିଛି । ସାବି ବୁଝିପାରିଛି, ମିର୍ଚ୍ଚା ସହିତ ମୋର କିଛି ଗୋଟାଏ ସଂପର୍କ ରହିଛି, ଯେଉଁଟାକି ତାର ଜ୍ଞାତବ୍ୟ ଭିତରେ ନୁହେଁ । ତେବେ ସେ ମନେ ମନେ ଭାବୁଛି ଯେ, ମିର୍ଚ୍ଚା ମଧ ତା'ର ଦିଦୀକୁ ଭଲପାଏ । ଏସବୁ କଥା ନେଇ ମୁଁ କାହାରି ସହିତ ଆଲୋଚନା କରିପାରୁନାହିଁ । କାହା ସଙ୍ଗେ ବା ଆଲୋଚନା କରିବି ? ମିର୍ଚ୍ଚାକୁ ନେଇ ମୁଁ ଖୁବ୍ ଆଶଙ୍କିତା– ସାବି କେତେବେଳେ ଯେ ତା' ସାମନାରେ କ'ଣ କହିପକାଇବ–କିଏ ଜାଣେ ? ତା' ଭିତରେ ସନ୍ଦେହର ଉତ୍ତାପ ଧୀରେ ଧୀରେ ଜମାହେଉଛି । ମୁଁ ଆତଙ୍କିତା– ମୋର ଏଇ ସ୍ୱର୍ଗସୁଖ ସେ ଭାଙ୍ଗିପକାଇବ ନାହିଁ ତ ! ନା, ନା, ସାବି କ'ଣ କରିବ ? ସେ ତ ନିହାତି ପିଲାଟା– ତେବେ ତାକୁ ନେଇ ମୋର ଏତେ ଦୁଷ୍ଚିନ୍ତା ବା କାହିଁକି ? ମୁଁ ଜାଣିପାରୁଛି, ଶାନ୍ତି ଆମ ବିଷୟରେ ଅନେକ କିଛି ଜାଣେ; ଖୋକା ମଧ ଜାଣେ । ଅବଶ୍ୟ ସେମାନଙ୍କର ନୀରବ ଅନୁମୋଦନ ରହିଛି । ସେମାନେ ଏ ବିଷୟରେ କାହାକୁ କିଛି କହିବେ ନାହିଁ । କିନ୍ତୁ ସାବି– ସେଇ ଛୋଟ ଝିଅଟା ବିଷୟରେ ତ ମୋର ଡର ଯାଉନାହିଁ । ''ଭୟ ନିତ୍ୟ ଜେଗେ ଆଛେ, ପ୍ରେମେର ଶିୟର କାଛେ ମିଲନ୍ ସୁଖେର ବକ୍ଷମାଝେ; ଆନନ୍ଦେର ହୃଦସ୍ପନ୍ଦନ କାମ୍ପିତେଛେ କ୍ଷଣେ କ୍ଷଣେ ବେଦନାର ରୁଦ୍ରଦେବତା ଯେ'' ଭୟଙ୍କର କବିତା– ରୁମ ଟାଙ୍କୁରି ଉଠେ ।

ବାପା, ମା', ମିର୍ଚ୍ଚା, ମୁଁ, ସାବି ଓ ମୋର ଦୁଇଟି ଛୋଟ ଭାଇ ପ୍ରାୟ ପ୍ରତିଦିନ ଆମ ଶେଭ୍ରଲେ ଗାଡ଼ି ଚଢ଼ି ବୁଲିବାକୁ ଯାଉ । ମିର୍ଚ୍ଚା ସାମ୍ନା ସିଟ୍‌ରେ ଛୋଟ ଦୁଇ ଭାଇଙ୍କୁ ନେଇ ବସେ । ଏହି ଭ୍ରମଣ ସମୟରେ ଆମେ ବୃକ୍ଷଲତାର ଦର୍ଶନ ପାଉ । ଜହ୍ନ ଆଲୁଅରେ ଅବା ଅନ୍ଧାର ପକ୍ଷର ତାରା-ଆଲୁଅରେ ବୃକ୍ଷଲତା ମଧରେ ତା' ସହିତ ଏକୁଟିଆ ବୁଲିବାକୁ ମୋତେ ଖୁବ୍ ଭଲଲାଗିଥାଆନ୍ତା । କିନ୍ତୁ ଆମେ ତ ସେପରି ଭାବରେ ବୁଲିପାରିବୁ ନାହିଁ, କି ବୁଲିବାର ସୁଯୋଗ ପାଇବୁ ନାହିଁ ।

ସେକ୍ସପିଅର୍ ଅଧ୍ୟାପନାରେ ଅଧ୍ୟାପକ ପ୍ରଫୁଲ୍ଲ ଘୋଷଙ୍କର ଯଥେଷ୍ଟ ଖ୍ୟାତି ଥିଲା । ମୋ ବାପା ତାଙ୍କୁ ବେଳେବେଳେ ନେଇଆସନ୍ତି । ସେ ଆମମାନଙ୍କୁ ସେକ୍ସପିଅର ପଢ଼ି ଶୁଣାଉଥିଲେ । ଥରେ ରାତ୍ରି ଭୋଜନକୁ ବାପା ତାଙ୍କୁ ନିମନ୍ତ୍ରଣ କରିଥିଲେ । ଆମେ ତାଙ୍କ ପାଇଁ ଅପେକ୍ଷା କରି ବସିରହିଲୁ– ମାତ୍ର ସେ ଆସିଲେ ଖୁବ୍ ଡେରିରେ । ଖାଇବା ପିଇବା ସରିଲା । ସେ ପୋଛିପାଛି ସବୁ ଖାଇଲେ । ହାତ ଧୋଉ ଧୋଉ କହିଲେ, ''ଦେଖନ୍ତୁ,

Digitized by srujanika@gmail.com

ଆଜି ମୁଁ ଅଧ୍ୟାପକ ଭଳି ଆଚରଣ କରିଛି– ନିମନ୍ତ୍ରଣ କଥାଟି ପୂରା ଭୁଲିଯାଇଥିଲି– ଖାଇ ପିଇ ବର୍ତ୍ତମାନ ମୁହଁ ଧୋଇଲା ବେଳେ ମନେପଡୁଛି ଯେ ମୋର ନିମନ୍ତ୍ରଣ ଥିଲା ।'' ଏ ସମ୍ପର୍କରେ ମୋର ସେହି ନଣନ୍ଦ ଭାଉଜ କଥା ମନକୁ ଆସୁଛି । ସେ କହିବାକୁ ଲାଗିଲେ– ନଣନ୍ଦ ଭାଉଜ ଦୁହେଁ ନଈକୁ ବାସନ ଧୋଇବାକୁ ଗଲେ । ନଣନ୍ଦକୁ କୁମ୍ଭୀର ଟାଣି ନେଇଗଲା– ଭାଉଜ ଘରକୁ ଫେରିଆସିଲା ଏବଂ ସେ କଥାଟି ସେ କହିବାକୁ ଭୁଲିଗଲା । ଖାଇପିଇ ଆଉଥରେ ଯେତେବେଳେ ହାତ ଧୋଇବାକୁ ତୁଠକୁ ଗଲା, ସେତେବେଳେ ତା'ର ମନେପଡ଼ିଗଲା ଯେ ନଣନ୍ଦକୁ କୁମ୍ଭୀର ନେଇଯାଇଛି । ସେ ଶାଶୁକୁ ଡାକି କହିଲା, ''ଭାଲୋ କଥା ମନେହଲ ଆଁଚାତେ ଆଁଚାତେ, ଠାକୁର୍ ଝିକେ ନିୟେଗେଲ ନାଚାତେ ନାଚାତେ ।'' ସେଦିନ ସେ ଆମକୁ 'ସାଇଲକ୍ ଦି ଯୁ' ପଢ଼ି ଶୁଣାଇଲେ । ଜେସିକୋ ଏବଂ ଲରେନ୍‌ସୋ ପୋର୍ସିୟାର ବଗିଚାରେ ଭ୍ରମଣ କରୁଛନ୍ତି । ଲରେନ୍‌ସୋ କହୁଛି– 'the moon shines bright in such a night as this sweet wind did gently kiss the trees.' ମୁଁ, ମିର୍ଜ୍ଜା ଓ ଅନେକେ ସେଦିନ ସେକ୍‌ସ୍‌ପ୍ରିୟର ଶୁଣୁଥିଲୁ । ଏତେ ଲୋକ ଭିତରେ ମୁଁ ଓ ମିର୍ଜ୍ଜା ଏକୁଟିଆ ପରି ମନେହେଲା; ଆମେ ପରସ୍ପରକୁ ଚାହିଁଲୁ । କିନ୍ତୁ ଆମେ ତ ଆଉ ପ୍ରକୃତରେ ଏକୁଟିଆ ନଥିଲୁ । ବାସ୍ତବିକ ଯଦି ଆମେ ଏକୁଟିଆ ରହିଥାନ୍ତୁ ତେବେ କେତେ ଭଲଲାଗନ୍ତା; ଯଦିବା କଦାଚିତ ଏକ ଜ୍ୟୋତ୍ସ୍ନା ରାତିରେ ଅବା ଜ୍ୟୋତିରିଙ୍ଗଣ ବିଚ୍ଛୁରିତ ଆଲୋକରେ ଆମେ ଦୁହେଁ ସନ୍ଧ୍ୟାବେଳେ ଏକୁଟିଆ ବୁଲିବାକୁ ଚେଷ୍ଟାକରୁଛୁ । ସାବି ଆମ ପଛେ ପଛେ ଚାଲିବାକୁ ଲାଗିଲା ।

In such a night as this– ଆମେ ଦୁହେଁ ପାଖାପାଖି ବସିଛୁ ସିନା, ଜଣେ ଅନ୍ୟଠାରୁ ଅନେକ ଦୂରରେ ବସିଲା ପରି ମନେହେଉଛି । ନିକଟରେ ରହିଲେ ମଧ୍ୟ ବିରହ ଆସେ, ପୁଣି ଦୂରେଇ ରହିଲେ ମଧ୍ୟ ମିଳିତ ହେବା ପରି ମନେହୁଏ । ସେ ଯେ ସାମନା ସିଟ୍‌ରେ ବସିଛି– ସେତିକିରେ ମୋ ମନ ଆନନ୍ଦରେ ପୂରିଉଠୁଛି । ପଞ୍ଜାବି ଉପରେ ତା ଗଳା ମୋତେ ଦିଶୁଛି । ତାକୁ ଦୂରରୁ ଦେଖି ମଧ୍ୟ ମୋ ଦେହ ମନ ପୁଲକିତ ହେଉଛି । ମୋ ମନ କହୁଛି ସେ ଦୂରରେ ଥାଉ–ଦୂରରେ ଥାଉ; ତାକୁ ଟିକିଏ ଦେଖିପାରିଲେହିଁ ମୋର ପରମ ତୃପ୍ତି । ମୁଁ ବେଳେବେଳେ ଭାବେ ପ୍ରଥମେ ଗାଡ଼ିରୁ ଓହ୍ଲାଇପଡ଼ିବି; ତାହାହେଲେ ତାକୁ ସ୍ପର୍ଶ କରିବାର ସୁଯୋଗ ମିଳିବ । କିନ୍ତୁ ଏଭଳି ଆଦୌ ଘଟେ ନାହିଁ । ସର୍ବପ୍ରଥମ ସେ ଗାଡ଼ିରୁ ଓହ୍ଲାଇବ ଏବଂ ପ୍ରତ୍ୟେକଙ୍କ ହାତ ଧରି ଓହ୍ଲାଇବାରେ ସାହାଯ୍ୟ କରିବ । ତାଙ୍କ ସମାଜର ଏହା ନିୟମ ।

ମୁଁ ତାକୁ ଜଣାଇନାହିଁ ତାକୁ ଏତେ ଭଲପାଏବୋଲି । ଯଦି କହିଦିଏ ତେବେ ତା'ର ଈର୍ଷା ଚାଲିଯିବ; ବରଂ ମୁଁ ଚାହେଁ ତା' ମନରେ ଈର୍ଷା ଜାଗ୍ରତ ହେଉ । ମୋ କାର୍ଯ୍ୟକଳାପ ଦ୍ୱାରା ତା'ର ଈର୍ଷା ଭାବ ଜାଗ୍ରତ କରାଇବାକୁ ମୋତେ ଖୁବ୍ ଭଲଲାଗେ । ଦିନେ ତା ଘରେ

Digitized by srujanika@gmail.com

ଲେଖକ 'ଅ' ବାବୁ ବସିଥିଲେ, ମୁଁ ତାଙ୍କ ସହିତ ବଙ୍ଗଳା ଭାଷାରେ କଥାବାର୍ତ୍ତା କଲି । ଇଂରାଜୀ ଶବ୍ଦ ଗୋଟିଏ ଦୁଇଟି ମାତ୍ର ବ୍ୟବହାର କଲି । ବଙ୍ଗଳା ମୋର ମାତୃଭାଷା, ମୁଁ କାହିଁକି ସବୁବେଳେ ଇଂରାଜୀରେ କଥା କହିବି– କ'ଣ ଆମ ଘରେ ମିର୍ଚ୍ଚା ଅଛି ବୋଲି ? ସେଦିନ ତା' ମୁହଁଟା ଆଷାଢ଼ସ୍ୟ ପ୍ରଥମ ଦିବସ ଭଳି ମେଘାଚ୍ଛନ୍ନ ହୋଇଗଲା । ତା' ମନରେ ଈର୍ଷା ଜାଗ୍ରତ ହେଲେ ସେ ଟିକିଏ ନିଷ୍ଠୁର ହୋଇପଡ଼େ, ଆଉ ସେତିକିବେଳେ ମୋତେ ଖୁବ୍ ମଜା ଲାଗେ । ଆଚ୍ଛା, ମୋର ଏପରି ବ୍ୟବହାରକୁ କ'ଣ 'କକେଟ୍ରି' କୁହାଯାଇ ପାରିବ ? ଡିକ୍‌ସନାରୀ ଦେଖି ଅର୍ଥଟା ବାହାର କରିବା ଦରକାର ।

ବେଶ୍ କିଛିଦିନ ହେଲା ମୁଁ ଲକ୍ଷ୍ୟ କରୁଛି; ମୋଠାରେ ମିର୍ଚ୍ଚାର କର୍ତ୍ତୃତ୍ୱଟା ଯେପରି ବଢ଼ିଯାଇଛି । ସେ ଏକପ୍ରକାର ଧରିନେଇଛି, ମୁଁ ତା'ର ଗୋଟିଏ ସମ୍ପତ୍ତି । ତା'ର ଧାରଣା ମା' ବାପା ଓ ଘରର ସମସ୍ତେ ଆମ ବିଷୟରେ ଜାଣନ୍ତି ଓ ଅନୁମୋଦନ କରନ୍ତି । ଇତିମଧ୍ୟରେ ମୁଁ ବେରିବେରି ରୋଗରେ ଆକ୍ରାନ୍ତ ହୋଇଥିଲି । ମୋର ଗୋଡ଼ ଫୁଲିଯାଇଥିଲା । ସେଥିପାଇଁ ଆୟୁର୍ବେଦୀୟ ତୈଳ ମାଲିସ କରୁଥିଲି । ସେ ମୋର ପାଦ ବିଷୟରେ ଅତ୍ୟଧିକ ସତର୍କ । ଥଣ୍ଡା ଚଟାଣରେ ପାଦ ରଖିବାକୁ ମୋତେ ଖୁବ୍ ଭଲଲାଗେ । କିନ୍ତୁ ସିମେଣ୍ଟରେ ପାଦ ରଖିଲାମାତ୍ରେ ମିର୍ଚ୍ଚାର ହୁକୁମ୍, 'ଚଟି ପିନ୍ଧ' । ଲଙ୍କାମରିଚ ଖାଇବା ସହିତ ବେରିବେରି ରୋଗର କୌଣସି ସଂପର୍କ ନାହିଁ । ସୋରିଷତେଲରୁ ବେରିବେରି ରୋଗ ହୁଏ, ସେ କଥା ସେ ବୁଝେନାହିଁ । ପ୍ରତିଦିନ ମୋତେ କହେ–'ଲଙ୍କାମରିଚ ଖାଅନାହିଁ ।'

ଦିନେ ଖାଇସାରି ଖାଇବା ଟେବୁଲରେ ବସି ମୁଁ, କାକୀମା' ଓ ମିର୍ଚ୍ଚା କଥାବାର୍ତ୍ତା ହେଉଥିଲୁ । ସେ ମୋ ଉପରେ ଅତ୍ୟଧିକ ରାଗିଯାଇଛି; କାରଣ ମୁଁ ତା'ର କଥା ନଶୁଣି ଲଙ୍କା ଖାଇଛି । କାକୀମା'ଙ୍କୁ ସମ୍ବୋଧନ କରି ସେ କହିଲା, 'କାକୀମା', ତୁମେ ଏବେ ବିବାହ କରିଛ, ତୁମର ରୂପମାଧୁର୍ଯ୍ୟ ପ୍ରୟୋଜନ । ତୁମେ ଲଂକାମରିଚ ଖାଅ ନାହିଁ । ଯେଉଁ ଝିଅମାନେ ରୁକ୍ଷ, ସେମାନେ ଯାହା ଇଚ୍ଛା ତାହା କରନ୍ତୁ ।'' ମୁଁ କହିଲି, ''ଯେଉଁ ପୁଅମାନେ କୋମଳ, ଯେଉଁମାନଙ୍କୁ ସମସ୍ତେ କହନ୍ତି ଭଲ, ପ୍ରକୃତରେ ସେମାନଙ୍କର କୌଣସି ପୌରୁଷ ନାହିଁ ।''

''ତା' ମାନେ ତୁମେ କ'ଣ କହିବାକୁ ଚାହଁ ଯେ, ଲଙ୍କା ରାଗ ଲାଗେ ବୋଲି ମୁଁ ତାକୁ ଖାଇବାକୁ ଅକ୍ଷମ ? ମୋର କ'ଣ ସାହସ ନାହିଁ ?'' ଏ କଥା କହୁ କହୁ ସେ ଲଙ୍କା ଓ ଲେମ୍ବୁ ଥିବା ପ୍ଲେଟ୍‌ଟି ଟାଣିଆଣି ଗୋଟାକ ପରେ ଗୋଟାଏ ଲଂକା ଚୋବାଇବାକୁ ଲାଗିଲା । ''କି ସର୍ବନାଶ !'' ଯାକୁ ତ ପାରିହେବ ନାହିଁ । ପକାଇଦିଅ ! ପକାଇଦିଅ !'' କହି ମୁଁ ଉଠିବାକୁ ଯାଉଛି, ସେ ଟେବୁଲ୍ ତଳ ଦେଇ ଗୋଡ଼ ବଢ଼େଇ ମୋର ପାଦଦୁଇଟିକୁ ବନ୍ଦିକରିପକାଇଲା– ଦେହରେ କି ଶକ୍ତି ! ବେଶି ଟାଣାଟଣି କରିପାରୁନାହିଁ– କାକୀମା' କାଳେ ବୁଝିପକାଇବେ ମୁଁ ବନ୍ଦୀ ।

Digitized by srujanika@gmail.com

ସେ ଗୋଟାକ ପରେ ଗୋଟାଏ କରି ତିନିଟା ଲଂକା ଖାଇପକାଇଲା–ଓଠ ଇତି ମଧରେ ଫୁଲିଯାଇଛି; ଗୋରା ମୁହଁଟି ଏଠିସେଠି ଲାଲ୍ ହୋଇଯାଇଛି– ସେ କିନ୍ତୁ ଅବିଚଳିତ । ମୁଁ ହାତ ବଢ଼େଇ ପ୍ଲେଟ୍‌ଟି କାଢ଼ି ନେବାକୁ ଚେଷ୍ଟା କରୁଛି । କାକୀମା' ନିର୍ବିକାର ଭାବରେ ହସି ହସି ଗଡ଼ିଯାଉଛନ୍ତି; କିଛି ବୁଝିପାରୁନାହାନ୍ତି । ଗୋଟିଏ ଲୋକ ଆଖିସାମନାରେ ବସି ଆତ୍ମହତ୍ୟା କରୁଛି ! ସାବି ବୁଝିପାରିଛି, ତା ମନ ଆଉ ମୋ ମନ ଗୋଟିଏ ଧାତୁରେ ଗଢ଼ା ।

''ମା' ମା' ଦେଖ– ଦିଦୀ ୟୁକ୍ଲିଡ଼୍‌ଦା ସଂଗେ ମାରପିଟ୍ କରୁଛି !'' ମା' ରୋଷେଇଘରୁ ଦୌଡ଼ିଆସିଲେ । ସେ ତତ୍‌କ୍ଷଣାତ୍ ମୋ ଗୋଡ଼ ଛାଡ଼ି ଠିଆହୋଇଯାଇଛି । ମା' ସ୍ତମ୍ଭିତା; ଏପରି ଗୋଟିଏ କାଣ୍ଡ ତା' ଭଳି ଶାନ୍ତ ପିଲାଟି କରିପାରିଲା ?

''ଏ କ'ଣ ୟୁକ୍ଲିଡ୍ ! କଞ୍ଚାଲଙ୍କା ଚୋବେଇ ଖାଉଛ କାହିଁକି ?'' କାକୀମା' କହିଲେ, ''ଏଇ 'ରୁ' କଥା ଶୁଣିନି ବୋଲି ।''

''ରୁ କଥା ଶୁଣିନି ବୋଲି । ଏ କ'ଣ ! କ'ଣ !''

ପ୍ରଥମ ଥର ପାଇଁ ମା'ଙ୍କ ଆଖିରେ ସନ୍ଦେହର ଛାୟା ଦେଖିଲି; ମା' ତା' ଆଡ଼କୁ ଗୋଟିଏ ଚାମଚ ଲହୁଣି ବଢ଼ାଇଦେଲେ; ବାଟିଟିକୁ ତା' ହାତରେ ଦେଇ କହିଲେ, ''ଲହୁଣି ଖାଅ ।'' ମିର୍ଚ୍ଚା ବାଟିଟା ନେଇ ମୁଣ୍ଡ ପୋତି ତା' ଘରକୁ ଚାଲିଗଲା ।

ମା' ଏଥର ଖୁବ୍ ରାଗିଗଲେ– ''କେତେବେଳୁ ଖାଇବା-ପିଇବା ହୋଇଗଲାଣି; ଏଠି ବସି ବସି ଆଡ୍‌ଡ଼ା ଦିଆହେଉଛି କାହିଁକି ? ତୁମର କାହାରି କ'ଣ କିଛି କାମ ନାହିଁ ?'' ମୁଁ ଖୁବ୍ ଡରିଯାଇଛି; କିନ୍ତୁ ତତ୍‌କ୍ଷଣାତ୍ ଯେପରି କିଛି ହୋଇନି, ଏମିତି ଭାବ ଦେଖାଇ କହିଲି, ''ରାଗ ଖାଇବାକୁ ସାହସ ଦରକାର; ସେଥିପାଇଁ ବୀରତ୍ୱ ଦେଖାଉଥିଲା...ଠିକ୍ ନା, କାକୀମା' ? ବାହାଦୁରିଆ ଆଉ କାହାକୁ କହନ୍ତି ? ଲଙ୍କା କେବେହେଲେ ଖାଲି ଖିଆ-ଯାଇପାରେ ?'' ମୋ ଗଳା ନିରୁତ୍ତାପ– ଯେମିତି କିଛି ହୋଇନାହିଁ । ମା' ବିଶ୍ୱାସ କଲେ, ସନ୍ଦେହର ମେଘ ଉଡ଼ିଗଲା– କାରଣ ମା' ଉଡ଼ାଇଦେବାକୁ ଚାହାନ୍ତି ? ସେ ଯେଉଁମାନଙ୍କୁ ଭଲପାଆନ୍ତି ସେମାନଙ୍କ ସମ୍ବନ୍ଧରେ ମନରେ ସନ୍ଦେହର କୌଣସି ସ୍ଥାନ ଦେବାକୁ ଚାହାଁନ୍ତି ନାହିଁ । ଅପ୍ରିୟ ସତ୍ୟର ମୁହାଁମୁହଁ ହେବାକୁ ମା'ଙ୍କର ସାହସ ନାହିଁ; ଅର୍ଥାତ୍ ସେତେବେଳେ ଯେ କେବଳ ନଥିଲା ତା' ନୁହେଁ; କୌଣସି ଦିନ ମଧ ହୋଇନାହିଁ । ଯେତେବେଳେ ଅନ୍ୟ କେହି ତାଙ୍କ ସ୍ୱାମୀଙ୍କୁ ତାଙ୍କ ପଣତକାନିରୁ ଖୋଲି ନେଇଯାଉଥିଲା, ସେତେବେଳେ ବି ମା' ଭାବୁଥିଲେ ସେ କିଛି ନୁହେଁ– ଦଶବର୍ଷ ଧରି ସେହି ଖେଳ ଚାଲିଥିଲା । ମା' ଭଲ-ମନ୍ଦ ଚିନ୍ତା କଲେ ନାହିଁ । ଯେତେବେଳେ ତାଙ୍କର ସର୍ବନାଶ ହୋଇଯାଇଛି, ସେତେବେଳେ ସେ ଚମକିଉଠିଲେ; ତାଙ୍କର ଧାରଣା ମୁଁ ବିଶ୍ୱାସ କରିଛି ବୋଲି କ'ଣ ମୋତେ ଠକେଇବାକୁ ହେବ ? ବିଶ୍ୱାସ କରିବା କ'ଣ

Digitized by srujanika@gmail.com

ଅନ୍ୟାୟ ? ସେଦିନ ସେହି ଷୋହଳ ବର୍ଷର ଝିଅଟି ମଧ୍ୟ ମା'ଙ୍କୁ ଠକେଇଦେଲା । ଅନେକ ବେଳ ପର୍ଯ୍ୟନ୍ତ ଅବଶ୍ୟ ଭୟରେ ମୋର ଛାତି ଧଡ଼୍‌ପଡ଼୍ କରୁଥିଲା । ବେଶ୍ ଚାଲାକି କରିପାରେ ତ ମୁଁ ! ମିର୍ଚ୍ଚା ପାଇଁ ମୁଁ ଏପରି ମିଥ୍ୟାବାଦିନୀ ହୋଇଯାଉଛି । କଦାପି ନୁହେଁ । ଦୁଷ୍ମନ୍ତ କ'ଣ କହିଛନ୍ତି– ''ସ୍ତ୍ରୀଣାମ୍ ଅଶିକ୍ଷିତପଟୁତ୍ୱମ୍...''

ମା' ଉପରକୁ ଯାଉଛନ୍ତି– ମୁଁ ଭାବୁଛି, ମା'ଙ୍କ ମନରେ ଯଦି ଟିକିଏ ସନ୍ଦେହ ଥିବ, ତାକୁ ଦୂର କରିବାକୁ ହେବ । ମା'ଙ୍କୁ ଜାବୁଡ଼ି ଧରି ଶୋଇପଡ଼ିବି ।

''କାକୀମା' ! ମୁଁ ଉପରେ ମା'ଙ୍କ ପାଖେ ଶୋଇବାକୁ ଯାଉଛି । ତୁମେ ଟିକିଏ ମିର୍ଚ୍ଚାକୁ ଦେଖ– ତା'ର କ'ଣ ହେଲା ?'' କାକୀମା' ଆଖି ଠାରି କହିଲେ, ''ମୋର ଭାସିଯାଉଛି ।''

ମା'ଙ୍କ ପାଖରେ ଶୋଇଛି । ମୁଁ ଯାହା ଭାବୁଛି, ମା' ତ ତାହା ଶୁଣିପାରୁନାହାନ୍ତି; ଯେତେ ପାଖର ମଣିଷ ହୁଅନ୍ତୁ ନା କାହିଁକି, ଯେତେ ସ୍ନେହ ଥାଉ ମଧ୍ୟ । ଜଣେ ଆଉ ଜଣକୁ କେତେ ସହଜରେ ଠକେଇଦେଇପାରେ ! କାରଣ ମୁହଁରେ ନ କହିଲେ ତ କେହି କାହାରି ମନର କଥା ବୁଝିପାରେନାହିଁ । ଯଦି ପାରନ୍ତେ ? ତା' ହେଲେ ରତ ସ୍ନେହ, ଶ୍ରଦ୍ଧା, ବିଶ୍ୱାସ ଇତ୍ୟାଦି ମହାମୂଲ୍ୟବାନ୍ ଜିନିଷଗୁଡ଼ିକ ଭାଙ୍ଗି ଚୂରମାର ହୋଇଯାଆନ୍ତା । ମିର୍ଚ୍ଚା ହଠାତ୍ ଏପରି ଗୋଟିଏ ଅଦ୍ଭୁତ କାଣ୍ଡ କଲା କାହିଁକି ? ମୁଁ କିଛି ଭାବିପାରିଲି ନାହିଁ । ଖାଲି କ'ଣ ମୁଁ ତା କଥା ଶୁଣିଲି ନାହିଁ ବୋଲି, ନା ବୀରତ୍ୱ ଦେଖାଇବା ପାଇଁ, ନା ଅନ୍ୟ କିଛି କାରଣ ଅଛି ?

ତା' ମନରେ ଏତେ ଆଘାତ ଲାଗିଲା କାହିଁକି ? ନା କ'ଣ ପ୍ରତିଶୋଧ ନେବାପାଇଁ ? ଯେକୌଣସି କାରଣ ପାଇଁ ହେଉନା କାହିଁକି, ମୁଁ ଏପରି କରିପାରନ୍ତି ନାହିଁ ।

ନିଜକୁ ଏତେ କଷ୍ଟ ଦେବା ? ଅନେକେ ପାରନ୍ତି, ଯେମିତି ଜେଜୀମା ମୃତ୍ୟୁମୁଖରେ ମଧ୍ୟ ତୃଷ୍ଣା ସମ୍ବରଣ କରିପାରନ୍ତି– ଦୁଇଦିନ, ତିନିଦିନ ଧରି ଉପବାସ କରିପାରନ୍ତି । ମୁଁ କ'ଣ ପାରେ ? କିନ୍ତୁ ତାଙ୍କର ତ ବ୍ରତ ବା ସେ ଜାତୀୟ କିଛି କାରଣ ଥାଏ । ମିର୍ଚ୍ଚା ଏପରି ଖାଲିଟାରେ କରୁନଥିଲା, ହୁଏତ ତା'ର ମଧ୍ୟ କାରଣ ଥିଲା; ସେ ମୋ ପାଇଁ କେତେ କଷ୍ଟ ସହ୍ୟ କରିପାରେ ତା'ର ପରୀକ୍ଷା ଦେଉଥିଲା । ତା'ର ଆତ୍ମପୀଡ଼ନ କ୍ଷମତା ଦେଖି ମୁଁ ନିଜକୁ ଛୋଟ ମନେକରୁଥିଲି । ତା'ର ମୋଠାରୁ ଅନେକ ବେଶି ଶକ୍ତି ଅଛି । ମୁଁ ଆଉ କେବେହେଲେ ତା' ସହିତ ଏପରି ବ୍ୟବହାର କରିବି ନାହିଁ । ଏଥର ମୁଁ କହିବି, ମୁଁ ମଧ୍ୟ ତାକୁ ଚାହେଁ । ସେ ଯେପରି ଭାବେ କହିଛି ସେପରି ନୁହେଁ, ତା'ର ଖୁବ୍ ନିକଟରେ ବସି ତା'ର ଶଙ୍ଖଚିଲ ଭଳି ଗୋରା ପାଦ ଉପରେ ହାତ ରଖି କହିବି; ପାଦ ନରଖି ପାଦରେ ହାତ ଦେଲେ କ'ଣ କ୍ଷତି ହେବ ? ସେ ତ ମୋଠାରୁ ବଡ଼ । ବୟସ, ବିଦ୍ୟା ଓ ମାନସିକ ଶକ୍ତିରେ ଅନେକ ବଡ଼ । ମୁଁ ନିଜକୁ ପରାଜିତ ମନେକରିଥିଲି । ସେଥିରେ ମୋର କଷ୍ଟ ନାହିଁ । ମୁଁ ସୁଖୀ, ଆତ୍ମପୀଡ଼ନର ଶକ୍ତି ଦେଖାଇ ସେ ଅନେକ ବଡ଼ ହୋଇଯାଇଛି– ''ଦେହି ପଦପଲ୍ଲବ-ମୁଦାରମ୍ ।''

Digitized by srujanika@gmail.com

ବାପା ଥରେ ଅସୁସ୍ଥ ହୋଇପଡ଼ିଲେ । ତାଙ୍କର ହାଇ ବ୍ଲଡ୍ ପ୍ରେସର । ଘରେ ସମସ୍ତେ ଖୁବ୍ ବ୍ୟସ୍ତ । ସବୁ ଘର ଭଳି ଆମ ଘରେ ମଧ୍ୟ ଗୃହକର୍ତ୍ତା ହିଁ ପନ୍ଦରଅଣା, ଅନ୍ୟ ସମସ୍ତେ ମିଶି କେବଳ ଏକ ଅଣା । ଅର୍ଥାତ୍ ତାଙ୍କର ସୁଖ-ସୁବିଧା ଓ ଇଚ୍ଛା-ଅନିଚ୍ଛା ଉପରେ ସବୁ କିଛି ନିର୍ଭର କରେ । କାରଣ ତାଙ୍କର ରୋଜଗାରରେ ଗୃହର ଅନ୍ୟ ସମସ୍ତେ ପ୍ରତିପାଳିତ । ଏତଦ୍ୱାରା ଅବଶ୍ୟ ବୃହତ୍ ପରିବାରରେ ଶୃଙ୍ଖଳାରକ୍ଷା କରିବାରେ ସୁବିଧା ହୁଏ । କିନ୍ତୁ ସେହି କର୍ତ୍ତା ବ୍ୟକ୍ତିଟି ଏକାନ୍ତ ସ୍ୱାର୍ଥପର ଓ ଦାମ୍ଭିକ ହୋଇଯିବାର ସୁଯୋଗ ପାଆନ୍ତି । ତାଙ୍କର ଧାରଣା ହୁଏ ଯେ, ଘରେ ସେ ଜଣେ ଈଶ୍ୱର । ଗୋଟିଏ ଦେଶ ପକ୍ଷରେ ରାଜା ଯେପରି ଭାଗ୍ୟନିୟନ୍ତା, ପରିବାରର କର୍ତ୍ତା ମଧ୍ୟ ସେହିପରି । କର୍ତ୍ତାଟି ଯଦି ବିଶେଷ ଗୁଣର ଅଧିକାରୀ ହୁଅନ୍ତି, ତା'ହେଲେ ତ କଥା ସରିଗଲା । ବାପାଙ୍କ ଗୁଣର ବୋଧହୁଏ ପରିମାପ ନାହିଁ, ବିଶେଷତଃ ବିଦ୍ୟାଦିଗରୁ । କ୍ଲିଷ୍ଟ ସଂସ୍କୃତରେ ଲେଖାହୋଇଥିବା ଦର୍ଶନଶାସ୍ତ୍ରର ଅର୍ଥ ବୋଧ କରିବାକୁ କୌଣସି ଦିନ ତାଙ୍କର କାହାରି ସାହାଯ୍ୟ ଲୋଡ଼ାନଥିଲା । ତାଙ୍କର ସ୍ମୃତିଶକ୍ତି ଥିଲା ପ୍ରଖର । କେହି କେହି ମନେକରୁଥିଲେ ଯେ ସେ ଜାତିସ୍ମର । ବିଜୟକୃଷ୍ଣ ଗୋସ୍ୱାମୀ ମଧ୍ୟ ତାହା ମନେକରୁଥିଲେ । ଯେତେବେଳେ ବାପାଙ୍କୁ ସାତବର୍ଷ ସେତେବେଳେ ବିଜୟକୃଷ୍ଣ ପଚାରିଥିଲେ, ସେମାନେ ଦୁହେଁ ଗତଜନ୍ମରେ ଏକତ୍ର ଯେଉଁ ନଦୀ କୂଳରେ ତପସ୍ୟା କରୁଥିଲେ ସେହି ନଦୀଟିର ନାମ କ'ଣ ? ବାପାଙ୍କର ଅବଶ୍ୟ ମନେନଥିଲା । ସେତେବେଳେ ବିଜୟକୃଷ୍ଣ କହିଲେ, ''ତୁମର ସେଥର ମଧ୍ୟ ପତନ ହେଲା, ଏଥର ମଧ୍ୟ ପତନ ହେବ– ତୁମକୁ ପୁନର୍ବାର ଆସିବାକୁ ହେବ ।'' ଏହି ଉପଭୋଗ୍ୟା ପୃଥିବୀକୁ ପୁନର୍ବାର ଯଦି ଆସିବାକୁ ହେବ, ସେ ସେଥିରେ କାତର ହେବେ ବା କାହିଁକି ?

କେବଳ ଏ ଦେଶରେ ନୁହେଁ, ବିଦେଶରେ ମଧ୍ୟ ଅନେକେ ବାପାଙ୍କୁ ମାନ୍ୟ କରନ୍ତି, ସ୍ନେହ କରନ୍ତି । ସେବା କିପରି ଆଦାୟ କରିବାକୁ ହେବ, ତାହା ସେ ଜାଣିଥିଲେ । ତାଙ୍କର ଅଧ୍ୟାପକ ମ୍ୟାକ୍‌ଟାଗାର୍ଟଙ୍କ କଥା ଶୁଣିଛି– ବିରାଟ ପଣ୍ଡିତ ଥିଲେ, ହେଲେହେଁ ବାପାଙ୍କୁ ଖୁବ୍ ଆଦର ଯତ୍ନ କରୁଥିଲେ । ଏପରିକି ବାପାଙ୍କ ଘରେ ଚେମ୍ବରପଟ ରଖିଯାଉଥିଲେ । କଥାଟା ଅବଶ୍ୟ ବାପା ଖୁବ୍ ଗର୍ବ ସହକାରେ କହୁଥିଲେ । ସେତେବେଳେ ଛାତ୍ର ଓ ଅଧ୍ୟାପକ ମଧ୍ୟରେ ମଧୁର ସମ୍ପର୍କ ଥିଲା । ଦାର୍ଶନିକ ପଣ୍ଡିତ ମ୍ୟାକ୍‌ଟାଗାର୍ଟଙ୍କର ଏକ ଦୁର୍ବଳତା ଥିଲା । ସେ ଖୁବ୍ ମଦ୍ୟପାନ କରୁଥିଲେ । ତାଙ୍କ ବିଷୟରେ ଗୋଟିଏ ଗପ ବାପା ପ୍ରାୟ କହୁଥିଲେ– ଥରେ ସେ ନିମନ୍ତ୍ରଣ ଖାଇ ଫେରୁଥିଲେ; ଗୋଟିଏ ପଡ଼ିଆ ପାରିହୋଇ ରାସ୍ତାରେ ପହଞ୍ଚିବା କଥା । ବଡ଼ଏକ ପଡ଼ିଆ ମଧ୍ୟରେ ଗୋଟିଏ ଗଛ ଛଡ଼ା ଆଉ କିଛି ନଥିଲା । ଅଧ୍ୟାପକ ସିଧା ସେହି ଗଛଟିର ସାମନାରେ ଠିଆହେଲେ; କିନ୍ତୁ ସେଟାକୁ କିପରି ଅତିକ୍ରମ କରିବେ ତାହା ସେ ଜାଣିପାରିଲେ ନାହିଁ । ଫେରିଗଲେ ସେହି ଭଦ୍ରବ୍ୟକ୍ତିଙ୍କ ଘରକୁ । ପୁଣି ଆସିଲେ; ଗଛଟିର ସାମନାରେ ପୁଣି ଠିଆହେଲେ ଓ ଫେରିଗଲେ । ଏହିପରି ଅନେକ ଥର କରିସାରି ଅଧ୍ୟାପକ

Digitized by srujanika@gmail.com

ଗଛତଳେ ବସିପଡ଼ିଲେ ଏବଂ କହିଲେ, "I am lost in a dense forest." (ମୁଁ ଘଞ୍ଚ ଜଙ୍ଗଲରେ ବାଟ ଭୁଲିଯାଇଛି)

ଆମେ ଏ ଗପଟା ଖୁବ୍ ଉପଭୋଗ କରୁଥିଲୁ; କିନ୍ତୁ ମୋ ମନରେ ସବୁବେଳେ ଗୋଟାଏ ଧୋକା ଲାଗିଥାଏ । ବାପା ଯାହାଙ୍କୁ ଏତେ ଶ୍ରଦ୍ଧା କରୁଥିଲେ, ଏପରି ଶ୍ରଦ୍ଧେୟ ବିଦ୍ୱାନ୍ ବ୍ୟକ୍ତି କିପରି ମଦ୍ୟପ ହୋଇପାରିଲେ ? ମଦ୍ୟପାନ କରିବାଟା ଖୁବ୍ ଖରାପ, ପାପ ନୁହେଁ କି ? ଆମେ କେବେହେଲେ ଚିନ୍ତା କରି ଶିଖି ନାହୁଁ ଯେ, ଜଣେ ମଣିଷର ଚରିତ୍ରରେ ଦୋଷଗୁଣ ଉଭୟ ଥିଲେ ମଧ୍ୟ ସେ ଶ୍ରଦ୍ଧାର ପାତ୍ର ହୋଇପାରେ । ସମାଜର ବିବିଧ ତିରସ୍କାରରେ ଅଭିଭୂତ ଆମର ଦୃଷ୍ଟି ମଣିଷର ଦୁର୍ବଳତା ଓ ତ୍ରୁଟି-ବିଚ୍ୟୁତିଗୁଡ଼ିକୁ ଯଥାଯଥଭାବ (ପର୍ସପେକ୍ଟିଭ)ରେ ଦେଖି ଜାଣେନାହିଁ । ଯେପରି ମୋ ପିତାଙ୍କର ଯେ କୌଣସି ଦୋଷତ୍ରୁଟି ଥାଇପାରେ, ତା' ଆମେ କେବେହେଲେ ଚିନ୍ତାକରିପାରୁନା । ସେ ସମ୍ପୂର୍ଣ୍ଣ ଦୋଷଶୂନ୍ୟ–ଦେବତାତୁଲ୍ୟ–ଏପରି ଗୋଟିଏ ଧାରଣା ଗଢ଼ିବାରେ ମୂଳ ହେଉଛନ୍ତି ମା' । ଏହାର ବିପଦ ମା' ବୁଝିପାରିନଥିଲେ । ଏହାହିଁ ଥିଲା ସେତେବେଳକାର ରୀତି । ପିତାମାତା, ଗୁରୁଜନମାନଙ୍କର କୌଣସି ବିଚାର କରିବାର ଚେଷ୍ଟା ମଧ୍ୟ କ୍ଷତିକାରକ । ମୁଁ ଆମ ଘରେ ପ୍ରଥମ ଥର ପାଇଁ ବାପାଙ୍କ ମୁହଁ ଉପରେ ଉତ୍ତର ଦେବାର ସ୍ପର୍ଦ୍ଧା କରିଥିଲି– ତାଙ୍କ ଅସୁସ୍ଥତା ସମୟରେ ।

ଆମ ଘରେ କେତେକାଳରୁ ଜଣେ ମହିଳା ଥିଲେ । ଆମେ ତାଙ୍କୁ 'ଚମ୍ପା ପିଉସୀ' ବୋଲି ଡାକୁଥିଲୁ । ତାଙ୍କୁ ଆମେ ସମସ୍ତେ ଭଲପାଉଥିଲୁ । ସେ ଏକସଙ୍ଗେ ଆଜ୍‌ମା ଓ ଏକ୍‌ଜିମା ରୋଗରେ ଆକ୍ରାନ୍ତ ହୋଇ ଖୁବ୍ କଷ୍ଟ ପାଉଥିଲେ ।'' ମା' ତାଙ୍କର ସେବା ଶୁଶ୍ରୂଷା ଯଥେଷ୍ଟ କଲେ ମଧ୍ୟ, ଔଷଧପତ୍ର ଯୋଗାଇବା ପାଇଁ ଟଙ୍କାର ପ୍ରୟୋଜନ ଥିଲା; ତେଣୁ ବାପାଙ୍କର ସାହାଯ୍ୟ ଦରକାର ଥିଲା । ବାପା ଏ ବିଷୟରେ କିଛି କରିବାକୁ ରାଜିନଥିଲେ । ମୋତେ ଏହା ଆଦୌ ଭଲଲାଗୁନଥିଲା । ଦିନେ ଯନ୍ତ୍ରଣାକାର ଚମ୍ପା ପିଉସୀଙ୍କୁ କାନ୍ଦିବା ଦେଖି ମୁଁ ଆଉ ସମ୍ଭାଳିପାରିଲି ନାହିଁ । ସିଧା ବାପାଙ୍କୁ ଯାଇ କହିଲି, ''ତୁମ ପାଇଁ ଡାକ୍ତର ଆସୁଛନ୍ତି, ଏତେ ପ୍ରକାର ଔଷଧ ଆସୁଛି, ଅଥଚ ଚମ୍ପା ପିଉସୀ ପାଇଁ କିଛି ଆସୁନାହିଁ କାହିଁକି ?'' ବାପା ବିସ୍ମୟ-ବିମୂଢ଼ ହୋଇ ସ୍ୱଗତୋକ୍ତି କଲେ, ''ମୋ ପାଇଁ ଡାକ୍ତର ଆସୁଛି, ଚମ୍ପା ପାଇଁ ଆସୁନାହିଁ କାହିଁକି ?'' ମୋ ଆଖିରେ ସେ ଓ ଚମ୍ପା ସମାନ ହୋଇଯିବାଟା ବାପା ଯେପରି ବିଶ୍ୱାସ କରିପାରିଲେ ନାହିଁ ।

କଥାଟା କହିଦେଇ ମୁଁ ଲଜ୍ଜିତା ହେଲି ଓ ଚୁପ୍ କରି ରହିଲି । ଏପରି କଥା ମୁଁ ଯେ କିପରି କହିପକାଇଲି ତାହା ମୁଁ ନିଜେ ଜାଣେ ନାହିଁ । କିନ୍ତୁ ମୁଁ ଜାଣେ ମୋ ମନରେ କ୍ରମେ କ୍ରମେ ବିଦ୍ରୋହ ପୁଞ୍ଜୀଭୂତ ହେଉଛି । ମୋ ବାପାଙ୍କର ମତ ବିରୁଦ୍ଧରେ ସାମାନ୍ୟ କୌଣସି କାର୍ଯ୍ୟ କରିବାକୁ ଆମେ ସମର୍ଥ ହେଉ ନ ଥିଲୁ । ଆମ ଘରେ ଆମ କାହାରି ଇଚ୍ଛା-ଅନିଚ୍ଛାର ମୂଲ୍ୟ ନଥିଲା– ଆମ ସମସ୍ତଙ୍କର ମନ ଉପରେ ତାଙ୍କର ସମ୍ପୂର୍ଣ୍ଣ ଅଧିକାର ଥିଲା । ମୋର ଓ

Digitized by srujanika@gmail.com

ମିର୍ଜାର କଥା ଯଦି ସେ ଜାଣିପାରନ୍ତି ତେବେ ନିଶ୍ଚୟ ଆକବରଙ୍କ ପରି ଅମର ପ୍ରେମର ଅନାରକଲି ଉପରେ ପ୍ରସ୍ତର ଚପାଇଦେବେ । ହଠାତ୍ ମୋର ରବୀନ୍ଦ୍ରନାଥ ଠାକୁରଙ୍କ କଥା ମନେପଡ଼ିଲା । ସେ ଯଦି ମୋ ବାପା ହୋଇଥାଆନ୍ତେ– ସେ କ'ଣ ଏଭଳି କରନ୍ତେ ? ସେ ନିଶ୍ଚୟ ଏପରି କରନ୍ତେ ନାହିଁ । ତାଙ୍କୁ ମୋ କଥାଟା କହିଲେ କିପରି ହେବ ? ନା, କହି କିଛି ଲାଭ ନାହିଁ । ମୋ ଉପରେ ତାଙ୍କର କୌଣସି ଅଧିକାର ନାହିଁ । ସେ ତ ମୋର ଆତ୍ମୀୟ ନୁହଁନ୍ତି ।

ଦିନେ ମୋତେ ମିର୍ଜା ପ୍ରଶ୍ନ କଲା, ''ତୁମେ କୋଣାର୍କର ମୂର୍ତ୍ତି ଦେଖିଛ ?'' ମୁଁ କହିଲି, ''ମୁଁ ତ କୋଣାର୍କ ଯାଇନି,... କାହିଁକି ?'' ସେ କହିଲା, ''ମୁଁ ପୂର୍ବେ ଭାବୁଥିଲି ମଣିଷ କେବେହେଲେ ଦେଖିବାକୁ ସେପରି ନୁହେଁ ।'' ମୁଁ ମନେ ମନେ ଭାବିଲି, କୋଣାର୍କଟା ତ ଭଗ୍ନ ଜୀର୍ଣ୍ଣମନ୍ଦିର, ବୋଧହୁଏ ସେ ଯାଇଥିବ ।

''ପୁଣ୍ୟ ଲୋଭୀର ନାଇ ହଲ ଭୀଡ଼୍, ଶୂନ୍ୟ ତୋମାର ମନ୍ଦିରେ ଜୀର୍ଣ୍ଣ ହେ ତୁମି ଜୀର୍ଣ୍ଣ ଦେବତାଳୟ ।''

ମିର୍ଜା ପୁରୀ ମନ୍ଦିର ବା ଭୁବନେଶ୍ୱର ମନ୍ଦିର ଭିତରକୁ ପ୍ରବେଶ କରିପାରିବ ନାହିଁ – କାରଣ ସେ ମ୍ଳେଚ୍ଛ । ରବୀନ୍ଦ୍ରନାଥଙ୍କ ପାଇଁ ମଧ୍ୟ ପୁରୀ ମନ୍ଦିର ପ୍ରବେଶ ନିଷିଦ୍ଧ ଥିଲା । କି ଦୁର୍ଭାଗା ଏଇ ଦେଶ ! ସେଥିପାଇଁ ତ କବି ସେପରି ଗୋଟିଏ କବିତା ଲେଖିଛନ୍ତି, ଯାହା କି ପ୍ରକୃତରେ ଅଭିଶାପ ପରି କାନକୁ ଶୁଭେ ।

ଦିନେ ମୁଁ ତଳ ବାରଣ୍ଡାରେ କାନ୍ଥକୁ ଡେରି ହୋଇ ଠିଆହୋଇଛି । ମାଧବୀଲତାର ଡାଳ ଓ ଫୁଲ ମୋ ମୁଣ୍ଡ ଓ ଗାଲ ସ୍ପର୍ଶ କରିଛି । ମିର୍ଜା ମୋ ସମ୍ମୁଖରେ ଠିଆହୋଇ ଧୀରେ ଧୀରେ କହିଲା, ''ତୁମେ ମନ୍ଦିରର ପ୍ରସ୍ତରଖୋଦିତ ମୂର୍ତ୍ତିପରି ଦିଶୁଛ''–ପ୍ରଥମ ଥର ପାଇଁ ତା' ମୁହଁରୁ ମୁଁ ମୋ ରୂପର ପ୍ରଶଂସା ଶୁଣିଲି । ମୋର କବିତା ବହି ଛପାହେଉଛି । ବାପା ବହୁତ ଆଶା କରି ନାଁ ରଖିଛନ୍ତି 'ଭାସିତା' । ମୁଁ ବହିଟିର ପ୍ରୁଫ ଦେଖି ସଂଶୋଧନ କରୁଛି; ମୋତେ ନେଇ ସମସ୍ତେ ବ୍ୟସ୍ତ । ବାପା ଠିକ୍ କରିଛନ୍ତି, 'ଭାସିତା'ର ଉଦ୍‌ଘାଟନ ହେବ । ବାପା ସେଥିପାଇଁ ଏକ ବଡ଼ ଆୟୋଜନ କରି ବହୁ ବିଶିଷ୍ଟ କବି, ସାହିତ୍ୟିକ ଓ ଶିଳ୍ପୀମାନଙ୍କୁ ନିମନ୍ତ୍ରଣ କରିବେ । ମୋତେ କେନ୍ଦ୍ର କରି ବଡ଼ଏକ ଆୟୋଜନ ଚାଲିଛି । ମୋର ସାନଭଉଣୀ ସାବି– ସାବି କ'ଣ ଠିକ୍ ଭାବେ ଏସବୁ ଗ୍ରହଣ କରିପାରୁଛି ? ତାକୁ କେହି ପଚାରୁନାହାନ୍ତି । ତା'ର ଶରୀର ଓ ମନ ଅସୁସ୍ଥ ହୋଇଯାଉଛି । ପ୍ରକୃତରେ ତା'ର ମାନସିକ ଅସୁସ୍ଥତା ସେଦିନ ବଢ଼ିଗଲା, ଯେଉଁଦିନ ଆମେ ତାକୁ ଘରେ ଏକୁଟିଆ ଛାଡ଼ିଦେଇ ଉଦୟଶଙ୍କରଙ୍କ ନୃତ୍ୟ ଦେଖିବାକୁ ଗଲୁ ।

କିଛିଦିନ ପୂର୍ବେ ଆନା ପାବ୍‌ଲୋଭା କଲିକତା ଆସିଥିଲେ । ତାଙ୍କ ନୃତ୍ୟ ଦେଖିବାକୁ ବାପା ଓ ମା' ଗଲେ । ପାବ୍‌ଲୋଭାଙ୍କ ନୃତ୍ୟ କଲିକତାର 'ଏଲିଟ୍' ସମାଜରେ ଆଲୋଚନାର

Digitized by srujanika@gmail.com

ବସ୍ତୁ ହୋଇଉଠିଲା । ପାବ୍‌ଲୋଭାଙ୍କର ନୃତ୍ୟ ମୋ ମା'ଙ୍କୁ ଅଭିଭୂତ କରିଦେଲା । ମୁଁ ସେ ନୃତ୍ୟ ଦେଖିବାରୁ ବଞ୍ଚିତ ହୋଇଥିଲି, କାରଣ ମୋର ବୟସ ଯଥେଷ୍ଟ ହୋଇନଥିଲା । ମା' ସେ ନୃତ୍ୟ ଉପଭୋଗ କଲେ ମଧ୍ୟ ତାଙ୍କ ମନରେ ଦ୍ୱିଧା ରହିଥିଲା । ମା'ଙ୍କ ଆଖିରେ ପାବ୍‌ଲୋଭାର ଅଙ୍ଗରେ ଥିବା ଲୁଗାପଟା ଅତି ସ୍ୱଚ୍ଛ ଥିଲା । ଶିଳ୍ପଦୃଷ୍ଟିରୁ ଏହା ଗ୍ରହଣୀୟ ହେଲେ ମଧ୍ୟ ସମାଜ ପାଇଁ ଏହା କ୍ଷତିକାରକ ବୋଲି ମା' ଭାବୁଥିଲେ । 'ନିଉ ଏମ୍ପାୟାର୍' ଥିଏଟର ହଲ୍‌ରୁ ମା' ବାହାରିଆସିବାବେଳେ ତାଙ୍କ ପୁତୁରା ଦେବୁ ତାଙ୍କୁ ଦେଖି ଲୁଚି ପଳାଇଲା । ପୁତୁରାର ବୟସ ଖୁବ୍ କମ୍ ନଥିଲା । ସେତେବେଳେ ସେ ଏମ୍. ଏ. ପଢୁଥିଲା । ତାକୁ ସେଠି ଦେଖି ମା' ଚିନ୍ତିତା ହେଲେ । ମନେ ମନେ ଭାବିଲେ– ଦେବୁ ମଧ୍ୟ ଏଭଳି ନାଚ ଦେଖିବାକୁ ଆସିଛି; ଆଉ ଦେବୁ ମଧ୍ୟ ତତୋଽଧିକ ଚିନ୍ତିତ, ଯେହେତୁ ତା'ର ମାଉସୀ ଏପରି ଗୋଟିଏ ନିଷିଦ୍ଧ ସ୍ଥାନରେ ତାକୁ ଦେଖିପକାଇଲେ ।

୧୯୩୦ ମସିହାରେ ଉଦୟଶଙ୍କର କଲିକତାର 'ନିଉ ଏମ୍ପାୟାର୍' ହଲ୍‌ରେ ନୃତ୍ୟ ଦେଖାଇବାକୁ ଆସିଲେ । ଏ ଦେଶର ଲୋକମାନେ ସେତେବେଳେ ନୃତ୍ୟ ଦେଖିବାକୁ ଅଭ୍ୟସ୍ତ ନଥିଲେ । କଦବା କ୍ୱଚିତ୍ ସମାଜର ଜଣେ ଦୁଇଜଣ ବିଶିଷ୍ଟ ବ୍ୟକ୍ତି ଥରେଅଧେ ବ୍ୟାଲେ ନୃତ୍ୟ ଦେଖିଥିବେ । ଦେଶୀୟ ନୃତ୍ୟ କେବଳ ମନ୍ଦିରରେ ଦେଖିବାକୁ ମିଳୁଥିଲା । ଏହାଛଡ଼ା ଥିଲା ବାଈଜୀ ନୃତ୍ୟ; ସଭ୍ୟ ସମାଜର ଲୋକମାନେ ଜାଣୁନଥିଲେ ବାଈଜୀମାନେ କେଉଁଠି ନାଚୁଥିଲେ; କେଉଁଠାରୁ ବା ସେମାନେ ଆସୁଥିଲେ । ଆମର ଧାରଣା ଥିଲା, ଦୁଶ୍ଚରିତ୍ର ଜମିଦାରମାନେ ନିଜର ବଗିଚାଘରକୁ ବାଈଜୀମାନଙ୍କୁ ନେଇଆସି ନଚାଉଥିଲେ । କୌଣସି ମାର୍ଜିତ ରୁଚିସମ୍ପନ୍ନ ଲୋକ ସେ ନୃତ୍ୟ ଦେଖିବାକୁ ଉପଯୁକ୍ତ ମନେକରୁନଥିଲେ । ଏହାଛଡ଼ା ଉପଜାତିର ଲୋକେ ନାଚୁଥିଲେ । ସାଁତାଳ, ଗୋଣ୍ଡ ଆଦି ଉପଜାତିମାନେ ନାନା ଉତ୍ସବରେ ନାଚୁଥିଲେ । ଲୋକନୃତ୍ୟ ମଧ୍ୟରେ ମଣିପୁରୀ ବା ଗରବା ପ୍ରଚଳିତ ଥିଲା । ବୃହତ୍ତର ଶିକ୍ଷିତ ହିନ୍ଦୁ ସମାଜରେ କୌଣସି ପ୍ରକାର ନାଚର ପ୍ରଚଳନ ଥିବା ଭଳି ମନେହୁଏ ନାହିଁ । ଭଦ୍ରଲୋକର ପୁଅଝିଅମାନେ ଷ୍ଟେଜ୍‌ରେ ଉଠି ନାଚିବେ, ଏଟା ପ୍ରାୟ କଳ୍ପନାତୀତ ଥିଲା ।

୧୯୨୬ ବା ୧୯୨୮ ମସିହାରେ ରବୀନ୍ଦ୍ରନାଥ ପ୍ରଥମେ ଶିଲଂ ଯାଇଥିଲେ । ସେଠାରେ ମଣିପୁରୀ ଲୋକନୃତ୍ୟ ଦେଖି ରବୀନ୍ଦ୍ରନାଥ ଭଦ୍ରଘର ପୁଅଝିଅମାନଙ୍କ ମଧ୍ୟରେ ନୃତ୍ୟ ପ୍ରବର୍ତ୍ତନ କଲେ । ଦର୍ଶକମାନେ ଟିକେଟ କରି ସେ ନାଚ ଦେଖିବାକୁ ଗଲେ । ବଙ୍ଗାଳୀ ଗୃହସ୍ଥ ଘରର ଝିଅମାନେ ସହସ୍ର ସହସ୍ର ଦର୍ଶକଙ୍କ ଆଖିସାମନାରେ ଅଙ୍ଗଚାଳନା କରିବେ, ଏ ହେଲା ତତ୍କାଳୀନ ସମାଜ-ବ୍ୟବସ୍ଥା ବିରୋଧରେ ଏକପ୍ରକାର ବିଦ୍ରୋହ ଘୋଷଣା । ରାଜନୈତିକ ବିପ୍ଳବଠାରୁ ଏହା କଠିନତର ଥିଲା । ରବୀନ୍ଦ୍ରନାଥ ସେଥିପାଇଁ ଅତି ସତର୍କ ଥିଲେ । ଅତି ସାବଧାନତାର ସହିତ 'ନଟୀର ପୂଜା' ନାଟକରେ ସେ ନୃତ୍ୟ ଯୋଜନା ଖଞ୍ଜିଥିଲେ । ନଟୀର ପୂଜା ଦେଖିବା ପାଇଁ ମୁଁ ଉପଯୁକ୍ତ ନଥିଲି; କାରଣ ମୋର ବୟସ କମ୍

Digitized by srujanika@gmail.com

ଥିଲା । ଠିକ୍ ସେହିଭଳି ସାବିର ବୟସ କମ୍ ବୋଲି ତାକୁ ଉଦୟଶଙ୍କରଙ୍କ ନୃତ୍ୟ ଦେଖିବାକୁ ନିଆହେଲା ନାହିଁ । ଦିଦୀ ଗଲା ବୋଲି ତାକୁ ଦୁଃଖ ଲାଗିଲା; କାରଣ ତା'ର ମଧ ବଡ଼ ହେବାକୁ ଆକାଂକ୍ଷା ରହିଛି ଏବଂ ସେ ଯୌବନରେ ପ୍ରବେଶକରିଛି ।

ବାପା କଲେଜରୁ ଫୋନ୍‌ରେ ଜଣାଇଲେ ଯେ ଅତ୍ୟଧିକ ଭିଡ଼ ଯୋଗୁଁ ସାଧାରଣ ସିଟ୍ ଖାଲି ନାହିଁ, ବକ୍‌ସ ଖାଲି ଅଛି । ବକ୍ସର ମୂଲ୍ୟ ଖୁବ୍ ବେଶୀ; ତେଣୁ ମିର୍ଚ୍ଚା ମଧ କିଛି ଦେଲା ଓ ଆମେ ଚାରିଜଣ ଗଲୁ । ମା' ଗୁପାର ଚୁମ୍‌କି କାମ ହୋଇଥିବା ସେହି ଇଜିପ୍‌ସିଆନ୍ ଚଦର ଘୋଡ଼ିହେଲେ । ମା' ରାଣୀ ଭଳି ଦିଶୁଥିଲେ । ମିର୍ଚ୍ଚା ଧୋତି ପଞ୍ଜାବି ପିନ୍ଧିଥିଲା । କଲିକତାର ସମଗ୍ର ବିଦଗ୍ଧ ସମାଜ ସେଠାରେ ଉପସ୍ଥିତ ଥିଲା । ସେମାନଙ୍କ ମଧ୍ୟରୁ ବ୍ରହ୍ମ ସମାଜଭୁକ୍ତ ବିରାଟ ଗୋଷ୍ଠୀ ଉଚ୍ଚମନ୍ୟତା ରୋଗ ଭୋଗନ୍ତି । ସେମାନେ କେବେହେଲେ ଆମକୁ ଯଥେଷ୍ଟ ସଭ୍ୟ ବୋଲି ଭାବନ୍ତି ନାହିଁ– ଆମର କେଇ ପୁରୁଷ ବା ଉଚ୍ଚ ସମାଜରେ ମିଶିଛନ୍ତି ! ତା' ଛଡ଼ା ଆମେ ହିନ୍ଦୁ, ଖୁବ୍ ପରିଚିତ ହେଲେ ମଧ ସେମାନେ ଆମକୁ ବହୁ ସମୟରେ ଚିହ୍ନି ପାରନ୍ତି ନାହିଁ । କିନ୍ତୁ ସେଦିନ ଏହି ଶ୍ରେଣୀଭୁକ୍ତ କେତେଜଣ ବିଶିଷ୍ଟ ବ୍ୟକ୍ତି ତାଙ୍କର ସ୍ୱାଭାବିକ ତାଚ୍ଛଲ୍ୟଭାବ କଟାଇ ଦଳକୁ ଦଳ ଆମ ବକ୍‌ସ ତଳେ ଠିଆହୋଇ ଡାକି ଡାକି ଗପ କରିବାକୁ ଲାଗିଲେ । ବାପାଙ୍କ ଭଙ୍ଗୀ ମଧ କମ୍ ଦୃପ୍ତ ନୁହେଁ– ପରମା ସୁନ୍ଦରୀ ପତ୍ନୀ, ଯଥେଷ୍ଟ ସୁନ୍ଦରୀ କବିକନ୍ୟା (ମିର୍ଚ୍ଚା ଯାହା କହୁନା କାହିଁକି), ବିଦେଶୀ ଛାତ୍ର– ଏ ସବୁ ନେଇ ଯେଉଁ କାଣ୍ଡ ହୋଇଥିଲା, ସେଥିରେ ବ୍ରାହ୍ମ-ବ୍ରାହ୍ମିକାଙ୍କ ଦର୍ପ ଚୂର୍ଣ୍ଣ-ବିଚୂର୍ଣ୍ଣ ।

ଉଦୟଶଙ୍କର ସେଦିନ ଅଦ୍ଭୁତ ନୃତ୍ୟ ଦେଖାଇଲେ– ମୋର ମନେଅଛି, ଛାୟାଟି ମୋତେ ଯେପରି ଅଲୌକିକ ଜଗତକୁ ନେଇଯାଇଥିଲା । ପାର୍ବତୀରୂପିଣୀ ସିମ୍‌କୀ ମନୋହାରିଣୀ ହେଲେ ମଧ ଉଦୟଶଙ୍କର ଯେପରି ଦେବଲୋକରୁ ଓହ୍ଲାଇ ଆସିଛନ୍ତି । ମନୁଷ୍ୟ ଦେହର ଏପରି ଛନ୍ଦିତ ରୂପ ମୁଁ ତ ଦେଖିନାହିଁ– ସେଦିନ ସେଠାରେ ଉପସ୍ଥିତ ଆଉ କେହି ଦେଖିଛନ୍ତି କି ନାହିଁ ସନ୍ଦେହ । ମିର୍ଚ୍ଚାର ଅବସ୍ଥା ସୁଦାସମାଳୀ ପରି– ମୁଖରେ ଭାଷା ଫିଟୁନାହିଁ । ତା' ହାତରେ ଯଦି ସୁଦାସ ପରି ପଦ୍ମଥାଆନ୍ତା, ତା' ହେଲେ ସେ ତତ୍‌କ୍ଷଣାତ୍ ପଦ୍ମଟି ଉଦୟଶଙ୍କରଙ୍କ ପାଦ ଉପରେ ରଖିଦିଅନ୍ତା । ରାତିସାରା ସେ ପିୟାନୋ ବଜାଇଲା, ଶୋଇପାରିଲା ନାହିଁ– ମୋତେ ମଧ ଶୋଇବାକୁ ଦେଲାନାହିଁ । ମୋର କୋଠରିଟି ତା' କୋଠରିର ଠିକ୍ ଉପରେ । ଏହା ପରେ ବହୁ ବେଶରେ ବହୁ ସମୟରେ ବହୁବିଧ ନାଚ ମୁଁ ଦେଖିଛି; କିନ୍ତୁ ସେଦିନର ଅନୁଭୂତି ଆଉ କେବେ ହୋଇନାହିଁ । ଆମ ଦୁଇଜଣଙ୍କ ମନ ଥିଲା ଅନୁକୂଳ– ସେଥିପାଇଁ ଆମେ ସୃଷ୍ଟିର ବେଦନାକୁ ସମସ୍ତ ସତ୍ତା ଦେଇ ଅନୁଭବ କରିଥିଲୁ । ଅନେକ ଦିନ ପର୍ଯ୍ୟନ୍ତ ଆମେ ପ୍ରାୟ ଅନ୍ୟ କୌଣସି ବିଷୟରେ କଥାବାର୍ତ୍ତା ହୋଇପାରିନଥିଲୁ । ମିର୍ଚ୍ଚା ଖାଲି କହୁଥାଏ– This is India ! This is India !

Digitized by srujanika@gmail.com

ମୋତେ ଯଦି କେହି ପଚାରେ ଯେ ସେ ଆମ ଘରେ କେତେଦିନ ଥିଲା; କେତେଦିନ, କେତେ ମାସ ବା କେତେ ବର୍ଷ ମୁଁ କହିପାରିବି ନାହିଁ । ମୋର ଏହି ଷାଠିଏ ବର୍ଷ ଜୀବନରେ ସର୍ବମୋଟ ଜାଗତିକ ହିସାବରେ ଛ' ସାତ ବର୍ଷ ମୁଁ ପ୍ରକୃତରେ ବଞ୍ଚିଥିଲି; ବାକି ଦିନଗୁଡ଼ିକ କେବଳ ପୁନରାବୃତ୍ତି ମାତ୍ର । ମିଛା ସହିତ ଦିନଗୁଡ଼ିକ ଯଦି ତା' ଭିତରେ ଏକବର୍ଷ ହୁଏ ତେବେ ତାହା ତିନିଶହ ପଞ୍ଚଷଠି ଦିନ ମାତ୍ର ନୁହେଁ; ତାକୁ ମାପିବାପାଇଁ କୌଣସି ଯନ୍ତ୍ର ନାହିଁ ମୋ ହାତରେ । ପୃଥିବୀର ଆବର୍ତ୍ତନ ସହିତ ତାହା ଘୂରୁନାହିଁ, ସୂର୍ଯ୍ୟପରି ସ୍ଥିର ରହିଛି । ମୁଁ ତା' ଭିତରକୁ ଏତେଦିନ ମଧ୍ୟରେ ପ୍ରବେଶ କରିନାହିଁ, ବର୍ତ୍ତମାନ କରୁଛି–ଯେତେବେଳେ ଇଚ୍ଛା କରୁଛି, ପ୍ରବେଶ କରୁଛି ସେଇ ସମୟ ଭିତରକୁ, ସେଇ ଆନନ୍ଦ ଭିତରକୁ ଓ ସେଇ ବେଦନା ଭିତରକୁ । ସେଠାରେ ମୁଁ କାହାକୁ ପାଉଛି ? କେବଳ କ'ଣ ସେ ଓ ମୁଁ ? ତା' ଭିତରେ ସମସ୍ତେ ଅଛନ୍ତି– ଶାନ୍ତି ଅଛି, ଖୋକା ଅଛି, ସେଇ ଗୋପାଳ ଯେ କି ତା' ଆଡ଼କୁ ଈର୍ଷା ଆଖିରେ ଦେଖେ, କାରଣ ସେ ମୋତେ ଖୁବ୍ ଭଲପାଏ– ସେମାନେ ସମସ୍ତେ ଉପସ୍ଥିତ । ଅଛି ସେଇ ଲାଇବ୍ରେରିର ବହିଗୁଡ଼ିକ; ଏପରିକି କ୍ୟାଟଲଗ୍ କରିବା ବାକ୍ସ ପର୍ଯ୍ୟନ୍ତ ଅଛି । ମୋର ସତ୍ତାର ଚୈତନ୍ୟରେ ମିଶି ସେଇ ସମୟଟି ତା'ର ସମସ୍ତ ରୂପସମ୍ଭାର ନେଇ ଅବ୍ୟୟ ।

ମୋର ମା' ଚିରଦିନ ବୈଷ୍ଣବ-ସାହିତ୍ୟ ପଢ଼ିବାକୁ ଭଲପାଆନ୍ତି । ଏ ବିଷୟରେ ସେ ଯଥେଷ୍ଟ ବିଦୂଷୀ । ବୈଷ୍ଣବ-ସାହିତ୍ୟ ପଢ଼ିବା ପାଇଁ ସେ ଓଡ଼ିଆ ଭାଷା ଶିଖିଥିଲେ । କକା ଯେତେବେଳେ ଏମ୍.ଏ. ପରୀକ୍ଷା ଦେଉଥିଲେ, ସେତେବେଳେ ମା' ତାଙ୍କ ସଙ୍ଗେ ଏମ୍. ଏ. ର ସବୁ ବହି ପଢ଼ିଥିଲେ । ଚର୍ଯାପଦ, ମଙ୍ଗଳକାବ୍ୟ ଏସବୁ ମା'ଙ୍କର ଆୟତ୍ତାଧୀନ; କିନ୍ତୁ ସବୁଠାରୁ ବେଶି ଆଲୋଚନା ହେଉଥିଲା 'ଚଣ୍ଡୀଦାସ' ଓ 'ବିଦ୍ୟାପତି'ଙ୍କ ବିଷୟରେ । ମୁଁ ଦିନେ ମା'ଙ୍କୁ ପ୍ରଶ୍ନ କରିଥିଲି, ''ଜନମ ଅବଧି ହାସ ରୂପ ନେହାରିବୁ, ନୟନ ନା ତିରପିତ ଭେଲ, ଲାଖାଲାଖ ଯୁଗ ହିୟେ ହିୟା ରାଖନୁ, ତବୁ ହିୟା ଜୁଡ଼ନ ନା ଗେଲ''ର ଅର୍ଥ କ'ଣ ? ଲକ୍ଷ ଲକ୍ଷ ଯୁଗ କାହିଁକି ପ୍ରୟୋଗ କରାହୋଇଛି । କେହି କ'ଣ ପ୍ରକୃତରେ ଲକ୍ଷ ଲକ୍ଷ ଯୁଗ ବଞ୍ଚିଥାଏ ? ତା' ହେଲେ ତ ଏଟା ଅତ୍ୟୁକ୍ତି । କାବ୍ୟ-ବିଚାରରେ ଅତ୍ୟୁକ୍ତି କ'ଣ ଦୋଷ ନୁହେଁ ? ତା' ହେଲେ ଏଟାକୁ ଏତେ ଭଲ କହନ୍ତି କାହିଁକି ?'' ମା' ହସି କହିଲେ, ''ନା, ଏଟା ଅତ୍ୟୁକ୍ତି ନୁହେଁ ।'' ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି, ''ଅତ୍ୟୁକ୍ତି ନୁହେଁ ।'' ମା' କହିଲେ, ''ତୋତେ କିପରି ବୁଝାଇ କହିବି ? ଯେଉଁ ଆନନ୍ଦ ବା ଦୁଃଖ ଶେଷ ହୁଏନାହିଁ, ସମୟଦ୍ୱାରା ଯାହାକୁ ମପାଯାଇପାରେନା, ଏ ତା'ରି ବର୍ଣ୍ଣନା ।'' ମୁଁ ଭାବିବାକୁ ଲାଗିଲି, ରବୀନ୍ଦ୍ରନାଥଙ୍କର କେଉଁ ଗୀତି ବା କବିତାରେ ଠିକ୍ ଏଇ କଥାଟି ଅଛି, ତା' ମୋର ମନେପଡ଼ିଲା ନାହିଁ । ଲକ୍ଷ ଲକ୍ଷ ଯୁଗ ଅର୍ଥାତ୍ ଅନନ୍ତ କାଳ । ଯେଉଁ ସୁଖ କେବେହେଲେ ତୃପ୍ତ ହୁଏନାହିଁ, ଭଲ କି ମନ୍ଦ କିଏ ଜାଣେ ? ଏଇ ଚିର ଅତୃପ୍ତ କଥାଟା ଭାବି ମୋର ନୟନ ଅଶ୍ରୁସିକ୍ତ ହେଲା ।

Digitized by srujanika@gmail.com

ସାବି ଖୁବ୍ ଅସୁସ୍ଥ । କବିରାଜ କକା ତା'ର ଚିକିତ୍ସା କରୁଛନ୍ତି । ସେ ଅଦ୍ଭୁତ ଅଦ୍ଭୁତ କଥା କହୁଛି । ରବୀନ୍ଦ୍ରନାଥଙ୍କ ଚିତ୍ର ଦେଖି ସେ କ'ଣ ସବୁ ଗୁଣୁଗୁଣୁ କରି କହୁଛି । ଭଜନ ଗୀତ ମଧ୍ୟ ଗାଉଛି । ମିର୍ଜାକୁ ମୁହୂର୍ତ୍ତେ ହେଲେ ଛାଡୁନାହିଁ । ମୋ ମନ ଏଥିରେ ଅତ୍ୟନ୍ତ ଆନନ୍ଦିତ । ମିର୍ଜା ଆମର ଏକାନ୍ତ ଆତ୍ମୀୟ ହୋଇଯାଇଛି । ସେ ସମୟର ଗୋଟିଏ ଦିନର କଥା ମୋର ମନେପଡୁଛି । କବିରାଜ କକା ଦୁଆର ମୁହଁରେ ଠିଆହୋଇ ମା'ଙ୍କୁ ଔଷଧ ବିଷୟରେ ଉପଦେଶ ଦେଉଥିଲେ । ସାବି ମିର୍ଜା ସହିତ କଥା ହେଉଥିଲା । ମୁଁ କିଛି ଦୂରରେ ମୋ ଖଟ ପାଖରେ ଠିଆହୋଇଛି । ସେ ମୋ ଆଡ଼କୁ ଅନାଇ ଟିକିଏ ହସିଲା । ଆଉ ଠିକ୍ ସେହି ମୁହୂର୍ତ୍ତରେ ମୋ ଦେହରେ ଏକ ଅଦ୍ଭୁତ ଅନୁଭୂତିର ଢେଉ ଖେଳିଗଲା । ମୋର ସମସ୍ତ ମେରୁଦଣ୍ଡ ଶିରିଶିରି ହୋଇଉଠିଲା । ମୁଁ ଖଟ ଉପରେ ବସିପଡ଼ିଲି । କେବଳ ଦୃଷ୍ଟି ବିନିମୟରେ ଏ ଯେଉଁ ପ୍ରତିକ୍ରିୟାର ସୃଷ୍ଟି, ଏହାର କାରଣ କ'ଣ ? କିଏ ଏ ବିଷୟରେ ମୋତେ କହିବ ? ଧର, ଯଦି କବିରାଜ କକାଙ୍କୁ ଏ ବିଷୟରେ ପ୍ରଶ୍ନ କରେ, ଏ କି ରୋଗ– ଏହାର ଚିକିତ୍ସା କ'ଣ– ତା'ହେଲେ କ'ଣ ହେବ ? ତା' ହେଲେ ନିଶ୍ଚୟ ମୋତେ ପାଗଳା ଗାରଦରେ ଅଟକ ରଖାଯିବ ।

ଆମେ ଛାତ ଉପରେ, କିମ୍ବା ବାରଣ୍ଡାରେ ବସି କ୍ଷୁଦ୍ର ନାଟିକା ପାଠକରୁ, ଆବୃତ୍ତି କରୁ । ମୁଁ ନାଟିକାର ଅର୍ଥ କହେ, ଅନ୍ୟମାନେ ତାହା ଶୁଣନ୍ତି । 'ଗାନ୍ଧାରୀର ଆବେଦନ', 'କର୍ଣ୍ଣ-କୁନ୍ତୀ ସମ୍ବାଦ' ବା 'ବିଦାୟ ଅଭିଶାପ' ନାଟିକାଗୁଡ଼ିକ ଆମେ ପାଠକରିଥାଉ । ଏମାନଙ୍କ ମଧ୍ୟରେ 'ବିଦାୟ ଅଭିଶାପ' ନାଟିକାଟି ମୋର ଅତି ପ୍ରିୟ । ମିଲୁ, ଗୋପା, ଖୋକା, କାକୀମା, ଶାନ୍ତି ଓ ମିର୍ଜା ଆମର ଏଇ ସାହିତ୍ୟ ସଭାରେ ଥାଆନ୍ତି । ପଢୁ ପଢୁ ଅନ୍ଧାର ହୋଇଆସେ । ଆକାଶରେ ଗୋଟି ଗୋଟି କରି ତାରା ଫୁଟେ । ଶୀତଳ ପବନ ନିକଟରେ ଥିବା କାମିନୀ ଗଛ ଫୁଲର ସୁଗନ୍ଧି ବୋହିଆଣେ । ଅନ୍ଧାର ହୋଇଗଲେ ମଧ୍ୟ ମୋ ମୁହଁ ବନ୍ଦ ରହେନାହିଁ । ମୋର ତ 'ବିଦାୟ ଅଭିଶାପ' କଣ୍ଠସ୍ଥ । ଦିନେ ଗୋପାଳ ମୋତେ କହିଲା, ''ତୁମେ ଏତେ ଥର 'ବିଦାୟ ଅଭିଶାପ' ପଢୁଛ, ଭାଗ୍ୟରେ ଯଦି ସେପରି କିଛି ଘଟିଯାଏ ?''

''ତୁମେ କ'ଣ କହିବାକୁ ଚାହଁ ?''– ମୁଁ ଭ୍ରୂକୁଞ୍ଚନ କରି ପଚାରିଲି ।

''ଅର୍ଥ ଅତି ପରିଷ୍କାର !''–

''ତୁମର ଖୁବ୍ ସାହସ ତ ? ମୋତେ ଯାହା ଇଚ୍ଛା ତାହା କହୁଛ ।''

''ତୁମେ ରାଗିଲେ ଆଉ ମୁଁ କ'ଣ କରିବି ? ମୁଁ ତୁମକୁ ସାବଧାନ କରି ଦେଉଛି 'ଗୁରୁ' !''

ଏଭଳି ଉପମା ଦେବାରେ ମୁଁ ରାଗିଛି; ମାତ୍ର ମୋତେ ଡରଲାଗିନି । ଡର ଲାଗିବାର କ'ଣ ଅଛି ? ସେଟା ତ କାବ୍ୟ, ଏଇଟା ତ ଜୀବନ– ଦୁଇଟା ଅଲଗା ଅଲଗା ଜଗତ୍ । ମିର୍ଜା ନିଶ୍ଚୟ କଚ ଭଳି ହେବ ନାହିଁ । ଦେବଯାନୀକୁ କଚ ସ୍ୱର୍ଗକୁ ନେଇଗଲା ନାହିଁ କାହିଁକି ? ନେଇଗଲେ ନେଇପାରନ୍ତା– କିନ୍ତୁ ସେଥିରେ ତ ଗପ ହୁଅନ୍ତା ନାହିଁ ।

Digitized by srujanika@gmail.com

ଦିନେ ମିର୍ଚ୍ଚା ମୋତେ କହିଲା, ''ତୁମ ଦେଶର ନବବିବାହିତାମାନଙ୍କ ଜୀବନ ସମ୍ପର୍କରେ ମୋର କିଛି ଜାଣିବାକୁ ଇଚ୍ଛା ହୁଏ ।''

''କ'ଣ ତୁମେ କହୁଛ, ମୁଁ ଠିକ୍ ବୁଝିପାରିଲି ନାହିଁ ।''

''ଏଇ ଯେପରି ତୁମର କକା ଓ ତାଙ୍କର ପତ୍ନୀ । ସେମାନଙ୍କ ମଧ୍ୟରେ କୌଣସି ଉଚ୍ଛ୍ୱାସ ତ ଦେଖିବାକୁ ମିଳେ ନାହିଁ ।''

''ସେମାନଙ୍କର ଉଚ୍ଛ୍ୱାସ ସେମାନେ ତୁମକୁ ଦେଖାଇବେ କାହିଁକି ?''

''ଆମ ଦେଶରେ ସେଟା ଲକ୍ଷ୍ୟ କରାଯାଇପାରେ । ମୁଁ ତ ତୁମ କାକୀମା'ଙ୍କ ମୁହଁକୁ ଚାହିଁ ଦେଖେ ।''

ମୁଁ ରାଗିଗଲି, କହିଲି, ''ଏଇଟା କି ଅନ୍ୟାୟ ! ତୁମେ କାହିଁକି କାକୀମା'ଙ୍କ ମୁହଁକୁ ଚାହଁ ?''

''ଭୁଲ୍ ବୁଝନାହିଁ । ସେମାନଙ୍କର ନୂତନ ବିବାହ ହୋଇଛି; କିନ୍ତୁ ମୁହଁରେ ତା'ର କୌଣସି ଚିହ୍ନ ନାହିଁ ।''

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି, ''ବିବାହ ତ ଆଉ ହାଡ଼ଫୁଟି ନୁହେଁ– ମୁହଁରେ ଚିହ୍ନ ହୋଇଯିବ କାହିଁକି ?''

''କିପରି ଚିହ୍ନ ହୁଏ ଦେଖ ।'' ହଠାତ୍ ସେ ମୋତେ ଦୁଇ ହାତରେ ଜାବୋଡ଼ି ଧରିଲା; ମୁଁ ମୋ ମୁହଁରେ ଉଷ୍ଣଚାପ ଅନୁଭବ କଲି, ତୀକ୍ଷ୍ଣ ଓ ମଧୁର । ଟିକିଏ ପରେ ସେ ମୋତେ ଛାଡ଼ିଦେଲା । କହିଲା, ''ବର୍ତ୍ତମାନ ଦର୍ପଣରେ ଦେଖ ।'' ଇସ୍ ! ସର୍ବନାଶ । ମୋ ଓଠର ଠିକ୍ ମଝିରେ ଛୋଟ କଳା ଦାଗଟିଏ । ସ୍ପଷ୍ଟ ଓ ଉଷ୍ଣ । ମୋର ଆଖି ବିସ୍ଫାରିତ ।

ମୁଁ ଅସହାୟ ଭାବରେ କହିଲି, ''ମିର୍ଚ୍ଚା, ମୋର କ'ଣ ହେବ ? ମା' ଯେ ଠିକ୍ ବୁଝିପାରିବେ । ତୁମେ କାହିଁକି ଏପରି କଲ ?''

ଜାଣେନା ମୃତ୍ୟୁଭୟ କାହାକୁ କହନ୍ତି; କିନ୍ତୁ ସେଇ ମୁହୂର୍ତ୍ତରେ ଯଦି ଈଶ୍ୱର ଆବିର୍ଭୂତ ହୋଇ ପଚାରିଥାନ୍ତେ ମୁଁ ମରିବାକୁ ଚାହେଁ ଅବା ମା'ଙ୍କ ଦୃଷ୍ଟିରେ ପଡ଼ିବାକୁ ଚାହେଁ, ତେବେ ନିଶ୍ଚୟ କହିଥାଆନ୍ତି ମୃତ୍ୟୁ ହିଁ ମୋର ଶ୍ରେୟ । କିଛିକ୍ଷଣ ପରେ ମା' ଆସିଲେ; ମୋ ମୁହଁକୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ କହିଲେ, ''ରୁ' ! ତୋ ଓଠ ଉପରେ ସେ କଳା ଦାଗଟା କିପରି ହେଲା ?'' ଉତ୍ତରରେ କହିଲି, ନିଜ ଦାନ୍ତରେ ଓଠ କାମୁଡ଼ିପକାଇଛି ।'' ମୋ ମା' ଅତି ସରଳ, ମୋ' କଥା ସଙ୍ଗେ ସଙ୍ଗେ ବିଶ୍ୱାସ କରିନେଲେ ।

ମୋର ଜନ୍ମଦିନ ଆସନ୍ନ । ଉତ୍ସବର ଆୟୋଜନ ଚାଲିଛି । ମୋତେ ନେଇ ମୋ ପିତାଙ୍କର ଆଶା, ଆକାଙ୍କ୍ଷା ଓ ଗର୍ବ ଅନେକଙ୍କର ସମାଲୋଚନାର ବସ୍ତୁ ହୋଇଉଠିଛି । ମିର୍ଚ୍ଚା, ଯେ କି ସ୍ଥିର ନିଶ୍ଚିତ ଯେ ତା' ସଙ୍ଗେ ମୋର ବିବାହ ଅବଶ୍ୟମ୍ଭାବୀ, ହଠାତ୍ ଦିନେ

Digitized by srujanika@gmail.com

ମୋତେ କହିଲା, ''ଯଦି ତୁମ ସଙ୍ଗେ ମୋର ବିବାହ ଏକାନ୍ତ ନହୁଏ; ତଥାପି ମୁଁ ତୁମକୁ ତିନିଥର ଦେଖିବାକୁ ଚାହେଁ- ଥରେ ତୁମେ ମା' ହେବା ପରେ, ପୁଣି ତୁମ ବୃଦ୍ଧାବସ୍ଥାରେ ଓ ତୃତୀୟ ଥର ତୁମର ମୃତ୍ୟୁଶଯ୍ୟାରେ ।'' ମୁଁ ଖୁବ୍ ରାଗିଗଲି । ମୁଁ ଜାଣେ ଯେ ସେ କଥାଟା କବିତ୍ୱ କରି କହିଲା । ମୁଁ ତ ଏପରି ଅନେକ କଥା କବିତ୍ୱ କରି କହେ; କିନ୍ତୁ ତା' କଥାର ଅର୍ଥ ବା କ'ଣ ? ବୁଦ୍ଧଦେବ ଯେପରି ଜରା, ମୃତ୍ୟୁ ଦେଖିଥିଲେ, ସେ କ'ଣ ସେହିପରି ଦେଖିବାକୁ ଚାହେଁ ? ଏ'ଟା କିପରି ଆନନ୍ଦ ?

ମୋ ଜନ୍ମଦିନ ଉତ୍ସବରେ ଯେଉଁମାନେ ଆସିଥିଲେ ସେମାନଙ୍କ କଥା ଲେଖିବସିଲେ ମହାଭାରତ ହେବ । ଶ୍ରଦ୍ଧେୟା କାମିନୀ ରାୟଙ୍କର ଦେଶବ୍ୟାପୀ କବିଖ୍ୟାତି । ତାଙ୍କ ପ୍ରତି ଏକପ୍ରକାର ସମବେଦନା ଆମେ ଅନୁଭବ କରିଥିଲୁ । ଆମେ ଶୁଣିଛୁ, ଆଚାର୍ଯ୍ୟ ଜଗଦୀଶଚନ୍ଦ୍ର ବୋଷଙ୍କୁ ସେ ଭଲପାଉଥିଲେ; ଜଗଦୀଶଚନ୍ଦ୍ର ମଧ୍ୟ ତାଙ୍କୁ ଭଲପାଉଥିଲେ; ମାତ୍ର ବିବାହ କରିପାରିଲେ ନାହିଁ । ଆଚାର୍ଯ୍ୟ ପି.ସି. ରାୟ ଚିରକୁମାର ରହିଲେ; ଯାହାଙ୍କୁ ଭଲପାଉଥିଲେ ଏଇ ସ୍ୱନାମଧନ୍ୟା କାମିନୀ ରାୟ । ଅତି ବିଶିଷ୍ଟ ପୁରୁଷମାନଙ୍କର ଶ୍ରଦ୍ଧା ଓ ପ୍ରୀତି ପାଇବାର ଯୋଗ୍ୟା ଥିଲେ ରମଣୀୟା କାମିନୀ ରାୟ । ସେଦିନ ଆମ ଘରେ କାମିନୀ ରାୟଙ୍କୁ ଜଣେ ନବୀନା ମହିଳା କବି ହଠାତ୍ କହିଲେ ଯେ ସେ ପୁରାତନ ହୋଇଯାଇଛନ୍ତି, ତାଙ୍କ ଲେଖା ବର୍ତ୍ତମାନ ଯୁଗରେ ଅଚଳ । କାମିନୀ ରାୟ ଅନ୍ତର-ଜ୍ୟୋତିରେ ଜ୍ୟୋତିର୍ମୟୀ, ଏ ଅପମାନରେ ଟିକିଏ ହେଲେ ବିଚଳିତ ହେଲେ ନାହିଁ; ସ୍ନିଗ୍ଧ ମୁଖରେ ନୀରବ ହୋଇ ରହିଲେ । ଏ ରୁକ୍ଷ ମନ୍ତବ୍ୟ ମୋ ମା'ଙ୍କୁ ଖୁବ୍ ଖରାପ ଲାଗିଲା । ମା' କହିଲେ, ''ପୁରୁଣା ତ ସମସ୍ତେ ଦିନେ ନା ଦିନେ ହେବେ; ମାତ୍ର ପୁରୁଣା ହେଲେ କ'ଣ ମୂଲ୍ୟ କମିଯାଏ ?'' ପୁରାତନ ହୋଇଯିବା କଥାଟା ମୋତେ ଆଦୌ ଭଲଲାଗେନାହିଁ । କ'ଣ ପୁରୁଣା ହୁଏ ? ମଣିଷ ? ନା, ତା'ର ଚିନ୍ତା ?

ସତ୍ତାର ଯେଉଁ ଅଂଶ ଅମର, ସେହିଠାରେ ହିଁ ସାହିତ୍ୟର ଜନ୍ମ । ଅତଏବ ଦିନେ ଯାହା ଭଲ ଥିଲା ତା' ଯଦି ପ୍ରକୃତରେ ଭଲ ହୋଇଥାଏ, ତେବେ ଅନ୍ୟ ଦିନ କ'ଣ ତାହା ନଷ୍ଟ ହୋଇଯିବ ? ଆଉ କିଏ ବା ବିଚାର କରିବ ? ବିଚାରକ ମଧ୍ୟ କୌଣସି ଅପରିବର୍ତ୍ତନୀୟ ମାନଦଣ୍ଡ ହାତରେ ଧରି ବସିନାହିଁ । ଶରତ୍‌ଚନ୍ଦ୍ରଙ୍କୁ ସେଇଥର ମୁଁ ପ୍ରଥମ ଓ ଶେଷଥର ପାଇଁ ଦେଖିଲି । ମୁଁ ତାଙ୍କର ପ୍ରାୟ ସମସ୍ତ ରଚନାବଳୀ ପଢ଼ିସାରିଥିଲି । ତାଙ୍କର ଲେଖା 'ବିପ୍ରଦାସ' ମୋତେ ଭଲଲାଗିନାହିଁ । ମୋର ସେଇ ଅଳ୍ପ ବୟସରେ ହିଁ ଭାବିଲି ଯେଉଁ ଲେଖକ 'ପଲ୍ଲୀସମାଜ' ଲେଖିଥିଲେ, ସେ 'ବିପ୍ରଦାସ' ଲେଖିଲେ କିପରି ? 'ବିପ୍ରଦାସ' ଖାଇବା-ପିଇବାରେ ନାନାପ୍ରକାର ଛୁଆଁଛୁତି ଆଚାର-ବିଚାର ମାନୁଥିଲେ– ଲେଖକ ତ ତାକୁ ସମର୍ଥନ କରୁଛନ୍ତି । 'ଗୋରା'ର ଲେଖକ ଗୋରା ମାଧ୍ୟମରେ ରକ୍ଷଣଶୀଳତାକୁ ଯେତେ ସମର୍ଥନ କଲେ ମଧ୍ୟ, ନିଜେ ତ ତାହା ସମର୍ଥନ କରିନାହାନ୍ତି । ଗୋରାକୁ ସାହେବ କରି ଲେଖକ

Digitized by srujanika@gmail.com

ହିନ୍ଦୁଧର୍ମର ରକ୍ଷଣଶୀଳତାର ମୂଳଚ୍ଛେଦ କରିଛନ୍ତି । ଶରତ୍‌ଚନ୍ଦ୍ର ବିପ୍ରଦାସଙ୍କୁ ରକ୍ଷଣଶୀଳ କରାଇ କେଉଁ ସତ୍ୟରେ ଉପନୀତ ହୋଇଛନ୍ତି ? କିନ୍ତୁ ତାଙ୍କୁ ସେଦିନ ଏସବୁ କଥା ପଚାରିବାର ସାହସ ମୋର ନଥିଲା ।

କବି ପ୍ରିୟମ୍ବଦା ଦେବୀ ତାଙ୍କର ଛୋଟ ଛୋଟ କବିତା ବହି ମୋତେ ଦେଇଥିଲେ । ତାଙ୍କୁ ମୁଁ ଅତି ନିକଟରୁ ଦେଖିଛି । ଏପରି ସ୍ନେହୀ, ମଧୁରସ୍ୱଭାବର ବିଦୁଷୀ କ୍ୱଚିତ୍ ଦେଖିବାକୁ ମିଳନ୍ତି । ରବୀନ୍ଦ୍ରନାଥଙ୍କର ପତ୍ନୀ-ବିୟୋଗ ପରେ କବିଙ୍କ ସଙ୍ଗେ ତାଙ୍କର ବିବାହ ପ୍ରସ୍ତାବ ହୋଇଥିଲା । ମହର୍ଷିଦେବ ଇଚ୍ଛା କରିଥିଲେ ମଧ୍ୟ କବି ନିଜେ ଇଚ୍ଛା କରିନଥିଲେ । ପ୍ରସିଦ୍ଧ ଜାପାନୀ ଶିଳ୍ପୀ ଓକାକୁରା ତାଙ୍କୁ ଭଲପାଇଥିଲେ ଓ ତାଙ୍କର ଗୋଟିଏ ଚିତ୍ର ଅଙ୍କନ କରିଥିଲେ । ଏସବୁ ମଧୁର ସୁଖସ୍ପର୍ଶର କାହାଣୀ ଅଳ୍ପ ଅଳ୍ପ ମୋ କାନକୁ ଆସିଥିଲା । ଏମାନେ କେହି ଏମାନଙ୍କ ଜୀବନୀ ଲେଖିଗଲେ ନାହିଁ । ଆମେ ଭଲକରି କିଛି ଜାଣିପାରିଲୁ ନାହିଁ । କୌଣସି କୌଣସି ମଣିଷର ଜୀବନ ହିଁ ପ୍ରଦୀପ ପରି– ଯାହା ଅନ୍ୟକୁ ଆଲୋକ ଦେଖାଇଥାଏ, ପୃଥିବୀକୁ ଚିହ୍ନିବାକୁ ଶିଖାଏ ।

ପ୍ରିୟମ୍ବଦା ଦେବୀଙ୍କର କଥା ମନେପଡ଼ିଲେ ଏକାଠି ଅନେକଗୁଡ଼ିଏ ନାରୀମୂର୍ତ୍ତି ଆଖିଆଗରେ ଭାସିଉଠନ୍ତି । ଏମାନେ ସମସ୍ତେ ବିଦଗ୍‌ଧା ଓ ବହୁଗୁଣସମ୍ପନ୍ନା । ପ୍ରତ୍ୟେକଙ୍କର କିଛି ନା କିଛି ବୈଶିଷ୍ଟ୍ୟ ରହିଛି । ସରଳା ଦେବୀ, ହିରଣ୍ମୟୀ ଦେବୀ, ପ୍ରିୟମ୍ବଦା ଦେବୀ, ଇନ୍ଦିରା ଦେବୀ– ଏ ସମସ୍ତ ନାମ ଉଲ୍ଲେଖଯୋଗ୍ୟ ।

ସଭାସମିତିରେ ଏମାନଙ୍କୁ ପାଖାପାଖି ଦେଖିବାରେ ଆମର ଆଖି ଅଭ୍ୟସ୍ତ ଥିଲା– ସମସ୍ତେ ବ୍ରାହ୍ମିକାଙ୍କ ପରି ଶାଢ଼ି ପିନ୍ଧିଥାନ୍ତି, ହାତରେ ଜାପାନୀ ପଙ୍ଖା–ଆଭିଜାତ୍ୟର ପ୍ରତିମୂର୍ତ୍ତି ।

କାନ୍ତିଚନ୍ଦ୍ର ଘୋଷଙ୍କର ମୂଛ ଥିଲା; କିନ୍ତୁ ସେ ମୋଟୁ ନଥିଲେ, ଯଦିବା ଓମର-ଖୈୟାମାଙ୍କ ରୁବାୟେତ୍ ଅନୁବାଦ କରି ସେତେବେଳେ ସେ ବିଶେଷ ଖ୍ୟାତିଲାଭ କରିଥିଲେ । ସେ ସୁନ୍ଦରଭାବେ ଆବୃତ୍ତି କରୁଥିଲେ, 'Oh ! take the cash and let the credit go– not heed the rumbling of the distant drum' –କଥାଟି ସେଦିନ ବଡ଼ ସତ୍ୟ ଥିଲା– ଭବିଷ୍ୟତର କୌଣସି ବିଭୀଷିକା ସେଦିନ ମୁଁ ଦେଖିବାକୁ ପାଇନାହିଁ– ମୋର ଦୁଇ ହାତ cashରେ ପୂର୍ଣ୍ଣ–ନଗଦ ମୂଲ୍ୟରେ ଭର୍ତ୍ତି, ମୋହର ବାଜୁଛି ଝଣ୍‌ଝଣ୍ ।

ବର୍ତ୍ତମାନ ସହିତ ଗୋଟାଏ ତୁଳନା ମୋ ମନକୁ ଆସୁଛି । ଏବେ ଯେଉଁମାନେ ବୁଦ୍ଧିଜୀବୀ (ଇଣ୍ଟେଲେକ୍‌ଚୁଆଲ) ବୋଲି ଖ୍ୟାତ, ସେମାନଙ୍କ ଉନ୍ନାସିକତା ମନେହୁଏ ଅନେକ ବେଶି । ଅଳ୍ପ ବୟସର ପିଲାମାନଙ୍କର ଲେଖା କୌଣସି ପତ୍ରପତ୍ରିକାରେ ପ୍ରକାଶପାଇଲେ ବା କିଛି ପ୍ରାଇଜ୍ ମିଳିଲେ ବେଶ୍ କହିବୁଲନ୍ତି । ସେମାନଙ୍କ ଆଗରେ ଏ ବୟସରେ ବି ଭୟରେ ମୁଁ ମୁଣ୍ଡ ଟେକି ପାରେନାହିଁ । ବ୍ୟତିକ୍ରମ ଯେ ନାହିଁ ତା' ନୁହେଁ; ତେବେ ସେମାନେ

Digitized by srujanika@gmail.com

ବ୍ୟତିକ୍ରମ । ମୁଁ ତ ଆଜିକାଲି ହୀନମନ୍ୟତା ରୋଗ ଭୋଗେ; କାରଣ ପୁରୁଣା ହୋଇଯାଇଛି । କିନ୍ତୁ ସେଦିନ ଏହିସବୁ ପ୍ରସିଦ୍ଧ ସାହିତ୍ୟିକମାନେ, ଯେଉଁମାନେ ଜ୍ଞାନ, ଗୁଣ ଓ ବୟସରେ ମୋଠାରୁ ଅନେକ ବଡ଼, ତାଙ୍କର ବ୍ୟବହାରରେ ତିଳେମାତ୍ର ଅବଜ୍ଞା ଦେଖିନଥିଲି ।

ବାପା ଉଦୟଶଙ୍କରଙ୍କୁ ମଧ୍ୟ ଥରେ ଘରକୁ ଆଣିଥିଲେ । ମନେ ମନେ ତ ଆମେ ତାଙ୍କୁ ନେଇ ମାତିଥିଲୁ । ମୁଁ ତାଙ୍କୁ କିଛିକ୍ଷଣ ପାଇଁ ଏକାକୀ ପାଇବା ଆଶାରେ ମୋ ଘରେ ଅଲଗାଭାବେ ଚା' ଦେଲି । ମୁଁ ଗପ କରିବାକୁ ଚେଷ୍ଟାକରୁଛି । ଘର ସେତେବେଳେ ଲୋକାରଣ୍ୟ, ମିର୍ଜା ଧୋତିର କାଛାଟି ସମ୍ଭାଳି ସେଠାକୁ ଆସିଲା । ସେ ତ ମୋଠାରୁ ଅଧିକ ଭକ୍ତ; ବରଂ ସେ କଥାବାର୍ତ୍ତା କରୁ, ମୁଁ କ'ଣ ମନାକରୁଛି, ଇଚ୍ଛାକଲେ ତା' କୋଠରିକୁ ମଧ୍ୟ ନେଇପାରେ । ତା' ନୁହେଁ; ସେ ଥରେ ବୁଲିଦେଇ ବିମର୍ଷ ମୁହଁରେ ଚାଲିଗଲା । ସତ କହିବି, ତାଙ୍କୁ ପାଖରୁ ଦେଖି ଟିକିଏ ନିରାଶ ହେଲି; କାରଣ କଥା କହିବା ତ ଶିଳ୍ପର ମାଧ୍ୟମ ନୁହେଁ । ଯେଉଁ ମଣିଷକୁ ଷ୍ଟେଜ୍ ଉପରେ କେତେବେଳେ ପର୍ବତଚୂଡ଼ା ବା କେତେବେଳେ ସମୁଦ୍ରର ଢେଉ ମନେହେଉଥିଲା, ସେ ହଠାତ୍ ମଣିଷ ହୋଇଗଲେ !

ପୂର୍ବେ ଆମେ ବାପାଙ୍କ ସାଥିରେ ଉପରବେଳା ବୁଲିବାକୁ ଯାଉଥିଲୁ; କିନ୍ତୁ ବାପା ଅସୁସ୍ଥ ହେବା ପରଠାରୁ ଯାଆନ୍ତି ନାହିଁ । ସେତେବେଳେ ଡାକ୍ତରିଆ ଲେକ୍‌ଚି ଖୋଲା ହେଉଥାଏ ।

ବୁଲିବାକୁ ଗଲାବେଳେ ମିର୍ଜା ପ୍ରତିଦିନ ଧୋତି, ପଞ୍ଜାବି ଓ ଚପଲ ପିନ୍ଧୁଥିଲା—ସତେ ଯେପରି ଘରର ଲୋକ । ଘରର ଅଳ୍ପବୟସୀମାନେ ମୋଟାମୋଟି ସମସ୍ତେ ଆମ କଥାଟି ଜାଣନ୍ତି; କେହି କିଛି କହନ୍ତି ନାହିଁ । ଶାନ୍ତି ତ ବେଶ୍ ସୁଯୋଗ କରିଦେଉଥିଲା ଛୁଆମାନଙ୍କୁ ଏଆଡ଼େ ସେଆଡ଼େ ବୁଲିବାକୁ ନେଇଯାଇ ।

ଜନ୍ମଦିନ ଉତ୍ସବ ଆୟୋଜନ ମଧ୍ୟରେ ସେ ଟିକିଏ ଦୂରେଇଯାଇଥିଲା, ପୁଣି ଆମର ଆଗ ପରି ବନ୍ଧୁତା ହୋଇଗଲା । କ୍ରମେ ଏପରି ଅବସ୍ଥା ହୋଇଛି ଯେ, ଆମେ ଜଣେ ଜଣକୁ ଛାଡ଼ି ଟିକିଏ ହେଲେ ବି ରହିପାରୁନାହୁଁ; ଅଥଚ ରହିବାକୁ ହୁଏ । ତେଣୁ ସର୍ବଦା ଦୁଃଖ ଏବଂ ସୁଖ ମିଶିକରି ମନକୁ ବ୍ୟାକୁଳ କରେ । ସେ କହୁଛି, କେତେଦିନ ପାଇଁ ନିଜ ଦେଶକୁ ଯିବ, ତାହେଲେ ବା କ'ଣ ହେବ ? ଭବିଷ୍ୟତର ଚିନ୍ତା କରିବାର ବୟସ ମୋର ନୁହେଁ । ଆମର ଯେ ବିବାହ ହେବନାହିଁ, ସେଟା ଏକପ୍ରକାର ମୁଁ ଜାଣେ; କିନ୍ତୁ ତାକୁ ଛାଡ଼ି ମୁଁ ଯେ ରହିପାରିବି ନାହିଁ, ତା' ବି ଜାଣେ । ତଥାପି ଏ ଦୁଇଟି ମଧ୍ୟରେ ଯେଉଁ ସାମଞ୍ଜସ୍ୟ ରଖିବା ଦରକାର, ତାହା ମୋ ମନକୁ ଆସୁନାହିଁ ବା ମୁଁ ଚେଷ୍ଟା କରୁନାହିଁ ।

ଦିନେ ଦ୍ୱିପ୍ରହରବେଳେ ଝଡ଼ ଉଠି ବର୍ଷା ହେଲା । ମୁଁ ତଳକୁ ଓହ୍ଲାଇଆସୁଛି—ଭାବୁଛି ଅଗଣାରେ ଠିଆହୋଇ ଭିଜିବି । ସେ ଡାକିଲା, "ଅମୃତା, ଏଆଡ଼େ ଆସ ।"

Digitized by srujanika@gmail.com

ଆମେ ତା' ଘର ଆଗରେ ଦୁଆର ପାଖରେ ଠିଆହେଲୁ । ସେ ମୋତେ ଦୁଇ ହାତ ବଢ଼େଇ ଟାଣିନେଲା ।

''କାହିଁକି ତୁମେ ମୋ ହାତଟା ଘୁଞ୍ଚେଇଦେଉଛ ଅମୃତା !''

''ମୋର ଭୟ ହୁଏ ।''

''ଭୟ ନା ଈର୍ଷା ?''

''ଈର୍ଷା ପୁଣି କାହାକୁ ?''

''ତୁମେ ତୁମ ନିଜକୁ ଈର୍ଷା କର କି ତୁମ ଶରୀରକୁ ଈର୍ଷା କର ? ତୁମର କ'ଣ ମନେହୁଏ ମୁଁ ତୁମଠାରୁ ତୁମ ଶରୀରକୁ ବେଶି ଭଲପାଇଛି ? ତା' ନୁହେଁ ଅମୃତା ! ତା' ନୁହେଁ; ମୁଁ ତୁମକୁ ଖୋଜୁଛି, ତୁମର ଆତ୍ମାକୁ ଖୋଜୁଛି । ତୁମେ ତ ତୁମ ଶରୀର ଭିତରେ ଅଛ; ଯେଉଁ ତୁମକୁ ଆଖିରେ ଦେଖିହୁଏନାହିଁ, ହାତରେ ଛୁଇଁହୁଏନାହିଁ, ସେହି ଦେହାତୀତ ତୁମର ସତ୍ତାକୁ ହିଁ ପାଉଛି ମୁଁ ତୁମକୁ ସ୍ପର୍ଶକରି ।''

''ମୁଁ ବୁଝିପାରୁନାହିଁ ମିର୍ଚ୍ଚା, ବୁଝିପାରୁନାହିଁ ।''

୧୯୩୦ ମସିହାର କାହାଣୀ ଶେଷ ହୋଇଆସିଲା– ମୋର ଦୁର୍ଦ୍ଧର୍ଷ ତତ୍ତ୍ୱଜ୍ଞାନୀ ପିତା ଓ ଅଭିଜ୍ଞା ମାତା ଏହି ଦୁଇଟି ତରୁଣ-ତରୁଣୀଙ୍କ ପ୍ରଣୟଲୀଳାର ଖବର ରଖନ୍ତିନାହିଁ । ତାଙ୍କର କୌଣସି ସନ୍ଦେହ ହୋଇନାହିଁ; ସେମାନେ ଖବର ପାଇଲେ ଏଗାର ବର୍ଷର ଗୋଟିଏ ଝିଅ ପାଖରୁ ।

ସାବିର ଅସୁସ୍ଥତାର କୌଣସି ସ୍ଥିରତା ନାହିଁ । ତା' ମିଜାଜ୍ ଅନୁସାରେ ତାହା କମେ ବା ବଢ଼େ । ସେଦିନ ଆମେ ସମସ୍ତେ ଲେକ୍ ପାଖରେ ବୁଲୁଛୁ । ସେମାନେ ଦୌଡ଼ାଦୌଡ଼ି କରୁଛନ୍ତି, ଆମେ ଦୁହେଁ ଗୋଟିଏ ବୁଦା ପାଖରେ ବସିଛୁ । ସନ୍ଧ୍ୟା ହୋଇଆସୁଛି । ଜନମାନବ ବିଶେଷ କେହି ନାହାନ୍ତି । ମୋର ମନେପଡୁନାହିଁ, ଶାନ୍ତି ଆମ ସାଥିରେ ଥିଲା କି ନାହିଁ । ଆମେ ଦୁହେଁ ପାଖାପାଖି ବସିଛୁଁ, ନୀରବ ଅନ୍ଧକାରବୋଳା ଆକାଶ ଆମକୁ ଘେରିରହିଛି; ପଛରେ ଆଲୁଅ; ସମ୍ମୁଖରେ ତରଙ୍ଗହୀନ ନିଥର ଜଳରେ ଆମର ଯୁଗଳ ଛାୟା ଦୀର୍ଘୀକୃତ । ଚାରିଆଡ଼ ନିସ୍ତବ୍ଧ । ମୋ ମନ ମଧ ଶାନ୍ତ, ଏକ ଆଶ୍ଚର୍ଯ୍ୟ ପ୍ରଶାନ୍ତିରେ ମୁଁ ଆବିଷ୍ଟ । ସେ କିଛି ଚଞ୍ଚଳ, ଅସ୍ଥିର ଧୈର୍ଯ୍ୟଶୂନ୍ୟ । ହଠାତ୍ ସେ ମୋର ଉରୁ ସ୍ପର୍ଶକଲା ।

'ନା ନା, ମିର୍ଚ୍ଚା, ନା ।'

''କାହିଁକି ନାହିଁ ? ତୁମେ ମୋର ହେବ ନାହିଁ ? ମୋତେ ତୁମେ ଭଲପାଅନାହିଁ ?''

''ହେବନାହିଁ ମିର୍ଚ୍ଚା, ହେବନାହିଁ । ସେମାନେ କେବେହେଲେ ରାଜି ହେବେ ନାହିଁ ।''

''ସେ କ'ଣ– ସେମାନେ ତ ତୁମକୁ ମୋତେ ଦାନ କରିଦେଇଛନ୍ତି ।''

ସେ ବିଚରା ଆମକୁ ମୋଟେ ବୁଝିପାରେନାହିଁ । ଆମର ସଂସ୍କାର, ଧର୍ମ, ଆଚାର-ବ୍ୟବହାର ଯେତେ ଶୁଣିଲେ ମଧ ବୁଝିପାରେନାହିଁ । ସେ ମୋତେ ମଧ ବୁଝିପାରେ ନାହିଁ ।

Digitized by srujanika@gmail.com

"ଛାଡ଼ିଦିଅ ମିର୍ଜା, ମୋତେ ଭୟଲାଗୁଛି ।"

"କେବେ ବି ତୁମକୁ ଛାଡ଼ିବି ନାହିଁ । କେବେହେଲେ ନୁହେଁ, ଏ ଜୀବନରେ ନୁହେଁ ।"

ଏହି ସମୟରେ ହଠାତ୍ ଗୋଟାଏ ପାଟିତୁଣ୍ଡ ଶୁଭିଲା – କିଏ ଯେପରି ଡାକିଲା । ଆମେ ଦୌଡ଼ିଯାଇ ଦେଖୁ ତ ସାବି ମାଟିରେ ଗଡ଼ିଯାଉଛି । ଚିତ୍କାର କରି ଇଆଡୁ ସିଆଡୁ ବକୁଛି । ମିର୍ଜା ତାକୁ ଟେକିଆଣି ଲେକ୍ ପାଖରେ ଥିବା ବେଞ୍ଚରେ ଶୁଆଇଦେଲା । ମୁଁ ତା' ଦେହରେ ହାତମାରି ଆଉଁଶି ଶାନ୍ତ କରିବାକୁ ଚେଷ୍ଟାକରୁଛି । ଧୀରେ ଧୀରେ ଜହ୍ନ ଉଠୁଛି । ଜହ୍ନର ଛାୟା ପଡୁଛି ଲେକ୍ ପାଣିରେ । ସାବି ଛଟପଟ ହେଉଛି, "ୟୁକ୍ଲିଡ୍ ଭାଇ ! ତୁମେ ମୋ ପାଖରେ ବସ । ମୋତେ ଟିକିଏ ଗେହ୍ଲାକର ।"

ମିର୍ଜା ଆଗେଇ ଆସିଲା, "ତୋତେ କ'ଣ କଷ୍ଟ ହେଉଛି ?" ସେ ତା' କପାଳ ଉପରେ ଛୋଟ ଚୁମାଟିଏ ଦେଲା । ସାବି କହିଲା, "ଏଥର ଦିଦୀକୁ ଗେହ୍ଲାକର ।" ସେ ଉନ୍ମତ୍ତା ପରି ହୋଇଉଠୁଛି । "ଏ ସାବି, ଚୁପ୍‌କର, କି ପାଗଳାମି କରୁଚୁ ।" ମିର୍ଜା ମଧ୍ୟ ଏ ସୁଯୋଗ ଛାଡ଼ିବାକୁ ରାଜି ନୁହେଁ । "ଆଚ୍ଛା ଆଚ୍ଛା, କରୁଛି" ବୋଲି କହି ସେ ମୋତେ କୁଣ୍ଢେଇ ଟିକିଏ ମାତ୍ରାଧିକ କରିପକାଇଲା; କିନ୍ତୁ ସାବି ସେହି ମୁହୂର୍ତ୍ତରେ ପୁଣି ଚିତ୍କାର କରିବାକୁ ଲାଗିଲା, "କ'ଣ କରିଛ, ଦିଦୀକୁ କ'ଣ କରିଛ ?" ଯେତେ ବୁଝାଏ କେଉଁଠି କ'ଣ, ଏଇ ତ ମିର୍ଜା ତୋ ପାଖେ ଠିଆହୋଇଛି– ସେ ବୁଝୁନାହିଁ । ମୁଁ ଅନେକ ସମୟ ପର୍ଯ୍ୟନ୍ତ ତାସହ ଗପ କରି ଶାନ୍ତ କଲି, ଭୁଲାଇଲି । ମୋ ଛାତି ଭିତର ଥରିବାକୁ ଆରମ୍ଭକଲା । ପ୍ରେମର ଅମୃତକୁ ଅତିକ୍ରମ କରି ଭୟର ବିଷ ମୋର ଶରୀରରେ ଖେଳିଗଲା– ମୋତେ ବିଷଧର ଆଘାତ କଲା । ଆମେ ଗାଡ଼ିରେ ଉଠିଲୁ । ମିର୍ଜାର କୌଣସି ଚିନ୍ତା ନାହିଁ । ସେ କଳ୍ପନା ମଧ୍ୟ କରିପାରିନାହିଁ ଯେ କି ଭବିଷ୍ୟତ ଅପେକ୍ଷା କରି ରହିଛି ।

ଘରେ ଆସି ପହଞ୍ଚିଲୁ । ସାବି ଗାଡ଼ିରେ ଚୁପ୍‌କରି ବସିଥିଲା । ମୁଁ ଭାବୁଛି ହୁଏତ ଭୁଲିଯାଇଛି; କାରଣ ସେ ଅସୁସ୍ଥ । ମିର୍ଜା ଗାଡ଼ିରୁ ଓହ୍ଲାଇ ତଳଘରକୁ ଚାଲିଗଲା– ମୁଁ ଉପରକୁ ଗଲି । ଏପଟୁ ସେପଟୁ ବାପା-ମା'ଙ୍କର କଣ୍ଠ ଶୁଭୁଛି; ଆଉ ମୋ ଛାତି ଭିତରଟା ଥରିଉଠିଲା । ପରେ ଯେତେବେଳେ ଏ ସମୟର କଥା ଭାବୁଛି, ସେତେବେଳେ ମନେହୋଇଛି ସେଦିନର ଆନନ୍ଦ ସହିତ ଭୟ କି ଓତପ୍ରୋତଭାବେ ମିଶିଥିଲା । ଏକ ମୁହୂର୍ତ୍ତ ପାଇଁ ମଧ୍ୟ ତାହା ଆମକୁ ଛାଡ଼ିନାହିଁ । ପ୍ରକୃତରେ କି ଆଶ୍ଚର୍ଯ୍ୟ ପ୍ରକାରର ଏକ କଠୋର ସମାଜ ଭିତରେ ଆମେ ବାସକରୁଥିଲୁ, ଯାହାକି ଆମକୁ ପ୍ରତି ମୁହୂର୍ତ୍ତରେ ଭୀତତ୍ରସ୍ତ କରୁଥିଲା ।

ଘଣ୍ଟାକ ଭିତରେ ମା' ଆସି ମୋ କୋଠରିରେ ପଶିଲେ । "ଚ୍ଲ, ଛାତ ଉପରକୁ ଆ ।" ମା'ଙ୍କ ମୁହଁ ଗମ୍ଭୀର, ଗଳା ଥରୁଛି । ଆମେ ଛାତ ଉପରକୁ ଆସିଲୁ । ରାତିଟା ଥିଲା

Digitized by srujanika@gmail.com

ଥଣ୍ଡା–ମୁଣ୍ଡ ଉପର ଆକାଶ ତାରାରେ ଭର୍ତ୍ତିଥିଲା । ମୋତେ ବର୍ତ୍ତମାନ ଏତେ ଡର ଲାଗୁନାହିଁ; ହୁଏତ ମୁଁ ମା'ଙ୍କ ସଙ୍ଗେ କଥା କହିପାରିବି ।

''ସାବି ପାଖରୁ ଏ ସବୁ କ'ଣ ଶୁଣିଲି, ରୁ ! ମୁଁ ତ ବିଶ୍ୱାସ କରିପାରୁନାହିଁ ।''କୋଠା ଉପରେ ଗୋଟିଏ ବେଞ୍ଚ ଥାଏ– ମା' ସେଥିରେ ବସିଛନ୍ତି, ତାଙ୍କର କେଶ ମୁକ୍ତ । ମୁହଁ ଉପରେ ଜହ୍ନ-ଆଲୁଅ ପଡ଼ିଥିଲା । ସେ ଦେବୀ ଭଳି ଦେଖାଯାଉଥିଲେ । ମା'ଙ୍କ ବୟସ ବା କେତେ ? ମୋ'ଠୁ ମାତ୍ର ଷୋହଳ ବର୍ଷ ବଡ଼ । ଆମେ ଧୀରେ ଧୀରେ ବନ୍ଧୁ ପରି ହୋଇଉଠିଲୁ ।

ମା' କହିଲେ, ''ମୋତେ ସବୁକଥା ଖୋଲି କହ ।''

ମୁଁ ବେଞ୍ଚ ଉପରେ ଶୋଇ ମା'ଙ୍କ ଗୋଡ଼ ଉପରେ ମୁଣ୍ଡ ରଖି କହିଲି, ''ମା, ମା, ମା''...

''କହ, ରୁ ! କହ, ତୁ କ'ଣ ତାକୁ ବିବାହ କରିବାକୁ ଚାହୁଁ ?'' ଗୁରୁତ୍ୱପୂର୍ଣ୍ଣ ସମୟରେ ମଧ୍ୟ ମୋର ଅନେକ ଲଘୁକଥା ମନେପଡ଼ିଯାଉଥିଲା । ମୁଁ ଭାବୁଛି, ଏଥର ତ ମୋ ନିଜ ମୁହଁରେ କହିବାକୁ ହେବ– ମୁଁ ତାକୁ ବିବାହ କରିବାକୁ ଚାହେଁ । କି ଲାଜ କଥା ! ପିଲାବେଳର ଘଟଣା ଭଳି ହେବ । ପିଲାବେଳୁ ଶୁଣିଆସୁଛି, ବିବାହ କଥା ଆଲୋଚନା ହେବାବେଳେ ସ୍ୱାଭାବିକ ଲାଜ ଆସେ । ଏତେ ଲାଜ ଲାଗେ ଯେ ମୁଣ୍ଡ ତଳକୁ ହୋଇଯାଏ ।

ଯାହାର ବାହାଘର, ସେ କୌଣସି କଥା କହିପାରେନାହିଁ । ସେତେବେଳେ ମୁଁ ଭାବୁଥିଲି ବାହାଘର କଥାରେ ଯେତେବେଳେ ଏତେ ଲାଜମାଡ଼େ ସେତେବେଳେ ବିବାହ ମଣିଷ କିପରି କରେ ? ଲାଜରେ ତ ମରିଯିବା କଥା । ଥରେ ଆଈମା'ଙ୍କ ସହିତ ଗୋଟିଏ ବାହାଘରକୁ ନିମନ୍ତିତ ହୋଇ ଯାଇଥିଲୁ । କନ୍ୟା ଖୁବ୍ ଚଞ୍ଚଳା । ସେ ଅତିଥିମାନଙ୍କର ଆଦର ଆପ୍ୟାୟନ ନିଜେ କରୁଥିଲା । ଆଲମାରି ଖୋଲି ଗହଣା ଦେଖାଉଥିଲା । ତା'ଠାରେ ତିଳେମାତ୍ର ଲଜ୍ଜାର ଚିହ୍ନ ନଥିଲା । ମୁଁ ଆଈମା'ଙ୍କୁ ପ୍ରଶ୍ନକଲି, ''କାହିଁ, କନ୍ୟାକୁ ତ ଲାଜମାଡୁନାହିଁ ?''

ଆଈମା' ଖୁବ୍ ବିରକ୍ତ ହୋଇ କହିଲେ ''ନିର୍ଲଜ୍ଜୀ, ବେହିୟାଣୀ ଝିଅଟା ।'' ଆଉ ଆଜି ? ଆଜି ଯଦି ଆଈମା' ଥାଆନ୍ତେ...

ମା' କହିଲେ, ''କହ ରୁ ! ସତ କରି କହ, ତୁ ଚାହୁଁ କି ନା । ଯଦି ତୁ ଚାହିଁବୁ, ତେବେ ନିଶ୍ଚୟ ତା'ରି ସଙ୍ଗେ ତୋତେ ବିବାହ ଦେବି । ମୁଁ ମୋ ଝିଅକୁ ଅନ୍ତରରେ ମଧ୍ୟ ଦୋଚାରିଣୀ ହେବାକୁ ଦେବିନାହିଁ ।'' ମୁଁ ମା'ଙ୍କ ଗୋଡ଼ ଉପରେ ମୁଣ୍ଡ ରଖି କହିଲି, ''ହଁ ମା' ! ମୁଁ ଚାହେଁ, ମୁଁ ଚାହେଁ; ତାକୁ ଛାଡ଼ି ମୁଁ ରହିପାରିବିନାହିଁ ।''

Digitized by srujanika@gmail.com

ମା' ଦୀର୍ଘ ନିଃଶ୍ୱାସ ପକାଇ କହିଲେ, ''ଠିକ୍ ଅଛି, ସେଇଆ ହେବ ।'' ମୁଁ ବହୁ ସମୟ ମା'ଙ୍କ କୋଳରେ ଶୋଇରହିଲି । ଆକାଶତଳେ ରାତିର ଶୀତଳ ସ୍ପର୍ଶ ମା'ର ସ୍ନେହପରି ମୋତେ ବେଷ୍ଟନ କରି ରହିଲା । ମୋର ମନ ଶାନ୍ତ । ଚାରିଆଡ଼େ କି ନୀରବ ପ୍ରଗାଢ଼ ଶାନ୍ତି ! ମୋର ଅନେକ ଦିନର ଆଶଙ୍କା ଦୂରହୋଇଗଲା । ଏ ବିଷୟ ଅନେକ ଆଗରୁ ମା'ଙ୍କୁ କହିବା ଉଚିତ ଥିଲା । ମୁଁ ମା'ଙ୍କୁ ସଂପୂର୍ଣ୍ଣ ଭୁଲ ବୁଝିଥିଲି । ମା' ତ ଥରେ ହେଲେ କହିଲେ ନାହିଁ ତାକୁ ଭଲପାଇ ମୁଁ ପାପ କରିଛି । ସାବି ଯଦି ସବୁ କିଛି କହିଦେଇଥାଏ, ତଥାପି ତ ମା' ମୋତେ କିଛି କହିଲେ ନାହିଁ । ଅନେକ ସମୟ ପରେ ମା' କହିଲେ, ''ତୁ ତୋ ଘରକୁ ଚାଲିଯା' ରୁ ! ଆଜି ଆଉ ତଳକୁ ଯା'ନା । ମୁଁ ତୋ ଖାଇବାଟା ନେଇଆସିବି ।''

ସେହି ରାତିରେ ତା' ସହିତ ଦେଖାହେଲାନାହିଁ । ସେଦିନ ସେ ପିୟାନୋ ମଧ ବଜାଇଲା ନାହିଁ । ସେ ତଳେ ପିୟାନୋ ବଜାଇଲେ ମୁଁ ମନରେ ଏବଂ ଶରୀରରେ ଅର୍ଥାତ୍ ମୋର ଚେତନାର ପ୍ରତି ସ୍ତରରେ ମିଳନର ଗଭୀର ଆନନ୍ଦ ଅନୁଭବ କରୁଥିଲି । ଦିନେ ଦିନେ ମୋର ମନେହୁଏ, ତା' ସହିତ ମୋର ଦେଖା ନ ହେଲେ ନାହିଁ; ସ୍ୱର ମାଧମରେ ତା'ର ଅସ୍ତିତ୍ୱର ଖବର ଭାସିଆସିଲେ ବି ଯଥେଷ୍ଟ । ସେ ରାତିଟା ମୋର ଖାଲି ମନେହେବାକୁ ଲାଗିଲା– ତାକୁ ତ ଏତେ ଭୟର କଥା ପୂର୍ବେ କହିଛି; କିନ୍ତୁ ବର୍ତ୍ତମାନ ତାକୁ କହିପାରିଲି ନାହିଁ... ଭୟ ନାହିଁ, ଭୟ ନାହିଁ । କାଲି ସକାଳେ ମା' ହୁଏତ ତାକୁ ପ୍ରଥମେ କହିବେ । ବିନିଦ୍ର ନୟନରେ ଅନେକ ରାତି ପର୍ଯ୍ୟନ୍ତ ମୁଁ ବିବାହ-ରାତି ଉତ୍ସବର ଦିବାସ୍ୱପ୍ନ ଦେଖିବାକୁ ଲାଗିଲି । ମୁଁ ତାକୁ ଦେଖୁଛି ଆଲପନା ଦିଆହୋଇଥିବା ପିଢ଼ାଉପରେ । ସେ ଠିଆହୋଇଛି, ପିନ୍ଧିଛି ପାଟ ଧୋତି ଚାଦର । ଚନ୍ଦନଚର୍ଚ୍ଚିତ ନୀଳକଳେବର, ପୀତବସନ ବନମାଳୀ; ନୀଳ କଳେବର ଯେତେ ଭଲ ହେଉନା କାହିଁକି, ଶ୍ୱେତ କଳେବର ହିଁ ସବୁଠାରୁ ଭଲ । ସେ କଣ ଯଜ୍ଞୋପବୀତ ପିନ୍ଧିବ ? ନା, ତା' କିପରି ହେବ ? ଆଉ ଶୁଭଦୃଷ୍ଟି ସମୟରେ ଯେତେବେଳେ ଚାଦରଟା ମୁଣ୍ଡ ଉପରେ ଦେଇଦେବେ ଆମର, ସେତେବେଳେ ଶ୍ରୀମତୀ ମାଳବିକା ଅର୍ଥାତ୍ ମାଳା ଦେବୀ ଯେ କି ହିଂସାରେ ଜଳିଯାଇ ଥରେ ମନ୍ତବ୍ୟ କରିଥିଲେ– କଚ ଓ ଦେବଯାନୀ ଅଭିନୟ କିପରି ଚାଲିଛି ?– ଏଥର କହିବେ, ଓଳିଆରୁ ଗଜା ଝିଅଟା ଆଗରୁ ଶୁଭଦୃଷ୍ଟି ଶେଷକରିଦେଇଛି । ଆଉ ରାନୁ ?–ମୋର ସ୍କୁଲବନ୍ଧୁ ରାନୁ ବିସ୍ଫାରିତ ନେତ୍ରରେ ମୋତେ କହିବ, ''ତୁ ଅବଶେଷରେ ଲଭ୍ ମ୍ୟାରେଜ୍ କଲୁ ? ତୋର ତ ଖୁବ୍ ସାହସ ।''

ସମସ୍ତଙ୍କ କଥା ମୋର ମନେପଡୁଛି । ମିଲୁ କ'ଣ କହିବ ? ଆଇମା' କ'ଣ କହିବ ? ଆରାଧନା ବା କ'ଣ କହିବ ? ମୋର ମନେହେଉଛି ସମସ୍ତେ ଖୁବ୍ ଖୁସି ହେବେ । ମୋତେ କେହିହେଲେ ନିନ୍ଦାକରିବେନାହିଁ । ତଳଘରେ ମିର୍ଚ୍ଚା ନିଦ୍ରା ଯାଉଛି । ସେ ବିଚରା ଏପର୍ଯ୍ୟନ୍ତ ଜାଣେନାହିଁ, ତା'ର ଇଚ୍ଛା ପୂର୍ଣ୍ଣହେବ । ସେ ମୋତେ ପାଇବାକୁ ଚାହେଁ; କିନ୍ତୁ ଆମେ କେବେହେଲେ ଚାରି ପାଞ୍ଚ ମିନିଟ୍‌ରୁ ଅଧିକ ପାଖାପାଖି ରହିପାରୁନା । ଆଉ ଏବେ ?

Digitized by srujanika@gmail.com

''ତୋମାତେ କରିବ ବାସ ଦୀର୍ଘଦିବସ / ଦୀର୍ଘ ରଜନୀ ଦୀର୍ଘ ବରଷ ମାସ''; କିନ୍ତୁ ମୁଁ କ'ଣ ମୋ ବାପା-ମା'ଙ୍କୁ ଛାଡ଼ି ରହିପାରିବି ? ଛାଡ଼ି ରହିବାର କି ପ୍ରୟୋଜନ ? ମିର୍ଚ୍ଚା କହିଛି, ସେ ଆମ ପାଖରେ ରହିବ । ହେଲେ କ'ଣ ହେଲା ? ତା' ଦେଶକୁ ମୁଁ ନିଶ୍ଚୟ ଦିନେ ଯିବି, ତା ମା'କୁ, ଭଉଣୀକୁ କ'ଣ ଦେଖିବିନି ? ମିର୍ଚ୍ଚା– ଦେଶକୁ ଯିବି ଏ କଥାଟା ମନେହେବାରୁ ମୋର ପ୍ରିନ୍‌ସେପ୍ ଘାଟ କଥାଟା ମନେପଡ଼ିଲା । ଥରେ ରବୀନ୍ଦ୍ରନାଥ ଲଣ୍ଡନ ଯିବାବେଳେ ତାଙ୍କୁ ବିଦାୟ ଅଭିନନ୍ଦନ ଜଣାଇବାପାଇଁ ଆମେ ସେଠାକୁ ଯାଇଥିଲୁ । ସେଦିନର ସେଇ ବିରାଟ ବଡ଼ ଜାହାଜ କଥାଟା ମନେପଡୁଛି । ନା ! ମୋର ଆଉ ଡରଭୟ କିଛି ନାହିଁ । ବରଂ ଲାଜ ଲାଗୁଛି, ଖୁବ୍ ଲାଜ ଲାଗୁଛି । ମୁଁ ନିଶ୍ଚୟ କବିଙ୍କୁ ଏକଥା କହିବି । କଲିକତା ଆସିଲେଇ ମୁଁ ମୋ କଥାଟା କହିବି । ସେ ତ ପ୍ରାୟ ବର୍ଷେ ହେଲା ବିଦେଶରେ ରହିଛନ୍ତି ।

ରାତ୍ରି ଗଭୀର, ମୁଁ ଷ୍ଟ୍ରାଥେୟାର୍ଡ଼ ଜାହାଜଟାକୁ ଦେଖିପାରୁଛି ସୁୟେଜ୍ କେନାଲ ଭିତର ଦେଇ– ଅପରପଟେ ଭୂମଧ୍ୟସାଗରର ନୀଳ ଜଳରାଶି ।

ତା' ପରଦିନ ସକାଳ । ମା' ଙ୍କ ମୁହଁ ଅସ୍ୱାଭାବିକ ଗମ୍ଭୀର । ଆଖିଦୁଇଟା ଫୁଲିଯାଇଛି । ମା' କ'ଣ ତେବେ ରାତିରେ ଶୋଇନାହାନ୍ତି ? ମୋ ଛାତି ଥରିଉଠିଲା । ମା' କହିଲେ, ''ରୁ ! ତୁ ଆଜି ଆଉ ତଳକୁ ଯାଆନାହିଁ । ତୁ ନିଜ ଘରେ ରହିଥା । ମୁଁ ଟିକିଏ ପରେ ଆସୁଛି ।'' ମୁଁ ସ୍ତମ୍ଭିତ ହୋଇଗଲି । ପୁଣି କ'ଣ ହେଲା ! ମୋ ହାତଗୋଡ଼ ଆଉ ଚଳିଲାନାହିଁ । ମୁଁ ବିଛଣାରେ ଶୋଇପଡ଼ିଲି । କିଛି ସମୟ ପରେ ମା' ଦୁଧଗ୍ଲାସ୍ ଧରି ଘର ଭିତରକୁ ଆସିଲେ । ମୋତେ କହିଲେ, ''ଦୁଧ ପିଇଦେ ।'' ତା'ପରେ ଅତି କଠିନ, ତୀକ୍ଷ୍ଣ ସ୍ୱରରେ କହିଲେ, 'ତୋ ବାପା ମୋତେ ତୋ'ଠାରୁ ବୁଝିନେବାକୁ କହିଛନ୍ତି, ତୁମେ ଦୁହେଁ କେତେଦୂର ଅଗ୍ରସର ହୋଇଛ ।'' ମୁଁ ଚୁପ୍ କରି ରହିଲି । ମୁଁ ଭାବୁଛି ସାବି ବା ଶାନ୍ତି କେହି ନିଶ୍ଚୟ ଲଗେଇ-ଯୋଟେଇ ମିଛ କଥା କହିବେନାହିଁ । ଶାନ୍ତି ଯଦିବା ବନେଇ-ଚୂନେଇ କହିପାରେ, ସାବି ନିଶ୍ଚୟ ମିଛ କହିବନାହିଁ । ମା' କହିଦେଇଛନ୍ତି– 'ଯଦି ଦଣ୍ଡ ସହିତେ ହୟ, ତବୁ ମିଥ୍ୟା ବାକ୍ୟ ନୟ ।' ମା' କହିଲାଗିଲେ, ''ମୋ କଥାର ଉତ୍ତର ଦିଅ, ତୁମେ ଦୁହେଁ କେତେଦୂର ଅଗ୍ରସର ହୋଇଛ ।'' ମୁଁ କହିଲି, ''ତୁମେ ସେମାନଙ୍କୁ ପଚାରି ବୁଝିନିଅ, ଆମେ ତ ଲେକ୍ ପାଖାପାଖି ଥିଲୁ– ଦୂରକୁ ତ ଯାଇନାହୁଁ ।'' ମା' କିଛିଟା ଶାନ୍ତ ହେଲେ । ମୋର ମନେହେଲା ଏ ଘରର ସ୍ୱାଭାବିକ ଜୀବନଯାତ୍ରା ସଙ୍ଗେ ମା'ଙ୍କର ଓ ମୋର କୌଣସି ଯୋଗାଯୋଗ ନାହିଁ । ମା' ଓ ମୁଁ ବହୁ ଦୂରର ଅନ୍ୟ ଜଗତ୍‌କୁ ଓ ଭିନ୍ନ ସମୟକୁ ଚାଲିଯାଇଛୁ । କିଛିକ୍ଷଣ ପରେ ଦୀର୍ଘ ନିଃଶ୍ୱାସ ପକାଇ ମା' କହିଲେ, ''ରୁ, ସତ କୁହ ତ, ମିର୍ଚ୍ଚା ତୁମ ପ୍ରତି କି ବ୍ୟବହାର କରିଛି ?'' ମୁଁ ତକିଆରେ ମୁଣ୍ଡ ପୋତିଲି । ମୁଁ ମା'ଙ୍କର ଏସବୁ ପ୍ରଶ୍ନର ଉତ୍ତର ଦେବିନାହିଁ...ଆଦୌ ଦେବିନାହିଁ; ବରଂ ମିଛ କହିବି । କିପରି ମୁଁ ସତ

Digitized by srujanika@gmail.com

କଥା କହିବି ? ତା' ହେଲେ ତ ସବୁ ମିର୍ଚ୍ଚାର ଦୋଷ ହେବ । କେବଳ କ'ଣ ଖାଲି ତା'ର ଦୋଷ– ମୋ ଦୋଷ ତ କିଛି କମ୍ ନୁହେଁ । ତା'ର ଏଠି ମା' ନାହିଁ, ବାପା ନାହିଁ, କେହି ବୋଲି କେହି ନାହାନ୍ତି । ସେ ବିଚରା ପରଘରେ ରହିଛି । କହିବାକୁ ଗଲେ ଏକମାତ୍ର ମୋ ବାପା ତା'ର ସବୁକିଛି । ଯଦି ମୋ ବାପା ତା' ପ୍ରତି ଅସନ୍ତୁଷ୍ଟ ହୁଅନ୍ତି, ତେବେ ସେ ବିଚରା ଯିବ କୁଆଡ଼େ ?

ମା' ମୋ ଆଡ଼କୁ ଅନାଇ ତୀକ୍ଷ୍ଣ ସ୍ୱରରେ କହିଲେ, ''କହ ରୁ ! ସେ କ'ଣ ତୁମକୁ ଚୁମ୍ବନ କରିଛି ?'' ମୁଁ କହିଲି ''ହଁ'' ।

''କେଉଁଠି ?''

''କପାଳରେ ।''

''କେବଳମାତ୍ର ଏତିକି ?''

''ହୁଁ ।''

''ତୁମେମାନେ ଗାନ୍ଧର୍ବ ମତରେ ବିବାହ କରିନ ତ ?''

''ସେ ପୁଣି କ'ଣ ?''

''ଗାନ୍ଧର୍ବ ବିବାହ କ'ଣ ତୁ ଜାଣିନାହୁଁ ? ମାଳା ବଦଳ କରିବା, ମୁଦି ବଦଳ କରି ବିବାହ କରିବାକୁ ଗାନ୍ଧର୍ବ-ବିବାହ କୁହନ୍ତି ।''

''ନା ମା' ! ଆମର ସେ ସବୁ କଥା ଆଦୌ ମନରେ ଆସିନି ।''

ପରେ ଅବଶ୍ୟ ବୁଝିପାରିଲି । ମା' ଭାବିଥିଲେ ସେପରି କିଛି ଘଟିଥିଲେ, ସେ ହୁଏତ ଆମକୁ ସାହାଯ୍ୟ କରିପାରିଥାଆନ୍ତେ । ମା' କହିଲେ, ''ଦେଖ୍ 'ରୁ' ! ମୁଁ ତୋତେ ଯାହା କହିଥିଲି, ତା' ରଖିପାରିଲି ନାହିଁ । ତୋର ବାପା ଆଦୌ ରାଜିହେଲେନାହିଁ ।'' ମୋ ଦେହ ଥରିଉଠିଲା । ମା' ମୋ ଦେହ ଉପରେ ହାତ ରଖିଲେ, କହିଲେ, ''ଶାନ୍ତ ହୁଅ ।'' ମୁଁ କହିଲି, ''କାହିଁକି ?'' ତୋର ବାପା କହିଛନ୍ତି, ''ଆମେ ସେମାନଙ୍କ ବିଷୟରେ କିଛି ଜାଣିନାହୁଁ– କିପରି ତାଙ୍କର ବଂଶ, ବାପ ଅଜା କିଏ କିପରି ଆମେ ତାହା ଜାଣିନାହୁଁ । ତା'ର ହୁଏତ କୌଣସି ଦୁରାରୋଗ୍ୟ ବ୍ୟାଧି ଥାଇପାରେ ।''

ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଏ ପୁଣି କି ଅଦ୍ଭୁତ କଥା ! ମୁଁ କହିଲି, ''ମା ! ସେ ତ ପ୍ରାୟ ବର୍ଷେ ହେଲା ଆମ ପାଖରେ ରହିଛି– ଦିନକ ପାଇଁ ହେଲେ ବି ତାର ଜ୍ୱର ହୋଇନାହିଁ । ସେ ଅସୁସ୍ଥ ହେବାକୁ ଯିବ କାହିଁକି ? ''ମା' କହିଲେ, ''ତୁ ଯେଉଁ ବ୍ୟାଧି କଥା ଭାବୁଛୁ, ତା' ନୁହେଁ । ତୋର ସେ ସବୁ ଜାଣି କିଛି ଲାଭ ନାହିଁ । ତୁ କ'ଣ ଜାଣିନୁ ଫରାସୀମାନେ କେତେ ଖରାପ ଲୋକ ।''

ମୁଁ କହିଲି, ''କିନ୍ତୁ ସେ ତ ଫରାସୀ ନୁହେଁ ।''

''ଏକା କଥା, ସେମାନଙ୍କ ସଭ୍ୟତାଟା ତ ଫରାସୀ ସଭ୍ୟତା ।''

Digitized by srujanika@gmail.com

''ଫରାସୀ ସଭ୍ୟତା ଖରାପ ହେଲା କିପରି ?'' ସମଗ୍ର ଇଉରୋପ ଫରାସୀମାନଙ୍କୁ ଅନୁକରଣ କରେ ।''

''ଅନୁକରଣ କରି କ'ଣ ବା ଉନ୍ନତି ହୋଇଛି ?''

''ତୁମେ କ'ଣ କହିବାକୁ ଚାହଁ ଯେ ଇଉରୋପର ଉନ୍ନତି ହୋଇନାହିଁ ?''

''ଆରେ ସେ କଥା ନୁହେଁ; ସେମାନଙ୍କ ଜୀବନଟା କ'ଣ, ତା' ତ ତୁ ଜାଣିନୁ । ତୁ ଯେତେବେଳେ ବଡ଼ ହେବୁ, ସେତେବେଳେ ମୋପାସାଁଙ୍କର ଗଳ୍ପସବୁ ପଢ଼ିବୁ । ସ୍ୱାମୀ ସ୍ତ୍ରୀ କେହି କାହାରି ପ୍ରତି ବିଶ୍ୱସ୍ତ ନୁହଁନ୍ତି । ଜଣେ ଆଉ ଜଣକୁ କ୍ରମାଗତ ଠକିଚାଲିଛି । ଜଣକୁ ବିବାହ କରୁଛି; କିନ୍ତୁ ଆଉ ଜଣଙ୍କ ସଙ୍ଗେ ପଳାଇଯାଉଛି । ଏପରି ଏକ କଦର୍ଯ୍ୟ ସମାଜରେ ତୁ ବଞ୍ଚିପାରିବୁ ନାହିଁ ।''

ମୁଁ କହିଲି, ''ମୁଁ ମୋପାସାଁଙ୍କର 'ନେକ୍‌ଲେସ' ଗଳ୍ପଟି ପଢ଼ିଛି, କିଛି ତ ଖରାପ ନୁହେଁ ।''

''କେବଳ କ'ଣ ସେଇ ଗୋଟିଏ ଗଳ୍ପ ! ଆଉରି ଅନେକ ଗଳ୍ପ ଅଛି– ତୋ ବାପା ସେମାନଙ୍କ ସମ୍ବନ୍ଧରେ ଯେଉଁସବୁ କଥା କହନ୍ତି, ଶୁଣିଲେ ମୋର ହାତଗୋଡ଼ ଚଳେନାହିଁ । ଏଇଟା କେବେହେଲେ ଭଲହେବନାହିଁ ।''

ମୋ ଅନ୍ତର କାନ୍ଦିଉଠି ଡାକିଲା– ''ମା, ମା, ମା !''

''ମୁଁ କ'ଣ କରିବି 'ରୁ' ! ମୁଁ ଯଦି ଏ ବିଷୟରେ ଜୋର୍ ଦେଇ କିଛି କହେ, ତେବେ ତୋ ବାପା ମରିଯିବେ । ତୁ କ'ଣ ତୋ ବାପାର ମୃତ୍ୟୁ ଚାହୁଁ ? ତୁ କ'ଣ ତାଙ୍କୁ ଆଦୌ ଭଲପାଉନା ? ମିର୍ଚ୍ଚା ହିଁ ତୋର ସର୍ବସ୍ୱ ?''

ମୋତେ ନିଜକୁ ଖୁବ୍ ଆଶ୍ଚର୍ଯ୍ୟ ଲାଗୁଛି । ପିତାମାତାଙ୍କ ଅସୁସ୍ଥତା ପାଇଁ କାହିଁକି ମୋର ତ ଆଦୌ ଉଦ୍‌ବେଗ ହେଉନାହିଁ; ବରଂ ମୋତେ ରାଗଲାଗୁଛି । ସେ ଯେ ଅସୁସ୍ଥ ଏଇ କଥାରେ ଡରାଇ ମା'ଙ୍କୁ ସର୍ବଦା ନିଜ କଥାରେ ରାଜିକରାଇନେଇଛନ୍ତି । ଆଉ କ'ଣ କାହାର ବ୍ଲଡ଼ପ୍ରେସର ହୁଏ ନାହିଁ ? ମୋର କାହିଁକି ହୁଏ ନାହିଁ ? ହେ ଭଗବାନ, ମୋର ବର୍ତ୍ତମାନ ବ୍ଲଡ୍‌ପ୍ରେସର ହେଉ । ମା' କହୁଛନ୍ତି, ''ରୁ' ! ତୁ ଯଦି ଏ ବିଷୟରେ ବେଶି କହୁ, ତାହାହେଲେ ତାଙ୍କର ଷ୍ଟ୍ରୋକ୍ ହୋଇଯାଇପାରେ– ତୁ କ'ଣ ତାହା ଚାହୁଁ ? ନିଜକୁ ସମ୍ଭାଳି ନେ । ମଣିଷ ଯାହା ଚାହେଁ, ସବୁ କଣ ପାଏ ?''

ମୁଁ ଜାଣେ ନାହିଁ, ମୋର ଘଣ୍ଟା ମିନିଟ୍ କିପରି ବା କେଉଁ ଭାବରେ କଟିଗଲା । ଦ୍ୱିପ୍ରହର ହେଲା । ମା' କହିଲେ ''ରୁ' ! ଉଠିଆସ, ମିର୍ଚ୍ଚା ଚାଲିଯାଉଛି । ସେ କହିଛି, ଯିବା ପୂର୍ବରୁ ତୋତେ ଥରେ ଦେଖିବାକୁ ଚାହେଁ ।'' ମୁଁ ଉଠିପାରୁନାହିଁ, ମୋ ଶରୀରର ସମସ୍ତ ହାଡ଼ ଗୁଣ୍ଡ ହୋଇଗଲା ପରି ମନେହେଉଛି । ମୁଁ କିପରି ଉଠି ଠିଆହେବି ?

''ରୁ, ଶୀଘ୍ର ଉଠିପଡ଼, ସେ ତଳେ ଖରାରେ ଠିଆହୋଇଛି– ତୁ ଉପର ବାରଣ୍ଡାରେ ଠିଆହେବୁ– ତୋ ବାପା ରାଜିହୋଇଛନ୍ତି, ସେ ତୋତେ ଥରେ ଦେଖି ଚାଲିଯିବ ।''

Digitized by srujanika@gmail.com

ଏଇ ୧୯୭୨ ମସିହାରେ ଯେତେବେଳେ ମୁଁ ପୁଣି ୧୯୩୦ ମସିହାରେ ପ୍ରବେଶ କଲି, ସେତେବେଳେ ସେଇ ଅଠର ସେପ୍‌ଟେମ୍ବର ଭଳି ଅବସ୍ଥା ହେଲା । ପୁଣି ମୋର ହାଡ଼ ଗୁଣ୍ଡା ହୋଇଗଲା, ଛାତି ଥରିଉଠିଲା– କି ଆଶ୍ଚର୍ଯ୍ୟ, ମୁଁ ଜାଣିପାରିଲି ନାହିଁ, ଚେୟାଳିଶ୍ ବର୍ଷ ଧରି ମୋ ସତ୍ତାର ଗୋଟିଏ ଅଂଶ ୧୯୩୦ ମସିହାରେ ସ୍ଥିର ହୋଇ ଠିଆହୋଇଛି !– 'ଅଜଃ ନିତ୍ୟ ଶାଶ୍ୱତୋଽୟଂ ପୁରାଣୋ ନହନ୍ୟତେ ହନ୍ୟମାନେ ଶରୀରେ'– ଆଜି ସେ ଦେହ ନାହିଁ; କିନ୍ତୁ ସେ ଅଛି, ସେ ଅଛି, ସେ ଅମୃତା...

ମୁଁ ବାଲକନି ମଝିରେ ଠିଆହୋଇଛି, ସେ ତଳେ ଠିଆହୋଇଛି । ମାଧବୀଲତାର ଅଳ୍ପ ଛାୟା ତା' ମୁହଁ ଉପରେ ପଡ଼ିଛି—ତା'ର ଯନ୍ତ୍ରଣାକାତର ମୁହଁ ମୋ ଆଡ଼କୁ ବୁଲାଇ ରଖିଛି ସେ । ମନେହେଲା, ତାକୁ ଯେପରି କେହି ତତଲା ନିଆଁରେ ଚିଆଁ ଦେଇଦେଇଛି । ଆଜି ପର୍ଯ୍ୟନ୍ତ କାହାରି ମୁହଁରେ ମୁଁ ସେପରି ଯନ୍ତ୍ରଣାର ଚିହ୍ନ ଦେଖିନାହିଁ । ସେ ମୋତେ ହାତ ଟେକି ନମସ୍କାର କଲା– ''ବିଦାୟ''

''ନା-ନା ମିର୍ଜା, ନା''– ଆଉ ଠିକ୍ ସେଇ ମୁହୂର୍ତ୍ତରେ ବୁଝିପାରିଲି, ତାକୁ ତ କହିପାରିଲି ନାହିଁ– କେତେ ଥର ଭାବିଛି କହିବି କହିବି; କିନ୍ତୁ କହିପାରିଲି ନାହିଁ । ଆଉ କୌଣସି ଦିନ ପାରିବି ନାହିଁ ।

ତା'ପରର ଘଟଣା ମୋର କିଛି ହେଲେ ସ୍ପଷ୍ଟ କରି ମନେପଡ଼ୁନାହିଁ । ମୋର ମନେହେଲା, ମା' ମୋତେ ଶୁଆଇପକାଇଲେ । ପରେ ଶୁଣିଛି, ମୁଁ ପଡ଼ିଯାଇଥିଲି । କିଛି ଆଶ୍ଚର୍ଯ୍ୟ ନୁହେଁ । ମୋର ହାଡ଼ସବୁ ଢିଲା ହୋଇଯାଇଥିଲା । ଜ୍ଞାନ ହେବା ପରେ ଆଖି ଖୋଲି ଦେଖେ, ମା' ମୋ ମୁଣ୍ଡରେ ପାଣିପାଟିଦେଉଛନ୍ତି । ତାଙ୍କ ଆଖିରୁ ଲୁହ ଝରିପଡୁଛି । ସେ ଜପି ଚାଲିଛନ୍ତି, ''ଦୁର୍ଗା ଶ୍ରୀହରି, ଦୁର୍ଗା ଶ୍ରୀହରି– ବର୍ତ୍ତମାନ ମୁଁ କ'ଣ କରିବି ! କ'ଣ କରିବି ।''

ମିର୍ଜା ଚାଲିଗଲା । ସେ କୁଆଡ଼େ ଗଲା କିଏ ମୋତେ କହିବ ? ମୋ ସଙ୍ଗେ କାହାର ଦେଖାହେଉନି– ମା' ମୋତେ ବାହାରକୁ ଯିବାକୁ ଦେଉନାହାନ୍ତି । ମୋର ଶୋକାହତ ମୂର୍ତ୍ତିକୁ ମା' ସମସ୍ତଙ୍କ ଦୃଷ୍ଟିରୁ ଲୁଚାଇ ରଖିବାକୁ ଚାହାଁନ୍ତି, କାରଣ ମୋତେ ଦେଖି ଲୋକେ ହୁଏତ ହସାହସି କରିବେ । ମୁଁ ସରବତ୍ ଛଡ଼ା ଆଉ କିଛି ଖାଇପାରୁନଥିଲି । ମା' ମଧ ଜୋର୍ କରନ୍ତି ନାହିଁ । ମା' କହନ୍ତି ଯେ ଦୁଃଖ, ଶୋକ ଓ ରାଗ– ଏଥିରୁ ଯେକୌଣସି ଗୋଟିଏ ହେଲେ ଶରୀରରେ ବିଷକ୍ରିୟା ହୁଏ । ସେତେବେଳେ ଜଳୀୟଖାଦ୍ୟ ଶରୀର ପାଇଁ ଯଥେଷ୍ଟ । ବେଳେବେଳେ ଭାବେ, ସାବିକୁ ଡାକି ପଚାରିବି, ମିର୍ଜା ଗଲାବେଳେ କିଛି କହିଯାଇଛି କି ନା । ପୁଣି ଭାବିଲି– ଥାଉ, ସେ ତ ପିଲାମଣିଷ; ତା' ସାମନାରେ ଯେଉଁ ଘଟଣା ଘଟିଲା, ସେଇଟା ତ ଖୁବ୍ ଅନ୍ୟାୟ ହୋଇଛି । ପରେ ଶୁଣିଛି, ସାବି ସେ ଘଟଣା ପାଇଁ ଖୁବ୍ ଅନୁତାପ କରିଛି । ମିର୍ଜା କହିଥିଲା– 'କଣ କଲ ସାବି ? ଏ କଣ କଲ ?'

Digitized by srujanika@gmail.com

ସାବି ବିଚରା କାନ୍ଦି କାନ୍ଦି କହିଛି – 'ମୁଁ ବୁଝିପାରିନଥିଲି ୟୁକ୍ଲିଡ୍ ଦା' ! ମୁଁ ବୁଝିପାରି ନଥିଲି– ତୁମକୁ ଏତେ କଷ୍ଟ ହେବ ! ଦିଦୀକୁ ଏତେ କଷ୍ଟ ହେବ !'

କେତେଦିନ ପରେ କେଜାଣି–ଗୋଟିଏ ସନ୍ଧ୍ୟା ଦେଖିବାକୁ ପାଉଛି- ବାହାରେ ସେତେବେଳ ପର୍ଯ୍ୟନ୍ତ ମ୍ଳାନ ଆଲୁଅ ଅଛି– ଘର ଭିତର ଅନ୍ଧକାର– ଗୋଟିଏ କୋଣରେ ନୀଳ ବତି– ଅଧିକାଂଶ ସମୟ ଦୁଆର ବନ୍ଦ । ମୋତେ ବନ୍ଦୀ କରାଯାଇନାହିଁ, ଲୋକଚକ୍ଷୁ ଅନ୍ତରାଳରେ ରଖାହୋଇଛି । ହଠାତ୍ ଦୁଆର ଫାଙ୍କ କରି କେହି ଜଣେ ଘର ଭିତରକୁ ପଶିଲା–ଶାଢ଼ିରେ ଆବୃତ ହୋଇଥିବା ଗୋଡ଼ଦୁଇଟା ଧୀରେ ଧୀରେ ମୋ ଆଡ଼କୁ ଆଗେଇ ଆସୁଛି; ସେ କିଏ ? କାକୀମା', ନା ଶାନ୍ତି, ନା ଚମ୍ପା ପିଉସୀ ବା ଅନ୍ୟ କେହି ? ସେ ମୋ ପାଖରେ ଠିଆହୋଇଛି– ''ଦେଖ, ରୁ ! ପଳାଇବାକୁ ଚେଷ୍ଟାକରନାହିଁ । ତୁମେ ଏବେ ବି ନାବାଳିକା– ତୁମେ ଯଦି ପଳାଅ, ଧରାହୋଇ ଆସିବ– ଅବଶ୍ୟ ତୁମର କିଛି କ୍ଷତି ହେବନାହିଁ; କିନ୍ତୁ ତାକୁ ଜେଲରେ ଭର୍ତ୍ତିକରାହେବ । ସେଇଟା କୌଣସି ଭଦ୍ରଲୋକ ନିମିତ୍ତ ଜେଲ୍ ନୁହେଁ, ଚୋର-ଡକେଇତଙ୍କ ସାଙ୍ଗରେ ରହିବାକୁ ହେବ । ହାଫ୍ ପ୍ୟାଣ୍ଟ ପିନ୍ଧି ପଥର ଭାଙ୍ଗିବାକୁ ହେବ ।''

''କାହିଁକି ତୁମେମାନେ ମୋତେ ଭୟ ଦେଖାଉଛ ? ମୁଁ ତକିଆରେ ମୁହଁ ପୋତିଛି, କି ନିରୁପାୟ ! ମୁଁ କି ନିରୁପାୟ ! ମୁଁ କ'ଣ କୁଆଡ଼େ ଯାଉଛି ? ମୁଁ ତ ଏଇ ଘରେ ଏକୁଟିଆ ପଡ଼ିରହିଛି– ଏତେ ବାକ୍ୟଯନ୍ତ୍ରଣାର ଦରକାର କ'ଣ ?''

''ତୁମ ଭଲ ପାଇଁ କହୁଛି ।''

ବେଶ୍ ଦୁଇ ତିନି ଦିନ କଟିଗଲା । ମୋର ସବୁଠାରୁ ବଡ଼ କଷ୍ଟ ମିର୍ଜାକୁ କୌଣସି କଥା ମୁଁ କହିପାରିଲି ନାହିଁ । ମୋର ତାକୁ ଅନେକ କଥା କହିବାର ଥିଲା... ଏ ଜୀବନରେ କହିପାରିଲି ନାହିଁ । ତା'ର ଯିବା ଆଗରୁ ଯଦି ଘଣ୍ଟାଏ ହେଲେ ବି ଏକୁଟିଆ କଥାବାର୍ତ୍ତା କରିପାରିଥାଆନ୍ତି ? ସେ ଯେତେ ଦିନ ଥିଲା, କେବଳ ତାକୁ କଷ୍ଟହିଁ ଦେଇଛି । କେବଳ କଷ୍ଟ ଛଡ଼ା ଆଉ କ'ଣ ?

ଦିନେ ଅତି ପ୍ରତ୍ୟୁଷରୁ ଖୋକା ମୋ ଘର ଭିତରକୁ ଆସିଲା । ତା'ର ସ୍ୱଭାବସୁଲଭ ହସଥଟ୍ଟାରେ ମୋ ମନ ଭୁଲାଇବାକୁ ଚେଷ୍ଟାକଲା । 'ବିଦାୟ ଅଭିଶାପ'ରୁ ଦେବଯାନୀର ବକ୍ତବ୍ୟ ଗଡ଼ଗଡ଼ କରି କହିଗଲା– ''ଧିକ୍ ଧିକ୍ କୋଥା ହତେ ଏଲେ ତୁମି ନିର୍ମମ ପଥିକ ।'' ପୁଣି କହିଲା, ''ମିର୍ଜା ତୁମର ଖଣ୍ଡେ ବହି ମାଗିଛି– ତା' ପାଖରେ ସେଟା ନାହିଁ ।'' ମୁଁ ପ୍ରଶ୍ନ କଲି, ''ତୁମେ ଜାଣିଛ ସେ କୁଆଡ଼େ ଗଲା ?'' ଖୋକା କହିଲା, ''ହଁ, ନିଶ୍ଚୟ ଜାଣେ, ସେ ରିପନ୍ ଷ୍ଟ୍ରିଟ୍କୁ ଗଲା ।'' ସେ ପୁଣି ସେହି ଆଙ୍ଗଲୋଇଣ୍ଡିଆନ୍ ଘରକୁ ଗଲା ? ସେ ଯେ ସେମାନଙ୍କୁ ଅତ୍ୟଧିକ ଘୃଣାକରେ । ସେମାନଙ୍କ ସଙ୍ଗେ ରହିବାକୁ ଭଲପାଏନାହିଁ ।'' ତା' ହେଲେ ସେ ଯିବ କୁଆଡ଼େ ? ଦିନକ ଭିତରେ ତଡ଼ିଦେଲେ ଏ ବିଦେଶରେ ସେ ବିଚରା ଯିବ କୁଆଡ଼େ ?''

Digitized by srujanika@gmail.com

"ଖୋକା ! ଖୋକା ! ମୁଁ ଏବେ କ'ଣ କରିବି ?"

"ଚୁପ୍ ଚୁପ୍, ଚାରିଆଡ଼େ ଋଇ, ଶୀଘ୍ର ବହି ବାହାରକର, ମୁଁ ବାରଣ୍ଡାରେ ଠିଆ ହୋଇଛି– ବହି ନେଇ ପଳାଇଯିବି ।" ମୁଁ ବହିର ସବା ପଛପଟେ ତରତର ହୋଇ ଲେଖିପକାଇଲି । ମୋ ହାତ କମ୍ପିଗଲା । ଧାଡ଼ି ବଙ୍କା ହୋଇଗଲା । ମୁଁ ଗୋଟିଏ ମିଥ୍ୟା କଥାକୁ ପ୍ରେମର ମୂଲ୍ୟ ଦେଇ ଅକ୍ଷୟ କରିଦେଲି, ସେଟା ମୁଁ ନିଜେ ମଧ୍ୟ ଜାଣିପାରିଲି ନାହିଁ – Mircea. Mircea. Mircea. I have told my mother that you have kissed me only on my forehead. ମୁଁ କହିଲି, "ଭାଇ ଖୋକା, ମୁଁ ଗୋଟିଏ ଚିଠି ଦେବି– ନେଇଯାଅ, ମିର୍ଚ୍ଚାଠାରୁ ଉତ୍ତର ନେଇଆସ ।" "ଯାହା କରୁଛ ଚଞ୍ଚଳ କର । ମାମୁ ଯଦି ଜାଣିପାରନ୍ତି, ତେବେ ମୋତେ ତଡ଼ିଦେବେ ।" ମୁଁ ଛୋଟ ଗୋଟିଏ କାଗଜରେ ଚିଠିଲେଖିବସିଲି । ଅନେକ କିଛି ଲେଖିବାର ଥିଲା; କିନ୍ତୁ କିଛି ହେଲେ ମନେପଡ଼ିଲା ନାହିଁ । କେବଳ ଦୁଇଟି ଜିନିଷ ମୋର ମନେପଡ଼ିଲା– "ମିର୍ଚ୍ଚା, ମୁଁ ତୁମକୁ ଭୁଲିବି ନାହିଁ । କେବେହେଲେ ଭୁଲିବି ନାହିଁ– ଭୁଲିପାରେନା–ମୁଁ ତୁମ ପାଇଁ ଅପେକ୍ଷା କରିବି । ସାରା ଜୀବନ ଧରି ଅପେକ୍ଷା କରିବି ।" ଏ ଦୁଇଟି କଥାରେ ମୁଁ କାଗଜଟା ପୂର୍ଣ୍ଣ କରିଦେଲି । କହିଲି, "ଖୋକା ! ଏ ଚିଠି ମିର୍ଚ୍ଚାକୁ ଦେଇଦିଅ । ତା'ପରେ ଯାହାହେଲେ କରାଯିବ ।"

ମୁଣ୍ଡ ନ କୁଣ୍ଡେଇ ମୋ ମୁଣ୍ଡରେ କେଶ ଜଟା ଧରିଯାଇଛି । ତଥାପି ମୋ ମା'ଙ୍କୁ ମୁଁ ମୁଣ୍ଡ କୁଣ୍ଡେଇବାକୁ ଦେଖାଏନାହିଁ । ତାଙ୍କ ସଙ୍ଗେ ସବୁବେଳେ ଖିଟିଖିଟି ଲଗେଇଥାଏ । ନିଜ ମନକୁ ମନ ପ୍ରତିଜ୍ଞା କଲି–ଭୁଲିବି ନାହିଁ, କେବେହେଲେ ଭୁଲିବି ନାହିଁ । ପ୍ରତିଜ୍ଞାଟା ନିଃଶବ୍ଦ ପଦସଞ୍ଚାର କରି ମୋ ଅଜ୍ଞାତରେ ବହିର୍ଜଗତ୍‌ରୁ ବିଚ୍ଛିନ୍ନ ମନଗହନରେ ପ୍ରବେଶ କଲା– ସେଠାରେ ଦିବାରାତ୍ରିର ପ୍ରବେଶ ନାହିଁ, ସନ୍ଧ୍ୟା ସକାଳ ନାହିଁ, ସୂର୍ଯ୍ୟର ଉଦୟ ନାହିଁ, ଚନ୍ଦ୍ର ବା ତାରା କିରଣ ଦିଅନ୍ତି ନାହିଁ । ମନର ସେହି ଅତଳରେ ପ୍ରତିଜ୍ଞାଟା ମହାଯୋଗନିଦ୍ରାରେ ଶୋଇପଡ଼ିଲା । ସେତେବେଳେ କିଏ ବା ଜାଣିଥିଲା ଯେ ତେୟାଳିଶ ବର୍ଷ ପରେ ତା'ର ନିଦ୍ରାଭଙ୍ଗ ହେବ !

ଦୁଇ-ତିନି ଦିନ ବିତିଗଲା– ମାତ୍ର ଖୋକାର ଦର୍ଶନ ନାହିଁ । ମୁଁ ଦିନେ ତାକୁ ଦେଖିଲି, ପଚାରିଲି, "ମୋ ବହି ଓ ଚିଠି ମିର୍ଚ୍ଚାକୁ ଦେଇଛୁ ?" "ହଁ" । "ତାପରେ ?" "ତାପରେ ଆଉ କ'ଣ ?" "ତାପରେ କ'ଣ ? କାହିଁକି ସେ କ'ଣ କିଛି କହିଲାନାହିଁ ?" "ନାହିଁ ତ ।" "ନାହିଁ ତ କ'ଣ ? ତୁ ଥରେ ଆଜି ଯା' ଭାଇ ! ତାକୁ କହ, ମୁଁ ଉତ୍ତର ଚାହେଁ ।" "ଆଚ୍ଛା ଠିକ୍ ଅଛି ।"

ସକାଳ ହେଉଛି । ରାତି ଆସୁଛି । କି ଅମୋଘ ନିୟମରେ ଚକ ବୁଲୁଛି । ସେହି ଘୂର୍ଣ୍ଣାୟମାନ ଚକ୍ର ଆମ ଭିତରର ସୁଖ, ଦୁଃଖ, ଶୋକ ଓ ଆନନ୍ଦକୁ ପରିସ୍ରୁତ କରି ଏକ ଭାବକୁ ଅନ୍ୟ ଭାବରେ ପରିଣତ କରୁଛି । ମୋ ମା' କହନ୍ତି, ଶୋକର ଦାହ ତିନି ଦିନ

Digitized by srujanika@gmail.com

ଥାଏ । ନିଆଁରେ ଜଳିଯିବା ପରି ମନେହୁଏ, ତା'ପରେ ଧୀରେ ଧୀରେ କମିଆସେ । ମାତା ପୁତ୍ରଶୋକ ଭୁଲେ, ବିଧବା ଉଠି ଠିଆହୁଏ । ପ୍ରତିଦିନ କ୍ଷୟ ହେଉଛି, ପୁଣି କ୍ଷତିପୂରଣ ମଧ ହେଉଛି । ସମସ୍ତେ ଏକଥା କାନରେ ଶୁଣି ବା ବହିରୁ ପଢ଼ି ଜାଣନ୍ତି; କିନ୍ତୁ ସେପରି ଜାଣିବାଟା ତ ପ୍ରକୃତ ଜାଣିବା ନୁହେଁ । ମୋର ଏଇ ଦୁଃଖ-ଦହନ ମୋତେ ଶିଖାଉଛି କିପରି ସତ୍ୟକୁ ଜାଣିବାକୁ ହେବ । ପ୍ରଥମେ ମୁଁ ଭାବିଥିଲି– ମୁଣ୍ଡବାଳ କାଟିପକାଇବି– ପାରିଲି ନାହିଁ । ବର୍ତ୍ତମାନ ଆଉ ସେପରି ଇଚ୍ଛା ହେଉନାହିଁ । ମନ ଭିତ୍ରୁ କିଏ କହୁଛି– ବାଳ କାଟି କ'ଣ ହେବ ? ଖୁବ୍ କଦର୍ଯ୍ୟ ଦିଶିବ ମୋ ରୂପଟା । ଏଇଟା ତ ଜୀବଲିପ୍ସା, ମୁଁ ତା' ଜାଣେ ।

ମା' ମୋତେ କହନ୍ତି ଯେ ଆମର ସୁଖ-ସଂସାରରେ ଆଞ୍ଚ ଆସିଛି । କାକୀମା' ଆଉ ବେଶି ଦିନ ଆମ ସଙ୍ଗେ ଏକାଠି ରହିବାକୁ ଇଚ୍ଛାକରନ୍ତିନାହିଁ । ମା' ମୁଣ୍ଡ ବାନ୍ଧି ଦେଉ ଦେଉ କହିଲେ, ''ରୁ' ! ଦୁଃଖପାଇବାର ବି ଗୋଟାଏ ମୂଲ୍ୟ ଅଛି । ସବୁ ଜ୍ଞାନୀ-ଗୁଣୀ ସେ କଥା କହିଯାଇଛନ୍ତି । ତୁ ଭଗବାନଙ୍କୁ ଡାକ– ସେ କେବଳ ତୋ ମନ ଠିକ୍‌କରିଦେବେ । ମନରେ ଶାନ୍ତି ଆଣିଦେବେ । ଦୁଃଖ ପାଇଲେ ସିନା ମଣିଷ ଈଶ୍ୱରଙ୍କ ଶରଣାଗତ ହେବ, ତା' ନୋହିଲେ କ'ଣ ହେବ ? 'ବାଣ ଖେଏ ଯେ ପଡ଼େ ସେ ଯେ ଧରେ ତୋମାର ଚରଣକେ' ।''

ମା' ଘରର ବତି ଲିଭେଇଦେଇ ଚାଲିଗଲେ । ଗୀତର ପଙ୍‌କ୍ତିଗୁଡ଼ିକ ମୁଁ ମନେ ମନେ ଆବୃତ୍ତି କଲି– ''ଆରାମେ ଯାର ଆଘାତ ଢାକା, କଲଙ୍କ ଯାର ସୁଗନ୍ଧ ।'' 'କଲଙ୍କ ଯାର ସୁଗନ୍ଧ !' ମୋର ତେବେ କଳଙ୍କ ହୋଇଛି । କଳଙ୍କ ଛଡ଼ା ଆଉ କ'ଣ ? ପ୍ରତିବେଶୀ ବୈଦ୍ୟନାଥବାବୁ କହିଛନ୍ତି ମୋତେ ଲକ୍ଷ୍ୟ କରି, ''ଏଇ ସବୁ ବଡ଼ଘରର କୀର୍ତ୍ତି । ଘର ଭିତରେ ଗୋଟେ ଖ୍ରୀଷ୍ଟିୟାନ୍ ଟୋକାକୁ ଭର୍ତ୍ତିକରି ଢଙ୍ଗ କରୁଛନ୍ତି ।'' ମୋ ବାପା ଖୁବ୍ ବିରକ୍ତ, ଆମେ ଏ ଘର ଛାଡ଼ିଦେବୁ । ଏପରି ଅଭଦ୍ର ସାହିରେ ରହିବା ଆଉ ଦରକାର ନାହିଁ । ସମସ୍ତେ ନିନ୍ଦାକରୁଛନ୍ତି । ମୋର ମନ ଆଚ୍ଛନ୍ନ, ଅଦ୍ଭୁତ ତନ୍ଦ୍ରାରେ ବୁଜି ହୋଇଆସୁଛି । କଲଙ୍କ ଯା'ର ସୁଗନ୍ଧ, ଧରେ ତୋମାର ଚରଣକେ ! ଦେହି ପଦପଲ୍ଲବମ୍ ଦେହି ମୁଖକମଳମଧୁପାନମ୍– ଗୀତର ପଙ୍‌କ୍ତିଗୁଡ଼ିକ ପିନାକୀ ହାତରେ ପିନାକ ହୋଇଯାଇଅଛି । ମୋ ଶିରରେ ଲାଗୁଛି ତା'ର ଟଙ୍କାର–ଝନ୍‌ନନ, ଝନ୍‌ନନ, ଧରେ ତୋମାର ଚରଣକେ– ମୁଁ ବିଛଣାରେ ଗଡ଼ିଯାଉଛି– ହଠାତ୍ ଖଟରୁ ଗଡ଼ିପଡ଼ିଲି । ଯେତେବେଳେ ଜ୍ଞାନ ଫେରିଲା, ବାପାଙ୍କୁ ଦେଖିଲି । ବାପା ମା'ଙ୍କୁ କହିଲେ, ''ଦୁଧ ଆଉ ବ୍ରାଣ୍ଡି ମିଶାଇ ଖାଇବାକୁ ଦିଅ ।''

ବାପା ମୋ ବହି ଆଲମାରି ନିକଟରେ ଠିଆହୋଇଛନ୍ତି । ତନ୍ନତନ୍ନ କରି ବହି ଖୋଜୁଛନ୍ତି । ଗୋଟି ଗୋଟି କରି କାଢ଼ି ଉପର ପୃଷ୍ଠା ଦେଖୁଛନ୍ତି । ମିର୍ଜା ଯେଉଁସବୁ ବହି ମୋତେ ଉପହାର ଦେଇଥିଲା, ସେ ସବୁର ଉପହାର ଲେଖାଥିବା ପୃଷ୍ଠାଗୁଡ଼ିକ ଚିରପକାଇଲେ । ଗେଟେଙ୍କ ଜୀବନୀ ବାହାରକରି ଦେଖିବାକୁ ଲାଗିଲେ । ଉପହାର ଲେଖାଟା ଖୋଜି ପାଇଲେ

Digitized by srujanika@gmail.com

ନାହିଁ । ସେଇଟା ପ୍ରଥମ ପୃଷ୍ଠାରେ ମଲାଟ ସଙ୍ଗେ ଲାଗିରହିଥିଲା । ସେଇ ଟିକକ ତା'ର ହାତର ଲେଖା ଏବଂ ଏକମାତ୍ର ଚିହ୍ନ– ସାରା ଜୀବନ ମୋ ପାଖେ ପାଖେ ରହିଛି । ତା' ଛଡ଼ା ଆଉ କିଛି ନାହିଁ – ତା'ର ଖଣ୍ଡେ ଫଟୋ ପର୍ଯ୍ୟନ୍ତ ନାହିଁ ।

ବାପା ଧୀରେ ଧୀରେ କାଗଜଗୁଡ଼ିକ ଟିକିଟିକି କରି ଚିରି ଝରକାବାଟେ ତଳକୁ ପକାଇଦେଲେ । ଅନ୍ୟ କାହାରି ଘର ହୋଇଥିଲେ, ହୁଏତ ବହିଗୁଡ଼ିକୁ ନଷ୍ଟ କରିଦିଆଯାଇଥାଆନ୍ତା; କିନ୍ତୁ ଆମ ଘରେ ତାହା ହେବନାହିଁ । ଆମ ଘରେ ବି ଚେଙ୍ଗିସ୍ ଖାଁ ଅଛନ୍ତି । ସେ ମଣିଷ ପୋଡ଼ିପାରନ୍ତି; କିନ୍ତୁ ବହି ନୁହେଁ– ବହି ତାଙ୍କର ଈଶ୍ୱର !

ବାପାଙ୍କ ଇଚ୍ଛାନୁସାରେ ଆମେ ଜଳବାୟୁ ପରିବର୍ତ୍ତନ କରିବା ପାଇଁ ମଧୁପୁର ଯିବୁ । ମନରେ ଉତ୍କଣ୍ଠା–ମିର୍ଚ୍ଚା ମୋ ଚିଠିର ଉତ୍ତର ଦେଲାନାହିଁ କାହିଁକି ? ଆମେ ଯେଉଁଦିନ ମଧୁପୁର ଯିବୁ, ସେଦିନ ଖୋକା ଆସିଥିଲା ଷ୍ଟେସନକୁ, ଜିନିଷପତ୍ର ଉଠାଇବାରେ ସାହାଯ୍ୟ କରିଥିଲା । ମୁଁ ତାକୁ ପଚାରିଲି, ''ମିର୍ଚ୍ଚା କ'ଣ କରୁଛି ଏବେ ?''

''ସେ ତ ଏଠାରେ ନାହିଁ, ହିମାଳୟ ଚାଲିଯାଇଛି ।''

''ହିମାଳୟ କାହିଁକି ଯିବ ? ଦାର୍ଜିଲିଂ ଯାଇଥିବ ।''

''ନା ନା, ସେ ହିମାଳୟ ଯାଇଛି, ହୃଷୀକେଶ– ସେ ସନ୍ନ୍ୟାସୀ ହୋଇଯାଇଛି ।''

''ସନ୍ନ୍ୟାସୀ ହେଲା କାହିଁକି ? ସେଥିପାଇଁ କ'ଣ ମୋ ଚିଠିର ଉତ୍ତର ଦେଲା ନାହିଁ ?''

ଟ୍ରେନ୍‌ରେ ଚଢ଼ି ମୁଁ ଶୋଇ ଶୋଇ କାନ୍ଦିବାକୁ ଲାଗିଲି । ବାପା ମା' ଦୁହେଁ ବୁଝିପାରିଲେ ଯେ ମୁଁ କାନ୍ଦୁଛି । କାନ୍ଦୁ କାନ୍ଦୁ ମୋ ଆଖିର ପାଣି ଶୁଖିଆସିଲା ! ଯନ୍ତ୍ରଣା କମିଆସିଲା । ଦୁଃଖ-ଦହନର ଗୋଟିଏ ଅଲୌକିକ ତୃପ୍ତି ଅଛି; ତା' ମୋ ମନକୁ ନିଦ୍ରିତ କରିପକାଇଲା । ମୁଁ ସେହି ସ୍ଥବିର ଜଗତ୍‌ରେ ହଠାତ୍ ଶୁଣିବାକୁ ପାଇଲି–ବାପା ମା'ଙ୍କୁ କହୁଛନ୍ତି, ''ତା' ଆଡ଼ର ଝରକାଗୁଡ଼ିକ ବନ୍ଦକରିଦିଅ, କାଳେ ସେ ଡେଇଁପଡ଼ିବ ।'' ମୁଁ ମନେ ମନେ ଭାବିଲି, ଏପରି କାର୍ଯ୍ୟ କେବେହେଲେ କରିବି ନାହିଁ । ଜୀବନ ସୁନ୍ଦର, ଦୁଃଖ ମଧ୍ୟ ସୁନ୍ଦର। ଏ ଜୀବନ ଆଲୋକ ପରି ଜଳିବ ।

ମଧୁପୁରରେ ଥିବା ଆମ ଘରଟି ଅତି ସୁନ୍ଦର । ଚତୁର୍ଦ୍ଦିଗ ଖୋଲା । ମୋ ଦେହ ଶୀତଳ ହୋଇଗଲା । ହିମାଳୟ ଯାଇ ମିର୍ଚ୍ଚାକୁ ନିଶ୍ଚୟ ଖୁବ୍ ଭଲଲାଗୁଥିବ । ପ୍ରକୃତି ନିଃଶବ୍ଦ ଓ ନୀରବରେ ଆମର ସେବା କରେ । ପ୍ରକୃତି ମା' ପରି । ମୋ ସଙ୍ଗେ ମୋ ମା' ଅଛନ୍ତି; କିନ୍ତୁ ତା' ସଙ୍ଗରେ ତ କେହି ନାହାନ୍ତି– ସେ ପୂରାପୂରି ଏକା । ଦିନେ ପୋଖରୀ କୂଳରେ ବସି ମା' ମୋତେ ଧୀରେ ଧୀରେ କହିଲେ, ''ରୁ, ନିଜ ମନକୁ ସମ୍ଭାଳି ନେ । ମିର୍ଚ୍ଚା ସଙ୍ଗେ ତୋର ଆଉ କେବେହେଲେ ଦେଖାହେବନାହିଁ ।''

''କାହିଁକି ମା ?''

''ତୋର ନିର୍ଦ୍ଦୟ ବାପା ତାକୁ ଶପଥ କରାଇଛନ୍ତି ଯେ, ସେ ଆଉ ତୋ ସଙ୍ଗେ କୌଣସି ସମ୍ପର୍କ ରଖିବ ନାହିଁ ।''

Digitized by srujanika@gmail.com

ମୁଁ ତ ମିଶନାରୀ ସ୍କୁଲରେ ପଢ଼ିଛି; 'ନନ୍'ମାନେ ଶପଥ ନେବାର କଥା ଶୁଣିଛି । ମୋତେ ହସ ମାଡ଼ିଲା । ସେ ଶପଥ ରଖିବ କାହିଁକି– ସେ କ'ଣ 'ନନ୍' ? ତା' ସଙ୍ଗେ ମୋର କେବେହେଲେ ଦେଖାହେବ ନାହିଁ– ଦୀର୍ଘଶ୍ୱାସ ପଡ଼ିଲା, ଛାତି ଭିତରଟା ହାହାକାର କରିଉଠିଲା ।

ଆମେ ଯେତେବେଳେ ମଧୁପୁରରେ ଥିଲୁ, ସେତେବେଳେ ଚଟ୍ଟଗ୍ରାମ ଅସ୍ତ୍ରାଗାର ଲୁଣ୍ଠନ ହୋଇଥିଲା । ଆମେ ଯାହାଙ୍କ ଘରେ ଥିଲୁ, ସେ ଲୁଣ୍ଠନ ସ୍ଥାନ ଓ ବ୍ୟକ୍ତିମାନଙ୍କ ସଙ୍ଗେ ବିଶେଷ ପରିଚିତ ଥିଲେ । ଆମର ସମବୟସ୍କ ତରୁଣମାନଙ୍କର ସାହସିକତାରେ ଆମେ ଗର୍ବ ଅନୁଭବ କରିବାକୁ ଲାଗିଲୁ । ମୋ ବାପାଙ୍କ ମତରେ ଏଗୁଡ଼ିକ ଥିଲା ପାଗଳାମି– ଏପରି ପାଗଳାମିର କୌଣସି ଅର୍ଥ ନଥିଲା । ଏହାଦ୍ୱାରା ସ୍ୱାଧୀନତା ମିଳିବ ନାହିଁ । ସ୍ୱାଧୀନତା ଏହାଦ୍ୱାରା ମିଳିବ କି ନାହିଁ, ମୁଁ ଜାଣେ ନାହିଁ– ମୋ ପାଇଁ ଏହା ଥିଲା ଗୋଟିଏ ବିରାଟ ଘଟଣା । ଯେଉଁମାନେ ଏତେ ବଡ଼ କାର୍ଯ୍ୟ କଲେ, ସେମାନେ ନିଶ୍ଚୟ ଖୁବ୍ ବୀର । ମୁଁ ଭାବୁଛି ଯେ ଏଭଳି ଗୋଟିଏ ବୃହତ୍ କାମରେ ଲିପ୍ତ ରହିଲେ, ନିଶ୍ଚୟ ମୋ ଦୁଃଖ ଚାଲିଯାଆନ୍ତା; କିନ୍ତୁ ନିଜ ବାଟ ଖୋଜିନେବାର ଉପାୟ ନଥିଲା ମୋର । ସେମାନେ ଦେଶକୁ ସ୍ୱାଧୀନ କରିବାକୁ ଚାହାଁନ୍ତି; ମାତ୍ର ମଣିଷକୁ ସ୍ୱାଧୀନ କରିବ କିଏ ? ମୋତେ ବା ମୋ ମା'ଙ୍କୁ ? ପୋଖରୀକୂଳରେ ବସି ମୁଁ ଭାବୁଥିଲି, ଯଦି ମୁଁ କେବେ ସୁଯୋଗ ପାଏ, ତେବେ ସମାଜର ସବୁ ସଂକୀର୍ଣ୍ଣ ନିୟମ ବିରୁଦ୍ଧରେ ଯୁଦ୍ଧ କରିବି । ମୋର ତ ବୟସ କମ୍; କିନ୍ତୁ ମା'ଙ୍କ ପରାଧୀନତା ହିଁ ମୋତେ ସବୁଠାରୁ ବେଶି ଖରାପ ଲାଗୁଛି । ନିଜ ଝିଅ ସମ୍ପର୍କରେ କୌଣସି ନିଷ୍ପତ୍ତି ନେବାର ଅଧିକାର ମଧ୍ୟ ତାଙ୍କର ନଥିଲା । ମୁଁ ଜାଣେ, ମା' ମୋର ଭଲପାଇବାଟାକୁ ସମ୍ମାନ କରନ୍ତି; କିନ୍ତୁ ତାଙ୍କର କୌଣସି ଉପାୟ ନଥିଲା ।

ମୋର ଏଇ ବିଶେଷ ଘଟଣାଦ୍ୱାରା ୧୯୩୦ ମସିହାକୁ ମୁଁ ଚିହ୍ନିତ କରିପାରେ– ତା' ନ ହେଲେ ମୋର ଅନୁଭୂତିରେ ବର୍ଷ ବା ତାରିଖ ନାହିଁ । ମୋ ନିକଟରେ ଦିନ ମାସ ବର୍ଷ ସବୁ ଅର୍ଥହୀନ । ଆକାଶରେ ଯେମିତି ଦିଗର ଚିହ୍ନ ନାହିଁ, ସୀମାବଦ୍ଧ ପୃଥିବୀଦ୍ୱାରା ଦିଗନିର୍ଣ୍ଣୟ କରାଯାଏ, ସେହିପରି ମହାକାଳରେ ପ୍ରବିଷ୍ଟ ଅନୁଭୂତିର ବର୍ଷ-ତାରିଖ, ସକାଳ-ସନ୍ଧ୍ୟା ନାହିଁ । ସେ ତା'ର ବିପୁଳ ବ୍ୟାପ୍ତି ନେଇ କାଳର ଉପସ୍ଥିତିକୁ ଅତିକ୍ରମ କରିଯାଏ । ସେତେବେଳେ ଦୂର ଓ ନିକଟ ମଧ୍ୟରେ ପ୍ରଭେଦ ନଥାଏ ।

ଘର ଭିତରଟାରେ ମୁଁ ଶୋଇଛି । ବାପାଙ୍କର ଚିତ୍କାର ଶୁଭିଲା, ''ପଡ଼ିରହି କାନ୍ଦିଲେ କ'ଣ ହେବ ? ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହୁଅ ।'' ମା' କହିଲେ, ''ସବୁଥିରେ କ'ଣ ଜୋର୍-ଜବରଦସ୍ତି ଚଳେ ? ନିଷ୍ଠୁର ହେବାର ଗୋଟାଏ ସୀମା ଅଛି ।'' ବାପା ଉତ୍ତର

Digitized by srujanika@gmail.com

ଦେଲେ, ''ତା' ବୋଲି କ'ଣ ଆମର ଆଖିଆଗରେ ଜୀବନଟା ନଷ୍ଟ କରିଦେବ ? ପରୀକ୍ଷା ଦେବ ନାହିଁ ।''

''ପରୀକ୍ଷା ଦବାଟା ଯଦି ଏତେ ଦରକାର ମନେକର, ତେବେ ସ୍କୁଲରୁ ତାକୁ ଛଡ଼େଇ ନେଇ ଆସିଲ କାହିଁକି ? ଏ ବର୍ଷ ତ ସେ ପରୀକ୍ଷା ଦେଇପାରିଥାଆନ୍ତା ।''

''ସ୍କୁଲରେ କ'ଣ ପାଠ ପଢ଼ାପଢ଼ି ହୁଏ ? ସ୍କୁଲ ଯାଇଥିଲେ ସେ କ'ଣ ଏତେ ସାହିତ୍ୟ ପଢ଼ିପାରିଥାଆନ୍ତା ! ସମସ୍ତ ରବୀନ୍ଦ୍ର-କାବ୍ୟ ତା'ର ମୁଖସ୍ଥ । ଏମ୍.ଏ. କ୍ଲାସର ଛାତ୍ରମାନେ ମଧ ଏତେ ପଢ଼ିନାହାନ୍ତି । ସେ କ'ଣ ଏତେ କବିତା ଲେଖିପାରନ୍ତା ? ମାଷ୍ଟ୍ରାଣୀମାନେ ହୋମ୍‌ୱାର୍କ ଦିଅନ୍ତି, କେବଳ ହୋମ୍‌ୱାର୍କ । ଲାଲ କାଲିରେ 'ଗୁଡ୍', 'ବ୍ୟାଡ୍', 'ଅଶ୍ୱଡିମ୍ବ' ।''

''ପଢ଼ାପଢ଼ି ସେ କରୁଛି– ପରୀକ୍ଷା ସେ ପରେ ଦେଇଦେବ ।''

''ନା ନା, ସେସବୁ ଚଳିବ ନାହିଁ, ପରୀକ୍ଷା ଦେବାକୁ ପଡ଼ିବ...ବାଃ ! ମୋ ଝିଅ ହୋଇ ସେ ପରୀକ୍ଷା ଦେବ ନାହିଁ ? କ'ଣ ଯେ ସର୍ବନାଶ ହୋଇଗଲା । ମୁଁ ତାକୁ ଏତେକରି ଗଢ଼ିଥିଲି; ସବୁ ମୋର ନଷ୍ଟ ହୋଇଗଲା ! ସେ ଆଉ କବିତା ଲେଖିବ ନାହିଁ, ପଢ଼ାପଢ଼ି କରିବ ନାହିଁ – ମୋର ଆଶା ଭରସା ସଂପୂର୍ଣ୍ଣ ନିର୍ମୂଳ ! ତା' ହେଲେ ତାକୁ ବାହାଦେଇଦିଅ ।''

ମୋ ପିତା ହାହାକାର କରିଉଠିଲେ । ମା' ତାଙ୍କୁ ସାନ୍ତ୍ୱନା ଦେବାରେ ଲାଗିଲେ, ''ମୋତେ ଟିକିଏ ସମୟ ଦିଅ । ତୁମର ଯାହା ଯେମିତି ଥିଲା, ସେମିତି କରିଦେବି ।'' ''ତୁମେ ତ ଠିକ୍ ଭାବରେ ଚଳୁନାହଁ । ତୁମେ ତା'ର ମନଟାକୁ ବିମୁଖ କର । ଝିଅକୁ କହ, ସେମାନେ ଇଉରୋପର ନାଗରିକ, ସେମାନେ ମୃଗୟାପଟୁ ।''

''ସେକଥା ମୁଁ ଆଦୌ କହିପାରିବି ନାହିଁ । ବିଚରା ପରପୁଅ ସନ୍ନ୍ୟାସୀ ହୋଇ ବଣଜଙ୍ଗଲରେ ବୁଲୁଛି । ତା' ପାଇଁ ତ କିଛି କରିପାରୁନାହିଁ, ତା' ଉପରେ ପୁଣି ଅପବାଦ ଦେବି କାହିଁକି ?''

''ରୁ'କୁ ଏକଥା କହିଲେ ମିର୍ଚ୍ଚାର ତ କିଛି କ୍ଷତି ହେବ ନାହିଁ । ସେ ତ ଏକଥା ଆଦୌ ଜାଣିପାରିବ ନାହିଁ । ଯୁଦ୍ଧରେ ଜିତିବାକୁ ହେଲେ ବୁଦ୍ଧିର ବ୍ୟବହାର କର, ଖାଲି ଭାବପ୍ରବଣ ହବାରେ ତ କିଛି ହେବ ନାହିଁ– "Nothing is wrong in love and war. "

ନା, ମୋର ସେପରି ମତ ନୁହେଁ, ମନ୍ଦଟା ମୋ ପାଖରେ ମନ୍ଦ, ବିବେକ ବିରୁଦ୍ଧରେ ମୋର ବୁଦ୍ଧି ବଡ଼ କରି ଲାଭ ନାହିଁ ।''

ମା'- ବାପାଙ୍କ ମଧ୍ୟରେ କଠିନ ତର୍କ ହେଲା । ମା' ସବୁବେଳେ ତର୍କ କରନ୍ତି । ମା'ଙ୍କର ନିଜସ୍ୱ ମତ ଅଛି; କିନ୍ତୁ ସେ ତାହା ପ୍ରୟୋଗ କରନ୍ତି ନାହିଁ । ସ୍ନେହ ପାଖରେ ସେ ପରାଭୂତ ହୋଇଯାଆନ୍ତି । ମା'-ବାପାଙ୍କର ତର୍କ ମୁଁ ଶୁଣୁଛି । କି ଆଶ୍ଚର୍ଯ୍ୟ, ମୋର ଯନ୍ତ୍ରଣାବିଦ୍ଧ ମନ ବାପାଙ୍କ କଥାକୁ ଗ୍ରହଣ କରିନେଉଛି ! 'ମୃଗୟା' କଥାଟାଇ ଠିକ୍ । ନହେଲେ ଚିଠିର

Digitized by srujanika@gmail.com

ଉତ୍ତର ଦେଲା ନାହିଁ କାହିଁକି ? ମୋତେ ଜଣାଇଲା ନାହିଁ ମୋର କ'ଣ କରିବା କର୍ତ୍ତବ୍ୟ । ସେ ତ ପୁରୁଷ; ପୁଣି ବୟସରେ ବଡ଼ । ସେ ଯଦି ମୋତେ ନ କହେ, ତେବେ ମୋ ପଥ କିଏ ଠିକ୍ କରିଦେବ ? ତା' ମାନେ ମୋତେ ଚାହେଁନା । ଖେଳର ସମାପ୍ତି ଘଟିଛି । ମୃଗୟା !

ଦିନକର କଥା ମନେପଡ଼ିଲା । ବାପା ଆମକୁ ଶକୁନ୍ତଳା ପଢ଼ାଉଥିଲେ । ଆମେ ତଳେ ମସିଣା ପାରି ବସିଛୁ । ମଝିରେ ବାପା । ମୁଁ ତାଙ୍କୁ ଦେଖିପାରୁଛି । ବାପାଙ୍କ ମୁହଁରୁ ଯେ ସଂସ୍କୃତ ଶୁଣିନାହିଁ, ସେ କେବେହେଲେ ସେ ଭାଷାର ଅପୂର୍ବ ସୌନ୍ଦର୍ଯ୍ୟ ବୁଝିପାରିବ ନାହିଁ । ସଂସ୍କୃତ ଭାଷା ତା'ର ସମସ୍ତ ମାଧୁର୍ଯ୍ୟ ଓ ଐଶ୍ୱର୍ଯ୍ୟ ସହ କାବ୍ୟର ଅର୍ଥକୁ ଶବ୍ଦାର୍ଥରୁ ଉତ୍ତୀର୍ଣ୍ଣ କରାଇ ମନର ପର୍ବେ ପର୍ବେ ଝଙ୍କାର ଉଠାଇଛି । ବାପା ପଢୁଥିଲେ- ''ନ ଖଲୁ ନ ଖଲୁ ବାଣଃ ସନ୍ନିପାତ୍ୟୋଽୟମସ୍ମିନ୍- ମୃଦୁନି ମୃଗଶରୀରେ ପୁଷ୍ପରାଶାବିବାଗ୍ନିଃ...''

ମୃଗୟାପଟୁ ନାଗରିକ ଦୁଷ୍ମନ୍ତ ଆସିଛନ୍ତି ଶିକାର କରିବାକୁ । ବଣମୃଗମାନେ ସରଳ, ଅସହାୟ ଓ କୋମଳ-ଦୁଷ୍ମନ୍ତ ରଥ ଉପରେ ଉଦ୍ୟତଧନୁ- ବର୍ତ୍ତମାନ ସେ ବାଣ ନିକ୍ଷେପ କରିବେ । ଅରଣ୍ୟବାସୀମାନେ ଏପରି ନିଷ୍ଠୁରତା କରିବାକୁ ନିଷେଧ କରୁଛନ୍ତି । ସେ ଦୁଇ ହାତ ଉତ୍ତୋଳନ କରି କହୁଛନ୍ତି, 'ମେରୋନା ମେରୋନା ବାଣ...ଫୁଲେର୍ ରାଶିତେ ଆଗୁନ ଦିଓନା ।'' ଏଇ ଧନୁ କାହାର ? ମଦନର । ଏଇ ମୃଗ କିଏ ? ଶକୁନ୍ତଳା, କୁସୁମ ତୁଲ୍ୟ କୋମଳା, ବଳ୍କଳ ପରିଧାନ କରି ମଧ୍ୟ ମନୋଜ୍ଞା । ପୁଷ୍ପାଭରଣା ଶକୁନ୍ତଳା, ଅନଭିଜ୍ଞା, ସରଳା-ନାଗରିକମାନଙ୍କର ଆଚାର-ଆଚରଣ ସେ କିଛି ହେଲେ ଜାଣନ୍ତି ନାହିଁ । ସେ ହିଁ ମୃଗ । ଦୁଷ୍ମନ୍ତ ଟିକିଏ ପରେ ତାଙ୍କୁ ଶରବିଦ୍ଧ କରିବେ; ପୁଷ୍ପରାଶିରେ ଅଗ୍ନି ସଂଯୋଗ କରିବେ । ଏଠାରେ ତା'ର ପୂର୍ବାଭାସ ଦିଆଯାଉଛି । ଏହା suggestive, ଯେଉଁ ଘଟଣା ପରେ ଘଟିବ, ଏଠି ତାହାର ଆଭାସ ଦିଆଗଲା ।

ମୁଁ ଭାବୁଛି, ଭାବିଚାଲିଛି, ବାପା ଠିକ୍ କଥା କହିଛନ୍ତି-'ମୃଗୟା' । ମୁଁ ତ ନଶ୍ୱୟ ସରଳା ନୁହେଁ । ମୋର ଅନେକ ଅଭିଜ୍ଞତା ହୋଇଛି । ମୋତେ ଶରବିଦ୍ଧ କଲେ ମଧ୍ୟ ମୁଁ ତାହା ଉତ୍ପାଟନ କରିବି...କରିବି । ତା' ପରଦିନ ମୁଁ ମା'ଙ୍କୁ କହିଲି, ''ମା' ! ତୁମେ ବାପାଙ୍କୁ କହ ମୁଁ ପରୀକ୍ଷା ଦେବି । ଆହୁରି ତିନି ମାସ ସମୟ ଅଛି । ସିଲାବସ୍ ଆଣିଦେଲେ ପରୀକ୍ଷା ଦେଇଦେବି । ତିନି ମାସ ସମୟ ଯଥେଷ୍ଟ ।''

ପ୍ରଥମେ ଯେଉଁଦିନ ବାପାଙ୍କ ପାଖରେ ପଢ଼ି ବସିଲି, ସେ ଦିନର ଅଭିଜ୍ଞତା ଦୁଃଖଜନକ ନୁହେଁ, କେବଳ ଆଜିକାଲିକା ଦିନରେ ସଂପୂର୍ଣ୍ଣ ଅବିଶ୍ୱାସ । ବାପା ମୋତେ କହିଲେ, ''ଅଭୂତତଭାବେ ବ୍ରିଃ'ର କେତେଗୁଡ଼ିଏ ଦୃଷ୍ଟାନ୍ତ ଲେଖ ।'' ମୁଁ ପାଠରେ ଆଦୌ ମନଦେଇପାରୁନାହିଁ । ବାପା ଟିକିଏ ଏପଟ ସେପଟ ବୁଲିଆସି ପାଖରେ ବସିଲେ । ମୁଁ ଖାଲି ଖାତାଟା ନେଇ ଶୂନ୍ୟଦୃଷ୍ଟିରେ ବସିରହିଛି । ବାପାଙ୍କ ବ୍ରହ୍ମରନ୍ଧ୍ର ଜଳିଗଲା । ଏଡ଼େ ଛୋଟ

Digitized by srujanika@gmail.com

ଝିଅଟାକୁ ସେ ଆୟତ୍ତକୁ ଆଣିପାରୁନାହାନ୍ତି !'' କହିଲେ, ''କ'ଣ ହୋଇଛି ତୋର ? ତୁ କ'ଣ ସବୁ ଭୁଲିଯାଇଛୁ ? ଲେଖୁନାହୁଁ କାହିଁକି ? ଲେଖ, ଲେଖ !'' ମୋ ହାତ ଅବଶ ହୋଇଗଲା, କିଛି ହେଲେ ମନେପଡ଼ିଲା ନାହିଁ । ବାପା ମୋ ଗାଲରେ ବ୍ରହ୍ମଚାପୁଡ଼ାଟିଏ ମାରିଲେ । ପାଞ୍ଚ ଆଙ୍ଗୁଳିର ଦାଗ ବସିଗଲା । କିନ୍ତୁ କି ଆଶ୍ଚର୍ଯ୍ୟ, ମୋତେ ଦରଜ ଲାଗିଲା ନାହିଁ । ମା' ଦୌଡ଼ିଆସି କହିଲେ, ''ହେଲା କ'ଣ ? ଏଡ଼େ ବଡ଼ ଝିଅକୁ ତୁମେ ମାରୁଛ ?'' ବହିଟିକୁ ଫିଙ୍ଗିଦେଇ ବାପା କହିଲେ, 'ଯାର ବଡ଼ ଜିଦ; ଅସହ୍ୟ, ଅସହ୍ୟ; ସେ ଇଚ୍ଛା କରି ପଢ଼ିବ ନାହିଁ ।'' ମା'ତ ଚୁପ୍ ରହିଲେ । ସେ ଦିନ ବାପାଙ୍କ ଉପରେ ନୁହେଁ, ମା'ଙ୍କ ଉପରେ ଅଭିମାନ ହୋଇଥିଲା । କାରଣ ବାପା ଯାହା ଠିକ୍ ମନେକଲେ ତାହା କରିପାରିଲେ; କିନ୍ତୁ ମା' ଯାହା ଠିକ୍ ମନେକଲେ, ତାହା ତ କରିପାରିଲେ ନାହିଁ । ମା' ଜୋରଜବରଦସ୍ତି ନିକଟରେ ମୁଣ୍ଡ ନୁଆଁଇଥା'ନ୍ତି । ଏ ଭୁଲ ପାଇଁ ତାଙ୍କୁ ଶାସ୍ତି ମଧ୍ୟ ମିଳିଥିଲା ।

ମଧୁପୁରକୁ ଆମେ ଜଳବାୟୁ ପରିବର୍ତ୍ତନ କରିବା ପାଇଁ ଯାଇଥିଲେ ମଧ୍ୟ ଆମର କାହାରି ସ୍ୱାସ୍ଥ୍ୟର ଉନ୍ନତି ଘଟିଲାନାହିଁ । ଆମେ ସମସ୍ତେ ପ୍ରାୟ ଭଗ୍ନସ୍ୱାସ୍ଥ୍ୟ ହୋଇ କଲିକତା ଫେରିଆସିଲୁ । ବାପା ମେଡ଼ିକେଲ୍‌ରେ ଭର୍ତ୍ତିହେଲେ; ତାଙ୍କର ସବୁପ୍ରକାର ପରୀକ୍ଷା ଚାଲିଲା । ବାପାଙ୍କ ପାଖକୁ ପ୍ରତିଦିନ ଅତିଥି ଅଭ୍ୟାଗତ, ଆତ୍ମୀୟସ୍ୱଜନ ବହୁସଂଖ୍ୟାରେ ଆସିବାକୁ ଲାଗିଲେ । ବାପାଙ୍କ ପାଇଁ ପ୍ରଚୁର ଖାଦ୍ୟ ପଠାହେଉଥିଲା ଓ ତାଙ୍କ ପାଖରେ ଥିଲା ପ୍ରଚୁର ବହି । କେବିନ୍‌ରେ ରହି ମୁଁ ବାପାଙ୍କର ସେବା କରୁଥାଏ । ଘରେ ମା ବଡ଼ ଅସହାୟ । ମୋ ସାନଭଉଣୀ ଅସୁସ୍ଥ । ଭାଇକୁ ଟାଇଫଏଡ୍ । ଶାନ୍ତି ଛଡ଼ା ମା'ଙ୍କୁ ସାହାଯ୍ୟ କରିବାକୁ କେହି ନାହିଁ । ଦିନେ ମୋତେ ଡାକ୍ତରଖାନାରେ ବାପା ଚୁପ୍‌ଚାପ ପଚାରିଲେ, ''ରୁ ! ତୁ କ'ଣ ଆଉ କବିତା ଲେଖିବୁ ନାହିଁ ?'' ମୁଁ ଚୁପ୍ କରି ରହିଲି । ସତ କହିବାକୁ ଗଲେ ମୁଁ ଇତିମଧ୍ୟରେ ବହୁତ କବିତା ଲେଖିଛି । କବିତାଗୁଡ଼ିକରେ ମୋ ମନକଥା ଏତେ ସ୍ପଷ୍ଟ ଯେ ତାକୁ ସମସ୍ତେ ବୁଝିପାରିବେ । ଏପରି ଲେଖା ଯାହାକୁ ଦେଖାଇବି, ସେ ମୋ ମନ ଭିତରଟା ଦେଖିପକାଇବ । ମୁଁ ପ୍ରାୟ ପୂରାପୂରି ଗୋଟିଏ ବହି ଲେଖିପକାଇଛି । ମୁଁ ଶୁଣିଛି- ବ୍ୟକ୍ତିଗତ ଜନିଷକୁ ନୈର୍ବ୍ୟକ୍ତିକ କରିବା ହିଁ ସାହିତ୍ୟର ଧର୍ମ । ମୁଁ ଯାହା କହିବି ତା ସମସ୍ତଙ୍କ ପାଇଁ; କିନ୍ତୁ ସେପରି ତ ହେଲାନାହିଁ । ବଡ଼ ନିର୍ଲଜ୍ଜ ପରି କେବଳ ମୋ କଥା ଲେଖିହୋଇଯାଉଥିଲା । ଅବଶ୍ୟ ଏସବୁ କବିତା ଚାରି-ପାଞ୍ଚ ବର୍ଷ ପରେ ମୁଁ ଜାଳିଦେବି । କିନ୍ତୁ ମୁଁ ବର୍ତ୍ତମାନ ଜାଣୁଛି ଯେ ସେତେବେଳେ ଯଦି ମୁଁ କବିତାଗୁଡ଼ିକ ଦେଖାଇଥାଆନ୍ତି, ତେବେ ସେ ନିଶ୍ଚୟ ରାଗିନଥାନ୍ତେ । ଯେଉଁ ବିଷୟ ଲେଖାହୋଇଗଲା ଏବଂ ତାହା ଯଦି ଭଲହୋଇଥାଏ, ତାହେଲେ ମୋ ପିତାଙ୍କ ନିକଟରେ ତାହା ଈଶ୍ୱର ପରି ହୋଇଯାଏ । ତାକୁ କିଏ ଲେଖିଲା, କାହିଁକି ଲେଖିଲା– ଏସବୁ ନେଇ ସେ ଆଦୌ ବ୍ୟସ୍ତ ହୁଅନ୍ତି ନାହିଁ । ମିର୍ଚ୍ଚାକୁ ମୁଁ ଭଲପାଏ, ଏଟା ତାଙ୍କ ପକ୍ଷରେ ଘୋର ଆପତ୍ତିଜନକ; କିନ୍ତୁ ପ୍ରେମ ଉପରେ

Digitized by srujanika@gmail.com

କବିତା ଲେଖିବା ବିଷୟରେ ସେ ଆପତ୍ତି କରିନଥାନ୍ତେ । ସେତେବେଳେ କହିଥାଆନ୍ତେ ଯେ ବିଭିନ୍ନ ଅଭିଜ୍ଞତା ହେବାଟା ଭଲ । ଚତୁର୍ଦ୍ଦିଗରେ ଆମର ଅବିଦ୍ୟା ଓ ମାୟା, ଏଇ ଅବିଦ୍ୟାଜଗତ୍ ମଧ୍ୟଦେଇ ଜ୍ଞାନଜଗତ୍‌ରେ ପହଞ୍ଚିବାକୁ ହେବ । "ଅବିଦ୍ୟାୟା ମୃତ୍ୟୁଂ ତୀର୍ତ୍ୱା ବିଦ୍ୟୟାଽମୃତମଶ୍ନୁତେ ।" ଅବିଦ୍ୟା ଦ୍ୱାରା ମୃତ୍ୟୁକୁ ପାରିହୋଇ ବିଦ୍ୟାଦ୍ୱାରା ଅମୃତ ଲାଭ କରାଯାଏ । ଜ୍ଞାନାମୃତ ପାନକରିବା ପାଇଁ ବାପା ସର୍ବଦା ଉନ୍ମୁଖ ଥିଲେ– ଅବିଦ୍ୟା-ଜଗତ୍‌ରେ ସୁଖ-ଦୁଃଖରେ କାତର ହୋଇ ଯେଉଁ ମଣିଷମାନେ ବାସକରନ୍ତି; ସେମାନଙ୍କ ପାଇଁ ତାଙ୍କର ତିଳେହେଲେ ଚିନ୍ତା ବା ଭାବନା ନଥିଲା । ସବୁରି ଉପରେ ମଣିଷ ସତ୍ୟ, ଏଟା ତାଙ୍କ ଜୀବନର ଆଦର୍ଶ ନଥିଲା ।

ମୁଁ ପ୍ରତିଦିନ ଡାକ୍ତରଖାନା ଯାଉଥିଲି, ବାପାଙ୍କର ସେବା କରୁଥିଲି, ଦିନସାରା ତାଙ୍କ ପାଖେ ପାଖେ ଥିଲି । ଯେତେ ଅତିଥି-ଅଭ୍ୟାଗତ ଆସୁଥିଲେ, ଷ୍ଟୋଭ୍‌ରେ ସେମାନଙ୍କ ପାଇଁ ଜଳଖିଆ ତିଆରିକରୁଥିଲି । ବାହାରୁ ମୋତେ ଯଦି କେହି ଦେଖେ, ତେବେ ଭାବେ ମୁଁ ସ୍ୱାଭାବିକ; କିନ୍ତୁ ମୋ ଭିତରଟା ଆଦୌ ସମ୍ଭାଳି ହେଉନଥାଏ । ମିର୍ଜ୍ଜା ସନ୍ନ୍ୟାସୀ ହୋଇ ବଣଜଙ୍ଗଲରେ ବୁଲୁଛି, ଏକଥା ମନେପଡ଼ିଲେ ହୃଦୟ ବିଦୀର୍ଣ୍ଣ ହୋଇଯିବା ପରି ମନେହୁଏ । ଯଦି ଜଙ୍ଗଲରେ ତାକୁ ସାପ କାମୁଡ଼ିଦିଏ, ତେବେ ମୁଁ ତାକୁ ଖୁନ୍ କଲି, ଏଇ କଥା ଭାବି ଅନୁଶୋଚନାରେ ମନ ଦଗ୍ଧହେଉଥାଏ । ମିର୍ଜ୍ଜା ତ ସାହେବ, ସେ ପୁଣି କିପରି ଜଙ୍ଗଲରେ ରହିଛି, ଭାବିଲେ ମୋତେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ । ସେମାନେ ତ ଖୁବ୍ ଭଲଭାବରେ ରହିବାରେ ଅଭ୍ୟସ୍ତ । ସେ ଆମ ଘରେ ଥିବାବେଳେ ବାପାଙ୍କ ନିର୍ଦ୍ଦେଶରେ ଖାଇବା ଟେବୁଲର ଚାଦରଟା ଦିନେ ଛଡ଼ା ଦିନେ ବଦଳାଇ ଦିଆଯାଉଥିଲା । ଇଉରୋପୀୟମାନେ ଅତି ପରିଷ୍କାର-ପରିଚ୍ଛନ୍ନ । ଏସବୁ କଥା ଯେତେବେଳେ ମନେପଡୁଥିଲା, ବାହାରଟା ସ୍ୱାଭାବିକ ରହିଥିଲେ ମଧ୍ୟ, ଭିତରଟା ସେତେବେଳେ ରକ୍ତାକ୍ତ ହୋଇଯାଉଥିଲା । ବାପାଙ୍କ ସାମନାରେ ଦୁର୍ବଳତା ପ୍ରକାଶ କରିବାକୁ ମୋତେ ଖୁବ୍ ଲାଜମାଡୁଥିଲା; ମୋର ଆତ୍ମସମ୍ମାନରେ ଆଞ୍ଚ ଲାଗୁଥିଲା । ବାହାରେ ମୁଁ ସ୍ୱାଭାବିକଭାବେ ହସ ଥଟ୍ଟା କରି ସମୟ କଟାଇବାକୁ ଚେଷ୍ଟାକଲେ ମଧ୍ୟ ଭିତରଟା ମୋର ଜଳିପୋଡ଼ି ପାଉଁଶ ହୋଇଯାଉଥିଲା । ଦିନେ ମୁଁ ଡାକ୍ତରଖାନାରେ ଅଜ୍ଞାନ ହୋଇପଡ଼ିଲି । ଡାକ୍ତର କହିଲେ, "ନର୍ଭସ୍ ବ୍ରେକ୍‌ଡାଉନ୍ ।"

ମୋ ପରୀକ୍ଷା ବିଷୟରେ ଗୋଟିଏ କଥା ମନେପଡ଼େ । ମୁଁ ପରୀକ୍ଷା ଦେବି, ଏଟା ତ ଆଗରୁ କେବେହେଲେ ଠିକ୍ ନଥିଲା । ବାପା ସେଥିପାଇଁ ସଂସ୍କୃତ ପ୍ରଶ୍ନପତ୍ର ତିଆରି କରିଥିଲେ । ଯେତେବେଳେ ପରୀକ୍ଷା ଦେବି ବୋଲି ଠିକ୍ କଲି, ସେତେବେଳେ ବାପା ପରୀକ୍ଷକ ପଦ ଛାଡ଼ିଦେଲେ । ପ୍ରଶ୍ନପତ୍ର ବାପା ତିଆରିକରିଥିଲେ, ମୋତେ ପଢ଼େଇଥିଲେ ମଧ୍ୟ; କିନ୍ତୁ ବିନ୍ଦୁମାତ୍ର ବୁଝିବାକୁ ଦେଇନଥିଲେ ଯେ ପ୍ରଶ୍ନ କ'ଣ ଥିଲା । ପରୀକ୍ଷା ଦେଇ ଆସିବା ପରେ ବାପା ହସିହସି କହିଲେ, "ପ୍ରଶ୍ନ କଣ ଥିଲା ? ପୂର୍ବରୁ କିଛି ଜାଣିପାରିନୁ

Digitized by srujanika@gmail.com

ନା ?'' ଆଜିକାଲି ଦେଖୁଛି–ବାପା ମା' ପିଲାମାନଙ୍କର ପ୍ରଶ୍ନପତ୍ର ସନ୍ଧାନରେ ବୁଲୁଛନ୍ତି; ଜାଲ-ଜୁଆଚୋରି କରିବାକୁ ମଧ୍ୟ ଦ୍ୱିଧା କରୁନାହାନ୍ତି । ସେତେବେଳେ ବାପା ମା' ଚାହୁଁଥିଲେ ଯେ ତାଙ୍କ ପିଲା ପ୍ରକୃତରେ ପଢ଼ାପଢ଼ି କରି ଜ୍ଞାନ ଆହରଣ କରନ୍ତୁ, ବର୍ତ୍ତମାନ ଚାହାଁନ୍ତି କେବଳ ଡିଗ୍ରୀ ।'' ଦେଶର ଏହା ଏକ ବିରାଟ ପରିବର୍ତ୍ତନ ନିଶ୍ଚୟ ।

ପ୍ରାୟ ବର୍ଷେ ହୋଇଗଲା, ଖୋକା ଆସିନାହିଁ, କି ମୁଁ ମିର୍ଚ୍ଚାର କିଛି ଖବର ପାଇନି । ବାପା ଓ ମା'ଙ୍କ ସହିତ ଝଗଡ଼ା କରି କକା ଖୁଡ଼ୀ ଚାଲିଯାଇଛନ୍ତି । କକାଙ୍କୁ ମୁଁ ଖୁବ୍ ଭଲପାଉଥିଲି । ପ୍ରତିଜ୍ଞା କଲି, ଆଉ କେବେହେଲେ ତାଙ୍କ ମୁହଁ ଚାହିଁବିନି ।

ଦିନେ ମୁଁ ଠିଆହୋଇଛି, ବାପା ଡ୍ରଇଂରୁମ୍‌ରୁ ହଠାତ୍ ବାହାରିଆସି କହିଲେ, ''କାଲି ମିର୍ଚ୍ଚା ଆସିଥିଲା ।'' ମୋ ଛାତି ଭିତରଟା ଥରିଉଠିଲା । ହେ ଈଶ୍ୱର ! ମୁଁ ଏବେ କ'ଣ ଶୁଣିବି ? ବାପା ପରିହାସ କରି କହିଲେ– ''ଦାଢ଼ି ରଖିଛି, ମୁହଁସାରା ଦାଢ଼ି । ସନ୍ନ୍ୟାସୀ ହୋଇଛି, ମୁଁ ତ ଚିହ୍ନିପାରିଲିନି...ହାଃ ହାଃ ହାଃ...''

ବାପା ମୋତେ ଡାକି କହିଲେ, ''ଗୁ ! ସେ ତା ଦେଶକୁ ଚାଲିଯିବ, ତା'ର 'କିଉରିଓ'ଗୁଡ଼ିକ ତୁମ ପାଖରେ ରହିଛି; ସେଗୁଡ଼ାକ ତା' ଗାଡ଼ିରେ ଦେଇଆସ ।'' ମୁଁ ମନେ ମନେ ଭାବୁଛି– କାହିଁକି ବା ସେ ଦାଢ଼ି ରଖିଲା ? ଏହା କ'ଣ ଶୋକ ? ମୁଁ ତ କିଛି କରିପାରିଲି ନାହିଁ । ମୁଣ୍ଡର ବାଳଟିକକ ମଧ୍ୟ କାଟିପାରିଲି ନାହିଁ । ସ୍ୱାର୍ଥପର, ମୁଁ ଭୟଙ୍କର ସ୍ୱାର୍ଥପର ।

ମିର୍ଚ୍ଚା ଥରେ ଦାର୍ଜିଲିଂ ଯାଇଥିଲା । ସେଠାରୁ ସେ ଖୁବ୍ ସୁନ୍ଦର ସୁନ୍ଦର ତିବ୍ବତୀୟ କିଉରିଓ ଆଣିଥିଲା । ସେଗୁଡ଼ିକ ଆମ ଘରେ ଥିଲା । ସେଗୁଡ଼ିକ ତା'ର ଚିହ୍ନସ୍ୱରୂପ ମୁଁ ପ୍ରତିଦିନ ଦେଖୁଥିଲି । ଆଜି ସ୍ୱହସ୍ତରେ ସେଗୁଡ଼ିକ ଗାଡ଼ିରେ ରଖିଦେଇ ଆସିଲି । ସେଥିରେ ମୋର ଦୁଃଖ ନାହିଁ । ପିଲାଦିନୁ ମୁଁ ମୂର୍ତ୍ତିପୂଜକ ନଥିଲି । ଭାବର ପ୍ରତୀକ ବସ୍ତୁ ନୁହେଁ । ତାର ତ ଖଣ୍ଡେ ହେଲେ ଫଟ ବି ନାହିଁ ମୋ ନିକଟରେ; କିନ୍ତୁ ସେଥିପାଇଁ ମୋ ମନରେ ଆଦୌ ଦୁଃଖ ନାହିଁ । ଫଟ ମୋର କ'ଣ ହେବ । ଫଟଦ୍ୱାରା କ'ଣ ମଣିଷ ମିଳିବ ?

ବାପା ଯେତେବେଳେ ତା'ର ମୁହଁସାରା ଦାଢ଼ି ହୋଇଛି ବୋଲି ବର୍ଣ୍ଣନା କରୁଥିଲେ, ସେତେବେଳେ ମୋ ପଞ୍ଜରାହାଡ଼ ଭାଙ୍ଗିଗଲା ପରି ମନେହେଉଥିଲା । ବାପା ଭାବୁଥିଲେ ଯେ ସେ କଥାଟାକୁ ହସି ହସି କହିଦେଲେ ମୁଁ ମଧ୍ୟ କୌଣସି ଗୁରୁତ୍ୱ ଦେବିନାହିଁ । କୌଣସି ମଣିଷ ଯଦି ମନରେ ଦୁଃଖ ପାଏ, ତେବେ ସେ କ'ଣ ଏପରି ବଣଜଙ୍ଗଲ ବା ପାହାଡ଼ରେ ବୁଲିପାରିବ ? ଏପରି କରିବାଟା କ'ଣ ସହଜ ? ତା' ମନର ଦୁଃଖ ସହିତ ଶରୀରର କଷ୍ଟ ମଧ୍ୟ ମିଶିଗଲା । ନିଜକୁ କଷ୍ଟ ଦେବାରେ ତା' ଭଳି ଆଉ କେହି ନାହିଁ । ଏଟା ଏକପ୍ରକାର ବୋକାମି କୁହାଯାଇପାରେ; କିନ୍ତୁ ସେଟାକୁ ତ ସେ ସମ୍ମାନ କରେ । ସତୀଦାହ ଭଳି ଭୟାବହ

Digitized by srujanika@gmail.com

ପ୍ରଥା ହୁଏତ ଆଉ ନାହିଁ; କିନ୍ତୁ ଆଈମା' ଯେତେବେଳେ ଗପ କହୁଥିଲେ ଯେ ତାଙ୍କ ପୂର୍ବପୁରୁଷରେ ଜଣେ ସତୀ ହୋଇଛନ୍ତି, ସେତେବେଳେ ତାଙ୍କ ମୁହଁ ଉଜ୍ଜ୍ୱଳ ହୋଇଯାଉଥିଲା । ନିରାଭରଣ ଉପବାସଜର୍ଜ୍ଜର ବୈଧବ୍ୟ ପରିହାସର ବସ୍ତୁ ନୁହଁ । 'କିଉରିଓ'ଗୁଡ଼ିକ ଗାଡ଼ିରେ ରଖୁ ରଖୁ ଭାବିଲି; ବାପା କ'ଣ କାହା ପାଇଁ ନିଜର ସ୍ୱାର୍ଥ ତ୍ୟାଗ କରିପାରିବେ ? ନିଜକୁ କଷ୍ଟ ଦେଇପାରିବେ ? ଅସମ୍ଭବ ! ବାପା କାହିଁକି ମିର୍ଚ୍ଚାକୁ ବିଦୃପ କଲେ ? He jests at scars who never felt a wound."–ମହିମାମୟ ସେକ୍‌ସପିଅର୍‌ଙ୍କ ଜ୍ଞାନଚକ୍ଷୁ ମୋ ମଧ୍ୟରେ ଉନ୍ମୀଳିତ ହେଲା ।

ମା'ଙ୍କ ମନରେ ଶାନ୍ତି ନାହିଁ । ସେ ଭାବୁଛନ୍ତି ମୋର ବିବାହ କଥା ! ମା'ଙ୍କ ପାଇଁ ସେଟା ଗୋଟିଏ ବଡ଼ ସମସ୍ୟା । ମୁଁ କ'ଣ ଆଉ କାହାକୁ କେବେହେଲେ ଭଲପାଇପାରିବି ? ସେଟା କ'ଣ ଉଚିତ ହେବ ? ପ୍ରେମ ତ ଗୋଟିଏ ବସ୍ତୁ ନୁହେଁ– ଯାହାକୁ ଜଣକ ପାଖରୁ ଅପହରଣ କରିନେଇ ଅନ୍ୟକୁ ଦିଆଯାଇପାରିବ ! ମଣିଷ ଏକଥା ଜାଣିଥିଲେ ମଧ୍ୟ ସମାଜ ଏକଥା ଜାଣେ ନାହିଁ ।

ମା' ଦିନେ ମୋତେ ପଚାରିଲେ, ''ରୁ ! ତୁ କ'ଣ କୌଣସି ମନ୍ତ୍ରପାଠ କରି ଆନୁଷ୍ଠାନିକଭାବେ ବିବାହ କରିଛୁ ?''

ମୁଁ କହିଲି, ''ମା' ! ତୁମେ ଆଉ ଥରେ ମଧ୍ୟ ଏପରି ପ୍ରଶ୍ନ କରିଥିଲ । ମୁଁ ତୁମକୁ କହିଥିଲି ଯେ ସେସବୁ କଥା ଆମ ମନକୁ ଆଦୌ ସ୍ପର୍ଶ କରିନଥିଲା ।''

''ତାହାହେଲେ ଡାକ୍ତରଖାନାରେ ଯେଉଁଦିନ ଅଜ୍ଞାନ ହୋଇପଡ଼ିଲୁ, ସେଦିନ ସେ ମନ୍ତ୍ର କହିଲୁ କାହିଁକି ?''

''କି ମନ୍ତ୍ର ?–ମମ ବ୍ରତେ ତେ ହୃଦୟଂ ଦଧାନ !''

''ନା ନା, ଇଂରାଜୀ ମନ୍ତ୍ର ।''

''ଇଂରାଜୀ ମନ୍ତ୍ର ? ମୁଁ ତ ତାଙ୍କ ସମାଜର ବିବାହ କେବେହେଲେ ଦେଖିନାହିଁ– ତେବେ ତାଙ୍କ ମନ୍ତ୍ର ଜାଣିବି କିପରି ? ମୋତେ କାହିଁକି ଅଯଥା ଅପବାଦ ଦେଉଛ ?''

''ଅପବାଦ ନୁହେଁ 'ରୁ' ! ଯଦି କରିଥାଉ ତେବେ ମୋତେ କହ ।''

''କ'ଣ ? ମନ୍ତ୍ରଟା କ'ଣ ?''

''ମୁଁ ଠିକ୍ ବୁଝିପାରିଲି ନାହିଁ । ସେଟା କିପରି ମନ୍ତ୍ର ହେବ– ସେ ତ କୌଣସି ମନ୍ତ୍ର ପରି ଶୁଭୁନଥିଲା; କିନ୍ତୁ ତୋ ବାପା କହିଲେ ଯେ ସେ ହେଉଛି ବିବାହ-ମନ୍ତ୍ର ।''

''ମନ୍ତ୍ରଟା କଣ ?''

"In sickness and in health..."

''ଇଏ ପୁଣି କି ମନ୍ତ୍ର ? ଏହା ତ ମୁଁ କେବେହେଲେ ଶୁଣିନାହିଁ ।''

Digitized by srujanika@gmail.com

ମା' ଏକ ଦୀର୍ଘ ନିଶ୍ୱାସ ପକାଇଲେ । ବହୁ ଦିନ ପରେ ମୋର ମନେପଡ଼ିଲା-ମୁଁ କୌଣସି ଗୋଟିଏ ସିନେମାରେ ସେ ମନ୍ତ୍ର ଲେଖାହୋଇଥିବାର ଦେଖିଥିଲି । ସେ ଥିଲା ଏକ ନିର୍ବାକ୍ ଚିତ୍ର । ମନ୍ତ୍ରଟାର ଅର୍ଥ ଏପରି–ସୁଖ ବା ଦୁଃଖ ଆସୁ, ରୋଗରେ ପଡୁ ବା ଭଲ ରହୁ, ଆମେ ପରସ୍ପରକୁ ଛାଡ଼ିପାରିବୁ ନାହିଁ; କେବଳ ମୃତ୍ୟୁ ଆମକୁ ଅଲଗା କରିପାରିବ (till death do us part) । ସେହି କଥାଟା ହୁଏତ ମୁଁ ସଂଜ୍ଞାହୀନ ଅବସ୍ଥାରେ କହିଥିବି । ଜାଣିଶୁଣି ତ ମୁଁ ସେ ମନ୍ତ୍ର କେବେହେଲେ କହିନାହିଁ । ଘଟଣାଟା ସେଥିପାଇଁ ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ । ମୋର ଦୁଃଖ, ମିର୍ଚ୍ଚାର କଷ୍ଟ, ସବୁ କିଛିକୁ ଉପେକ୍ଷା କରାଯାଇପାରେ; କିନ୍ତୁ ଯଦି ମନ୍ତ୍ରପାଠ ହୋଇଥାଏ, ତେବେ ତାହା ଅନତିକ୍ରମଣୀୟ । ମଣିଷ କିଛି ନୁହେଁ; ଅନୁଷ୍ଠାନହିଁ ସବୁ । ଏହି ମୋର ଦେଶ । ହୁଏତ ଏବେବି ସେହିପରି ଅଛି ।

କିନ୍ତୁ ମୋର ମା' ଯେ ପ୍ରକୃତରେ ଅନୁଷ୍ଠାନକୁ ଖୁବ୍ ମହତ୍ ବୋଲି ଭାବନ୍ତି ବା ସେ କୁସଂସ୍କାରରେ ପରିପୂର୍ଣ୍ଣ, ତାହା ନୁହେଁ; କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ସେ ବାପାଙ୍କ ସହିତ ଲଢ଼େଇ କରିବା ପାଇଁ ଗୋଟିଏ ଅସ୍ତ୍ର ଖୋଜୁଥିଲା । ଏତିକି ମାତ୍ର ।

ଯେତେବେଳେ ମୋର ବୟସ ସାତ ଓ ସାବିର ବୟସ ଦୁଇ, ସେତେବେଳେ ଜେଜୀମା, ଆମେ ଦୁଇ ଭଉଣୀ ଓ ଚମ୍ପା ପିଉସୀ ଦୁଇବର୍ଷ ପୁରୀରେ ରହିଥିଲୁ । ବାପା ସେତେବେଳେ ଥିଲେ ଲଣ୍ଡନରେ । ଦିନେ ଜଗନ୍ନାଥ ମନ୍ଦିରରେ ଦେବତାଙ୍କ ସମ୍ମୁଖରେ ଠିଆହୋଇଛୁ । କ'ଣ ଗୋଟେ ବିଶେଷ ଦିନ ବୋଲି ବହୁତ ଭିଡ଼...ଚାରିଆଡ଼େ ଠେଲାଠେଲି । ହଠାତ୍ ଜଣେ ମଧ୍ୟବୟସ୍କା ବିଧବା ଓ ତା' ସଙ୍ଗରେ ଥିବା ପନ୍ଦର-ଷୋହଳ ବର୍ଷର ପୁଅ ଆମ ଆଡ଼କୁ ଆଗେଇ ଆସିଲେ । ସେମାନେ ସିଧାସଳଖ ସାବି ହାତରେ ଗୋଟିଏ ମିଠା ଓ ମୋ ଗଳାରେ ଫୁଲମାଳଟିଏ ପିନ୍ଧାଇଦେଇ କହିଲେ, ''ଜଗନ୍ନାଥ ସାକ୍ଷୀ, ତୁମକୁ ମାଲ୍ୟଦାନ କଲି ।'' ତତ୍ପରେ ମାତାପୁତ୍ର ଜନଗହଳି ଭିତରେ ଅଦୃଶ୍ୟ ହୋଇଗଲେ । କିଏ ? କିଏ ? ବୋଲି ମୋ ଜେଜୀମା' ପାଟିକରି ଭିଡ଼ ମଧ୍ୟରେ ଖୋଜିବାକୁ ଲାଗିଲେ । ମୋ ମା' ମୋ ଗଳାରୁ ମାଳଟିକୁ ଛିଣ୍ଡାଇ ଫିଙ୍ଗିଦେଇ ଆମମାନଙ୍କୁ ସଙ୍ଗରେ ନେଇ ମନ୍ଥର ଗତିରେ ଘର ଆଡ଼କୁ ଯାତ୍ରାକଲେ । ଜେଜୀମା' କିଛି ସମୟ ପରେ ଫେରିଆସିଲେ । ଉଦ୍‌ଭ୍ରାନ୍ତଭାବେ କହିଲେ, ''ବୋହୂ ! କି ସର୍ବନାଶ ହେଲା ! ଜଗନ୍ନାଥ ସାକ୍ଷୀ ରହିଗଲେ ଯେ ।'' ମା' କହିଲେ, ''ଚୁପ୍ ରହନ୍ତୁ, ପାଗଳାମି କରି ଯଦି କେହି କିଛି କହନ୍ତି ବା କରନ୍ତି, ତେବେ ଜଗନ୍ନାଥ ନିଶ୍ଚୟ ଶୁଣିବେ ନାହିଁ ।'' ମୋ ଜେଜୀମା' କପାଳରେ କରାଘାତ କରି କହିଲାଗିଲେ, ''ବୋହୂ ! ଆଜି ଯେ ଅମୁକ ତିଥି ।'' ମା' ସଙ୍ଗେ ସଙ୍ଗେ ଉତ୍ତରଦେଲେ, ''ଏକଦମ୍ ଚୁପ୍ ରହନ୍ତୁ, ଆଉ ଥରେ ହେଲେ ଏପରି କଥା କହିବେ

Digitized by srujanika@gmail.com

ନାହିଁ– ନଚେତ୍ ମୁଁ କାଲି କଲିକତା ପଳାଇଯିବି ।'' ପରେ ମା' ମୋତେ କହିଥିଲେ, ''ସେମାନଙ୍କର ହୁଏତ କିଛି ମାନସିକ ଥିଲା, ଅମୁକ ତିଥିରେ ଜଗନ୍ନାଥଙ୍କ ସମ୍ମୁଖରେ କୌଣସି କୁମାରୀ କନ୍ୟାକୁ ମାଲ୍ୟାର୍ପଣ କରିବେ ।'' ଅଦ୍ଭୁତ ଏଇ ଦେଶ, ବିଚିତ୍ର ଏ ସଂସ୍କାର; ଯାହା କି ବିବେକୀ ଲୋକକୁ ବୋକା କରିଦିଏ ।

ମୋ ମା' ଯେ ପ୍ରକୃତରେ ସତ୍ୟାଶ୍ରୟୀ ଓ କୁସଂସ୍କାରମୁକ୍ତ ଥିଲେ, ତା'ର ଯଥେଷ୍ଟ ଦୃଷ୍ଟାନ୍ତ ରହିଛି । ସେ ଯାହା କରିପାରୁଥିଲେ, ସେଭଳି ଆମ ଦେଶର ଖୁବ୍ କମ୍ ସ୍ତ୍ରୀଲୋକ କରିପାରିବେ ।

୧୯୨୪-୨୫ ମସିହା କଥା– ମୋ ବୟସ ସେତେବେଳେ ଦଶ । କାଳୀଘାଟ ନିକଟରେ ଆମେ ଗୋଟିଏ ବଡ଼ ଘରେ ରହୁଥିଲୁ । ଘରର ଦୁଇପାଖରେ ଦୁଇଟା ଦରଓ୍ୱାନ ଘର ଥିଲା । ଗୋଟିଏ ଘରେ ଆମର ଦୁର୍ଦ୍ଦଣ୍ଡ ପ୍ରତାପୀ ଦରଓ୍ୱାନ ସୁରଜ୍‌ପାଲ୍ ରହୁଥିଲା । ହଠାତ୍ ଦିନେ ମୁଁ ଦେଖିଲି– ସୁରଜପାଲ ତା' ଘରୁ ଜିନିଷପତ୍ର କଢ଼ାକଢ଼ି କରି ଅନ୍ୟ ଏକ ଘରେ ରଖୁଛି । ମୁଁ ତାକୁ ପଚାରିଲି, ''ତୁମେ ଏ ଘର ଖାଲି କରୁଛ କାହିଁକି ?'' ସେ କହିଲା, ''ମାଇଜୀକା ହୁକୁମ୍ ।'' ''କାହିଁକି ? କାହାପାଇଁ ?'' ସେ କହିଲା, ''ମହାରାଣୀକା ବାସ୍ତେ ।'' ଅନେକ କିଛି ପ୍ରଶ୍ନ ପଚାରି ବୁଝିପାରିଲି ଯେ ଆମର ରାକରାଣୀ ପାଁଚି ହେଉଛି ତଥାକଥିତ ମହାରାଣୀ । ପାଁଚି ପାଇଁ ଘରଟି ଦରକାର ପଡ଼ିଲା । ସେ ବିଧବା, ଅସହାୟା, ତଦୁପରି ସନ୍ତାନବତୀ । ଜେଜୀମା' କହିଲେ– ପାଁଚି ପାପିଷ୍ଠା, ବିଧବା ଗର୍ଭବତୀ ହେବା ମହାପାପ । ମୁଁ ମା'ଙ୍କୁ ସେ କଥା କହିଲି । ମା' ବିସ୍ଫାରିତ ନୟନରେ କହିଲେ, ''ଛି ! ସନ୍ତାନ ଜନ୍ମ କରାଇବାର କ୍ଷମତା ଏକମାତ୍ର ଭଗବାନଙ୍କ ହାତରେ ଅଛି– ଏକଥା ମଣିଷ ହାତରେ ନାହିଁ । ମଣିଷ କ'ଣ ମଣିଷ ତିଆରି କରିପାରେ ? ବିଧବାର ଆଉ ମା' ନହେବାହିଁ ଉଚିତ; କିନ୍ତୁ ଭଗବାନ ମଧ୍ୟ ବେଳେବେଳେ ଭୁଲକରିପାରନ୍ତି । ସେତେବେଳେ ମଣିଷ ବଡ଼ କଷ୍ଟ ପାଏ । ମଣିଷର କଷ୍ଟ ହେଲେ, ବିପଦ ଆସିଲେ, ମଣିଷକୁ ସାହାଯ୍ୟ କରିବା ଉଚିତ । ସେଟା ତ ଆଦୌ ଅନ୍ୟାୟ ନୁହେଁ ।''

ଆମେ ଆମ ଆତ୍ମୀୟ-ସ୍ୱଜନ ଓ ଭୃତ୍ୟମାନଙ୍କ ସହ ଗୋଟିଏ ବଡ଼ ଦଳରେ କାଶୀ ଯାତ୍ରାକଲୁ । ସେଠାରୁ ବାପା, ମା, ମୁଁ, ମୋର ସାନଭଉଣୀ ଦିଲ୍ଲୀ, ଆଗ୍ରାବାଟେ ହୃଷୀକେଶ ଲଛମନ୍‌ଝୋଲା ଯିବୁ । ହୃଷୀକେଶ ଯିବୁ ଭାବି ମୋ ମନଟା ଆନନ୍ଦରେ ପୂରିଉଠିଲା । ମନ କହିଲା– ସେଠାକୁ ଗଲେ ମିର୍ଜା ସଙ୍ଗେ ଦେଖାହୋଇଯିବ; କିନ୍ତୁ ମୁଁ ତ ଜାଣେ ଯେ ସେ ତା'ର ନିଜ ଦେଶକୁ ଚାଲିଗଲାଣି । ତେବେ ମନ କାହିଁକି ଏପରି କହୁଛି ? ଯୁକ୍ତିର ବହିର୍ଭୂତ କେତେକ ଚିନ୍ତା ଆମ ସଙ୍ଗେ ଲୁଚକାଳି ଖେଳେ; ଏଇଟା ତା' ଭିତରୁ ଗୋଟାଏ । ହରଦ୍ୱାର, ହୃଷୀକେଶ ଛଡ଼ା ଭ୍ରମଣର ଅନ୍ୟ କୌଣସି ସ୍ଥାନ ମୋର ନାହିଁ । ହରଦ୍ୱାରଠାରୁ ଗୋଟିଏ ମଟର ଓ ଜଣେ ଗାଇଡ୍ ଯୋଗାଡ଼ କରି ଆମେ ସ୍ୱର୍ଗଦ୍ୱାର ଆଡ଼କୁ ଯାତ୍ରାକଲୁ । ମୁଁ ଏହି

Digitized by srujanika@gmail.com

ପ୍ରଥମଥର ହିମାଳୟର ଆଶ୍ରୟ ପାଇପାରିଲି । ଦେବତାର ଆଶ୍ରୟ ପରି ତାହା ନିଶ୍ଚିନ୍ତ ଓ ଶାନ୍ତିପୂର୍ଣ୍ଣ । ସମୁଦ୍ରପବନର ପ୍ରଭାବ ମନ ଉପରେ ପଡ଼େ ସତ; କିନ୍ତୁ ତାହା ପାହାଡ଼ର ପ୍ରଭାବ ପରି ନୁହେଁ । ଚତୁର୍ଦ୍ଦିଗରେ ସରଳ ଉଚ୍ଚ ବୃକ୍ଷରାଜି । ମୁଁ ଅବଶ୍ୟ ଏ ବୃକ୍ଷମାନଙ୍କର ନାମ ଜାଣେନାହିଁ । ଏପରି ଖରସ୍ରୋତା ନଦୀ କେବେହେଲେ ଦେଖିନାହିଁ । ପବନର ଏପରି ସୁଖକର ସ୍ପର୍ଶ କେବେହେଲେ ପାଇନାହିଁ । ଶୀତଳ ପବନରେ ମୋ ହୃଦୟର ଅଗ୍ନି-ସ୍ଫୁଲିଙ୍ଗ ନିର୍ବାପିତ ହେଲା ପରି ମନେହେଲା । ମିର୍ଚ୍ଚା ଏଠାକୁ ଆସି ଖୁବ୍ ଭଲକରିଥିଲା । ପବନ ତ ଖାଲି ଶୀତଳ ନୁହେଁ, ପବନରେ ଆହୁରି ମଧ୍ୟ କିଛି ରହିଛି । କ'ଣ ଅଛି ? ନଗାଧିରାଜ ହିମାଳୟଙ୍କର ମହିମା ମୁଁ ବା କ'ଣ ଜାଣେ ? ମୁଁ ତ ପୂର୍ବେ କେବେହେଲେ ଭାବିନଥିଲି ଯେ ପ୍ରକୃତି ମଣିଷ ମନକୁ ଶାନ୍ତ କରିପାରେ । ଶକୁନ୍ତଳା ପଦ୍ମପତ୍ରରେ ଶୋଇଥିବାର ବର୍ଣ୍ଣନା କରାଯାଇଛି । ମୁଁ ସେତେବେଳେ ଭାବୁଥିଲି ଯେ କବିତ୍ୱରେ ଏକପ୍ରକାର ସମ୍ଭବପରତା ରହିବା ଦରକାର । ମୋତେ ପଦ୍ମଫୁଲରେ କବର ଦେଲେ ମଧ୍ୟ ମୁଁ ଶାନ୍ତି ପାଇବି ନାହିଁ ।

ଆମେ ଏକ ସମତଳଭୂମି ମଧ୍ୟରେ ଚାଲିଛୁ । ଦୁଇ ଆଡ଼େ କାଶଫୁଲର ଜଙ୍ଗଲ । ସେଗୁଡ଼ିକ ଆମ ଗାଡ଼ିଠାରୁ ଆହୁରି ଉଚ୍ଚ । ହଠାତ୍ ଆମ ଗାଡ଼ିଟା ଖରାପ ହୋଇଗଲା । ଏହି ସମୟରେ ଗାଇଡ୍ ଆମକୁ ଏଠାରେ ସିଂହ ରହେ ବୋଲି କହିବାରୁ ଆମେ ଆତଙ୍କିତ ହୋଇଗଲୁ ।

ମୁଁ ମନେ ମନେ ଭାବିଲି – ଆମେ ଏତେ ଜଣ ଅଛୁ, ତଥାପି ଆମକୁ ଡରଲାଗୁଛି; ଅଥଚ କେହି ଯଦି ଏକୁଟିଆ ବୁଲେ, ତେବେ ତାକୁ କିପରି ଲାଗୁଥିବ ? ସ୍ୱର୍ଗଦ୍ୱାରରୁ ଆମେ ନୌକାରେ ନଦୀର ଅପରପାର୍ଶ୍ୱକୁ ଯାତ୍ରାକଲୁ । ଏହି ପ୍ରଥମ ମୁଁ ପାର୍ବତ୍ୟ ନଦୀ ଦେଖିଲି । ଏହା ପରେ ତ ମୋତେ ବହୁ ବର୍ଷ ଏଭଳି ନଦୀ ତୀରରେ ବିତେଇବାକୁ ପଡ଼ିଛି । ପାର୍ବତ୍ୟ ଅଞ୍ଚଳ ଦେଇ ନଦୀଟି ବୋହିଆସୁଛି । ପ୍ରବଳ ଖରସ୍ରୋତା ନଦୀର ସ୍ୱଚ୍ଛ ଜଳରାଶି ଘୂର୍ଣ୍ଣାୟମାନ, କଦବା ଉର୍ଦ୍ଧ୍ୱୋତ୍‌ଥିତ, ଚୂର୍ଣ୍ଣୀଭୂତ ।

ପାହାଡ଼ କନ୍ଦରରେ ଛୋଟ ଛୋଟ ଗୁହା । ସାଧୁମାନେ ତପସ୍ୟା କରନ୍ତି । ପ୍ରତ୍ୟେକଙ୍କ ପାଇଁ ଗୋଟିଏ ଗୋଟିଏ ଗୁହା– ନାନାପ୍ରକାର ଆସନରେ ବସିଛନ୍ତି ସାଧୁମାନେ । ଅଧିକାଂଶ ପଦ୍ମାସନରେ ବସି ତପସ୍ୟା କରୁଛନ୍ତି । କେହି କେହି ଭସ୍ମବିଭୂଷିତ ଜଟାଧାରୀ, କିଏ ବା ମୁଣ୍ଡିତମସ୍ତକ । କାହାରି ହାତରେ କମଣ୍ଡଳୁ ତ କାହାରି ହାତରେ ତ୍ରିଶୂଳ । ପୁଣ୍ୟଲୋଭୀ ଧନିବ୍ୟକ୍ତିମାନେ ଏମାନଙ୍କର ଖାଦ୍ୟପେୟର ସୁବ୍ୟବସ୍ଥା କରିଛନ୍ତି । ଆମେ ବୁଲାବୁଲି କରୁଥିବା ସମୟରେ ଗାଇଡ୍ ଗୋଟିଏ ଗୁହା ଦେଖାଇଦେଇ କହିଲା, ‘‘ଏଠାରେ ଜଣେ ସାହେବ ଥିଲେ କିଛି ଦିନ ପାଇଁ, ବର୍ତ୍ତମାନ ଆଉ ନାହାନ୍ତି, ଚାଲିଗଲେଣି; ଗୁହାଟା ଖାଲି ।’’ ବାପା ଠିଆହୋଇପଡ଼ିଲେ; ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇ କହିଲେ, ‘‘ନିଶ୍ଚୟ ସେଇ ହୋଇଥିବ । କର୍ମଫଳ ଛଡ଼ା ଆଉ କ'ଣ କୁହାଯିବ ? ଆସିଲା ପଢ଼ାପଢ଼ି କରିବାକୁ; ଆଉ ତା' ବଦଳରେ

Digitized by srujanika@gmail.com

ବଣ-ଜଙ୍ଗଲରେ ବୁଲିବୁଲି ଫେରିଗଲା ।'' ମୁଁ ବୁଝିପାରିଲି ଯେ ମିର୍ଜା ପାଇଁ ତାଙ୍କର ଦୁଃଖ ହେଉଛି; କାରଣ ସେ ତାକୁ ଖୁବ୍ ଭଲପାଉଥିଲେ । କେବଳ ମୋ'ରି ପାଇଁ ଏ ସବୁ ଘଟିଲା; କିନ୍ତୁ ମୋ'ର କ'ଣ ଦୋଷ ? ଖେଳ କିଏ ଆରମ୍ଭ କରିଥିଲା– ମୁଁ ନା ସେ ?

ଆମେ ଧାଡ଼ିବାନ୍ଧି ଅଗ୍ରସର ହେଉଛୁ । ସରଳ ବୃକ୍ଷରାଜିର ଛାୟାବନ୍ଧୁର ପଥକୁ ଆବୃତ କରି ରଖିଛି । ପାଖ ଗୁହାରେ ଜଣେ ସାଧୁ ଛୋଟ ଗୋଟିଏ ବାଡ଼ିରେ ମୁହଁ ରଖି ବସିଥିଲେ । ତାଙ୍କୁ ଦେଖି ବୁଝିପାରିଲୁ ଯେ ସେ ଅନ୍ୟମାନଙ୍କ ପରି ନୁହଁନ୍ତି । ଗାଇଡ୍ କହିଲେ, ''ଏ ଜଣେ ଜଜ୍ ଥିଲେ; ଈଶ୍ୱରଙ୍କ ଆହ୍ୱାନ ଶୁଣି ସବୁକିଛି ଛାଡ଼ିଦେଇ ଏଠାକୁ ଦୁଇ ବର୍ଷ ହେଲା ଚାଲିଆସିଛନ୍ତି । ସେ କେଉଁଠାକୁ ହେଲେ ଯାଆନ୍ତି ନାହିଁ । ପ୍ରତି ଦୁଇ ଦିନରେ ଥରେ ଖାଆନ୍ତି । ପଦେ ହେଲେ କଥା କୁହନ୍ତି ନାହିଁ କି ଶୁଅନ୍ତି ନାହିଁ । ସବୁବେଳେ ଏହିପରି ବସିଥାଆନ୍ତି । କୃଚ୍ଛସାଧନା କଥାଟା ଶୁଣିଲେ ମନରେ ମୋର ଖୁବ୍ ଭକ୍ତି ଆସେ । ମୁଁ ତ ଟିକିଏ ହେଲେ କୃଚ୍ଛସାଧନା କରିପାରେ ନାହିଁ । ମନେ ମନେ ଭାବିଲି– ପାଖ ଗୁହାରେ ଯେଉଁ ସାହେବ ଥିଲେ, ସେ ମିର୍ଜା କି ନୁହେଁ ସେ କଥା ସାଧୁଙ୍କଠାରୁ ବୁଝିନେବି । ସାଧୁଙ୍କ ଗୁହାମୁହଁରେ ମୁଁ ଝୁଣ୍ଟିପଡ଼ିଲି । ମୋ ଗୋଡ଼ ଦରଜ ହୋଇଗଲା । ବାପା ଓ ମା'ଙ୍କୁ ଅନୁରୋଧ କଲି ଆଗେଇଯିବା ପାଇଁ । ବାପା ଓ ମା' ଅଗ୍ରସର ହେଲେ । ମୁଁ ସେହି ଜଜ୍ ସାଧୁଙ୍କ ନିକଟସ୍ଥ ହୋଇ କହିଲି, ''ଆପଣ ସିନା କଥା କହୁନାହାନ୍ତି; କିନ୍ତୁ ଆପଣ ତ ସାଧୁ, ଜଗତ୍‌ର ଦୁଃଖକଷ୍ଟ ଦୂର କରିବା ଆପଣଙ୍କ କର୍ମ । ଆପଣଙ୍କ ପାଖ ଗୁହାରେ ଯେଉଁ ସାହେବ ଥିଲେ, ତାଙ୍କ ବିଷୟରେ ମୋତେ କିଛି କହନ୍ତୁ । ତାଙ୍କ ନାଁ ମିର୍ଜା କି ?''

ସନ୍ନ୍ୟାସୀଙ୍କ ନିସ୍ପୃହ ପ୍ରତିକ୍ରିୟାର କୌଣସି ଲକ୍ଷଣ ନାହିଁ । ମୁଁ କାନ୍ଦି କାନ୍ଦି କହିଲି, ''ଦୟାକରି କହନ୍ତୁ, ମୋର ଜାଣିବା ନିତାନ୍ତ ଦରକାର, ଗୋଟିଏ କଥା କହିଦେଲେ କ'ଣ ଆପଣଙ୍କର ସାଧନା ନଷ୍ଟ ହୋଇଯିବ ?'' ତଥାପି କୌଣସି ଫଳ ହେଲା ନାହିଁ । ଇତିମଧ୍ୟରେ ଆଉ ଜଣେ ସନ୍ନ୍ୟାସୀ ଗୁହା ନିକଟରେ ଆସି ଠିଆହେଲେ । ଜଟାଧାରୀ ସନ୍ନ୍ୟାସୀଙ୍କ ପାଖରେ ଗୋଟିଏ ସୁନ୍ଦରୀ ତରୁଣୀର ରୋଦନ ତାଙ୍କୁ ଅଭିଭୂତ କରିଦେଲା । ସେ କହିଲେ, ''ତୁମେ ଯେତେ କ୍ରନ୍ଦନ କର, ସେ ଆଦୌ କଥା କହିବେ ନାହିଁ ମା' ! ତୁମେ କ'ଣ ଜାଣିବାକୁ ଚାହଁ ?'' ସେ ଗୁହାରେ ଯେଉଁ ସାହେବ ଥିଲେ ତାଙ୍କ ନାଁ କ'ଣ ?'' ''ତାଙ୍କ ନାଁ ମୁଁ ଜଣେନାହିଁ । ସାଧୁସନ୍ନ୍ୟାସୀଙ୍କର ନାଁ କଣ କେହି ପଚାରିଥାଏ ?'' ''ତୁମେ ତାଙ୍କୁ ଦେଖିଛ ?'' ''ହଁ ।'' ''ଦେଖିବାକୁ କିପରି ?'' ''ସାହେବ ପରି ।'' ''ସାହେବ ପରି... ମାନେ କ'ଣ ?'' ''ଗୌରବର୍ଣ୍ଣ ।'' ଡେଙ୍ଗା ? ଆଖିରେ ଚଷମା ଅଛି ?'' ସାହେବ ସାଧୁ କେତେ ଡେଙ୍ଗା ତାହା ସେ ହାତଦ୍ୱାରା ଦେଖାଇଦେଲେ; କିନ୍ତୁ ଆଖିରେ ଚଷମା ଅଛି କି ନାହିଁ, ତାହା ସେ କହିପାରିଲେ ନାହିଁ । ମୁଁ ଫେରିଆସି ସେ ଗୁହା ଭିତରକୁ ପ୍ରବେଶ କଲି । ଚାରିଆଡ଼କୁ ଚାହିଁ ଦେଖୁଥାଏ ଯଦି ତା' ନାଁଟା କେଉଁଠି ହେଲେ ଦେଖିବାକୁ ମିଳେ । ମୋ ଛାତିରେ

Digitized by srujanika@gmail.com

ଅବ୍ୟକ୍ତ ଯନ୍ତ୍ରଣା; କାଲ୍ଲୁରେ ତା' ନାଁଟା ଦେଖିଲେ ବୋଧହୁଏ ତାକୁଇ ଦେଖିପକାଇବି । ବାପା ମା' ଏହିକ୍ଷଣି ଆସିଯିବେ । ମୁଁ ପାଗଳ ପରି ଖୋଜିବୁଲିଛି । କେଉଁଠି ହେଲେ କିଛି ଲେଖା ନାହିଁ; କେବଳ ବଙ୍ଗଳା ଅକ୍ଷରରେ କେତୋଟି ଅଙ୍କ କଷାହୋଇଛି । ମୋ ଅନ୍ତରରେ ବୁଦ୍ଧି ଓ ଅଜ୍ଞତା ମଧ୍ୟରେ ଲଢ଼େଇ ଚାଲିଛି । ଅଜ୍ଞତା କହୁଛି– ମିର୍ଜା ମୋତେ ଇଚ୍ଛା କରି କଷ୍ଟ ଦେଇଛି । ସେ କ'ଣ ଏଠି ତା ନାଁଟା ଲେଖି ଯାଇପାରନ୍ତା ନାହିଁ ? ସେଥିରେ ତ ଆଉ ବାପା ତାକୁ ଗାଳିଦିଅନ୍ତେନାହିଁ । ପୁଣି ବୁଦ୍ଧି କହୁଛି– ଆରେ ! ସେ କିପରି ଜାଣିବ ଯେ ତୁମେ ଏଠାକୁ ଆସିବ ? ସେଥିପାଇଁ ଏତେ ବ୍ୟସ୍ତ ହେବାର କାରଣ କ'ଣ ? ଏତେ ରାଗୁଛ ବା କାହିଁକି ? କିନ୍ତୁ ମୁଁ ଅଭିମାନର ସମୁଦ୍ରକୁ ନିୟନ୍ତ୍ରଣ କରିପାରୁନାହିଁ । ତା'ର ଉତ୍ତାଳ ତରଙ୍ଗ ଉଠୁଛି । ମୋର କି ଶକ୍ତି ବା କି ସାଧନା ଅଛି ଯେ ତା' ସଙ୍ଗେ ଯୁଦ୍ଧ କରିବି ? ସେ ଯେ ଏଠାରେ ତା'ର ନାଁଟା ପର୍ଯ୍ୟନ୍ତ ଲେଖିନାହିଁ, ତାହା କେବଳ ମୋ ସହିତ ସମ୍ବନ୍ଧ ତୁଟାଇବା ପାଇଁ; ଆଉ କି ଉଦ୍ଦେଶ୍ୟ ବା ଥାଇପାରେ ? ବାପା କିଛି ଦୂରରେ ଗାଇଡ୍ ସହିତ କଥାବାର୍ତ୍ତା ହେଉଥିଲେ । ତାଙ୍କ ସ୍ୱର ଶୁଣି ମୁଁ ବାହାରିଆସି ଜଜ୍ ସାଧୁଙ୍କ ପାଖରେ ବସିଲି । ଭାଗ୍ୟବଶତଃ ଲୋକଟି କଥା କୁହେନାହିଁ, ତା' ନହେଲେ ବାପାଙ୍କୁ କହିଦିଅନ୍ତା । ଆମେ ରାସ୍ତା ପାରିହୋଇ ଘାଟଆଡ଼କୁ ଚାଲିଲୁ । ନୌକାରେ ଅସମ୍ଭବ ଭିଡ଼ । ଦଉଡ଼ି ଧରି ବସିବାକୁ ପଡ଼େ । କିଛି ଦିନ ପୂର୍ବେ ଗୋଟିଏ ନୌକା ଖଣ୍ଡେ ପଥରରେ ବାଡ଼େଇହୋଇଯିବାରୁ ନୌକାଟି ଓଲଟିପଡ଼ିଲା ଓ ତିରିଶଜଣଯାକ ଲୋକ ମରିଗଲେ । ଏହି ନଈ ଭିତରେ ଥରେ ଖସିପଡ଼ିଲେ ଆଉ ରକ୍ଷାନାହିଁ; ସ୍ରୋତ ଏତେ ପ୍ରଖର ଯେ ମଣିଷର ଦେହଟା ପଥରରେ ଧକ୍‌କା ଖାଇ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯିବ । ମୁଁ ନୌକାକଡ଼ରେ ବସିଛି । ଡାହାଣ ହାତ ବଢ଼ାଇ ପାଣି ସ୍ପର୍ଶ କରୁଛି । ମନେ ମନେ ଭାବୁଛି–ମିର୍ଜା ନିଜ ନାଁଟା ପର୍ଯ୍ୟନ୍ତ ଲେଖିଲାନାହିଁ, ତାକୁ ଉପଯୁକ୍ତ ଶାସ୍ତି ଦେବାର ଏଇଟା ହିଁ ପ୍ରକୃଷ୍ଟ ସମୟ । ମୁଁ ଯଦି ପଡ଼ିଯାଏ, ତେବେ ମୁହୂର୍ତ୍ତକ ମଧ୍ୟରେ ଶେଷହୋଇଯିବି । ମୁଁ ତ କୃଚ୍ଛ୍ରସାଧନା କରିପାରିବି ନାହିଁ । ଏଥର ଚୂଡ଼ାନ୍ତ ଶାରୀରିକ କଷ୍ଟ ପାଇଲେ ଠିକ୍ ହେବ । ମିର୍ଜାକୁ ତା'ହେଲେ ଉପଯୁକ୍ତ ଶାସ୍ତି ମିଳିବ । ସେ ତ ଆଦୌ ଜାଣିପାରିବ ନାହିଁ; ହଁ, ନିଶ୍ଚୟ ଜାଣିପାରିବ । ବାପା ତା ପାଖକୁ ନିଶ୍ଚୟ ଖଣ୍ଡେ ଚିଠି ଲେଖିବେ, ଏକ ନମ୍ବର ମେଲୋଡିସ୍ ଷ୍ଟ୍ରୀଟ୍‌ରେ ବସି ମିର୍ଜା ସେ ଚିଠିଟା ପଢ଼ି ହତଜ୍ଞାନ ହୋଇଯିବ । ବାପା ଲେଖିବେ, 'ମୁଁ ତୁମକୁ ବିଶ୍ୱାସ କରିଥିଲି, ଆଶ୍ରୟ ଦେଇଥିଲି, ଶିକ୍ଷା ଦେଇଥିଲି । ତୁମେ ତା' ବଦଳରେ ମୋତେ ମୃତ୍ୟୁ ଦେଇଛ; ତୁମେ ମୋର ସ୍ନେହ ରୂପକ ଛିଦ୍ରବାଟେ ଶନି ହୋଇ ପ୍ରବେଶ କରି ମୋର ସଂସାର ଧ୍ୱଂସ କରିଛ ।' ଆଉ ମା' ବାପା ଦୁଇଜଣଙ୍କୁ ମଧ୍ୟ ଉପଯୁକ୍ତ ଶିକ୍ଷା ମିଳିବ । ପ୍ରତିହିଂସାର ଉଲ୍ଲାସ ମୋ ମୁଣ୍ଡରେ ଖେଳିବାକୁ ଲାଗିଲା । ମୁଁ କଳ୍ପନାଚକ୍ଷୁରେ ଦେଖିବାକୁ ପାଉଛି– ମିଲୁ ନିଶ୍ଚୟ ମୁଣ୍ଡ ପିଟି କାନ୍ଦିବ । ଆଇମା, ଶାନ୍ତି, ଖୋକା ସମସ୍ତଙ୍କ କଥା ମନେ ପଡୁଛି । ମୋ ଜେଜୀମା' କହୁଥିଲେ– ଠିକ୍ ମୃତ୍ୟୁ ସମୟରେ ସମସ୍ତଙ୍କ ମୁହଁ ମନେପଡ଼େ ।

Digitized by srujanika@gmail.com

ମୋର ନିଶ୍ଚୟ ସେହି ସମୟ ଆସିଯାଇଛି, ସମସ୍ତଙ୍କ କଥା ମନେପଡୁଛି । ସମସ୍ତେ କ'ଣ ମନେପଡୁଛନ୍ତି ? ସମସ୍ତେ ? ହଠାତ୍ ଆଖିଆଗରେ ନାଚିଉଠିଲା ଆମ ଘରର କାନ୍ଥରେ ଟଙ୍ଗାହୋଇଥିବା ଛବିଟା । ଛବିଟିର ମୁଣ୍ଡରେ ମଖମଲ ଟୋପି, ସେ ଛବିର ଦୃଷ୍ଟି ତୁମେ ଯେଉଁ ଆଡ଼କୁ ଗଲେ ମଧ୍ୟ ତୁମକୁ ଅନୁସରଣ କରିବ । ଛବିଟିର ସେହି ଅନ୍ତର୍ଭେଦୀ ଦୃଷ୍ଟି; ମନେହେଲା– ମୋ ଆଡ଼କୁ ଚାହିଁରହିଛି । ମୋତେ କହୁଛି, 'ଛି ! ଏଇ ତୁମେ ଏତେ ଅଳ୍ପରେ ପରାସ୍ତ ହୋଇଗଲା ?'' ତାହାହେଲେ ମୋ ଗୀତ ତୁମ ପାଇଁ ନିଶ୍ଚୟ ଉଦ୍ଦିଷ୍ଟ ନୁହେଁ । ମୁଁ ଯେପରି ମୋହାଚ୍ଛନ୍ନ । ମନେହେଲା– ଅନ୍ଧାର ପରିବର୍ତ୍ତେ ମୁଁ ଆଲୋକ ଦର୍ଶନ କଲି । ବାପା ହାତ ବଢ଼ାଇ ମୋତେ ତାଙ୍କ ଆଡ଼କୁ ଟାଣିନେଲେ । କହିଲେ, ''ଏତେ ଧାରରେ କାହିଁକି ବସିଛୁ ?'' ମୁଁ ବାପାଙ୍କୁ ଶାସ୍ତିଦେବାପାଇଁ ନଈକୁ ଡେଇଁପଡ଼ିବି ବୋଲି ବସିଥିଲି; ବର୍ତ୍ତମାନ ତା ପରିବର୍ତ୍ତେ ବାପାଙ୍କ ଗଳାକୁ କୁଣ୍ଢାଇଧରି କାନ୍ଦିବାକୁ ଲାଗିଲି । ମା' ଅତ୍ୟନ୍ତ ବ୍ୟସ୍ତହୋଇଉଠିଲେ, କହିଲେ, ''ସେ କାହିଁକି କାନ୍ଦୁଛି ?'' ବାପା ଉତ୍ତରଦେଲେ, ''ଚାରିଆଡ଼େ ସୁନ୍ଦର ଦୃଶ୍ୟ ଦେଖିଲେ 'ରୁ' ର ନୟନ ଅଶ୍ରୁସିକ୍ତ ହୁଏ ।''

ଆମେ ହରଦ୍ୱାରକୁ ଫେରିଆସିଲୁ । ଡାକବଙ୍ଗଳାର ବାରନ୍ଦାରେ ବସିଛୁ– ନଦୀର କଳକଳ ଶବ୍ଦ ଶୁଭୁଛି । ନଦୀ କଲ୍ଲୋଳିନୀ, ଏ ଦେଶର ପ୍ରାଣସ୍ୱରୂପିଣୀ ପୁଣ୍ୟସଲିଳା, ଗଙ୍ଗାର ଧାରାଦ୍ୱାରା ମୁଁ ଧୌତ । ମୁଁ ଆଖିବଜି ଭାବୁଛି, ସେ ଗୀତଟିର ଅର୍ଥ ବୁଝିଗଲି ।

''କଖନୋ ବି ପଥେ ଯଦୀ ଭ୍ରମିତେ ଚାହେ ଏ ହୃଦି,
ଅମନି ଓ ମୁଖ ହେରି ସରମେ ସେ ହୟ ସାରା ।''

——

Digitized by srujanika@gmail.com

ଦ୍ୱିତୀୟ ପର୍ବ

ରବୀନ୍ଦ୍ରନାଥ ଆଠ-ନ' ମାସ ହେଲା ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଏହାଭିତରେ ତାଙ୍କ ସଙ୍ଗେ ଥରେ-ଦୁଇଥର ଦେଖାହୋଇଛି; କିନ୍ତୁ କୌଣସି କଥା କହିବାର ସୁଯୋଗ ମିଳିନାହିଁ । ମୁଁ ଯେତେବେଳେ ତାଙ୍କ ପାଖକୁ ଯାଇଛି, ବାପାଙ୍କ ସଙ୍ଗେ ଯାଇଛି, ନଚେତ୍ ସେଠାରେ କେହି ନା କେହି ଉପସ୍ଥିତ ରହିଛନ୍ତି । 'ନବୀନ' ନୃତ୍ୟୋତ୍ସବ କଲିକତାରେ ମଞ୍ଚସ୍ଥ ହେଲା । ସେହି ସମୟରେ ମୁଁ ଦୁଇଦିନ ପାଇଁ ଜୋଡ଼ାସାଁକୋ (ରବୀନ୍ଦ୍ରନାଥଙ୍କ ବାସଭବନ) ଯାଇଥିଲି; କିନ୍ତୁ କିଛି କଥାବାର୍ତ୍ତା ହୋଇପାରିଲା ନାହିଁ । ହୃଷୀକେଶରୁ ଫେରି ମୁଁ ତାଙ୍କୁ ଗୋଟିଏ ଚିଠି ଲେଖିଥିଲି । ଚିଠିରେ ଅବଶ୍ୟ କ'ଣ ଲେଖିଥିଲି ତା' ମୋର ଆଦୌ ମନେ ନାହିଁ । ମୋର ମାନସିକ ଅବସ୍ଥାର କିଞ୍ଚିତ୍ ଆଭାସ ଦେଇଥିଲେ ମଧ୍ୟ ଖୋଲାଖୋଲି କିଛି ଲେଖିନଥିଲି । ସେପରି ଲେଖିବାକୁ ସାହସ ନଥିଲା; ଲାଜ ମଧ୍ୟ ମାଡ଼ୁଥିଲା । ସାହସ ହେଲାନାହିଁ; କାରଣ ବାପା ଯଦି ଉତ୍ତର ପଢ଼ିବାକୁ ମାଗିବେ, ତେବେ ନିଶ୍ଚୟ ସବୁ ଜାଣିପାରିବେ ।

ବାପାଙ୍କ ସଙ୍ଗେ କବିଙ୍କର ସମ୍ପର୍କଟା ଏହିପରି । ବାପା ରବୀନ୍ଦ୍ର-କାବ୍ୟ ଭଲକରି ପଢ଼ିଛନ୍ତି । ରବୀନ୍ଦ୍ର-କାବ୍ୟ ମଧ୍ୟ ସେ ଭଲ ବୁଝାଇପାରନ୍ତି । କବିଙ୍କ ପ୍ରତି ତାଙ୍କର ଆକର୍ଷଣ ମଧ୍ୟ ଗଭୀର । ଏସବୁ ସତ୍ତ୍ୱେ ଦୁହେଁ ସଂପୂର୍ଣ୍ଣ ବିପରୀତ ଚରିତ୍ରର, ସେଥିପାଇଁ ସେ କବିଙ୍କ ପ୍ରତି ଯଥେଷ୍ଟ ବିମୁଖ । କବିଙ୍କର ପିତାଙ୍କ ପ୍ରତି ମନୋଭାବ ବିଶେଷ ଅନୁକୂଳ ନୁହେଁ; ମାତ୍ର କବି ମୋତେ ବହୁତ ସ୍ନେହ କରନ୍ତି । ମୁଁ କବିଙ୍କୁ ଯେତେବେଳେ ଚିଠି ଲେଖେ, ସେ ଚିଠିର ବିଷୟବସ୍ତୁ ଓ ବନାନ ବାପାଙ୍କଦ୍ୱାରା ଏପରି ସଂଶୋଧିତ ହୋଇଥାଏ ଯେ, ମନେହେବ ତାହା ପ୍ରକୃତରେ ବାପା ଲେଖିଛନ୍ତି । ପୁଣି ଚିଠିର ଉତ୍ତର ଆସିଲେ, ବାପା ତା'ର ତୀବ୍ର ସମାଲୋଚନା କରିବାରେ ଲାଗନ୍ତି । ଏପରି ବନ୍ଦିଦଶା ଅସହ୍ୟ ଲାଗେ । କବି ଥରେ ମୋତେ ହସି କହିଥିଲେ, ''ତୁମେ ଯେତେବେଳେ ମୋତେ ଚିଠି ଲେଖ, ସେତେବେଳେ ଦର୍ଶନଶାସ୍ତ୍ର ନ ଲେଖି ତୁମ ମନକୁ ଯାହା ଆସେ, ତାହା ଯଦି ଲେଖ, ତେବେ ଖୁବ୍ ଭଲହେବ ।'' ଥରେ ମୁଁ କାହାରିକୁ କିଛି ନ କହି କବିଙ୍କୁ ଚିଠିଟିଏ ଲେଖିଥିଲି । ସେ ମୋତେ ଯେଉଁ ଉତ୍ତର ଦେଲେ ତା ନିମ୍ନରେ ଉଦ୍ଧାର କରୁଛି:

କଲ୍ୟାଣୀୟାସୁ,

ତୁମ ଚିଠିରେ ଯେଉଁ ବେଦନା ପ୍ରକାଶ ପାଇଛି, ସେଥିରେ ମୁଁ ଅତ୍ୟନ୍ତ ମର୍ମାହତ । ଜୀବନ ସଙ୍ଗେ ସଂସାରର ଯଦି ଅସାମଞ୍ଜସ୍ୟ ଘଟେ, ତେବେ ତାକୁ ସହଜରେ ସହିନେବାଟା ତୁମର ବୟସ ଓ ଅଭିଜ୍ଞତାଦ୍ୱାରା ସମ୍ଭବ ହୋଇପାରିବ ନାହିଁ । ମୁଁ ତୁମକୁ କି ପରାମର୍ଶ ଦେବି

Digitized by srujanika@gmail.com

ଭାବିପାରୁନାହିଁ । ନିଜର ଅଳ୍ପବୟସର କଥା ମନେପଡ଼େ । ତୀବ୍ର ଦୁଃଖରେ ଯେତେବେଳେ ମୋର ଦିନଗୁଡ଼ିକ କଣ୍ଟକିତ ହୋଇଉଠିଥିଲା, ସେତେବେଳେ କୌଣସିରୂପେ ସେଗୁଡ଼ିକୁ ଅତିକ୍ରମ କରିବା ପାଇଁ ବାଟ ପାଇନଥିଲି । ସେତେବେଳେ ମନେହେଉଥିଲା– ଅସୀମ ଏ ଦୁର୍ଗମତା । କିନ୍ତୁ ଜୀବନର ପରିଣତି ପୂର୍ଣ୍ଣ ବିସ୍ମୃତି ଭିତରେ ହୁଏ ନାହିଁ । ପ୍ରତିଦିନ ବେଦନାକୁ ଚେତନାର ମଧ୍ୟଦେଇ, କଠୋରତାକୁ ଲାଳିତ୍ୟ ଏବଂ ଅମ୍ଳତାକୁ ମାଧୁର୍ଯ୍ୟର ମଧ୍ୟଦେଇ ପରିପକ୍ୱ କରାଇବା ହିଁ ହେଉଛି ପରିଣତି । ତୁମର ଯେ ତା' ହେବ ନାହିଁ ତା' ମୁଁ ମନେକରୁନାହିଁ । କାହିଁକି ନା, ତୁମର କଳ୍ପନା-ଶକ୍ତି ଅଛି । ଏହି ଶକ୍ତି ହିଁ ସୃଷ୍ଟି ଶକ୍ତି । ଅବସ୍ଥାର ହାତରେ ନିଷ୍କ୍ରିୟ ଭାବରେ ନିଜକୁ ସମର୍ପଣ କରି ତୁମେ ରହିପାରିବ ନାହିଁ; ବରଂ ନିଜକୁ ପୂର୍ଣ୍ଣତର କରି ତୁମେ ସୃଷ୍ଟି କରିପାରିବ । ମୁଁ ଜାଣେ ଆମ ଦେଶ ପକ୍ଷରେ ଉଦାର ଶକ୍ତିଦ୍ୱାରା ଆତ୍ମବିକାଶ ସହଜ ନୁହେ– ବାହାରେ ପ୍ରସାରର କ୍ଷେତ୍ର ସେମାନଙ୍କ ପାଇଁ ଅବରୁଦ୍ଧ– ଅନ୍ତର୍ଲୋକକୁ ପ୍ରବେଶ ପାଇଁ ଯେଉଁ ସାଧନା ଆବଶ୍ୟକ, ତାହା ନୁହେଁ । ତଥାପି ତୁମେ ହତାଶ ହୁଅ ନାହିଁ, ନିଜ ଉପରେ ଆସ୍ଥା ରଖ; ଚାରିଆଡୁ ନିଜକୁ ବିଚ୍ଛିନ୍ନ କରି ସେହି ଗଭୀର ନିଭୃତରେ ନିଜକୁ ପ୍ରବଦ୍ଧ କର, ଯେଉଁଠି ତୁମର ମହିମା ତୁମର ଭାଗ୍ୟକୁ ମଧ୍ୟ ଅତିକ୍ରମ କରୁଛି । ତୁମର ପୀଡ଼ିତ ଚିତ୍ତକୁ ସାନ୍ତ୍ୱନା ଦେବାପାଇଁ ଯଦି ମୋର ଶକ୍ତି ଥାଆନ୍ତା, ତା'ହେଲେ ଚେଷ୍ଟାକରନ୍ତି; କିନ୍ତୁ ଏକାନ୍ତ ମନରେ ତୁମର ଶୁଭକାମନା କରିବା ଛଡ଼ା ମୋର ଆଉ କିଛି କରିବାର ନାହିଁ । ଯଦି ବାହାରର କୌଣସି କ୍ଷୁଦ୍ରତା ତୁମକୁ ପୀଡ଼ା ଦିଏ, ତେବେ ତା' ନିକଟରେ ପରାଜୟ ସ୍ୱୀକାର କରିବାକୁ ଲଜ୍ଜା ବୋଧକର । ଇତି ।

୧୪ ଶ୍ରାବଣ– ୧୩୩୮
(ବଙ୍ଗଳା ସାଲ)

ଏହି ଚିଠି ପାଇବାର ଠିକ୍ ଏକ ବର୍ଷ ପୂର୍ବେ ଅର୍ଥାତ୍ ୧୩୩୭ ସାଲ ଭାଦ୍ରବ ମାସର ଶେଷଆଡ଼କୁ ମିର୍ଚ୍ଚା ଚାଲିଯାଇଥିଲା । ହିନ୍ଦୁ ନିୟମ ଅନୁଯାୟୀ ଭାଦ୍ରବ ମାସରେ ମଣିଷ କଥା ତ ଦୂରେ ଥାଉ, ପଶୁପକ୍ଷୀଙ୍କୁ ବି ଘରୁ ତଡନ୍ତି ନାହିଁ । କିନ୍ତୁ ଆମେ ଆଧୁନିକ ପରିବାର, ସେହି ସବୁ କୁସଂସ୍କାରରେ ବିଶ୍ୱାସ କରୁନା । ଚିଠିଟି ନେଇ ମା'ଙ୍କୁ ଦେଲି, କହିଲି, ''ମା, ମୁଁ ଦିନାକେତେ ଶାନ୍ତିନିକେତନ ଯିବାକୁ ଚାହେ ।'' ''ମୁଁ ନିଜେ ତୋତେ ସେକଥା କହିବି ବୋଲି ଭାବୁଥିଲି''– ମା' କହିଲେ । ମୋ ମା'ଙ୍କ ପରି ଅନ୍ତର ଦେଇ କୌଣସି ସମସ୍ୟା କେହି ସମାଧାନ କରିପାରିବ ନାହିଁ । ସେଦିନ ସେହି ସନ୍ଧ୍ୟାର ଅନ୍ଧକାରରେ ମା' ମୋତେ କୋଳକୁ ଟାଣିନେଇ କହିବାକୁ ଲାଗିଲେ, ''ରୁ ! ତୋ ଜୀବନରେ ତୁ ତ ଆଶ୍ଚର୍ଯ୍ୟ ଜିନିଷ ପାଇଛୁ । କେତେ ଜଣ ଏ ସୌଭାଗ୍ୟ ପାଇଥାନ୍ତି ? ଯେଉଁ ଶ୍ରଦ୍ଧା, ଭକ୍ତି ଓ ପ୍ରେମ ଏ ସଂସାର ସହିତ ଜଡ଼ିତ ନୁହେଁ, ସ୍ୱାର୍ଥଶୂନ୍ୟ, ଜାଗତିକ ପ୍ରୟୋଜନ ସହିତ ସମ୍ବନ୍ଧହୀନ, ସେପରି

Digitized by srujanika@gmail.com

ପ୍ରେମର ସ୍ୱର୍ଗୀୟ ରୂପ କେତେ ଜଣ ଲେଖିପାରନ୍ତି ? କେତେ ଜଣଙ୍କ ଜୀବନରେ ବା ଏପରି ଘଟେ ? ତୋର ଜ୍ଞାନ ହେବା ଆଗରୁ ଯେପରି ତୁ ପ୍ରସ୍ତୁତ ହୋଇ ରହିଛୁ– 'ପୁଷ୍ପ ଯେମନ ଆଲୋର ଲାଗି ନାଜେନେ ରାତ୍ କାଟାୟ ଜାଗି'– ତା'ପରେ ପ୍ରତିଦିନ ତାଙ୍କର କବିତାରେ, ଗୀତରେ, ଚିନ୍ତାରେ ଓ ମନରେ ତୋର ମନ ଊର୍ଦ୍ଧ୍ୱମୁଖୀ ହୋଇଛି । ଇଏତ ଗୋଟିଏ ତପସ୍ୟାର ଫଳ; ନିଜକୁ ଭାଙ୍ଗିଚୂରି ଏ ଦୁର୍ଲଭ ସୌଭାଗ୍ୟକୁ ବିଫଳ କରନା । ତୁ ତାଙ୍କ ନିକଟକୁ ଯା । ମନରେ କୌଣସି ସଙ୍କୋଚ ନ ରଖି ସବୁ କିଛି ତାଙ୍କୁ ଖୋଲି କହ । ମୁଁ ଯେତିକି ବୁଝିପାରିଛି– ଚିଠିରେ ତୁ ସଙ୍କୋଚ କରି ଲେଖିଛୁ– ଏଟା ଠିକ୍ ନୁହେଁ । ତୋର ଯେତେବେଳେ ଏମିତି ଗୋଟିଏ ସ୍ଥାନ ଅଛି, ଯେଉଁଠି ତୁ ସଂପୂର୍ଣ୍ଣ ଆତ୍ମନିବେଦନ କରିପାରିବୁ, ମା' ! ତୁ ସେଇଠାରେ ତୋର ସୁଖ-ଦୁଃଖ, ପାପ-ପୁଣ୍ୟ ସବୁ କିଛି ଅକପଟରେ କହି ଶୁଦ୍ଧପବିତ୍ର ହୋଇଯା । ସେ ତୋତେ ବାଟ ଦେଖାଇଦେବେ ।''

''ମା ! ମୁଁ ଏକୁଟିଆ ଯିବାକୁ ଚାହେଁ ।''

''ନିଶ୍ଚୟ ।''

ଯେତେବେଳେ ମୁଁ ଶାନ୍ତିନିକେତନ ଯାଏ, ସେତେବେଳେ ମନେହେଉଥିଲା–ମୁଁ ଏକ ଦୁର୍ଗମ ପଥ ପାରିହୋଇ ଚାଲିଛି । ମୋର ହୃତ୍‌ପିଣ୍ଡ ଦ୍ରୁତତର ହୁଏ । ସେଦିନ ଶାନ୍ତିନିକେତନର ପଥଟା ଦୁର୍ଗମତର ବୋଧହେଲା; ମନେହେଲା–ପବନରୁ ଅକ୍‌ସିଜେନ୍ ଶେଷ ହୋଇଯାଇଛି । ମୁଁ କବିଗୁରୁଙ୍କ ନିକଟସ୍ଥ ହେଲି, ତାଙ୍କ ପାଦପାଖରେ ବସିପଡ଼ିଲି । କବି କହିଲେ– ତୁମେ ଭୂତ ସମ୍ବନ୍ଧୀୟ ଲେଖାଗୁଡ଼ିକ ପଢ଼ିବ ? ଅର୍ଥାତ୍ ପ୍ଲାଞ୍ଚେଟର ଲେଖାଗୁଡ଼ିକ ? ମୋର ସେତେବେଳେ ଭୂତ ଆଡ଼କୁ ମନ ନାହିଁ । ବର୍ତ୍ତମାନର ଉତ୍‌ପୀଡ଼ନଦ୍ୱାରା ମୁଁ ଅଭିଭୂତା ! ମୁଁ କହିଲି, ''ଆପଣଙ୍କୁ ଗୋଟିଏ କଥା କହିବି ବୋଲି ଆସିଛି ।''

''ହଁ, ମୁଁ ତୁମର ଦୁଇଟି ଚିଠି ପାଇଛି, କଣ ହୋଇଛି ଅମୃତା ?''

''ଆମ ଘରେ ସେଇ ଯେ ଜଣେ ଲୋକ ଥିଲା ।''

''କିଏ ? କେଉଁ ଲୋକ ?''

''ଆପଣ ତାକୁ ଦେଖିଛନ୍ତି ।''

''କିଏ ସେ ? ମୁଁ କେଉଁଠି ତାଙ୍କୁ ଦେଖିଛି ?''

''ଆମେ ସମସ୍ତେ ଏଠାକୁ ଆସିଥିଲୁ ।''

''ଏଠାକୁ ଆସିଥିଲ ? କେବେ ? ତୁମ କକାଙ୍କ କଥା କହୁଛ ।''

''ନା, ନା, ବାପାଙ୍କର ଛାତ୍ର ।''

''କେଉଁ ଛାତ୍ର ? ରବୀନ୍ଦ୍ର-ସମିତିର ?''

''ନା...ସେଦିନ ସେଇ ଯେ...ଆମେ ଟେନିସ୍ କୋର୍ଟ ପାଖେ ବୁଲୁଥିଲୁ...ଆପଣଙ୍କର ମନେନାହିଁ ?''

Digitized by srujanika@gmail.com

''ଆଚ୍ଛା, ଆଚ୍ଛା, ସେଇ ସାହେବ ତ ? କ'ଣ ହେଲା ?''

ମୁଁ ସେ କଥାର ଉତ୍ତର ନ ଦେଇ କହିଲି-''ଆପଣ ଏତେଦିନ ଚାଲିଗଲେ କାହିଁକି ?''

''କାହିଁକି ଚାଲିଗଲି ? ଛବି ଦେଖାଇବାକୁ, ଛବି ଦେଖାଇବାକୁ । ଏ ଦେଶରେ ତ କେହି ଛବି ଦେଖି ଜାଣେ ନାହିଁ । ତା ଛଡ଼ା ତୁମେ ତ ମୋତେ ମନାକରିନାହିଁ, ତା'ହେଲେ ମୁଁ ଅବା ଯାଇନଥାନ୍ତି ।'' ଏହା କହି ସେ ମୋ ମୁଣ୍ଡଟା ଟିକିଏ ହଲେଇଦେଲେ । ମୁଁ ଜାଣେ ଏଟା ପରିହାସ; କିନ୍ତୁ ମଧୁର । ''ଏଥର କହ, କଣ ହେଲା ସେ ସାହେବର, ସେ କେଉଁଠି ?''

''ଚାଲିଯାଇଛି ।''

''କହ, ଖୋଲିକରି ସବୁ କଥା କହ, ମୋତେ ଖୋଲି କହିବାକୁ କଣ ତୁମକୁ କଷ୍ଟ ଲାଗୁଛି ?''

''ହଁ... ।''

''ତାହେଲେ କିଛି କହିବା ଦରକାର ନାହିଁ । ତୁମେ ଶାନ୍ତ ହୁଅ ।'' ମୁଁ ଶାନ୍ତ ହେବା ପାଇଁ ଚେଷ୍ଟାକରୁଛି । କବି କହିଲେ, ''ତୁମର ଆଉ କିଛି କହିବା ଦରକାର ନାହିଁ ଅମୃତା, ଖାଲି କହ–ମୁଁ ତୁମ ପାଇଁ କ'ଣ କରିପାରିବି ? କୌଣସି ସାହାଯ୍ୟ ଚାହଁ ?'' କବି ଯେତେବେଳେ କାହାରି ସଙ୍ଗେ କଥା କହନ୍ତି, ସେତେବେଳେ ତା' ଆଡ଼କୁ ଚାହାଁନ୍ତି ନାହିଁ । ହୁଏତ ତଳଆଡ଼କୁ ଦୃଷ୍ଟି ରଖନ୍ତି; ନଚେତ୍ ଦୂରକୁ, ଅତି ଦୂରକୁ ଅନାଇରହନ୍ତି । ସେ ମଣିଷକୁ ସମ୍ଭାଷଣ କରନ୍ତି; ସମ୍ମୁଖରେ ବସିଥିବା ବ୍ୟକ୍ତିକୁ ନୁହେଁ । ତା'ର ସମସ୍ୟା ମଣିଷର ସମସ୍ୟା । ଏ କଥା ପରେ ବୁଝିଛି, ସେତେବେଳେ ବୁଝିପାରିନଥିଲି– ସେତେବେଳେ ମୋର ଅଭିମାନ ହେଉଥିଲା ।

ଏବେ ବୁଝିପାରେ– ମଣିଷ ତା'ର ପ୍ରେମ ଓ ଆନନ୍ଦ ନେଇ...ସୁଖ, ଦୁଃଖ ଓ କାତରତା ନେଇ ତା'ର ହୃଦୟର ସମସ୍ତ ଜିଜ୍ଞାସା ତାଙ୍କ ପାଖକୁ ଆଣେ ।

ସେ ତ କୌଣସି ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତି ନୁହେଁ । ଏବେ ବୁଝିପାରୁଛି– ଏଇ ନିର୍ମମତା ନଥିଲେ ତାଙ୍କର ସମ୍ବେଦନଶୀଳ ମନ ଏ ଦୁରୂହ, କଠିନ କର୍ମସାଗର ପାରହୋଇପାରନ୍ତା ନାହିଁ; ଜ୍ଞାନର ସେହି ପର୍ବତଚୂଡ଼ାରେ ପହଞ୍ଚିପାରନ୍ତାନାହିଁ । ଆଘାତ-ପ୍ରତ୍ୟାଘାତରେ ତାହା କ୍ଷତବିକ୍ଷତ ହୋଇଯାଆନ୍ତା; କିନ୍ତୁ ସେଦିନ ସେଇ ଦ୍ୱିପ୍ରହରରେ ସେ ମୋ ଆଡ଼କୁ ଚାହିଁ କହିଲେ, ''ତୁମେ ମୋତେ ଯାହା କରିବାକୁ କହିବ, ମୁଁ ତାହା କରିବି ।'' କଥାଟା ମୋ କାନରେ ଝଙ୍କୃତ ହେଲା– 'ତୋମାର ସପ୍ତସିନ୍ଧୁ ଦଶଦିଗନ୍ତ ନାଚାଓ ଯେ ଝଙ୍କାରେ ।' ସେ ମୁହୂର୍ତ୍ତରେ ମୋ ମନର ଭାବ ବର୍ଣ୍ଣନା କରିବା ସାଧ୍ୟାତୀତ । ବର୍ଣ୍ଣନାଟା ପରେ ମୋ ମନକୁ ଆସିଲା, ଯେତେବେଳେ ମୁଁ ଚଣ୍ଡାଳିକା ନାଟକ ଦେଖିବାକୁ ଗଲି । ଚଣ୍ଡାଳୁଣୀ କହୁଛି,...

Digitized by srujanika@gmail.com

''ଆମାର କୂପ ଯେ ହଲେ ଅକୂଳ ସମୁଦ୍ର'– କୂଅ କିପରି ଗୋଟିଏ କଥାରେ ଅକୂଳ ସମୁଦ୍ର ହୋଇଯାଇପାରେ; ଶତ ଶତ ଦର୍ଶକ ଯେଉଁମାନେ ଦେଖିଛନ୍ତି, ସେମାନେ ଜାଣନ୍ତି କି ? ସେଟା ସତ୍ୟ; ସେଟା କ'ଣ ସେମାନେ ଜାଣନ୍ତି ? ଏକ ଗଣ୍ଡୂଷ ଜଳ ପରି ଗୋଟିଏ କଥାରେ ଜୀବନର ଗଣ୍ଡି ଭିତରକୁ ଅସୀମର ଆଗମନ । ପୁନରାବୃତ୍ତି କରି ସେ କହିଲେ, ''କହ, କହ; ତୁମେ କ'ଣ ଚାହଁ ? ତୁମେ ଯାହା କହିବି ମୁଁ ତାହା କରିବି ।''

ମୋର ଶରୀର ଓ ମନ ଶୀତଳ ହୋଇଗଲା । ଚନ୍ଦନର ସୁବାସ ପାଇଲା ଭଳି ମନେ ହେଲା । ମୁଁ କହିଲି, ''ମୋତେ ଆପଣଙ୍କ ନିକଟରେ ରହିବାକୁ ଦିଅନ୍ତୁ ।'' ''ସେଥିରେ ଆଉ ଅସୁବିଧା କ'ଣ ? ତୁମେ ଏଠାରେ ରହିଯାଅ । ଭୋରବେଳେ ମୁଁ ଯେତେବେଳେ ବାଲ୍‌କୋନିରେ ବସିବି, ସେତେବେଳେ ତୁମେ ସୁଗନ୍ଧରାଜ ଫୁଲ ଆଣି ଏଠାରେ ମୋ ନିକଟରେ ବସିବ । ସନ୍ଧ୍ୟାବେଳେ କବିତାପାଠ ହେବ; କିନ୍ତୁ ମୁଁ ଲେଖିଲାବେଳେ ଆଦୌ ଗୋଳମାଳ କରିବ ନାହିଁ ।'' ଶାନ୍ତିରେ ମୋ ମନ ପୂରିଗଲା । ମୁଁ ଭାବୁଛି–ଏଇ ତ ସ୍ୱର୍ଗର ବର୍ଣ୍ଣନା । ମୋ ଜୀବନରେ ଏପରି କେବେହେଲେ ହେବନାହିଁ । ବାପା ମୋତେ ଏଠି ରଖାଇଦେବେନାହିଁ । କବି କହିଲେ, ''ଆଜି ରାତିଟା ତୁମେ ଏଠାରେ ରହିଯାଅ । ଭାବିଚିନ୍ତି ଠିକ୍ କର ।'' ସେହି ରାତିଟି ମୁଁ ଶାନ୍ତିନିକେତନରେ ରହିଗଲି । ନିସ୍ତବ୍ଧ ରାତ୍ରି । ମୁଁ ଭାବୁଛି– କବିଙ୍କୁ କଣ କହିବି ? ସେ କ'ଣ ମୋ ପାଇଁ କିଛି କରିପାରିବେ ନାହିଁ ? ହୁଏତ ସେ ଏଣ୍ଡ୍ରୁଜ୍ ସାହେବଙ୍କୁ ଅନୁରୋଧ କରି କହିବେ ମୋତେ ୟୁରୋପରେ ପହଞ୍ଚାଇଦେବା ପାଇଁ । ତା' ହେଲେ ତ ମୋର କାମ ହେଇଯିବ । ଏଣ୍ଡ୍ରୁଜ୍ ସାହେବ ନିଶ୍ଚୟ ଏଟା କରିବେ । ଏଣ୍ଡ୍ରୁଜ୍ ସାହେବ ସାଧୁ, ସନ୍ନ୍ୟାସୀ ଯାହା ବି ହୁଅନ୍ତୁ, ମଣିଷର ଦୁଃଖ ବୁଝନ୍ତି; କିନ୍ତୁ ବାପାଙ୍କୁ ନ କହି କବି କ'ଣ ଏଟା କରିପାରିବେ ? କବି ଓ ରାମାନନ୍ଦବାବୁ– ଏ ଦୁଇଜଣ ଯଦି ବାପାଙ୍କୁ ଡାକି କହନ୍ତି, 'ଦେଖନ୍ତୁ ନରେନ୍ ବାବୁ, ଆପଣ ଯାହା କରୁଛନ୍ତି ସେଟା ଠିକ୍ ନୁହେଁ; ତା' ହେଲେ ତ ବାପାଙ୍କର ବ୍ରହ୍ମ ଜଳିଯିବ । ବାପା ହୁଏତ କହିବେ, 'ଦେଖନ୍ତୁ ରବିବାବୁ, ଆପଣ ଯେତେବେଳେ ଆପଣଙ୍କ ଝିଅକୁ ବାହାଦେଲେ, ସେତେବେଳେ କଣ ମୋ ସଙ୍ଗେ ପରାମର୍ଶ କରିଥିଲେ ? ଆପଣ ଖୁବ୍ ଭଲ କବିତା ଲେଖନ୍ତି, ଏଟା ନିରାଟ ସତ୍ୟ; କିନ୍ତୁ ମୋ ସଂସାରଟା ମୋର ।' ସେତେବେଳେ...ସେତେବେଳେ କ'ଣ ହେବ ? ମୋ ପାଇଁ ସେ କ'ଣ ଅପମାନିତ ହେବେ ? ତା' ଛଡ଼ା ମୁଁ ବା ଯିବି କୁଆଡ଼େ ? କାହା ପାଖକୁ ଯିବି ? ପ୍ରାୟ ବର୍ଷେ ହେଲା ମିର୍ଚ୍ଚାର କୌଣସି ଖବର ନାହିଁ । ଖୋକାକୁ ଅନ୍ତତଃ ଗୋଟେ ଚିଠି ଦେଇପାରନ୍ତା... ତା ବି କଲା ନାହିଁ । ମୁଁ କ'ଣ ଉପଯାଚିକା ହେବି ? ସଂସ୍କୃତ କଥା–ସ୍ୱୈରିଣୀ, ଉପଯାଚିକା ମନେପଡୁଛି । ମନକୁ ଧିକ୍‌କାର ଦେଉଛି । ଯଥେଷ୍ଟ ହେଲା । ୟୁରୋପର ମୃଗୟାପଟୁ ନାଗରିକ । ତୁମର ସେଇ ବିଷାକ୍ତ ଶର ମୁଁ ଉତ୍‌ଖାତ କରିବି । ମୁଁ ଭୁଲିବି ତୁମକୁ; ଭୁଲିବି...ଭୁଲିବି । କାଲି ସକାଳେ ମୁଁ କବିଙ୍କୁ କହିବି–ମୋ ପାଇଁ କିଛି କରିବା ଦରକାର

Digitized by srujanika@gmail.com

ନାହିଁ । ମୋ ମନ ଶାନ୍ତ ହୋଇଯାଇଛି । କବି ମୋତେ ଶିଖାଇଦେଇଛନ୍ତି–ମନ ଉଦ୍‌ବିଗ୍ନ ହେଲେ କହିବ– 'ଆନନ୍ଦମ୍, ପରମାନନ୍ଦମ୍, ପରମସୁଖମ୍ ପରମା ତୃପ୍ତିଃ'– ମୁଁ ବାରମ୍ବାର ତାକୁ ଉଚ୍ଚାରଣ କଲି । ଚନ୍ଦନର ସୁଗନ୍ଧରେ ଅନ୍ଧକାର ରାତ୍ରି ସୁବାସିତ ହେଲା । ମୋ ଛାତିଭିତର ଘା' ବର୍ଷେ ହେଲେ ମଧ୍ୟ ଯାହା ଆଦୌ ଶୁଖିନାହିଁ, ତା' ଉପରେ ଚନ୍ଦନର ପ୍ରଲେପ ବୋଳିଲା ପରି ମନେହେଲା । ଝରକା ଖୋଲା, ଆକାଶ ଦିଶୁଛି । ମୁଁ ଭାବୁଛି - କେତେ ସହଜରେ ଭୁଲିଗଲି । ଦିନେ ଅର୍ଦ୍ଧ-ଚୈତନ୍ୟ ଅବସ୍ଥାରେ ପ୍ରତିଜ୍ଞା କରିଥିଲି–ଭୁଲିବି ନାହିଁ– ଆଜି ଜାଗ୍ରତ ଅବସ୍ଥାରେ ଦୃଢ଼ ପ୍ରତିଜ୍ଞା ନେଇ ସ୍ଥିର କଲି–ଭୁଲିବି, ଭୁଲିବି । ଉଜ୍ଜ୍ୱଳ ତାରାଟା ମୋ ଆଡ଼କୁ ଚାହିଁଛି– ଏ ତାରାର ଆଖି ଅଛି, ସେ ହସୁଛି । ମୋର ଏଇ ଅବ୍ୟବସ୍ଥିତ ମନ ଉପରେ କୃପାଦୃଷ୍ଟି ପକାଇ ସେ ହସୁଛି ।

୧୯୮୧ ମସିହାରେ ଆମେ ଆମର ଭବାନୀପୁର ଘର ଛାଡ଼ି ଅନ୍ୟ ଘରକୁ ଆସିଲୁ । ପୂର୍ବେ ଯେଉଁମାନେ ଆମ ଘରର ଲୋକ ଥିଲେ, ସେମାନେ ସମସ୍ତେ ପ୍ରାୟ ଚାଲିଯାଇଛନ୍ତି । ଆମର ସୁନ୍ଦର ସୁସ୍ଥ ସଂସାରରେ ଆସିଛି ଉଗ୍ରତା । ସେଟା ଆରମ୍ଭ ହୋଇଛି ଜଣେ ନବାଗତାର ଆଗମନ ସଙ୍ଗେ ସଙ୍ଗେ । ତା'ର ନାମ ରମା; ସେ ବିଦୁଷୀ, ନମ୍ର, ଭଦ୍ର ଓ ଶାନ୍ତ । ସେ ଏକପ୍ରକାର ଆମର ଆତ୍ମୀୟ ହୋଇଯାଇଛି । ମା' ଆମକୁ ଯେପରି ସ୍ନେହ କରନ୍ତି, ତାକୁ ମଧ୍ୟ ସେହିପରି ସ୍ନେହ କରନ୍ତି । ସେ ବାପାଙ୍କୁ ଖୁବ୍ ସାହାଯ୍ୟକରେ । ସବୁବେଳେ ତାଙ୍କ ପାଖେ ପାଖେ ରହେ । ଯେତେବେଳେ ବାପା କର୍ମସ୍ଥଳକୁ ଯାଆନ୍ତି, ସେତେବେଳେ ସେ ମଧ୍ୟ ତାଙ୍କ ସଙ୍ଗେ ସଙ୍ଗେ ଥାଏ । ଏହିପରି ଆଗ୍ରହ ମୋତେ ଖୁବ୍ ଖରାପ ଲାଗେନାହିଁ । କିନ୍ତୁ ମୁଁ ଦେଖିପାରେ– ମା'ଙ୍କ ଆସନ ସଂସାରରେ ଢିଲା ହୋଇଯାଉଛି । ପୂର୍ବେ ମୋ ମା' ସଂସାରରେ ସର୍ବମୟୀ କର୍ତ୍ତ୍ରୀ ଥିଲେ । ଦିନ ଯେ ଯାଉଛି, ମା' ପ୍ରତିଦିନ ତାଙ୍କ ସ୍ଥାନରୁ ଟିକିଏ ଟିକିଏ ଘୁଞ୍ଚିଯାଉଛନ୍ତି । ମା' କାତରଭାବରେ ରମାକୁ ଖୁବ୍ ଖୋସାମଦ କରନ୍ତି । ସେଥିପାଇଁ ମୋତେ ଦାରୁଣ ଲଜ୍ଜା ହୁଏ ।

ମୁଁ ଜାଣେ ଯେ ଭଲପାଇବା ପାଇଁ କୌଣସି ଆତ୍ମୀୟ ସମ୍ପର୍କର ପ୍ରୟୋଜନ ହୁଏନାହିଁ । ମୁଁ ଏହା ମଧ୍ୟ ଜାଣେ ଯେ ପ୍ରେମ ଏକ ଆଲୋକ ପରି– ଏହା ସମସ୍ତଙ୍କୁ ଉଜ୍ଜ୍ୱଳ କରେ । ଏହା ଏପରି କୌଣସି ପଦାର୍ଥ ନୁହଁ ଯେ ଜଣକ ପାଖରୁ କାଢ଼ିନେଇ ଅନ୍ୟକୁ ଦେଇହେବ । ମୁଁ ଆହୁରି ମଧ୍ୟ ଜାଣେ– ଯେ ଯାହାକୁ ଭଲପାଏ, ସେ ତାହାର ସମସ୍ତ ଆତ୍ମୀୟ-ସ୍ୱଜନଙ୍କୁ ମଧ୍ୟ ଭଲପାଇଥାଏ– ଏପରିକି ତା' ଗୃହର ଭୃତ୍ୟଟି ପର୍ଯ୍ୟନ୍ତକୁ ଆପଣାର କରିନିଏ । ସେପରି ସ୍ଥଳେ ମୁଁ କ'ଣ ଦେଖୁଛି ? କେବଳ ସାଂସାରିକ ଅଧିକାର ବଢ଼ାଇବାର ଚେଷ୍ଟା ଏବଂ ମା'ଙ୍କୁ ଅପଦସ୍ଥ କରିବାର ଚେଷ୍ଟା । ଆହୁରି ଅସହ୍ୟ ଲାଗୁଛି ମିଥ୍ୟାର ଆଶ୍ରୟ । ସତ୍ୟକୁ ସ୍ୱୀକାର କରିନେବାଟା ଭଲ । ଯେତେ କଷ୍ଟ ହେଉ ପଛକେ ମୁଁ ସତ୍ୟର ମୁକାବିଲା କରିପାରେ: କିନ୍ତୁ ମା'ଙ୍କ ପରି ଆଖିବୁଜି ରହିପାରେ ନାହିଁ । ସେଥିପାଇଁ ଆମ ସଂସାରରେ ପ୍ରତିଟି ଦିନ ମୋତେ

Digitized by srujanika@gmail.com

ଅସହ୍ୟ ଲାଗୁଛି । ଆମ ପ୍ରତି ପିତାଙ୍କର ସ୍ନେହ କମିଯାଉଛି । ମୋତେ ବିଦେଶରେ ବିବାହ ଦେଲେନାହିଁ; କାରଣ ମୋତେ ଛାଡ଼ି ରହିପାରିବେନାହିଁ । କିନ୍ତୁ ବର୍ତ୍ତମାନ ମୋ ପଢ଼ାପଢ଼ି ପ୍ରତି ମଧ୍ୟ ତାଙ୍କର ଆକର୍ଷଣ କମିଯାଉଛି; ମୋ ଉପରୁ ମଧ୍ୟ । ମୁଁ କଲେଜରେ ନାମ ଲେଖାଇଛି । ଆମ ସଂସାର ଭିତରେ ଯେ ଗୋଟିଏ ଭିନ୍ନ ସ୍ରୋତ ବହିଯାଉଛି, ତା' ବାହାରୁ କେହି ବୁଝିପାରିବେ ନାହିଁ । ମା' ସବୁ କିଛି ଲୁଚେଇ ରଖିଛନ୍ତି; କିନ୍ତୁ ମା' ନିଜର ନିରାପତ୍ତାବୋଧ ହରାଇବସିଲେଣି । ମା' ମନେକରୁଛନ୍ତି– ମୋର ବିବାହ ଅତି ଚଞ୍ଚଳ ହେବା ଆବଶ୍ୟକ । ମୁଁ ମଧ୍ୟ ତାହା ଚାହେଁ । ଆମ ସଂସାରରେ ମୋର ଆଦୌ ରହିବାକୁ ଇଚ୍ଛାନାହିଁ । ମୁଁ ଏଠାରୁ ପଳାଇବାକୁ ଚାହେଁ । ମିଥ୍ୟାକୁ ପ୍ରଶ୍ରୟ ଦେବାକୁ ପଡୁଛି ପ୍ରତିଦିନ; ରାଗ ଓ ଦୁଃଖରେ ମୋର ଅନ୍ତରଟା ଜଳିଯାଉଛି ।

ବର୍ଷ ପରେ ବର୍ଷ ବିତିଯାଉଛି । ପ୍ରତିଦିନ ମା'ଙ୍କ ପାଇଁ କିଛି ନା କିଛି ଅପମାନଜନକ ଓ ଅପ୍ରୀତିକର ଘଟଣା ଘଟିଚାଲିଛି । ବିଶେଷତଃ ବାହାର ଲୋକେ ବାପାଙ୍କୁ ନିନ୍ଦାକରିବାକୁ ଆରମ୍ଭ କରିଛନ୍ତି । ବାପାଙ୍କ ନିନ୍ଦା ମା'ଙ୍କୁ ଶୁଣିବାକୁ ହେଉଛି, ସହିବାକୁ ପଡୁଛି । ମୁଁ ବୁଝିପାରୁଛି– ରମା ମୋ ବାପାଙ୍କୁ ଭଲପାଏ; କିନ୍ତୁ ସେ ଭଲପାଇବାଟା ସ୍ୱାର୍ଥଜଡ଼ିତ । ଶ୍ରଦ୍ଧା ଓ ପ୍ରେମର ପାତ୍ରକୁ କ'ଣ କେହି ନିନ୍ଦିତ ବା ଅପମାନିତ କରିପାରେ ? ତା' ସଂସାରରେ ବିଶୃଙ୍ଖଳା ଓ ଅଶାନ୍ତି ଆଣିପାରେ ? ଆମ ଦେଶରେ ନିନ୍ଦା ଏକ ପ୍ରତିଷ୍ଠାନ (institution)– ଏ ପ୍ରତିଷ୍ଠାନର କାମ ଖୁବ୍ ବଢ଼ିଯାଇଛି । ମା' ଯେତେ ଲୁଚେଇବାକୁ ଚେଷ୍ଟାକରନ୍ତୁ ବା ରମାକୁ ନିଜର ଝିଅ ବୋଲି ପରିଚୟ ଦେବାକୁ ଚେଷ୍ଟାକରନ୍ତୁ, ଲୋକମାନଙ୍କ ମୁହଁ ତ ବନ୍ଦ କରିପାରିବେ ନାହିଁ । ମୁଁ ଭଲକରି ବୁଝିପାରିଛି–ପ୍ରେମର ଦୁଇଟି ରୂପ ଅଛି; ଗୋଟିଏ ମଣିଷକୁ ଊର୍ଦ୍ଧ୍ୱକୁ ନେଇଯାଇପାରେ, ସ୍ୱାର୍ଥପରତା, ନୀଚତା ଦୂର କରିପାରେ, ଚତୁର୍ଦ୍ଦିଗ ଆଲୋକରେ ଉଜ୍ଜ୍ୱଳ କରେ, ଯେଉଁ ଆଲୋକରେ ସାମାନ୍ୟ ଜିନିଷ ଅସାମାନ୍ୟ ହୋଇଉଠେ, ପ୍ରିୟ ପ୍ରିୟତର ହୁଏ, ଏପରିକି ଅପ୍ରିୟ ମଧ୍ୟ ପ୍ରିୟ ହୁଏ । ପୁଣି ପ୍ରେମର ଅନ୍ୟ ରୂପଟି ମଣିଷକୁ ବନ୍ଧନରେ ପକାଏ, ସ୍ୱାର୍ଥର ବନ୍ଧନ, ଆର୍ଥିକ ସ୍ୱଚ୍ଛଳତା, ପ୍ରୋଭିଡେଣ୍ଟ ଫଣ୍ଡ, ଇନ୍‌ସ୍ୟୁରାନ୍‌ସ, ଘରଦ୍ୱାର, ବହିର କପିରାଇଟ୍, ଖ୍ୟାତି ଓ ନାମରେ ଅଂଶୀଦାର ହେବାକୁ ଚାହେଁ, ଟ୍ରାପିଡ଼୍‌ର ଖେଳ ପରି ମଣିଷ ଦଉଡ଼ି ଉପରଦେଇ ଚାଲୁଛି, ଚାଲିଜାଣିଲେ ଯଥାସ୍ଥାନରେ ପହଞ୍ଚିପାରିବ, ନହେଲେ ମୁହଁମାଡ଼ି ପଡ଼ିଯିବ ।

ମା'ଙ୍କ ଆଖିରେ ନିଦ ନାହିଁ, ମୋର ମଧ୍ୟ ଏକା ଅବସ୍ଥା । ବିନା କାରଣରେ ବାପାଙ୍କର ଭର୍ତ୍ସନା ଆମକୁ ଅସହାୟ କରିଦେଉଛି । ଦିନକର ଘଟଣା ମୁଁ ଭୁଲିପାରିବି ନାହିଁ । ଯତୀନ ଦାସ (ବାଘା ଯତୀନ)ଙ୍କ ମୃତଦେହ ନେଇ ଶୋଭାଯାତ୍ରା ଚାଲିଛି ରସାରୋଡ଼୍ ଦେଇ । ମୁଁ ମୋର ସମବୟସୀ କେତୋଟି ଝିଅଙ୍କ ସଙ୍ଗେ ବାଲକନିରେ ଠିଆହୋଇ ଶୋଭାଯାତ୍ରା ଦେଖୁଥିଲି । ଉତ୍ସାହ, ଉଦ୍ଦୀପନା ଦେଖି ଓ ଜୟଧ୍ୱନି ଶୁଣି ଆମେ ସବୁ

Digitized by srujanika@gmail.com

ଅଭିଭୂତ । ସୁଭାଷ ବୋଷ ଥିଲେ ଶୋଭାଯାତ୍ରାର ଅଗ୍ରଣୀ । ପୋଷ୍ଟରରେ ଲେଖାଥିଲା ମୂଲ୍ୟବାନ୍ କଥା–''ଉଦୟେର ପଥେ ଶୁଣି କା'ର ବାଣୀ, ଭୟ ନାଇ ଓରେ ଭୟ ନାଇ; ନିଃଶେଷେ ପ୍ରାଣ ଯେ କରିବେ ଦାନ, କ୍ଷୟ ନାଇ ତା'ର କ୍ଷୟ ନାଇ ।'' କବିତା ମୋ ରକ୍ତରେ ପ୍ରବେଶକରି ମୋତେ ବ୍ୟାକୁଳ କଲା, ମୁଁ କବିତାର ବାକି ଧାଡ଼ିଗୁଡ଼ିକ ଆବୃତ୍ତି କରିବାରେ ଲାଗିଲି– ''ହେ ରୁଦ୍ର ତବ ସଙ୍ଗୀତ ଆମି କେମନି ଗାହିବ କହିଦାଓ ସ୍ୱାମୀ, ମରଣ ନୃତ୍ୟେ ଛନ୍ଦ ମିଲାୟେ ହୃଦୟ ଡମରୁ ବାଜାବ–ଭୀଷଣ ଦୁଃଖେ ଡାଲି ଭରେ ଲୟେ ତୋମାର ଅର୍ଘ୍ୟ ସାଜାବ ।'' ଆବୃତ୍ତି କରୁ କରୁ ମୋ ମନ ମନ୍ତ୍ରାବିଷ୍ଟ ହୋଇଗଲା । ପୁଷ୍ପାଚ୍ଛାଦିତ ଶବାଧାର ଆଡ଼କୁ ଚାହିଁ ଆମେ ହିପ୍ନୋଟାଇଜଡ଼୍ ହୋଇଗଲୁ । ଆମେ ନିଜକୁ ଆଉ ସମ୍ଭାଳି ନପାରି ଶୋଭାଯାତ୍ରାରେ ଯୋଗଦେବାପାଇଁ ତଳକୁ ଓହ୍ଲାଇ ଆସିଲୁ ଓ ଅଚିରେ ଜନସମୁଦ୍ରରେ ମିଶିଗଲୁ । ପୁଲିସ ଜନତାକୁ ଆକ୍ରମଣ କଲା । ଜନତାକୁ ଦଳି ଚକଟି ପକାଇଲା । ଆମେ ମଧ୍ୟ ଆହତ ହେଲୁ । ଲୁଗାପଟା ଚିରିଗଲା, ଶରୀର ଧୂଳିଧୂସର ହେଲା । ଘରଲୋକଙ୍କ ପ୍ରଶ୍ନର ସମ୍ମୁଖୀନ ହେଲି । ମିଛ କହିବାକୁ ମନ ହେଲାନାହିଁ । ଯଦି ମିଛ କହେ, ତେବେ ମହାନ୍ ମୃତ୍ୟୁର ଅସମ୍ମାନ ହେବ । ସତକଥା କହିଦେଲି । ବାପା ମୋତେ ଯେଭଳି ତିରସ୍କାର କଲେ, ସେଥିରେ ମୋ ମୁଣ୍ଡ ଭିତରଟା କ୍ଷତବିକ୍ଷତ ହୋଇଗଲା ପରି ମନେହେଲା ।

'ମୁଁ କିପରି ସ୍ୱାଧୀନ ହେବି, ଏହି ଚିନ୍ତା ସବୁବେଳେ କରୁଛି । ମା' ପୂର୍ବେ ସ୍ୱାଧୀନ ନଥିଲେ । ନିଜ ଇଚ୍ଛାରେ କାହାରିକୁ ୨୦ଟା ଟଙ୍କା ମଧ୍ୟ ଦେଇପାରୁନଥିଲେ । ତଥାପି ସେତେବେଳେ ବାପାଙ୍କ ଉପରେ ତାଙ୍କର ଯଥେଷ୍ଟ ପ୍ରଭାବ ଥିଲା– ବାପାଙ୍କୁ ବୁଝେଇସୁଝେଇ ଅନେକ କିଛି କରିପାରୁଥିଲେ । ବର୍ତ୍ତମାନ ଆଉ କୌଣସି ପ୍ରଭାବ ନାହିଁ । ଟିକିଏ କଥାରେ ବାପା ମା'ଙ୍କ ଉପରେ ବିରକ୍ତ ହେଉଛନ୍ତି । ମୁଁ ଭାବୁଛି, ଯେଉଁମାନେ ନିଜର ସ୍ୱାଧୀନତା ଭଲପାଆନ୍ତି, ସେମାନେ କେଉଁ ଯୁକ୍ତିରେ ଅନ୍ୟକୁ ପରାଧୀନ ରଖନ୍ତି ? ଅବଶ୍ୟ ଏଇ ଯୁକ୍ତିହୀନତା ହିଁ ସର୍ବତ୍ର ଦେଖିବାକୁ ମିଳେ...କି ପରିବାର ଭିତରେ, କି ରାଷ୍ଟ୍ରରେ । "Rule Britania rule the waves–Britons will never never be slaves." ଅଥଚ ସେଇ ବ୍ରିଟନମାନେ ଆମକୁ ପରାଧୀନ କରି ରଖିଛନ୍ତି । କେବଳ ଆମକୁ ନୁହେଁ, ଆହୁରି ଅନେକ ଜାତିକୁ । ପୁଣି ସେଟା ସେମାନଙ୍କର ଗର୍ବ– Sun never sets in British empire । ମଣିଷ ଖୁବ୍ କମ୍ ଯୁକ୍ତି ପ୍ରୟୋଗକରେ ।

ମା' ମୋ ପାଇଁ ପାତ୍ର ଖୋଜିବାରେ ବ୍ୟସ୍ତ । ରୀତିମତ ଖଣ୍ଡିଏ ଖାତା କରିଛନ୍ତି; ସେଥିରେ ଉପଯୁକ୍ତ ପାତ୍ରମାନଙ୍କର ନାମ, ଗୁଣାବଳୀ, ସେମାନଙ୍କ ଅଭିଭାବକମାନଙ୍କର ନାମ, ଠିକଣା ସବୁ ଲେଖାହୋଇଛି । ଭଲ ପାତ୍ରର ସନ୍ଧାନ ପାଇଲେ ସମସ୍ତ ଅବିବାହିତା

Digitized by srujanika@gmail.com

କନ୍ୟାମାନଙ୍କର ମା'ମାନେ ଜାଲପାରି ବସନ୍ତି । କନ୍ୟା ମା'ର ଭୟ ଥିଲା, ଯଦି କେହି ନିନ୍ଦୁକ ଝିଅ ନାମରେ ଅପବାଦ ଦେଇଦିଏ, ତେବେ ବାହାଘର ହୋଇପାରିବ ନାହିଁ । ମୋ ମା' ଡରି ଡରି ରହିଛନ୍ତି । ମିର୍ଚ୍ଚାର କଥା ଆମର ଆତ୍ମୀୟସ୍ୱଜନ ଅନେକେ ଜାଣିଯାଇଛନ୍ତି । ତା' ଉପରେ ବାପାଙ୍କର ଏଇ କୀର୍ତ୍ତି । ତା' ନ ହେଲେ ରୂପ, ଗୁଣ, ବିଦ୍ୟାରେ ମୁଁ ତ କିଛି କମ୍ ନଥିଲି; ତେଣୁ ମୋ ପାଇଁ ଏତେ ଚିନ୍ତାକରିବାର କ'ଣ ବା ଥିଲା ?

ଏହି ସମୟରେ ଜାତିଭେଦଟା ଯେ ବଡ଼ ଅନ୍ୟାୟ, ତା' ବୁଝିପାରି ମୁଁ ତା' ବିରୋଧରେ କିଛି ଗୋଟାଏ କରିବାକୁ ସ୍ଥିର କଲି । କିପରି କରିବି ? କିଏ ବା ମୋ କଥା ଶୁଣିବ ? ମୁଁ ଦିନେ ବାପାଙ୍କୁ କହିଲି, ''ତୁମେମାନେ ଯଦି ମୋତେ ବିବାହ ଦେବାପାଇଁ ସ୍ଥିରକରିଛ, ତା'ହେଲେ ଅନ୍ୟ ଜାତିରେ ଦେଲେ କ୍ଷତି କ'ଣ ?'' ବାପା ବିସ୍ମିତ ହୋଇ କହିଲେ, ''ଅନ୍ୟ ଜାତିରେ ? କାହିଁକି, ଆମ ଜାତି କ'ଣ ଦୋଷ କଲା ?'' ମୁଁ କହିଲି, ''ମୋର ବିବାହ ସଙ୍ଗେ ସଙ୍ଗେ ଦେଶକାମ ବି ହେବ ।'' ବାପା ରାଜି ହେଲେ ନାହିଁ । କହିଲେ, ''ତୋର ଏପରି ରିଫର୍ମେଟାରି ମ୍ୟାରେଜ ଦରକାର ନାହିଁ ।''

ମୋ ପାଇଁ ଗୋଟିଏ ପାତ୍ର ଆସିଲା । ଡାକ୍ତର, ଭଲ ଉପାର୍ଜନ କରେ । ପାତ୍ରଟିର ବର୍ଣ୍ଣ ଘନକୃଷ୍ଣ । ଆମର ବର୍ଣ୍ଣବିଦ୍ୱେଷ ଆଦୌ କମ୍ ନୁହେଁ । ପାତ୍ରଟିକୁ ଦେଖି ମା' କାତର ହୋଇ କହିଲେ, ''ଖୁବ୍ କଳା, କ'ଣ କରିବି ?'' ମୋତେ ବେଶ୍ ମଜା ଲାଗିଲା । ଭାବିଲି, ଥରେ କହିବି, ''ଗୌରବର୍ଣ୍ଣ ତ ତୁମର ପସନ୍ଦ ନୁହେଁ''... କିନ୍ତୁ ଆଉ କିଛି କହିଲି ନାହିଁ । ଡାକ୍ତରର ବୃଦ୍ଧ ପିତା ମୋତେ ଖୁବ୍ ପସନ୍ଦ କଲେ; କିନ୍ତୁ ଡାକ୍ତର ପାତ୍ର ମୋତେ ପସନ୍ଦ କଲେନାହିଁ । ପାତ୍ରଟିର ନିଜସ୍ୱ ଗୋଟିଏ ମତ ଥିଲା । ସେ ବଙ୍ଗାଳୀ ଜାତିର ଉନ୍ନତି ପାଇଁ ଚିନ୍ତିତ । ଅବଶ୍ୟ ମୁଁ ତାଙ୍କୁ ଦୋଷ ଦେଇପାରେନା; କାରଣ ମୁଁ ଯେପରି ଜାତିଭେଦ ଦୂରକରି ବଙ୍ଗାଳୀ ଜାତିର ଆତ୍ମିକ ଉନ୍ନତି ପାଇଁ ଚିନ୍ତାକରୁଛି; ସେ ମଧ୍ୟ ସେହିପରି ଦୈହିକ ଉନ୍ନତିର ଚେଷ୍ଟାକରୁଛନ୍ତି । ତାଙ୍କ ନିଜର ଉଚ୍ଚତା ପାଞ୍ଚଫୁଟ ତିନି ବା ଚାରି ଇଞ୍ଚ, ସେଥିପାଇଁ ସେ ଅନ୍ତତଃ ପାଞ୍ଚ ଫୁଟ ଆଠ ଇଞ୍ଚର ପାତ୍ରୀ ଖୋଜୁଛନ୍ତି; କିନ୍ତୁ ମୋର ଉଚ୍ଚତା ପାଞ୍ଚ ଦୁଇ ବା ତିନି । ତାଙ୍କର ଧାରଣା, ପାତ୍ର ଯଦି ଗେଡ଼ା ହୁଏ, ତେବେ ପାତ୍ରୀ ଲମ୍ବା ହେବା ଦରକାର; ନଚେତ୍ ପାତ୍ରପାତ୍ରୀ ଦୁହେଁ ଯଦି ଗେଡ଼ା ହୁଅନ୍ତି, ତେବେ ବଙ୍ଗାଳୀ ଜାତିର ଭବିଷ୍ୟତ ଅନ୍ଧକାର । ସେଥିପାଇଁ ଉଚ୍ଚପଦରେ ଅଧିଷ୍ଠିତ ପାତ୍ରଟି ସ୍ୱଜାତିରେ ଯେତେ ଅବିବାହିତା କନ୍ୟା ଅଛନ୍ତି, ସମସ୍ତଙ୍କୁ ବାଛିବୁଲୁଛନ୍ତି । ପରିଶେଷରେ ଜଣେ ଭଦ୍ରଲୋକଙ୍କ ଘରକୁ ଯାଇ ଦେଖିଲେ ପାତ୍ରୀର ଆଈ ଖୁବ୍ ଡେଙ୍ଗା । ତାଙ୍କୁ ଦେଖି ଡାକ୍ତର କହିପକାଇଲେ, ''ଆପଣ ତ ବେଶ୍ ଡେଙ୍ଗା !'' ବୃଦ୍ଧା ତାଙ୍କର ରୁଗ୍‌ଣ ହାତଟି ପ୍ରସାରଣ କରି କହିଲେ, ''କିନ୍ତୁ ତୁମ ସଙ୍ଗେ ତ ମୋର ବିବାହ ହେବବନାହିଁ ।'' ନିଜ ମନମୁତାବକ ଡେଙ୍ଗୀ ଝିଅ ନମିଳିବାରୁ ଡାକ୍ତର ପାତ୍ର ବିବାହ କରିପାରିଲେ ନାହିଁ ।

Digitized by srujanika@gmail.com

ପରିଶେଷରେ ମୋ ପାଇଁ ପାତ୍ର ମିଳିଲା । ମୁଁ ବଞ୍ଚିଗଲି । ପାଞ୍ଚଟି ଦିନ ଭିତରେ ବିବାହ ବ୍ୟବସ୍ଥା ହୋଇଗଲା । ପାତ୍ର ବିଦ୍ୱାନ୍ ବ୍ୟକ୍ତି । ପାଞ୍ଚବର୍ଷ ଭିତରେ ଡକ୍‌ଟରେଟ୍ ଉପାଧି ପାଇଛି । ମୋର ବିବାହ ହୋଇଗଲା । ଏହି ସମୟରେ କବି ସିଲୋନରେ ଥିଲେ । ସେଠାରୁ ଟେଲିଗ୍ରାମଦ୍ୱାରା ମୋତେ ଆଶୀର୍ବାଦ ଜଣାଇଲେ ।

ମୋତେ ଓ ମୋର ସ୍ୱାମୀଙ୍କୁ ଶୁଭେଚ୍ଛା ଜଣାଇ, ଆଶୀର୍ବାଦ କରି ବାପା-ମା' ବିଦାୟଦେଲେ । ବାସରଘରେ ମୁଁ ଓ ମୋର ସ୍ୱାମୀ । ମୋ ସ୍ୱାମୀଙ୍କ ବୟସ ଚଉତ୍ରିଶ । ସେ ମୋଠାରୁ ଚଉଦ ବର୍ଷ ବଡ଼ । ଆମେ ପରସ୍ପରକୁ ଦେଖୁଛୁ । ଦେଖିବାକୁ ଭଲ ନହେଲେ ମଧ୍ୟ ଲୋକ ହିସାବରେ ଖୁବ୍ ଭଲ । ବାସରଘରେ ମୁଁ ଭାବୁଛି– ଚିହ୍ନା ନାହିଁ, ପରିଚୟ ନାହିଁ, ପ୍ରଥମ ଦେଖା– ଗୋଟିଏ ବିଛଣାରେ କିପରି ଶୋଇବି ? ମୋତେ ଅସ୍ୱସ୍ତି ଲାଗୁଛି । ମୁଁ କହିଲି– ମୁଁ ତଳେ ଶୋଇବି । ସେଥିରେ ସେ ରାଜିହେଲେନାହିଁ । ଦୁହେଁ ଗୋଟିଏ ବିଛଣାରେ ଶୋଇଲୁ । ବତି ଲିଭେଇ ଆମେ ଶୋଇପଡ଼ିଛୁ । ଚାରିବର୍ଷ ପରେ ହଠାତ୍ ମୋର ମନେହେଲା– ମୁଁ ମିର୍ଜାକୁ ଦେଖୁଛି ଗୋଟିଏ ମହାଦେଶ ପାରିହୋଇ; ଭାରତ ସାଗର ପାରିହୋଇ । ହଠାତ୍ ସେ ଅବରୁଦ୍ଧ ଦୁଆର ଭିତରଦେଇ ପ୍ରବେଶକଲା । ସେ ଯେତେବେଳେ ଆମ ଘରେ ଥିଲା, ସେତେବେଳେ ଭୂମିକମ୍ପ ଦିନଟା ଛଡ଼ା ମୁଁ ତାକୁ କେବେହେଲେ ଏତେ ରାତିରେ ଦେଖିନି ବା ଗୋଟିଏ ବିଛଣାରେ ବସିନାହିଁ । ଆଜି ସେ ମୋର ବାସରଶଯ୍ୟାରେ ଆସି ବସିଲା । ମୁଁ ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲି । ''ମିର୍ଜା, ମୁଁ ତୁମ କଥା ଏତେ ଦିନ ଭୁଲିଯାଇଥିଲି ।'' ''ସତେ ?'' ''ହଁ, କିନ୍ତୁ ଆଜି ସକାଳୁ ଭାବୁଛି ।'' ''କ'ଣ ଭାବୁଛ ?'' ''ଭାବୁଛି, ତୁମେ ଆସୁନାହଁ କାହିଁକି ? ତୁମେ ତ ହିମାଳୟରେ ତପସ୍ୟା କରିଛ, ନିଶ୍ଚୟ କିଛି ନା କିଛି ଶକ୍ତି ଆହରଣ କରିଥିବ, ତୁମେ ଚାଲିଆସି ବାପାଙ୍କୁ ବୁଝାଇ କହିଥାଆନ୍ତ; କିନ୍ତୁ ତୁମେ ତ ଆସିଲନାହିଁ ।'' ''ଏଇ ତ ଆସିଛି ?'' ''କିନ୍ତୁ ବର୍ତ୍ତମାନ ଅନେକ ଡେରି ହୋଇଗଲା ।'' ''ଡେରି କ'ଣ ? ଶୀଘ୍ର କ'ଣ ? ପୂର୍ବେ ବା ପରେ କ'ଣ ?'' ଏହା କହି ସେ ମୋର ହୃତ୍‌ପିଣ୍ଡରେ ମୁହଁ ରଖିଲା । ସେଠାରେ ରକ୍ତବାହୀ ଶିରା-ଉପଶିରା ତା'ର ଚୁମ୍ବନରେ ଦଳିତ ପିଷ୍ଟ ହୋଇ ରକ୍ତ ଆକାରରେ ବିନ୍ଦୁ ବିନ୍ଦୁ ହୋଇ ଝରିପଡ଼ିଲେ ଖଟ ଉପରୁ ପ୍ରଥମେ ପିଣ୍ଡାକୁ, ତତ୍‌ପରେ ପିଣ୍ଡାରୁ ପ୍ରତ୍ୟାପାଦିତ୍ୟ ରୋଡ୍ ଉପରକୁ ଝରି ଗଙ୍ଗା ସନ୍ଧାନରେ ବୋହିଗଲେ । ହେ ପତିତପାବନୀ ଗଙ୍ଗା, ତୁମେ ମୋର ରକ୍ତସ୍ରୋତକୁ ସମୁଦ୍ରକୁ ନେଇଯାଅ, ମୋ ଦେହରୁ ସବୁ ରକ୍ତ ଚାଲିଯାଉ । ମୋର ନୂଆ ରକ୍ତ ହେଉ, ନୂତନ ଜୀବନ ହେଉ । ମୁଁ ଯେପରି କାଲି ସକାଳେ ନୂତନ ଜୀବନ ପାଇ ଜାଗିଉଠେ ।

ଠିକ୍ ଭୋର୍ ପାଞ୍ଚଟାବେଳେ ମୋ ସ୍ୱାମୀ ମୋତେ ନିଦରୁ ଉଠାଇଦେଲେ । ମୋର ମନେହେଲା ଭଦ୍ରଲୋକ ବିନିଦ୍ର ଥିଲେ । ମୁଁ ପ୍ରଶ୍ନକଲି, ''ଆପଣ କ'ଣ ରାତିସାରା ଶୋଇନାହାନ୍ତି ?'' ସେ ମୃଦୁ ହସି କହିଲେ, ''ହଁ, ତୁମେ କହିଥିଲ ପାଞ୍ଚଟାବେଳେ ଉଠାଇ

Digitized by srujanika@gmail.com

ଦେବାକୁ; ଶୋଇପଡ଼ିଲେ କାଳେ ଭୁଲ ହୋଇଯିବ, ସେଥିପାଇଁ ମୁଁ ଜଗିଥିଲି ।'' ଏ ମୋର ସ୍ୱାମୀ, ଦୀର୍ଘକାଳ ଆମେ ଏକାଠି ଚଳିଛୁ । ସେ ଚିରଦିନ ମୋ ପ୍ରତି ଏହିପରି ଅତନ୍ଦ୍ର । ବାପା ମୋତେ ଗୋଟିଏ ଚିଠି ଦେଲେ । ଚିଠିଟି ମୋ ସ୍ୱାମୀ ଲେଖିଥିଲେ– ଅବଶ୍ୟ ବିବାହ ପୂର୍ବରୁ ମୋତେ ସମ୍ବୋଧନ କରି । ଚିଠିଟି ଏହିପରି–

Mademoiselles,

Understanding that you are going to choose a partner in life I beg to offer myself as a candidate for the vacancy. As regards my qualifications I am neither married nor am I a widower, I am in fact the genuine article–a bachelor; what is more, I am a real ripe bachelor, being one of long standing.

I should in fairness refer also to my disqualifications. I frankly confess that I am quite new to the job and I cannot boast of any previous experience in the line–never having had occasion before to enter into such partnership with anyone.This is my want of experience is likely, I am afraid, to be regarded as a handicap and disqualification. May I point out, however, that though want of experience is likely, I am afraid, to be regarded as handicap and a disqualification in other avenue of life, this particular line is the only one where it is desirable in every way. A more likely handicap is the fact that I am an old bachelor with confirmed bachelor habits. Lest fears be entertained about my ability to adapt myself to the new conditions, may I draw your attention to the fact that I am not such a hopeless case as Sir P.C. Ray.

For further particulars I beg you to approach your mother who studied the other day with an amount of curiosity and interest that would have done credit to an eminent Egyptologist examining a rare mummy.

In fine, permit me to assure you that it will be my constant endeavour to give every satisfaction.

I have honour to be

Mademoiselle.

Your most obedient Servant.

ମହାଶୟା,

ମୁଁ ଜାଣିପାରିଛି କି ଆପଣ ଜଣେ ଜୀବନସଙ୍ଗୀ ନିର୍ବାଚନ କରିବେ । ତେଣୁ ମୁଁ ଜଣେ ପ୍ରାର୍ଥୀ ହିସାବରେ ନିଜକୁ ନିବେଦନ କରୁଛି । ମୋର ଗୁଣାବଳୀ ସମ୍ବନ୍ଧରେ ମୁଁ

Digitized by srujanika@gmail.com

ଏତିକି କହିପାରେ, ମୁଁ ବିବାହିତ ନୁହେଁ ବା ବିପତ୍ନୀକ ନୁହେଁ । ମୁଁ ଜଣେ ବୟସ୍କ କୁମାର ।

ମୋ ଦୋଷ ଭିତରେ ମୁଁ କହିପାରେ ଯେ ମୁଁ ଏ ପଦ ପାଇଁ ଅନଭିଜ୍ଞ ପ୍ରାର୍ଥୀ । ପୂର୍ବରୁ ଏପରି ଅଭିଜ୍ଞତାର ସୁଯୋଗ ପାଇନଥିଲି । ତେଣୁ ଅଭିଜ୍ଞତାର ଅଭାବ ମୋର ଏକ ବିରାଟ ପ୍ରତିବନ୍ଧକ ବା ଦୋଷ ହୋଇପାରେ । ମୋର ଆଉ ଏକ ପ୍ରତିବନ୍ଧକ– ମୁଁ ଅବିବାହିତ ଦୋଷଯୁକ୍ତ ବୟସ୍କ କୁମାର । ନୂତନ ପରିସ୍ଥିତିପାଇଁ ମୁଁ ଉପଯୁକ୍ତ କି ନୁହେଁ, ସେ ବିଷୟରେ ଆପଣଙ୍କର ଯଦି ଭୟ ଥାଏ, ତାହାହେଲେ ମୁଁ ଏତିକି କହିପାରେ ଯେ ମୁଁ ସାର୍ ପି.ସି.ରାଏଙ୍କ ପରି ଏତେଟା ଅପଦାର୍ଥ ନୁହେଁ ।

ବିଶେଷ ବିବରଣୀ ପାଇଁ ମୁଁ ଅନୁରୋଧ କରୁଛି, ଆପଣ ଆପଣଙ୍କ ମା'ଙ୍କ ସାହାଯ୍ୟ ନିଅନ୍ତୁ । ଜଣେ ମିଶରୀୟ ବିଶେଷଜ୍ଞ ମମୀକୁ ପରୀକ୍ଷା କରିବାରେ ଯେଭଳି ଆଗ୍ରହ ଓ ଜିଜ୍ଞାସା ଦେଖାଇଥାଏ, ସେହିପରି ଆଗ୍ରହ ଓ ଜିଜ୍ଞାସା ସହ ଆପଣଙ୍କ ମା' ମୋତେ ନିରୀକ୍ଷଣ କରିଥିଲେ ।

ପରିଶେଷରେ ଆପଣଙ୍କ ଅନୁମତି ସହ ମୁଁ ନିଶ୍ଚିତଭାବେ କହିପାରେ, ଆପଣଙ୍କୁ ସନ୍ତୁଷ୍ଟ କରିବା ପାଇଁ ମୁଁ ସର୍ବଦା ଚେଷ୍ଟିତ ରହିବି; ଆପଣଙ୍କ ଅନୁଗତ ହୋଇ ସମ୍ମାନିତ ହେବି ।

ଚିଠିଟା ପଢ଼ି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଝଡ଼ ଦୁର୍ଯୋଗ ମଧ୍ୟରେ ଖରାଟା ଯେପରି କୋମଳ ଓ ସୁନ୍ଦର ଲାଗେ, ମୋତେ ସେହିଭଳି ଲାଗିଲା । ମୁଁ ହସି ହସି ଚିଠିଟା ମା'ଙ୍କୁ ଦେଇ କହିଲି, ''ଚିଠିଟା ପଢ଼ିଛ ?''

''ହଁ, ତୋ ବାପା ଅଜ୍ଞ ପଢ଼ିଛନ୍ତି ।''

''ମୋତେ କାହିଁକି କାଲି ଦେଇନଥିଲ ?''

''ମୁଁ ଭାବିଲି, କିଏ କ'ଣ ଲେଖିଥିବ ପରା...''

''ସେ କ'ଣ ? ତଳେ ପରା ନାଁ ଲେଖାହୋଇଛି... ''

ହାୟ ! ଚିଠିଟା ଯଦି କାଲି ପାଇଥାଆନ୍ତି, ତେବେ ଗୋଟିଏ ଦୁଇଟି କହିବା କଥା କହିଥାଆନ୍ତି; ଭଦ୍ରଲୋକଟିକୁ କହିଥାଆନ୍ତି, ''ଆପଣ ତ ଖୁବ୍ ହସାଇପାରନ୍ତି ।'' ସେତକ ହେଲାନାହିଁ ।

ମୋ ସ୍ୱାମୀଙ୍କ କର୍ମସ୍ଥଳୀ ହିମାଳୟର ପାଦଦେଶରେ ଥିବା ଏକ ନିର୍ଜନ ସ୍ଥାନ, ଯାହାର ନାମ କେହି ଶୁଣିନାହାନ୍ତି । ମୋର ବିବାହର ତିନି ଚାରି ଦିନ ପରେ କବି ସିଂହଳରୁ ଫେରିଲେ ତାଙ୍କ ସହିତ ଆମେ ଦେଖାକରିବାକୁ ଯିବୁ । ମୁଁ କାହାରି ସହିତ ନଯାଇ ଏକୁଟିଆ ଯିବାକୁ ଚାହେଁ । ବାପା ତାଙ୍କ ଜୋଇଁଙ୍କୁ ନେଇ ଗଲେ ।

ମୁଁ ଅପରାହ୍ଣରେ ଗଲି ।

Digitized by srujanika@gmail.com

ରମା ମୋ ସହିତ୍ ଗଲା । ମୋ ମନ ଭିତରେ ଏକ ଅଦ୍ଭୁତ ଆବେଗର ଆଲୋଡ଼ନ । କାହିଁକି ମୁଁ ଏ ଏତେ ଅସ୍ଥିର, ଏତେ ଉଦ୍‌ଭ୍ରାନ୍ତ, ତାହା ଜାଣେ ନାହିଁ । ପାହାଚ ଦେଇ ମୁଁ ଦ୍ରୁତ ଚଢୁଛି । ମୋ ବନାରସୀ ପଣତ ଭୂଲୁଣ୍ଠିତ । ମୋର ସର୍ବାଙ୍ଗ ଅଳଙ୍କାରବିଭୂଷିତ । ମୋର ବଧୂବେଶ ସଂପୂର୍ଣ୍ଣ । କବି ମୋ ପାଇଁ ଅପେକ୍ଷା କରୁଥିଲେ । ମୋତେ ଦେଖି ଦୁଇ ହାତ ପ୍ରସାରିତ କରି କହିଲେ, ''ଆସ ଅମୃତା !''

ମୁଁ ତାଙ୍କ କୋଳ ଉପରେ ପଡ଼ି କାନ୍ଦିବାକୁ ଲାଗିଲି । ମୋ ସହିତ ରମା ଥିଲା, ତାକୁ ସେ ଅନ୍ୟ ଘରକୁ ଯିବାପାଇଁ ନିର୍ଦ୍ଦେଶ ଦେଲେ । ମୁଁ ନିଜକୁ ସମ୍ଭାଳି ନେଇ ବସିଲି । କବି କହିଲେ, ''ମୁଁ ଉପଦେଶ ଦେବାକୁ ଭଲପାଏନାହିଁ । ବଡ଼ ବଡ଼ କଥାର ପଥର ଚପେଇ ମୁଁ ଆତୁର ମନକୁ ଅଧିକ କ୍ଲାନ୍ତ କରିଦେବାକୁ ଚାହେଁନା; କିନ୍ତୁ ମୁଁ ତୁମକୁ କେତୋଟି କଥା କହିବି ।'' ଟିକିଏ ନୀରବ ରହି କହିଲେ, ''ତୁମର ବାପା ଆଜି ସକାଳେ ଯେଉଁ ଭଦ୍ରଲୋକ ଜଣକୁ ସଙ୍ଗରେ ନେଇ ଆସିଥିଲେ, ତାଙ୍କ ସହିତ କ'ଣ ବା କଥା କହିଥାଆନ୍ତି ? କେବଳ ପଣ୍ଡିତମାନେ ହିଁ ଏପରି ନିଷ୍ଠୁରତା କରିପାରନ୍ତି; କିନ୍ତୁ ତୁମ ପ୍ରତି କେହି ନିଷ୍ଠୁର ହେଲେ ବୋଲି ତୁମେ ନିଜେ ନିଷ୍ଠୁର ହେବ, ଏଟା ତ ଠିକ୍ ନୁହେଁ । ଆମ ହାତରେ ଆଉ କେହି ନ ଥାଆନ୍ତୁ, ଆମେ କେବଳ ନିଜେ ନିଜ ହାତରେ ଅଛୁ । ମୁଁ ଜାଣେନା, ଯାହା ସହିତ ତୁମର ବିବାହ ହୋଇଛି, ସେ କିପରି ଲୋକ । ତାଙ୍କର ଅବସ୍ଥା ତୁମ ପାଇଁ ଅନୁକୂଳ କି ନୁହେଁ; କିନ୍ତୁ ଅବସ୍ଥା ଯେପରି ହେଉନା କାହିଁକି, ଭାଗ୍ୟ ଯାହା ହେଉ ନା କାହିଁକି, ତୁମେ ତାଙ୍କଠାରୁ ବଡ଼ ହେବ । ମୁଁ ଆଶାକରୁଛି, ତୁମେ ତୁମ ଆଖପାଖ ଲୋକଙ୍କୁ ସୁଖୀ କରିବ ଏବଂ ନିଜେ ସୁଖୀ ହେବ । ଯଦି ତୁମେ ସୁଖୀ ନ ହୁଅ, ଯଦି ତୁମେ ଭାଙ୍ଗିପଡ଼, ପରାଜିତ ହୁଅ ପ୍ରତିକୂଳ ଅବସ୍ଥା ହାତରେ, ତା'ହେଲେ ମୁଁ ମନେକରିବି ସେଟା ମୋର ପରାଜୟ; କିନ୍ତୁ ମୁଁ ଜାଣେ ତାହା ହେବନାହିଁ । ତୁମେ ନିଶ୍ଚୟ ପାରିବ । ତୁମେ ଗୋଟିଏ ସୁନ୍ଦର ନୀଡ଼ ରଚନାକରି ସମସ୍ତଙ୍କୁ ସୁଖୀ କରିବ । ତୁମର ସୁନ୍ଦର ସଂସାରରେ ସମସ୍ତେ ଆନନ୍ଦିତ ହେଲେ ମୁଁ ପ୍ରତିଜ୍ଞା କରି କହୁଛି, ମୁଁ ନିଶ୍ଚୟ ଯିବି ତୁମ ଘରକୁ । ମୁଁ ତାଙ୍କୁ ପ୍ରଣାମ କରି କହିଲି, ''ତାହା ନିଶ୍ଚୟ ହେବ ।''

ଘରକୁ ଫେରିଲା ପରେ ରମା ଗୋପନରେ ବାପାଙ୍କୁ କ'ଣ କହିଲା୍ କେଜାଣି, ବାପା ମୋତେ ଭୀଷଣ ଗାଳିଦେଲେ । ଆମର ସେ ଯୁଗଟା ଅଦ୍ଭୁତ ଥିଲା । ଗୁରୁଜନମାନେ ଭାବୁଥିଲେ, ଧମକ ଦେଇ କ୍ରନ୍ଦନ ବନ୍ଦକରିଦେବେ, ଧମକ ଦେଇ ହସେଇବେ, ଏପରିକି ଧମକ ଦେଇ ଭଲପାଇବାକୁ ବାଧ୍ୟ କରିପାରିବେ । ଯାହାହେଉ, ସେଦିନ ମୁଁ ଭାବିଥିଲି, ସେଇ ଯେ ଚାଲିଯିବି, ଆଉ କେବେହେଲେ ବାପଘରକୁ ଆସିବି ନାହିଁ; ମାତ୍ର ସେଦିନ ଏପରି ଭାବିଥିଲି ଅଭିମାନବଶରୁ । ମୋର ନିର୍ଜନ ଗିରିବାସରୁ ମୁଁ ପ୍ରତି ଦୁଇ ମାସରେ ଥରେ ଲେଖାଏଁ ସାଧ୍ୟାତିରିକ୍ତ ଖରଚ କରି ବାପାଙ୍କୁ ଦେଖିବାକୁ ଆସିଥାଏ ।

Digitized by srujanika@gmail.com

ମୋ ସ୍ୱାମୀ ଓ ମୋ ମଧ୍ୟରେ ସ୍ୱାଭାବିକ ସଂପର୍କ ଗଢ଼ିଉଠିଲା କି ନାହିଁ, ତାହା ଜାଣିବାକୁ ମା'ଙ୍କ ମନରେ ଖୁବ୍ ଉଦ୍‌ବେଗ ଥିଲା । ଅଚିରେ ଆମ ମଧ୍ୟରେ ପ୍ରୀତିର ସଂପର୍କ ଗଢ଼ିଉଠିଲା ।

ମୁଁ ଯେତେବେଳେ ସେ ନିର୍ଜନ ଗିରିବାସକୁ ଗଲି, ସେତେବେଳେ ବର୍ଷାକାଳ । ଗଭୀର ଆଦିମ ଅରଣ୍ୟ ପାରିହୋଇ ଆମେ ଯେତେବେଳେ ଘରେ ଆସି ପହଞ୍ଚିଲୁ, ସେତେବେଳେ ସେହି ଉଦ୍ୟାନବେଷ୍ଟିତ ଘରଟି ଯେପରି ଆମକୁ ସାଦର ସମ୍ଭାଷଣ ଜଣାଇ ହସିଉଠିଲା । ଶାନ୍ତ ନିର୍ଜନ ବନଭୂମି– ଦୂର ନୀଳାଭ ଦିଗନ୍ତରେ ବରଫର ଶ୍ୱେତରେଖା । ଗୃହ ସୁସଜ୍ଜିତ, ଭୃତ୍ୟବୃନ୍ଦ ପରିମାର୍ଜିତ । ମୁଁ ବ୍ୟାଚଲରର ବିଶୃଙ୍ଖଳ ଗୃହକୁ ଆସିନାହିଁ । ଆମ ଘର ଯଦିବା ଏମାନଙ୍କ ଘର ଅପେକ୍ଷା ଅଧିକ ସଙ୍ଗତିସମ୍ପନ୍ନ, ତଥାପି କହିବାକୁ ହେବ ଯେ, ଆମେ ଏତେ ଆରାମରେ କେବେହେଲେ ରହିନଥିଲୁ; କିନ୍ତୁ ଆମର ଆତ୍ମୀୟସ୍ୱଜନମାନେ ମୋ ବିବାହର ନିନ୍ଦା କରିବାକୁ ଲାଗିଲେ । ସେମାନଙ୍କ ମତରେ ଏ ବିବାହ ଯଥୋପଯୁକ୍ତ ହୋଇନାହିଁ । ମୋ ସମବୟସୀ ଝିଅମାନେ କଳ୍ପିତ ଦୁଃଖରେ ସମବେଦନା ପ୍ରକାଶ କରିବାକୁ ଲାଗିଲେ ।

ମୋର ଶ୍ୱଶୁରାଳୟର ପୁରୁଷମାନଙ୍କୁ ଦେଖି ମୁଁ ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲି । ସେମାନେ କର୍ତ୍ତୃତ୍ୱ ଜାହିର କରନ୍ତି ନାହିଁ– ସବୁ କିଛି ସ୍ତ୍ରୀଲୋକମାନଙ୍କ ଉପରେ ଛାଡ଼ିଦେଇଛନ୍ତି । ଏ ଘରର ସ୍ତ୍ରୀଲୋକମାନେ ସଂପୂର୍ଣ୍ଣ ସ୍ୱାଧୀନ । ଅନ୍ୟାନ୍ୟ ପରିବାରରେ ଦେଖିଛି, ଭଲ ଖାଦ୍ୟଟି ଗୃହକର୍ତ୍ତାଙ୍କ ପାଇଁ ରଖାଯାଇଥାଏ । ଏଠାରେ ସେପରି ହୋଇପାରିବନାହିଁ । ସ୍ତ୍ରୀ ଯଦି ରାନ୍ଧିବସିଥାଏ, ତେବେ ତାର ସ୍ୱାମୀ ତାକୁ ପଙ୍ଖା ଧରି ବିଞ୍ଚିପକାଏ ।

ସୁଦୀର୍ଘ ଅଠତିରିଶ ବର୍ଷ ଧରି ମୁଁ ଓ ମୋର ସ୍ୱାମୀ ଯେଉଁ ସଂସାର କରିଛୁ, ତା' ଏକପ୍ରକାର ନିଖୁଣ । ଆମର ସନ୍ତାନଗଣ ବିରାଟ ପ୍ରତିଭାବାନ ନହେଲେ ମଧ୍ୟ ଶ୍ରେଷ୍ଠ ମଣିଷ ଶ୍ରେଣୀଭୁକ୍ତ ହୋଇପାରିଛନ୍ତି । ବିବାହ ପୂର୍ବରୁ ମୋର ପ୍ରଧାନ ଆକାଙ୍‌କ୍ଷା ଥିଲା ସ୍ୱାଧୀନତା– ମୁଁ ତାହା ପୂର୍ଣ୍ଣମାତ୍ରାରେ ପାଇଛି । ଶାଶୂଘରେ ଗୋଡ଼ ଦେବାମାତ୍ରେ ମୁଁ ବୁଝିପାରିଛି ଯେ ମୋର ଶୃଙ୍ଖଳ ଖୋଲିଯାଇଛି– ମୁଁ ଯାହା ଉଚିତ ମନେକରିବି ତାହା କରିପାରିବି । ସ୍ୱାଧୀନତାର ଅର୍ଥ ସ୍ୱେଚ୍ଛାଚାରିତା ନୁହେଁ । ମୋର ପୂର୍ଣ୍ଣ ସ୍ୱାଧୀନତାକୁ ମୁଁ କୌଣସି ଅନ୍ୟାୟ କାମରେ ଲଗାଇନାହିଁ ।

ବିବାହର ଅଳ୍ପ କିଛି ଦିନ ପରେ ମୋର ମନେହେଲା, ମିର୍ଚ୍ଚାକଥାଟା ମୋ ସ୍ୱାମୀଙ୍କୁ କହିଦେବା ଆବଶ୍ୟକ । କଥାଟା ମୁଁ ଦିନେ ଆରମ୍ଭ କଲି–"ଆମ ଘରେ ଜଣେ ବିଦେଶୀ ଛାତ୍ର ଥିଲା, ସେ ମୋତେ ବିବାହ କରିବାକୁ ଚାହିଁଥିଲା; କିନ୍ତୁ ମୋ ବାପା ରାଜିହେଲେନାହିଁ । ସେ ହିମାଳୟ ଚାଲିଗଲା ।" ଗୋଟିଏ ବାକ୍ୟରେ ମୁଁ ପୂରା କାହାଣୀଟା କହିଦେଲି । ମୋ ସ୍ୱାମୀ କହିଲେ, "ଆଚ୍ଛା !" ତାଙ୍କ ମୁଖରେ ଅଧିକ କୌତୂହଳ ଦେଖିଲିନାହିଁ । ଉଦ୍ରଲୋଙ୍କ

Digitized by srujanika@gmail.com

ସ୍ୱଳ୍ପଭାଷୀ । ମୁଁ କିନ୍ତୁ କଥା କହିବି ବୋଲି ସ୍ଥିରକରିଥିଲି, କହିଚାଲିଲି, ''ଆଚ୍ଛା, ବାସରଘରେ ମୁଁ ଯେତେବେଳେ ଚାଦର ଘୋଡ଼େଇହୋଇ ଶୋଇଥିଲି, ସେତେବେଳେ ତୁମର କିପରି ମନେହେଉଥିଲା– କିଛି ଖରାପ ଲାଗିନାହିଁ ?'' ପ୍ରଶ୍ନବାଣରେ ନିର୍ଯ୍ୟାତିତ ହୋଇ ମୋର ସ୍ୱାମୀ ଉତ୍ତର ଦେଲେ, ''ମୋର ବନ୍ଧୁ ଭୂପେଶର କଥା ମନେପଡୁଥିଲା; କାହିଁ, ତା'ପରେ ହେଲାନାହିଁ ତ । ମୋର ବନ୍ଧୁ ଭୂପେଶର ବିବାହ ହୋଇଥିଲା । ବିବାହ ପୂର୍ବରୁ ଭୂପେଶ ପାତ୍ରୀ ଦେଖିନଥିଲା, କି ପାତ୍ରୀ ମଧ୍ୟ ଭୂପେଶକୁ ଦେଖିନଥିଲା । ବାସର ଘରେ ଝିଅଟି ଭୂପେଶକୁ କହିଲା, 'ଦେଖନ୍ତୁ, ମୁଁ ଆପଣଙ୍କ ସ୍ତ୍ରୀ ନୁହେଁ କି ହୋଇ ମଧ୍ୟ ପାରିବିନାହିଁ । ମୁଁ ଜଣକୁ ପତିରୂପେ ବରଣ କରିଛି, ସେ ମଧ୍ୟ ମୋତେ ଭଲପାଏ; କିନ୍ତୁ ମୋ ବାପା ତା' ସହିତ ବିବାହ ଦେବାକୁ ଆଦୌ ରାଜିହେଲେନାହିଁ । ମୁଁ ଏବେ କ'ଣ କରିବି ? ଆପଣ ମଧ୍ୟ ମୋତେ ବିବାହ କରିବା ଉଚିତ ହୋଇନାହିଁ ।' ଭୂପେଶ ସ୍ତମ୍ଭିତ ହୋଇଗଲା । ତତ୍ପରେ ବରବେଶୀ ଭୂପେଶ କନ୍ୟାଠାରୁ ସେ ଭଦ୍ରଲୋକର ନାମ ଠିକଣା ସଂଗ୍ରହକରି ଅନ୍ଧାର ରାତିରେ ଖୋଜି ବାହାରିଲେ । ପଳାତକ ପ୍ରେମିକକୁ ଧରିଆଣି କନ୍ୟା ସଙ୍ଗେ ବିବାହ କରାଇଦେଲେ; କିନ୍ତୁ ଭୂପେଶ ସେଇ ଘଟଣା ପରଠାରୁ ଉଦ୍‌ଭ୍ରାନ୍ତ ହୋଇଗଲା । ବେଳେବେଳେ ସେ ଝିଅଟିର ଘରକୁ ଯାଉଥିଲା । କିଛି ଦିନ ପରେ ଭୂପେଶ ପୋଡ଼ିହୋଇ ମରିଗଲା; ନିଶ୍ଚୟ ଆତ୍ମହତ୍ୟା କରିଥିଲା ।''

କି ସାଂଘାତିକ ଘଟଣା– ବଞ୍ଚିତ ପ୍ରେମର ଏଇ ପରିଣାମରେ ସୌନ୍ଦର୍ଯ୍ୟ ନାହିଁ । ସତ୍ୟମ୍, ଶିବମ୍, ସୁନ୍ଦରମ୍– ଶିବ ନାହିଁ କି ସୁନ୍ଦର ବି ନାହିଁ । ସୌନ୍ଦର୍ଯ୍ୟ ବ୍ୟତୀତ ସତ୍ୟର ରୂପ ଭୟଙ୍କର । ପ୍ରେମ ଭିତରେ ଯଦି ସୌନ୍ଦର୍ଯ୍ୟ ଶେଷହୋଇଯାଏ, ତେବେ ଆଉ ରହିଲା କ'ଣ ? ମୁଁ ମନଶ୍ଚକ୍ଷୁରେ ଗୋଟିଏ ଦଗ୍ଧ ଲୋକକୁ ଦେଖିପାରିଲି । ଗଳିତ ତା'ର ମାଂସ, ବାଳ ସବୁ ପୋଡ଼ିଯାଇଛି, ତା'ର ମୁହଁ ଝଲସିଯାଇଛି । ଯନ୍ତ୍ରଣାରେ କାତର ହୋଇ ଗଁ ଗଁ ହେଉଛି । ମୋତେ ଭଲପାଇ ଯଦି କାହାରି ଏ ପରିଣାମ ହୁଏ, ତା'ହେଲେ ମୁଁ ବଞ୍ଚିପାରିବି ନାହିଁ । ମୋତେ ଡରଲାଗୁଛି । ଏ ଭଦ୍ରଲୋକଙ୍କ ବନ୍ଧୁ ଯଦି ଏଭଳି, ତେବେ ଇଏ ମଧ୍ୟ ସେହିପରି ହୋଇଥିବେ । ନା, ୟାଙ୍କ ମନରେ ଏତେ ଟିକିଏ ଦୁଃଖ ବି ମୁଁ ଦେଇପାରିବି ନାହିଁ ।

ମିର୍ଚ୍ଛା ଯଦି ଏ ମୁହୂର୍ତ୍ତରେ ଆସି ମତେ କହେ, ''ଚାଲ''– ମୁଁ କ'ଣ ଯାଇପାରିବି ? କଦାପି ନୁହେଁ; ତା' ଆଉ ହୋଇପାରିବନାହିଁ । ମୋର ସ୍ୱାମୀ ଏତେ ଭଦ୍ର ଯେ, ତାଙ୍କ ମନରେ କଷ୍ଟ ଦେଇ ମୁଁ ସ୍ୱର୍ଗକୁ ଯାଇ ମଧ୍ୟ ସୁଖ ପାଇପାରିବି ନାହିଁ ।

ମୋର ବର୍ତ୍ତମାନ ଯଥେଷ୍ଟ ବୟସ ହୋଇଛି । ମୁଁ ଜାଣେ ଯେ ସୁଖ ବାହାରର କୌଣସି ଅବସ୍ଥା ବା ବସ୍ତୁରେ ନଥାଏ– ଅନ୍ତରରେ ତା'ର ଆୟୋଜନ ସୁସଂପନ୍ନ ହେଲେ ବାହାରର ସ୍ପର୍ଶରେ ତାହା ଉଚ୍ଛ୍ୱସିତ ହୋଇପାରେ । ବିବେକର ଦହନରେ ଅନ୍ତର ଯଦି କ୍ଷତବିକ୍ଷତ

Digitized by srujanika@gmail.com

ହୁଏ, ସର୍ବସାଧାରଣ ଯଦି କୁବାକ୍ୟ ପ୍ରୟୋଗ କରି ନିନ୍ଦାକରନ୍ତି, ତା'ହେଲେ କ'ଣ ମିର୍ଜାଙ୍କୁ ଆଲିଙ୍ଗନକରି ସୁଖ ପାଇବି ? ଦେହ ତ ସୁଖ ଦେଇପାରେନାହିଁ...ମନ ହିଁ ସୁଖ ଦେଇପାରେ । ମୋ ମନ ଅନ୍ୟାଙ୍କୁ ଦୁଃଖ ଦେଇ ସୁଖୀ ହୋଇପାରିବ ନାହିଁ, ଏଟା ମୁଁ ଭଲକରି ଜାଣେ । ମୋ ସ୍ୱାମୀ ନିର୍ବିରୋଧ, ଅତ୍ୟନ୍ତ ଉତ୍ତମ ପ୍ରକୃତିର ଲୋକ । ମୁଁ କେବେହେଲେ ତାଙ୍କ ମନରେ ଦୁଃଖ ଦେବିନାହିଁ; କିନ୍ତୁ ମୁଁ କ'ଣ କେବଳ କର୍ତ୍ତବ୍ୟ ଦୃଷ୍ଟିରୁ ତାଙ୍କୁ ଦୁଃଖ ଦେବିନାହିଁ– ନା ନା, ମୁଁ ତ ତାଙ୍କୁ ଭଲପାଏ–ଭଲପାଏ, ସେଟା ସେଦିନ ବୁଝିପାରିଲି, ଯେଉଁଦିନ ରାତି ଆଠଟାବେଳେ ବେହେରା ଆସି କହିଲା, ''ସାହେବ ଯେଉଁଠିକୁ ଯାଇଛନ୍ତି, ସେଠାରୁ ଆସିଲାବେଳେ ପଥଭ୍ରାନ୍ତ ହୋଇପାରନ୍ତି । ସାହେବ ଯଦି ଘୋଡ଼ାରେ ଯାଇଥାଆନ୍ତେ, ତେବେ ବାଟ ଭୁଲ୍ ହୋଇନଥାନ୍ତା– ଘୋଡ଼ା ଠିକ୍ ଘରକୁ ନେଇ ଆସନ୍ତା ।'' ଅବିଶ୍ରାନ୍ତ ବୃଷ୍ଟିପାତ-ନିଶ୍ଛିଦ୍ର ଅନ୍ଧକାର ରାତି, କେଉଁଠି ହେଲେ ଜନମାନବର ଚିହ୍ନ ନାହିଁ; ପୁଣି ଶୁଣିଛି– ରାସ୍ତାରେ ଭାଲୁ ବାହାରେ । ମୋତେ ଖୁବ୍ ଅସ୍ଥିର ଲାଗିଲା । ଏତେ ଅସ୍ଥିର ହୋଇପଡ଼ିଥିଲି ଯେ ଯଦି ଲୋକବାକ ନ ଯାଇଥାନ୍ତେ, ତେବେ ମୁଁ ନିଜେ ବର୍ଷାତି ଓ ଗମ୍‌ବୁଟ୍ ପିନ୍ଧି ହାତରେ ଲଣ୍ଠନ ଧରି ବାହାରିପଡ଼ିଥାଆନ୍ତି– ବାଘ ଥାଉ ଅବା ଭାଲୁ ଥାଉ । ଭଲପାଏ ବୋଲି ତ ଏପରି ଭାବିଲି, ଏଟା କ'ଣ ଭଲପାଇବା ନୁହେଁ ? ଭଲପାଏ ସତ, ତା'ପରେ ବି ଗୋଟିଏ 'କିନ୍ତୁ' ରହିଗଲା । ମୋ ସ୍ୱାମୀଙ୍କ ସ୍ନେହ-ମମତା ଏବଂ ସୁନ୍ଦର ଓ ସଜ୍ଜିତ ସଂସାର ଭିତରେ ଥାଇ ମଧ୍ୟ ମୋ ମନରେ ଆସେ ଏକ ତୀବ୍ର ଶୂନ୍ୟତା । କାହିଁକି ? ଶୂନ୍ୟ ହାତେ ଫିରିହେ ନାଥ–ପଥେ ପଥେ–

ଆମର ବିବାହିତ ଜୀବନ ସ୍ୱାଭାବିକଭାବରେ ଚାଲୁଛି । ମୋ ସ୍ୱାମୀଙ୍କ ସଙ୍ଗେ ମୋର ମତ ଗୋଟିଏ ବିଷୟରେ ଖୁବ୍ ଭଲ ମିଳିଛି । ତାଙ୍କର କୌଣସି କୁସଂସ୍କାର ନାହିଁ । କୌଣସି ଗତାନୁଗତିକ ପ୍ରଥାଦ୍ୱାରା ସେ ଆବଦ୍ଧ ନୁହଁନ୍ତି । ସେ ଜାତିଭେଦ ମାନନ୍ତିନାହିଁ । ସାମାଜିକ ବ୍ୟବସ୍ଥାଗୁଡ଼ିକ ଯୁକ୍ତିସହ ବୁଝିବାକୁ ଚେଷ୍ଟାକରନ୍ତି । ମୁଁ ଶୁଣି ଆଶ୍ଚର୍ଯ୍ୟ ହୋଇଗଲି ଯେ, ସେ ପ୍ରଥମେ ଯେଉଁଦିନ ମାଂସ ଆସ୍ୱାଦନ କଲେ, ତାହା ଥିଲା ଗୋମାଂସ । ଭଦ୍ରଲୋକ ମାଂସ ଖାଉନଥିଲେ । ଯେଉଁଦିନ ଏଇ ପାହାଡ଼ିଆ ଅଞ୍ଚଳରେ ଆସି ପହଞ୍ଚିଲେ, ସେଦିନ ଜଣେ ସାହେବଙ୍କ ଘରେ ନିମନ୍ତ୍ରଣ ଥିଲା । ମେମ୍‌ସାହେବ ଅତ୍ୟନ୍ତ କୃପଣ, ନିମନ୍ତ୍ରଣ କଲେ ଅତିଥିଙ୍କୁ ଖଣ୍ଡିଏମାତ୍ର ମାଛଭଜା ଦିଅନ୍ତି । ପୁଣି ଯେଉଁଦିନ ମୋ ସ୍ୱାମୀଙ୍କୁ ନିମନ୍ତ୍ରଣ କରିଥିଲେ, ସେଦିନ ମାଛ ମଧ୍ୟ ରଖିନଥିଲେ– ତା' ବଦଳରେ ରଖିଥିଲେ 'ବିଫ୍‌ଷ୍ଟେକ୍' । ମୁଁ ପଚାରିଲି, ''ତୁମେ ଖାଇଲ କାହିଁକି ?'' ''ଆଉ କିଛି ନଥିଲା, ମୁଁ ନ ଖାଇଲେ ସେମାନେ ଅପ୍ରସ୍ତୁତ ହେବେ, ତା' ଛଡ଼ା ମାଂସ ଯଦି ଖାଇବାକୁ ହିଁ ହେବ, ତା'ହେଲେ ଛେଳିମାଂସ ଓ ଗୋମାଂସ ମଧ୍ୟରେ ପ୍ରଭେଦ କ'ଣ ଅଛି ? ବରଂ ଗୋମାଂସ ଭଲ– ଗୋଟିଏ ପ୍ରାଣୀ ହତ୍ୟା କଲେ ବେଶି ମାଂସ ମିଳେ । ହାତୀମାଂସ ହେଲେ ତ ଆହୁରି ଉତ୍ତମ ।''

Digitized by srujanika@gmail.com

ଅକାଟ୍ୟ ଯୁକ୍ତି । ସେ ଯୁଗର ଏକ ମଧ୍ୟବିତ୍ତ ପରିବାରର ହିନ୍ଦୁ ସନ୍ତାନ ପକ୍ଷରେ ଏପରି କହିବା ଖୁବ୍ କଠିନ ଥିଲା; କିନ୍ତୁ ଖୁବ୍ ଯେ ଗୋଟାଏ କଠିନ କାମ କରୁଛନ୍ତି, ଏପରି ମନୋବୃତ୍ତି ତାଙ୍କର ନଥିଲା । ମୁଁ ଯେମିତି ଜାତିଭେଦ ଭାଙ୍ଗିବା ପାଇଁ ଉଦ୍ୟତ ହେଉଥିଲି; ସେପରି ମଧ ନୁହେଁ । ତାଙ୍କ ମଧ୍ୟରେ ବିପ୍ଳବୀ ବା ସମାଜ-ସଂସ୍କାରକର ମନୋଭାବ ନଥିଲା । ସେ ଅତି ସହଜ ଓ ସରଳ ଭାବରେ ସତ୍ୟକୁ ଗ୍ରହଣ କରିନେଇଥିଲେ । ପରେ ଯେତେବେଳେ ରବୀନ୍ଦ୍ରନାଥ ମୋ ସ୍ୱାମୀଙ୍କୁ ଭଲ କରି ଜାଣିଲେ, ସେତେବେଳେ କହିଥିଲେ, ''ଗଳ୍ପସ୍ୱଳ୍ପରେ ଥିବା 'ଭାଲୋ ମାନୁଷ' କବିତାରେ ତାଙ୍କ ଚରିତ୍ର ଦେଖିବାକୁ ପାଇବ ।''

''ମନିରାମ ସତ୍ୟର ସ୍ୟାୟନା
ବାହିରେର ଧକ୍କା ସେ ନେୟନା
ବେଶି କରେ ଆପନାରେ ଦେଖାତେ,
ଚାୟ ଯେନ କୋନମତେ ଠେକାତେ,
ଯୋଗ୍ୟତା ଥାକେ ଯଦି ଥାକ୍‌ନା
ଡାକେ ତାରା ଚାପା ଦିଏ ଢାକ୍‌ନା,
ଆପନାରେ ଠେଲେ ରେଖେ କୋଣେତେ
ତେବେ ସେ ଆରାମ ପାୟ ମନେତେ ।
ଯେଥା ତାରେ ନିତେ ରାୟ ଆଗିୟେ
ଦୂରେ ଥାକେ ସେ ସଭାୟ ନା ଗିୟେ ।
ବଲେ ନା ସେ ଆରୋ ଦେ, ବା ଖୁବ୍‌ଇ ଦେ,
ଠେଲା ନାହିଁ ମାରେପେଲେ ସୁବିଧେ ।
ଯଦି ଦେଖେ ଟାନାଟାନି ଖାବାରେ
ବଲେ କି ଯେ, ପେଟ ଭାର ବାବାରେ ।
ବ୍ୟଞ୍ଜନେ ନୁନ୍ ନେଇ ଖାବେତା
ମୁଖ ଦେଖେ ବୋଝା ନାହିଁ ଯାବେତା ।
ଯଦି ଶୋନେ ଯାତା ବଲେ ଲୋକେରା
ବଲେ, ଆହା ତାରା ଛେଲେ ଛୋକରା ।
ପାଁଚୁ ବଇ ନିୟେ ଗେଲ ନା ବଲେ,
ବଙ୍କେ ଖୋଁଚା ଦିଓ ନାକୋ ତାବଲେ ।
ବନ୍ଧୁ ଠକାୟ ଯଦି ସଇବେ
ବଲେ ହିସାବେର ଭୁଲ ହୈବେ ।
ଧାର ନିୟେ ଯାର କୋନ ସାଡ଼ା ନେଇ

Digitized by srujanika@gmail.com

ବଲେ ତାରେ ବିଶେଷ ତୋ ତାଡ଼ା ନେଇ ।
ଯତ କେନ ଯାୟ ତାରେ ଘାମାରି
ବଲେ ଦୋଷ ଛିଲ ବୁଝି ଆମାରି ।''

ଏ କବିତାର ତତ୍ତ୍ୱବାଣୀ ଗୀତାର କଥା-'ଦୁଃଖେଷୁ ଅନୁଦ୍‌ବିଗ୍ନମନାଃ, ସୁଖେଷୁ ବିଗତସ୍ପୃହଃ'- ସୁଖେ ଦୁଃଖେ ଅବିଚଳିତ, ଅନାସକ୍ତ ଏବଂ ନିରହଙ୍କାର—ଏ ସବୁଗୁଡ଼ିକ ଗୁଣ ମୋ ସ୍ୱାମୀଙ୍କ ପାଖରେ ପୂର୍ଣ୍ଣମାତ୍ରାରେ ରହିଛି । ଏଗୁଡ଼ାକ ତାଙ୍କୁ ସାଧନା କରି ଉପାର୍ଜନ କରିବାକୁ ହୋଇନାହିଁ– ଏ ତାଙ୍କର ସ୍ୱାଭାବିକ ବିଧିଦତ୍ତ ଗୁଣ । ମୁଁ ତ ଏ ଗୁଣ ଉପାର୍ଜନ କରିବାକୁ ଚେଷ୍ଟାକରେ; ମାତ୍ର ପାରେନାହିଁ । ମୁଁ ଉଦ୍‌ବିଗ୍ନ, ଅସହିଷ୍ଣୁ ଓ ନାନାବିଧ ଦୋଷର ଆକର । ଜଳ ଯେପରି ମାଛର ଆକର; ମୁଁ ସେହିପରି ଦୋଷର ଆକର । ମୋ ଭିତରେ ଦୋଷଗୁଡ଼ିକ ସାଲୁବାଲୁ ହେଉଛନ୍ତି । ବୋଧହୁଏ ସେଥିପାଇଁ ସର୍ବଦା ମୋ ମନ ଭିତରଟା ହୁ-ହୁ ହେଉଥାଏ । ଦିନେ ଦିନେ ସନ୍ଧ୍ୟାବେଳେ ମୁଁ କେତୋଟି କଥା ଦିନସାରା କହିଲି, ଗଣିବାରେ ଲାଗିଲି, ସର୍ବମୋଟ ସାତଟି କଥାରୁ ବେଶି ନୁହେଁ । କହିବାକୁ ଗଲେ ଆମେ ସ୍ୱାମୀ-ସ୍ତ୍ରୀ ଦୁହେଁ, ଦୁଇ ଜଗତ୍‌ର ମଣିଷ; ସେ ଯାହା ପଢ଼ିଛନ୍ତି, ମୁଁ ତାହା ପଢ଼ିନାହିଁ । ପୁଣି ମୁଁ ଯାହା ପଢ଼ିଛି, ସେ ତାହା ପଢ଼ିନାହାନ୍ତି । ପାଠ୍ୟପୁସ୍ତକ ବ୍ୟତୀତ ସେ ଆଉ କିଛି ପଢ଼ି ନାହାନ୍ତି । ଅବଶ୍ୟ କବିତା ପଢ଼ି ଶୁଣାଇଲେ, ସେ ଖୁବ୍ ଧୈର୍ଯ୍ୟ ସହକାରେ ଶୁଣିବେ, କେବେହେଲେ ମୋର ସେହି ନବବିବାହିତା ଆତ୍ମୀୟାର ସ୍ୱାମୀଙ୍କ ଭଳି କରିବେ ନାହିଁ । ମୋର ସେହି କବିତାରସିକା ଆତ୍ମୀୟା– ନବ ବିବାହ ପରେ ସ୍ୱାମୀଙ୍କୁ 'ମହୁୟା' କାବ୍ୟରୁ ଗୋଟିଏ କବିତା ଶୁଣାଇବେ ବୋଲି ଜମେଇ ବସିଲେ । ସ୍ୱାମୀ ମଧ୍ୟ ଖୁବ୍ ଉତ୍ସାହ ଦେଖାଇଲେ; କିନ୍ତୁ କବିତାପାଠ ଆରମ୍ଭହେବା ଆଗରୁ ସ୍ୱାମୀ ହାତ ବଢ଼ାଇ ବହିଟି ମାଗିନେଲେ । ସ୍ତ୍ରୀ ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ, ''କ'ଣ ଦେଖିଲ ?'' ସ୍ୱାମୀ ଉତ୍ତର ଦେଲେ, ''ଦେଖୁଥିଲି କବିତାଟି କେତେ ଦୀର୍ଘ ।'' ଅବଶ୍ୟ ମୋ ସ୍ୱାମୀ ଏଭଳି କେବେହେଲେ କରିବେନାହିଁ । ମୁଁ ଯଦି ସମଗ୍ର ରବୀନ୍ଦ୍ର କାବ୍ୟ ତାଙ୍କୁ ଶୁଣାଇବି, ସେ ଅତି ଧୈର୍ଯ୍ୟର ସହ ଶୁଣିବେ ଏବଂ କହିବେ, ''ବାଃ, ଖୁବ୍ ଭଲ ।''

ଦ୍ୱିପ୍ରହରଟା ଏଠାରେ ଭାରି ନିର୍ଜନ । ଦିବାନିଦ୍ରା ମୋର ଅଭ୍ୟାସ ନାହିଁ । ପଢ଼ିବି କ'ଣ ? ଏ ଅଞ୍ଚଳରେ ବହି ନାହିଁ, କି ମୋ ପାଇଁ କେହି ବହି ପଠାଉନାହାନ୍ତି । ସନ୍ଧ୍ୟାବେଳଟା ଆହୁରି ନିର୍ଜନ । ବାଲ୍‌କନିରେ ମୁଁ ଓ ମୋର ସ୍ୱାମୀ ବସିଥାଉଁ । ମୁଁ ଦୁଇ ଚାରିଟା କଥା କହିବାକୁ ଚେଷ୍ଟାକରେ; କିନ୍ତୁ କେଉଁ ଭାଷାରେ କଥା କହିବୁ ? ଆମର ଚିନ୍ତାଧାରା ଭିନ୍ନ । ଟିକିଏ ପରେ ଆମେ ପୁଣି ଚୁପ୍‌ଚାପ୍ ହୋଇଯାଉ । ଏହି ମାନବହୀନ ଦେଶରେ ଶବ୍ଦଗୁଡ଼ିକ ଯେପରି ନିର୍ଜନତାକୁ ଆହୁରି ବଢ଼ାଇଦିଏ । ଅନ୍ଧାରିଆ ଜଙ୍ଗଲରୁ ଗୋଟିଏ 'ରାତ୍‌କୋଚରା' ପକ୍ଷୀ ଡାକିଉଠେ । ବାଦୁଡ଼ି ଗୋଟିଏ ଉଡ଼ିଲାପରି ମନେହୁଏ । ଝିଙ୍କାରି ପୋକ ଅବିଶ୍ରାନ୍ତ

Digitized by srujanika@gmail.com

ଡାକିଚାଲେ ଝିଁ ଝିଁ ଝିଁ- ନିକଟରେ ଥିବା ଝରଣାଟାରୁ ପାଣି ବହିଚାଲେ-ଝର୍‌ଝର୍ । ଏ ଶବ୍ଦଗୁଡ଼ିକ ମଣିଷର ସାଙ୍ଗ ନୁହଁନ୍ତି । ଏମାନେ କେବଳ ମନେପକାଇ କହନ୍ତି- ତୁମେ ଏକୁଟିଆ, ତୁମେ ଏକୁଟିଆ । ମୁଁ ବୁଝିପାରୁଛି, ପ୍ରତ୍ୟେକ ଦିନ ବୁଝିପାରୁଛି ମୋ ଜଗତ୍‌ଟା ହଜିଯାଉଛି । ମୁଁ କିଛିହେଲେ ଲେଖିପାରେନାହିଁ । ଲେଖା ମୋର ଏଇ ଜନହୀନ ଜଗତ୍‌ରେ ଦିଗ୍‌ଭ୍ରାନ୍ତ ହୋଇଛି । ଅନେକେ ମନେକରନ୍ତି ଯେ, ପ୍ରାକୃତିକ ସୌନ୍ଦର୍ଯ୍ୟ ବୋଧହୁଏ ଲେଖକକୁ ପ୍ରେରଣା ଯୋଗାଇଥାଏ, ଫୁଲବଗିଚାରେ ବସି କବିତା ଲେଖିଲେ କବିତାର ଗୁଣ ବଢ଼ିଯାଏ । କିନ୍ତୁ ଏପରି ଭାବିବାଟା ଠିକ୍ ନୁହେଁ ।

ମୁଁ ମନେକରେ ମଣିଷ ସଙ୍ଗେ ମଣିଷର ସମ୍ପର୍କଦ୍ୱାରା, ସୁଖଦୁଃଖ ଘାତପ୍ରତିଘାତ, ଭଲମନ୍ଦର ଦ୍ୱନ୍ଦ୍ୱରେ ପ୍ରତିଦିନ ମଥିତ ମଣିଷକୁ ଦେଖିଲେ ଲେଖକ ପ୍ରେରଣା ପାଏ । ନିସ୍ତରଙ୍ଗ ଶାନ୍ତି ଅବସ୍ଥା, ଜନବିରଳ ଅରଣ୍ୟ ସାଧୁ-ସନ୍ନ୍ୟାସୀମାନଙ୍କର ଦରକାର ହୋଇପାରେ; କିନ୍ତୁ ମୋର ନୁହେଁ । ଏହି ପ୍ରକୃତି ମୋତେ ଜୀବନ ଦେଉନାହିଁ; ବରଂ ହରଣକରି ନେଇଯାଉଛି । ମଣିଷର ଦରକାର ମଣିଷକୁ– ଅନ୍ତତଃ ମୋର ଦରକାର । ମିର୍ଚ୍ଚା ବଦଳରେ ଗୋଟିଏ ପୁଷ୍ପିତ ତରୁ ହେଲେ କ'ଣ ଭଲହୁଅନ୍ତା ? ହସମାଡୁଛି, ପ୍ରଥମେ କାହାକୁ ଭଲପାଇଥିଲି– ଗଛଟିକୁ, ଗଛଟିକୁ । ବର୍ତ୍ତମାନ ଗଛକୁ ନେଇ ରହ ।

ମୋର ବାଇଶବର୍ଷ ଅରଣ୍ୟବାସ ମଧ୍ୟରେ ତିନୋଟି ବର୍ଷ ସ୍ମରଣୀୟ । ସେହି ତିନି ବର୍ଷ ଆମେ ବଞ୍ଚିଥିଲୁ; ବାକି ଦିନଗୁଡ଼ିକ କେବଳ ପୁନରାବୃତ୍ତି ।

ସେହି ତିନି ବର୍ଷ କଥା ଅନ୍ୟ ପୁସ୍ତକରେ ଲିଖିତ ଅଛି । ୧୯୩୮ ମସିହାରେ ଅଳ୍ପ କିଛିଦିନ ପାଇଁ କଲିକତା ଆସିଥିଲି । ବାପା ମୋତେ କହିଲେ, "ୟୁକ୍ଲିଡ୍ ତୁମକୁ ଗୋଟିଏ ବହି ଉତ୍ସର୍ଗ କରିଛି । ଉତ୍ସର୍ଗପତ୍ରରେ ତୁମ ପାଖରେ ସେ କ୍ଷମା ମାଗିଛି ।" କଥାଟା ଶୁଣିବା ପାଇଁ ମୁଁ ଆଦୌ ପ୍ରସ୍ତୁତ ନଥିଲି । ହୃତ୍‌ପିଣ୍ଡ ଦ୍ରୁତତର ହେଲା । ମୁଁ ପଥରପରି ଠିଆହୋଇ ରହିଲି, କିଛି କହିପାରିଲି ନାହିଁ । ବାପା ପୁଣି କହିଲେ, "ପର୍ଣ୍ଣଗ୍ରାଫି ଲେଖିବା ହେତୁ ତାକୁ ଜେଲ୍ ହୋଇଛି ।" ପର୍ଣ୍ଣଗ୍ରାଫି କଥାଟାର ଅର୍ଥ ମୁଁ ଜାଣିନଥିଲି । ବାପାଙ୍କୁ ମଧ୍ୟ ପଚାରିବାକୁ ଇଚ୍ଛା କରୁନଥିଲି । ଯାହା ଲେଖିଲେ ଜେଲ୍ ହୁଏ, ତା' ନିଶ୍ଚୟ କୌଣସି ସତ୍ ସାହିତ୍ୟ ନୁହେଁ । ମୁଁ କୌଣସି ଉତ୍ତର ଦେଲିନାହିଁ, ପ୍ରଶ୍ନ ମଧ୍ୟ କଲିନାହିଁ । ଚାଲିଗଲି । ଅଭିଧାନରେ ସେ ଶବ୍ଦଟାର ଅର୍ଥ ଦେଖି ମୁଁ ହତବାକ୍ ହୋଇଗଲି । ଏଟା ତ ବଡ଼ ଜଘନ୍ୟ କଥା । ମୋତେ ଯେଉଁ ବହିଟା ଉତ୍ସର୍ଗ କରିଛି, ସେଟା ସେଭଳି ନୁହେଁ ତ ? ମୁଁ କିଛି ବୁଝିପାରିଲିନାହିଁ; ମୋତେ ବହିଟା ଉତ୍ସର୍ଗ କରିବା କ'ଣ ଦରକାର ଥିଲା ? କ୍ଷମା ମାଗିବାର ବା କ'ଣ ଦରକାର ଥିଲା ? ବହି ବିଷୟରେ ମୋର ଆଦୌ କୌତୂହଳ ହେଲାନାହିଁ । କେବଳ ଘୃଣାରେ ମୋ ମନ ସଙ୍କୁଚିତ ହୋଇଗଲା । ନିଜକୁ ଅପବିତ୍ର ମନେକଲି । ଏଭଳି ଜଣକ ସହିତ ମୋର ଦିନେ ଘନିଷ୍ଠତା ଥିଲା, ଏ କଥା ଭାବି ଲୋମ ଟାଙ୍କୁରିଉଠିଲା; ମୋତେ ଏପରି

Digitized by srujanika@gmail.com

ଖରାପ ଲାଗିଲା ଯେ, ମୁଁ ସେ ବହିଟା କଥା ପୂରା ଭୁଲିଗଲି; ଅର୍ଥାତ୍ ମନରୁ ପୋଛିଦେବାକୁ ଚାହିଁଲି । ତା' ପରଠାରୁ ପ୍ରାୟ ପନ୍ଦରବର୍ଷ, ତା' ନାଁଟା ମଧ୍ୟ ମୋର ମନେପଡ଼ିନାହିଁ । ଘୃଣାରୂପକ ଗୋଟିଏ ପ୍ରକାଣ୍ଡ ପଥର ଦେଇ ସ୍ମୃତିର ସେହି ଆଲୋକିତ ଗୁମ୍ଫାର ମୁହଁକୁ ବନ୍ଦକରିଦେଲି । କରିଦେଲି କହିଲେ ଭୁଲ ହେବ- ଏଟା ଆପେ ଆପେ ହୋଇଗଲା ।

ଗାଡ଼ିର ଚକ ଭଳି ଦିନଗୁଡ଼ିକ ଗଡ଼ିଚାଲିଲା ସକାଳୁ ସନ୍ଧ୍ୟା ଗୋଟିଏ ନିୟମରେ । ଦିନେ ଦିନେ ମୁଁ ଚିନ୍ତାକରେ- ମୋର ହଠାତ୍ ବିବାହ ହୋଇଗଲା; କିନ୍ତୁ ଏହା ଦ୍ୱାରା ଉଭୟଙ୍କ ପ୍ରତି ଅନ୍ୟାୟ କରାଗଲା କାହିଁକି ? ମୋ ମନରେ ଏପରି ଚିନ୍ତା ଆସିବା ଅର୍ଥ ମୁଁ କ'ଣ ମୋ ସ୍ୱାମୀଙ୍କ ବିରୋଧ କରୁନାହିଁ ? ଠିକ୍ ତା' ନୁହେଁ । ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ମୋ ସ୍ୱାମୀଙ୍କର ଯେତେ ମହତ୍ତ୍ୱ ଥାଉ ନା କାହିଁକି, ଆମେ ଦୁହେଁ ଦୁଇ ପ୍ରକାରର ମଣିଷ । ସେ ମୋତେ ଖୁବ୍ ଭଲପାଆନ୍ତି, ସେକଥା ମୁଁ ଜାଣେ– ଅନ୍ୟ ସମସ୍ତେ ମଧ୍ୟ ଜାଣନ୍ତି । ମୁଁ ଯଦି କଲିକତାରେ ପନ୍ଦରଟା ଦିନ ରହିଯିବି, ତେବେ ତ ତାଙ୍କୁ ଜ୍ୱର ଆସିଯିବ । ମୁଁ ମଧ୍ୟ ତାଙ୍କୁ ଛାଡ଼ି ବେଶିଦିନ ରହିବାକୁ ଚାହେଁନାହିଁ । ତାଙ୍କ ପାଇଁ ମୁଁ ଚିନ୍ତିତ ହୋଇପଡ଼େ । ତଥାପି ପାହାଡ଼ିଆ ଅଞ୍ଚଳ ନିସ୍ତବ୍ଧତା ମୋ କଣ୍ଠ ଅବରୁଦ୍ଧ କରିବସେ । ମୁଁ କଥା କହିବାକୁ ବ୍ୟଗ୍ର । ଆଚ୍ଛା ମୋ ସ୍ୱାମୀ ଓ ମୁଁ ଦୁଇ ପ୍ରକାରର ଦୁଇ ଜାତିର ମଣିଷ । ଯଦି ମୋ ସ୍ୱାମୀଙ୍କ ସହିତ ବିବାହ ନ ହୋଇ ବଙ୍ଗାଳୀ ଜାତିର ଉନ୍ନତି ପ୍ରୟାସୀ ସେହି ଡାକ୍ତରଙ୍କ ସହିତ ବିବାହ ହୋଇଥାଆନ୍ତା, ତାହାହେଲେ କ'ଣ କ'ଣ ହୁଅନ୍ତା ? ତାହା ଆହୁରି ଭୟଙ୍କର ହୋଇଥାଆନ୍ତା । ସେ ବ୍ୟକ୍ତି କାହାରି ମୁହଁ ବା ମନ ଦେଖିବାକୁ ଆଗ୍ରହୀ ନଥିଲେ, କେବଳ ଶରୀର ଉଚ୍ଚତାରେ ଆଗ୍ରହୀ ଥିଲେ । ସେଭଳି ଲୋକ ମୋର ଯୋଡ଼ି ହୋଇପାରନ୍ତେନାହିଁ । ସବୁ ଥାଇ ମଧ୍ୟ ଗୋଟିଏ 'କିନ୍ତୁ' ରହିଯାଏ । ଯଦି କେହି ମୋତେ ପ୍ରଶ୍ନକରେ ମୋର କ'ଣ ଅଭାବ– ସ୍ୱାମୀଙ୍କ ପ୍ରେମ, ଶ୍ୱଶୁରଘରେ ସମ୍ମାନ ଅଥବା ସ୍ୱାଧୀନତା ! ଏସବୁ ମୁଁ ପାଇଛି । ଅଭିଯୋଗ କରିବାର କିଛି ନାହିଁ । ଧର ଯଦି ମୁଁ କହେ ଗତମାସ 'ପ୍ରବାସୀ' ପତ୍ରିକାରେ ରବୀନ୍ଦ୍ରନାଥଙ୍କର ଯେଉଁ କବିତା ପ୍ରକାଶିତ ହୋଇଥିଲା, ତାହା ଆଲୋଚନା କରିବା ପାଇଁ ମୁଁ କାହାକୁ ପାଇଲି ନାହିଁ– ଏହା କ'ଣ ଏକ ଅଭିଯୋଗ ହୋଇପାରେ, ଅବା ଏକ ଦୁଃଖ । ଏଭଳି କଥାରେ ଲୋକ ନିଶ୍ଚୟ ହସିବେ । ହସିଲେ କ'ଣ ହେବ– ଅନେକ ଲୋକଙ୍କର ଯାହା ଦରକାର ନାହିଁ, ମୋର ତା ଅଛି । ଏଭଳି ମଣିଷ ଅଛନ୍ତି ଯାହାଙ୍କ ହାତମୁଠା ପାର୍ଥିବ ବସ୍ତୁରେ ପୂର୍ଣ୍ଣ ହୁଏ ନାହିଁ । ସେମାନେ ପୃଥିବୀରେ ରହି ମଧ୍ୟ ଅପାର୍ଥିବ ସୂକ୍ଷ୍ମ ଅନିର୍ଦ୍ଦିଷ୍ଟ ବସ୍ତୁ ଖୋଜିବୁଲନ୍ତି, ଯାହାର ବାସ୍ତବ ମୂଲ୍ୟ ନାହିଁ ।

ଆମର ଏପରି ମାନସିକ ପ୍ରସ୍ତୁତି ପାଇଁ ଦାୟୀ କିଏ ? ରବୀନ୍ଦ୍ରନାଥ ଠାକୁର । ଆମେ ଯେଉଁମାନେ କି ତାଙ୍କ ଗୀତ ମାଧ୍ୟମରେ ପୃଥିବୀ ଦେଖୁଛୁ ସେମାନେ ଏକ ଜାତିର;

Digitized by srujanika@gmail.com

ଆଉ ଯେଉଁମାନେ ସେପରି ପାରନ୍ତି ନାହିଁ ସେମାନେ ଅନ୍ୟ ଜାତିର । ଏ ଦୁଇ ପ୍ରକାର ମଣିଷ ମଧ୍ୟରେ ସାମଞ୍ଜସ୍ୟ ଅପେକ୍ଷା ଅସାମଞ୍ଜସ୍ୟ ଅଧିକ ।

ଯଦିବା ମୁଁ ପାହାଡ଼ ଅଞ୍ଚଳରେ ଅବସ୍ଥାନ କରୁଛି, ତଥାପି ମୋ ଜୀବନର ସ୍ରୋତ ପାହାଡ଼ିଆ ନଦୀ ଭଳି ବେଗବତୀ ନୁହେଁ । ଉପଳ ଆଘାତରେ ତାହା ଉଚ୍ଛଳ ହେଉନାହିଁ– ନିସ୍ତରଙ୍ଗ ପୁଷ୍କରିଣୀ ଜଳ ପରି ସ୍ଥିର । ବାହାର ଜଗତ୍ ସହିତ ଯୋଗାଯୋଗ ନାହିଁ । ସଂସାର-ତରିଟି ଭସାଇ ଏକୁଟିଆ ବସିରହିଛି । ରବୀନ୍ଦ୍ରନାଥ କହିଥିଲେ ଆମ ଘରକୁ ଆସିବେ–ସେ ଏଠାକୁ ଆସିବେ ତ ?

ମୋ ଘରଟିକୁ ମୁଁ ଖୁବ୍ ଭଲପାଏ । ଘର ସଜାଇବାକୁ ମୋତେ ଖୁବ୍ ଭଲଲାଗେ । ପିତୃଗୃହରେ ଏଥିରେ ମୋତେ ସ୍ୱାଧୀନତା ମିଳୁ ନଥିଲା । କେହି ନା କେହି ପର୍ଦ୍ଦାରେ ହାତ ପୋଛିପକାଉଥିଲେ, କାନ୍ଥରେ ଗାର ଟାଣିଦେଉଥିଲେ ଅବା ଦୁଆରେ ଛିଣ୍ଡା କାଗଜ ପକାଇଦେଉଥିଲେ । ସୋଫାର ଖୋଳ ସଫା କରିଦେଇଛି– ସେହିକ୍ଷଣି ବାପାଙ୍କର କୌଣସି ଟୋଲ ପଣ୍ଡିତ ଭକ୍ତ ଆସିଲେ ହାତ ଗୋଡ଼ ଟେକି ତା' ଉପରେ ବସିପଡ଼ିଲେ– ସୋଫାରେ ଧୂଳିମଳି ଲାଗିଗଲା । ତହିଁ ପରଦିନ ୟୁରୋପୀୟ ପଣ୍ଡିତ ଆସିପାରନ୍ତି । ତେଣୁ ସୋଫାଗୁଡ଼ିକ ପରିଷ୍କାର-ପରିଚ୍ଛନ୍ନ ରଖିବା ଦରକାର । ମୋତେ ହିଁ ଏସବୁ କରିବାକୁ ପଡୁଥିଲା । ଖଟି ଖଟି ମୁଁ ବେଦମ୍ ହୋଇଯାଉଥିଲି । କିନ୍ତୁ ଏଠାରେ ଘର ସଜାଇବାକୁ ମୁଁ ଯଥେଷ୍ଟ ସୁଯୋଗ ପାଇଛି । ମୋ ଘର ଚକ୍‌ଚକ୍–ଗୋଟିଏ ସୁନ୍ଦର ଅଳଙ୍କାର ପରି । ମହମ ଦେଇ ମୁଁ ଘରର କାଠ ମେଜିଆକୁ ଏପରି ସଫା କରି ରଖେ ଯେ, ସେଥିରେ ମୁହଁ ଦିଶିବ । ଝରକାକାଚ ସ୍ପିରିଟ୍ ଦେଇ ସଫାକରେ । ଫୁଲଦାନି ଓ କିଉରିଡ଼ଗୁଡ଼ିକ ବ୍ରାସୋ ଦେଇ ସଫା କରେ । ବାସନ ସଫା କରି ରଖେ ଯେପରି କଳଙ୍କି ଲାଗି ପାରିବ ନାହିଁ । ଯେତେଗୁଡ଼ିଏ ଆଲମାରି ମୋର ଅଛି, ତାହାର ପ୍ରତ୍ୟେକ ଥାକ ଝାଡ଼ିଝୁଡ଼ି ସଜାଡ଼ି ରଖେ । ଜିନିଷପତ୍ର ଆଦୌ ଏପଟସେପଟ ହୁଏନାହିଁ । ଆମର ବିରାଟ ବଗିଚାର ବୃକ୍ଷଲତା ସଯତ୍ନରେ ଲାଳିତ । ଖାଇବା ଟେବୁଲ ଉପରେ ରଖାଯାଇଥିବା କଣ୍ଟା ଚାମୁଚ ରୁପା ପରି ଝଟକୁଥାଏ । ପ୍ଲେଟ୍ ନ୍ୟାପ୍‌କିନ୍ ସୁନ୍ଦର ଭାବେ ସଜାଇରଖେ । ମାଖନପାତ୍ରର ମାଖନକୁ ମଧ୍ୟ ଫୁଲ ପରି ସଜାଇରଖେ । ଦ୍ୱିପ୍ରହର ଖାଇବା ସମୟରେ ଆମେ ପଥରବାସନ ବ୍ୟବହାର କରୁ, ରାତିରେ ଡିନର୍ ସେଟ୍ । ଭୋରବେଳେ ବେହେରା ଧଳା ପୋଷାକ ପିନ୍ଧି, ପଗଡ଼ି ବାନ୍ଧି ବେଡ୍‌ଟି ନେଇ ଆସି ହାଜିର୍ ହୁଏ । କଫିର ବାସନାରେ ଘର ମହକିଉଠେ । ମାଳୀ ପ୍ରଚୁର ଫୁଲ ଆଣେ । ଦିନେ ଦିନେ ମୁଁ ନିଜେ କଇଁଚି ନେଇ ମାଳୀ ସହିତ ବଗିଚାକୁ ଯାଏ । ମୁଁ ବତେଇଦିଏ; ସେ ଫୁଲ କାଟେ । ଆଜିକାଲି ଜାପାନୀ ପ୍ରଣାଳୀରେ ଫୁଲସଜ୍ଜାର ଫେସନ୍ ହୋଇଛି । ମୋତେ କିନ୍ତୁ ସେଭଳି ସଜାଇବାକୁ ଭଲଲାଗେନାହିଁ...ଏହା କୃତ୍ରିମ ଖେଳଣା ଭଳି ମନେହୁଏ । ବଙ୍ଗାଳୀମାନେ ଆଦୌ ଫୁଲ ସଜାଇବା ଜାଣନ୍ତି ନାହିଁ । ଦେବଦାରୁ ପତ୍ର ଓ ତାର ଦେଇ ଫୁଲଗୁଡ଼ିକୁ ଏପରି

Digitized by srujanika@gmail.com

ଭାବରେ ବାନ୍ଧନ୍ତି ଯେ, ଫୁଲଗୁଡ଼ିକ ଅଳ୍ପ ସମୟରେ ଶୁଖିଯାଏ । ଏଠାରେ ଜଣେ ଇଂରେଜ ମହିଳା ଖୁବ୍ ସୁନ୍ଦର ଭାବରେ ଫୁଲ ସଜାଇପାରନ୍ତି– ତାହା ଦେଖି ମୁଁ ଚମତ୍କୃତା । ସାଜସଜ୍ଜାରେ ସ୍ୱଦେଶୀ ନକ୍‌ସା ମୋତେ ଖୁବ୍ ଭଲଲାଗେ । ଆମ ଘରର ପର୍ଦ୍ଦା ଓ କୁଶନ ମୁଁ ଓଡ଼ିଶାର ହସ୍ତତନ୍ତ ଶିଳ୍ପରେ କରିଛି । ଓଡ଼ିଶାର ଏସବୁ ଜିନିଷ ମୋତେ ଭାରି ଭଲଲାଗେ । ମୁଁ ଏଠାରେ ତନ୍ତୀକୁ କହିଲି ସେହିଭଳି ସବୁଯାକ କପଡ଼ା ବୁଣିଦିଅ । ସେ ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲା । ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ମୁଁ ତ ତୁମକୁ ଟଙ୍କା ଦେବି । ସେ କହିଲା, "ମୁଁ ଏଭଳି କେବେହେଲେ କରିନାହିଁ ।" ଏ ଦେଶର ଲୋକଙ୍କର ଏହା ଏକ ଭୁଲ । ଯାହା ପୂର୍ବେ କରିନାହାନ୍ତି, ତାକୁ କରିବାକୁ ଚେଷ୍ଟା କରନ୍ତି ନାହିଁ । ତନ୍ତୀ ହେଉ ଅବା ପଣ୍ଡିତ ହେଉ, ସମସ୍ତଙ୍କ ପାଇଁ ଏହା ପ୍ରଯୁଜ୍ୟ...ଏକ ଏକ କ୍ଷୁଦ୍ର ଜଡ଼ଭରତ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆମ ଘରେ ଆମ ବ୍ୟକ୍ତିତ୍ୱର ଚିହ୍ନ ମିଳେ– ଲୋକେ ସହଜରେ ବୁଝିପାରିବେ– ଏଟା ଆମର ଘର । ଏଠି ଜଣେ ଇଂରେଜ ମହିଳାଙ୍କଠାରୁ ସଂସାରର ବିଭିନ୍ନ କାମ ମୁଁ ଶିଖିଛି । ଏଠାରେ ଯେଉଁ ଚାରୋଟି ଇଂରେଜ ପରିବାର ଅଛନ୍ତି, ତା' ଭିତରେ ସେ ହେଉଛନ୍ତି ଏକମାତ୍ର ମହିଳା, ଯାହାଙ୍କଠାରୁ କିଛି ଶିକ୍ଷଣୀୟ ଅଛି । ଅନ୍ୟମାନଙ୍କ କଥା କହିଲେ ନ ସରେ । ସେମାନେ କେବଳ ଟେନିସ୍, ବ୍ରିଜ୍, ମଦ୍ୟପାନ, ବଲ୍‌ନୃତ୍ୟ ଓ ମଝିରେ ମଝିରେ ଫ୍ଲାଟ କରିବା ଛଡ଼ା ଆଉ କିଛି ଜାଣନ୍ତି ନାହିଁ । ସେମାନଙ୍କ ଭିତରେ ହୁଏତ ମନୁଷ୍ୟତ୍ୱ କେଉଁଠି ଲୁଚିଥାଇପାରେ; କିନ୍ତୁ ତାକୁ ଦେଖିବାକୁ ମୋର ଆଖି ନାହିଁ, ମନ ନାହିଁ । ମନ ବେଶି ସୂକ୍ଷ୍ମ ହୋଇଯାଇଛି– ଏମାନଙ୍କ ସଂସ୍ପର୍ଶରେ ସଙ୍କୁଚିତ ହୋଇଯାଏ । ମୁଁ ଜାଣେ– ଏହା ଗୋଟିଏ ତ୍ରୁଟି ।

ଏ ତ୍ରୁଟି ଅବଶ୍ୟ ସେମାନଙ୍କ ଦୃଷ୍ଟିରେ । ଅନ୍ୟ ଭାବରେ ସେମାନେ ଇଂରେଜ, ଆମେ ତୁଚ୍ଛ ନେଟିଭ । ସେମାନେ ଯେ ଦୟାକରି ଆମ ସହିତ ମିଶିବାକୁ ଚାହାଁନ୍ତି, ଆମକୁ ବଲଡ଼ାନ୍‌ସ କରିବାକୁ ଡାକନ୍ତି ବା ଆମ ଘରକୁ ଆସନ୍ତି, ସେଥିରେ ହିଁ ଆମର କୃତାର୍ଥ ହେବା ଉଚିତ । ତା' ପରିବର୍ତ୍ତେ ମୋର ସବୁଥିରେ ଆପତ୍ତି ।

ତାସ୍ ଖେଳିଲେ କ'ଣ ଚରିତ୍ର ନଷ୍ଟ ହୋଇଯାଏ ? ତାସ୍ ଖେଳିଲେ ଚରିତ୍ର ନଷ୍ଟ ହୁଏନି, ସେ କଥା ଠିକ୍; କିନ୍ତୁ ସମୟ ନଷ୍ଟ ହୁଏ । ଏଠାରେ ମନମୁତାବକ କାହାକୁ ପାଏନାହିଁ, କି କାହାରି ସାଙ୍ଗେ ଭାବର ଆଦାନପ୍ରଦାନ ହୋଇପାରେନାହିଁ । ମନର ଯେଉଁ ସ୍ତରରେ ମୋର ସାଙ୍ଗ ଦରକାର, ସେଟା ଦିଗନ୍ତହୀନ ସାହାରା ହୋଇଯାଇଛି । ଯଦି ଏମାନଙ୍କ ସଙ୍ଗେ ବେଶି ମିଳାମିଶା କରେ, ତା' ହେଲେ ମୋର ବ୍ୟକ୍ତିତ୍ୱ ବଦଳିଯିବ– ଏ କଥାଟା ମୋର ସେହି ଅଳ୍ପବୟସରୁ ହିଁ ଜାଣିପାରୁଥିଲି । ସେମାନଙ୍କର ପ୍ରାଣୋଚ୍ଛଳତା ଦେଖିଲେ ବେଳେବେଳେ ଲୋଭ ହେଉଥିଲା, ମନଟା ମଧ୍ୟ ଟାଣିହୋଇଯାଉଥିଲା; କିନ୍ତୁ ସେହି ଲୋଭ ମୋତେ ସମ୍ବରଣ

Digitized by srujanika@gmail.com

କରିବାକୁ ପଡୁଥିଲା । ମୁଁ ଜାଣିଥିଲି ଯେ ମୋତେ ଅସୀମ ଶୂନ୍ୟତା ଘେରିରହିଛି । ମୁଁ ଯଦି ଖୁବ୍ ଶକ୍ତ ନ ହୁଏ, ତେବେ ବିଭ୍ରାନ୍ତ ହୋଇଯାଇପାରେ । ମୁଁ ଜାଣେ, ମୋ ସ୍ୱାମୀ ଏପରି ମଣିଷ ଯେ ତାଙ୍କର କେହି କ୍ଷତି କରିପାରିବ ନାହିଁ; କିନ୍ତୁ ମୋର କ୍ଷତି ହୋଇଯାଇପାରିବ ମୋ ଭିତରେ ଅଛି ନାନାପ୍ରକାର ଦୁର୍ବଳତା । ଏମାନେ ମଦ୍ୟପାନ କରନ୍ତି । ଏମାନଙ୍କ ସହିତ ମିଳାମିଶା କଲେ ମୋତେ ବି ମଦ୍ୟପାନ କରିବାକୁ ହେବ । କଥାରେ ଅଛି ''ସଂସର୍ଗଜାଦୋଷ ଗୁଣା ଭବନ୍ତି ।'' ତେବେ ତ ମୋ ଜୀବନର ମାନ ନିମ୍ନକୁ ଚାଲିଯିବ ।

ଆଜିକାଲି ହୁଏତ ଲୋକେ ଏଇଟାକୁ ରକ୍ଷଣଶୀଳତା ବୋଲି ମନେକରିବେ । ସେତେବେଳେ ବି ଲୋକେ ସେଭଳି ଭାବୁଥିଲେ । ପ୍ରକୃତରେ କହିବାକୁ ଗଲେ, ମଦ୍ୟପାନ ବିରୁଦ୍ଧରେ ଲଢ଼େଇ କରିବାକୁ ଆମକୁ ବେଶ୍ ଶକ୍ତିକ୍ଷୟ କରିବାକୁ ପଡ଼ିଲା । ମୁଁ ଯଦି ଜୋର୍‌ଜବରଦସ୍ତି ନକରିଥାଆନ୍ତି, ତେବେ ହୁଏତ ମୋ ସ୍ୱାମୀ ନିଜେ ନ ଖାଇଲେ ମଧ୍ୟ ସେମାନଙ୍କ ପାଇଁ ବ୍ୟବସ୍ଥା କରିଥାନ୍ତେ । ବସ୍ତୁତଃ ସେ ତାହା ଏକପ୍ରକାର କରିଥିଲେ; କିନ୍ତୁ ମୁଁ ତାହା କରିବାକୁ ଦେଲିନାହିଁ । ଆମେ ସବୁପ୍ରକାର ବିଲାତି ଦ୍ରବ୍ୟ ବର୍ଜନକରିଛୁ । ମୋ ବିବାହରେ ଗୋଟିଏ ହେଲେ ବି ସେସବୁ ଜିନିଷ କିଣାହୋଇନାହିଁ, ଏପରିକି କଲମ ପର୍ଯ୍ୟନ୍ତ ନୁହେଁ । ଏପରି ସ୍ଥଳେ ଆମେ ଏମାନଙ୍କୁ ବିଲାତି ମଦ କିପରି ଯୋଗାଇବୁ ? ମୋ ସ୍ୱାମୀ କହିଲେ, ''ତା ନ ହେଲେ ସେମାନେ ଆମକୁ କୃପଣ ଭାବିବେ ।'' ମୁଁ କହିଲି, ''କାହିଁକି– ସନ୍ଦେଶ ଖାଇବାକୁ ଦେବି ।'' ମୋ ସ୍ୱାମୀ ହସି ହସି କହିଲେ, ''ସନ୍ଧ୍ୟାବେଳେ ସେମାନେ ସନ୍ଦେଶ ଖାଇବେ ନାହିଁ । ତେବେ ତୁମର ଯାହା ଇଚ୍ଛା ତାହା କର– ଏଇଟା ତ ତୁମର ସଂସାର । ତୁମର ଯାହା ଇଚ୍ଛା, ତାହା ଖାଇବାକୁ ଦେବ ।'' ମୋର ମତ ଓ ଇଚ୍ଛା ଖୁବ୍ ଦୃଢ଼; ସେଦିନ ମୁଁ ଜାଣିନଥିଲି ଯେ ଇଂରେଜ ପରିବାରଙ୍କୁ ଅସନ୍ତୁଷ୍ଟ କରି ମୁଁ ଯେଉଁ ଯୁଦ୍ଧର ଆହ୍ୱାନ ଦେଲି, ଠିକ୍ ସମୟରେ ସେମାନେ ତାହାର ପ୍ରତିଶୋଧ ନେବେ । ସେ ଯୁଗରେ ମଦ୍ୟପାନ କରୁଥିବା ବ୍ୟକ୍ତିମାନେ ମଦ ନ ଖାଉଥିବା ଲୋକମାନଙ୍କ ଉପରେ ରାଗିଯାଉଥିଲେ, କାରଣ ସେମାନେ ଭାବୁଥିଲେ, ମଦ୍ୟପାନ ନ କରିବାଟା ତାଙ୍କ ଚରିତ୍ର ଉପରେ କଟାକ୍ଷପାତ । ଏପରି ମନୋଭାବ ଅବଶ୍ୟ ଅସ୍ୱାଭାବିକ ନୁହେଁ । ଯେ ଯାହା କରୁନା କାହିଁକି, ଅନ୍ୟର ସମର୍ଥନ ପାଇବାର ଆଶା ରଖିବାଟା ସ୍ୱାଭାବିକ । ମୁଁ ପରିଚାରକକୁ ବିଲାତି ମଦବୋତଲଗୁଡ଼ିକ ନେଇ ଝରଣା ପାଣିରେ ପକାଇଦେବାକୁ କହିଲି । ସେ ସେଗୁଡ଼ିକୁ ନେଇ ବାହାରେ ପକାଇଦେଲା । ଗୁର୍ଖା ସ୍ତ୍ରୀପୁରୁଷମାନେ ବିଶୁଦ୍ଧ ସ୍କଚ୍ ହୁଇସ୍କି ପାନକରି ଅସୁସ୍ଥ ହୋଇପଡ଼ିଲେ ଏବଂ ଡାକ୍ତରଖାନାକୁ ବୁହାହୋଇ ଚିକିତ୍ସିତ ହେଲେ । ମୋର ଏପରି କାର୍ଯ୍ୟ ସାହେବମାନଙ୍କ ମଧ୍ୟରେ ଅତିମାତ୍ରାରେ ଆଲୋଚିତ ହେଲା । ଅଧୁନା ଏପରି ମନୋଭାବ ଦୁର୍ବୋଧ ପରି ମନେହେଉଛି; କାରଣ ମଦଠାରୁ ବହୁତ ବେଶି ଗୁଣ ପ୍ରମତ୍ତକାରୀ ବସ୍ତୁର ଆମଦାନି ହେଲାଣି ଏବଂ ସେସବୁ ଗୁଣୀସମାଜରେ ବି ସମାଦୃତ ହେଉଛି ।

Digitized by srujanika@gmail.com

ଏଠାରେ ଯେଉଁ ଡିନର୍ ପାର୍ଟି ହୁଏ, ସେଥିରେ ସୁଦୂର ପାହାଡ଼ିଆ ଅଞ୍ଚଳରୁ ପ୍ଲାଣ୍ଟାର ସାହେବମାନେ ଯୋଗଦେବାକୁ ଆସୁଥିଲେ । ରାତି ଗଭୀର ହେବା ସଙ୍ଗେ ସଙ୍ଗେ ଗିଲାସ ପରେ ଗିଲାସ ମଦ ଉଡ଼ିଯାଉଥିଲା । ପାର୍ଟିକୁ ଆସିଥିବା ଲୋକମାନେ ମାତାଲ ହୋଇଉଠୁଥିଲେ । ଯେ ଗୀତର 'ଗ' ଅକ୍ଷର ଜାଣିନଥିଲା, ସେ ଉଚ୍ଚସ୍ୱରରେ ଗୀତ ଗାଉଗାଉ ପାଖରେ ବସିଥିବା ସ୍ତ୍ରୀଲୋକ ଉପରେ ପଡୁଥିଲା । ପୁଣି କେହି କେହି ମୋ ପାଦ ପାଖରେ ବସି କାନ୍ଦିକାନ୍ଦି କହୁଥିଲା, "I shall be you dear." ମୁଁ ବୁଝିପାରୁନଥିଲି ମଣିଷ କିପରି ସ୍ୱେଚ୍ଛାରେ ବୁଦ୍ଧି ହରାଏ । ସୁସଜ୍ଜିତ ଘରେ ବସି, ଚର୍ବ୍ୟ-ଚୋଷ୍ୟ-ଲେହ୍ୟ-ପେୟ ଆକଣ୍ଠ ଖାଇ ବୟସ୍କ ଲୋକମାନେ ଇଚ୍ଛାକରି ପାଗଳ ହୋଇଯାଉଛନ୍ତି । ଏହା ଦେଖି ଦେଖି ମୋ ମନର ଅବସ୍ଥା ଦୁଷ୍ମନ୍ତଙ୍କ ରାଜପୁରୀର ଶାରଦ୍ୱତ ପରି ହେଉଥିଲା । ସ୍ନାତ ବ୍ୟକ୍ତିର ତୈଳାକ୍ତକୁ, ଶୁଚିର ଅଶୁଚିକୁ, ଜାଗ୍ରତର ପ୍ରସୁପ୍ତକୁ, ମୁକ୍ତର ଆବଦ୍ଧକୁ ଦେଖିଲେ ଯେପରି ମନେହୁଏ, ସେହିପରି ହୋଇଥିଲା ଶାରଦ୍ୱତର ଅବସ୍ଥା ।

ଗଭୀର ରାତିରେ ଆମେ ସ୍ୱାମୀ-ସ୍ତ୍ରୀ ଜଙ୍ଗଲ ବାଟ ଦେଇ ଘରକୁ ଫେରୁଥିଲୁ । ଜଣେ ପରିଚାରକ ଆଗେ ଆଗେ ଠେଙ୍ଗା ଓ ଲଣ୍ଠନ ଧରି ଚାଲିଥାଏ । ଆମ ପାଦଶବ୍ଦ ଛଡ଼ା ଆଉ କୌଣସି ଶବ୍ଦ ନାହିଁ । ନିସ୍ତବ୍ଧ ବନସ୍ଥଳୀର ଦୁଇ ପାଖରେ ଥିବା ପାହାଡ଼ରେ ଧକ୍କା ଖାଇ ସେହି ଶବ୍ଦ ମସ୍‌ମସ୍ କରି ନିସ୍ତବ୍ଧତାକୁ ହିଁ ପ୍ରକାଶ କରୁଥିଲା । ଗଛର ପତ୍ରଫାଙ୍କବାଟେ ଜ୍ୟୋତ୍ସ୍ନା ବିଗଳିତ ହୋଇ ପଥ ଉପରେ ଆଲୋକଛାୟାର ଚିତ୍ର ରଚନା କରିଥିଲା । ମୁଁ ଜାଣେ ରାସ୍ତାର କେଉଁଠି କ'ଣ ରହିଛି । କେଉଁଠି ଅଛି ଜୁଳୁଜୁଳିଆ ପୋକର ରାଜତ୍ୱ, ଆଉ କେଉଁଠି ବା ରଜନୀଗନ୍ଧାର ଗନ୍ଧ । ଆଉ ଗୋଟିଏ ପ୍ରକାର ଫୁଲ ଅଛି, ତା'ର ଗନ୍ଧ ଠିକ ଅରୁଆ ଚାଉଳ ଭଳି । କେହି କେହି କହନ୍ତି କୌଣସି ସାପ ଅରୁଆ ଚାଉଳ ଭଳି ବାସେ । ଏଠି ଏତେ ସାପ ଯେ ଆମେ ଆଉ ସାପକୁ ଡରୁନା । ସାପ କିନ୍ତୁ ମଣିଷ ଦେଖିଲେ ବା ତା'ର ଶବ୍ଦ ଜାଣିପାରିଲେ ପଳାଇଯାଏ । ନାଗ ସାପ ଭଳି ବିଷଧର ସାପ ମଧ୍ୟ ପଳେଇଯାଏ; କିନ୍ତୁ ଅଜଗର ପଳେଇଯାଏନାହିଁ । ଅଜଗର ଏତେ ବିରାଟ ଯେ ତାକୁ ହଲଚଲ ହେବାକୁ ବର୍ଷ ବର୍ଷ ବିତିଯାଏ । ଅଜଗର କବଳରେ ନ ପଡ଼ିଲେ କାହାରି ଡରିବାର କିଛି ନାହିଁ । ସେ ମୁହଁ ବଢ଼େଇ କାହାକୁ ଧରିବ ନାହିଁ; ଅଥଚ ଜଣେ ଲୋକ ଅଜଗରକୁ ଦେଖିଦେଇ ମରିଗଲା । ବୃକ୍ଷତଳେ ଅଜଗର ସାପଟା ଗୋଲ ହୋଇ ଶୋଇଥିଲା । ଫଣା ଟେକି ଯେମିତି ଚାହିଁଛି, ସେ ଲୋକଟା ଦୌଡ଼ିବାକୁ ଆରମ୍ଭ କଲା, ଅବଶ୍ୟ ବିପରୀତ ଦିଗକୁ । ଦୌଡ଼ି ଦୌଡ଼ି ଆମ ଘର ପାଖରେ ପଡ଼ିଗଲା । ତତ୍‌କ୍ଷଣାତ୍ ତାର ମୃତ୍ୟୁ ଘଟିଲା । କେବଳ ଡରିଯାଇ ବିଚରା ମରିଗଲା । ଆମେ ସାଧାରଣତଃ ଯେଉଁ ବାଟେ ଚଲାବୁଲା କରୁ, ସେଠାରେ ଭାଲୁ ବାହାରେ ନାହିଁ । ସେମାନଙ୍କର ନିଜ ପ୍ରାଣକୁ ଡର ଅଛି; କିନ୍ତୁ ଜଙ୍ଗଲବାଟେ ଯେଉଁମାନେ ଅଠର ମାଇଲ ଦୂରରେ ଥିବା ସହରରୁ ସଉଦାପତ୍ର କିଣି ଆଣୁଥିଲେ, ସେମାନଙ୍କ ସହିତ ଭାଲୁର

Digitized by srujanika@gmail.com

ଭେଟ ହୋଇଯାଉଥିଲା । ଦିନେ ଦିନେ ଭିନ୍ନ ଭିନ୍ନ କୌଶଳ କରି ସମସ୍ତେ ବଞ୍ଚିଯାଉଥିଲେ । ଜଣେ ଲୋକ ଥରେ ପିଠିରେ ଥିବା ପାଉଁରୁଟି ଝୁଡ଼ିଟାକୁ ଫୋପାଡ଼ିଦେଲା, ଝୁଡ଼ିଟା ଛିଟିକିପଡ଼ି ଗଡ଼ିଗଡ଼ି ଚାଲିଲା । ଭାଲୁଟା ମଣିଷକୁ ଛାଡ଼ିଦେଇ ଗଡ଼ିଯାଉଥିବା ଜିନିଷ ପଛେ ପଛେ ଦୌଡ଼ିଲା– ରୁଟିବାଲାଟା ବଞ୍ଚିଗଲା । ଚିତାବାଘ, ଭାଲୁ ଓ ଅଜଗରଙ୍କ ସହଯୋଗରେ ଏପରି କାଣ୍ଡ ଘଟେ, ବେଳେବେଳେ ସେଗୁଡ଼ିକ ମନେହେବ ଶିଶୁମାନଙ୍କ ଗଳ୍ପବହିର ଗଳ୍ପପରି । ମୁଁ ପୂର୍ବେ ଯେପରି ଜୀବନ କଟାଇଛି, ତା'ଠାରୁ ଏ ଜୀବନ ସଂପୂର୍ଣ୍ଣ ଭିନ୍ନ । ତଥାପି ମୁଁ ଏମାନଙ୍କ ସହିତ ମିଶିଯାଉଛି । ଆଦିମ ପ୍ରକୃତି, ଆଦିମ ମାନବ ମୋ ଅନ୍ତରରେ ପ୍ରବେଶ କରୁଛି ଧୀରେ ଧୀରେ; କାରଣ ସାହେବମାନେ ଯେଉଁଭଳି ଭାବରେ ଆନନ୍ଦ ପାଇପାରନ୍ତି, ଆମେ ତ ତା ଜାଣୁନା । ଛୁଟିଦିନମାନଙ୍କରେ ସେମାନେ ପିଠିରେ ବନ୍ଧୁକ ଝୁଲାଇ, ହାତରେ ବନଶୀଖଡ଼ା ଧରି, ଭୃତ୍ୟମାନଙ୍କ କାନ୍ଧରେ ଖାଦ୍ୟ ଓ ମଦର ବୋଝ ଲଦି ଶିକାର କରିବାକୁ ଯାଉଥିଲେ । ଶିକାର କରିବା ସଙ୍ଗେ ସଙ୍ଗେ ମଦ୍ୟପାନ କରି ଓ ଜଣେ ଅନ୍ୟ ଜଣଙ୍କ ସ୍ତ୍ରୀ ସହିତ ଗୁଜବ ଗଳ୍ପକରି ସମୟ କଟାଇଦେଉଥିଲେ । ସେମାନଙ୍କର କୌଣସି ଅଭାବବୋଧ ନଥିଲା । ଜଙ୍ଗଲରେ ମଧ୍ୟ ସେମାନେ ଖୁବ୍ ଭଲରେ ରହିଛନ୍ତି । ଆମେସବୁ ପାଠଶାଠ ପଢ଼ି ଏସବୁ କରିପାରିବୁ କି ? ନିରୀହ ହରିଣ ମାରିବାକୁ ମୋତେ ଆଦୌ ଭଲଲାଗେ ନାହିଁ । ଆହତ ହରିଣର ଚିତ୍କାର ଶୁଣି ବା କରୁଣ ଦୃଷ୍ଟି ଦେଖି ଆମ ଆଖିରୁ ପାଣି ଗଡ଼ିପଡ଼େ । ତଥାପି କ୍ରମେ କ୍ରମେ ଆମେ ସେମାନଙ୍କ ନିକଟରୁ କିଛି କିଛି ଶିଖିବାକୁ ଲାଗିଲୁ । ସେମାନଙ୍କ ପାଖରେ ଶିକ୍ଷଣୀୟ କିଛି ଅଛି । ଯେକୌଣସି ଅବସ୍ଥାରେ ସେମାନେ ନିଜକୁ ମନେଇ ନେଇପାରନ୍ତି– ଅନେକଟା ମାରୁଆଡ଼ିମାନଙ୍କ ଭଳି । ସେମାନେ ମଧ୍ୟ ପ୍ରତିକୂଳ ଅବସ୍ଥା ଭିତରେ ନିଜକୁ ବେଶ୍ ଖାପଖୁଆଇନିଅନ୍ତି । ହିମାଳୟର ପାଦଦେଶରେ ଏପରି ଛୋଟ ଛୋଟ ଗ୍ରାମ ଅଛି, ଯେଉଁ ସବୁ ସ୍ଥାନକୁ ଯିବାକୁ ହେଲେ ପଚିଶ ମାଇଲ ବାଟ ଚାଲିବାକୁ ପଡ଼େ; ନଚେତ୍ ଘୋଡ଼ାରେ ଚଢ଼ି ଯିବାକୁ ପଡ଼େ । ସେ ସବୁ ସ୍ଥାନରେ ମଧ୍ୟ ମାରୁଆଡ଼ିମାନେ ଦୋକାନପତ୍ର ଖୋଲି ଡାଲିଚାଉଳ ବିକ୍ରିକରନ୍ତି– ହଁ, ସେମାନଙ୍କ ଯୋଗୁଁ ଆମେ ଏଠାରେ ଚାଉଳ, ଡାଲି, ତେଲ, ମସଲା ପାଇଥାଉ ।

ମଦ୍ୟପାନ ଓ ହରିଣ ଶିକାର–ଏ ଦୁଇଟି ଜିନିଷ ବ୍ୟତୀତ ମୁଁ ଅରଣ୍ୟଜୀବନର ଆନନ୍ଦରେ ପ୍ରବେଶ କରିବାକୁ ଚେଷ୍ଟାକଲି । ପ୍ରତ୍ୟେକ ଛୁଟିଦିନରେ ସାଙ୍ଗସାଥୀ ଜୁଟେଇ ସଦଳବଳେ ବଣଭୋଜି କରିବାକୁ ବାହାରିପଡ଼େ । ବନପଥ ଦେଇ ଚାଲିଯାଏ ବହୁ ଦୂର, ହୁଏତ କୌଣସି ନିର୍ଜନ ଝରଣାଧାରକୁ କିମ୍ବା କୌଣସି ପାର୍ବତ୍ୟ ନଦୀର ତୀରକୁ ।

ଏ ବଣର ଗଛଗୁଡ଼ିକ ସିଧାସଳଖ । ଏମାନେ ସମସ୍ତେ ଆଲୋକପ୍ରତ୍ୟାଶୀ, ସେଥିପାଇଁ ବୋଧହୁଏ ଦୀର୍ଘ ଗ୍ରୀବା ଉତ୍ତୋଳନ କରି ପାହାଡ଼ ଟପି ଆକାଶକୁ ମୁହଁ ଦେଖାଇବାକୁ ଚାହାଁନ୍ତି । ବୃକ୍ଷରାଜିର ଛାୟାଚ୍ଛନ୍ନ ମୃତ୍ତିକା ଶିଉଳିର ଭିଜା ଗନ୍ଧରେ ଚତୁର୍ଦ୍ଦିଗ ସୁଗନ୍ଧିତ ହୁଏ । ଘୋଡ଼ାର

Digitized by srujanika@gmail.com

ଟାପୁ ତଳେ ଘାସଫୁଲ ଓ ବନ୍ୟ ଫର୍ଣ୍ଣ ଦଳିତହୋଇଯାଏ । ମୁଁ ଅନ୍ୟମନସ୍କ ହୋଇ ଲଗାମ ଧରିଥାଏ । ଜଙ୍ଗଲବାଟେ ଚାଲୁଚାଲୁ ମନ ହଠାତ୍ ଉଦାସ ହୋଇଯାଏ । ସେହି ଗୃହତ୍ୟାଗୀ ରାଜପୁତ୍ରର କଥା ମନେପଡ଼େ – ''ଏକାକୀ ହୟମାରୂହ୍ୟ ଜଗାମ ଗହନଂ ବନମ୍ ।'' (ଏକୁଟିଆ ଘୋଡ଼ାରେ ଚଢ଼ି ଘୋର ଜଙ୍ଗଲରେ ପ୍ରବେଶ କଲେ ।) କୁଆଡ଼େ ମୁଁ ଯାଉଛି ? କାହା ସଙ୍ଗେ ଯାଉଛି ? ଏମାନେ ସମସ୍ତେ ଛାୟାମୂର୍ତ୍ତି । ମୁଁ କ'ଣ ଏପରି ଜୀବନ ଚାହିଁଥିଲି ? ହେ ଈଶ୍ୱର ! କୀଟପତଙ୍ଗର ସାଥୀ ଅଛି, ମୋତେ ଜଣେ ସାଥୀ ଦେଲନାହିଁ ? ହଠାତ୍ ଦେଖିଲି– ପାର୍ବତ୍ୟ ନଦୀ – ଉପଳଶୟନା କଳନିନାଦିନୀ ଜଳଧାରା – ତାହାରି ସ୍ରୋତ ପଥରଦ୍ୱାରା ଅବରୁଦ୍ଧ ହୋଇ ହ୍ରଦ ସୃଷ୍ଟି କରିଛି । ଆମେ ଏ ହ୍ରଦରେ ସ୍ନାନ କରିନେଉ । ମନର ଅବସାଦ କଟିଯାଏ । ଟିଟାପାଟି ନାମକ ଏକପ୍ରକାର ସୁଗନ୍ଧି ପତ୍ର ଅଛି । ପଥରରେ ଛେଚି ପାଣିରେ ପକାଇଦେଲେ ମାଛ ସବୁ ସେହି ପାଣି ପିଇ ମତୁଆଲା ହୋଇଉଠନ୍ତି । ସେତେବେଳେ ସେ ମାଛ ଧରାହୁଏ । ପଥରର ଚୁଲି ତିଆରି କରି ପତର-କୁଟା ଜାଳି ମାଛ ଭଜାଯାଏ । ନଦୀ ମଝିରେ ମଝିରେ ବଡ଼ ବଡ଼ ପଥର ଅଛି; ତା' ପାଖଦେଇ ପାଣି ଭଉଁରି ବୁଲି ଫେଣ ଉଠି ଧଳା ହୋଇଯାଏ । ସେଇ ପଥର ଉପରେ ବସି ମୁଁ ସାଗରିକା କବିତା ପଢ଼ିବାକୁ ଭଲପାଏ ।

ଥରେ ଜଣକୁ ପ୍ରଶ୍ନ କଲି, ''ମ୍ୟାକ୍‌ଡୋନାଲଡ୍ ! ଜାଭା ବୋଲି ଗୋଟିଏ ଦ୍ୱୀପ ଅଛି, ଜାଣ ?''

''ନିଶ୍ଚୟ ଜାଣେ, ସେଠାରେ ଚା' ଚାଷ ହୁଏ ।''

''କେବଳ ସେତିକି ଜାଣ ? ବହୁବର୍ଷ ପୂର୍ବେ ସେଠାରେ ଭାରତୀୟ ସଭ୍ୟତା ପ୍ରସାର ଲାଭ କରିଥିଲା । ଶ୍ୟାମ ଦେଶକୁ ମଧ୍ୟ ଏ ସଭ୍ୟତା ବ୍ୟାପିଥିଲା । ତୁମେ ଏସବୁ ଜାଣ କି ?''

"Never heard of such a thing– ଇଂରେଜମାନେ ଆସିବା ପୂର୍ବରୁ ଭାରତୀୟ ସଭ୍ୟତା ବୋଲି କିଛି ଥିଲା ?''

ଏ ତ ଭଲ କଥା – ଏମାନଙ୍କ ସଙ୍ଗେ କ'ଣ କଥା କହିବି ? ମୋର ସ୍ୱାମୀ ତ ସହଜରେ କୌଣସି କଥା କହିବାକୁ ଚାହାନ୍ତି ନାହିଁ । ତର୍କରୁ ମଧ୍ୟ ବହୁ ଦୂରରେ ଥାଆନ୍ତି; ତଥାପି ବାଧ୍ୟ ହୋଇ ତାଙ୍କୁ ଦିନେ ଦିନେ ଗୋଟିଏ ଦୁଇଟା କଥା କହିବାକୁ ପଡ଼େ ।

ମ୍ୟାକ୍‌ଡ଼ୋନାଲ୍‌ଡ଼ କହିଲା, ''ତୁମେମାନେ ଶିକ୍ଷିତ, ବୁଦ୍ଧିମାନ୍; ତେବେ ଖ୍ରୀଷ୍ଟିୟାନ ହେଉନାହିଁ କାହିଁକି ? ତୁମେ ସବୁ କିପରି ମୁକ୍ତି ପାଇବ ?''

ମୋ ସ୍ୱାମୀ କହିଲେ, ''ଆମେ ସଂଖ୍ୟାଲଘୁଦଳଭୁକ୍ତ ହେବାକୁ ଚାହୁଁନା ।'' ''ଅର୍ଥାତ୍ ?'' ''ପୃଥିବୀର ଜନସଂଖ୍ୟା କେତେ ଜାଣ ?'' ''ନା,... କେତେ ?'' ଦୁଇହଜାର ନିୟୁତ–ତନ୍ମଧ୍ୟରୁ ଖ୍ରୀଷ୍ଟିୟାନଙ୍କ ସଂଖ୍ୟା କେତେ କୁହତ ?'' ''ନା, ଜାଣେନା...

Digitized by srujanika@gmail.com

କେତେ ?'' ''ହୁଏତ ଛଅଶହ ନିୟୁତ ହେବ । ତେବେ ଆମ ମେଜରିଟି ସଙ୍ଗେ ରହିବାଟା ଭଲ ନୁହେଁ କି ?''

କ୍ରମେ କ୍ରମେ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ କେହି ନା କେହି ଛୁଟିରେ ଆସିବାକୁ ଲାଗିଲେ । ବଜାର ବହୁତ ଦୂର ହେଲେ ମଧ୍ୟ ଘରେ ଖାଦ୍ୟବସ୍ତୁର ଅଭାବ ନଥାଏ । ସୁସଜ୍ଜିତ ଘରେ ଅତିଥିମାନଙ୍କ ପାଇଁ ଭଲ ଭଲ ଖାଦ୍ୟ ପ୍ରସ୍ତୁତ କରି ମୁଁ ତୃପ୍ତି ପାଏ । ଆନ୍ତରିକତା ସହ ସେମାନଙ୍କର ସେବାକରେ । ପ୍ରଥମ ଦୁଇ ତିନି ଦିନ ସେମାନେ ଭାବନ୍ତି– ଆମେ ଖୁବ୍ ଆନନ୍ଦରେ ଅଛୁ । ତା' ପରେ ନିର୍ଜନତାର ଅବସାଦରେ ମ୍ରିୟମାଣ ହୋଇ ପଳାଇଯାଆନ୍ତି ।

ସାଂସାରିକ କାମରେ ମୋର କର୍ମଶକ୍ତି ଅଦମ୍ୟ । ସାହେବମାନଙ୍କ ପାଖରୁ କୁକୁଡ଼ାପାଳନ ଶିଖିଛି । ସେ ସମୟରେ ବିଲାତି କୁକୁଡ଼ା ପାଳିବାର ବିଶେଷ ପଦ୍ଧତି ଆରମ୍ଭ ହୋଇଛି । ମହୁମାଛି ପୋଷିବାକୁ ମଧ୍ୟ ଶିଖିଲି । ମହୁମାଛିର ଜୀବନବୃତ୍ତାନ୍ତ ପଢ଼ି ପଢ଼ି ପ୍ରାୟ ମୁଖସ୍ଥ ହୋଇଗଲା । କେତେପ୍ରକାର ବିଚିତ୍ର ପତଙ୍ଗ ଅଛନ୍ତି– ସେମାନେ ମଣିଷର କୌଣସି କାମରେ ଲଗନ୍ତିନାହିଁ; ତେବେ ସେମାନଙ୍କ ଜୀବନ ମଧ୍ୟ ମୂଲ୍ୟବାନ୍ । ଗୋଟିଗୋଟିକର ଆଶ୍ଚର୍ଯ୍ୟ ରୂପ । ବିଚିତ୍ର ସେମାନଙ୍କର ବ୍ୟବହାର । ପାହାଡ଼ର ଯେଉଁ ଅଞ୍ଚଳରେ ଗଭୀର ଜଙ୍ଗଲ, ସେହି ସ୍ଥାନ ଓଦା; କାରଣ ସେଠାରେ ଆଦୌ ଖରାପଡ଼େନାହିଁ । ସେଠି ଯେଉଁ ଗଛ ଅଛି, ତା' ଡାଳରେ ଶିଉଳି ବା ମସ୍ (moss) ଦେଖାଯାଏ । ଲମ୍ବା ଲମ୍ବା ମସ୍ ଝୁଲୁଥାଏ– ଠିକ୍ ଯେପରି ଗଛର ଶାଖା ମୁକ୍ତ କେଶ ଝୁଲାଇଦେଇଛି । ଏଠି ଏକପ୍ରକାର ଗଛରେ ଆଲୁଅ ଜଳେ, ତାକୁ ଫସପରାସେଣ୍ଟ କହନ୍ତି । ମୋ ବାପା ମୋତେ ପଚାରିଥିଲେ–ପୁରାଣରେ ଲେଖାଥିବା ଦିବ୍ୟୌଷଧି ଅରଣ୍ୟରେ ମିଳେ କି ନାହିଁ ? ଦୀପ୍ୟମାନ ଏ ଦିବ୍ୟୌଷଧି ଦେଖିଛି । ଜୁଳୁଜୁଳିଆ ପୋକ ଭଳି ଏକପ୍ରକାର ପୋକ ଅଛି; ଯାହାର ପିଠିରେ ଓ ଦୁଇ ପାଖରେ ସମୁଦାୟ ତିରିଶିଟା ଆଲୁଅ ଦେଖିବାକୁ ମିଳେ । ପ୍ରତ୍ୟେକ ଧାଡ଼ିରେ ଦଶଟା ଆଲୁଅ– ଏକ ବିଚିତ୍ର ଜୀବ । ଆଉ ପ୍ରଜାପତି– ଛୋଟ ବଡ଼, ବିଚିତ୍ର ରଙ୍ଗରେ ରଙ୍ଗିନ୍ । କୌଣସିଟା ବା ମଥି...ରଙ୍ଗହୀନ, ବଡ଼ ବଡ଼ ଭୟଙ୍କର ଆଖି- ଧୂସର ଦେହ ।

ଫୁଲବଗିଚାରେ ପ୍ରଜାପତି ଉଡ଼େ । ମୋର ଛୋଟ ଝିଅଟା ପ୍ରଜାପତି ପଛରେ ଦଉଡ଼େ । ୧୯୩୬ ମସିହାରେ ତାର ଜନ୍ମ । ଏଠାରେ ପରିବାଚାଷ କରି ମୁଁ ଆନନ୍ଦ ପାଏ, ସମୟ ମଧ୍ୟ କଟିଯାଏ । ଛଅ ସାତବର୍ଷ ଅତି ମନୋଯୋଗ ସହକାରେ ଆଳୁଚାଷ କରିଛି, ବିହନର କୋଡ଼ିଏ ଗୁଣ ଫସଲ ଫଳେଇଛି । ଏପରି କୃତିତ୍ୱର ଗୌରବରେ ମୁଁ ଆନନ୍ଦିତ । ମୋର ଏପରି କାର୍ଯ୍ୟ ଯୋଗୁଁ କେହି କେହି ହସନ୍ତି; କିନ୍ତୁ ଅବିଶ୍ୱାସ୍ୟ ହେଲେ ମଧ୍ୟ ମୁଁ କହିବି– ଯେକୌଣସି କବି ଆଳୁଚାଷ କରି ଆନନ୍ଦ ପାଇପାରିବେ । ଗୋଟିଏ ଛୋଟ ବିହନକୁ ମାଟି ଭିତରେ ପୋତିଦେଲେ ସେଟା କିପରି ବଢ଼େ...କିଏ ଜାଣେ ? ଆମେ ତା' ମୂଳରେ ପାଣି

Digitized by srujanika@gmail.com

ଦେଉ । ଯେତେବେଳେ ଫସଲଉଠା ସମୟ ହୁଏ, ସେତେବେଳେ ମାଟି ଆଡ଼େଇ ଦେଖାଯାଏ ଯେ ସେହି କ୍ଷୁଦ୍ର ବୀଜଟି ଶୁଷ୍କହୋଇ ରହିଛି । ତା'ରିଠାରୁ ପ୍ରାଣ ପାଇ ବଡ଼ ବଡ଼ ରସାଳ ଫଳ ଫଳି ତାକୁ ବେଢ଼ିରହିଛି । ଏହା ଦେଖିଲେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ । ଅଳ୍ପ ଅଳ୍ପ କରି ମାଟି ଉଠାହେବା ସଙ୍ଗେ ସଙ୍ଗେ ଗୋଟିଏ ଗୋଟିଏ ଆଳୁ ବାହାରିଆସେ । ଟୋକେଇରେ ଆଳୁ ସ୍ତୂପାକାର ଭାବେ ରଖାଯାଏ । ମୋ ମନରେ ଅଦ୍ଭୁତ ଆନନ୍ଦ ଜନ୍ମେ– 'ବଡ଼ ବିସ୍ମୟ ମାନି ହେରି ତୋମାରେ... ।' ମନେହେଲା, ଭ୍ୟାନ୍ ଗଗ୍ ପରି ଛବି ଆଙ୍କିଲି– 'ପଟାଟୋ ଇଟାର୍ସ ।' ବିସ୍ମୟ କେଉଁଠି ନାହିଁ ? ଆନନ୍ଦ ବା କେଉଁଠି ନାହିଁ ? ସେଇ ଯେ ପୋକଟା ଅବିକଳ ଡାଳିଆ ପତର ପରି ଦେଖିବାକୁ, ପତର ସହିତ ମିଶିରହିଛି । କେବଳ ସେ ହଲିଲେ ବୁଝାପଡ଼େ, ସେଟା ପ୍ରାଣୀ, ପତର ନୁହେଁ । ଟିକିଏ ଛୁଇଁଦେଲେ ପତର ଭଳି ନିଶ୍ଚଳ ହୋଇଯିବ ଆତ୍ମରକ୍ଷା ପାଇଁ । ସେଟା ବି କ'ଣ କମ୍ ବିସ୍ମୟକର ! ଗୋଟିଏ ପୋକ କିପରି ଯେ ଅବିକଳ ପତର ପରି ଗଠିତହୋଇଛି– ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ପୋକଟା ଯେତେବେଳେ ମରିଯାଏ, ସେତେବେଳେ ପତର ପରି ଶୁଖି ହଳଦିଆ ହୋଇଯାଏ– Nature's mimicry । ଥରେ ଜ୍ୟୋତିପ୍ରକାଶ ସରକାର ସେଭଳି ଗୋଟିଏ ପୋକ କାଗଜ ବାକ୍ସରେ ନେଇ ଆସିଥିଲେ ବୋଷ ଇନ୍‌ଷ୍ଟିଚ୍ୟୁସନ୍‌ରେ ଦେଖାଇବେ ବୋଲି । ପୋକଟା ଯେତେବେଳେ ମରିଗଲା, ସେତେବେଳେ ବି ତାହା ଦେଖିବାକୁ ଗୋଟିଏ ପତର ଭଳି ଥିଲା; କିନ୍ତୁ ସେଥିରେ ପିମ୍ପୁଡ଼ି ଲାଗିଗଲେ, ବୁଝାପଡ଼ିଲା ସେଟା ଗୋଟିଏ ପ୍ରାଣୀ ।

ଏ ସ୍ଥାନରେ ମୋର ଦିନ ବିତିଯାଉଛି । ଏଠାରେ ଦେଖିବା ପାଇଁ ଅନେକ କିଛି ଅଛି– ବର୍ଣ୍ଣ, ଗନ୍ଧ, ରୂପର ଏକ ସମାରୋହ, ଯାହା ଦେଖିବା ପାଇଁ ମୋ ଦୃଷ୍ଟି ଟିକିଏ ଟିକିଏ କରି ପ୍ରସ୍ତୁତ ହେଉଛି । ଏସବୁ ସତ୍ତ୍ୱେ ରହିଛି ଏକ 'କିନ୍ତୁ' । ଏ କିନ୍ତୁ ମୋତେ କେବେହେଲେ ଛାଡ଼ିଲାନାହିଁ । ରାତି ଅଧରେ ମୁଁ ବିଛଣାରୁ ଉଠିଆସେ, ବାଲ୍‌କୋନିରେ ବସେ । ମନେମନେ ମୋ ପରିଚିତ ଲୋକମାନଙ୍କ କଥା ଭାବେ– ସେମାନେ ନିଶ୍ଚୟ ସେମାନଙ୍କ ଅବସ୍ଥାରେ ସନ୍ତୁଷ୍ଟ; ତେବେ ମୁଁ କାହିଁକି ନୁହେଁ ? ମୁଁ ତ ସବୁ କିଛି ପାଇଛି; ତଥାପି ମୋର ଶୂନ୍ୟତା ଯାଉନାହିଁ କାହିଁକି ? ମୁଁ ଯାହା କରିବାକୁ ଆସିଛି, ତାହା କରିପାରିଲିନାହିଁ; ଯାହା କହିବାକୁ ଆସିଛି, ତାହା କହିପାରିଲି ନାହିଁ; ଯାହା ଚାହିଁଛି ତାହା ପାଇଲି ନାହିଁ– ଏହି ଅନିର୍ଦ୍ଦିଷ୍ଟ ଆକାଙ୍‌କ୍ଷାର ଏ ଚିର ଅତୃପ୍ତିର କୌଣସି ନାମ ନାହିଁ; କାରଣ ଏଇଟା ବୋଧହୁଏ ଖୁବ୍ ସ୍ୱାଭାବିକ ଜିନିଷ ନୁହେଁ– ମନେହୁଏ ସୁଖ ଭିତରୁ ଦୁଃଖର ସୃଷ୍ଟି ...ମୁଁ ସେହିପରି ଅନୁଭବ୍ କରେ । ମାୟାକୋଭ୍‌ସ୍କିଙ୍କର କବିତାଟିଏ ପଢ଼ିଥିଲି । ସେଥିରେ ମୋ ମନର କଥାଟା ଲେଖାଥିଲା ଭଳି ମନେହୁଏ । ବର୍ତ୍ତମାନ ଶୁଣ, ଯଦି ଆକାଶରେ ତାରା ଉଠେ, ତେବେ ଜଣାଯାଏ ଯେ ନିଶ୍ଚୟ କେହି ଜଣେ ଅଛି, ଯେ ସେଗୁଡ଼ିକୁ ଦେଖିବାକୁ ଚାହେଁ, କେହି ଯେମିତି ଅଛି କହିବାକୁ ଯେ ସେଗୁଡ଼ିକ ଜଳୁ । କିଏ ହେଲେ କହିବ ସେ ଛୋଟ ବିନ୍ଦୁଟା କ'ଣ–ସେଟା

Digitized by srujanika@gmail.com

କ'ଣ ଗୋଟାଏ ରତ୍ନ ? ଦିନ ଦ୍ୱିପ୍ରହରର ଧୂଳିଝଡ଼ରେ ଆକ୍ରାନ୍ତ ହୋଇ ଈଶ୍ୱରଙ୍କ ପ୍ରସାରିତ ହସ୍ତ ଚୁମ୍ବନ କରି ସେ କହିବ–''ତାରାହୀନ ହୋଇ ମୁଁ ବଞ୍ଚିପାରିବି ନାହିଁ ?''

ନିସ୍ତବ୍ଧ ଅନ୍ଧାର ରାତି– ଥଣ୍ଡା ପବନ – ମୁଁ ଆସି ବାଲ୍‌କୋନିରେ ଠିଆହେଲି । ତାରାଟିକୁ ଦେଖିବି ବୋଲି ।

''ଆକାଶଭରା ତାରାର ମାଝେ ଆମାର ତାରା କଇ ?''

କିନ୍ତୁ ମୋର ଏ ଶୂନ୍ୟତାବୋଧ କୌଣସି ଏକ ବିଶେଷ ବ୍ୟକ୍ତି ପାଇଁ ନୁହେଁ; ଆଦୌ ନୁହେଁ । ଏ ଶୂନ୍ୟତାର ଅର୍ଥ ମୁଁ ଜାଣେ । ମୁଁ ଅନ୍ୟ କାହାକୁ ନୁହେଁ, ନିଜକୁ ଖୋଜୁଥିଲି । ମୋ ସତ୍ତାର ଯେଉଁ ଅଂଶ ନିଜକୁ ଅଭିବ୍ୟକ୍ତ କରିପାରିନାହିଁ, ତା'ର ଏକ ବେଦନା ମୁଁ ଅନ୍ତର ମଧ୍ୟରେ ଅନୁଭବ କରେ । ମୋର ଅନ୍ୟ ଅଂଶଟି ହୃଷ୍ଟଚିତ୍ତରେ ସଂସାରରେ ଲିପ୍ତ ଥିଲା । ଯେତେବେଳେ ସନ୍ଧ୍ୟା ହୁଏ, ପିଅନ୍ କବାଟ ବନ୍ଦକରି ଫାୟାର-ପ୍ଲେସ୍‌ରେ ମୋଟା ମୋଟା କାଠ ଦେଇ ନିଆଁ ଜଳାଏ । ମୁଁ ନିଆଁ ପୋଉଁ ପୋଉଁ ଉଲ୍ ବୁଣୁଥାଏ । ମୋ ସ୍ୱାମୀ ଗୋଟିଏ ବହି ଧରି ପୃଷ୍ଠା ଓଲଟାଉଥାଆନ୍ତି । ଆମେ ଦୁହେଁ ନୀରବ । ସେତେବେଳେ ମୁଁ କୌଣସି ସୂକ୍ଷ୍ମ କଥା ଭାବୁନଥିଲି । କାହା ପାଇଁ ମଧ୍ୟ ମୋ ମନରେ ଦୁଃଖ ହେଉନଥିଲା । ସ୍ୱାମୀଙ୍କର ଚାକିରିରେ ପଦୋନ୍ନତି, ଉପରବାଲାର ଅବିଚାର, କନ୍ୟାର ଖାଦ୍ୟ ପ୍ରତି ଅନିଚ୍ଛା ଇତ୍ୟାଦି ବିଷୟରେ ଚିନ୍ତାକରୁଥିଲି କିମ୍ବା କୌଣସି ଫର୍ଣ୍ଣିଚର୍‌ର ନକ୍‌ସା ବିଷୟରେ ଭାବୁଥିଲି ।

ଜୀବନର କଥା ଲେଖିବାକୁ ଯାଇ ଭାବୁଛି ଏ ଜୀବନଟାର କୌଣସି ଇତିହାସ ନାହିଁ-ଥିବ ବା କିପରି ? ଇତିହାସ ଘଟେ ଯେଉଁଠି ଥାଏ ମନୁଷ୍ୟ ସଙ୍ଗେ ମନୁଷ୍ୟର ସଂସ୍ପର୍ଶ, ସଂଘର୍ଷ ବା କର୍ମବହୁଳ ଜୀବନର ନାନା ଘଟଣା– ପ୍ରକୃତି କ'ଣ ଇତିହାସ ଘଟାଇବ ? ଏଠି ଯେଉଁସବୁ ଘଟଣା ଘଟେ, ସେଗୁଡ଼ିକ ମାରାତ୍ମକ ହେଲେ ମଧ୍ୟ ତାକୁ ନେଇ ଜୀବନର ଇତିହାସ ସୃଷ୍ଟି ହୁଏ ନାହିଁ, ଯେମିତି ପ୍ରତିବର୍ଷ ଦାବାନଳ ଜଳେ । 'ଦାବାନଳ' କଥାଟି ଅନେକ କାବ୍ୟରେ ପଢ଼ିଥିବେ; ଦେଖିଛନ୍ତି କେତେ କ'ଣ ? ଗ୍ରୀଷ୍ମକାଳରେ ନିଘଞ୍ଚ ବଣରେ ପତ୍ର ଶୁଖି ଇନ୍ଧନ ହୋଇଥାଏ । ତା'ପରେ ହଠାତ୍ କୌଣସି ଶୁଖିଲା ଡାଳର ଘର୍ଷଣରେ ସ୍ଫୁଲିଙ୍ଗ ଜଳିଉଠେ କିମ୍ବା କୌଣସି ବନଚାରୀ ଅସାବଧାନ ହୋଇ ଅଗ୍ନିକଣା ପକାଇ ଚାଲିଗଲେ ଶୁଖିଲା ପତ୍ରରେ ନିଆଁ ଲାଗେ । ଧୀରେ ଧୀରେ ନିଆଁ ପ୍ରବଳ ହୋଇ ବଢୁଥାଏ, ତା'ପରେ ଯେତେବେଳେ ସମଗ୍ର ପାହାଡ଼ଟା ଜଳିଉଠେ ସେତେବେଳେ ତାହା ବହୁଦୂରରୁ ଦେଖାଯାଏ । ଗଛରୁ ଗଛକୁ, ପାହାଡ଼ରୁ ପାହାଡ଼କୁ ବୁଭୁକ୍ଷୁ ଅଗ୍ନିଦେବ ଡେଇଁ ଡେଇଁ ଚାଲିଥାଆନ୍ତି । ପଶୁମାନଙ୍କର ପଳାଇବାର ଉପାୟ ନଥାଏ– ସେମାନଙ୍କ ଆର୍ତ୍ତନାଦ ଶୁଣାଯାଏ । ଥରେ ଦାବାନଳ ଜଳିଲେ ଲିଭାଇ ହୁଏନାହିଁ । ଏକମାତ୍ର ଉପାୟ– ଗଛଗୁଡ଼ିକୁ ଗୋଟିଏ ବୃତ୍ତାକାରରେ କାଟିଲେ ନିଆଁ ଆଉ ଖେଳେଇ ହୁଏନାହିଁ । ଏଥିପାଇଁ ବୁଦ୍ଧିମାନ୍ ଲୋକର ପ୍ରୟୋଜନ । ମଣିଷର ବୋକାମି କେତେ ଦୂର ପହଞ୍ଚିପାରେ, ତା' ପ୍ରାୟ ଏଠାରେ ଦେଖାଯାଏ । ରାସ୍ତା

Digitized by srujanika@gmail.com

ଚଉଡ଼ା ହେବା ପାଇଁ ମାଟି ଖୋଳାହେଉଛି । ଉପରେ ବଡ଼ ପଥର ଅଛି; ତଳେ ମାଟି ଖୋଳୁ ଖୋଳୁ ପଥରଟି ବାହାରିଯାଇ ସେମାନଙ୍କ ଉପରେ ଗଡ଼ିପଡ଼ିଲା; ଦୁଇଟି ମଣିଷର ଜୀବନ୍ତ ସମାଧି ହୋଇଗଲା । ମୋ ସ୍ୱାମୀ ଦୌଡ଼ିଲେ । ଶୁଣିଲି–ଲୋକ ଦୁଇଟା ପଥରତଳେ ସଂପୂର୍ଣ୍ଣ ଚାପିହୋଇଯାଇଛନ୍ତି; ଖାଲି ଜଣକର ହାତଟି ବାହାରକୁ ରହିଥିଲା । ସେ ତ ଆଖିରେ ଦେଖିଆସିଛନ୍ତି । ମୁଁ ସେହି ମୃତ ହାତର କଥା କେବଳ ଶୁଣି ବହୁଦିନଯାଏ ଭୁଲିପାରିନଥିଲି ।

ଆଦିମ ଅରଣ୍ୟ କଥା କହୁଛି । ଆଦିମ ଅର୍ଥାତ୍ ଏଠି ପ୍ରଥମେ ଯେଉଁ ଗଛ ଜନ୍ମିଥିଲା, ସେ ଅଛି । ଏପରି ଘନ ଅରଣ୍ୟ ଅଛି, ଯେଉଁଠିକୁ କୌଣସି ମନୁଷ୍ୟ ଏବେ ମଧ୍ୟ ପ୍ରବେଶ କରିପାରିନାହିଁ । ନୂଆକରି ସେଠାକୁ ମଣିଷ ଆମଦାନି ହେବ । ବଡ଼ ବଡ଼ କୁରାଢ଼ିରେ ଗଛକଟା ଆରମ୍ଭ ହୋଇଛି । ଗୁର୍ଖାମାନଙ୍କର ସହନଶକ୍ତି ଅତୁଳନୀୟ । କୌଣସି ଦୁର୍ଘଟଣା ଘଟିଲେ ଡାକ୍ତର ଯଦି ବିନା ଆନାସ୍ଥେସିୟାରେ ହାଡ଼ ବି କାଟିଦିଏ, ତେବେ ମଧ୍ୟ ଏମାନେ ଚୁପ୍‌ଚାପ୍ ରହିବେ । କଲିକତାର ସୌଖୀନ ପରିବେଶରୁ ମୋ ଜୀବନର ଶ୍ରେଷ୍ଠ ସମୟ କଟାଇବାକୁ ମୁଁ ଏଠାକୁ ଆସିଛି ।

ଏହି ନିପଟ ମଫସଲ ଗାଁରେ ଟେଲିଫୋନ୍ ନାହିଁ, ଏପରିକି ଟେଲିଗ୍ରାଫ୍ ଅଫିସଟିଏ ମଧ୍ୟ ନାହିଁ । ଟେଲିଗ୍ରାଫ୍ ଅଫିସ ସାତ ଆଠ ମାଇଲ ଦୂରରେ । ଗୋଟିଏ ଛୋଟ ଚାଳଘରେ ଡାକ୍ତରଖାନା ଚାଲେ; ଡାକ୍ତର ଜଣେ ଭିଲେଜ୍ କ୍ୱାକ୍ । ଏହା ଏକପ୍ରକାର ପାଣ୍ଡବବର୍ଜିତ ଦେଶ; ଏଠାକୁ ଆସିବାକୁ ହେଲେ ଛଅ ମାଇଲ ବାଟ ପାହାଡ଼ ଉପରେ ଚଢ଼ି ଆସିବାକୁ ହେବ । ଏସବୁ ସତ୍ତ୍ୱେ ମୁଁ ସାହସ କରି କବିଙ୍କୁ ଏଠାକୁ ଆସିବା ପାଇଁ ନିମନ୍ତ୍ରଣ କଲି । ସେ ମୋର ସାଦର ନିମନ୍ତ୍ରଣ ଗ୍ରହଣକରି ମୋତେ କୃତାର୍ଥ କଲେ । 'ସିଲ୍‌ଭର ଫର୍' ପତ୍ର ମଧ୍ୟଦେଇ ଝଡ଼ର ପବନ ସାଁ ସାଁ କରି ଅରଣ୍ୟର ଦୀର୍ଘଶ୍ୱାସ ନେଇଆସେ; ସେ ମଧ୍ୟ ସ୍ୱର୍ଣ୍ଣ ବୀଣା ପରି ବାଜିବାକୁ ଲାଗିଲା– ''ତୁମି ଏସ ହୃଦେ ଏସ, ହୃଦିବଲ୍ଲଭ ହୃଦେୟେଶ ।''

୧୯୩୮ ମସିହାରୁ ୧୯୪୦, ଏ ତିନି ବର୍ଷ ମୋ ଜୀବନରେ ଆଲୋକ-ବର୍ଷ ବା ଅ-ଲୋକ ବର୍ଷ–ମୁଁ ଏଠି ତା'ର ଉଲ୍ଲେଖ କରୁନାହିଁ । କେବଳ ମୋ ଅନ୍ତର୍ଜୀବନପ୍ରବାହର ଗତିଟା ଚିହ୍ନିତ କରୁଛି । ସମୟର ଆପେକ୍ଷିକତ୍ୱ ମୁଁ ନାନାଭାବେ ବୁଝୁଛି । ଏହି ତିନି ବର୍ଷ ମଧ୍ୟରେ କବି ଆସିଛନ୍ତି, ଫେରିଯାଇ ପୁଣି ଆସିଛନ୍ତି । ଏହି ସମୟ ମଧ୍ୟରେ କୌଣସି ବ୍ୟବଧାନ'ନାହିଁ । ଏ ଗୋଟିଏ ଅଖଣ୍ଡ ସମୟ, ଯାହାକି ମୋର ସାରା ଜୀବନର ଚିର ଅତୃପ୍ତି ଭିତରେ ଅମୃତପାତ୍ର-ହସ୍ତରେ ଅଚଞ୍ଚଳ ଅଛି । ମୋ ଅକିଞ୍ଚିତ୍‌କର ଜୀବନକୁ ମହତ୍ ମୂଲ୍ୟ ଦେଇଛି ।

ମୋର ଗାର୍ହସ୍ଥ୍ୟ ଜୀବନ କବିଙ୍କୁ ଭଲଲାଗିଛି । ତିନି ବର୍ଷ ଭିତରେ କବି ଏହି ଗଣ୍ଡଗ୍ରାମକୁ ଚାରି ଥର ଆସିଛନ୍ତି । ପଞ୍ଚମ ଥର କାଲିମ୍ପଙ୍ଗରେ ଅସୁସ୍ଥ ହୋଇପଡ଼ିବାରୁ ଆସିପାରିନାହାନ୍ତି । ଏହି ତିନି ବର୍ଷର ପରିପୂର୍ଣ୍ଣ ଦାନରେ ମୋର ସବୁ କ୍ଷୟକ୍ଷତି ଧୋଇଯାଇଛି ।

Digitized by srujanika@gmail.com

ଏହି ତିନି ବର୍ଷରେ ମୋର ସେହି ସତ୍ତା ତିଆରିହୋଇଛି, ଯାହା ସମୟର ସୀମା ଅତିକ୍ରମ କରି ନିଜକୁ ଦେଖିବାକୁ ଶିଖିଛି । ମୁଁ ଅନିର୍ବଚନୀୟକୁ ଅନୁଭବ କରିଛି : ''—ପେରିଏ ମରଣ ସେ ମୋର ସଙ୍ଗେ ଯାବେ / କେବଲ ରସେ କେବଲ ସୁରେ— କେବଲ ଅନୁଭବେ ।'' ଏ ଦାନର ମହିମା ସେତେବେଳେ ଠିକ୍‌ରୂପେ ବୁଝିପାରିନଥିଲି । ବିପଜ୍ଜନକ ପଥ ପାରିହୋଇ ଏଭଳି ଦୁର୍ଗମ ସ୍ଥାନକୁ ଆସିବା କ'ଣ ସହଜ କଥା ? ମୋର ଅଳ୍ପବୟସୀ ନିକଟ-ଆତ୍ମୀୟମାନେ ମଧ୍ୟ ଏଭଳି ଦୁଃସାହସ କରୁନଥିଲେ ।

ଏ ନିର୍ଜନ ଅରଣ୍ୟକୁ ବିଶ୍ୱକବି ଆସିଲେ; ତାଙ୍କ ସାଥିରେ ବିଶ୍ୱ ମଧ୍ୟ ଆସିଲା । ମୁଁ ପୃଥିବୀର ମହାମନୀଷୀଙ୍କ ସଙ୍ଗ ପାଇଲି । ବାଗସଁ, ଯାହାଙ୍କ ଦର୍ଶନ ମୁଁ ପଢ଼ିଛି, ସେ ଯେ ଜଣେ ଜୀବିତ ମଣିଷ ତାହା କେବେହେଲେ ଭାବିନଥିଲି । ତାଙ୍କ କଥା କବିଙ୍କଠୁ ଶୁଣିଲି । ବର୍ନାଡ଼ ଶ', ରୋମାରୋଲାଁ ଓ ବାଟ୍ରାଣ୍ଡ ରସେଲଙ୍କ କଥା ଶୁଣିଲି । ଅଜ୍ଞାତ ବିଶ୍ୱର ଦୃଶ୍ୟ ଦେଖିଲି । ରୁଷ୍ କଥା ସବୁଠାରୁ ବେଶି ଶୁଣୁଥିଲି । ସେଠାରେ ଯେଉଁ ନୂତନ ପରୀକ୍ଷା ଚାଲିଥିଲା, ତା' ପ୍ରତି କବିଙ୍କର ଆଗ୍ରହର ଅନ୍ତ ନଥିଲା । ପ୍ରଥମେ ମୁଁ ତାଙ୍କରି ପାଖରେ ଦେଖିଲି ମସ୍କୋ ନିଉଜ୍ । କବି ମୋଦ୍ୱାରା ତିନୋଟି ପ୍ରବନ୍ଧର ଅନୁବାଦ କରାଇଲେ । ସେଗୁଡ଼ିକ ବିଭିନ୍ନ ପତ୍ରିକାକୁ ପ୍ରକାଶ ପାଇଁ ଦିଆଗଲା । କବି ମୋତେ ମଣିଷ କରିଛନ୍ତି । କହିଲେ—ମଣିଷର ଇତିହାସ ପଢ଼ । ଛଅବର୍ଷକାଳ ମହାଭାରତ ପଢ଼ିଲି । ଦୁଇବର୍ଷ ଋଗ୍‌ବେଦ ଏବଂ ଆଉ ପାଞ୍ଚବର୍ଷ ''ହିଷ୍ଟୋରିଆନ୍‌ସ ହିଷ୍ଟ୍ରି ଅଫ୍ ଦି ୱାର୍ଲଡ଼'' ପଢ଼ିଲି ।

ଆମର ଏ ସଂସାର ସମ୍ୟକ୍‌ଭାବେ କବିଙ୍କୁ ଭଲଲାଗିଛି । ମୋ ସ୍ୱାମୀଙ୍କୁ ସେ କହନ୍ତି, ପରଫେକ୍ଟ ଜେଣ୍ଟଲମ୍ୟାନ୍ । ମୋ ସ୍ୱାମୀ ମଧ୍ୟ ପୂର୍ବାପେକ୍ଷା ଅଧିକ କଥା କହିଛନ୍ତି । ଦିନେ ମୁଁ ତାଙ୍କୁ ପ୍ରଶ୍ନକଲି, ''ମୁଁ ସର୍ବଦା କବିଙ୍କୁ ନେଇ ବ୍ୟସ୍ତ ରହିଛି, ସେଥିରେ ତୁମର ଈର୍ଷା ହେଉନାହିଁ ? ହସୁଛ କାହିଁକି ? କୁହ ?''

''ଈର୍ଷା ହେବ କାହିଁକି ? ତୁମେ ଯାହା ତୁମେ ସେଇୟା, ତୁମେ ଅନ୍ୟପ୍ରକାର ହେବ...ଏଟା ମୁଁ କାହିଁକି ଚାହିଁବି ?''

''ତଥାପି ଈର୍ଷା ହେବାର କଥା ।''

''କଥା ପାଇଁ ଈର୍ଷା କରିବି ? ତୁମେ ଯଦି ମୀରାବାଈ ହୋଇଥାଆନ୍ତ, ତେବେ କ'ଣ ମୁଁ ଈର୍ଷା କରିଥାଆନ୍ତି ?''

କବି ଥରେ ଆମ ଘରେ ବସି ଲେଖୁଛନ୍ତି । ମୁଁ ଗାଧୋଇ ସାରି ଆସି ତାଙ୍କ ଚୌକି ପଛପଟେ ଠିଆହୋଇଛି । ଚାରିଆଡ଼ ରୌଦ୍ରାଲୋକରେ ଆଲୋକିତ । ଦୂରରେ ମାଛ ସଂରକ୍ଷଣ ପାଇଁ ଏକ ଜଳାଶୟ କରିଛି । ତାହାରି ଧାରରେ ଟାଇଗର୍ ଲିଲି ଗୋଟିଏ ଲାଇନ୍‌ରେ ଫୁଟିରହିଛି । କବି ସେହି ଫୁଲଗୁଡ଼ିକୁ ସପ୍ରଶଂସ ଦୃଷ୍ଟିରେ ଚାହିଁ କହିଲେ, ''କି ସୁନ୍ଦର ସଜେଇଛ ଏ ଫୁଲଗୁଡ଼ିକୁ...ଏ ବିଦେଶୀ ଫୁଲର ନାଁ କ'ଣ ?''

Digitized by srujanika@gmail.com

''ସେଗୁଡ଼ିକ ଜଙ୍ଗଲି ଲିଲି– ବର୍ତ୍ତମାନ ବେଶି ଫୁଟି ନାହିଁ । ଶୀତଦିନରେ ବହୁତ ଫୁଟେ, ଭାରି ସୁନ୍ଦର ଦିଶେ ।''

''ଅମୃତା, ତୁମ ଘରସଂସାର ଦେଖି ମୁଁ ଅତ୍ୟନ୍ତ ପ୍ରୀତ । ମୁଁ ଜାଣେ ତୁମେ ଏହା ନିଶ୍ଚୟ ପାରିବ । ମୁଁ ପ୍ରଥମେ ଯେତେବେଳେ ଏଠାକୁ ଆସିବି ବୋଲି ପ୍ରସ୍ତାବ କଲି, ମୋତେ ଅନେକେ ନିବୃତ୍ତ କରିବାକୁ ଚେଷ୍ଟାକଲେ...ଅସୁବିଧା ହୋଇପାରେ । ମୁଁ କିନ୍ତୁ ଜାଣେ ତୁମ ଘରେ ମୋର କିଛି ହେଲେ ଅସୁବିଧା ହେବ ନାହିଁ । ଝରଣାଟିଏ ଗୀତ ଗାଇ ବୋହିଚାଲିଲା ଭଳି ତୁମ ସଂସାର ଚାଲିଛି । ମୋତେ ସବୁଠାରୁ ଭଲଲାଗେ– ତୁମ ଦୁହିଁଙ୍କ ମଧ୍ୟରେ ଝଗଡ଼ା ନାହିଁ । ମୁଁ ଗୋଟିଏ ପରିବାରକୁ ଜାଣେ–ସ୍ୱାମୀ ସ୍ତ୍ରୀ ଦୁହେଁ ସବୁବେଳେ କଳିକରନ୍ତି । ମୁଁ ଯେତେ କହିଲେ ବି ସେମାନେ ଶୁଣନ୍ତିନାହିଁ । ସୁନ୍ଦର ସଂସାର ସୃଷ୍ଟିକରିବା ଏକ ମହତ୍ କାର୍ଯ୍ୟ– ଏକ କାବ୍ୟ ପରି । ତୁମ୍ଭମାନଙ୍କର ଏ ଫୁଲର ଦେଶରେ ଫୁଲ ପରି ଶିଶୁଟି ନେଇ ତୁମେ ପରମ ସୁଖରେ ରହିଛ, ମୁଁ ଏଥିରେ ଆନନ୍ଦିତ ।

''ଆପଣ ଯେତେଟା ଦେଖୁଛନ୍ତି, ତା ସବୁ ବାସ୍ତବ ନୁହେଁ । ମୁଁ କିଛି ଠକିଛି ଆପଣଙ୍କୁ ।''

ସେ ମୋ ହାତ ଧରି କହିଲେ, ''କହ ମା' ! ତୁମେ କାହାକୁ ଠକିଛ ?''

''ସମସ୍ତଙ୍କୁ...ମୋର ଏଥିରେ ପୂର୍ଣ୍ଣ ଆନ୍ତରିକତା ନାହିଁ– ମୋର ନିର୍ଜନ ରାତିର ବନ୍ଧୁ ନାହିଁ । ମୁଁ ପ୍ରସ୍ତୁତ, ସଂପୂର୍ଣ୍ଣ ପ୍ରସ୍ତୁତ, ସେ ଯଦି ମୋତେ ଗାଳିଦେବେ ଦିଅନ୍ତୁ ।''

''କାହିଁକି ନିରର୍ଥକ ଆତ୍ମପୀଡ଼ନ କରୁଛ ? ମଣିଷ ନିଜକୁ ଯାହା ଦେଇପାରେ, ତାହା ଦେଶ, କାଳ, ପାତ୍ର ଦ୍ୱାରା ସୀମିତ । ସବୁକିଛି ଦିଆଯାଇପାରେନା, ସଂପୂର୍ଣ୍ଣ ପ୍ରାପ୍ତି ମଧ୍ୟ ଘଟେ ନାହିଁ । ତେଣୁ ଯାହା କିଛି ମିଳିଲା, ସେଥିରେ ଆଦୌ ଅସନ୍ତୁଷ୍ଟ ବା ହତାଶ ହେବା ଉଚିତ ନୁହେଁ । ଫୁଲଗୁଡ଼ିକୁ ଦେଖାଇ କହିଲେ, ଏଗୁଡ଼ିକ କେଡ଼େ ସୁନ୍ଦର–ତୁମେ ହିଁ ଏଗୁଡ଼ିକ କରିଛ– ମୁଁ ତୁମ ପାଖରେ କୃତଜ୍ଞ ।'' ଏସବୁ ସତ୍ତ୍ୱେ ମୁଁ ଜାଣେ ମୋ ନିର୍ଜନ ନିଃସଙ୍ଗତା ସେ ଅନୁଭବ କରିପାରୁଥିଲେ । ସେ ଚାଲିଯିବା ପୂର୍ବ ସନ୍ଧ୍ୟାରେ ମୁଁ ତାଙ୍କ ପାଦତଳେ ବସିଛି ଓ କାନ୍ଦୁଛି । ବାହାରେ ଲମ୍ୱା ଲମ୍ୱା ଗଛଗୁଡ଼ିକ ଅନ୍ଧାର ଶୋଷିନେଇ କଳା ଦୀର୍ଘ ପ୍ରେତ ପରି ଠିଆହୋଇ ରହିଛନ୍ତି ।

କବି କହିଲେ, ''ମୁଁ ତୁମକୁ ଗୋଟିଏ କଥା କହିବି– ତୁମେ ସେଥିରୁ କିଛି ସାନ୍ତ୍ୱନା ପାଇପାରିବ ବୋଲି ଆଶା । ଜୀବନରେ ମୁଁ ଅନେକ ପାଇଛି, ତଥାପି ଶ୍ରଦ୍ଧା, ଭକ୍ତି ଓ ପ୍ରେମର ମିଳିତ ଅର୍ଘ୍ୟ ତୁମେ ମୋତେ ଦେଇଛ । ତା' ମୁଁ ଖୁବ୍ ବେଶି ପାଇନାହିଁ । ବିଦାୟପୂର୍ବରୁ ମୋର ଏଇଟା ଦରକାର, ନହେଲେ ମୁଁ ବାରମ୍ୱାର ଆସନ୍ତି ନାହିଁ ।''

Digitized by srujanika@gmail.com

ସେ ଜାଣନ୍ତି ଯେ ମୋର କର୍ମଶକ୍ତି ପାହାଡ଼କନ୍ଦରରେ ଅଟକି ରହିଛି ଏବଂ ଏଇଟା ମୋର ସବୁଠାରୁ ବଡ଼ କ୍ଷତି । ସେତେବେଳେ ଆମ ଦେଶର ସ୍ତ୍ରୀଲୋକମାନଙ୍କର କର୍ମକ୍ଷେତ୍ର ଥିଲା ସଂକୀର୍ଣ୍ଣ—ପୁଣି ସେପରି ସ୍ଥାନରେ ତ ଆହୁରି ସଂକୀର୍ଣ୍ଣ— ତଥାପି ସେ ମୋତେ କୌଣସି ନା କୌଣସି କାମରେ ବ୍ୟସ୍ତ ରଖିବା ପାଇଁ ବାଟ ଖୋଜୁଥିଲେ । ମୋତେ ସେ ପ୍ରଶ୍ନ କଲେ, ''ଏଠି ପାହାଡ଼ୀମାନଙ୍କର ସଂଖ୍ୟା କେତେ ?'''' —ଚାରି ପାଞ୍ଚ ହଜାର ହୋଇପାରେ ।'' ''ତେବେ ତୁମେ ଏକୁଟିଆ କିପରି ? ସେମାନେ କ'ଣ ମଣିଷ ନୁହନ୍ତି ? ସେମାନଙ୍କୁ ତୁମ ଘରକୁ ଡାକ । ସେମାନଙ୍କ ପାଖକୁ ଯାଅ । ମଣିଷର ଅନେକ ସମସ୍ୟା ଅଛି । ସେମାନଙ୍କର ବନ୍ଧୁ ପ୍ରୟୋଜନ; ତୁମେ ସେମାନଙ୍କର ବନ୍ଧୁ ହୋଇପାରିବ ।'' ସେଥିପାଇଁ ମୁଁ କବିଙ୍କର ଜନ୍ମଦିନ ଉତ୍ସବରେ ପାହାଡ଼ୀ ଲୋକଙ୍କୁ ନିମନ୍ତ୍ରଣ କଲି— କହିବାକୁ ଗଲେ ପ୍ରଥମ ଥର ପାଇଁ ଏ ଜିଲ୍ଲା ଇତିହାସରେ ଏପରି ଘଟଣା ଘଟିଲା । ଚା-ବଗିଚା ପରି ଏଠି ମଧ୍ୟ ନିୟମ ଥିଲା ଯେ କୌଣସି ଅଫିସରର ଘର ହତା ଭିତରକୁ କୁଲି ମଜୁରିଆମାନେ ଜୋତା ପିନ୍ଧି ପଶିପାରିବେ ନାହିଁ । ଯଦି କୌଣସି କୁଲି ଘୋଡ଼ା ଚଢ଼ି ବୁଲୁବୁଲୁ ଦୈବାତ୍ କୌଣସି ଅଫିସର ସଙ୍ଗେ ଦେଖାହୋଇଯାଏ, ତେବେ ସେ ତତ୍କ୍ଷଣାତ୍ ଓହ୍ଲାଇପଡୁଥିଲା । ଜଣେ କୁଲି ଏପରି ଓହ୍ଲାଇ ପଡ଼ିଲାନାହିଁ ବୋଲି ରିଚାର୍ଡ୍‌ସ୍ ତାକୁ ବେତମାଡ଼ ଦେଇଥିଲା । ଏଭଳି ସମାଜରେ ମୁଁ ଗୋଟାଏ ନୂଆ କାମ ପାଇଲି । ନୂତନ ପଥର ନିମନ୍ତ୍ରଣ । କ୍ରମେ କ୍ରମେ ଆମ ଘରର ଦୁଆର ସେମାନଙ୍କ ପାଇଁ ଖୋଲିଗଲା ।

୧୯୪୨ ଦୁର୍ଭିକ୍ଷ ସମୟରେ ଇଂରେଜମାନଙ୍କର ଅସଲ ରୂପ ଦେଖିଲି । ଆମ ପ୍ରତି ସେମାନଙ୍କର ତୀବ୍ର ଘୃଣା ଥିଲା । ଚକ୍ରାନ୍ତ କରି ସେମାନେ ଗୁର୍ଖାମାନଙ୍କୁ ଉତ୍ତେଜିତ କଲେ— ପାଖାପାଖି ଅଞ୍ଚଳରେ କେବଳ ନୁହେଁ, ସମଗ୍ର ଜିଲ୍ଲାରେ ଥିବା ବଙ୍ଗାଳୀମାନଙ୍କ ବିରୋଧରେ । ଇଂରେଜମାନେ ଏପରି କାମ କରିବାରେ କିପରି ପାରଙ୍ଗମ ତା' ସେ ସମୟରେ ବୁଝିପାରିଲି । ଏ ବିଶାଳ ଦେଶକୁ ସେମାନେ କ୍ଷତବିକ୍ଷତ କରିଛନ୍ତି ହିନ୍ଦୁ-ମୁସଲମାନ ମଧ୍ୟରେ ଭେଦଭାବ ଆଣି । ଇଂରେଜମାନେ ନୂଆ କରି ରାଗିବାର କାରଣ ହେଲା— ବଙ୍ଗାଳୀ ମନ୍ତ୍ରୀସଭା ଗଠିତ ହୋଇଛି, ଭାରତୀୟକରଣ ଚାଲିଛି, ପୁଣି ବଙ୍ଗାଳୀମାନେ ବିଦ୍ୟାରେ ସେମାନଙ୍କ ଅପେକ୍ଷା ବଡ଼ ହୋଇ ଉଚ୍ଚ ରାଜପଦମାନ ଅଧିକାର କରୁଛନ୍ତି । ଇଂରେଜମାନେ ଗୁର୍ଖା କୁଲିମାନଙ୍କୁ ବଙ୍ଗାଳୀମାନଙ୍କ ବିରୋଧରେ ମତାଇବାରେ ଲାଗଛନ୍ତି— ଇଂରେଜମାନେ ଚାଲିଗଲେ ବଙ୍ଗାଳୀମାନେ ଗୁର୍ଖାମାନଙ୍କୁ ଚାକିରିବାକିରି ଦେବେନାହିଁ, ଖାଦ୍ୟପଦାର୍ଥର ଦାମ୍ ବଢ଼ିଯିବ । ସେମାନେ ଏତେ ଅପପ୍ରଚାର ଚଳାଇଥାଆନ୍ତି; ମାତ୍ର ଆମେ ସବୁ ସରଳ ପାଠୁଆ ଭଲ ମଣିଷ...ଆମେ ଏ ରାଜନୀତି ବିଷୟରେ କିଛି ଜାଣିପାରିଲୁନାହିଁ ।

ବଡ଼ିସକାଳୁ ମୋ ସ୍ୱାମୀ ଉଠି ମିଟିଂରେ ଯୋଗ ଦେବାକୁ ଚାଲିଗଲେ । ଚାଉଳ କାହିଁକି ମିଳୁନାହିଁ, ତା'ର କୈଫିୟତ ଦେବାକୁ ପଡ଼ିବ । ଦ୍ୱିପ୍ରହର ବେଳକୁ ଫେରିଆସିଲେ—

Digitized by srujanika@gmail.com

ସମଗ୍ର ଶରୀର ରକ୍ତାକ୍ତ–ତଥାପି ତାଙ୍କ ମୁହଁରେ ହସ । କହିଲେ, ‘‘ଡରିବାର କିଛି ନାହିଁ, ବିଶେଷ କିଛି ହୋଇନାହିଁ ।’’

ସେହି ସମୟରେ ମୁଁ ଭଲକରି ବୁଝିପାରିଲି ଯେ ପୁଲିସ ସହ ଯୋଗାଯୋଗ କରି ଚକ୍ରାନ୍ତ ହୋଇଥିଲା– ତା’ ନହେଲେ ବ୍ୟାପକ ଦଙ୍ଗା ହୋଇପାରନ୍ତାନାହିଁ । ପ୍ରଚାର ହୋଇଥିଲା– ରାତିରେ ସବୁ ବଙ୍ଗାଳୀଙ୍କୁ ପୋଡ଼ି ମାରିଦିଆଯିବ । ମୁଁ ମୋର ଶିଶୁଟିଓଟିଙ୍କୁ ନେଇ ଦୁର୍ଭାବନାରେ ଥିଲି । ଗୋରା ଏସ୍.ପି. ଆସିଲେ, ସାହେବମାନଙ୍କ ସହିତ ବାକ୍ୟାଳାପ କରି ଚାଲିଗଲେ– ରହିପାରିଲେ ନାହିଁ; କାରଣ ତାଙ୍କ ସ୍ତ୍ରୀ ତାଙ୍କ ପାଇଁ ଡିନର ଟେବୁଲରେ ଅପେକ୍ଷା କରି ରହିଥିଲେ । ସ୍ୱାମୀ ପାଖରେ ନ ବସିଲେ, ସେ ପୁଣି ଖାଇପାରନ୍ତିନାହିଁ । ସେହି ସମୟରେ ବୁଝିପାରିଥିଲି– ଯେଉଁମାନେ ହାତରେ ଅସ୍ତ୍ର ନେଇ ଦଙ୍ଗା କରନ୍ତି ଓ ମଣିଷ ମାରନ୍ତି, ସେଥିପାଇଁ ଦୋଷ ନାହିଁ । କାରଣ ସେମାନେ ଯାହା କରନ୍ତି, ସେଥିପାଇଁ ବିପଦର ସମ୍ମୁଖୀନ ହୁଅନ୍ତି । ଅନ୍ୟ ଦିଗରେ ଯେଉଁମାନେ ଚକ୍ରାନ୍ତ କରନ୍ତି, ସେମାନେ ନିଜେ କୌଣସି ଦାୟିତ୍ୱ ନ ନେଇ ଅନ୍ୟକୁ ବିଭ୍ରାନ୍ତ କରି ନିଜେ ଲାଭବାନ୍ ହୁଅନ୍ତି । ମୁଁ ସର୍ବଦା ଏହା ହିଁ ଦେଖିଛି– ଯେଉଁମାନେ ମଣିଷକୁ ହିଂସ୍ର କରାଇବାରେ ଅଭ୍ୟସ୍ତ, ସେହିମାନେ ହିଁ ମୁହଁରେ ବଡ଼ ବଡ଼ କଥା କହନ୍ତି, ବେଶଭୂଷା ହୋଇ ସଭାକୁ ଆସନ୍ତି । ପ୍ରକୃତରେ ଏଟା ଯେ ଖାଲି ଇଂରେଜମାନଙ୍କର ଏକଚାଟିଆ, ତା’ ନୁହେଁ; ଯେକେହି ସୁବିଧା ପାଇବ, ସେ ଏହା କରିବ ।

ଦଙ୍ଗା ପରେ ମୋ ସ୍ୱାମୀ ସୁସ୍ଥ ହୋଇଉଠିଲେ । ମୁଁ କବିଙ୍କ କଥା ଭାବିବାକୁ ଲାଗିଲି: ‘‘ମଣିଷ ଆଡ଼କୁ ଚାହିଁ ଦେଖ ।’’ ମୁଁ ଭାବୁଛି– ଏତେ ବଡ଼ ଯେ ଦୁର୍ଯୋଗ ଘଟିଲା, ଏ ଦୋଷ ଆମ ଛଡ଼ା ଆଉ କାହାର ହୋଇପାରେ ? ଆମର ଚାରିଆଡ଼େ ଏତେ ଅସନ୍ତୋଷ; ଅଥଚ ଆମେ ତା’ର ବିନ୍ଦୁମାତ୍ର ଜାଣିପାରିଲୁ ନାହିଁ– ସେ ମୂଢ଼ତା ନିଶ୍ଚୟ ଆମର । ମୁଁ ସେମାନଙ୍କ ଆଡ଼କୁ ଭଲକରି ଚାହିଁଲି, ଆଉ ସେତିକିବେଳେ ବୁଝିପାରିଲି ଯେ ଯେଉଁ ନିର୍ଜନତାର ଦୁଃଖ ମୋତେ ଏତେ ଦିନଧରି ପୀଡ଼ାଦେଇଛି, ସେଥିରୁ ଉଦ୍ଧାର ପାଇବାର ବାଟ ଥିଲା; ଖାଲି ସେ ବାଟ ମୁଁ ଚିହ୍ନିପାରିନଥିଲି ।

ମୁଁ ଅନ୍ତର୍ମୁଖୀ ହୋଇ ବହି ଧରି ବସିଛି । ମୋର ଏ ଶୂନ୍ୟତା କିପରି ଯିବ ? ଏ ଘଟଣା ପରେ ମୁଁ ପାହାଡ଼ୀ କୁଲିମାନଙ୍କ ସଙ୍ଗେ ବନ୍ଧୁଭାବାପନ୍ନ ହେବାକୁ ଲାଗିଲି । ସୁଦୀର୍ଘ ଚଉଦ ବର୍ଷ କାଳ ମଧ୍ୟରେ ଆମ ଘରେ ଯେତେ ଉତ୍ସବ, ଅନୁଷ୍ଠାନ ହୋଇଥିଲା, ମୁଁ ସବୁଥିକୁ କୁଲି-ମଜୁରିଆମାନଙ୍କୁ ନିମନ୍ତ୍ରଣ କରୁଥିଲି । ମୋ ସ୍ୱାମୀଙ୍କ ‘ବସ୍’ ଦିନେ ତାଙ୍କୁ କହିଲେ, ‘‘ଆପଣଙ୍କ ସ୍ତ୍ରୀ କୁଲି ମଜୁରିଆମାନଙ୍କ ସଙ୍ଗେ ଖୁବ୍ ମିଳାମିଶା କରୁଛନ୍ତି । ଆପଣ ଏଟା ଲକ୍ଷ୍ୟ କରୁଛନ୍ତି କି ? ଏପରି ହେଲେ ଡିସିପ୍ଲିନ୍ ରହିବ କିପରି ?’’

‘‘ଡିସିପ୍ଲିନ୍‌ର ଅଭାବ ଆଗେ କିଛି ଲକ୍ଷ୍ୟ କରିଥିଲି, ଏବେ ତ କରୁନାହିଁ ।’’

‘‘ଆପଣ ଆପଣଙ୍କ ସ୍ତ୍ରୀଙ୍କୁ ନିଷେଧ କରିବେ କି ?’’

Digitized by srujanika@gmail.com

''ନା ।''

''ତାହେଲେ ମୁଁ କହିବି ? ତା ନହେଲେ ଡିସିପ୍ଲିନ୍ ରହିବ ନାହିଁ ।''

ଦେଖିଲି– ସଂପୂର୍ଣ୍ଣ ଅଜ୍ଞ ଅଶିକ୍ଷିତ ମଣିଷ ମଧ୍ୟରେ ଏଭଳି ଲୋକ ଅଛନ୍ତି, ଯେଉଁମାନେ ସୂକ୍ଷ୍ମଭାବେ ବୁଝିପାରନ୍ତି, ଯେଉଁମାନଙ୍କ ମନ ଗଭୀରଆଡ଼କୁ ଉନ୍ମୁଖ, ଯେଉଁମାନଙ୍କ ଗଳାରେ ଗୀତ ଅଛି, ମନରେ କବିତା ଅଛି, ସେମାନେ ପାଉଁଶ ଭିତରେ ଥିବା ଅଗ୍ନିସ୍ଫୁଲିଙ୍ଗ ପରି । ସେମାନଙ୍କୁ ଦେଖି ମୁଁ ମନରେ ଆନନ୍ଦ ପାଇପାରୁଥିଲି । ସେମାନଙ୍କ ହାତରେ ତିଆରି ଗୋଟିଏ ଶିଳ୍ପନିଦର୍ଶନ ଆଜି ମଧ୍ୟ ଆମ ଘରକୁ ଆସୁଥିବା ବ୍ୟକ୍ତିମାନଙ୍କୁ ଆନନ୍ଦ ଦେଉଥିଲା । ସାଥୀ ସର୍ବତ୍ର ମିଳେ, ମଣିଷ ହିଁ ମଣିଷର ସାଥୀ । ପୃଥିବୀରେ ନାନା ଜାତିର, ନାନା ଶ୍ରେଣୀର ସଭ୍ୟ, ଅସଭ୍ୟ ମଣିଷ ଦେଖିଛି; କିନ୍ତୁ ସେ ସମୟର ଗୁର୍ଖାଜାତି ଭିତରେ ଯେଉଁ ସଭ୍ୟତା, ସରଳତା ଓ ବିଶ୍ୱସ୍ତତା ଦେଖିଥିଲି, ତା'ପରେ ଅନ୍ୟ କୌଣସିଠାରେ ହେଲେ ତାହା ଦେଖିନାହିଁ । ଯେତେବେଳେ ସେହି ଦୁର୍ଗମ ନିର୍ଜନ ଅରଣ୍ୟରେ ବାସକରିବାକୁ ଗଲି, ସେତେବେଳେ ମୋତେ ଘେରିରହିଥିଲା ଏକ ଶୂନ୍ୟତା । ଯେତେବେଳେ ଫେରିଆସିଲି, ସେତେବେଳେ ତା'ର ଚିହ୍ନମାତ୍ର ନଥିଲା । ଗୋଟିଏ ପରିପୂର୍ଣ୍ଣ ଜୀବନ ନେଇ ମୁଁ ଫେରିଆସିଛି । ସ୍ନେହ, ସୌହାର୍ଦ୍ଦ୍ୟ ଓ ମାଧୁର୍ଯ୍ୟରେ ତାହା ପୂର୍ଣ୍ଣ । ବିନା ଏନେସ୍‌ଥେସିଆରେ ଅସ୍ତ୍ରୋପଚାର ହେଲାବେଳେ ବି ଯେଉଁମାନଙ୍କ ଆଖିରେ ପାଣି ଆସେ ନାହିଁ, ଆମର ବିଦାୟ ବେଳଟିକୁ ସେମାନେ ଅଶ୍ରୁସିକ୍ତ କରି, ଆମ ଜୀବନର ଶ୍ରେଷ୍ଠ ସମୟର ସମାପ୍ତିକୁ ଗୌରବରେ ପରିପୂର୍ଣ୍ଣ କରିଦେଲେ ।

୧୯୫୩ ମସିହାରେ ମୋର କନ୍ୟାର ବିବାହ ହୋଇଯାଇଛି । ଠିକ୍ ତା'ର ଦଶବର୍ଷ ପୂର୍ବେ ମୋ ମା'ର ସଂସାର ୧୯୪୨ରେ ସଂପୂର୍ଣ୍ଣ ଭାଙ୍ଗିଯାଇଥିଲା । ୧୯୩୧ ମସିହାରେ ଯେଉଁ ଭଙ୍ଗୁରତାର ସୂତ୍ରପାତ ହୋଇଥିଲା, ଟିକେ ଟିକେ କରି ତାହା ବୟାଳିଶ ମସିହାରେ ସଂପୂର୍ଣ୍ଣ ହେଲା । ମା' ଚାରୋଟି ଶିଶୁ ନେଇ କପର୍ଦ୍ଦକଶୂନ୍ୟ ଅବସ୍ଥାରେ ଦିନ କଟାଇବାକୁ ଲାଗିଲେ । ଆଉ ପିତା, ଯେ କି ଅତୁଳ ଯଶ ଓ ସମ୍ମାନର ଅଧିକାରୀ ହୋଇପାରିଥାଆନ୍ତେ, ସେ ନିଜର ଓ ସମସ୍ତ ପରିବାରବର୍ଗଙ୍କ ମୁଣ୍ଡ ତଳକୁ କରାଇ ସମ୍ମାନ, ସମ୍ଭ୍ରମ ଓ ସୁଖ ନଷ୍ଟକରି ଦଶବର୍ଷ କାଳ ମା'ଙ୍କଠାରୁ ବିଚ୍ଛିନ୍ନ ହୋଇ ପରଲୋକ ଗମନକଲେ । ଏହା ହିଁ ମୋର ପୁଣ୍ୟବତୀ ମାତା ଓ ଅସାଧାରଣ କ୍ଷମତାଶାଳୀ ପିତାଙ୍କର ଚୂଡ଼ାନ୍ତ ଟ୍ରାଜେଡି ।

ଏହିପରି ନାନା ଘଟଣାଦ୍ୱାରା ମୋର ସୂକ୍ଷ୍ମ ଅନୁଭୂତି ସ୍ଥୁଳ ହୋଇଯାଇଛି । ମୁଁ କର୍ମବ୍ୟସ୍ତ, ନିତାନ୍ତ ସଂସାରୀ । ତେଣୁ କଲିକତା ଫେରିଆସିଲା ପରେ ମଧ୍ୟ ମୁଁ ନିଜକୁ ବିଷଣ୍ଣ ବୋଧ କରେ । ସେହି ପୁରୁଣା ଅତୃପ୍ତି ମୋ ପାଖକୁ ଫେରିଆସୁଛି । ସାହିତ୍ୟଜଗତ୍‌ରୁ ମୁଁ ବହୁ ଦୂରକୁ ଚାଲିଯାଇଛି । ସାହିତ୍ୟଜଗତ୍‌ରେ ବର୍ତ୍ତମାନ ବହୁତ ଭିଡ଼ । ଲେଖିବାର ସୁଯୋଗ ପାଉନାହିଁ । ଯେକୌଣସି କାମ ହାତପାଖରେ ପାଉଛି, ତାକୁ କରିଦେଉଛି । ନିନ୍ଦା ଅପମାନ ସହିଛି ଯେପରି, ସମ୍ମାନ ଓ ଶ୍ରଦ୍ଧା ମଧ୍ୟ ପାଇଛି ବହୁତ ।

Digitized by srujanika@gmail.com

୧୯୫୩ ମସିହାରେ ମୁଁ ମୋର ପିଲାମାନଙ୍କୁ କଲିକତାରେ ରଖି ସ୍ୱାମୀଙ୍କ ସଙ୍ଗେ ୟୁରୋପ ବୁଲିବା ପାଇଁ ଗଲି । ମିର୍ଚ୍ଚାର କଥା ଏହା ପୂର୍ବରୁ ଦୀର୍ଘ ପନ୍ଦରବର୍ଷ ଭିତରେ ମୋର ଥରେ ହେଲେ ମନେପଡ଼ିନାହିଁ । ହୁଏତ ବେଳେବେଳେ ମନେହୋଇଛି, ସେଭଳି ଗୋଟିଏ ଘଟଣା ନ ଘଟିଥିଲେ ମୋ ଜୀବନଟା ପବିତ୍ର ରହିପାରିଥାଆନ୍ତା । ମନକୁ ସାନ୍ତ୍ୱନା ଦେଇଛି, ପିଲାବେଳର ସେଇ ସାମାନ୍ୟ ଘଟଣାର ଅପରାଧ କ'ଣ ମୋତେ ଆଜି ସ୍ପର୍ଶ କରିପାରେ ?

ୟୁରୋପରେ ହିରଣ୍ମୟ ସହିତ ଦେଖାହେଲା– ପିତାଙ୍କ ଛାତ୍ର ବିଦେଶରେ ବିବାହ କରି ବସବାସ କରୁଛି । ଗୋଟିଏ ସଭାରେ ତାକୁ ଦେଖି ମୁଁ ପ୍ରଥମେ ଚିହ୍ନିପାରିଲିନାହିଁ; ପୂରାପୂରି ସାହେବ ହୋଇଯାଇଛି । ସେ ହଠାତ୍ ମୋତେ ପ୍ରଶ୍ନକଲା "ଆପଣ ୟୁକ୍ଲିଡ୍‌କୁ ମନେରଖିଚନ୍ତି ।" ମୁଁ ଭାବିଲି– ଏପରି ଉଦ୍ଭଟ ପ୍ରଶ୍ନ କରିବାର ଅର୍ଥ କ'ଣ ହୋଇପାରେ ? ମୋତେ ନିରୁତ୍ତର ଦେଖି ସେ ନିଜେ କହିଲା, "ସେ ଆପଣଙ୍କୁ ଗୋଟିଏ ବହି ଉତ୍ସର୍ଗ କରିଛି ।"

ପ୍ୟାରିସ୍‌ରେ ଏକ ଅଧ୍ୟାପକ ଓ ତାଙ୍କ ସ୍ତ୍ରୀଙ୍କ ସହିତ ପରିଚୟ ହେଲା । ତାଙ୍କ ନାମ 'ନିକୋଲାଇ ସ୍ତାନେସ୍କୁ' । ସେମାନଙ୍କଠାରୁ ଶୁଣିଲି ଯୁଦ୍ଧମତ୍ତ ୟୁରୋପୀୟମାନଙ୍କର ଦୁଃଖର କାହାଣୀ । ଅଧ୍ୟାପକ ଦମ୍ପତି ନିଜର ଦୁଃଖ ଓ ଲାଞ୍ଛନାର କଥା ମଧ୍ୟ କହିଲେ । ଶୁଣୁଛି ଆଉ ଭାବୁଛି, ମିର୍ଚ୍ଚାର କ'ଣ ହେଲା ? ଥରେ ଭାବିଲି, ପଚାରିବି; ପୁଣି ଭାବିଲି, ମରୁ କି ବଞ୍ଚୁ ମୋର ସେଥିରେ ଯାଏ-ଆସେ କେତେ ?

ମୁଁ ମନେପକାଇବାକୁ ଚେଷ୍ଟାକଲି ପିତାଙ୍କଦ୍ୱାରା ବିତାଡ଼ିତ ମିର୍ଚ୍ଚାର ଯନ୍ତ୍ରଣାକାତର ମୁହଁଟା । ସେ କ'ଣ ଛଳନା ହୋଇପାରେ ? ମନର ଯେଉଁ ଅଂଶରେ ଅବିଶ୍ୱାସର ଅନ୍ଧାର ଜମିଯାଇଛି, ସେଠୁ ଉତ୍ତର ଆସେ– ସେମାନେ ୟୁରୋପର ମୃଗୟାପଟୁ ନାଗରିକ; ସେମାନଙ୍କର ଏଇ ହେଲା କାମ । ଖଣ୍ଡେ ହେଲେ ଚିଠି କ'ଣ ମୋତେ ଲେଖିପାରନ୍ତା ନାହିଁ ? ତା'ହେଲେ ତ ମୁଁ କିଛି ନା କିଛି କରିଥାଆନ୍ତି । ପୁଣି ବିବେକରୁ ପ୍ରତ୍ୟୁତ୍ତର ଆସେ – ଯଦି ସବୁ କିଛି ଛଳନା, ତେବେ ସେ ପାହାଡ଼-ଜଙ୍ଗଲରେ ପୁଣି ଏତେ ବୁଲୁଥିଲା କାହିଁକି– ଏତେ କଷ୍ଟ କରିବାର କ'ଣ ଦରକାର ଥିଲା ? ସାରା ଜୀବନ ମୋର ଦ୍ୱିଧାବିଭକ୍ତ ମନ ବେଳେବେଳେ ଏପରି ପ୍ରଶ୍ନୋତ୍ତର କରିଚାଲିଛି । ମଣିଷକୁ ମଣିଷ ବିଶ୍ୱାସ କରିପାରିଲେ ଶାନ୍ତି ମିଳେ– ଅବିଶ୍ୱାସ କଲେ ମିଳେ ଯନ୍ତ୍ରଣା । ଏହି ମୁହୂର୍ତ୍ତରେ ମୁଁ ଆଉ ସେ ଯନ୍ତ୍ରଣା ହାତରେ ପଡ଼ିବାକୁ ଚାହେଁନାହିଁ ।

ମୁଁ ଶ୍ରୀମତୀ ସ୍ତାନେସ୍କୁଙ୍କୁ ପ୍ରଶ୍ନ କଲି, "ୟୁକ୍ଲିଡ୍ ବୋଲି କୌଣସି ଲେଖକଙ୍କୁ ଆପଣ ଜାଣନ୍ତି ?"

"ହଁ ଜାଣେ । ସେ ଭାରତୀୟ ଦର୍ଶନ ବିଷୟରେ ଅନେକ ବହି ଲେଖିଛନ୍ତି । ଭାରତୀୟ ସଭ୍ୟତା ସମ୍ବନ୍ଧରେ ସେ ଅଭିଜ୍ଞ, ବିଶେଷଜ୍ଞ ।"

Digitized by srujanika@gmail.com

''ଆଚ୍ଛା, ତାଙ୍କର କୌଣସି ବହି ଆପଣଙ୍କ ନିକଟରେ ଅଛି ?''

''ନିଶ୍ଚୟ ଅଛି ।'' ଭଦ୍ରମହିଳା ଉଠିଯାଇ 'ଯୋଗ' ଉପରେ ୟୁକ୍ଲିଡ୍‌ର ଲେଖା ଏକ ବୃହଦାକାର ଗ୍ରନ୍ଥ ଆଣି ମୋ ହାତରେ ଦେଲେ । ବହିଟିକୁ ହାତରେ ଧରି ମୁଁ ଦେଖିବାରେ ଲାଗିଛି । ପ୍ରଥମ ପୃଷ୍ଠା ଦେଖି ସ୍ତମ୍ଭିତ ହୋଇଗଲି । ଲେଖକ ବହିଟିକୁ ମୋ ପିତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି– ''ମୋର ପରମ ଶ୍ରଦ୍ଧାଭାଜନ ଗୁରୁଙ୍କୁ... ।'' ଏତେ ସବୁ ଘଟଣା ଘଟିଯିବା ପରେ ମଧ୍ୟ ୟୁକ୍ଲିଡ୍ ମୋ ପିତାଙ୍କ ସହିତ ଯୋଗାଯୋଗ ରଖିଥିଲା । ଏ ତ ପୂରାପୂରି କଚ; କ୍ୟାରିୟରିଷ୍ଟ । ଏତେ ଦିନ ପରେ ବୁଝିଲି– କାହିଁକି ସେ ମୋ ପାଖକୁ ଚିଠି ଲେଖିଲାନାହିଁ । ତା'ର ତ ଏ ବହିଟା ଲେଖିବା ଦରକାର ଥିଲା । ଦରକାର ଥିଲା–ଭାରତ ବିଷୟରେ ବିଶେଷଜ୍ଞ ହେବା ଏବଂ ଯଶ, ଖ୍ୟାତି ଓ ବିଦ୍ୟାର ଗରିମା ଲାଭ । ଘୃଣ୍ୟ ଏଇ ପାଣ୍ଡିତ୍ୟ– ଏଇ କୀର୍ତ୍ତିଲାଭ ଯଶୋଲାଭ । ବହୁକାଳ ପରେ ମୋ ଭିତରଟା ପୁଣି ଜଳିଗଲା ପରି ମନେହେଉଥିଲା । ରାଗରେ ମୁଁ ଓଠ କାମୁଡ଼ି ଧରିଛି । ରକ୍ତ ବାହାରି ପାଟିଟା ଲୁଣିଆ ଲାଗୁଛି । ଶ୍ରୀମତୀ ସ୍ତାନେସ୍କୁ ପ୍ରଶ୍ନକଲେ, ''ଆପଣଙ୍କ ନାଁ କଣ ଅମୃତା ?''

''ହଁ, କାହିଁକି ?''

''ମୁଁ ତ ଆପଣଙ୍କୁ ଚିହ୍ନେ । ଆପଣ ତ ୟୁକ୍ଲିଡ୍‌ର ଫାଷ୍ଟ ଫ୍ଲେମ୍ ।''

ଭଦ୍ରମହିଳା ହସିବାକୁ ଲାଗିଲେ । ରାଗରେ ମୋର ଦେହ ଜଳିଗଲା । ମନେମନେ କହିଲି–''ଫ୍ଲେମ୍ ନା ଆସ୍ ।'' (ଶିଖା ନା ପାଉଁଶ) କଣେଇ ଚାହିଁ ଦେଖିଲି– ମୋ ସ୍ୱାମୀ ଅଧ୍ୟାପକଙ୍କଠାରୁ ଗପ ଶୁଣୁଛନ୍ତି । ମୋ କଥା ତାଙ୍କ କାନକୁ ଯାଉଛି କି ନାହିଁ କେଜାଣି ? କୋଡ଼ିଏ ବର୍ଷ ପରେ ମୁଁ ମିର୍ଚ୍ଚାର ଖବର ପାଇଲି, ଆଉ ସେ ଖବର ମୋ ପଞ୍ଜରା ହାଡ଼କୁ ଭାଙ୍ଗିଦେଲା ପରି ମନେହେଲା ।

ଆମେ ଇଟାଲୀରେ ବୁଲୁଛୁ । ରୋମ, ଫ୍ଲରେନ୍‌ସ, ଭେନିସ୍ ବୁଲି ଦକ୍ଷିଣ-ଫ୍ରାନ୍‌ସରେ ଆସି ପହଞ୍ଚିଲୁ । ଅପୂର୍ବ ଦେଶ, ଅପୂର୍ବ ଦେଶ ! ଆମେ ସ୍ୱାମୀ-ସ୍ତ୍ରୀ ଅତ୍ୟନ୍ତ ସୁଖରେ ଦେଶ-ଭ୍ରମଣ କରିବାରେ ଲାଗିଛୁ । ସେଦିନ ପ୍ୟାରିସ୍‌ରୁ ଲଣ୍ଡନ ଯିବୁ । ରିସେପସନ୍ ରୁମ୍ ପାଖ ପାହାଚରେ ବସିଛୁ । ଆମର ଜିନିଷପତ୍ର ଗୋଟିଏ ଜାଗାରେ ଜମାହୋଇଛି । ମୋ ସ୍ୱାମୀ ଜଣେ କର୍ମଚାରୀଙ୍କ ଟେବୁଲ ନିକଟରେ ଠିଆହୋଇ ହିସାବପତ୍ର କରିବାରେ ବ୍ୟସ୍ତ । ମୋ ବାକ୍‌ସରେ ମୋ ନାଁ ଲେଖାହୋଇଛି । ପୂର୍ବରୁ ଜଣେ ଭଦ୍ରଲୋକଙ୍କୁ ସମ୍ଭାଷଣଦ୍ୱାରା ଚିହ୍ନିଥିଲି । ସେ ବାକ୍‌ସ ଉପରେ ଲେଖାହୋଇଥିବା ମୋ ନାଁକୁ ପଢୁଛି ଓ ମତେ ଦେଖୁଛି । ଟିକିଏ ଇତସ୍ତତଃ କରି ମୋ ଆଡ଼କୁ ଆଗେଇ ଆସିଲା । କହିଲା, ''ମୋ ନାଁ ଆଇୟନ ପୋପେସ୍କୁ । ଆପଣଙ୍କ ନାଁ କ'ଣ ଅମୃତା ?'' ମୋ ଛାତି ଭିତରଟା ଥରିଉଠିଲା । ମୁଁ କହିଲି, ''କାହିଁକି ?''

Digitized by srujanika@gmail.com

''ଆଇ ପେ ୟୁ ମାଇଁ ହୋମେଜ୍ ।'' ସେ ଭଙ୍ଗା ଭଙ୍ଗା ଉଚ୍ଚାରଣ କରି ମୋର କରପଲ୍ଲବ ଚୁମ୍ବନ କଲା । ଏଥର ମୋର ଆଉ ସନ୍ଦେହ ରହିଲା ନାହିଁ ସେ କେଉଁ ଦେଶର ଲୋକ ।

''ଓଃ ! ବୁଝିଲି ।'' – ମୁହୂର୍ତ୍ତକେ ସବୁ ଗୋଳମାଳ ହୋଇଗଲା । –''ଆଚ୍ଛା, କହିପାରିବେ, ସେ ଲେଖକ କେଉଁଠି ଥାଆନ୍ତି ?''

''ଏହି ପ୍ୟାରିସ୍‌ରେ– ଏଠାରୁ ଦୁଇଟି ବ୍ଲକ୍ ପରେ ।''

''ମାତ୍ର ଦୁଇଟି ବ୍ଲକ୍ ପରେ !''

ହଁ– ଏହା କହି ସେ ହସିଲା ।

ହେ ଈଶ୍ୱର ! ବର୍ତ୍ତମାନ ମୁଁ ଏହା ସଙ୍ଗେ ଯାଇ ତାକୁ ଧରିପାରେ । କହିବି– ପ୍ରବଞ୍ଚକ ! ଅସତ୍ୟର ମୂଲ୍ୟରେ ତୁମେ ବିଦ୍ୟା କିଣିଛ । ତେଣୁ ତୁମେ ପଣ୍ଡିତ ହୋଇପାର; ମାତ୍ର ଜ୍ଞାନୀ ହୋଇପାରିଲ ନାହିଁ । ''ଦର୍ବୀ ସୂପରସାନ୍ ଇବ''– କାଠର ଚଟୁ ଯେପରି ସୁପରସରେ ବୁଡ଼ିରହିଲେ ବି ତା'ର ଆସ୍ୱାଦ ପାଏ ନାହିଁ, ସେପରି ଯାହାର ଜୀବନରେ ସତ୍ୟ ନାହିଁ ସେ ହୁଏତ ଅନେକ ଜାଣିପାରେ; ମାତ୍ର ତା'ର ପ୍ରଜ୍ଞା ଆସେନାହିଁ । ସେ ଜ୍ଞାନର ସ୍ୱାଦ ପାଏନାହିଁ ।

ଲୋକଟି ମୋ ଆଡ଼କୁ ଚାହିଁ କହିଲା–''ତୁମେ ଯିବ ମୋ ସହିତ ?''

''ନା, ଚିଠି ଖଣ୍ଡେ ଦେବି– ଦେଇଦେବ ?''

''ନିଶ୍ଚୟ, ନିଶ୍ଚୟ ।'' ସେ ଦୌଡ଼ିଯାଇ କାଗଜ ଓ ଲଫାପା ନେଇ ଆସିଲା ।

ମୁଁ ସଂକ୍ଷେପରେ ଲେଖିଲି, ''ମିର୍ଜା, ବହୁ ଦିନ ପରେ ତୁମର ଖବର ପାଇଲି । କିପରି ଅଛ ତୁମେ ? ବିବାହ କରିଛ କି ? ମୁଁ ମୋ ସ୍ୱାମୀଙ୍କ ସହ ୟୁରୋପ ବୁଲିବାକୁ ଆସିଛି । ମୋର ଗୋଟିଏ ପୁଅ, ଗୋଟିଏ ଝିଅ । ତୁମ ସହିତ ଥରେ ଦେଖାହେଲେ ଖୁବ୍ ଖୁସି ହୁଅନ୍ତି । ବର୍ତ୍ତମାନ ଆମେ ଚାଲିଯାଇଛୁ । ଡୋଭର୍ ଚ୍ୟାନେଲ୍ ଆଉ ଟିକିଏ ପରେ ପାରିହୋଇଯିବୁ । ମୁଁ ମୋର ଲଣ୍ଡନର ଠିକଣା ଦେଲି । ଚିଠି ପାଇ ଯଦି ଥରେ ଆସ, ତା'ହେଲେ ଖୁବ୍ ଖୁସି ହେବି । ଆସିବ ତ ?'' ମୋ ସ୍ୱାମୀଙ୍କ ହାତକୁ ଚିଠିଟି ବଢ଼ାଇଦେଲି– ପଢ଼ିବାପାଇଁ, କହିଲି, ''ମୁଁ ତୁମକୁ ସେଇ ଯେଉଁ ବିଦେଶୀ ଲୋକଟିର କଥା କହିଥିଲି, ସେ ଏଠାରେ ଅଛନ୍ତି । ତାଙ୍କୁ ଲଣ୍ଡନ୍ ଆସିବା ପାଇଁ ନିମନ୍ତ୍ରଣ କରିଛି ।'' ଚିଠିଟା ସେ ପଢ଼ିନେଇ ଫେରାଇଦେଲେ । ମୁଁ ପଚାରିଲି, ''ଠିକ୍ ଅଛି ତ ?'' ସେ କହିଲେ, ''ନିଶ୍ଚୟ, ଆସିଲେ ତ ଖୁବ୍ ଭଲ ହେବ ।''

ମୋ ସ୍ୱାମୀ ଚାଲିଗଲେ । ସେ ଲୋକଟି ମୋ ପଛରେ ଠିଆହୋଇଥିଲା । ମୋ କାନ୍ଧ ଉପରେ ସସ୍ନେହ ହାତ ରଖି କହିଲା, "Write a good letter Madam, you are trembling all over."

Digitized by srujanika@gmail.com

"I am not trembling, I am shivering, it is a cold day today." ମୁଁ ଚିଠିଟିକୁ ଲଫାପା ମଧ୍ୟରେ ପୂରାଇଲି । ଲୋକଟି କହିଲା, ''ଭଲକରି ଚିଠିଟିଏ ଲେଖିଲେ ନାହିଁ କାହିଁକି ? ମୁଁ ବୁଝିପାରୁନାହିଁ ଯେ ତୁମର ଚିଠି ସେନ୍‌ସର୍‌ଡ଼ ହେବାର କି ଦରକାର ?''

''ନା ନା, ସେଥିପାଇଁ ନୁହେଁ । ମୋ ସ୍ୱାମୀଙ୍କୁ ଇଂରାଜୀଟା ଦେଖାଇଲି; ମୋର ପ୍ରିପୋଜିସନଗୁଡ଼ାକ ଠିକ୍ ହୁଏନାହିଁ ।''

ଆମେ ଲଣ୍ଡନ ଚାଲିଗଲୁ । ସେ ଚିଠିର ଉତ୍ତର ଦେଲା ନାହିଁ । ସାତ ଆଠ ଦିନ ମୁଁ ଅପେକ୍ଷା କରି ରହିଲି । ସାତ ଆଠ ଦିନ ମୋ ନୟନ ଅଶ୍ରୁସିକ୍ତ ହେଲା । ମୋ ସ୍ୱାମୀ ଭାବିଲେ ପୁଅ ପାଇଁ ମନ ଖରାପ ହେଉଛି । ପରେ ମୁଁ ସେକଥା ଭୁଲିଗଲି ।

୧୯୫୬ ମସିହାରେ ମୁଁ ପୁଣି ୟୁରୋପ ଗଲି । ଗୋଟିଏ ବିରାଟ ସଭାଗୃହ । ମୁଁ ରେଷ୍ଟରୁମ୍‌ରୁ ଓହ୍ଲାଇ ଆସିଛି । ଗୋଟିଏ ଅଳ୍ପବୟସୀ ଝିଅ (ଭେରା), କୁଞ୍ଚକୁଞ୍ଚିଆ କେଶ, ସୁନ୍ଦର ମୁହଁ, ମୋ ଆଡ଼କୁ ଆଗେଇ ଆସି କହିଲା, ''ତୁମେ କ'ଣ ଅମୃତା ?''

''ବାଃ, ମୋ ନାଁ ତ ବେଶ୍ ଭଲକରି ଉଚ୍ଚାରଣ କରିପାରୁଛ !''

''ହଁ, ମୁଁ ତୁମକୁ ଜାଣେ ।''

''ଓ ! ବୁଝିଛି; ତୁମେ ମିର୍ଚ୍ଚା ୟୁକ୍ଲିଡ୍ ନାମକ ଲେଖକକୁ ଚିହ୍ନ ? କହିପାରିବ ସେ କେଉଁଠି ?''

''ନା, ମୁଁ ତ ସେଭଳି କାହାକୁ ଚିହ୍ନେ ନାହିଁ ।'' ଟିକିଏ ରହି ପୁଣି କହିଲା, ''ଓ ! ହଁ ହଁ, ସେ ତ ମରିଯାଇଛି ।''

ମୋ ଛାତି ଭିତରଟା ଧଡ଼ପଡ଼ କରିଉଠିଲା । ମରିଗଲା, ପୂରାପୂରି ଶେଷ ! ମରିଯିବା ପରେ ତ ଆଉ କିଛି ନଥାଏ । ମୁଁ ତ ଥରେ ପଚାରିପାରିଲିନାହିଁ– ମୋ ପ୍ରତି କାହିଁକି ସେ ବିଶ୍ୱାସଘାତକତା କଲା । ମୁଁ ଯେ ଭାବିଥିଲି– ଦିନେ ନା ଦିନେ ମୁଁ ତାକୁ ନିଶ୍ଚୟ ଧରିବି ।

ଯେତେବେଳେ ମୁଁ ମିର୍ଚ୍ଚା କଥା ଭାବେ, ମୋର ପାର୍ଥିବ ମନଟା, ଯେଉଁ ମନରେ ବୁଦ୍ଧିବୃତ୍ତି କାମ କରୁଛି, ଯେଉଁ ମନ ସଂସାରର ସମସ୍ୟା ସହିତ ମୁକାବିଲା କରୁଛି, ସେହି ସଜାଗ ମନ, ସ୍ୱାର୍ଥପରାୟଣ ମନ କହୁଛି–ବିଶ୍ୱାସଘାତକତା ଛଡ଼ା ଆଉ କ'ଣ ହୋଇପାରେ ? ଟେକା ପଡ଼ିଲେ ସାରମେୟ ଯେପରି ଦୁଇଗୋଡ଼ ଭିତରେ ଲାଙ୍ଗୁଡ଼ ଜାକି ପଳାଇଯାଏ, ସେହିପରି ବାପାଙ୍କର ଗୋଟିଏ ଧମକରେ ଯେ ପଳାଇଗଲା ତା'ର ମନୁଷ୍ୟତ୍ୱ ଅଛି ? ଧିକ୍ ତା'ର ବିଦ୍ୟାଚର୍ଚ୍ଚା ! ପୋଥି ଉପରେ ମୋର ଆଦୌ ଶ୍ରଦ୍ଧା ନାହିଁ । ମଣିଷ ପୋଥି ଅପେକ୍ଷା ବଡ଼ । ପୁଣି ଅନ୍ୟ ମନ କହେ– ରାଗୁଛ କାହିଁକି ? ହୁଏତ ସେ ତୁମ ପାଖକୁ ଚିଠି ଲେଖିଛି; ମାତ୍ର ତୁମେ ତାହା ପାଇନାହଁ । ହୁଏତ ତୁମେ ଯେଉଁ ଚିଠି ଲେଖିଛ, ସେଟା ତା' ପାଖରେ ପହଞ୍ଚି ନାହିଁ । ପୁଣି ଅତି ଗଭୀରରେ ଯେଉଁ ମନ ରହିଛି, ସେ କହୁଛି, ଘଟଣାଦ୍ୱାରା କ'ଣ ସବୁ ବୁଝିହୁଏ ? ତର୍କକରି କ'ଣ ସତ୍ୟ ମିଳେ ? ତୁମେ ନିର୍ବିଚାରରେ ଏହି ହୃଦୟ-

Digitized by srujanika@gmail.com

ରାଜ୍ୟରେ କାନ ଡେରି ଶୁଣ– ସତ୍ୟର ପ୍ରତିଧ୍ୱନି ବାଜୁଛି । ସେ କେବେହେଲେ ଛଳନା କରିନି । ଭେରା ମୋ ଆଡ଼କୁ ଚାହିଁ ରହିଛି । ମୁଁ ତାକୁ ପଚାରିଲି, ''ମରିଗଲା ! କିନ୍ତୁ ତା'ର ତ ମରିବାର ବୟସ ହୋଇନଥିଲା ।''

ଭେରା କହିଲା, ''ନା, ଠିକ୍ ମରିନାହିଁ । ତେବେ ଆମ ପାଖରେ ତାହାର ମୃତ୍ୟୁ ଘଟିଛି । ସେ ଫାସିଷ୍ଟ ହୋଇଯାଇଛି ।''

ଫାସିଷ୍ଟ ହୋଇଯାଇଛି ! ମୋତେ ଖୁବ୍ ହସମାଡ଼ିଲା । ମୁଁ ଦେଖିପାରିଲି– ସେ ହିଟ୍‌ଲର ଭଳି ନିଶ ରଖିଛି । ଗ୍ୟାସ-ଚେମ୍ବରର ଦୁଆରଟା ମେଲା କରି ଠିଆହୋଇଛି । ବାଃ, ଖାସା ମାନୁଛି ତ ! ମୋ ଚିଠିର ଉତ୍ତର ନଦେଇ ସେ ମୋତେ ବାରମ୍ବାର ତା'ରି ଭିତରକୁହିଁ ପଠା ଉଛି–ଫାସିଷ୍ଟ ନୁହେଁ ତ ଆଉ କ'ଣ ?

× × × ×

ତା'ପରେ ବହୁଦିନ ପର୍ଯ୍ୟନ୍ତ ମୁଁ ମିର୍ଜାର ନାଁ ଶୁଣିନାହିଁ । ୧୯୫୮ ମସିହାରେ କଲିକତା ବାହାରେ ଗୋଟିଏ ବିଶ୍ୱବିଦ୍ୟାଳୟ ଲାଇବ୍ରେରିରେ ମୁଁ ପଢ଼ାପଢ଼ି କରୁଛି । ଉଦ୍ଦେଶ୍ୟ– ବହିଲେଖା । ମୁଁ ଭଲ କାମଟିଏ ପାଇଛି । ଆନନ୍ଦରେ ଅଛି । କାମ ନଥିଲେ ମୋ ମନ ଭାଙ୍ଗିଯାଏ । ମୋ ଚାରିଆଡ଼େ ଏକ ବିରାଟ ହାହାକାର ଘୋଟିଯାଏ । ତେଣୁ ଯେକୌଣସି କାମ ମିଳେ, ତାକୁ କରିଥାଏ । ଲେଖିବା କାମଟା ସବୁଠାରୁ ଉତ୍କୃଷ୍ଟ । ଦୁଇମାଇଲ ଦୂରରେ ମୋ ମା' ଓ ଭାଇ ଥାଆନ୍ତି; ମୁଁ ସେମାନଙ୍କ ପାଖରେ କିଛି ଦିନ ପାଇଁ ରହିଥାଏ ।

ଦିନେ ମୁଁ ନିବିଷ୍ଟଚିତ୍ତରେ ଲେଖୁଛି– ସତ୍ୟେନବାବୁ ଆସିଲେ । ପ୍ୟାରିସରେ ତାଙ୍କ ସହିତ ଦେଖାହୋଇଥିଲା– ସେ ବିଷୟରେ କଥାବାର୍ତ୍ତା ହେଲା । ତା'ପରେ ହଠାତ୍ କହିଲେ, 'ୟୁକ୍ଲିଡ୍‌ର ଲେଖା ବହିଟା ମୁଁ ପଢ଼ିଛି ।'' ମୁଁ ଚୁପ୍ କରି ରହିଲି । ଛାତିଭିତରୁ କ'ଣ ଗୋଟିଏ ଖସିପଡ଼ିଲା । ରକ୍ତମାଂସର ଶରୀର ବଦଳରେ ମୁଁ କାଠ କଣ୍ଢେଇ ଭଳି ହୋଇଗଲି । ସତ୍ୟେନବାବୁ କହିଚାଲିଲେ, ''ବହିଟା ପଢ଼ି ମୁଁ ବୁଝିପାରିଲି ଯେ ଆପଣ ରବି ଠାକୁରଙ୍କୁ ଭଲପାଉଥିଲେ ।'' ମୁଁ ଉତ୍ତର ନ ଦେଇ ତାଙ୍କ ମନ୍ତବ୍ୟ ଶୁଣିଲି । ସେ ପୁଣି ପ୍ରଶ୍ନ କଲେ, ''ତାହେଲେ ବାପାଙ୍କ ଉପରେ ରାଗିଥିଲେ କାହିଁକି ?'' ମୁଁ ଏ ବ୍ୟକ୍ତିଙ୍କୁ ଅନ୍ତର ସହ ଶ୍ରଦ୍ଧା କରୁଥିଲି; କିନ୍ତୁ ଆଜି ଆଶ୍ଚର୍ଯ୍ୟ ହୋଇଗଲି । କହିଲି, ''ଦେଖନ୍ତୁ ସତ୍ୟେନବାବୁ, ଆପଣ ଖୁବ୍ ପଣ୍ଡିତ ବ୍ୟକ୍ତି । ବୋଧହୁଏ ସେହି କାରଣରୁ ମଣିଷକୁ ଅପ୍ରସ୍ତୁତ କରି ଆନନ୍ଦ ପାଇଥାନ୍ତି ।''

ସେଠି ଆଉ ଅପେକ୍ଷା ନକରି ମୁଁ ଘରକୁ ଫେରିଆସିଲି । ଘରକୁ ଫେରି ଦେଖିଲି ଯେ ଦୁଆରମୁହଁରେ ମା' ଠିଆହୋଇଛନ୍ତି । ମା'ଙ୍କୁ ଦେଖି ମୋ ମୁଣ୍ଡ ଭିତରଟା ଦପ୍‌କରି ଜଳିଉଠିଲା । ଏଇ ମହିଳାଟି ପାଇଁ ମୋର ଯେତେ ଦୁର୍ଭୋଗ । ମୋ ଜୀବନଟା ନଷ୍ଟ କରିଦେଲେ; କାରଣ 'ସିଏ' ଅର୍ଥାତ୍ ତାଙ୍କ ସ୍ୱାମୀ କଷ୍ଟ ପାଇବେ । 'ସିଏ' ଯାହା ଚାହିବେ

Digitized by srujanika@gmail.com

ତାହା ହିଁ କରିବାକୁ ହେବ– କୁନି ଛୁଆ ହାତରେ ମୁଆଁ ଦେବାଭଳି– ଅନ୍ୟ ଲୋକର ସୁଖଦୁଃଖରେ କିଛି ଯାଏଆସେ ନାହିଁ । ଦଶ ବର୍ଷ ଧରି ଟିକିଏ ଟିକିଏ କରି ଘର ଭାଙ୍ଗିଲା । ମା' ପଣତକାନିରେ ତାକୁ ଘୋଡ଼େଇରଖି ଭାବିଲେ–ସବୁ ଠିକ୍ ହୋଇଯିବ । ନିଜ ଜୀବନଟା ନଷ୍ଟ କରିଦେଲେ, ବାପାଙ୍କର ଜୀବନ ଓ ତା' ସଙ୍ଗେ ଥିବା ଅନ୍ୟ ସମସ୍ତଙ୍କର ମଧ୍ୟ । ଅକର୍ମଣ୍ୟା ସଂସାରରେ ବୁଦ୍ଧି ପ୍ରୟୋଗ କରି ଯେଉଁମାନେ ଚଳିପାରନ୍ତି ନାହିଁ, ଯେଉଁମାନେ ପ୍ରାକ୍ଟିକାଲ ନୁହନ୍ତି, ସେମାନଙ୍କର ଭଲପଣିଆଟା ଗ୍ରହଣୀୟ ନୁହେଁ ।

ମା' ପୁଣି ଗର୍ବକରି କହନ୍ତି ଯେ ମୋର ବିବାହ ଭଲ ସ୍ଥାନରେ ଦେଇଛନ୍ତି । ଯଦି ମୋ ବିବାହର ଭଲ ପରିଣାମ ହୋଇଥାଏ, ତେବେ ତା'ର କୃତିତ୍ୱ ଆଉ ଯିଏ ନେଲେ ନେଉ, ମା' ନିଶ୍ଚୟ ନେଇପାରିବେ ନାହିଁ । ଅଥଚ ମୋ ମା' କ୍ରମାଗତ ତାହା ହିଁ କହିବୁଲୁଥାନ୍ତି । ସବୁ କିଛି ଜାଣିଶୁଣି, କେବଳ ସ୍ୱାମୀଙ୍କୁ ସନ୍ତୁଷ୍ଟ ରଖିବାପାଇଁ, ମୋତେ ମୋଠାରୁ ଚଉଦ ବର୍ଷ ବଡ଼ ଗୋଟିଏ ନିର୍ବାକ୍ ଲୋକ ସହିତ ବିବାହଦେଇ ନିର୍ବାସନକୁ ପଠାଇଦେଇଥିଲେ । ମୋର ସମସ୍ତ ସତ୍ତା ଉପରେ ପଥର ଲଦିଦେଲେ ଏଇ ମୋର ମା' । ପୁଣି ମା' କହନ୍ତି, ''ମୋର ଜୋଇଁ ମହାଦେବଙ୍କ ଭଳି ଯୋଗୀ ପୁରୁଷ, ତୋର ବହୁ ଜନ୍ମର ସୌଭାଗ୍ୟ ହେତୁ ଏପରି ସ୍ୱାମୀ ପାଇଛୁ– ତା' ଉପରେ ପୁଣି ଟକ୍‌ଟକ୍ କଥା !'' ହୁଁ, ଯୋଗୀ ପୁରୁଷ ହୋଇପାରନ୍ତି; ନିଶ୍ଚୟ ଯୋଗୀ **ପୁରୁଷ** । ଅନ୍ୟ ଲୋକ ଯେଉଁ ସବୁ ଗୁଣ ସାଧନା କରିଥାଏ, ମୋ ସ୍ୱାମୀଙ୍କର ସେଗୁଡ଼ିକ ସ୍ୱାଭାବିକ ଗୁଣ; କିନ୍ତୁ ମୁଁ ତ ଗୀତାର ସାଧକ ଚାହିଁନଥିଲି । ରକ୍ତମାଂସର ଗୋଟିଏ ମଣିଷ ମାତ୍ର ।

ଏଇ ସବୁ କଥା ଭାବୁଛି, ଆଉ ଅନ୍ତରଟା ଫୁଟୁଛି ଟକ୍‌ମକ୍ କରି । ମା' ପ୍ରଶ୍ନ କଲେ– ''ଏତେ ଡେରିହେଲା କାହିଁକି ?'' ମୁଁ ରାଗିଉଠିଲି । ମା' ବିଚାରୀ କାନ୍ଦକାନ୍ଦ ହୋଇ କହିଲେ, ''ପ୍ରତି କଥାରେ ଏତେ ରାଗିଯାଉଛୁ କାହିଁକି ? ତୁମ୍ଭମାନଙ୍କର ଯେତେ ରାଗ ସବୁ ତ ମୋରି ଉପରେ ।'' ରାତିରେ ଆମେ ସମସ୍ତେ ଶୋଇବାକୁ ଗଲୁ । ଆମ ଦୁହିଁଙ୍କ ଆଖିରେ ନିଦ ନାହିଁ । ହଠାତ୍ ମା' କହିଲେ, ''ରୁ ! କାନ୍ଦୁଛୁ କାହିଁକି ?'' ମୁଁ ନିରୁତ୍ତର । ମା' ମଶାରିଟା ଟେକିଦେଇ ବାହାରି ଆସିଲେ, ''ରୁ, କ'ଣ ହୋଇଛି ମା' ! କାନ୍ଦୁଛୁ କାହିଁକି ?'' ମୁଁ କହିଲି, ''ସତ୍ୟେନବାବୁ ମୋତେ ଅପମାନ ଦେଇଛନ୍ତି ।'' ମା' କହିଲେ, ''ସେ କି କଥା ! ଲୋକଟାର କ'ଣ ମତିଭ୍ରମ ହୋଇଛି ନା କ'ଣ ? ତୋତେ ପୁଣି ସେ କ'ଣ ଅପମାନ ଦେଲା ?'' ''ନା ନା, ସେଭଳି କିଛି ନୁହେଁ । ସେ ମୋତେ କହିଲେ ଯେ ୟୁକ୍ଲିଡ୍‌ର ବହି ପଢ଼ି ସେ ବୁଝିପାରିଛନ୍ତି ଯେ ମୁଁ ରବୀନ୍ଦ୍ରନାଥ ଠାକୁରଙ୍କୁ ଭଲପାଉଥିଲି ।'' ''ଇଏ କି କଥା ! ଏମାନେ କ'ଣ ଯେତେ ପଢ଼ନ୍ତି ସେତେ ବୋକା ହୋଇଯାଆନ୍ତି ? ଏ ଖବର ଜାଣିବା ପାଇଁ ତାଙ୍କର ୟୁକ୍ଲିଡ୍‌ର ବହି ପଢ଼ିବା ଦରକାର ହେଲା ?''

Digitized by srujanika@gmail.com

ମା' ମୋ ଦେହରେ ହାତ ବୁଲାଇ ସାନ୍ତ୍ୱନା ଦେବାକୁ ଲାଗିଲେ । ମୁଁ କହିଚାଲିଲି, ''ସେ ଆହୁରି ମଧ୍ୟ ମନ୍ତବ୍ୟ ଦେଲେ– ତା'ହେଲେ ବାପାଙ୍କ ଉପରେ ରାଗୁଛ କାହିଁକି ?'' ମା' ଚମକି ପଡ଼ିଲେ, ''କ'ଣ କହୁଛୁ ? ବେଶି ପଢ଼ିଲେ ମଣିଷ ମୂର୍ଖ ହୋଇଯାଏ । ତୋ ଜେଜିମା' ତୋର ବାପାଙ୍କୁ କହୁଥିଲେ 'ପଡୁଆଁ ପାଁଠା' (ପାଠୁଆ ଛେଳି) । ଇଏ ତ ଦେଖୁଛି ସେଇ କଥା । ଏ ଦୁଇଟା ଜିନିଷ କ'ଣ ସମାନ ? ସବୁ ଭଲପାଇବାଟା କ'ଣ ଏକ ? ତୁ କ'ଣ କାହାରି ସଂସାର ନଷ୍ଟ କରିଛୁ ? କାହାରି ସମ୍ପତ୍ତି ଦଖଲ କରିଛୁ ? କାହାରି ପରିବାରକୁ ତା'ର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରିଛୁ ? ଯେଉଁ ପ୍ରେମ ଏ ସଂସାରର ବସ୍ତୁ ନୁହେଁ, ତାହା ମଣିଷକୁ ଉନ୍ନତ ଓ ପବିତ୍ର କରେ । ହାୟ ଭଗବାନ୍ ! ଏମାନଙ୍କର କ'ଣ ଟିକିଏ ହେଲେ ବୁଦ୍ଧି ନାହିଁ ?'' ମା' ମୋତେ ସାନ୍ତ୍ୱନା ଦେଇ କହିବାକୁ ଲାଗିଲେ, ''ତୁ ଏସବୁ ବାଜେ କଥାରେ କାନ୍ଦୁଛୁ କାହିଁକି ? ତୁ ତ ନିଜେ ଜାଣିଛୁ କେଉଁଟା କ'ଣ ?'' ମୁଁ କହିଲି, ''ମା ! ମୁଁ ସେଥିପାଇଁ କାନ୍ଦୁନାହିଁ; କବିଙ୍କ ବିଷୟରେ ଯେ ଯାହା କହୁନା କାହିଁକି, ମୋର ସେଥିରେ ଲଜ୍ଜା ହୁଏ ନାହିଁ । ତାଙ୍କ କଥା କହି କ'ଣ କେହି ମୋତେ ଅପମାନ ଦେଇପାରିବ ? ସେ ତ ନିନ୍ଦା-ଲଜ୍ଜାର ଅତୀତ ବସ୍ତୁ । ମୁଁ ଖାଲି ତୁମକୁ କହିଲି ।''

''ତେବେ କାନ୍ଦୁଛୁ କାହିଁକି ?''

ଦୀର୍ଘ ଅଠେଇଶ ବର୍ଷ ପରେ ମୁଁ ମା'ଙ୍କ ଆଗରେ ପ୍ରଥମେ ତା'ର ନାଁ ଉଚ୍ଚାରଣ କଲି । ତକିଆ ଉପରୁ ମୁଣ୍ଡ ଟେକି ମୁଁ ଚିତ୍କାର କରି କହିଉଠିଲି– ''ମିର୍ଚ୍ଚା, ମିର୍ଚ୍ଚା, ମିର୍ଚ୍ଚା''... ତା'ପରେ ମୁଁ କାନ୍ଦିବାକୁ ଲାଗିଲି । ମା' ସ୍ତମ୍ଭିତା ହୋଇଗଲେ– ''କ'ଣ କହିଲୁ ? କ'ଣ କହିଲୁ ?'' ସମ୍ଭବତଃ ତା'ର ଡାକ ନାଁଟା ମା'ଙ୍କର ମନେପଡ଼ିବାକୁ ଡେରି ହେଲା । ଆମ ଘରେ ସମସ୍ତେ ତାକୁ ୟୁକ୍ଲିଡ୍ ବୋଲି ଉଲ୍ଲେଖ କରୁଥିଲେ । ମା' ମୋ ପିଠି ଉପରେ ହାତ ରଖି କହିଲେ, ''ରୁ ! ତୋ ସହିତ ତା'ର ଦେଖାହୋଇଛି କି ? ଏତେ ଥର ବିଦେଶ ଗଲୁ; ଦେଖାହୋଇଥିବ ନିଶ୍ଚୟ ।''

''ନାହିଁ ମା' ! ନାହିଁ । ସେଥର ସେ ଯେ ଗଲା, ମୁଁ ବାଲ୍‌କନିରେ ଠିଆହୋଇଥିଲି; ତା'ପରେ ମୁଁ ଆଉ ତାକୁ ଦେଖିନାହିଁ ।''

''ତା'ହେଲେ ତ ଚିଠିପତ୍ର ନିଶ୍ଚୟ ଲେଖୁଥିବୁ, ଯୋଗାଯୋଗ ରଖିଥିବୁ, ସତ କରି କହ ।''

''ନା, ନା, ନା; ମୁଁ ଚିଠି ଲେଖିଥିଲି; ସେ ଉତ୍ତର ଦେଲାନାହିଁ ।''

ମା' ଦୀର୍ଘ ନିଃଶ୍ୱାସ ପକାଇ କହିଲେ, ''ଏସବୁ ତୋର ବାପାଙ୍କ ପାଇଁ ହେଲା । ଜଣେ ଫରାସୀକୁ ଘରଭିତରେ ଆଣି ରଖିବେ, ତା'ପରେ ପୁଣି...'' ମୋତେ ହସ ମାଡ଼ିଲା; ମା' ଆଦୌ ଫରାସୀ ଧାରଣାଟା ଭୁଲିପାରୁନାହାନ୍ତି ।

Digitized by srujanika@gmail.com

''କେବେ ଚିଠି ଲେଖିଥିଲୁ 'ରୁ' ?''

''୧୯୫୩ ମସିହାରେ ପ୍ୟାରିସ୍‌ରେ ।''

''ସେ ଉତ୍ତର ଦେଲା ନାହିଁ କାହିଁକି ?''

''ଉତ୍ତର ଦେଲେ କ'ଣ ଭଲହୁଅନ୍ତା ? ତୁମେ କ'ଣ ସେଥିରେ ଆପତ୍ତି କରିନଥାନ୍ତ ? ଉତ୍ତରଦେବାଟା କ'ଣ ଦୋଷାବହ ହୁଅନ୍ତାନାହିଁ ?''

ମା' ଦୀର୍ଘନିଃଶ୍ୱାସ ପକାଇ କହିଲେ, ''ବର୍ତ୍ତମାନ ଆଉ କିଛି ଦୋଷାବହ ନୁହେଁ । ତେବେ ଚିଠି ନ ଲେଖିବାଦ୍ୱାରା ମଙ୍ଗଳ ହୋଇଛି । ଫରାସୀ ହେଲେ ମଧ ତା'ର ବୁଦ୍ଧି ଖୁବ୍ ଭଲ । କାଳେ ତୋ ସଂସାରର କ୍ଷତି ହେବ, ସେଥିପାଇଁ ହୁଏତ ଚିଠି ଲେଖିଲାନାହିଁ । ହାୟ ! ତୋ ବାପାଙ୍କ ପାଇଁ ଅଯଥା ଏପରି କଷ୍ଟ ପାଇଲୁ । କିଏ ଜାଣେ କେଉଁଥିପାଇଁ କ'ଣ ହୋଇଯାଏ ? ମିର୍ଚ୍ଚାକୁ ତଡ଼ିଦେଲି, ଆଉ ଠିକ୍ ତା' ପରବର୍ଷଠାରୁ ମୋ ସଂସାର ଭାଙ୍ଗିବାକୁ ଲାଗିଲା । ଏହାର ସାତ ବର୍ଷ ପରେ ୧୯୬୫ ମସିହାରେ ମୋ ମା' ରୋଗରେ ଜୀର୍ଣ୍ଣା ଓ ଭଗ୍ନମନା ହୋଇ ମୃତ୍ୟୁବରଣ କଲେ ।

——

Digitized by srujanika@gmail.com

ତୃତୀୟ ପର୍ବ

ଆହୁରି ଏଗାର ବର୍ଷ ବିତିଗଲାଣି । ୟୁରୋପର ନାନା ଦେଶ ବୁଲିଛି ଦୁଇଥର । ମିର୍ଜାର ନାଁ ଶୁଣିନାହିଁ କି ତା'ର କଥା ବି ମନେପଡ଼ିନାହିଁ । ଏହି ଏଗାର ବର୍ଷ ଭିତରେ ମୁଁ ବିଶେଷ କେତେଗୁଡ଼ିଏ ଦାୟିତ୍ୱ ନେଇଛି । ମୋର ସମୟ ନୀରନ୍ଧ୍ର, ମୋର ବୟସ ବାର୍ଦ୍ଧକ୍ୟ ସୀମାରେ ପହଞ୍ଚିଲାଣି । ଦେହ ଜୀର୍ଣ୍ଣ । ପୁତ୍ରକନ୍ୟା, ନାତିନାତୁଣୀ ନେଇ ମୋର ସୁଖର ସଂସାର; କିନ୍ତୁ ଏହା ବ୍ୟତୀତ ମୋର ଆହୁରି ଗୋଟିଏ ବଡ଼ ସଂସାର ତିଆରିହୋଇଛି ବନ୍ଧୁବାନ୍ଧବ-ସହକର୍ମୀମାନଙ୍କୁ ନେଇ । ସେମାନଙ୍କ ସମ୍ମୁଖରେ ମୁଁ ମୋର ଗୋଟିଏ ଭାବମୂର୍ତ୍ତି ସ୍ଥାପନ କରିବାକୁ ସମର୍ଥ ହୋଇଛି । ମୋର ଯେତେଦୂର ବିଶ୍ୱାସ, ମୋତେ ସେମାନେ ଏଭଳି ଜାଣନ୍ତି—ମୁଁ ଖୁବ୍ କଡ଼ା ମଣିଷଟିଏ; ବିଶେଷତଃ ଅସାମାଜିକ ପ୍ରେମ ସମ୍ବନ୍ଧରେ ମୁଁ ନିର୍ଦ୍ଦୟ ମନୋଭାବ ପୋଷଣ କରେ । ସେଥିପାଇଁ ବନ୍ଧୁବାନ୍ଧବଙ୍କ ମଧ୍ୟରେ ସେଭଳି କୌଣସି ଘଟଣା ଘଟିଲେ, ମୋଠାରୁ ତାହା ଗୋପନ ରଖାଯାଏ । ନ୍ୟାୟ-ଅନ୍ୟାୟ ସମ୍ବନ୍ଧରେ ମୋର ମନୋଭାବ ଅନମନୀୟ, ସମବେଦନାଶୂନ୍ୟ । ଟିକିଏ ଏପଟ ସେପଟ ହେଲେ ମୁଁ ଖୁବ୍ କଡ଼ା କଥା କହିଥାଏ । ମୁଁ ଅତିରିକ୍ତ ପ୍ରାକ୍ଟିକାଲ । ମୋ ପାଇଁ ଗୋଟିଏ ଆଦର୍ଶ ମୁଁ ରଖିଛି— ମୁଁ ଅନ୍ୟାୟ ସହିତ ଆପୋସ କରେନାହିଁ । ମଦ୍ୟପାନ ବା ଅନ୍ୟ କୌଣସି ପ୍ରକାର ଅସଂଯତ ମୋତେ ବିଷପରି ଲାଗେ । ପ୍ରତ୍ୟେକ ମଣିଷର ସମାଜ ପ୍ରତି ଦାୟିତ୍ୱ ଅଛି, ବ୍ୟକ୍ତିଗତଭାବେ ଅସଂଯତ ହେବାଟା ଉଚିତ ନୁହେଁ । ଯଦି କେହି ସେପରି ହୁଏ, ମୁଁ ତା'ର ନିନ୍ଦାକରେ; ଅର୍ଥାତ୍ ଛୋଟକାଟିଆ ନେତ୍ରୀର ଯାହା ଦୋଷଗୁଣ, ସେସବୁ ମୋ ଭିତରେ ଅଛି । ମୋର ପରୋପକାର ସ୍ପୃହାଟାକୁ କେହି "ବସିବାଠାରୁ କାଶିବା ଭଲ" ବୋଲି କହି ସମାଲୋଚନା କଲେ ମଧ୍ୟ, ମୁଁ ଅଧିକାଂଶଙ୍କଠାରୁ ସେଥିପାଇଁ ଯଥେଷ୍ଟ ପ୍ରଶଂସା ଓ ସାହାଯ୍ୟ ପାଇଛି । ମୋଟ ଉପରେ ଛୋଟ ଏବଂ ବଡ଼—ଦୁଇ ସଂସାରର ବୃତ୍ତ ହିଁ ମୋର ସଂପୂର୍ଣ୍ଣ ହୋଇଛି । ମୋର ଅପୂର୍ଣ୍ଣତା ବୋଲି କିଛି ନାହିଁ ।

୧ ୯ ୭ ୧ ମସିହାରେ ମୁଁ ପୁଣି ତା'ର ନାଁ ଶୁଣିଲି । ଗୋଟିଏ ଘରୋଇ ଆଲୋଚନା ସଭାରେ ପାର୍ବତୀ ହଠାତ୍ ମୋତେ କହିଲା, "ଅମୁକ ସହରରେ ଅମୃତାଦିଙ୍କର ଜଣେ ଏଡ୍‌ମାୟାରର୍ (ପ୍ରଶଂସକ) ଅଛନ୍ତି ।" ସମସ୍ତେ ଉତ୍ସାହିତ ହୋଇ କହିଉଠିଲେ, "ସତେ ?" ମୁଁ ବିସ୍ମିତ ନୁହେଁ । ଏହି ଦୀର୍ଘ ଜୀବନରେ ନିନ୍ଦା ଓ ପ୍ରଶଂସା, ଦୁଇଟାଯାକ ମୁଁ ଯଥେଷ୍ଟ ପାଇଛି । ସେଥିପାଇଁ ମୋର "ଏଡ୍‌ମାୟାରର୍" ଥିବାଟା ଆଦୌ ଅସମ୍ଭବ ନୁହେଁ । ମୁଁ ପଚାରିଲି, "ତା'ର ନାଁ କ'ଣ ?" "ମିର୍ଜା ୟୁକ୍ଲିଡ୍ ।"

Digitized by srujanika@gmail.com

ହୃଦୟ ମୋର ଚମକି ଉଠିଲା । ମନେ ମନେ ଭାବିଲି–ଏ ଝିଅଟା ତ ମୋତେ ଭଲପାଏ, ଶ୍ରଦ୍ଧା କରେ । ବର୍ତ୍ତମାନ ଅପମାନ କରିବ କି କ'ଣ ଦେଖେ । ମୁଁ ଯେତେ ଦୂର ସମ୍ଭବ ନିର୍ବାକାର ରହିବି । ଶ୍ରୀମତୀ ପାର୍ବତୀ କହିଚାଲିଲେ, ''ଦୁଇବର୍ଷ ପୂର୍ବେ ଜଣେ 'x' (ଜଣେ ଭଦ୍ରଲୋକ)ଙ୍କ ସହିତ ଯୁକ୍ତିତ୍ରଙ୍କର ଦେଖାହୋଇଥିଲା । ସେଦିନ ସେ ଅସୁସ୍ଥ ଓ କ୍ଲାନ୍ତ ଥିଲେ । ଜଣେ ବଙ୍ଗାଳୀ ଭଦ୍ରଲୋକଙ୍କୁ ଦେଖି ସେ କଲିକତା କଥା କହିବାକୁ ଲାଗିଲେ । ବର୍ତ୍ତମାନର କଲିକତାକୁ ସମସ୍ତେ ନିନ୍ଦା କରନ୍ତି; କିନ୍ତୁ ସେ ଯେଉଁ କଲିକତା ଦେଖିଥିଲେ, ସେଭଳି ସହର ସେ ଆଉ କୌଣସିଠାରେ ଦେଖିନାହାନ୍ତି । ବିଶେଷତଃ ସେଠାର ଝିଅମାନେ ମାଧୁର୍ଯ୍ୟମୟୀ; ଅଥଚ ଯେଉଁମାନେ ସମ୍ଭ୍ରମ ରକ୍ଷା କରି ଚାଲିବାକୁ ଜାଣନ୍ତି, ସେମାନେ ସର୍ବଦା ରବୀନ୍ଦ୍ରନାଥଙ୍କ କବିତା ଆବୃତ୍ତି କରନ୍ତି ।'' ବୁଦ୍ଧିମାନ୍ 'x' ବୁଝିପାରିଲେ– ଯେ କୌଣସି ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି କଥାଟା କୁହାଯାଉଛି । ସେ ପଚାରିଲେ, ''ମହାଶୟ, କଲିକତା ମାନେ ଆପଣ କ'ଣ କୌଣସି ସ୍ଥାନର କଥା କହୁଛନ୍ତି ନା କୌଣସି ମଣିଷର କଥା ?''

ଅଧ୍ୟାପକ କହିଲେ, ''ଚାଲ ସେପଟେ ଟିକିଏ ବସିବା ।'' ତା'ପରେ 'x'ଙ୍କୁ ପଚାରିଲେ, ''ତୁମେ ଅମୃତାକୁ ଚିହ୍ନିଛ ? ସେ କିପରି ?'' ଏ କଥା କହି ସେ ଗୋଟିଏ ବହି ଦେଲେ 'x'ଙ୍କୁ । ବହି ଉପରେ ବଙ୍ଗଳାରେ ଲେଖାଥିଲା– 'ତୁମେ ମୋତେ ମନେ ରଖିଛ ଅମୃତା ? ଯଦି ରଖିଥାଅ, ତେବେ କ୍ଷମା ଦେଇପାରିବ କି ?''

କିନ୍ତୁ 'x' ତ ସେମାନଙ୍କର ଭାଷା ଜାଣେନାହିଁ– ବହିଟା ସେ ପଢ଼ିବ ବା କିପରି ? ସେଥିପାଇଁ ସେ ବହିଟା ଆଣିଲାନାହିଁ । ଜଣେ ମନ୍ତବ୍ୟ କଲେ, ''ଆଣିଥିଲେ ଆମେ ଟିକିଏ ଦେଖିଥାଆନ୍ତୁ ।'' ଘର ଭିତରେ ଅନେକ ଲୋକ, ସମସ୍ତେ ହସାହସି ହେଲେ । ମଣିଷକୁ ନିର୍ଯାତନା ଦେଇ ସମସ୍ତେ ଆନନ୍ଦ ପାଆନ୍ତି– ଶତ୍ରୁ-ମିତ୍ରର ପ୍ରଶ୍ନ ନାହିଁ । ଯେଉଁମାନଙ୍କୁ ବନ୍ଧୁ ଭାବୁଥିଲି, ସେମାନଙ୍କ ନିଷ୍ଠୁରତା ଦେଖି ଆଶ୍ଚର୍ଯ୍ୟ ହୋଇଗଲି । ମୋ ମୁଣ୍ଡ ବୁଲାଇଦେଲା । ଦୀର୍ଘ ୪୦ ବର୍ଷ ପରେ ମୁଁ ପ୍ରଥମ ଥର ପାଇଁ ଜଣକୁ ଦେଖିଲି, ଯେ କି ମିର୍ଚ୍ଚାକୁ ଦେଖିଛି ଓ ମିର୍ଚ୍ଚା ତା' ସହିତ ମୋ ବିଷୟରେ କଥାବାର୍ତ୍ତା ମଧ୍ୟ କରିଛି । ମୋତେ କେହି ଜଣେ କହିଲା, ''ଅମୃତାଦି, ଆପଣ ତାଙ୍କୁ ଗୋଟିଏ ଚିଠି ଲେଖନ୍ତୁ–'x'ଙ୍କଠାରୁ ଆମେ ଠିକଣାଟା ଆଣିଦେବୁ । ଲେଖନ୍ତୁ, ତା'ହେଲେ ଖୁବ୍ ମଜା ହେବ ।''

ମୋ କାନିରେ ନିଆଁ ଲାଗିଯିବା ପରି ମନେହେଲା । ଦେହଟା ସାରା ଜଳିଯିବା ପରି ଲାଗିଲା । ମୁଁ ସେଠାରୁ ପଳାଇଗଲି । ଥରେ ଭାବିଲି– ଚିଠି ଖଣ୍ଡେ ଲେଖିଲେ କ୍ଷତି କ'ଣ ? ଆମେ ଦୁହେଁ ତ ବୁଢ଼ାବୁଢ଼ୀ ହୋଇଗଲୁଣି ।

ଏ ସମୟରେ ଆମ ମୁଣ୍ଡ ଉପରେ ଥାଏ ଅନେକ ଦାୟିତ୍ୱ । ବଙ୍ଗଳାଦେଶରେ ଯୁଦ୍ଧ ଚାଲିଥାଏ । ପଶ୍ଚିମବଙ୍ଗରେ ଉତ୍ସାହ-ଉଦ୍ଦୀପନା ଖେଳିଯାଇଥାଏ । ଆମେ ସମସ୍ତେ କର୍ମବ୍ୟସ୍ତ

Digitized by srujanika@gmail.com

ଥାଉ । ଏହା ମଝିରେ ମୋ ଲଘୁକଥାଟା କୁଆଡ଼େ ଭାସିଗଲା କିଏ ଜାଣେ ? ମଣିଷର ଚୂଡ଼ାନ୍ତ ଦୁଃଖଦୁର୍ଦ୍ଦଶା ଭିତରେ ସୌଖୀନ ସୁଖଦୁଃଖଗୁଡ଼ିକ ଅର୍ଥହୀନ ପରି ମନେହୁଏ । ହଜାର ହଜାର, ଲକ୍ଷ ଲକ୍ଷ ଗୃହହୀନ, ଅନ୍ନହୀନ, ବସ୍ତ୍ରହୀନ, ଆଶ୍ରୟସନ୍ଧାନୀ ମଣିଷ ଦଉଡ଼ିଆସୁଛନ୍ତି; ସେମାନଙ୍କ ଯନ୍ତ୍ରଣାର ଉତାପ ଆମ ଦେହରେ ଲାଗୁଛି । ସୀମାନ୍ତ ଅଞ୍ଚଳକୁ ଆମେ ପ୍ରତିଦିନ ଯାଉ । ସେଠାରେ ହଇଜା ଲାଗିଛି । ଆଶ୍ରୟ-ଶିବିରର ଚାରିଆଡ଼େ ମୃତଦେହ ପଡ଼ିଥିବା ଦେଖାଯାଏ । ଦିନେ ଗୋଟିଏ ଶିବିର ସମ୍ମୁଖସ୍ଥ ପଥପାର୍ଶ୍ୱରେ ମୋରି ସମବୟସୀ ଗୋଟିଏ ନାରୀର ମୃତ୍ୟୁଶଯ୍ୟା ଦେଖିଲି । ଗଛତଳେ କନ୍ଥାଟିଏ ପରାହୋଇଛି; ତାରି ଉପରେ ଏକ ସ୍ପନ୍ଦନହୀନ ଦେହ । ମଝିରେ ମଝିରେ ହିକ୍‌କା ଉଠୁଛି । କର୍ମୀମାନେ ସେଇଠି ତାକୁ ସାଲାଇନ୍ ଦେବାରେ ଲାଗିଛନ୍ତି । ଆଉ ଟିକିଏ ପରେ ସବୁ କିଛି ଶେଷହୋଇଯିବ । ସନ୍ଧ୍ୟା ହୋଇଆସିଲାଣି । ପଶ୍ଚିମ ଆକାଶରେ ରଙ୍ଗିନ ରକ୍ତମଖା ଉଦାସୀନ ଏଇ ବିଶ୍ୱସୌନ୍ଦର୍ଯ୍ୟ ମଝିରେ ଗୋଟିଏ ମଣିଷର ଜୀବନ ଶେଷହୋଇଯାଉଛି । ଦୀପଟି ଲିଭିଯିବ । କାଲି ଏତିକିବେଳକୁ କୌଣସି ଚିହ୍ନ ରହିବନାହିଁ । ଏ ଯେ ଦିନେ ପୃଥିବୀକୁ ଆସିଥିଲା, ଏହାର ଯେ କେହି ଥିଲେ ବା ଏ ଯେ କାହାକୁ ଭଲପାଇଥିଲା ବା ଯାକୁ କିଏ ଭଲପାଇଥିଲା, ଏସବୁର କ'ଣ କୌଣସି ଅର୍ଥ ଅଛି ତାହେଲେ ? ସେହି ମୃତ୍ୟୁପଥର ଯାତ୍ରୀ ପଛରେ ଠିଆହୋଇ ମୁଁ ଯେପରି ନିଜର ମୃତ୍ୟୁଶଯ୍ୟା ଦେଖିପାରିଲି । ମୋର ଯେତେ ଦୂର ମନେହୁଏ, ମୁଁ ପଥପାର୍ଶ୍ୱରେ ଶୋଇରହି ମୃତ୍ୟୁବରଣ କରିବିନାହିଁ– ପଲଙ୍କରେ ଆତ୍ମୀୟସ୍ୱଜନବେଷ୍ଟିତ ହୋଇ ମୃତ୍ୟୁକୁ ଅପେକ୍ଷା କରିବି; କିନ୍ତୁ ତା'ପରେ – ତା'ର ଦେହ ଯାହା, ମୋର ଦେହ ବି ସେଇଆ । କୌଣସି ଚିହ୍ନ ରହିବନାହିଁ । ଶ୍ମଶାନବୈରାଗ୍ୟ ମୋ ମନକୁ ଅଭିଭୂତ କରିଛି । ମୋ ଆଖି ପୋଡୁଛି–ଆଖିରେ ଲୁହ ଆସୁଛି । ସମସ୍ତେ ଭାବୁଛନ୍ତି ଯେ ମୁଁ କରୁଣାକାତର । ରସିଦ୍ କହିଲା, ''ମାସିମା'ଙ୍କୁ ଏଠୁ ନେଇଯା ।''

ମୁଁ କାନ୍ଦୁଛି ମୋ ନିଜ ମୃତ୍ୟୁଶୋକରେ । ଏଇ ତ ମୁଁ ଶେଷହୋଇଯିବି । ଯାହା ପାଇଛି, ଯାହା ପାଇନି, ସବୁ ଏକ ହୋଇଯିବ । ସୁନା ଆଉ ଧୂଳି ଏକ । ଅଳ୍ପ କେତେ ଦିନ ପାଇଁ ଆସି ମଣିଷ ମଣିଷକୁ କେତେ କଷ୍ଟ ଦେଉଛି ? ସୁଖ କିଏ ଦେଇପାରେ ? ଯନ୍ତ୍ରଣା ସୀମାହୀନ । ହଠାତ୍ ଯେପରି ମନେହେଲା– ମୁଁ ମୃତ୍ୟୁଶଯ୍ୟା ପାର୍ଶ୍ୱରେ ତାକୁ ଦେଖିପାରୁଛି । ଗାଡ଼ିରେ ଫେରୁଫେରୁ ସେଇ ଅଦ୍ଭୁତ ପରିବେଶରେ ମୁଁ କେବଳ ତା'ରି ଚିନ୍ତା କରିବାକୁ ଲାଗିଲି । ଭାବିଲି– ଖଣ୍ଡେ ଚିଠି ଲେଖିବି । ପାର୍ବତୀକୁ କ'ଣ ତା'ର ଠିକଣା ମାଗିବି ? କ'ଣ କହି ମାଗିବି ? ସେ କ'ଣ ଭାବିବ ? ତା'ର ଯାହା ଇଚ୍ଛା ତାହା ଭାବୁ । ଏ ପର୍ଯ୍ୟନ୍ତ ଯେଉଁସବୁ ଲଜ୍ଜା-ସଙ୍କୋଚ ଜାବୁଡ଼ି ଧରିଥିଲି, ଆଜି ମୃତ୍ୟୁର ମୁହାଁମୁହିଁ ହେବାରୁ ସେ ସବୁ ଅଳୀକ ବୋଧହେଲା । କେହି ନିନ୍ଦାକଲେ ବା ମନ୍ଦ ଭାବିଲେ ମଧ୍ୟ ମୁଁ ଦୁଃଖିତ ହେବିନାହିଁ । ତା'ପରଦିନ ଚିଠି ଲେଖିଲି, ''ଭଉଣୀ ପାର୍ବତୀ, ତୁମ ପାଖରେ ଅଧ୍ୟାପକ ଯୁକ୍ତିଲ୍ଲଙ୍କର

Digitized by srujanika@gmail.com

ଠିକଣା ଥିଲେ ଦିଅ ।'' ଠିକଣା ଆସିଲା, ତା' ସହିତ 'x'ଙ୍କର ଚିଠି ଆସିଲା । ସେ ଲେଖିଛନ୍ତି, ''ମିର୍ଚ୍ଚା ୟୁକ୍ଲିଡ୍ ଅତ୍ୟନ୍ତ ଭଦ୍ରଲୋକ– ଏବଂ ଭାରତରେ ହିଁ ତାଙ୍କ ଜୀବନର ମାର୍ଗ ଗଠିତ ହୋଇଛି । କଲିକତା ତାଙ୍କର ସ୍ୱପ୍ନ ଏବଂ ତାଙ୍କର ବିଦ୍ୟା ବିଶ୍ୱବିଖ୍ୟାତ ।'' ବିଦ୍ୟାର ଖ୍ୟାତି ଶୁଣି ମୋ ମନଟା ଖରାପହୋଇଗଲା । ଖାଲି ପାଣ୍ଡିତ୍ୟରେ ମୋର ଶ୍ରଦ୍ଧା ନାହିଁ । ଥାଉ ସେ ସବୁ କଥା; ଚିଠି ଖଣ୍ଡେ ଲେଖି ଦେଖେ ଉତ୍ତର ଆସୁଛି କି ନାହିଁ । ମୁଁ ଲେଖିଲି–

''ମିର୍ଚ୍ଚା ୟୁକ୍ଲିଡ୍, ତୁମେ 'x' ପାଖରୁ ମୋ କଥା ପଚାରି ବୁଝିଛ । ମୁଁ ଜାଣିବାକୁ ଚାହେଁ, ଚାଳିଶବର୍ଷ ପୂର୍ବେ ମୁଁ ଯାହାଙ୍କୁ ଚିହ୍ନିଥିଲି, ତୁମେ କ'ଣ ସେଇ ବ୍ୟକ୍ତି ? ଯଦି ତାହା ହୋଇଥାଏ, ତେବେ ଚିଠିର ଉତ୍ତର ଦେବ । ଇତି । ଅମୃତା ।''

ଚିଠିର ଉତ୍ତର ଆସିଲାନାହିଁ । ମୁଁ ଅପେକ୍ଷା କରୁଥାଏ । ସନ୍ଦେହ ହେଲା– ଠିକ୍‌ରୂପେ ପୋଷ୍ଟ ହୋଇଛି ନା ନାହିଁ ।

୧୯୭୧ ମସିହାରେ ପୁଣି ଆଉ ଥରେ ତା' ବହି କଥା ଶୁଣିଲି । ୟୁରୋପରୁ ସେତେବେଳେ ବାଂଲାଦେଶର ଯୁଦ୍ଧ ଦେଖିବାକୁ, ସମବେଦନା ଜଣାଇବାକୁ, ସାହାଯ୍ୟ କରିବାକୁ ଓ କୌତୂହଳ ମେଣ୍ଟାଇବାକୁ ବହୁତ ଲୋକ ଆସୁଥିଲେ । ଅନେକେ ଆମ ପ୍ରତିଷ୍ଠାନର କାମ ବୁଲିବୁଲି ଦେଖୁଥିଲେ । ଗୋଟିଏ ବଙ୍ଗାଳୀ ଦମ୍ପତି ବୁଲୁଛନ୍ତି । ସେମାନେ ୟୁରୋପରେ ରହନ୍ତି । ଝିଅଟିର ନାଁ ରୀନା । ସେ ହଠାତ୍ ମୋତେ ପଚାରିଦେଲା– ମୁଁ ଗୋଟିଏ ବହି ପଢ଼ିଛି, ସେଥିରେ ଆପଣଙ୍କ ନାଁ ଅଛି । ଆପଣ କ'ଣ ସେହି ମହିଳା ?'' ମୁଁ ତତ୍‌କ୍ଷଣାତ୍ ଚାରିଆଡ଼େ ଆଖି ବୁଲାଇନେଲି । ବଞ୍ଚିଗଲି, କେହି ନାହାନ୍ତି; କିନ୍ତୁ ରୀନାର ପ୍ରଶ୍ନର ଉତ୍ତର ଦେବା ଆବଶ୍ୟକ ମନେକଲିନାହିଁ । ସେ ମଧ୍ୟ ଆଉ କିଛି କହିଲାନାହିଁ ।

ପ୍ରଖର କର୍ମସ୍ରୋତରେ ନିମଜ୍ଜିତ ରହି ମୁଁ ନିଜର ବ୍ୟକ୍ତିଗତ କଥା ଭୁଲିଗଲି ।

୧୯୭୨ ମସିହା ଅଗଷ୍ଟ ମାସରେ ସେରଗେଇ ସେବାଷ୍ଟିଅନ୍ କଲିକତା ଆସିଥିଲା, ଏ କାହାଣୀ ଆରମ୍ଭରେ ମୁଁ ଯାହା କଥା କହିଛି । ସେପ୍ଟେମ୍ବର ପହିଲା ଦିନ ମୁଁ ଯେତେବେଳେ ତା' ସଙ୍ଗେ ଦେଖା କରିବାକୁ ଗଲି, ସେତେବେଳେ ମନରେ ଗୋଟିଏ ମାତ୍ର କୌତୂହଳ ଥିଲା । ଦେଖେ, ସେ ତା' ବିଷୟରେ କ'ଣ କହୁଛି । କିନ୍ତୁ ତା' ସହିତ କଥାବାର୍ତ୍ତା କରି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ମିର୍ଚ୍ଚା ସମ୍ପର୍କରେ ମୋର ଅନେକ ସଂଶୟ ରହିଛି; କିନ୍ତୁ ସେ ଯେ ଏତେ ବଡ଼ ମିଥ୍ୟାବାଦୀ, ସେଟା ମୁଁ ବୁଝିପାରିନଥିଲି ।

ମୁଁ କହିଲି– ''କି ଜଘନ୍ୟ ମିଥ୍ୟା– ଛି, ଛି, ତୁମ ବନ୍ଧୁ ଏତେ ନୀଚ ? ଆଉ ତୁମେ ତା'ର ଗୁଣଗାନ କରୁଛ ?''

ସେରଗେଇ କହିଲା, ''ମୁଁ ତାଙ୍କର ଶିଷ୍ୟ– ସେ ମୋର ଗୁରୁ । ମୁଁ ତାଙ୍କଠାରୁ ଅନେକ ଛୋଟ ।''

Digitized by srujanika@gmail.com

ମୁଁ କହିଲି, "ତୁମର ଗୁରୁ ତ ଭଲଲୋକ ! ନିଜେ ଅପରାଧ କରି ପଳାଇଗଲା । ମୋତେ କଳଙ୍କିତ କରି ମୋ ଉପରେ ପ୍ରତିଶୋଧ ନେଲା ।"

ସେରଗେଇ କହିଲା, "ତୁମେ ତ ଜାଣନା, ସେ କିଭଳି କଷ୍ଟ ପାଇଛନ୍ତି । ତୁମେ ଯଦି ତାଙ୍କ ଲେଖା ପଢ଼ିଥାଆନ୍ତ ତେବେ ତାଙ୍କର ଯନ୍ତ୍ରଣା ବୁଝିପାରନ୍ତ । କଳ୍ପନାରେ ମଧ୍ୟ ସେ ସେଇ ଯନ୍ତ୍ରଣାରୁ ମୁକ୍ତି ଖୋଜିଛନ୍ତି । ବହିଟା ଛୁଇଁଲେ ରକ୍ତ ଝରେ ।"

ମୁଁ କହିଲି, "ତୁମେ ତା' ପକ୍ଷ ନେଇ ଯେତେ ଯୁକ୍ତି କର, ତା'ର ଦୁଷ୍କୃତିର କ୍ଷମା ନାହିଁ । ଜୀବନରେ ସେ ମୋତେ କିଛି ଦେଇନାହିଁ, କେବଳ କଳଙ୍କ ଦେଇଛି । ଆଚ୍ଛା, ସେରଗେଇ କୁହ ତ – ବହିରେ କ'ଣ ନାଁଟା ଉଲ୍ଲେଖ କରିବା ଉଚିତ । ସେଟା କ'ଣ libel ହୋଇଯିବ ନାହିଁ ?" "ସେଟା ତ ଗଳ୍ପ– ଗଳପ ପାଇଁ କିଛି କାଳ୍ପନିକ କଥା ଲେଖିବାକୁ ହୁଏ । ଅବଶ୍ୟ ଏଟା ଠିକ୍ ଯେ ଭାରତ ଏବେ ମଧ୍ୟ ସେପରି ରହିଛି । ମୋର ନାଁ ଉଲ୍ଲେଖ କଲା କାହିଁକି– ମୋତେ ଖାଲି ଅପମାନିତ କରିବା ପାଇଁ ?"

ସେରଗେଇ ଦୁଃଖିତ ହେଲା । କହିଲା– "ତୁମେ ତାଙ୍କୁ ଭୁଲ୍ ବୁଝିଛି । ତୁମେ କ'ଣ ଭୁଲିଗଲ ଯେ ସେ ତୁମକୁ ଭଲପାଆନ୍ତି, ବର୍ତ୍ତମାନ ମଧ୍ୟ ସେ ତୁମକୁ ଭଲପାଆନ୍ତି । ସେ ତାଙ୍କର ଅଧିକାଂଶ ଲେଖାରେ, କେଉଁଠି ନା କେଉଁଠି ତୁମ ନାଁ ଉଲ୍ଲେଖ କରିଛନ୍ତି । ସେ ଯେ ଭାରତୀୟ ହୋଇଗଲେ, ତାହା କ'ଣ ତୁମପାଇଁ ନୁହେଁ ? ସେ କ'ଣ ତୁମ ନାଁର ମୋହ ତୁଟାଇପାରିଛନ୍ତି ?"

"ସେ ଯଦି ମୋତେ ଏତେ ଭଲପାଏ; ତେବେ ଚିଠିର ଉତ୍ତର ଦେଲାନାହିଁ କାହିଁକି ?"

ସେରଗେଇ ଚମକିପଡ଼ିଲା । "ଦେଇନାହାନ୍ତି ? ତୁମେ ଚିଠି ଲେଖିଛ– ଉତ୍ତର ପାଇନାହିଁ ? କେତେଟା ଚିଠି ଲେଖିଛ ?"

"ମୁଁ ତିନିଟା ଚିଠି ଲେଖିଛି । ପ୍ରତି କୋଡ଼ିଏ ବର୍ଷରେ ଥରେ ମୋର ଅସ୍ତିତ୍ୱ ସ୍ମରଣ କରାଇଦେଇଛି– ଉତ୍ତର ପାଇନାହିଁ ।"

"ସେ ଆତ୍ମପୀଡ଼ନ କରନ୍ତି । He works against his heart. ସେ ଯାହା ଇଚ୍ଛା କରନ୍ତି, ତା'ର ବିପରୀତ କାମ କରନ୍ତି– ଏଟା ତାଙ୍କର ସ୍ୱଭାବ । ନିଶ୍ଚୟ ତାଙ୍କର ଖୁବ୍ ଇଚ୍ଛା ଅଛି ତେଣୁ ସେ ଲେଖିନାହାନ୍ତି ।"

ମୁଁ ତୁନି ହୋଇ ରହିଲି । ତା' ଚରିତ୍ରର ଏ ଦିଗଟା ମୋର ମନେପଡ଼ିଲା । କିଏ ଜାଣେ ତା' ମନରେ କ'ଣ ଅଛି ? ରହସ୍ୟମୟ ମଣିଷ । ଯେ ତା' ଦେଶର ତିନିଟି ମଣିଷ ସହ ମୋତେ ପରିଚିତ କରାଇଦେଇଛି, ମୋର ଏ ମିଥ୍ୟା ପରିଚୟ ଦେଲା କାହିଁକି ? ତା' ଉପରେ ମୁଁ ରାଗିଯାଉଛି; ପୁଣି ମନେପଡୁଛି ତା'ର ଅସ୍ତିତ୍ୱ, ତା'ର ସ୍ମୃତି । ମୁଁ କହିଲି, "ସେରଗେଇ, ତା' ସହିତ ମୋର କ'ଣ ଆଉ ଦେଖା ହେବନାହିଁ ?"

Digitized by srujanika@gmail.com

''ହେବ ନାହିଁ କାହିଁକି ? ଏହି ପୃଥିବୀରେ ତୁମେ ଦୁହେଁ ତ ବଞ୍ଚିଛ । ଯେକୌଣସି ଦିନ ତୁମ ଦୁହିଁଙ୍କର ନିଶ୍ଚୟ ସାକ୍ଷାତ୍ ହେବ ।''

ମୁଁ ଭାବୁଛି– ହେ ଈଶ୍ୱର, ମୁଁ ଯେ ତାକୁ ଥରେହେଲେ ଦେଖିବାକୁ ଚାହେଁ ! କହିଲି, ''ଆଚ୍ଛା ସେରଗେଇ ! ମୁଁ ଯଦି ତା' ସହିତ ଦେଖା କରିବାକୁ ଯାଏ, ସେ ଦେଖା ଦେବ ତ ?''

''ନିଶ୍ଚୟ, ତୁମ ସହିତ ଦେଖା କରିବେ ନାହିଁ କାହିଁକି ? ତାଙ୍କ ମନ ତ ଏଇ ଦେଶ ଭିତରେ ହିଁ ବନ୍ଦୀ ହୋଇ ରହିଛି !''

ସେରଗେଇ ସହିତ କଥା କହୁ କହୁ ମୁଁ ବୁଝିପାରୁଛି– ସୂକ୍ଷ୍ମ ଶରୀର ମୋର ସ୍ଥୁଳଦେହରୁ ବାହାରିଯାଇଛି । ମୁଁ ଆଉ ଏଠାରେ ନାହିଁ । ମୁଁ ନିଜକୁ ପରିଷ୍କାର ଦ୍ୱିଧା- ବିଭକ୍ତ ଦେଖିପାରୁଛି ।

ମୁଁ ଘରକୁ ଫେରି ସେହି ଉତ୍ସବଦିନଟି କୌଣସି ପ୍ରକାରେ କଟାଇଦେଲି; କିନ୍ତୁ ପ୍ରତି ମୁହୂର୍ତ୍ତରେ ମୁଁ ବର୍ତ୍ତମାନରୁ ଅତୀତ ମଧ୍ୟକୁ ପ୍ରବେଶ କରୁଛି । ଏକସମୟରେ ଦୁଇ ଅବସ୍ଥାରେ ବଞ୍ଚିବାର ମାନସିକ ଯନ୍ତ୍ରଣାକୁ ଭାଷାରେ ରୂପ ଦେବାର ସାଧ୍ୟ ମୋର ନାହିଁ । ଏକ ଦିଗରେ ମୋର ବର୍ତ୍ତମାନ ଜୀବନ ତା'ର ପରିପୂର୍ଣ୍ଣ ଦାବି ନେଇ ଉପସ୍ଥିତ, ଅନ୍ୟ ଦିଗରେ ମୋର ଆଉ ଗୋଟିଏ ଅତୀତ ଛାୟାମୂର୍ତ୍ତି ଭଳି ମୋ ସତ୍ତା ପଛରେ ଠିଆହୋଇଛି ଓ ମୋର ପ୍ରତ୍ୟେକ ମୁହୂର୍ତ୍ତକୁ ସ୍ପର୍ଶ କରୁଛି । ମୋ ମନଟା ଗୋଟିଏ ତାରର ବାଦ୍ୟଯନ୍ତ୍ର ଭଳି ହୋଇଯାଇଛି– ଟିକିଏ ଛୁଇଁଦେଲେ ଝଣ୍ଝଣ୍ କରି ବାଜିଉଠୁଛି । କ୍ରମେ କ୍ରମେ ଏପରି ମନେହେଉଛି ଯେ ଅତୀତଟା ସାମନାକୁ ଚାଲିଆସୁଛି । ମୁଁ ନିଜକୁ ନେଇ କ'ଣ କରିବି ଭାବିପାରୁନାହିଁ । ଦିନେ ଦିନେ ଅବସ୍ଥା ଏପରି ହୁଏ ଯେ ମୁଁ ସମସ୍ତଙ୍କ ନିକଟରେ ଅପ୍ରସ୍ତୁତ ହୋଇଯାଏ ।

ଦିନ-ରାତି କିପରି ହେଉଛି, ତା' ବୁଝିପାରୁନାହିଁ । ରାତି ଭୟଙ୍କର– ଅତି ଭୟଙ୍କର, ଭୟଙ୍କର ଏହି ଅଗ୍ନିଦାହ; ଅଗ୍ନି ଜଳୁଛି । କ୍ରୋଧର ଅଗ୍ନି । ଗୋଟାଏ କିଛି ପ୍ରତିକାର କରିବାକୁ ପଡ଼ିବ । ଚୁପ୍ କରି ଅନ୍ୟାୟକୁ ସହିଯିବି ନାହିଁ । ମିର୍ଚ୍ଚା-ଦେଶରେ ମୋର ଜଣେ ବନ୍ଧୁ ଥାଆନ୍ତି । ତାଙ୍କୁ ମୁଁ ଲେଖିଛି–

''ସୁମିତା ! ତୁମେ ନିଶ୍ଚୟ ୟୁକ୍ଲିଡ୍‌ର ଲେଖା ପଢ଼ିଛ; କିନ୍ତୁ ମୋତେ କିଛି କହିଲନାହିଁ । ମୁଁ ସେରଗେଇ ପାଖରୁ ସବୁ ଶୁଣିଲି । ୟୁକ୍ଲିଡ୍ ମୋ ବାପାଙ୍କର ଛାତ୍ରରୂପେ ଆମ ଘରେ ରହୁଥିଲେ । ଆମେ ତାଙ୍କର ପ୍ରଭୂତ ଉପକାର କରିଥିଲୁ; ମାତ୍ର ବିନିମୟରେ ସେ ବିଶ୍ୱାସଘାତକତା କରିଛନ୍ତି । ତୁମେ ତାଙ୍କର ବହିର ପ୍ରତିବାଦ କରି ଲେଖିବ । ଭାରତୀୟ ନାରୀର ମର୍ଯ୍ୟାଦା ଯେପରି ନଷ୍ଟ ନହୁଏ, ସେଟା ଦେଖିବା ତୁମର କର୍ତ୍ତବ୍ୟ ।''

ଏ ଚିଠିଟା ମୁଁ ଲେଖିଛି; କିନ୍ତୁ ମୁଁ ଜାଣେ– ଅଭିଯୋଗଟା ବାହ୍ୟିକ । ମୋ ମନରେ ଯେଉଁ ପରିବର୍ତ୍ତନ ଚାଲିଛି, ତା'ର ରୂପ, ତା'ର ପ୍ରକୃତି ଅନ୍ୟପ୍ରକାର । ସୁମିତା ଲେଖିଲା–

Digitized by srujanika@gmail.com

"ମୁଁ ସେରଗେଇକୁ ଆପଣଙ୍କ ନିକଟରେ ବହିଟି କଥା ଉଲ୍ଲେଖ ନ କରିବା ପାଇଁ ବାରମ୍ବାର ଅନୁରୋଧ କରିଥିଲି । ସେ ଅତ୍ୟନ୍ତ fixed ideaର (ଅବୁଝା) ଲୋକ । ତାକୁ ଆଦୌ ବୁଝାଇପାରିଲି ନାହିଁ । ଏପରିକି ତାଙ୍କର ଆପଣଙ୍କ ସହ ଦେଖାହେବା ପରେ ମଧ୍ୟ ସେ ବୁଝିଲେ ନାହିଁ ଯେ ଏ ପ୍ରକାର ଆଲୋଚନା ଆପଣଙ୍କ ପାଇଁ ସୁଖକର ହେବନାହିଁ ।

"ଆପଣଙ୍କର ରାଜନୈତିକ ଓ ସାମାଜିକ କର୍ମଜଗତରେ ନାନାପ୍ରକାର ଚରିତ୍ର ଦେଖିବାର ଅଭ୍ୟାସ ଅଛି । ମହାନୁଭବତା ଦେଖାଇ କ୍ଷମା କରିବେ । ଆପଣ ଖୁବ୍ ବିଚଳିତ ଅବସ୍ଥାରେ ଚିଠିଟା ଲେଖିଛନ୍ତି, ତା' ମୁଁ ବୁଝିପାରୁଛି । ଏପରି ହେବା ସ୍ୱାଭାବିକ । ସେରଗେଇ ଯାହା କହନ୍ତୁ ନା କାହିଁକି, ମୁଁ ଏଠିକାର ଦୁଇ ଚାରି ଜଣ ସାହିତ୍ୟିକ ବନ୍ଧୁଙ୍କ ସହିତ ଆଲୋଚନା କରିଛି । ସେମାନେ ମୋ ସହିତ ଏକମତ ଯେ ଆପଣଙ୍କର identity disclose କରିବାଟା ଅସଙ୍ଗତ ହୋଇଛି । ଚାଳିଶି ବର୍ଷ ହୋଇଗଲାଣି । ସେ ବହି କଥା ଆଉ ପ୍ରାୟ କାହାରି ମନେନାହିଁ । ଆପଣଙ୍କ ପରିବାରର କେହି ହେଲେ ସେ ବହିର ବିଷୟବସ୍ତୁ ଜାଣିପାରିବେ ନାହିଁ ।"

ସୁମିତାର ଚିଠିଟା ହାତରେ ଧରି ମୁଁ ଭାବୁଛି– ଏ ଝିଅଟି ମୋତେ ସାନ୍ତ୍ୱନା ଦେଉଛି– କାରଣ ଏ ବହି ଜୀବନ୍ତ । ଚାଳିଶ ବର୍ଷ ପୂର୍ବେ ଲେଖା ହେଲେ ମଧ୍ୟ ଏବେ ବି ପ୍ରାଣବନ୍ତ । ସୁମିତା ଆହୁରି ମଧ୍ୟ ଲେଖିଛି– ଏ ବିଷୟରେ ନୂଆ କରି କିଛି ଲେଖିଲେ କାଦୁଅ ଚକଟିଲା ପରି ହେବ । କେଉଁଟା କାଦୁଅ ଏହା ଭିତରେ ? ସେହି ନିର୍ମଳ ବାଳିକା ହୃଦୟରେ କାଦୁଅ ନଥିଲା ଆଦୌ– ଯାହା କିଛି କାଦୁଅ ସେ କେବଳ ମିର୍ଚ୍ଚାର କାଳ୍ପନିକ ସୃଷ୍ଟି ।

ଦିନ ପରେ ଦିନ, ରାତି ପରେ ରାତି ମୁଁ ଭାବିଛି– କିପରି ଏ ଅସତ୍ୟର ଗ୍ଲାନିରୁ ମୋ ନାଁକୁ ମୁକ୍ତକରିବି । ସତ୍ୟର ଦାୟିତ୍ୱ ମୁଁ ନେବାକୁ ପ୍ରସ୍ତୁତ; କିନ୍ତୁ ମିଥ୍ୟାର ଦାୟିତ୍ୱ କାହିଁକି ନେବି ? ମୁଁ ମୋର ବନ୍ଧୁମାନଙ୍କ ସହିତ ପରାମର୍ଶ କରୁଛି । ସେମାନଙ୍କୁ ନ କହି ତ ଉପାୟ ନାହିଁ । ସେମାନେ ଚମତ୍କୃତ ହୋଇଯାଉଛନ୍ତି । ମୋ ଜୀବନରେ ଏ ଘଟଣା ଅପ୍ରତ୍ୟାଶିତ । ମୁଁ ସେମାନଙ୍କୁ କହିଲି– ଅଦୃଷ୍ଟର ପରିହାସ– ଏତେ ଦିନ ହେଲା ମୁଁ ଯେଉଁ ସଂସାର ଗଢ଼ିଛି, ମୋର ସ୍ୱାମୀ, ସନ୍ତାନ, ଆତ୍ମୀୟସ୍ୱଜନ ସମେତ ଯେଉଁମାନେ ମୋ ଜୀବନ ସହିତ ସଂପୃକ୍ତ ହୋଇଯାଇଛନ୍ତି, ସେମାନେ କୁଆଡ଼େ ଚାଲିଯିବେ । ମୋର ଏଇ ପ୍ରକୃତ ଜୀବନଟା ଛାୟା ହୋଇ ଉଭେଇଯିବ । ସମସ୍ତ ସାମାଜିକ ବନ୍ଧନ ଏପରିକି ରକ୍ତସମ୍ପର୍କ ମଧ୍ୟ ମୃତ୍ୟୁ ସଙ୍ଗେ ସଙ୍ଗେ ଶେଷହୋଇଯାଏ; ଶୂନ୍ୟରେ ମିଳାଇଯାଏ; କିନ୍ତୁ ସେ ଯେଉଁ ବନ୍ଧନ ସୃଷ୍ଟିକରିଛି, ତା ଅଚ୍ଛେଦ୍ୟ । କ'ଣ ହେବ ପାର୍ବତୀ, ଯେ ମୋର କେହି ନୁହେଁ, କିଛି ନୁହେଁ, ଦୀର୍ଘଜୀବନର ଯାତ୍ରାପଥରେ ଯେଉଁ ଆଗନ୍ତୁକ ସଙ୍ଗେ ଦେଖାହୋଇଥିଲା ଦୁଇ ଦଣ୍ଡ ପାଇଁ, ତାହାର ପରିଚୟ ହିଁ ସତ୍ୟ ହୋଇ ରହିବ ? ବନ୍ଧନ ! "ପର ପୁରୁଷେର ସତେ ବାଧା ପଡ଼େ ରବେ ନାମା ମୃତ୍ୟୁର ମିଲନେ ।"

Digitized by srujanika@gmail.com

ସମୟ କଟିଯାଉଛି । ମୁଁ ଜାଣେନା ଏ ବିପଦରେ କାହା ପାଖରୁ ସାହାଯ୍ୟ ମାଗିବି ? ଆଉ ସେହି ଦୁର୍ଭେଦ୍ୟ ଲୋକଟି ତୁନି ହୋଇ କଚ୍ଛପ ପରି କଠିନ ଆବରଣ ମଧ୍ୟରେ ହାତଗୋଡ଼ ସଙ୍କୁଚିତ କରି ଚିରଦିନ ବସିରହିଛି । କିପରି ଯେ ଚାଳିଶ ବର୍ଷ ପରେ ଯୋଗାଯୋଗ ହେଲା, ତାହା କହିପାରିବି ନାହିଁ । ମୋର ଜଣେ ନିକଟ-ଆତ୍ମୀୟ ତାଙ୍କ ଦେଶକୁ ଗଲା । ଖରବଟା ଶୁଣି ମୁଁ ଡରିଗଲି । ଭୟଟା ଅକାରଣ ନୁହେଁ । ସେଠାକୁ ଯାଇ ସେ ଶୁଣିଛି ଏବଂ ଖୁବ୍ ରାଗିଯାଇଛି "କୌଣସି ଭଦ୍ରଲୋକ ଏଭଳି କାମ କରେ ନାହିଁ । କେଉଁ ଜନ୍ମରେ କ'ଣ ଟିକିଏ ଘଟିଥିଲା, ତାକୁ ନେଇ ପୁଣି ଏପରି ବହି ଲେଖା ।"

ମୁଁ ଶୁଣିଛି ଓ ବୁଝିଛି, ଏ ବହି ମୃତ ନୁହେଁ– ଚାଳିଶବର୍ଷ ଧରି ଜୀବିତ । ଏହି ଦୀର୍ଘାୟୁ ଗ୍ରନ୍ଥ କ୍ରମେ ଆହୁରି ଅଧିକ ବଳବୀର୍ଯ୍ୟ ଲାଭକରିବ, ଯେତେବେଳେ ପୃଥିବୀ ଆହୁରି ଛୋଟ ହୋଇଯିବ । ହାୟ, ହାୟ, ମୁଁ ତ କେବେଠୁଁ ଶୁଣିଆସିଛି, କାହିଁକି ଥରେ ହେଲେ ତ ଦେଖିଲି ନାହିଁ କ'ଣ ଅଛି ସେ ବହିରେ ? ନିଜର ନାମ, ଖ୍ୟାତି ଓ ଅଖ୍ୟାତି ବିଷୟରେ ମୁଁ ଯଥେଷ୍ଟ ସଜାଗ । କେହି ଯଦି ମୋତେ କହେ ଯେ ଅମୁକ କାଗଜରେ ଆପଣମାନଙ୍କ ବା ଆପଣଙ୍କ ସମ୍ପର୍କରେ ଏହି ଖବର ବାହାରିଛି ବା ଅମୁକ ମିଟିଂରେ ଆପଣ ଉପସ୍ଥିତ ଥିବା ଫଟୋ ଦେଖିଲି, ତା' ହେଲେ ସଙ୍ଗେ ସଙ୍ଗେ ମୁଁ ସେ କାଗଜ ମଗାଇ ଦେଖେ– ନ ଦେଖିବା ପର୍ଯ୍ୟନ୍ତ ମୁଁ ସ୍ଥିର ହୁଏନାହିଁ । ଯଦି କେହି କିଛି ମନ୍ଦ ଲେଖିଥାଏ ତା'ହେଲେ ତ ମୁଁ ରାଗି ଅସ୍ଥିର ହୋଇଯାଏ, ପ୍ରତିବାଦ ଲେଖିବା ପାଇଁ ଲୋକ ଯୋଗାଡ଼କରେ । ସେଇ ମୁଁ ବାରମ୍ବାର ଏ ବହି କଥା ଶୁଣିଆସିଛି, ଥରେ ହେଲେ ଜାଣିବାକୁ ଇଚ୍ଛା କରିନାହିଁ– କ'ଣ ଅଛି ସେ ବହିରେ ? ବାପାଙ୍କ ଜୀବିତାବସ୍ଥାରେ ଏ କଥା ଜାଣିଥିଲେ ଅବା ପ୍ରତିକାର କରିଥାଆନ୍ତି !

ବାପା ଜାଣିଥିଲେ; କିନ୍ତୁ କିଛି କଲେ ନାହିଁ । ତାଙ୍କର ସେଇ ଗୋଟିଏ କଥା–ବହି ଲେଖିଛି, ଭଲକଥା । ବହୁଦିନ ପରେ ମୁଁ ବାପାଙ୍କୁ ଭଲପାଇପାରିଛି – ୧୯୩୦ ମସିହାରେ ଯେପରି ଭଲପାଉଥିଲି । ମନେ ମନେ ତାଙ୍କୁ ଡାକି କହୁଛି, "ଦେଖ ବାପା, ତୁମ ଶିଷ୍ୟର କାଣ୍ଡ ଦେଖ । ଯେ ଏକଲବ୍ୟ ପରି ଦୂରରୁ ତୁମକୁ ଗୁରୁ ବୋଲି ମାନି ସାଧନା କରିଗଲା, ସେ ମୋର କି ଅବସ୍ଥା କରିଛି ଦେଖ । ସେତେବେଳେ ତୁମେ ଚାହିଁଥିଲ ମୋତେ ତା' ହାତରୁ ବଞ୍ଚାଇବା ପାଇଁ – ପାରିଲ କି ?"

ସେରଗେଇ କହିଲା, "ଜୀବନରେ ସେ ଆପଣଙ୍କୁ କିଛି ଦେଇପାରିନାହାନ୍ତି ବୋଲି ସାହିତ୍ୟ ମାଧ୍ୟମରେ ସେ ତାଙ୍କର ଅବିନାଶୀ ପ୍ରେମକୁ ଅମର କରିବାକୁ ଚାହିଁଛନ୍ତି ।"

ହାୟ ଭଗବାନ ! ମିଥ୍ୟା କ'ଣ କେବେ ଅମର ହୁଏ ? ମିଥ୍ୟାଦ୍ୱାରା କ'ଣ ଅମରତ୍ୱ ସୃଷ୍ଟି ହୁଏ ? ମୁଁ ଭାବୁଛି– ସେଇ ବ୍ୟକ୍ତିଟି ଯାହାର ସ୍ମୃତିକୁ ମୁଁ ମନର ଗଭୀର ଗୋପନ ଗନ୍ତାଘରେ ସାଇତି ରଖିଥିଲି, ଯାହାର ନାମ କେହି କେବେହେଲେ ମୋ ମୁହଁରୁ ଶୁଣିନାହିଁ, ସେଇ ମୋତେ ସବୁ ଲୋକଙ୍କ ଆଗରେ ଉଲଗ୍ନ କରିଛି ଏବଂ ଯଦିବା ମୋ ଚିଠିର ଉତ୍ତର

Digitized by srujanika@gmail.com

ଦେବାକୁ ତା'ର ସାହସ ନାହିଁ, ତଥାପି ଗତ ଚାଳିଶ ବର୍ଷ ଧରି ମୋର ମାଂସ ବିକ୍ରିକରି ଟଙ୍କା ଅର୍ଜନ କରିଛି । ଏହାର ନାଁ ପାଶ୍ଚାତ୍ୟ ଦେଶ ! କିନ୍ତୁ ମୁଁ କିପରି ତୁମ୍ଭମାନଙ୍କୁ ବୁଝାଇବି ଯେ ମନର ଗୋଟିଏ ସ୍ତରରେ ଅଛି ଚିନ୍ତା ଓ ଭୟ । ଏହାକୁ ନେଇ ମୋର ପ୍ରକାଶ୍ୟ ମନ ହଳଚଲ ହୁଏ । ପୁଣି ଅନ୍ୟ ଏକ ଗହ୍ୱର ଭିତରେ ଯେଉଁ ସୁପ୍ତ ମନ ଅଛି; ତାହା ସଂପୂର୍ଣ୍ଣ ଭିନ୍ନ ।

ଦିନ ପରେ ଦିନ ବିତିଯାଉଛି । ରାତି ପରେ ରାତି ମୁଁ ବିନିଦ୍ର । ମୋର ଏତେ ଦିନର ସଂସ୍କାର ସମ୍ଭ୍ରମ-ବୋଧ ଯେପରି ପୋଡ଼ିଯିବାକୁ ଆରମ୍ଭକରିଛି । ଗୋଟିଏ ଭୟର ଶିଖା ମଧ୍ୟ ଅନ୍ତଃସ୍ଥଳରୁ ଉଠି ଚତୁର୍ଦ୍ଦିଗ ଦଗ୍ଧ କରୁକରୁ ଉଜ୍ଜ୍ୱଳ ହୋଇଉଠିଛି । ମୁଁ ଟିକେଟିକେ କରି ମହମବତି ପରି ତରଳିଯାଉଛି । ମୋର ସମସ୍ତ ଦେହ ତଥା ମନ ଉପରେ ଆଲୋକ ବିଚ୍ଛୁରିତ ହେଉଛି । ବିନ୍ଦୁ ବିନ୍ଦୁ ହୋଇ ତରଳିଯାଉଛି, ପୋଡ଼ିଯାଉଛି, ଧ୍ୱଂସ ହୋଇଚାଲିଛି ମୋର ଅହଂ, ମୋର ଦର୍ପ, ସାଧନାର ଗର୍ବ, ମୋର ସମ୍ମାନସ୍ପୃହା— ଏତେ ଦିନ ଯାହା କିଛି ମୂଲ୍ୟବାନ୍ ଭାବିଛି, ସେ ସବୁ ସେହି ଅଗ୍ନିଶିଖାରେ ଜଳୁଛି । ଏଇ ଅନିର୍ବଚନୀୟ ଅବସ୍ଥା କେବଳ ଗୀତଦ୍ୱାରା ହିଁ ପ୍ରକାଶ କରାଯାଏ— "ସକଳ ଅହଙ୍କାର ହେ ଡୁବାଅ ଚୋଖେର ଜଲେ ।" ମୁଁ ବୁଝିପାରୁଛି— ଯୁଗଯୁଗାନ୍ତର ସଂସ୍କାରରେ ଗଢ଼ା ମୋର ଏହି ଅହଂଟା ଗୋଟିଏ ମହମବତି ଭଳି ଶକ୍ତ, ସରଳ ଓ ଅନମନୀୟ । ଆଜି ଭୟର ସେହି ତୀବ୍ର ଶିଖାଟା ତାକୁ ଟିକେଟିକେ କରି ତରଳାଇପକାଉଛି । କିନ୍ତୁ ସେଟା କ'ଣ ଭୟର ଶିଖା ? ମୋର ଅଖ୍ୟାତି ହେବ, ତା'ରି ଭୟ ? ମୁଁ କ'ଣ ଲୋକନିନ୍ଦା ଭୟରେ କାତର ! ମୁଁ ମଧ୍ୟରାତ୍ରର ଉର୍ଦ୍ଧ୍ୱ ଆକାଶକୁ ଚାହିଁ ଠିଆହୋଇରହିଛି । ମୁଁ ବୁଝିପାରୁଛି— ତା' ନୁହେଁ, ତା ନୁହେଁ । ପ୍ରେମ; ଅବିନାଶୀ ପ୍ରେମ ଓ ତାହାର ଜ୍ୟୋତିର୍ମୟ ଶିଖା ମୋର ଭୟକୁ ତରଳାଇ ନିଶ୍ଚିହ୍ନ କରିଦେଲା । ମାସ ପରେ ମାସ ମୁଁ ଜଳିବାକୁ ଲାଗିଲି । ସବୁ କିଛି ମୋର ପୋଡ଼ିଯାଉଛି, ଏପରିକି ବୟସ ମଧ୍ୟ । ମୁଁ ଯେପରି ୧୯୩୦ ମସିହାକୁ ଫେରିଯାଇଛି । ସେହିପରି ପ୍ରତ୍ୟକ୍ଷ, ସେହିପରି ସତ୍ୟ ହୋଇଉଠିଛି ମୋର ଅନୁଭୂତି । ପ୍ରେମର ଆଲୋକ ମୋର ଗଭୀର ଅନ୍ତରକୁ ପ୍ରବେଶ କରୁଛି । ତା'ର ପ୍ରତି ଅନ୍ଧକାରାଚ୍ଛନ୍ନ ଗଳିରେ, ପ୍ରତି କୋଣରେ ଆଲୋକ ଜଳିଉଠୁଛି । ତା' ସଙ୍ଗେ ସଙ୍ଗେ ଭୟ, ଗର୍ବ ଓ ସଂସ୍କାରର ଅନ୍ଧାର ଦୂର ହୋଇଯାଇଛି । ଯାହା କିଛି ମୁଁ ଛଳନା କରିଛି, ନିଜକୁ ବଡ଼ କରିବାର ଚେଷ୍ଟା କରିଛି, ଯାହା କିଛି ନେଇ ମୋର ଅହଂକାର, ସବୁକିଛି ଅଦୃଶ୍ୟ ହୋଇଯାଉଛି, କ୍ଷୟ ହୋଇଯାଉଛି । ମୁଁ ସତ୍ୟର ପୂର୍ଣ୍ଣମୂର୍ତ୍ତି ଦେଖିବାକୁ ପାଉଛି । ମୋ ଜୀବନ ଏକ ନୂତନ ରୂପରେ ରୂପାୟିତ ହେଉଛି । ମୋର ମନେପଡୁଛି— ତା'ର ଅର୍ଦ୍ଧବିସ୍ମୃତ ମୁଖ, ତା'ର କଥା; ତା'ର ଅନେକ ଦୁର୍ବୋଧ ବ୍ୟବହାର, ତା'ର ରାଗ, ଈର୍ଷା, ସର୍ବୋପରି ତା'ର ପ୍ରେମ । କ୍ରମେ କ୍ରମେ ମୁଁ ଯେପରି ଅନ୍ୟ ଏକ ସ୍ତରକୁ ଚାଲିଗଲି, ଏ ଏକ ଅନ୍ୟ ଅସ୍ତିତ୍ୱ, ଯେଉଁଠାରେ ଏ ଜଗତର ଭଲମନ୍ଦ, ସତ୍ୟ-ମିଥ୍ୟା, କଳ୍ପନା ଓ

Digitized by srujanika@gmail.com

ଘଟଣା– ଏହି ବହିର୍ଜଗତର ସବୁ କିଛି ଏକ ହୋଇଯାଏ । ମୋର ମନ କହୁଛି– ଏ ସବୁରେ କ'ଣ ଯାଏଆସେ ? ନିନ୍ଦା, ପ୍ରଶଂସା ସବୁ ସମାନ । ତା'ଠାରୁ ଅଧିକ ସତ କ'ଣ ଅଛି ? ମୁଁ ଭାବୁଛି– ସେ ଏମିତି କରି ଆମର ମୃତ୍ୟୁହୀନ ପ୍ରେମକୁ ବିଫଳ କରିଦେଲା । ତାକୁ ଚାଲିଯିବାକୁ ପଡ଼ିଲା– କ୍ଷତି କ'ଣ ? ଦୈନିକ ପ୍ରାପ୍ତି କ'ଣ ଏକମାତ୍ର ପ୍ରାପ୍ତି ? ଯଦି ଦଶବର୍ଷରେ ଥରେ ହେଲେ ଖଣ୍ଡେ ଚିଠି ଦିଆନିଆ ହୋଇପାରନ୍ତା, ତାହେଲେ ଯଥେଷ୍ଟ ହୁଅନ୍ତା । ସେଇ ଖଣ୍ଡିଏ ଚିଠିଦ୍ୱାରା ହିଁ ପାରିହୋଇଯାଇଥାନ୍ତୁ ଆମ ଭିତରେ ଥିବା ମହାଦେଶର ବ୍ୟବଧାନ, ବିଚ୍ଛେଦର ଆଟ୍‌ଲାଣ୍ଟିକ ମହାସାଗର । ସେଇ ଗୋଟିଏ ଚିଠିଦ୍ୱାରା ହିଁ ମୁଁ ଅର୍ଦ୍ଧନାରୀଶ୍ୱର ହୋଇପାରିଥାଆନ୍ତି ! ଆମ ଦୁହିଁଙ୍କର ଯୁଗ୍ମସତ୍ତା ଗୋଟିଏ ମିଳିତ ବୃତ୍ତରେ ଲାଭକରିଥାଆନ୍ତା ସଂପୂର୍ଣ୍ଣତା । କିନ୍ତୁ ସେମାନେ କ'ଣ ଏ ସବୁ ବୁଝନ୍ତି ? ନାହିଁ, ବୁଝନ୍ତିନାହିଁ । ସେମାନଙ୍କ ଦେଶରେ ପ୍ରେମକୁ ପୂର୍ଣ୍ଣ କରିବା ପାଇଁ ଗୋଟିଏ ବିଛଣାରେ ଶୋଇବା ଦରକାର । ମନଶ୍ଚକ୍ଷୁରେ ମୁଁ ଦେଖୁଛି ମିର୍ଜାକୁ । ସେ କହୁଛି– ''ତୁମ ଶରୀରକୁ ନୁହେଁ ଅମୃତା– ତୁମ ଶରୀର ଭିତରେ ଥିବା ତୁମର ଆତ୍ମାକୁହିଁ ମୁଁ ପାଇବାକୁ ଚାହୁଁଛି ।''

ଏ କଥା ସତ ଯେ ଦେହର ସ୍ଥାୟିତ୍ୱ ନାହିଁ – ଆତ୍ମା ଅମର– 'ନ ହନ୍ୟତେ ହନ୍ୟମାନେ ଶରୀରେ ।' କାହିଁ ସେ ଦେହ ମୋର ? ସେଇ ଯୌବନ-ନିକୁଞ୍ଜ ଶୁଖିଯାଇଛି । ଜୀର୍ଣ୍ଣ ବୃଦ୍ଧ ଏ ମସ୍ତକରେ ବରଫପାତ ହେଉଛି ! ମୁହଁରେ ବଳିରେଖା– ଅଥଚ ମୁଁ ତ ଏଇ ଜୀବନର ପରମ ଅନୁଭୂତିକୁ ସେହିପରି ଅକ୍ଷୟ ଦେଖିପାରୁଛି । ଏହାକୁ କେହି ଧ୍ୱଂସ କରିପାରିବ ନାହିଁ; ମୋର ପିତା ନୁହେଁ, ସେ ନିଜେ ବି ନୁହେଁ; କାଳ ପାରିବ ନାହିଁ, ପାରିବ ନାହିଁ ମୋର ଅହଂକାର, ମୋ ଜୀବନର ସମୃଦ୍ଧ ଅଭିଜ୍ଞତା ମଧ୍ୟ ପାରିବ ନାହିଁ । ମୋର, ଅମରତ୍ୱର ଅନୁଭୂତି ହେଉଛି–

''ଯ ଏନଂ ବେତ୍ତିହନ୍ତାରଂ ଯଶ୍ଚୈନଂ ମନ୍ୟତେ ହତ୍‌ମ
ଉଭୌ ତୌ ନ ବିଜାନୀତେ ନାୟଂହନ୍ତି ନ ହନ୍ୟତେ ।''

''ଯିଏ ଏହାକୁ ହତ୍ୟାକାରୀ ବୋଲି ମନେକରେ ଏବଂ ଯିଏ ଏହାକୁ ନିହତ ହେଲା ବୋଲି ମନେକରେ, ଏ ଉଭୟେ ଜାଣନ୍ତି ନାହିଁ ଯେ, ଏହି ଆତ୍ମା ମାରେ ନାହିଁ କି ମରେ ନାହିଁ ।'' ଯେଉଁ କଥା କେବେହେଲେ କୌଣସି ଶାସ୍ତ୍ର ପଢ଼ି ମୁଁ ବୁଝିପାରିନାହିଁ, ସେ କଥା ଖୁବ୍ ସ୍ପଷ୍ଟ ହୋଇଉଠୁଛି । ମରେ ନାହିଁ, ମରେ ନାହିଁ, ପ୍ରେମ ମରେ ନାହିଁ । ଭବାନୀପୁର ଘରର ଦୁଆର ପାଖରେ ତା'ର ଦୁଇ ହାତଦ୍ୱାରା ବିଧୃତ ମୋର ଆତ୍ମା ଏବେ ବି ସ୍ଥିର ଅଛି । ଏଇ ତ ଅସୀମ ସୀମା ମଧ୍ୟରେ ତରଙ୍ଗିତ, ଏଇ ତ ମୁଁ ଦୂରରେ ଏବଂ ନିକଟରେ; ଏଠାରେ ଅଥଚ ଏଠାରେ ନାହିଁ ।

ମୁଁ ଅବିଶ୍ୱାସୀ, ମୁଁ ନାସ୍ତିକ । କୌଣସି କୁସଂସ୍କାରରେ ମୋର ଆସ୍ଥାନାହିଁ । କିନ୍ତୁ ମୋ ଦେହ-ମନରେ ଯାହା ଘଟୁଛି, ତାହା ମୋର ଅବିଶ୍ୱାସର ମୂଳଦୂଆକୁ ଦୋହଲାଇଦେଉଛି ।

Digitized by srujanika@gmail.com

ମୋତେ କେହିହେଲେ କହିଦିଅନ୍ତୁ–ମୁଁ କ'ଣ ? ମୋର ସେହି ଷୋଳବର୍ଷସତ୍ତାର ଦେହହୀନ ଅସ୍ତିତ୍ୱ କେଉଁଠି ଥିଲା ଏତେ ଦିନ ?

ମୁଁ ସୁମିତାକୁ ଲେଖିଲି– ତୁମମାନଙ୍କୁ ଆଉ ପ୍ରତିବାଦ କରିବାକୁ ହେବନାହିଁ । ମୋ ପାଖରେ ବର୍ତ୍ତମାନ ଏ ସବୁ ଛୋଟଛୋଟ ସତ-ମିଛ ସମାନ ହୋଇଯାଇଛି । ମୁଁ ଆଉ କିଛି ଚାହେଁନା, କେବଳ ତାକୁ ଥରେ ଦେଖିବାକୁ ଚାହେଁ । ଦିନେ ମୁଁ ସାବଧାନତା ସହକାରେ ଲେଖିଥିଲି; କିନ୍ତୁ ବର୍ତ୍ତମାନ ଜଣାଯାଉଛି ଏହି ପ୍ରେମ ପରମ ସତ୍ୟ । ଏହାର ସମ୍ମୁଖରେ ମୋର ଆଜିର ବାସ୍ତବ ଜୀବନ ଛାୟା ହୋଇଯାଇଛି । ତାର ଯାହା ମନ, ସେ ତାହା ଲେଖୁ; ସମ୍ମାନଜନକ ହେଉ ବା ନିନ୍ଦନୀୟ ହେଉ, ଜୀବନରେ ସେ ଏଇ ଟିକକ ମାତ୍ର ସ୍ୱୀକୃତି ଦେଇଛି ମୋତେ । ସେ ଯେଉଁ ଅପବାଦ ଦେଇଛି– ତାହା ମୁଁ ମୁଣ୍ଡ ପାତି ସହିନେଉଛି ।

ମୋର ସେ ଅହେତୁକ ଭୟଟା କଟିଯାଇଛି– କିନ୍ତୁ ମୁଁ ଅବସାଦ ଭୋଗୁଛି । ମୋର ସମସ୍ତ ଜୀବନଟା ମୋ ହାତରୁ ଖସି ପଡ଼ିଗଲା ପରି ମନେହେଉଛି । ମୁଁ ଯେପରି ଶୂନ୍ୟ ହସ୍ତରେ ବସିରହିଛି । ମୁଁ ସେରଗେଇକୁ ଲେଖିଲି– ମୋର ମନେହେଉଛି, ସମୟର ସମୁଦ୍ରତଟରେ ଏମ୍ବାରକେଶନ କାର୍ଡ଼ ହାତରେ ଧରି ମୁଁ ବସିଛି– କିନ୍ତୁ ଜାହାଜ ଆସୁନାହିଁ । କେତେ ଦିନ ଅପେକ୍ଷା କରିବି ? ତାକୁ ନ ଦେଖି ଯେ ମୁଁ ମରିପାରିବିନାହିଁ ।

ସୁମିତାର ଚିଠି ପାଇଲି । ସେ ଲେଖିଛି–

''ଆପଣଙ୍କ ଚିଠି ପାଇ କିଛି ଦିନ ମୁଁ ଏପରି ଅଭିଭୂତ ହୋଇପଡ଼ିଲି ଯେ, କ'ଣ ଲେଖିବି ଭାବିପାରିଲି ନାହିଁ । ସେରଗେଇ ସହ କଥାବାର୍ତ୍ତା ହେଲା । ସେଦିନ କହିଲି, "Truth is stranger than fiction" । ଲେଖକ ଯେତେବେଳେ ସେହି ଉପନ୍ୟାସଟି ଲେଖିଥିଲେ, ସେତେବେଳେ ସେ କ'ଣ ଜାଣିଥିଲେ ଯେ ଭବିଷ୍ୟତର ସତ୍ୟ ବର୍ତ୍ତମାନର କଳ୍ପନାକୁ ଅତିକ୍ରମ କରିଯିବ ? ସେ ବହିଟି ବିରୁଦ୍ଧରେ ଯେତେ ଅଭିଯୋଗ ଥିଲା ମୁଁ ତାହା ଉଠାଇନେଉଛି । ପ୍ରକୃତରେ କହିବାକୁ ଗଲେ ଉପନ୍ୟାସର ଶେଷାଂଶଟି ଟ୍ରାଜିକ୍ । କିନ୍ତୁ ଆଜିର ଟ୍ରାଜେଡ଼ି ତା' ଠାରୁ ମଧ୍ୟ ବେଶି । ମଣିଷ-ଜୀବନକୁ ଯେଉଁ ଶିଳ୍ପୀ ଗଢ଼ିଛନ୍ତି, ତାଙ୍କ ହାତ ଆମଠାରୁ ଅଧିକ ନିଖୁଣ ।'' ସୁମିତା ଆହୁରି ଲେଖିଛି, 'ଅନଧିକାର-ଚର୍ଚ୍ଚାକୁ ଯଦି କ୍ଷମାକରନ୍ତି, ତେବେ ଗୋଟିଏ କଥା କହିବି– ଆପଣ ଲେଖିଛନ୍ତି, ଏଇ ଅନୁଭୂତି ଏତେ ପ୍ରବଳ ଯେ ରବୀନ୍ଦ୍ରନାଥ ମଧ୍ୟ ଭାସିଯାଉଛନ୍ତି; କିନ୍ତୁ ଆପଣଙ୍କ ଅନ୍ତର ମଧ୍ୟରେ ଯିଏ ଅବସ୍ଥାନ କରି ସତ୍ୟକୁ ସ୍ୱୀକାର କରିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି, ସେ କ'ଣ ରବୀନ୍ଦ୍ରନାଥ ନୁହନ୍ତି ?''

ବିନିଦ୍ର ରାତିରେ ମୁଁ ସେରଗେଇ ସହିତ ମନେ ମନେ କଥା କୁହେ । ସେରଗେଇ, ତୁମେ ଆକସ୍ମିକ ଭାବରେ ଆବିର୍ଭୂତ ହୋଇ ମୋ ଜୀବନଟାକୁ ଓଲଟପାଲଟ କରିଦେଲ ! ଯେଉଁ ଝରର ମୁହଁ ଚାଳିଶ ବର୍ଷ ହେଲା ଢାଙ୍କୁଣୀଦ୍ୱାରା ବନ୍ଦ ଥିଲା ଓ ମୁଁ ଶାନ୍ତି ଓ ସୁଖରେ

Digitized by srujanika@gmail.com

ଥିଲି, ଆଜି ତା'ର ମୁହଁ ଖୋଲିଗଲା । ବର୍ତ୍ତମାନ ରକ୍ତରକ୍ଷଣ ବନ୍ଦ ହେଉନାହିଁ– ରକ୍ତରେ ତିନ୍ତିଯାଉଛି ମୋ ଶେଯ, ତକିଆ; ମୋ ବିନିଦ୍ର ରାତିର ଆକାଶ ମଧ୍ୟ ରକ୍ତରେ ଲାଲ...

ଅନାଇ ଦେଖିଲି–ମୋ ସ୍ୱାମୀ ବିଛଣାରେ ବସି ଅଶ୍ରୁସଜଳ ନେତ୍ରରେ ମୋ ଆଡ଼କୁ ଚାହିଁରହିଛନ୍ତି । ମୋତେ କହିଲେ, ''ତୁମର କ'ଣ ହୋଇଛି ମୋତେ କହିବ ନାହିଁ ।'' ହଁ, ମୁଁ ନିଶ୍ଚୟ ତାଙ୍କୁ କହିବି । ଅନେକ ଦିନରୁ ମୋ ବନ୍ଧୁମାନେ କହୁଛନ୍ତି ମୋ ସ୍ୱାମୀଙ୍କୁ କହିଦେବାକୁ । ମୋ ବନ୍ଧୁମାନେ ସମସ୍ତେ ମୋ ସ୍ୱାମୀଙ୍କୁ ଶ୍ରଦ୍ଧା କରନ୍ତି, ଭଲପାଆନ୍ତି । ସେମାନେ ବରାବର କହିଆସୁଛନ୍ତି ଯେ ସେ ଖୁବ୍ ସହାନୁଭୂତିର ସହ ଚେଷ୍ଟା କରିବେ ମୋ ସନ୍ତାପ ଦୂରକରିବାକୁ; କିନ୍ତୁ ମୁଁ ଇତସ୍ତତଃ ହେଉଛି । ମୁଁ ଭାବୁଛି– କାହିଁକି ମୋ ସ୍ୱାମୀଙ୍କୁ ଅଯଥା କଷ୍ଟ ଦେବି ? ମୋ ସ୍ୱାମୀଙ୍କୁ କ'ଣ କଷ୍ଟ ହେବ ନାହିଁ ? ଆମର ଅଠତିରିଶ ବର୍ଷର ବିବାହିତ ଜୀବନରେ ଯାହାର ଅସ୍ତିତ୍ୱ ଏହାଙ୍କୁ ଗୋଟିଏ ମୁହୂର୍ତ୍ତ ପାଇଁ ସ୍ପର୍ଶ କରିନି, ଯାହାର ନାଁଟା ପର୍ଯ୍ୟନ୍ତ ଏହାଙ୍କୁ ଜଣାନାହିଁ, ଅଦେଖା ଅଜଣା ସେହି ବ୍ୟକ୍ତି କ'ଣ ହଠାତ୍ କୌଣସି ଗୁହାରୁ ବାହାରିଆସିବ ? ଅଥବା ବୋତଲ ମୁହଁଟି ଫିଟିଯିବା ମାତ୍ରେ ଏକ ବିରାଟ ଧୂଆଁର କୁଣ୍ଡଳୀ ଆକାଶଚୁମ୍ବୀ ଦୈତ୍ୟ ହୋଇଯିବ ? ଏ ସଂସାର ସହିତ ଯାହାର କୌଣସି ସଂପର୍କ ନାହିଁ, ଯାହାର କୌଣସି ଚିହ୍ନ ବି ମୋର ଚାରିଆଡ଼େ କେହି ଦେଖିନାହିଁ, ଚେୟାଳିଶ ବର୍ଷ ହେଲା ମୁଁ ଯାହାକୁ ଆଖିରେ ଦେଖିନାହିଁ, ବାଲ୍ୟକାଳର ଏକ ସ୍ମୃତି ଛଡ଼ା ସେ ବା ଆଉ କ'ଣ ହୋଇପାରେ ? ସେଇ ସ୍ମୃତି କ'ଣ ଆଜି ବାସ୍ତବ ହୋଇ ମୋ ସ୍ୱାମୀଙ୍କର ସଂସାରକୁ ଟଳମଳ କରିଦେଉଛି ? ଏଟା କ'ଣ ସେ ସହିପାରିବେ ? ଏଇ ସବୁ କଥା ବିଚାରକରି ମୁଁ ତାଙ୍କୁ କିଛି କହିନାହିଁ– କୌଣସି ଜିନିଷ ଗୋପନ ରଖିବା ଉଦ୍ଦେଶ୍ୟ ନଥିଲା । କୌଣସି କଥା ଗୋପନ ରଖିବା ଭଳି ମୋର ମନର ଅବସ୍ଥା ମଧ୍ୟ ନଥିଲା । ବାସ୍ତବ ସଂସାର ମୋ ନିକଟରେ ମରୀଚିକା ପରି ହୋଇଯାଇଛି । ମୁଁ ମୋ ସ୍ୱାମୀଙ୍କୁ କହିଲି, ''ମୁଁ ତୁମକୁ କହିବାକୁ ଚାହେଁ; କିନ୍ତୁ ତୁମକୁ କଷ୍ଟ ହେବ ।'' ''ତୁମକୁ କଷ୍ଟ ପାଇବା ଦେଖି ମୋତେ ଆହୁରି ବେଶି କଷ୍ଟ ହେଉଛି ।'' ତତ୍ପରେ ମୁଁ ମୋ ସ୍ୱାମୀଙ୍କୁ ସବୁକିଛି ଖୋଲି କହିଲି–ସେ ସ୍ତମ୍ଭିତ ହୋଇଗଲେ । ''ଏଇ ଅଠତିରିଶ ବର୍ଷ କାଳ ଆମେ ପରସ୍ପର ପାଖାପାଖି ରହିଛୁ– ମୁଁ ତ କିଛି ଜାଣିପାରିଲି ନାହିଁ । ମୋତେ ତୁମେ କାହିଁକି କିଛି କହିଲ ନାହିଁ ? ଏତେ କଷ୍ଟ ପାଇବାର ତ କିଛି ଦରକାର ନ ଥିଲା ।''

ମୋର ଛାତି ଫାଟିଗଲା ପରି ମନେହେଉଛି । ଏପରି ପରୀକ୍ଷା ମଧ୍ୟରେ କିଏ କ'ଣ ପଡ଼ିଛି ? ଏଇ ମୋ ପାଇଁ ଏତେ କରିଛନ୍ତି, ମୋତେ ଏତେ ଭଲପାଆନ୍ତି, ମୋର ସୁଖ ହିଁ ତାଙ୍କର ସୁଖ । ଆଉ ଆଜି ଏ ବୃଦ୍ଧ ବୟସରେ ମୁଁ ତାଙ୍କ ମୁଣ୍ଡ ଉପରେ ବଜ୍ରପାତ କରିବାକୁ ଉଦ୍ୟତ । ଯେ ସବୁକିଛି ଦେଇଛି, ସେ କ'ଣ ଦେଖିବ ସେ ନିଜେ କିଛି ପାଇନାହିଁ– ନା,

Digitized by srujanika@gmail.com

ନା, ତା ନୁହେଁ । କଦାପି ନୁହେଁ । ମୁଁ କାନ୍ଦୁଛି, ''ବିଶ୍ୱାସ କର, ମୁଁ ତୁମକୁ ଆଦୌ ଠକାଇନାହିଁ ।''

''ସେ ପ୍ରଶ୍ନ ଉଠିପାରେନା । ତୁମର ସେ କଥା କହିବା କ'ଣ ଦରକାର ? ମୋତେ ତୁମେ ବଞ୍ଚିତ କରିନାହଁ । ମୁହୂର୍ତ୍ତକ ପାଇଁ ମୋର ମନେହୋଇନାହିଁ ଯେ ଏହାଠାରୁ ବେଶି କିଛି ଘଟିପାରେ ।''

ସେ ବର୍ତ୍ତମାନ ଅନେକ କଥା କହୁଛନ୍ତି, ''ମୁଁ ଯାହା ପାଇଛି, ତାହା ଅତୁଳନୀୟ, ଅତୁଳନୀୟ । ମୋର କୌଣସି କ୍ଷୋଭ ନାହିଁ, କେବଳ ଗୋଟିଏ ଦୁଃଖ ଯେ ତୁମେ ଏତେ କଷ୍ଟ ପାଇଲ । ଆଉ ସେହି ଭଦ୍ରଲୋକ, ତାଙ୍କ ପାଇଁ ମୋତେ ବେଶି ଦୁଃଖ ଲାଗୁଛି ।''

''ତା କଥା ଛାଡ଼ । ସେ ପ୍ରବଞ୍ଚକ । ତାକୁ ଉଚିତ ଶାସ୍ତି ଦିଆଯାଇଥିଲା ।''

''ଛିଃ, ସେଉଳି ଭାବିଲେ ତୁମେ କ'ଣ ଶାନ୍ତି ପାଇବ ? ଯାହା ବି ହେଉ, ତୁମେ ତ ତୁମ ବାପାମା'ଙ୍କ ପାଖରେ ଥିଲ । ଆଉ ସେ ଅଳ୍ପ ବୟସର ବିଦେଶୀ ପିଲାଟା । କେଇଟା ଘଣ୍ଟା ଭିତରେ ତୁମ ବାପା ତଡ଼ିଦେଲେ । ବିଚରା ବଣଜଙ୍ଗଲରେ ବୁଲିବାକୁ ଲାଗିଲା । କି କଷ୍ଟ ! ପ୍ରକୃତରେ ତୁମ ବାପାଙ୍କୁ ଆଦୌ କ୍ଷମା କରାଯିବା ଉଚିତ ନୁହେଁ ।''

ମୋ ସ୍ୱାମୀ ମୋତେ ସାନ୍ତ୍ୱନା ଦେବାରେ ଲାଗିଲେ । ମୁଁ ଆଶ୍ଚର୍ଯ୍ୟ ହୋଇ ଦେଖୁଛି– ସେ କୌଣସି କ୍ଷୟକ୍ଷତି ଅନୁଭବ କରୁନାହାନ୍ତି ।

ତାଙ୍କର କୌଣସି କ୍ଷୟକ୍ଷତି ହୋଇଛି କି ?

''ବିଶ୍ୱାସ କର, ମୁଁ ଆଜି ପର୍ଯ୍ୟନ୍ତ କୌଣସି କଷ୍ଟ ପାଇନି– କଷ୍ଟ ପାଇଥିଲେ ତୁମେ ନିଶ୍ଚୟ ଜାଣିପାରିଥାଆନ୍ତ । ଏବେ ତ ପୁଣି ଜାଣିପାରିଲ ।''

''ତା ଠିକ୍ । କଷ୍ଟ ତୁମେ ପାଇନା, ମୁଁ ତ ତୁମକୁ କେବେହେଲେ କଷ୍ଟ ପାଇବାର ଦେଖିନାହିଁ ।''

''ଯଦି ମୁଁ କଷ୍ଟ ପାଇଥାଆନ୍ତି, ତାହେଲେ ତୁମେ କ'ଣ ସୁଖୀ ହୋଇପାରିଥାଆନ୍ତ ?''

''ତା ତ ନିଶ୍ଚୟ । ତେବେ ଏଇ ଅର୍ଦ୍ଧଶତାବ୍ଦୀ ପରେ ବି ତୁମକୁ ତା' ପାଇଁ କଷ୍ଟ ହେଉଛି– କି ଆଶ୍ଚର୍ଯ୍ୟ !''

''ପ୍ରକୃତରେ ଏଟା ଠିକ୍ । ମୁଁ ନିଜେ ମଧ କମ୍ ଆଶ୍ଚର୍ଯ୍ୟ ହୋଇନାହିଁ । ବେଳେବେଳେ ମୋର ମନେହେଉଛି, ମୋ ମୁଣ୍ଡ ଖରାପ ହୋଇଯାଇନି ତ ? ଏମିତି କ'ଣ କେବେ ହବାର କଥା ? ମୋର ଖୁବ୍ ଅନ୍ୟାୟ ହୋଇଛି, ନା ? କୁହ, କୁହ ମୋତେ ।'' ଅନେକ ଦିନ ପରେ ସ୍ୱାମୀଙ୍କ ସଙ୍ଗେ ଖୋଲାଖୋଲି ଭାବେ କଥାବାର୍ତ୍ତା କଲି । ମୋ ମନ ହାଲୁକା ହୋଇଗଲା । ମୋର କ୍ରନ୍ଦନ ମୋତେ ମୁକ୍ତି ଦେଲା ।

Digitized by srujanika@gmail.com

''କ'ଣ କହିବି ତୁମକୁ; ନ୍ୟାୟ କି ଅନ୍ୟାୟ ? ଏପରି ଘଟଣା କ'ଣ ମୁଁ ଜୀବନରେ ଦେଖିଛି; ନା ଶୁଣିଛି, ନା ଜାଣିଛି ? ମୁଁ ବା ଏହାର ବିଚାର କରିବା ପାଇଁ କିଏ ? ମୋର କେବଳ ଏତିକି ଦୁଃଖ ଯେ ତୁମର କଷ୍ଟ ମୋତେ ଦେଖିବାକୁ ହେଉଛି । କିନ୍ତୁ ବିଶ୍ୱାସ କର, ମୋ ମନ କହୁଛି, ତୁମର ଭଲ ହେବ । ମୁଁ ବରାବର ଦେଖିଆସୁଛି, ତୁମ ଜୀବନ ଭିତରେ ଏକ ଉଦ୍ଦେଶ୍ୟ କାର୍ଯ୍ୟ କରୁଛି ।''

ମୁଁ ସ୍ୱାମୀଙ୍କୁ ସବୁ କଥା କହିଲି– ଶାନ୍ତି ପାଇଁ । କାରଣ ତାଙ୍କଠାରୁ ବଡ଼ ବନ୍ଧୁ ମୋର ବା ଆଉ କିଏ ଅଛି ? ତାଙ୍କ ଛଡ଼ା ଆଉ କିଏ ବା ମୋର ସବୁ ଅପରାଧ କ୍ଷମା କରିବ ? କିଏ ବା ଦୁଃଖରେ ସାନ୍ତ୍ୱନା ଦେବ ?

ବହୁଦିନ ପରେ ମୁଁ କବିତା ଲେଖୁଛି । କେବେହେଲେ ମିର୍ଚ୍ଚା ବିଷୟରେ କବିତା ଲେଖିନାହିଁ । ପ୍ରଥମେ ପ୍ରଥମେ ଯାହା ଲେଖିଥିଲି ତାହା ଚିରିଦେଇଛି । ବର୍ତ୍ତମାନ ଲେଖିବି– ତାକୁ ସ୍ୱୀକୃତି ଦେବି । ସ୍ୱୀକୃତି ଦେଇନାହିଁ ବୋଲି ଏଇ ଦୁର୍ଭୋଗ– ଏହା ବ୍ୟତୀତ ଅନ୍ୟ କିଛି ନୁହେଁ । ଯାହାର ଯାହା ପ୍ରାପ୍ୟ, ତାକୁ ତାହା ଦେଇଦେବା ଉଚିତ ।

ସେରଗେଇର ଗୋଟିଏ ଚିଠି ପାଇଲି । ମନେହେଲା ଯେପରି ମୁଁ ମିର୍ଚ୍ଚାର ଖବର ପାଇଲି । ସେ ଲେଖିଛି–

''ପ୍ରିୟ ଅମୃତା ଦେବୀ !

ଆପଣ ମୋ ଉପରେ ଯେଉଁ ବିଶ୍ୱାସ ସ୍ଥାପନ କରିଛନ୍ତି, ସେଥିରେ ମୁଁ ଏପରି ଅଭିଭୂତ ହୋଇଯାଇଛି ଯେ ତାହା ପ୍ରକାଶ କରିବାର ସାଧ ମୋର ନାହିଁ । ମୁଁ କେବଳ ଭାବୁଛି– ମୁଁ ଏ ବିଶ୍ୱାସର ଉପଯୁକ୍ତ ପାତ୍ର କି ନୁହେଁ । ମୁଁ ଭାଗ୍ୟର ଖେଳ ଦେଖୁଛି । ଯାହା ଘଟିଯାଇଛି, ଆଉ ଆମ ସାକ୍ଷାତ ପରେ ଯାହା ଘଟିଲା, ତା' ଭାବି ମୁଁ ଆଶ୍ଚର୍ଯ୍ୟ ହୋଇଯାଇଛି । ଆପଣଙ୍କ ସହିତ ସାକ୍ଷାତ ଘଟଣାଟି ଭାରତରେ ମୋର ମହତ୍ତମ ଅଭିଜ୍ଞତା । ବାଳକ ଥିବା ସମୟରେ ମୁଁ ଦୁଇଟି ବହି ପଢ଼ିଥିଲି– 'ଅମୃତା' ଓ 'ସାଧନା' । ଏ ଦୁଇଟି ବହିଦ୍ୱାରା ମୁଁ ଗଭୀରଭାବେ ପ୍ରଭାବିତ ହୋଇଥିଲି ଏବଂ ଭାରତୀୟ ଜଗତ୍ ମୋତେ ସମଗ୍ର ଜୀବନ ପାଇଁ ମୁଗ୍ଧ କରିଥିଲା । ମୁଁ ଆପଣମାନଙ୍କ ସଂସ୍କୃତି ସହ ପରିଚିତ ହେଲି । ସେ ବିଷୟରେ ପଢ଼ିବାକୁ ଲାଗିଲି । ମୋର ଅବଶିଷ୍ଟ ଜୀବନଟା ଭଲ ବା ମନ୍ଦ, ଯାହା ହେଉ ନା କାହିଁକି ତାହା ଭାରତୀୟ ସଂସ୍କୃତିଦ୍ୱାରା ପ୍ରଭାବିତ । ପରିଶେଷରେ ମୁଁ ନିମନ୍ତ୍ରିତ ହୋଇ ଆପଣଙ୍କ ଦେଶକୁ ଗଲି । ସେଠାରେ ଆପଣଙ୍କ ସଙ୍ଗେ ମୋର ଦେଖା ହେବାର ସୌଭାଗ୍ୟ ହେଲା । ଆପଣଙ୍କ ଗଭୀର ବେଦନା ଦେଖି ବୁଝିଲି–ଆମେ କଣ; ଆତ୍ମା କ'ଣ । ମୁଁ ସ୍ୱୀକାର କରୁଛି, ଯଦିଓ ଆପଣଙ୍କ ଚିଠି ପାଇ ମୁଁ ଅତ୍ୟନ୍ତ

Digitized by srujanika@gmail.com

ବିଚଳିତ ବୋଧକରୁଛି, ତଥାପି ଆପଣଙ୍କୁ ଦେଖିବା ମାତ୍ରେ ମୁଁ ବୁଝିନେଲି ଆପଣଙ୍କ ଅନ୍ତରର ଅବସ୍ଥାଟା କ'ଣ ।

"ମୁଁ ବୁଝିସାରିଥିଲି ଏବଂ ଆପଣଙ୍କୁ ମଧ୍ୟ କହିଥିଲି ଯେ ସମୟ ଓ ବିସ୍ମୃତି କେବଳ ଆମ ଚେତନା ଉପର ଆଚ୍ଛାଦନକୁ ହିଁ ସ୍ପର୍ଶ କରେ; କିନ୍ତୁ ଆମର ଯଥାର୍ଥ ସ୍ମୃତି ହେଉଛି ଏକ ପରମ ସଦ୍‌ବସ୍ତୁ (Absolute) । ସେଥିପାଇଁ ଅବଶ୍ୟ ଆମେ ଏକପ୍ରକାର ଅମର । ମୋର ଏଥିରେ ଚିରକାଳ ଦୃଢ଼ ବିଶ୍ୱାସ; କିନ୍ତୁ ମଣିଷ ହିସାବରେ ଆମର ପ୍ରତ୍ୟେକ ଜ୍ଞେୟ ବିଷୟରେ ପ୍ରତ୍ୟକ୍ଷ ପ୍ରମାଣ ଦରକାର ହୁଏ । ଆପଣ ମୋତେ ଅମରତ୍ୱର ଅଲଂଘ୍ୟ ଓ ବିପୁଳ ପ୍ରମାଣ ଦେଇଛନ୍ତି । ପ୍ରମାଣ ପାଇଲି ଯେ ଆମର ଚୈତନ୍ୟ ବାହ୍ୟିକଭାବେ କାଳଦ୍ୱାରା ଆକ୍ରାନ୍ତ ହୁଏ । ଇଚ୍ଛାକଲେ ଆମେ କାଳର ପ୍ରଭାବ ଅତିକ୍ରମ କରି କାଳଜୟୀ ହୋଇପାରୁ । ବିସ୍ମୃତି ହିଁ ମୃତ୍ୟୁ । ଏହି ବିସ୍ମୃତିକୁ ଦୂରେଇଦେଲେ ଅମରତ୍ୱ ଲାଭ ହୋଇପାରେ– ଆମେ ଅମର ହୋଇପାରୁ ।

"ଆପଣଙ୍କ କଷ୍ଟ ଯେତେ ପ୍ରବଳ ହେଉ ନା କାହିଁକି, ଆପଣଙ୍କୁ ବୁଝିବାକୁ ହେବ ଯେ ଏ ସଂସାରରେ ସବୁ କର୍ତ୍ତବ୍ୟ ସୁସମ୍ପନ୍ନ କରି ଆପଣ ବର୍ତ୍ତମାନ ଈଶ୍ୱରଙ୍କ କରୁଣା ମଧ୍ୟରେ ବାସ କରୁଛନ୍ତି । ଏ ଅବସ୍ଥା ସୁଖ-ଦୁଃଖର ଅତୀତ । କେବଳ ପ୍ରେମ ହିଁ କାଳ ଓ ବିସ୍ମୃତିକୁ ଜୟକରିପାରେ । ମନୁଷ୍ୟ ଧ୍ୱଂସ ହୁଏ, କାଳ ନିକଟରେ ପରାଜିତ ହୁଏ, ଯେତେବେଳେ ତା'ର ପ୍ରେମର କାଳଜୟୀ ଶକ୍ତି ନଷ୍ଟ ହୋଇଯାଏ । ଆପଣଙ୍କ ଚିଠି ପାଇବାଠାରୁ ବଳି ଅଧିକ ଆନନ୍ଦ ନାହିଁ । ମୁଁ ସର୍ବଦା ବିଶ୍ୱସ୍ତ ବନ୍ଧୁ ହୋଇ ରହିବି ।"

ସେରଗେଇର ଚିଠିଟା ମୋତେ ଭାବୁକ କରିଛି । ସତ୍ୟ କ'ଣ । ଅମରତ୍ୱ ବା କ'ଣ ? ଅମରତ୍ୱର ଆସ୍ୱାଦ ମୁଁ ପାଉଛି; କାରଣ ଯିଏ ମରିଥିଲା, ତା'ର ସଞ୍ଜୀବିତ ରୂପ ମୁଁ ମନଦ୍ୱାରା ସ୍ପର୍ଶ କରୁଛି । ବର୍ତ୍ତମାନ ଏଇ ଲୋକଟି ଯାହାର ନାମ ଅମଳ, ଯେ କି ଥାକେ କାଗଜ ନେଇ ଘର ଭିତରେ ପଶିଲା– ଏହା କ'ଣ ଆମେ ଦୁହେଁ ଲାଇବ୍ରେରି ଘରେ ଯେଉଁ କ୍ୟାଟଲଗ୍ ତିଆରି କରୁଥିଲୁ ତା' ଅପେକ୍ଷା ବେଶି ସତ୍ୟ ? ବର୍ତ୍ତମାନ କ'ଣ ଅତୀତଠାରୁ ଅଧିକ ସତ୍ୟ ? ସେ କ'ଣ କେଉଁଠିକି ଚାଲିଯାଇଛି ନା ଏହିଠାରେ ସ୍ତବ୍ଧ ହୋଇ ରହିଛି । ମନର ଘୋଡ଼ଣୀଟା ଖୋଲିଯାଇଛି– ଗୋଟିଏ ଗୋଟିଏ ଛାୟାମୂର୍ତ୍ତି ଉଠିଆସି ସେମାନଙ୍କ ଅସ୍ତିତ୍ୱକୁ ବାସ୍ତବ ରୂପ ଦେଉଛନ୍ତି । ବେଳେବେଳେ ଭୟ ହୁଏ, ମୋର ଆବେଗ, ମୋର ଏହି ଦାହକାରୀ ପ୍ରେମ ଏକ ଉଷ୍ଣପ୍ରସ୍ରବଣ ପରି ପୃଥିବୀର ଅଜ୍ଞାତ ଗହ୍ୱରରୁ ଉଠି ମୋର ଚତୁର୍ଦ୍ଦିଗରେ ସଯତ୍ନରକ୍ଷିତ ଉଦ୍ୟାନ ଉପରେ ବିଛାଡ଼ିପଡୁଛି । ମୁଁ ଡରିଡରି ରହିଛି– ହେ ଈଶ୍ୱର ! ଏହାର ଫୁଲପତ୍ର ଶୁଖିଯିବନି ତ ?

Digitized by srujanika@gmail.com

ବେଳେବେଳେ ଉଣେଇଶଶହ ତିରିଶ ମସିହା ଏବଂ ଉଣେଇଶଶହ ବାସ୍ତରି ମସିହା ଏପରି ଭାବରେ ମିଶିଯାଉଛି ଯେ ମୋତେ ବିପଦରେ ପଡ଼ିବାକୁ ହେଉଛି । ଅନୁଭୂତିର ଏହି ପ୍ରତ୍ୟକ୍ଷତାକୁ ଭାଷା ଦେବାକୁ ମୁଁ ଅକ୍ଷମ; କାରଣ ଏହି ଧରଣର ଅଭିଜ୍ଞତା ପାଇଁ ହୁଏତ ଭାଷା ତିଆରି ହୋଇନାହିଁ । ଏପରି ତ ସବୁବେଳେ ଘଟେ ନାହିଁ, ବର୍ଷେ ପୂର୍ବେ ମଧ୍ୟ ମୋତେ କେହି କହିଥିଲେ ମୋର ବିଶ୍ୱାସ ହୋଇନଥାନ୍ତା । ତଥାପି ମୁଁ କହିବାକୁ ଚେଷ୍ଟା କରୁଛି, ଯଦି କୌଣସି ଦିନ ଏହି ଜୀବନୋପନ୍ୟାସ ପ୍ରକାଶିତ ହୁଏ, ତାହେଲେ ହୁଏତ ମନୋବିଜ୍ଞାନୀମାନେ ଏହାର କାରଣ, ଉତ୍ପତ୍ତି ସବୁ କିଛି ନିର୍ଣ୍ଣୟ କରିପାରିବେ ।

ଗଭୀର ରାତି । ମୁଁ ଶୁଣିଲି–ଢଂ ଢଂ କରି ଦୁଇଟା ବାଜିଲା ଘଡ଼ିରେ । ମୁଁ ଦେଖିପାରୁଛି– ଶାନ୍ତି ମୋ ପାଖରେ ଶୋଇଛି, ତଳେ ପିଆନୋ ବାଜୁଛି, ବାଜିଚାଲିଛି । ବିଛଣାରେ ମୁଁ ସ୍ଥିର ହୋଇ ରହିପାରୁନାହିଁ । ମୁଁ କହିଲି–

"ଆରେ ଶାନ୍ତି, ନିଦ ତ ଆସୁନାହିଁ ?"

"ମୋର ମଧ୍ୟ ନୁହେଁ– ଯୁକ୍ତିଦା ପିଆନୋ ବଜାଇଚାଲିଛି ।"

"ଦେଖ୍ ତ କି ଅନ୍ୟାୟ;" ମୁଁ ବିଛଣାରେ ଉଠିବସିଛି– "ଯାଏ, ତାକୁ ମନା କରେ ।"

ଶାନ୍ତି କହୁଛି– "ନା, ନା, ବର୍ତ୍ତମାନ ନୁହେଁ– କାଲି ମନାକରିବ ।"

ମୁଁ ଖଟରୁ ଓହ୍ଲାଇପଡ଼ିଛି । ଏକ ଅବ୍ୟକ୍ତ ଆକର୍ଷଣ ମୋତେ ତା ଆଡ଼କୁ ଟାଣୁଛି– ବାଦ୍ୟଟା ଯେପରି ଏକ ମନ୍ତ୍ର, ମୋର ସତ୍ତା ମନ୍ତ୍ରାବିଷ୍ଟ ହୋଇଯାଇଛି । ବର୍ତ୍ତମାନ ମୁଁ ଥରେ ତା' ପାଖକୁ ଯିବି; ନଯାଇ ଉପାୟ ନାହିଁ । ସେ ଡାକୁଛି, ମୋତେ ଡାକୁଛି, ମୁଁ କବାଟ ପାଖକୁ ଆଗେଇଯାଉଛି । ଶାନ୍ତି ମଧ୍ୟ ଉଠିଯାଇଛି–"କଣ କରୁଛୁ, ରୁ ?"

"ବାଜାଟା ବନ୍ଦକରିବାକୁ କହିଆସେ ।"

"ପାଗଳ ହୋଇଛୁ, ରୁ ! ଦେଖ, ଘଡ଼ିରେ ଦୁଇଟା ବାଜିଛି, ଏତେ ରାତିରେ କ'ଣ ଯାଆନ୍ତି ?"

"ଯଦି ରାତି ଆଠଟାରେ ଯାଇହୁଏ, ତାହେଲେ ଦୁଇଟାବେଳେ ଗଲେ କ'ଣ ବା ହୋଇଯିବ ?"

"ତା ହୁଏ ନାହିଁ । ପୁରୁଷଲୋକର ଘରକୁ ରାତିରେ କେବେହେଲେ ଯାଆନ୍ତି ନାହିଁ ।"

"ତୁମେ ଯେ ଯାଅ ?"

"ମୁଁ କୁଆଡ଼େ ଯାଏ ? ବାଃ, ଭଲ ଝିଅ ତ !"

"ସମସ୍ତଙ୍କ ଘରକୁ ଯାଅ– କାକାଙ୍କ ଘରକୁ, ବାପାଙ୍କ ଘରକୁ..."

"ରାତି ଦୁଇଟା ବେଳେ ? କେବେ ନୁହେଁ । ତା ଛଡ଼ା ଆମେ ତ ଆତ୍ମୀୟ ।"

Digitized by srujanika@gmail.com

ମୁଁ ରାଗିଯାଉଛି । ମୁଁ ତା ହାତଟା ଫୋପାଡ଼ିଦେଇ ଦୁଆର ଆଡ଼କୁ ଆଗେଇଚାଲିଛି । ମୁଁ ନିଶ୍ଚୟ ଯିବି । ତା' ଘରର କବାଟ ପାଖରେ ଠିଆହୋଇ କହିଆସିବି– ବର୍ତ୍ତମାନ ବଜାଅ ନାହିଁ । ସେଥିରେ କ'ଣ ଦୋଷ ହେବ ? ଶାନ୍ତିର ଆସ୍ପର୍ଦ୍ଧା ବଢ଼ିଯାଇଛି । ମୋତେ ଯିବାକୁ ଦେବ ନାହିଁ–

''ତୁମର ଭାରି ମୁହଁ ବଢ଼ିଛି । ନିଜକୁ କ'ଣ ମନେକର ?''

ଶାନ୍ତିର ମଧ କ୍ରୋଧ ହେଉଛି–''କ'ଣ ମନେକରିଛି ନିଜକୁ – ଦେଖିବ କ'ଣ ମନେକରିଛି ? ଡାକିବି ମାଙ୍କୁ ?''

ସାପ କାନରେ ମନ୍ତ୍ର ପଡ଼ିଗଲା, ମୁଁ ତକିଆରେ ମୁହଁ ପୋତି କାନ୍ଦୁଛି– ''ଶାନ୍ତି, ଆମ ଦୁହିଁଙ୍କ ଭିତରର କଥା ତୁ ତ ଜାଣୁ – ଏଥିରେ ପାପ ହେଉନି ତ ?''

ଶାନ୍ତି ଗାଲରେ ହାତ ରଖି ଭାବୁଛି, ''ନିଶ୍ଚୟ ହେଉଛି ।''

''କାହାର ହେଉଛି– ତା'ର ନା ମୋର ?''

ଶାନ୍ତି ଚିନ୍ତାନ୍ୱିତ, ''ମୋର ତ ମନେହୁଏ, ଦୁଇଜଣଙ୍କର ହେଉଛି ।''

''କେବେ ନୁହେଁ, କୌଣସିମତେ ନୁହେଁ । ମୋର କାହିଁକି ପାପ ହେବ ? ମୁଁ ତ ତାକୁ କେତେ ମନାକରେ ।''

''ତା ହେଲେ ତା ଘରକୁ ଆଉ ଯାଅନାହିଁ ।''

ମୋ ମୁହଁର ଅବସ୍ଥା ଦେଖି ଶାନ୍ତି ତରଳିଗଲା– ''ପାପ ଚିନ୍ତା କରୁଛ କାହିଁକି ? ତୁମର ଯାହା ଇଚ୍ଛା ତାହା କର, ସକାଳଓଳି ଯିବ । ମୁଁ କଦାପି କାହାକୁ କିଛି କହିବି ନାହିଁ ।''

ଏଇଟା ତ ୧୯୭୩ ମସିହାର ଜାନୁୟାରୀ ମାସ । ଘଡ଼ିରେ ଦୁଇଟା ବାଜିଲା– ଟଂ ଟଂ । ମୁଁ ବିଛଣା ଉପରେ ବସିଲି । ମୋର ମନେହେଲା, ଶୀଘ୍ର ଶୀଘ୍ର ତଳକୁ ଓହ୍ଲାଇଯାଏ– ନଚେତ୍ ଶାନ୍ତି ମୋତେ ଅଟକାଇବ । ମୁଁ ଖଟରୁ ଓହ୍ଲାଇବାକୁ ଯାଉଛି, କିଏ ଜଣେ କହିଲା ''କୁଆଡ଼େ ଯାଉଛ ?''

''ତଳକୁ ।''

''ତଳକୁ କୁଆଡ଼େ ଯିବ ? ରାତି ଦୁଇଟା ବର୍ତ୍ତମାନ ।''

''ଦୁଇଟା କ'ଣ, ଆଠଟା ବା କ'ଣ ?'' –ପଛରୁ କେହି ମୋତେ ଧରିପକାଇଲା । ମୁଁ ହାତ ଛଡ଼େଇନେବାକୁ ଯାଉଛି, ବୁଝିପାରିଲି ମୋ ସ୍ୱାମୀ ମୋତେ ଧରିଛନ୍ତି । ମୁଁ ଥରୁଛି, ଭୟରେ ଥରୁଛି, ଏ କି ବିପଦ ହେଲା ମୋର ! ମୁଁ ସମୟଜ୍ଞାନଶୂନ୍ୟ ହୋଇଗଲି । ମୁଁ ମୋ ସ୍ୱାମୀଙ୍କ କଣ୍ଠ ବେଷ୍ଟନ କରି କାନ୍ଦିବାକୁ ଲାଗିଲି, ''ମୋତେ ବଞ୍ଚାଅ, ମୋତେ ବଞ୍ଚାଅ । ତୁମ ଛଡ଼ା ମୋତେ ଆଉ କିଏ ବଞ୍ଚାଇପାରିବ ?'' ମୋର ମହାପାପ ହେଉଛି– ''ତୁମକୁ କଷ୍ଟ ଦେଉଛି ।'' ସେ ମୋ ମୁଣ୍ଡରେ ହାତ ବୁଲେଇ ସାନ୍ତ୍ୱନା ଦେଉଛନ୍ତି– ''ମୋତେ କୌଣସି

Digitized by srujanika@gmail.com

କଷ୍ଟ ହେଉନାହିଁ । କେବଳ ଏତିକି ଦୁଃଖ ଯେ ମୋ ହାତରେ ତୁମକୁ ଶାନ୍ତି ଦେବାପାଇଁ ବର୍ତ୍ତମାନ କୌଣସି ଉପାୟ ନାହିଁ । ତେବେ ଯେତେ ଟିକେ ଅଛି, ତାହା ମୁଁ କରିବି । ତୁମେ ନିଶ୍ଚୟ ଯିବ, ଥରେ ଯାଇ ତାଙ୍କୁ ଦେଖିଆସିବ ।''

''ଯଦି ସମସ୍ତେ ଜାଣିବେ, ତେବେ କ'ଣ ହେବ ?''

''କିପରି ଜାଣିବେ ? କାହିଁକି ଜାଣିବେ ?''

''ମୁଁ ନିଜେ ହୁଏତ କହିପକାଇବି । ମୋର କିଛି ମନେରହୁନାହିଁ । କିଏ ମୋତେ ଡାକୁଛି ? କୁହ ତ । ସେ କ'ଣ ଜଣେ ଆଗନ୍ତୁକ ? ଆଜିକୁ ବୟାଳିଶ ବର୍ଷ ହେଲା ଯାହାକୁ ମୁଁ ଦେଖିନାହିଁ, ସେ ଜଣେ Stranger (ଅପରିଚିତ ବ୍ୟକ୍ତି) ଛଡ଼ା ଆଉ କ'ଣ ହୋଇପାରେ ?''

ମିର୍ଚ୍ଚା ନିମିତ୍ତମାତ୍ର । ଅନ୍ୟ କେହି ମୋର ସମଗ୍ର ମନଟାକୁ ବଦଳାଇଦେଉଛି । ଅଗ୍ନି ଯେପରି ଜଳକୁ ବାଷ୍ପ କରିଦିଏ, ମୁଁ ସେହିପରି ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନ ଅନୁଭବ କରୁଛି । ସେ କହୁଛି– ସତ୍ୟକୁ ଦେଖ, ସତ୍ୟକୁ ଦେଖ । ମୁଁ ଜାଣେ ଯେ ମୋର ଏ ଚିନ୍ତା ବେଶି ଦିନ ରହିବ ନାହିଁ । ମୁଁ ସଂସାରକୁ ଫେରିଆସିବି । ଆସିବାକୁ ହିଁ ହେବ । କିନ୍ତୁ ଆଜି ଏଇ ମୁହୂର୍ତ୍ତରେ ତୁମେ ବିଶ୍ୱାସ କରିବ ନାହିଁ ଯେ ମୁଁ କେତେ ବଦଳିଯାଇଛି । ମୁଁ ରମାକୁ ମଧ୍ୟ କ୍ଷମା କରିଦେଇଛି । ତା' ଉପରେ ମୋର ଟିକିଏ ହେଲେ ବି ରାଗ ନାହିଁ । ସେ ମୋର ମା'ର ସବୁ କିଛି କାଢ଼ିନେଇଛି; କିନ୍ତୁ ସେ ମଧ୍ୟ କଷ୍ଟ ପାଇଛି । କେବଳ ବାହାର ଜିନିଷ ପାଇଲା ବୋଲି ସେ କ୍ରମାଗତ ଅସଙ୍ଗତଭାବରେ ପାଗଳପରି ବାପାଙ୍କ ବହିଗୁଡ଼ିକରେ ନିଜର ନାମ ଉଲ୍ଲେଖ କରାଉଛି– କୁହ ତ ଦେଖି, ଯେଉଁ ବ୍ୟକ୍ତିର ଆମ ପରି ଛଅଟି ସନ୍ତାନ ଓ ପତିପ୍ରାଣା ସ୍ତ୍ରୀ, ସେପରି ବ୍ୟକ୍ତିଠାରୁ ରମା କ'ଣ ବା ପାଇଲା ? କିନ୍ତୁ ବର୍ତ୍ତମାନ ମଧ୍ୟ ମୁଁ ସେହି ରମାକୁ ଭଲପାଏ । ରମାକୁ ଦିନେ ମୁଁ କହିଲି– ଯାହାକୁ ମଣିଷ ଭଲପାଏ, ତାକୁ କ'ଣ କିଏ ନିନ୍ଦିତ ବା ଅପମାନିତ କରିପାରେ ? କିନ୍ତୁ ଆଜି ମୋର ମନେହେଉଛି– ରମା କେବଳ ନିମିତ୍ତମାତ୍ର । ଏ କାହାର ଖେଳ ଆମେ ଖେଳୁଛୁ ? ଆମେ ବାହାରୁ ଯାହାକୁ କ୍ଷତି ମନେକରୁ, ଅନ୍ତରଦିଗରୁ ତାହା ହିଁ ଲାଭ (''ହେଥାୟ ଯା ମନେ ହୟ ଶୁଧୁ ବିଫଲତାମୟ ଅନିତ୍ୟ ଚଞ୍ଚଳ, ସେଥାୟ କି ଚୁପେ ଚୁପେ ଅପୂର୍ବ ନୂତନରୂପେ ହୟ ସେ ସଫଳ ?'') ।

ବିଜୟକୃଷ୍ଣ ଗୋସ୍ୱାମୀ ବାପାଙ୍କୁ କହିଥିଲେ – ''ତୁମର ପତନ ହେବ ।'' ପତନର ବୀଜ ବାପା ତାଙ୍କ ସଙ୍ଗରେ ହିଁ ଆଣିଥିଲେ । ତାଙ୍କର ଆକାଶସ୍ପର୍ଶୀ ଅହଂ । ଆମେ ସବୁପ୍ରକାରେ ସେହି ଅହଂଟାକୁ ରକ୍ଷା କରିବାକୁ ଚାହିଁଛୁ । ଆମେ ଅନେକ ସମୟରେ ଭାବିଛୁ– ବାପା କାହିଁକି ଏ ଦେଶର ପ୍ରେସିଡେଣ୍ଟ ହେଲେ ନାହିଁ ? ତାଙ୍କର କଣ ଯୋଗ୍ୟତା କମ୍ ଥିଲା ? କିନ୍ତୁ ଆଜି ମୁଁ ଭାବୁଛି ଯେ ପ୍ରେସିଡେଣ୍ଟ ହୋଇଥିଲେ ବିଶେଷ କ'ଣ ଲାଭ ହୋଇଥାନ୍ତା ? ହୁଏତ ତା' ଅପେକ୍ଷା ଅଧିକ ଲାଭ ହୋଇଛି–ଯିବା ପୂର୍ବରୁ ସମ୍ପୂର୍ଣ୍ଣ ଅହଂଶୂନ୍ୟ ହୋଇ ମୁକ୍ତ

Digitized by srujanika@gmail.com

ନୁଆଁଇ ଯାଇଛନ୍ତି । ବାହାରର ସବୁକିଛି ହରାଇ ଅନ୍ତରଦିଗରୁ ଉନ୍ନୀତ ହୋଇ ତାଙ୍କ ସତ୍ତାର ପୂର୍ଣ୍ଣତା ପ୍ରାପ୍ତିହୋଇଛି । ତାଙ୍କର ବିରାଟ ପ୍ରତିଭା ମଧ୍ୟରେ ଯେଉଁ ତ୍ରୁଟିଟିକିକ ଥିଲା, ତାକୁ ଅଶ୍ରୁଧୌତ କରି ସେ ମହିମାନିତ୍ ହୋଇଥିଲେ । ରମା ଏହାର ନିମିତ୍ତ ହୋଇଅଛି, ଆମେ ନୁହେଁ । ଆଜି ଆମେ ବୁଝିପାରୁଛୁ –ଏ ଜଗତଟାକୁ ଆମେ ଯେପରି ଦେଖୁ, ଏଟା ସେପରି ନୁହେଁ । ବୁଝିପାରୁଛି – 'ଢାଙ୍କୁଣୀ ଖୋଲା' ଅର୍ଥାତ୍ 'ଅପାବୃଣୁ' କଥାଟାର ଅର୍ଥ କ'ଣ । ଯେ ମୋତେ ସତ୍ୟର ରୂପଟା ଦେଖାଉଛି, ସେ କିଏ ? ସେ କେବେହେଲେ ମୋର ପୂର୍ବପରିଚିତ ଅର୍ଦ୍ଧବିସ୍ମୃତ ଜଣେ ମଣିଷମାତ୍ର ହୋଇପାରେନାହିଁ ।

ମୁଁ ତାକୁ ଦେଖୁଛି, ତା' ସହିତ କଥା କହୁଛି, କଳି କରୁଛି– କାରଣ ରୀନା ମୋତେ ବହିଟା ପଢ଼ି ଶୁଣାଉଛି । ବହିଟାରେ ଅନେକ ମିଛକଥା ଲେଖାହୋଇଛି । ଆମ ଜଗତଟାକୁ ସେ ବୁଝିପାରିନାହିଁ । ମୁଁ ତାକୁ କହୁଛି– ମିର୍ଛା ! ତୁମେ ମନେ କରନା ଯେ ତୁମ ବହିଟା ପଢ଼ି ତୁମ ସ୍ମୃତି ଜାଗିଉଠିଛି । ବାସ୍ତବରେ ସ୍ମୃତି ପ୍ରାଣ ପାଇଛି ବୋଲି ତୁମର ଲେଖା ପଢ଼ିଲି । ପୂର୍ବେ ତ କେତେ ଥର ଶୁଣିଛି; କିନ୍ତୁ ପଢ଼ିବାକୁ କେବେହେଲେ ଇଚ୍ଛା କରିନାହିଁ । ଏ ବହି ପଢ଼ି ସ୍ମୃତି ଜାଗ୍ରତ ହେବ ନାହିଁ– ସ୍ମୃତି ବିଭ୍ରାନ୍ତ ହେବ; କାରଣ ବହିଟା ସିନା ସତ୍ୟର ମୁଖା ପିନ୍ଧିଛି; କିନ୍ତୁ ପ୍ରକୃତରେ ବହିଟି କଳ୍ପନାର ବିକାର । ସେ ଧରିନେଇଥିଲା ଯେ ମୋ ବାପା ମା' ତା'ଭଳି ପାତ୍ର ଧରିବା ପାଇଁ ଜାଲ ବିଛେଇ ବସିଛନ୍ତି । ମୁଁ ମଧ୍ୟ ସେହି ଜାଲର ଏକ କାରିଗର । ପ୍ରଥମରୁ ସେ ଏଭଳି ଧରିନେଇଛି ବୋଲି ମୋତେ ସେ ବୁଝିପାରିଲା ନାହିଁ, ମୋ ମନକୁ ମଧ୍ୟ ବୁଝିପାରିନାହିଁ । ମୁଁ ତ ଦିନେ ହେଲେ ତାକୁ ମୋ ମନକଥା କହିନାହିଁ । ସମୟ ମିଳିଲା ନାହିଁ, କିଛି ମଧ୍ୟ କହିପାରିଲି ନାହିଁ । ତେଣୁ ସେ ତା' ବହିରେ ମୋ ମୁହଁରେ ଏପରି କଥା କୁହାଇଛି, ଯାହା ମୁଁ କଦାପି କହିପାରେନା, ଯାହା କହିବା ପାଇଁ ମୋର ଭାଷା ନାହିଁ । ତା'ର ଅତୃପ୍ତ ମନ ଯାହା ପାଇନାହିଁ, ବହିରେ ତା'ର ଆୟୋଜନ କରିଛି । ସାଇକୋଲଜିରେ ତା'ର ଗୋଟିଏ ନାଁ ଅଛି, ତାହା ମୁଁ ଜାଣେ ନାହିଁ । ମୁଁ ଏ ବିଦ୍ୟାରେ ଅନୁରାଗୀ ନୁହେଁ । ମଣିଷର ଅପାର ରହସ୍ୟମୟ ମନର ନାବିକ ହେବାର ଆଶା ସ୍ପର୍ଦ୍ଧାମାତ୍ର । ତଥାପି ମୁଁ ବୁଝିପାରୁଛି–ତା ମନ ମୋ ମନର ବିପରୀତ । ମିଥ୍ୟାର ଦ୍ୱାରବାଟେ କେହି କେବେହେଲେ ସତ୍ୟ ସମ୍ମୁଖରେ ପହଞ୍ଚିପାରେ ନାହିଁ । ମିଥ୍ୟାର ଅଳନ୍ଧୁଦ୍ୱାରା ସତ୍ୟର ମୁହଁ ଘୋଡ଼ାହୋଇଥାଏ; ତାକୁ ଅନାବୃତ କରିବାକୁ ହେବ । ସେଥିପାଇଁ କଲମ ଧରିଛି ।

ବହି ପଢୁଛି, ଆଉ ତାକୁ ସମାଲୋଚନା କରୁଛି । ମୁଁ ଜାଣେ ଯେ ତା'ର ବାପାଙ୍କ ଉପରେ ରାଗିବା ପାଇଁ ଯଥେଷ୍ଟ କାରଣ ରହିଛି । ସେ ତାଙ୍କୁ ଯଥାର୍ଥଭାବରେ ନିନ୍ଦା କରିଛି । ତାଙ୍କୁ ହିଁ ପୁଣି ଗୁରୁ ବୋଲି ମାନି ବହିଟି ଉତ୍ସର୍ଗ କରିଛି । ତାଙ୍କର ଶିଷ୍ୟ ବୋଲି ଗର୍ବ ବୋଧ

Digitized by srujanika@gmail.com

କରିଛି କିପରି ? ଏ କିପରି ମନ ? ମୁଁ ତାକୁ ଚିହ୍ନିପାରୁନାହିଁ । ଏଟା ଇଉଟିଲିଟେରିୟାନ (ଉପଯୋଗବାଦୀ) ମନ କିମ୍ବା ଅନ୍ୟ କିଛି, ସେ କଥା ମୁଁ କହିପାରିବି ନାହିଁ । ଏହି ସମାଲୋଚନାଗୁଡ଼ିକୁ ମୁଁ ବିଷାକ୍ତ ତୀର ପରି ଗୋଟିଏ ଗୋଟିଏ କରି ନିକ୍ଷେପ କରୁଛି– କି ଆଶ୍ଚର୍ଯ୍ୟ ! ସେ ତୀର ଶୂନ୍ୟରେ ଅଦୃଶ୍ୟ ହୋଇଯାଉଛି, ଲକ୍ଷ୍ୟସ୍ଥଳରେ ପହଞ୍ଚିପାରୁନାହିଁ । ତା' ପ୍ରତି ମୋର କ୍ରୋଧରୂପକ ଛୋଟ ଛୋଟ ଢେଲାଗୁଡ଼ିକ ମୋର ଏହି ହୃଦୟତରଙ୍ଗରେ ସ୍ଥିର ନ ରହି ଗଡ଼ିଗଡ଼ି ମୁହୂର୍ତ୍ତକ ମଧ୍ୟରେ ଅତଳରେ ଲୀନ ହୋଇଯାଉଛି ।

ମୁଁ ତା' କଥା ଏତେ ଦିନ ଯାଏ ଜାଣିପାରିନଥିଲି । ବର୍ତ୍ତମାନ ମନେହେଉଛି– ଗୋଟିଏ ଚକ୍ରାନ୍ତ ଚାଲିଛି । ବିଭିନ୍ନ ଲୋକଙ୍କ ପାଖରୁ ବାରମ୍ବାର ତା' ଖବର ପାଉଛି । ଏପରି ଯୋଗାଯୋଗ ସୃଷ୍ଟି ହୋଇଛି ଯେ ବର୍ତ୍ତମାନ ମୋ ଭାଗ୍ୟ ତା' ବିଷୟରେ ମତେ ଶୁଣାଇବ, ଜଣାଇବ ।

ଆମେ କ'ଣ ନିଜେ କିଛି କରୁ ? ନା ଆମେ କେବଳ ସୂତ୍ରବଦ୍ଧ କ୍ରୀଡ଼ନକ । ଏଯାବତ୍ ଯାହାର ଚିହ୍ନମାତ୍ର ନଥିଲା, ହଠାତ୍ ସେ କିପରି ଏଡ଼େ ବଡ଼ ହୋଇଗଲା, ଆଉ ବର୍ତ୍ତମାନ ମୁଁ ବା କାହିଁକି ତା'ର ଖବର ନେବାକୁ ଯାଉଛି ?

ମୋ ବାନ୍ଧବୀର ସ୍ୱାମୀଙ୍କ ସହିତ ଦୁଇ ବର୍ଷ ପୂର୍ବେ ତା'ର ଦେଖାହୋଇଥିଲା – ଆଉ ବର୍ତ୍ତମାନ ମୁଁ ସେ କଥା ଶୁଣିଲି । ସେ କହିଛନ୍ତି ଯେ ଅଧ୍ୟାପକ ୟୁକ୍ଲିଡ୍ ଅତି ଭଲଲୋକ । ସେ କଲିକତା କଥା ଶୁଣି ଉଚ୍ଛ୍ୱସିତ ହୋଇଉଠନ୍ତି । କଲିକତାର ପ୍ରାୟ ପ୍ରତିଟି ରାସ୍ତା ସେ ଚିହ୍ନିଛନ୍ତି । ଚାଳିଶ ବର୍ଷ ପୂର୍ବେ ସେ କଲିକତାରେ ଥିଲେ; କିନ୍ତୁ ତାଙ୍କର ସବୁ ମନେଅଛି । କଲିକତା ତାଙ୍କର ସ୍ୱପ୍ନର ଦେଶ ।

ମୁଁ ମିର୍ଚ୍ଚା କଥା ଶୁଣିଛି । ସେ ଏକ କଳ୍ପନା-ଜଗତରେ ବାସକରେ । ଭାରତ ହିଁ ତା'ର ଧ୍ୟାନର ବସ୍ତୁ । ତା'ର ଲେଖାରେ ବାସ୍ତବ ଜଗତ ଅପେକ୍ଷା କଳ୍ପନା ଓ ଅଲୌକିକତାର ସ୍ଥାନ ବେଶି । ସେ ନିଜକୁ ଭାରତୀୟ ବୋଲି ପରିଚୟ ଦିଏ ।

ମୁଁ ତା' ବିଷୟରେ ଯେତେ ଖବର ପାଉଛି– ସେତେ ବେଶି ଅଧୀର ହୋଇଉଠୁଛି । ମୁଁ ଭଲକରି ବୁଝିପାରୁଛି ଯେ ତା' ସହିତ ଦେଖା ନହେଲେ ମୋର ଏ ଯନ୍ତ୍ରଣା ଆଦୌ ଦୂର ହେବ ନାହିଁ । ମୁଁ ପୁଣି ଆହୁରି ଭାବୁଛି– ମୁଁ କାହାକୁ ଦେଖିବି– ସେହି ତେଇଶି ବର୍ଷର ଯୁବକ କେଉଁଠି ? ସେ ବା କାହାକୁ ଦେଖିବ– ସେ ଷୋଡ଼ଶୀ କିଶୋରୀ ବା କାହିଁ ? ସେ ତ ମୋତେ ଦେଖିବାକୁ ଇଚ୍ଛା କରୁନାହିଁ, ତେଣୁ ସେ କାହାକୁ ଦେଖିବ ? ସେ ବିଷୟରେ ମୁଁ ଚିନ୍ତା କରୁନାହିଁ । ମୁଁ ଯାହାକୁ ଦେଖିବାକୁ ଚାହେଁ, ତାକୁ ପାଇବି କେଉଁଠି ? ମୁଁ କ'ଣ ଜଣେ ତେଇଶି ବର୍ଷର ଯୁବକକୁ ଦେଖିବାକୁ ଚାହେଁ ? ଯୁବକ ? ନୁହେଁ ତ ଆଉ କ'ଣ– ହଁ, ମୋର ନାତି ଭଳି । ଯଦି ଆଜି ତେଇଶି ବର୍ଷର ମିର୍ଚ୍ଚାକୁ ଦେଖିପାରନ୍ତି, ତେବେ ନିଶ୍ଚୟ ତା' ସହିତ ମୋର ସୌହାର୍ଦ୍ଦ୍ୟ ହୋଇପାରନ୍ତା ନାହିଁ । ଅନ୍ୟ ଦିଗରେ ମୁଁ ଆଜି ଯାହାକୁ ଦେଖୁଛି,

Digitized by srujanika@gmail.com

ସେ ତ ବୃଦ୍ଧ: ତାକୁ ତ ମୁଁ ଚିହ୍ନେ ନାହିଁ । ସେ ତ ଜଣେ ଅପରିଚିତ ଆଗନ୍ତୁକ; ତାକୁ ଦେଖି ମୁଁ କିପରି ଶାନ୍ତି ପାଇବି ?

ମୁଁ ଆଦୌ ବୁଝିପାରୁନାହିଁ ଯେ ମୋର ଏଇ ଅତନ୍ଦ୍ର ରାତ୍ରିର ବ୍ୟାକୁଳତା କ'ଣ କୌଣସି ଅକାରଣ ବେଦନା ହେତୁ ଉଦ୍ଦେଶ୍ୟବିହୀନ ଅଭିସାରରେ ବାହାରିପଡ଼ିବାକୁ ଚାହେ ? ତାହା କ'ଣ କୌଣସି ଅପରିଚିତ ବ୍ୟକ୍ତି ପାଇଁ ? ଅନ୍ୟ କୌଣସି ଅବସ୍ଥାନରୁ ଏକ ଶକ୍ତି ମୋତେ ଅଜ୍ଞାତ ଭବିଷ୍ୟତ ଆଡ଼କୁ ଡାକୁଛି ? ଏପରି କିଏ ଅଛି ଯେ ସବୁ ଜ୍ଞାନ, ସବୁ ପ୍ରେମର କାରଣ ? ସେହିଠାରୁ କ'ଣ ବାର୍ତ୍ତା ଆସୁଛି ? ମୋର ଚିରସଂଶୟୀ ମନ ଏ ସବୁ କଥା ମାନିବାକୁ ଚାହେଁ ନାହିଁ; ଅଥଚ ସନ୍ଦେହ ଛାଡୁନାହିଁ ।

ମୋର ଏଇ ଜୀବନର ସାୟାହ୍ନ ଉପରେ ପ୍ରତ୍ୟୁଷର ଆଲୋକ ଆସି ପଡ଼ିଛି । ସକାଳ ଓ ସନ୍ଧ୍ୟା ଏକ ହୋଇଯାଇଛି । ସମୟ ଯେପରି ଚିରସ୍ଥିର ।

ବେଳେବେଳେ ସେରଗେଇ କଥା ମନେପଡ଼େ । ଏହା ହିଁ କ'ଣ ଅମରତ୍ୱର ଆସ୍ୱାଦ ? ମୋର ପିଲାବେଳର କବିତାର ଅର୍ଥ ମୁଁ ଏତେ ଦିନରେ ବୁଝିପାରୁଛି । ''କାଳେର ଯବେ ହାରିଯେ ଯାବେ ମୁହୂର୍ତ୍ତେ ନିଃଶେଷ''– ସେହି ସର୍ବ-ଅଭିଜ୍ଞାନଶୂନ୍ୟ କାଳର ସ୍ପର୍ଶହୀନ ଆଲିଙ୍ଗନରେ ମୁଁ ବିଧୃତ । ମୋର ଅତୀତ ଓ ବର୍ତ୍ତମାନ ଏକ ହୋଇଯାଇଛି– ଏହା ହିଁ ଅମରତ୍ୱ । ଯଦି ତାହାହିଁ ହୁଏ, ତେବେ ମୁଁ ଏତେ ଯନ୍ତ୍ରଣା ପାଉଛି କାହିଁକି ? ନୟନାଶ୍ରୁ ମୋତେ କାହିଁକି କରୁଛି ଦିଗ୍‌ଭ୍ରଷ୍ଟ ? ପ୍ରକୃତରେ ମୁଁ ବୁଝିପାରୁନାହିଁ ଯେ ଏଟା କଷ୍ଟ, ନା ଅମୃତର ସ୍ୱାଦ ? ଯଦି କଷ୍ଟ ହୁଏ, ତେବେ ତ ମୁଁ ନିଷ୍କୃତି ମାଗୁଛି । ମୁଁ କ'ଣ ନିଷ୍କୃତି ଚାହେଁ ? ମୁଁ କ'ଣ ଭାବିପାରେ ଯେ ଏଇ କେତୋଟି ମାସର ଅଭିଜ୍ଞତା ଶୂନ୍ୟରେ ମିଶିଯାଉ ? ମୁଁ ପୁଣି ମୋର ଘରସଂସାର, ବିଷୟସମ୍ପତ୍ତି ନେଇ ବ୍ୟସ୍ତ ରହିଯାଏ । ମୋ ବୟସର ସବୁ ଲୋକ ତ ସେହିଭଳି ରହିଛନ୍ତି । ସେମାନେ କଳ୍ପନା କରିପାରିବେ ନାହିଁ ଯେ ନାତିନାତୁଣୀ-ପରିବୃତ ହୋଇ, ବାସ୍ତବ ସଂସାରରେ ବାସ କରି କେହି ଏପରି ଏକ ସ୍ୱପ୍ନ-ଜଗତକୁ ଚାଲିଯାଇପାରେ ବୋଲି । ଦେହହୀନ, ସ୍ପର୍ଶହୀନ କେବଳ ଗୋଟିଏ ଅସ୍ତିତ୍ୱର ସମ୍ବାଦ ତାହାର ଚତୁର୍ଦ୍ଦିଗରେ ପାଚେରି ଉଠାଇଦେଇପାରେ । ସଂସାର ଘର୍ଷଣରେ ମଣିଷର ମନ ସ୍ଥୂଳ ହୋଇଯାଏ । ବୈଷୟିକ ମନ ହିସାବ କଷେ । ମୁଁ ମଧ୍ୟ ସେହିପରି ଥିଲି । ଏତେ ଦିନ ଧରି ଘରସଂସାର କଲି, ନୂଆପଇସାରେ ହିସାବ କଷିଛି । ଆଉ ଆଜି– ବର୍ତ୍ତମାନ ଏହି ମୁହୂର୍ତ୍ତରେ ଯଦି କେହି କହେ– ସବୁକିଛି ଛାଡ଼ିଦେଇ ଶୂନ୍ୟହସ୍ତରେ ଚାଲିଆସ, ତାକୁ ଦେଖିପାରିବ; ତେବେ କ'ଣ ମୁଁ ଯିବି ନାହିଁ ? ଯଦି ମୋତେ କେହି ପଚାରେ ଯେ ଥିଏଟର ରୋଡ଼ର ଚାରିମହଲା ଘର ଚାହଁ ନା ତାକୁ ଥରେ ଦେଖିବାକୁ ଚାହଁ, ତାହେଲେ ମୋର ଉତ୍ତର କ'ଣ ହେବ, ସେଥିରେ କୌଣସି ସନ୍ଦେହ ନାହିଁ । ଏଇ ଯେଉଁ ଅଦ୍ଭୁତ ପରିବର୍ତ୍ତନ ହୋଇଛି, ଏଥିରେ ମୁଁ ଅସୁଖୀ ନୁହେଁ । ମୁଁ କଦାପି ଚାହଁନା ଯେ ଏହା ନଷ୍ଟ ହୋଇଯାଉ । ମୋ

Digitized by srujanika@gmail.com

ବୟସର କୌଣସି ମନୁଷ୍ୟ ମନରେ ଅନୁଭୂତିର ଏପରି ତୀବ୍ରତା ଫେରିଆସିବାକୁ ମୁଁ ସୌଭାଗ୍ୟ ବୋଲି ମନେକରେ ।

ଏହି ଅଜ୍ଞାତ ମୁହାଣକୁ ଅନାଇ ମୁଁ ଅନ୍ୟ କାହାକୁ ନୁହେ, ନିଜକୁ ହିଁ ପାଇଛି । ଯାଜ୍ଞବଲ୍କ୍ୟ ଯାହା କହିଛନ୍ତି– ମନୁଷ୍ୟ ଅନ୍ୟ କାହାକୁ କିଛି ଦେଇପାରେ ନାହିଁ, ନିଜକୁ ହିଁ ଦିଏ –ଆତ୍ମନସ୍ତୁ କାମାୟ ପୁତ୍ରଃ ପ୍ରିୟଃ ଭବତି– ସ୍ୱାମୀ ପ୍ରତି ପ୍ରେମ, ପୁତ୍ର ପ୍ରତି ସ୍ନେହ; ଏସବୁ ଆମର ନିଜ ପାଇଁ – ମୋର ଆତ୍ମାକୁ ତାହା ପୂର୍ଣ୍ଣ କରୁଛି । ସେ (ମିର୍ଚ୍ଚା) ମୋର ମନେପଡ଼େ । ଆଉ ମୁଁ ବା କାହାକୁ କ'ଣ ଦେଲି– ଏ ଜଗତକୁ ଦେଖିବା ପାଇଁ ଗୋଟିଏ ତୃତୀୟ ନୟନ ବରଂ ନିଜେ ଲାଭକଲି ।

ମୋ ଆତ୍ମୀୟସ୍ୱଜନମାନଙ୍କ ମଧ୍ୟରୁ କାହାରି କାହାରି ଧାରଣା ଯେ ଯେଉଁ ସ୍ମୃତିକୁ ମୁଁ ଏହି ଚାଳିଶ ବର୍ଷ ଧରି ଭୁଲି ଘରସଂସାର କରିଛି, ଆଜି ଏ ବୟସରେ ହଠାତ୍ ତାକୁ ମନେକପାଇବାରି କି ଦରକାର– ଏବଂ କାହିଁକି ବା ମୁଁ ମାନସିକଶକ୍ତିଦ୍ୱାରା ତାକୁ ଭୁଲିଯାଉନାହିଁ । ଏହାର କୌଣସି ଉତ୍ତର ମୁଁ ଜାଣେନାହିଁ । କେବଳ ମୁଁ ଅନ୍ତର ସହିତ ବୁଝିପାରେ ଯେ କାୟାହୀନ ଏହି ପ୍ରେମ ମୋର ଦେହ ଓ ମନ ଭିତରେ ଏପରି ଆଶ୍ଚର୍ଯ୍ୟ ସଙ୍ଗୀତ ବଜାଉଛି, ଯାହା ମୁଁ ଏତେ ଦିନ ପର୍ଯ୍ୟନ୍ତ ଜାଣିନଥିଲି ।

ସେରଗେଇ କଥା ସତ, ଏହା ମଧ୍ୟରେ ଅମରତ୍ୱର ସମ୍ବାଦ ଅଛି । ସୁର୍ ମଧ୍ୟରେ ଅଶ୍ରୁଜଳର ସ୍ପର୍ଶରେ ଚିର ଅତୃପ୍ତ ପ୍ରେମ ଯେଉଁ ଅଶେଷର ସମ୍ବାଦ ଦିଏ, ମୁଁ ତାହା ପାଇଛି । ମୁଁ କୌଣସିମତେ ଆଉ ଏହାକୁ ଭୁଲିଯିବାକୁ ଚାହେଁନାହିଁ ।

ତା' ଛଡ଼ା ଆଉ ଯେ ଯାହା କହୁ ମୋ ସ୍ୱାମୀ ତାହା କହନ୍ତି ନାହିଁ । ତାଙ୍କ ସହିତ ମୋର କଥାବାର୍ତ୍ତା ହୁଏ; ସେଦିନ ସେ ମୋତେ କହିଲେ, ''ସଂସାରରେ ଏକପ୍ରକାର ଘଟଣା ଦୁଇଟି ଜାଗାରେ ଘଟେ ନାହିଁ । ପ୍ରତ୍ୟେକ ଘଟଣାକୁ ଅଲଗାଭାବେ ବିଚାର କରିବାକୁ ହୁଏ । ଏଟା ସତ ଯେ ତୁମ ଜୀବନର ସମସ୍ତ ସତ୍ତା ସହିତ ମୋର ସମ୍ପର୍କ ନାହିଁ । ତୁମେ ଯେତେବେଳେ କବିତା ଲେଖ, ତୁମେ କ'ଣ ଚିନ୍ତା କର, ମୁଁ ଜାଣେ ନାହିଁ । ସେହିପରି ଏହା ମଧ୍ୟ ତୁମର ଏକ ମୂର୍ତ୍ତି; ଏଥିରେ ମୋର କ୍ଷତି କ'ଣ ?'' ମୁଁ ଆଶ୍ଚର୍ଯ୍ୟ ହୋଇଯାଉଛି ଯେ ସେ କୌଣସି କ୍ଷୟକ୍ଷତି ଅନୁଭବ କରୁନାହାନ୍ତି । ଯଦି ଅନୁଭବ କରନ୍ତେ, ମୁଁ ଅସୁବିଧାରେ ପଡ଼ନ୍ତି । ମୁଁ ତ ତାକୁ ଦେଖିବାକୁ ଯିବାର କଥା ଭାବିପାରିନଥା'ନ୍ତି । କାରଣ, ମୁଁ ମୋ ସ୍ୱାମୀଙ୍କ ମନରେ ଆଘାତ ଦେଇ କୌଣସି ମୂଲ୍ୟବାନ୍ ବସ୍ତୁ ପାଇନପାରେ, ତା'ହେଲେ ସ୍ନେହ ଲାଞ୍ଛିତ ହେବ । ତାକୁ ପାପ ଛଡ଼ା ଅନ୍ୟ କିଛି କୁହାଯାଇନପାରେ । ସେହି ପାପର ବୋଝ ମୁଣ୍ଡେଇ ମୁଁ କ'ଣ ତୀର୍ଥଯାତ୍ରାରେ ଯାଇପାରେ ?

କ୍ରମେକ୍ରମେ ଏପରି ଅବସ୍ଥା ହେଉଛି ଯେ ମୋ ପକ୍ଷରେ କାର୍ଯ୍ୟ କରିବା ଅସମ୍ଭବ ହୋଇଉଠୁଛି । ବାହାର ଲୋକଙ୍କ ସହିତ ନାନା ବିଷୟରେ ମୁଁ କଥାବାର୍ତ୍ତା କରିବି କିପରି ?

Digitized by srujanika@gmail.com

ଦିଲ୍ଲୀ ଯାଉଛି, ଏବେ ସେଠାକୁ ଯାଇ ଡେପୁଟି ସେକ୍ରେଟାରୀଙ୍କ ଘରେ ବସି ଯଦି ମୋ ଆଖିରେ ଲୁହ ଆସେ, ତା' ହେଲେ କ'ଣ ହେବ ? ମୁଁ ପ୍ରାଣପଣ ଚେଷ୍ଟା କରୁଛି– ସ୍ୱାଭାବିକ ମନ ଫେରିଆସୁ । ମୁଁ ଚୌକିରେ ବସିଛି, ମୋ ଆଖିରେ ଲୁହ । ଭୃତ୍ୟମାନେ ଘରେ ପଶି ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି । ମୋ ବୟସରେ ଆଖିରେ ଲୁହ ଆସିବାର ଏକମାତ୍ର କାରଣ ହୋଇପାରେ– ପୁତ୍ରବଧୂ ସହ କଳହ । ଭୃତ୍ୟକୁଳ ସେପରି କିଛି ଦେଖିନାହାନ୍ତି । ତା' ଛଡ଼ା କୌଣସି ଦୁଃଖଜନକ ଘଟଣା ଘଟିଲେ ତାହା ଆଲୋଚିତ ହୁଏ, ଘରର ସମସ୍ତଙ୍କୁ ତାହା ସ୍ପର୍ଶ କରେ; କିନ୍ତୁ ସେପରି କିଛି ମଧ୍ୟ ଘଟିନାହିଁ । ସମସ୍ତେ ତ ମଣିଷ, ସେମାନେ ମୋର ଅସ୍ୱାଭାବିକ ଅବସ୍ଥା ଲକ୍ଷ୍ୟ କରୁଛନ୍ତି; କିନ୍ତୁ କିଛି ବୁଝିବାକୁ ସମର୍ଥ ହେଉନାହାଁନ୍ତି । ମୁଁ ଲଜ୍ଜିତ, କିନ୍ତୁ ମୋ ମନ ମୋର ଅଧୀନରେ ନାହିଁ, ତିଳେମାତ୍ର ନାହିଁ । ଯାଉଯାଉ ଆଗରେ ଯଦି ଗାଡ଼ି ଦେଖେ ଇଚ୍ଛା ହୁଏ–ଗାଡ଼ିରୁ ଓହ୍ଲାଇ ଦେଖିବି, ସେଥିରେ କୌଣସି ବିଦେଶୀ ଅଛନ୍ତି କି ନାହିଁ । ହୁଏତ ସେ ଅଛି । ଏହି ଅସହ୍ୟ ବିରହବୋଝ ମୋର ବୃଦ୍ଧଶରୀର ବହନ କରିପାରିବ ନାହିଁ ବୋଲି ମୋର ଆଶଙ୍କା । ଅସୁସ୍ଥ ହେବାକୁ ମୋର ଇଚ୍ଛା ନାହିଁ । ତା'ହେଲେ ତା ସଙ୍ଗେ ଦେଖା ହେବ ନାହିଁ । କିନ୍ତୁ ଆଶ୍ଚର୍ଯ୍ୟର କଥା, ମୁଁ ସୁସ୍ଥ ଅଛି । ଏଇ କେତେ ମାସ ହେବ ମୁଁ କୌଣସି ରୋଗରେ ପଡ଼ିନାହିଁ ।

ଅନେକେ ମୋତେ କହନ୍ତି, ଟିକିଏ ଚେଷ୍ଟା କଲେ ମୁଁ ଏ ସ୍ମୃତିର ପ୍ରକୋପରୁ ଉଦ୍ଧାର ପାଇଯିବି । ମୁଁ ସେମାନଙ୍କ ସଙ୍ଗେ ମନେମନେ ତର୍କ କରେ, ପ୍ରଶ୍ନୋତ୍ତର କରେ । କାରଣ, ଏ ପ୍ରଶ୍ନ ମୋର ମଧ୍ୟ । ସେମାନେ କହନ୍ତି, ମୁଁ ଯେତେ ଭାବିବି, ସେତେ ବେଶି ଚିନ୍ତା ମୋତେ ଘାରିବ । ମୁଁ ସେତେ ବେଶି କଷ୍ଟ ପାଇବି । ସାଧାରଣ ଭାବରେ ଏ କଥା ସତ ହେଲେ ମଧ୍ୟ ଏ ସ୍ଥଳେ ସତ ହେବ କି ? ଚାଳିଶ ବର୍ଷ ହେଲା ମୋତେ ତାହା ଉଦ୍‌ବିଗ୍ନ କରିନାହିଁ; ଯେତେବେଳେ ମୋର ବୟସ କମ୍ ଥିଲା, ସେତେବେଳେ ଉଦ୍‌ବେଗର ସମ୍ଭାବନା ଥିଲା, ସେତେବେଳେ ତା'ର ସ୍ମୃତି ମନ ଉପରେ ଛାୟା ଭଳି ଭାସିଯାଇଛି, ମୋତେ ତା'ର ବଜ୍ରମୁଷ୍ଟି ଧରିପାରିନାହିଁ । ପ୍ୟାରିସ୍‌ରେ ଥିଲାବେଳେ ଶୁଣିଲି– ସେ ଦୁଇଟା ବ୍ଲକ୍ ସେପଟେ ଥାଏ । ସେତେବେଳେ ମୁଁ ତ ପୋପେସ୍କୁ ସହିତ ତାକୁ ଦେଖିବାକୁ ଯାଇପାରିଥାଆନ୍ତି । ତା'ପରେ କ'ଣ ହୋଇଥାଆନ୍ତା କିଏ ଜାଣେ ? ମୋର ସେତେବେଳେ କେତେ ବା ବୟସ, ଯଦିବା ମୁଁ ଭାବୁଥିଲି ଯେ ମୋ ଝିଅ ବିଭା ହୋଇଛି । ମୁଁ ତ ବର୍ତ୍ତମାନ ଜଣେ ବୃଦ୍ଧା; କିନ୍ତୁ ସେତେବେଳେ ମୋତେ ହୋଇଥିଲା ଚାଳିଶି ବର୍ଷ ମାତ୍ର । ଆଜି ଏଠି ଘରେ ଠିଆହୋଇ ଭାବୁଛି ଯେ ସେ ବୟସଟା ସେତେବେଳେ ବେଶି ହୋଇନଥିଲା ।

କିନ୍ତୁ କାହିଁକି ? ସେତେବେଳେ ତ ହୃଦୟ ଏପରି ମଥିତ ହେଲା ନାହିଁ । କିନ୍ତୁ ବର୍ତ୍ତମାନ ଏଇ ବୈତରଣୀ ଘାଟରେ ଠିଆ ହୋଇ ଏପରି ହେଉଛି ! ବୟସର ଅନୁଭୂତି ମୋର ହେଉନାହିଁ । ମୋର ବାର୍ଦ୍ଧକ୍ୟର ଖୋଳ ଖସିପଡ଼ିଛି । ଏହାକୁ କ'ଣ କେହି ନିଜ

Digitized by srujanika@gmail.com

ଇଚ୍ଛାରେ କାଢ଼ିଦେଇପାରେ ? ମିର୍ଚ୍ଚା ୟୁକ୍ଲିଡ୍ ଯେଉଁ ଦିନ ମୋ ବାପାଙ୍କ ଆଗରେ ବସିଥିଲା, ବାପା କହିଲେ, ''ଏ ମୋର ଛାତ୍ର, ଏଇଠି ରହିବ''– ସେ କ'ଣ ତାହା ଘଟାଇଥିଲେ ? ସେପ୍‌ଟେମ୍ବର ପହିଲା ଦିନ ସେରଗେଇ ଆସିଲା, ତାକୁ କ'ଣ ମୁଁ ଡାକିଆଣିଥିଲି ? ''ଅନାଦି କାଳର ଏହା ହିଁ ଥିଲା ମନ୍ତ୍ରଣା ।''

କେହିକେହି କହନ୍ତି ଯେ ଯଦି ମୁଁ ଟିକିଏ ସ୍ମୃତି ରୋମନ୍ଥନ କରେ, ସେଥିରେ କିଛି କ୍ଷତି ନାହିଁ । ମୁଁ ଯିବି କୁଆଡ଼େ ? କାହାକୁ ଦେଖିବି ? ପୁଣି କେହି କେହି କହନ୍ତି ଯେ ଦେଖିଲେ ଭଲହେବ– ମୋ ମନ ମୋହମୁକ୍ତ ହେବ । ସେହି ତରୁଣ ଯୁବକ ପ୍ରତି ମୋର ଯେଉଁ ମୋହ ଅଛି, ତାହା କଟିଯିବ ।

ମୋ ମନ ମଧ୍ୟ ସେହି କଥା କହେ । ମୁଁ ଭାବୁଛି– ଏକ ଅପରିଚିତ ବୃଦ୍ଧକୁ ଦେଖିବି । ତତ୍‌କ୍ଷଣାତ୍ ମୋତେ ଲାଜ ଲାଗିବ । ମନେହେବ ଯେ ମୁଁ ଏ କାହାକୁ ଦେଖିବାକୁ ଆସିଲି ? କିନ୍ତୁ ମୋର ଗଭୀର ମନ କହେ– ଏ ସେ ବସ୍ତୁ ନୁହଁ– ଯାହାକୁ ତୁମେ ଦେଖିବାକୁ ଚାହଁ, ତାହା ଆଖିରେ ଦେଖିଲା ଭଳି ବସ୍ତୁ ନୁହେଁ । ତା'ର ବୟସ ବଢ଼େ ନାହିଁ । ବୟସ ତ ଗୋଟିଏ ଆବରଣମାତ୍ର; ତାକୁ ଖୋଲିଦେଇହେବ । କେହି ସାଧନା କରି ଖୋଲେ, କାହା ଉପରେ କରୁଣା ହେଲେ, ସେ ନିଜ ସତ୍ତାକୁ ପାଏ । କାହାର କରୁଣା ? ମୁଁ ତ ଜାଣେ ନାହିଁ । ଯେ ଜାଣେ ନାହିଁ, ତାକୁ ଏ ଅନୁଭୂତି ବୁଝାଇହେବନାହିଁ, ଅନ୍ଧକୁ ଯେପରି ଆଲୋକର ଅର୍ଥ ବୁଝେଇହୁଏ ନାହିଁ । ତର୍କର ଅତୀତ ଏହି ଉପଲବ୍‌ଧିର କଥା ହିଁ କୁହାଯାଇଛି, ଯାହାକୁ ବୁଦ୍ଧିଦ୍ୱାରା ବୁଝିହୁଏ ନାହିଁ, ଶାସ୍ତ୍ର ପଢ଼ି ଜାଣିହୁଏ ନାହିଁ– ''ନ ମେଧୟା ନ ବହୁଧା ଶ୍ରୁତେନ'' । ଆଜି ବୁଝିପାରୁଛି– କାଳଜୟୀ ପ୍ରେମକୁ ସଂସାର ଜୟ କରିପାରିବ ନାହିଁ । ଏହା ଉତ୍ତରୋତ୍ତର ବୃଦ୍ଧି ପାଇବ, ମୋତେ ସଂସାରର ଆବର୍ତ୍ତରୁ ଦୂରକୁ ନେଇଯିବ– ନଦୀର ବହୁମୁଖୀ ଜଳସ୍ରୋତ ଯେପରି ସଂସାରର ବିଚିତ୍ର ଆକର୍ଷଣ ପାରିହୋଇ ମଧ୍ୟ ସମୁଦ୍ରାଭିମୁଖୀ ହୋଇଥାଏ ।

ତାକୁ ଦେଖିବାକୁ ମୁଁ ନିଶ୍ଚୟ ଯିବି । କିନ୍ତୁ ଯିବା ତ ସହଜ ନୁହେଁ, ଅନେକ ପ୍ରକାରର ବ୍ୟବସ୍ଥା ଦରକାର । ଏହାଛଡ଼ା ମୁଁ ତ ତାକୁ କିଛି ଖବର ଦେବାକୁ ଚାହେଁ ନାହିଁ– ତା'ହେଲେ ସେ ନିଶ୍ଚୟ ଦେଶ ଛାଡ଼ି ଚାଲିଯିବ । ମୁଁ ବୁଝିପାରୁଛି ଯେ ସେ ମୋ ସହିତ ଦେଖା କରିବାକୁ ଚାହେଁନା– ବା ପାରିବ ନାହିଁ । କାହିଁକି ପାରିବ ନାହିଁ, ତା'ର ସଠିକ୍ କାରଣ ମୁଁ ବୁଝିପାରୁନାହିଁ । ମୋତେ ନେଇ ସେଭଳି ଖଣ୍ଡିଏ କାବ୍ୟ ଲେଖିବା ପରେ ଅପରାଧବୋଧ ଜନ୍ମିପାରେ କି ? ତା' ନୁହେଁ, ସେ ବୁଝିପାରିନାହିଁ ଯେ ଏହା ଅନ୍ୟାୟ ହୋଇଛି । ସେରଗେଇ ମଧ୍ୟ ବୁଝିପାରିଲା ନାହିଁ । ତାଙ୍କ ଦେଶରେ ଏଗୁଡ଼ିକର ଗୁରୁତ୍ୱ ନାହିଁ । ବର୍ତ୍ତମାନ ମୋ ପାଇଁ ମଧ୍ୟ ଏଗୁଡ଼ିକ କିଛି ନୁହେଁ । ମୁଁ ଏତେ ବୋକା ନୁହେଁ ଯେ ଠିକ୍ ସେଥିପାଇଁ ଚଞ୍ଚଳ ହୋଇଉଠିବି । ମୋର କ୍ଷୋଭର କାରଣ ଯେ ସେ ସତ୍ୟରେ ଭେଜାଲ ମିଶାଇଛି ।

Digitized by srujanika@gmail.com

ତେବେ ସାରା ଜୀବନ ସେ ମୋତେ ଏଡ଼େଇଗଲା କାହିଁକି ? ମୁଁ 'x' କୁ ଡାକି ପଚାରିଲି, ''ଆଚ୍ଛା, କହିଲ ଦେଖି, ଯଦି ମୁଁ ଯାଏ, ତେବେ ତା' ସଙ୍ଗେ ମୋର ନିଶ୍ଚୟ ଦେଖାହେବ ତ ?''

''ନିଶ୍ଚୟ ହେବ । ଯେ ଆପଣଙ୍କ କଥା ମୋତେ ଏତେ କରି କହିଛନ୍ତି, ସେ ଆପଣଙ୍କ ସହିତ ଦେଖା କରିବେ ନାହିଁ, ଏହା ଆପଣ କିପରି ଭାବୁଛନ୍ତି ?''

''ସେ ଚିଠିର ଉତ୍ତର ଦିଏ ନାହିଁ ।''

''ଚିଠିର ଉତ୍ତର ଦେଇନାହାଁନ୍ତି, କାହିଁକି ?''

''ଆଛା, ଏପରି ହୋଇପାରେ, ସେ ବାପାଙ୍କ ପାଖରେ ପ୍ରତିଜ୍ଞା କରିଥିଲା ଯେ ମୋ ସହିତ ସମ୍ପର୍କ ରଖିବ ନାହିଁ, ସେଥିପାଇଁ କ'ଣ ସେ ମୋ ଚିଠିର ଉତ୍ତର ଦେଲା ନାହିଁ ।''

''ତା' ହୁଏତ ହୋଇପାରେ ।''

''କି ଆଶ୍ଚର୍ଯ୍ୟ ! ଏ କ'ଣ ରଖିବା ଭଳି ଗୋଟିଏ ପ୍ରତିଜ୍ଞା ?''

''କାହିଁକି ? କେହି କ'ଣ ସତ୍ୟବାଦୀ ହୋଇପାରେନା ?''

ମୁଁ ଯିବା କଥା ଚିନ୍ତା କରେ, ଦିନବେଳେ ମନରେ ଜୋର୍ ଆଣିବାକୁ ଚେଷ୍ଟା କରେ । ବିଦେଶକୁ ଯିବାଟା ତ ଆଜିକାଲି ଏତେ ସହଜ ନୁହେଁ । କିନ୍ତୁ ରାତିରେ ମୋତେ ଭୟ ଲାଗେ । ମନେହୁଏ– ଏକୁଟିଆ କୁଆଡ଼େ ଯିବି, ଯଦି ରାସ୍ତା ମଝିରେ ମୋର ଷ୍ଟ୍ରୋକ୍ ହୁଏ ବା ମୂର୍ଚ୍ଛା ହୋଇଯାଏ ? ପାର୍ବତୀର ସ୍ୱାମୀ ମଧ୍ୟ ସେହି କଥା କହିଛନ୍ତି, ''ସେ ଭଦ୍ରଲୋକଙ୍କ ବିଷୟରେ ଯାହା ଶୁଣାଯାଉଛି, ସେ ଯେ କିପରି ବ୍ୟବହାର କରିବେ, ତା' ତ ଜଣାନାହିଁ । ତୁମେମାନେ ଯେ ଅମୃତାକୁ ଏକୁଟିଆ ଛାଡ଼ିଦେଉଛ, ଅସୁସ୍ଥ ହେଲେ କ'ଣ ହେବ ? ସମସ୍ତେ ମୋ ପାଇଁ ଚିନ୍ତା କରୁଛନ୍ତି, ମୁଁ ନିଜେ ମଧ୍ୟ । କେବଳ ମୋ ସ୍ୱାମୀ ମୋତେ ଆଶ୍ୱାସନା ଦେଉଛନ୍ତି– ''କିଛି ହେବ ନାହିଁ । କେହି ତୁମକୁ କଷ୍ଟ ଦେବେ ନାହିଁ । ତୁମେ ଅସୁସ୍ଥ ହେବ ନାହିଁ । ସବୁପ୍ରକାର ବ୍ୟବସ୍ଥା ହେବ, ତୁମେ ନିର୍ବିଘ୍ନରେ ବୁଲିଆସିବ ।'' ମୁଁ ଆଶ୍ଚର୍ଯ୍ୟ ହୋଇଯାଉଛି । ମୁଁ ଯେତେ ପଛେଇଯାଏ, ସେ ଦୁଇଜଣ ମୋତେ ଆଗେଇ ନିଅନ୍ତି ଏବଂ ସେ ଏଟା ଏତେ ସହଜରେ କରୁଛନ୍ତି ଯେ ଆମେ ସମସ୍ତେ ବିସ୍ମିତ । ''ଯିବ, ତୁମେ ନିଶ୍ଚୟ ଯିବ । ସେଠାକୁ ଯାଇ ତୁମର ପରୀକଥାଟା (fairy tale) ଶେଷ କରିଆସିବ ।''

ସେଦିନ Air India ଅଫିସରେ ବସିଛି– ଆମକୁ ଯେଉଁ ବ୍ୟକ୍ତି ସାହାଯ୍ୟ କରୁଛନ୍ତି, ତାଙ୍କ ନାଁ ପୁରୋହିତ । ଏୟାର ଇଣ୍ଡିଆ ଅଫିସରେ ବସିଛି; କିନ୍ତୁ ଡର ଲାଗୁଛି । ଅଜ୍ଞାତ ଦେଶକୁ କିପରି ଯିବି ? ଏଥିପୂର୍ବରୁ ମୁଁ ଯେତେବେଳେ ବିଦେଶକୁ

Digitized by srujanika@gmail.com

ଯାଇଛି, ହୁଏତ କୌଣସି ଦଳ ସହିତ ବା ନିମନ୍ତ୍ରିତ ହୋଇ ଯାଇଛି । ବିଦେଶରେ ସେମାନେ ହିଁ ମୋର ସବୁ ଦାୟିତ୍ୱ ନେଇଛନ୍ତି । ତା' ନ ହେଲେ ମୁଁ କ'ଣ ଏକୁଟିଆ ଯାଇପାରିଥାଆନ୍ତି । ନିମନ୍ତ୍ରଣକୁ ଅପେକ୍ଷା କରିଛି । ଯଦି ନିମନ୍ତ୍ରଣ ଆସେ, ତେବେ ଯିବି– ନଚେତ୍ ଏକୁଟିଆ ତାକୁ ଦେଖିବାକୁ ଯିବା ଅସମ୍ଭବ । ମୁଁ କହିଲି, ''ଥାଉ, ଆଜି ଟିକେଟ କରିବା ଦରକାର ନାହିଁ ।''

ମୋ ସ୍ୱାମୀ କହିଲେ, ''କାହିଁକି ? ଟିକେଟ୍ କରି ରଖିବା, ନିମନ୍ତ୍ରଣ ଆସିବ । ନିଶ୍ଚୟ ଆସିବ, ତୁମେ ଦେଖ ।''

''ନା, ନା, ଆଜି ଥାଉ, ମୋତେ ଡର ଲାଗୁଛି ।''

''ତୁମକୁ କାହିଁକି ଡର ଲାଗୁଛି; ଡର ମୋତେ ଲାଗିବାର କଥା ।''

''କାହିଁକି ? ତୁମେ କାହିଁକି ଡରିବ ?''

''ଡରିବି ନାହିଁ ?'' ସେ ଖୁବ୍ ହସିଲେ, ''ତୁମେ ପୁରୋହିତର ସାହାଯ୍ୟ ନେଉଛ ।''

ଅନେକ ଦିନ ପରେ ଖୁବ୍ ହସୁଛି । ମନଟା ହାଲୁକା ହୋଇଗଲା । ସ୍ୱଚ୍ଛ, ଉଦାର, ଶୁଭ୍ର ହାସ୍ୟଧାରା ଏଇ ନିରଭିମାନ ବ୍ୟକ୍ତିଟି ଉଦ୍ଗାରିତ କରିପାରନ୍ତି ।

ନିମନ୍ତ୍ରଣ ଆସିବ କି ଆସିବ ନାହିଁ, ମନରେ ସଂଶୟ ଅଛି । ମୁଁ ଏ ଦେଶର ଯେଉଁମାନଙ୍କ ସହିତ ନାନାପ୍ରକାର କାର୍ଯ୍ୟରେ ଜଡ଼ିତ ଅଛି, ନହେଲେ ମୋତେ ନିମନ୍ତ୍ରଣ କରିବେ । ଯଦି ସମ୍ମିଳନୀ ହୁଏ, ତେବେ ନିମନ୍ତ୍ରଣ କରିବେ, ନହେଲେ ଆଗାମୀ ବର୍ଷ ନେଇଯିବେ । ଯିବା ପାଇଁ କାହିଁକି ଉଦ୍‌ବିଗ୍ନ ହେଉଛି, ସେମାନେ ଜାଣନ୍ତି ନାହିଁ । କିଏ ଜାଣେ ସମ୍ମିଳନୀ କେବେ ହେବ ? ସେରଗେଇ ଆସିବାର ଛଅମାସ କାଳ ମୁଁ କୌଣସି ରାତିରେ ଘଣ୍ଟାକରୁ ବେଶି ଶୋଇପାରିନାହିଁ; କିନ୍ତୁ ସେଥିରେ ମୋର ଦେହ ଖରାପ ହେଉନାହିଁ କି ଦିନବେଳେ ମଧ୍ୟ ନିଦ ମାଡୁନାହିଁ ।

ସେଦିନ ଜଣେ ଅଧ୍ୟାପକ ଦେଖା କରିବାକୁ ଆସିଥିଲେ । ସେ ଗୋଟାଏ ବଡ଼ କାର୍ଯ୍ୟର ଦାୟିତ୍ୱ ନେଇଛନ୍ତି । ନାନା କଥା ମଝିରେ ସେ ହଠାତ୍ କହିଲେ, ''ମୋର ଜଣେ ପରିଚିତ ଜ୍ୟୋତିଷୀ ଅଛନ୍ତି– ତାଙ୍କ କଥା ଅନୁଯାୟୀ ମୁଁ ଏ ଦାୟିତ୍ୱ ବହନ କରିଛି ।''

ମୁଁ ବିସ୍ମିତ ହେଲି । ମୁଁ ଅନେକ ଜ୍ୟୋତିଷୀ ଦେଖିଛି । କେହି କିଛି ଠିକ୍‌ରୂପେ କହିପାରନ୍ତି ନାହିଁ–ସମସ୍ତେ ଅନ୍ଧାରକୁ ଢେଲା ପକାନ୍ତି; ଆଉ ତା' ଉପରେ ସ୍ୱସ୍ତ୍ୟୟନ କର– ଏଠି ଦୁଇଟା ଫୁଲ ପକେଇଦିଅ, ବିଶ୍ୱର ଅମୋଘ ନିୟମ ବଦଳିଯିବ ।

ମୁଁ କହିଲି, ''ଆପଣ ଏସବୁ ବାଜେ କଥାରେ ବିଶ୍ୱାସ କରନ୍ତି ?''

''ଅନେକେ ହୁଏତ ଏଆଡୁ ସେଆଡୁ କଥା କୁହନ୍ତି; କିନ୍ତୁ ସମସ୍ତେ ନୁହଁନ୍ତି ।''

''ମୋତେ ଥରେ ନେଇଯିବେ ?'' ମୋତେ ହସମାଡୁଛି, ମଣିଷ ଯେତେବେଳେ ଦୁର୍ବଳ ହୋଇପଡ଼େ, ସେତେବେଳେ ତା'ର ମେରୁଦଣ୍ଡ ବଙ୍କା ହୋଇଯାଏ– ମୋର ସେମିତି

Digitized by srujanika@gmail.com

ହୋଇଛି । ବର୍ତ୍ତମାନ ମୋତେ ଅଲୌକିକତା ଉପରେ ନିର୍ଭର କରିବାକୁ ପଡୁଛି । ମନେମନେ ଭାବୁଛି– ଦେଖାଯାଉ କ'ଣ ହେଉଛି ? କ୍ଷତି ତ କିଛି ହେବନାହିଁ । ଅଧ୍ୟାପକଙ୍କ ସହିତ ଜ୍ୟୋତିଷୀଙ୍କ ଘରକୁ ଗଲି । ସେ ମୋତେ ସେଠାରେ ଛାଡ଼ିଦେଇ ଚାଲିଗଲେ । ଜ୍ୟୋତିଷୀ ନିବିଷ୍ଟଚିତ୍ତରେ ମୋ ରାଶିଚକ୍ର ଦେଖୁଛନ୍ତି । ମୁଁ ଭାବୁଛି– ମୋ ମନର ଭିତର କଥା କହିବା ସାଧ୍ୟାତୀତ । ମୋର ବୟସ ହିଁ ମୋର କବଚ ।

ଜ୍ୟୋତିଷୀ କହିଲେ, ''ଆପଣ କ'ଣ ଜାଣିବାକୁ ଚାହାଁନ୍ତି ?''

''ମୋର ଭବିଷ୍ୟତ ସମ୍ପର୍କରେ କିଛି କହନ୍ତୁ । ଅତୀତ କଥା ଜାଣିବାକୁ ଚାହେଁ ନାହିଁ । ଅବଶ୍ୟ ଜୀବନର ଆଉ ବେଶି କିଛି ବାକି ନାହିଁ– ସେଥିପାଇଁ ଭବିଷ୍ୟତ ମଧ୍ୟ ନାହିଁ ।''

''ତା' ନୁହେଁ, ଆପଣ ଅନେକ ଦିନ ବଞ୍ଚିବେ । ଆଉ ଖୁବ୍ ଶୀଘ୍ର, ମୁଁ ତାରିଖ କହୁଛି, ୧୧ ଏପ୍ରିଲ ଭିତରେ ଆପଣ ସମୁଦ୍ର ପାରିହୋଇ ବିଦେଶ ଯିବେ ।''

''ମୁଁ କିପରି ଯିବି ? ମୋ ପାଖରେ ତ ଏତେ ଟଙ୍କା ନାହିଁ ।''

''ଚେଷ୍ଟା କରନ୍ତୁ– ନିମନ୍ତ୍ରଣ ଆସିବ– ଟଙ୍କା ଆସିବ ।''

ମୁଁ ସ୍ତମ୍ଭିତ ହୋଇଗଲି । ମୁଁ ତ ଏହାଙ୍କୁ ମୋର ପରିଚୟ ଦେଇନାହିଁ– ଏତେ କଥା କହିଦେଉଛନ୍ତି କିପରି ?

ମୁଁ କହିଲି, ''ତାପରେ ? ବିଦେଶ ଯାଇ ମୋର କି ଲାଭ ହେବ ?''

''ସେଠାକୁ ଯାଇ ଜଣକ ସହିତ ଦେଖାହେବ, ଯାହାକୁ ଦେଖିବା ପାଇଁ ଜୀବନସାରା ଅପେକ୍ଷା କରିଛନ୍ତି ।''

ମୁଁ ଯଥାଶକ୍ତି ନିର୍ବିକାର ରହିବାକୁ ଚେଷ୍ଟା କଲି । ଗମ୍ଭୀରଭାବରେ କହିଲି, ''ସେ ଲୋକଟି କିଭଳି ?''

''ମ୍ଳେଚ୍ଛ ।'' କଥାଟି ଶୁଣି ମୁଁ ଚମକିପଡ଼ିଲି ।

''ମ୍ଳେଚ୍ଛ ସହିତ ସାକ୍ଷାତ୍ କରିବାର ବିଶେଷତ୍ୱଟା କ'ଣ ?''

ଭଦ୍ରଲୋକ ଏଥର ଗୋଟିଏ ଇଂରାଜୀ ଶବ୍ଦ ବ୍ୟବହାର କରି କହିଲେ–ରୋମାଣ୍ଟିକ୍ ।

ମୁଁ ସଜୋରରେ ହସିଉଠିଲି, ''ଜ୍ୟୋତିଷୀ ମହାଶୟ ! ଆପଣ କାହାକୁ କ'ଣ କହୁଛନ୍ତି । ମୋ ମୁଣ୍ଡ ଦେଖନ୍ତୁ । ସେଠାରେ ବରଫ ପଡୁଛି ।''

ମୋର ଉଚ୍ଛଳ ହସ ଦେଖି ସେ ବିରକ୍ତ ହେଲେ– ''ମୁଁ କାହାରି ବାଳ, ଦାନ୍ତ ବା ନଖ ଦେଖେ ନାହିଁ । ମୁଁ ଗ୍ରହ, ନକ୍ଷତ୍ର ଦେଖେ ।''

ଏଥର ଆଉ ସନ୍ଦେହ ନାହିଁ । ତେୟାଳିଶ ବର୍ଷ ପରେ ମିର୍ଚ୍ଚା ଯୁକ୍ଲିଡ୍ ସହିତ ଅମୃତାର ଦେଖାହେବ । ଏହି ରହସ୍ୟର ଅର୍ଥ ବୁଝିବା ମୋ ଭଳି ଜଣେ ସାମାନ୍ୟ ନାରୀର ସାଧ୍ୟାତୀତ ।

Digitized by srujanika@gmail.com

ମୁଁ ଲଘୁସ୍ୱରରେ କହିଲି, ''ଜ୍ୟୋତିଷୀ ମହାଶୟ ! ଆପଣ ତ ଏକ ଭୟଙ୍କର କଥା କହୁଛନ୍ତି । ଯଦି ଏପରି ଘଟଣା ଘଟେ, ତା'ହେଲେ ମୁଁ ଅପମାନିତ ହେବିନାହିଁ ? ନିନ୍ଦା ହେବନାହିଁ ?''

''ନା, ନା, ନିନ୍ଦା ହେବ କାହିଁକି ?''

''ନାହିଁ କାହିଁକି ? ଏ ବୟସରେ ରୋମାଣ୍ଟିକ୍ ହେବାଟା କ'ଣ ଭଲ ?''

''ଭଲ ନୁହେଁ କାହିଁକି ? ଭଲ ନୁହେଁ କାହିଁକି ?'' ଭଦ୍ରଲୋକ ବିରକ୍ତ ହୋଇ କହିଲେ, ''ଅପମାନ ହେବ କାହିଁକି ? ମାନହାନି ଯୋଗ ତ ନାହିଁ ।''

ମୋର ନିମନ୍ତ୍ରଣ ଆସିଲା । ଟଙ୍କା ମଧ୍ୟ ଆସିଲା । ଗୋଟି ଗୋଟି କରି ଜଟିଳ ଗ୍ରନ୍ଥି ଖୋଲିଯାଉଛି । ଯିବାର ବାଟ ସହଜ ହୋଇଆସୁଛି । କି ଆଶ୍ଚର୍ଯ୍ୟ ! କିଏ ମୋ ହାତ ଧରି ଏ ଅଜ୍ଞାତ ଭବିଷ୍ୟତ ଆଡ଼କୁ ନେଇଯାଉଛି ? ସାଧାରଣ ଏକ ମଧ୍ୟବିତ୍ତ ବଙ୍ଗାଳୀ ସଂସାରରେ ରହି ମଧ୍ୟ ଜୀବନ ଏପରି ବଦଳିଯାଇପାରେ ! ଏ ଜୀବନୋପନ୍ୟାସଟା ଲେଖିବାକୁ ମୋ ବନ୍ଧୁମାନେ କହିଲେ । ମିର୍ଚ୍ଚା ଯାହା ଲେଖିଛି, ସେହି ଅସମାପ୍ତ କାହାଣୀଟିକୁ ସମାପ୍ତ କରିବା ଉଚିତ । ୧୯୩୦ ମସିହାରେ ଯାହା ଆରମ୍ଭ ହୋଇଥିଲା, ବର୍ତ୍ତମାନ ତାହା ସମାପ୍ତ ହେବାକୁ ଯାଉଛି । ଏଟା କ'ଣ ତେବେ ସାହିତ୍ୟ ହେବନାହିଁ ? ବର୍ତ୍ତମାନ ତ ସେହି ବେଳ ଆସିଛି, "Last of life for which the first was made."

ଜୀବନୀ ଲେଖିବା କଥା ମନକୁ ଆସିଲେ ମୁଁ ରବୀନ୍ଦ୍ରନାଥଙ୍କ କଥା ଭାବେ । ବାର୍ଦ୍ଧକ୍ୟରେ ବାଲ୍ୟକାଳର କଥା ସ୍ପଷ୍ଟ ମନେପଡ଼େ । କବିଗୁରୁ ମଧ୍ୟ ସର୍ବଦା ବାଲ୍ୟକାଳର ଗପ କହୁଥିଲେ । ସେଇଥିରୁ ହିଁ ''ଛେଲେବେଲା'' ଲେଖାର ସୂତ୍ରପାତ । ମୁଁ ସେତେବେଳେ ଅନେକ ଥର ତାଙ୍କୁ କହିଛି, ''ଆପଣଙ୍କର ଜୀବନୀ ଲେଖନ୍ତୁ– ଏବେ ଯଦି ପ୍ରକାଶିତ ନ ହୋଇପାରେ, ତେବେ ପରେ ତ ପ୍ରକାଶିତ ହେବ ।'' ବାରମ୍ବାର କହିଛି, ''ଅନ୍ତର୍ଜୀବନଟା ଲେଖନ୍ତୁ ।''

ସେ କହୁଥିଲେ, ''ଅନ୍ତର୍ଜୀବନ ହିଁ ତ ଲେଖୁଛି– ମୋର ରୋମାଣ୍ଟିକ୍ ଲାଇଫ୍ ବିଷୟରେ ଆଉ କ'ଣ ଶୁଣିବାକୁ ଚାହଁ ?''

''କେବଳ ମୁଁ ନୁହେଁ– ଅନେକେ ମଧ୍ୟ ଶୁଣିବାକୁ ଚାହିଁବେ । ଆପଣଙ୍କର ଏହି ଦୀର୍ଘ ଜୀବନରେ କେତେ ମଣିଷ ଆପଣଙ୍କୁ ଭଲପାଇଛନ୍ତି । ଆପଣ ଭଲପାଇବାର ଯୋଗ୍ୟ । କିନ୍ତୁ ସେହି ଭଲପାଇବାକୁ ଆପଣ ଯେପରି ମର୍ଯ୍ୟାଦା ଦିଅନ୍ତି, ତାକୁ ଯଥାସ୍ଥାନରେ ରଖି ତା'ର ମାଧୁର୍ଯ୍ୟ ବିକଶିତ କରି ଯେତିକି ଗ୍ରହଣୀୟ, ସେତିକି ନେଇ ସାର୍ଥକ ମଧ୍ୟ କରନ୍ତି । ତାହା ମଧ୍ୟ ଏକ କବିତା । ଏହି କବିତା ଆପଣଙ୍କର ରଚନାଠାରୁ କମ୍ ସୁନ୍ଦର ନୁହେଁ, କମ୍ ଆଶ୍ଚର୍ଯ୍ୟଜନକ ନୁହେଁ । ଏହାକୁ ଯଦି ଆପଣ ନ ଲେଖନ୍ତି, ତାହା ହଜିଯିବ ।''

Digitized by srujanika@gmail.com

କବିଗୁରୁ କହୁଥିଲେ, ''ଯା' ଯିବାର ଥିବ ତା' ନିଶ୍ଚୟ ଯିବ । ମୋର କେତେ ଟିକେ ତୁମେ ରଖିପାରିବ ? ମୋର ଏ ଶତ'ଘଟିକୁ ରଖିପାରିବ ? ମୋର ଏ ହାତଖଣ୍ଡିକ ରଖି ପାରିବ ? ଯାହା ଯିବାର ଥିବ, ଚାଲିଯାଇ ଯେତିକି ରହିବା କଥା, ସେତିକି ହିଁ ରହିଯିବ– ମୋ ଗୀତରେ, କବିତାରେ ।''

ସେ ଆହୁରି ମଧ କହୁଥିଲେ, ''ଯେଉଁ ବାଟ ଦେଇ ଚାଲିଆସିଛି, ଆଉ ସେ ବାଟରେ ଫେରିହେବ ନାହିଁ । ତାହା ଅତି ଯନ୍ତ୍ରଣାଦାୟକ ।''

ସେ କଥାର ଅର୍ଥ ଆଜି ବୁଝିପାରୁଛି । ଯେତେବେଳେ ପଛକୁ ଅନାଏ, ସେତେବେଳେ ବର୍ତ୍ତମାନ ଯନ୍ତ୍ରଣାର ଭାରରେ ଦିକ୍‌ଶୂନ୍ୟ ହୋଇଯାଏ ।

ତେବେ ଏ କଥାଟା ଠିକ୍; ମୁଁ ଅତୀତକୁ ଡାକିଆଣିନାହିଁ, ସେ ଦୁଆର ଭାଙ୍ଗି ମୋ ଅନ୍ତର ଭିତରେ ପ୍ରବେଶକରି ବର୍ତ୍ତମାନ ସହିତ ମିଶିଯାଇଛି । ଯାହାର କଥା ଚାଳିଶ ବର୍ଷ ଯାବତ୍ ଶୁଣିନାହିଁ, ଏଇ କେତେ ମାସ ହେବ ତା' କଥା କ୍ରମାଗତଭାବରେ ଶୁଣିଆସୁଛି । ମୁଁ ଶୁଣିଛି ଯେ ତା'ର ସ୍ତ୍ରୀ ଅଛି; କିନ୍ତୁ କୌଣସି ସନ୍ତାନ ନାହିଁ । ସେ ଦୁଇପ୍ରାଣୀ ଗୋଟିଏ ଘରେ ଥାଆନ୍ତି । ସେ ଦିନରାତି ନିଜର ଲାଇବ୍ରେରିରେ ବହି ପଢୁଥାଏ । ତା' ଜୀବନରେ ପଢ଼ିବା ଓ ଲେଖିବା ଛଡ଼ା ଆଉ କିଛି ନାହିଁ । ଏ କଥାଟି ମୋତେ ଡରାଉଛି; ତା'ହେଲେ ଯେଉଁ ମଣିଷକୁ ମୁଁ ଦେଖିବାକୁ ଯାଉଛି, ସେ କେବେହେଲେ ସମ୍ପୂର୍ଣ୍ଣତା ପାଇନାହିଁ । ଯାହାର ଛାତି ଉପରେ ପାଦରେ ନୂପୁର ପିନ୍ଧି, ଆଖିରେ କଜଳ ନାଇ ଓ ହାତରେ ଲଡୁ ଧରି ବାଳଗୋପାଳ ନୃତ୍ୟ କରି ନାହିଁ, ସେ କିପରି ସମ୍ପୂର୍ଣ୍ଣତା ପାଇବ ? ଶୁଣିଛି, ତା' ସ୍ତ୍ରୀ ଖୁବ୍ ସଜାଗ ପ୍ରହରୀ । କେହି କେହି କହୁଛନ୍ତି ଯେ ମୋର କୌଣସି ଚିଠି ସେ ପାଇନାହିଁ; କିନ୍ତୁ ମୋର ବିଶ୍ୱାସ ହେଉନାହିଁ । ମୋ ଚିଠିରେ ଏପରି କିଛି ନଥିଲା, ଯେଉଁଥିପାଇଁ ତାକୁ ସେ ଚିଠି ଦିଆଯାଇନପାରେ । ମୋତେ ସେ ଈର୍ଷା କରିବ ବା କାହିଁକି ? ମୁଁ ତ ଅତୀତର ଏକ ସ୍ୱପ୍ନମାତ୍ର । ଉଣେଇଶଶହ ତିରିଶ ମସିହା ସେପ୍‌ଟେମ୍ବର ଅଠର ତାରିଖରେ ମିର୍ଚ୍ଚା ଚାଲିଯାଇଥିଲା । ତା'ପରେ ତା'ର ଗୋଟିଏ ଚିଠି ବା ଅସ୍ତିତ୍ୱର କୌଣସି ଚିହ୍ନ ମୁଁ ପାଇନାହିଁ । ସେହି ବ୍ୟଥାରେ ମୋ ଅନ୍ତରର ଏକ ପାଖ ଜଳିଯାଇଛି, ବର୍ତ୍ତମାନ ମଧ ଧୁକୁଧୁକୁ ହୋଇ ଜଳୁଛି– ଅବିଶ୍ୱାସର ବିଷାକ୍ତ ଧୂଆଁରେ ମୋର ପ୍ରେମ ଶ୍ୱାସରୁଦ୍ଧ ହୋଇଯାଇଛି । ଆଉ ଆଜି ଏତେ ଦିନ ପରେ ଶୁଣିଲି ଯେ ସେ କାହାରି ପାଖରେ କହିଛି– ''ମୁଁ (ମିର୍ଚ୍ଚା) ତା' (ଅମୃତା) ପାଖକୁ ଗୋଟିଏ ଫଟୋ ପଠାଇଥିଲି । ମୁଁ ତା' ପାଖକୁ ସିଧାସଳଖ ଲେଖିପାରୁନଥିବାରୁ ଖୋକା ହାତରେ ପଠାଇଥିଲି । ସେହି ଫଟୋରେ ମୋ ମୁହଁରେ ନିଶଦାଢ଼ି ଦେଖି ସେ ଖୋକାକୁ କହିଥିଲା ଯେ ମୁଁ ଯେପରି ଦାଢ଼ି କାଟିଦିଏ ।''

Digitized by srujanika@gmail.com

ମୁଁ ଭାବୁଛି– ଏ ପୁଣି କି କଥା ? ମୁଁ କ'ଣ ଏଭଳି ଏକ ଫଟୋ ଦେଖିଛି ? କେବେ ଦେଖିଲି ? କେଉଁଠି ଦେଖିଲି ? ଆଜିକାଲି ମୋ ଆଖିରେ ତିରିଶ ମସିହାର ଘଟଣାଗୁଡ଼ିକ ଚିତ୍ର ଭଳି ଭାସୁଛି– ମୁଁ ଦେଖୁଛି– ବାପା ମୋତେ କହୁଛନ୍ତି, ''ମିର୍ଜା ମୁହଁଭର୍ତ୍ତି ଦାଢ଼ି ରଖିଛି ।'' କିନ୍ତୁ ଖୋକା ଯେତେବେଳେ ମୋତେ ଏ ଫଟୋ ଦେଖାଇଲା, ସେତେବେଳେ ମୁଁ ବା କେଉଁଠି ଥିଲି ? ସେ ବା କୁଆଡ଼େ ଥିଲା ? ଏ ଦୃଶ୍ୟ ତ ମନେପଡ଼ୁନାହିଁ । ଏହାଛଡ଼ା ମୁଁ ତା'ର ଏପରି ଫଠୋ ଦେଖିଲେ ଖାଲି କହିବି– ଦାଢ଼ିଟା କାଟିଦିଅ– ଆଉ କିଛି ନୁହେଁ । ତାହା କ'ଣ ହୋଇପାରେ ? କଦାପି ହୋଇପାରେ ନାହିଁ । ମୁଁ ନିଶ୍ଚୟ କାନ୍ଦି କାନ୍ଦି କହିବି, ''ଖୋକା, ମୋତେ ଟିକେ ତା' ସଙ୍ଗେ ଦେଖାକରାଇଦିଅ ।'' ନାହିଁ, ଏସବୁ ତ କିଛି ମନେପଡ଼ୁନାହିଁ । ମୁଁ କେବଳ ଭାବୁଛି ଓ ଭାବୁଭାବୁ ମନେହେଲା– ସେ କ'ଣ ଖାଲି ଫଟୋ ପଠାଇଛି ? ନିଶ୍ଚୟ ଚିଠି ଲେଖିଛି– ତା' ହେଲେ ମୁଁ ତ ସେ ଚିଠି ଦେଖିନାହିଁ ।

ମୁଁ ବର୍ତ୍ତମାନ ବୁଝିଲି । ଖୋକା ବେଳେବେଳେ ତାକୁ ଟଙ୍କା ମାଗେ ଓ ସେଇ ଟଙ୍କା ଆଦାୟ ପାଇଁ ଖୋକା ତା' ପାଖରେ ମୋର ନିର୍ଯାତନାର ଅଦ୍ଭୁତ ଅଦ୍ଭୁତ କାହାଣୀ କହି ତାକୁ ବିପର୍ଯ୍ୟସ୍ତ କରି ଟଙ୍କା ନେଇଛି । ମୁଁ ଖୋକା ପାଖକୁ ଯିବି ବୋଲି ସ୍ଥିରକଲି । ବର୍ତ୍ତମାନ ମୋର ଲଜ୍ଜା ବା କ'ଣ– ସେ ତ କେତେ ଯୁଗର କଥା ।

ଦିନେ ସଞ୍ଜବେଳେ ଖୋକା ଘରେ ଯାଇ ଉପସ୍ଥିତ ହେଲି । ତା'ର ଦୁରବସ୍ଥା କେବେହେଲେ ଘୁଞ୍ଚିଲା ନାହିଁ । ଘୁଞ୍ଚିବ ବା କିପରି ? ତା'ର ବାରଟି ସନ୍ତାନ । ଘର ଆଗରେ ପହଞ୍ଚି ଦେଖେ–ଘରଟି ଅନ୍ଧକାର । ଚାରିଆଡ଼େ ଆଲୁଅ ଝଲମଲ, କେବଳ ଏଇ ଘରଟା ଅନ୍ଧକାର । କିଛି କ୍ଷଣ ଡାକିବା ପରେ ଖୋକା ବାହାରିଆସିଲା । ତାକୁ ବହୁବର୍ଷ ପରେ ଦେଖିଲି । ସଂପୂର୍ଣ୍ଣରୂପେ ବୃଦ୍ଧ ହୋଇ ତା'ର କୁତ୍ସିତ ରୂପ ଆହୁରି କଦାକାର ହୋଇଯାଇଛି । ସେ କହିଲା, ''କିଏ ? କିଏ ?''

''ମୁଁ ମୋତେ ଚିହ୍ନିପାରୁନାହିଁ ?''

ଅନ୍ଧକାର ମଧ୍ୟରେ କିଛି ସମୟ ପରେ ସେ ଅନ୍ଦାଜ କରି କହିଲା, ''ରୁ ! ଅନେକ ଦିନ ପରେ ତୁମକୁ ଦେଖିଲି । ଘଟଣା କ'ଣ ?''

''ଆଲୁଅ ନାହିଁ କାହିଁକି ?''

''ତାହା ବୁଝିବା କଷ୍ଟସାଧ ନୁହେଁ, ବିଲ୍ ଦେଇପାରିନାହିଁ, ଲାଇନ୍ କାଟିଦେଇଛନ୍ତି । ଭିତରକୁ ଆସିବ ? ଗୋଟିଏ ମହମବତି ଆଣେ ।''

ମହମବତି ଆଣି ଖୋକା ମୋତେ ଦେଖୁଛି– ''ରୁ, ତୁମେ ଏବେବି ସୁନ୍ଦର ଅଛ । ତୁମ ବୟସରେ ଏପରି କେତେଜଣ ଅଛନ୍ତି ? ଆଜିକାଲି ଝିଅମାନଙ୍କର ଯେଉଁ ଚେହେରା ।''

Digitized by srujanika@gmail.com

''ସତେ ? ଶୁଣି ଖୁବ୍ ଖୁସି ହେଲି । ଖୋକା, ତୁମ ପାଖରେ ମିର୍ଜାର ଯେଉଁ ଚିଠିଗୁଡ଼ିକ ଅଛି ଦେଇଦିଅ ।''

''ମିର୍ଜାର ଚିଠି ! ଏତେ କାଳ ପରେ ସେ ମନେପଡ଼ିଲା ।''

''ମୋ ଜୀବନୀ ଲେଖିବି, ସେଥିରେ ତା' ବିଷୟ ଲେଖିବାକୁ ହେବ, ନୁହେଁ କି ?''

''ଯଦି ତୁମର ସାହସ ଥିବ, ତୁମେ ନିଶ୍ଚୟ ଲେଖିବ । ଆଉ ଯଦି ଖାଲି ସାଧୁତାର ବଡ଼େଇ କରିବା ପାଇଁ ଜୀବନୀ ଲେଖିବ, ତା'ହେଲେ ବରଂ ଲେଖିବ ନାହିଁ ।''

''ମୁଁ ଭାବିଛି– ମିର୍ଜା କଥା ଭଲଭାବେ ଲେଖିବି ।''

''ଶୁଣି ଖୁବ୍ ଖୁସି ହେଲି । ସତରେ ଆନନ୍ଦ ଲାଗୁଛି । ସମସ୍ତେ କହନ୍ତି ଯେ ତୁମର ଖୁବ୍ ସାହସ ।...ଆମ ପିଲାବେଳଟା କି ସୁନ୍ଦର ଥିଲା ! କି ମଧୁର ଥିଲା ସେ ଦିନଗୁଡ଼ିକ ! ଆଉ ମିର୍ଜା ଖୁବ୍ ଭଲ ପିଲା ଥିଲା ।'' ଖୋକା ସ୍ମୃତି-ରୋମନ୍ଥନ କରୁଛି ।

''ଏମିତିଭାବେ ଏକ ଘଣ୍ଟା ଭିତରେ ତାକୁ ତଡ଼ିଦେବା ଉଚିତ ହୋଇନାହିଁ । ମାମୁଙ୍କର କୌଣସି ବିଚାରବୁଦ୍ଧି ନ ଥିଲା । ଗୋଟିଏ ଛୋଟ ପାଗଳୀ ଝିଅ କଥା ଶୁଣି ଏପରି କେହି କରନ୍ତି ?...'' ସେ କହିଚାଲିଛି ।

''ଖୋକା ! ଚିଠିଗୁଡ଼ିକ ଦିଅ । ମୋର ତ କିଛି ମନେପଡୁନାହିଁ । ଚିଠିସବୁ ପଢ଼ିଲେ ହୁଏତ ଅନେକ କଥା ମନେପଡ଼ିବ । କେଇଟା ଚିଠି କୁହତ ? ମୁଁ ମନେମନେ ଅନ୍ଦାଜ କରୁଛି– ଦଶମାସ ଭିତରେ କେଇଟା ଚିଠି ଲେଖିପାରେ ? ପ୍ରତିମାସରେ ହୁଏତ ଦୁଇଟା ଚିଠି ଲେଖିଛି ।''

''ହଁ, ଲେଖିଛି ଅନେକ; କିନ୍ତୁ ମୁଁ ସେସବୁ ଚିଠି ଚିରି ଫୋପାଡ଼ିଦେଇଛି ।''

''ଚିରିଦେଲ କାହିଁକି ?''

''ସାବଧାନ ହେବାପାଇଁ– କାଳେ କିଏ ଦେଖିପକାଇବ ।''

''ଖୋକା, ତାର ଦାଢ଼ିଥିବା ଫଟୋଟା କାହିଁ ? ସେଟା ତ ଚିରିବା ଦରକାର ନଥିଲା ।''

''ସେଟା ତ ମୁଁ ତୁମକୁ ଦେଇଦେଇଛି ।''

''ନା, କେବେହେଲେ ମୋତେ ଦେଇନାହଁ । ସେ ଫଟୋ ମୁଁ ଦେଖିନାହିଁ । ଦେଖିଥିଲେ ଭୁଲନ୍ତି ନାହିଁ ।''

''ଇସ୍ ! ମଣିଷଟାକୁ ପୂରାପୂରି ଭୁଲି ଆନନ୍ଦରେ ଘରସଂସାର କଲ, ଆଉ ବର୍ତ୍ତମାନ କହୁଛ– କେବେହେଲେ ଭୁଲିନଥାନ୍ତି ।''

''ଖୋକା, ଫଟୋ ଦିଅ, ଯେଉଁ ଚିଠି ଅଛି ତାକୁ ବି ଦିଅ ।''

Digitized by srujanika@gmail.com

''ଚାଳିଶ ବର୍ଷ ତଳର ଚିଠି ମୁଁ କ'ଣ ପକେଟ୍‌ରେ ନେଇ ବୁଲୁଛି ? ମୋତେ ଖୋଜିବାକୁ ପଡ଼ିବ । ତୁମେ ସାତଦିନ ପରେ ଆସ ।''

ସାତଦିନ ପରେ ଗଲି । କ୍ରୋଧରେ ମୁଁ ଜଳିଯାଉଛି । ଏତେ ଚିଠି ଲେଖିଥିଲା, ଆଉ ମୁଁ କିଛି ଜାଣେନାହିଁ । ସେ ନିଶ୍ଚୟ ମୋ ପାଖକୁ ଲେଖିଥିଲା । ତା' ନହେଲେ ଏ ମୂର୍ଖ ଲୋକଟାକୁ କେଉଁ କାରଣରୁ ଏତେ ଚିଠି ଲେଖିବ ?''

ଖୋକା ପାଖକୁ ଏତେଥର ଯାଇ ଫେରିଆସିଲି । ତା'ପରେ ସେ ଖବର ପଠାଇଲା ଯେ ସେ ଚିଠି ପାଇଛି । ସଞ୍ଜବେଳେ ପୁଣି ଗଲି । ଖୋକା ଉପରୁ ତଳକୁ ଓହ୍ଲାଇଆସିଲା । ସ୍ଥୂଳ, ଲୋମଶଶରୀର, ଖାଲି ଦେହ, ଲୁଙ୍ଗି ପିନ୍ଧିଛି । ଅଣ୍ଟାରେ କେତୋଟି ଚିଠି ଗୁଞ୍ଜିଛି ।

ହାତ ବଢ଼େଇ କହିଲି, ''ଦିଅ'' ।

''ବହୁତ ଖୋଜାଖୋଜି କରି ଏ ତିନୋଟି ଚିଠି ପାଇଲି; ଆହୁରି ଖୋଜିବି ।''

ଚିଠିଗୁଡ଼ିକ ନେଇ ମହମବତିର ଆଲୁଅରେ ପଢ଼ିବାକୁ ଆରମ୍ଭ କଲି । ଖୋକା କହିଲା, ''ଘରକୁ ଯାଇ ପଢ଼ିବ—ଆସ, ବର୍ତ୍ତମାନ ଟିକେ ଗପ କରିବା । ପିଲାବେଳର ଗପ ଜାଣ, ମୁଁ ତୁମ ଦୁହିଁଙ୍କର ଛାୟା କବାଟରେ ଦେଖିଥିଲି । ମିର୍ଚ୍ଚାକୁ କହିଲି— ଆସ, ଏ ଚୌକିରେ ବସ । ମୁଁ ସେଠି ଠିଆହେଲି; ଦେଖିଛ ? ସେଠାରେ ତୁମ ଦୁହିଁଙ୍କର ଛାୟା ମୁଁ ଦେଖିଛି । ସେ ତ ଚମକିପଡ଼ିଲା ।''

ଖୋକା ତା'ର ବକିଚାଲିଛି । ମୁଁ ଚିଠି ପଢ଼ିବାରେ ଲାଗିଛି । ଅପୂର୍ବ ଚିଠି- ଗୋଟିଏ ୟୁରୋପୀୟ ମନ ପ୍ରାଚୀନ ଭାରତର ଯାଦୁଦଣ୍ଡ ସ୍ପର୍ଶରେ ବିକଶିତ ଓ ପ୍ରେମର ଦହନରେ ଦହ୍ୟମାନ । ସେହି ସୁନ୍ଦର ମନର ଛବି ମୁଁ ଦେଖିପାରୁଛି । ଚିଠିଗୁଡ଼ିକ ଜୀର୍ଣ୍ଣ ହୋଇଗଲାଣି । ଚିଠି ପଢ଼ି ବୁଝିଲି ଯେ ଏଥିପୂର୍ବରୁ ମଧ୍ୟ ସେ ଚିଠି ଲେଖିଛି ।

ସ୍ୱର୍ଗଧାମ— ହୃଷୀକେଶ

ନଭେମ୍ବର ୧୦,୧୯୩୦

ପ୍ରିୟ ଖୋକା,

ବ୍ରହ୍ମପୁରୀ ଅରଣ୍ୟରେ ଅନେକ ଦିନ ନିର୍ଜ୍ଜନରେ କଟାଇ କାଲି ରାତିରେ ଆଶ୍ରମକୁ ଫେରି ଦେଖେ ଯେ ତୁମେ ଚିଠି ଲେଖିଛ । କିଛି କିଛି ଘଟଣା ତୁମେ ଜାଣିନଥିଲ; ତେଣୁ ମୁଁ ଖୋଲି ଲେଖୁଛି । ଲୋକେ ମୋତେ ଶ୍ରୀଚୈତନ୍ୟ କହିଲେ କହନ୍ତୁ । ମୋତେ କିନ୍ତୁ ଏଭଳି ଶସ୍ତା ରସିକତା ସ୍ପର୍ଶ କରେନାହିଁ । ମୁଁ ସୁଖୀ ହୋଇଛି ଯେ ମୋର ବନ୍ଧୁ ଦୁଇଜଣ ସେଥିରେ ବିଶ୍ୱାସ କରନ୍ତି ନାହିଁ । ମୋର ବୈରାଗ୍ୟର କଥା ଯେତେବେଳେ ଭାବିବ, ସେତେବେଳେ ୟୁରୋପୀୟମାନଙ୍କ ପରି ଭାବିବ ନାହିଁ— ଭାରତୀୟରୂପେ ଦେଖ । ତୁମେ ମୋଠାରୁ ଭଲ ବୁଝିଥିବ ଯେ କାହିଁକି ଯିଶୁଙ୍କୁ ତାଙ୍କ ବାଣୀ ପୃଥିବୀରେ

Digitized by srujanika@gmail.com

ପ୍ରଚାର କରିବା ପୂର୍ବରୁ ମରୁଭୂମିରେ କୋଡ଼ିଏ ବର୍ଷ ସାଧନା କରିବାକୁ ପଡ଼ିଥିଲା । ଭାବି ଦେଖ, ଯିଶୁ ଅଠର ମାସ ପ୍ରଚାର କରିଥିଲେ ଏବଂ ପୃଥିବୀକୁ ବଦଳାଇଦେଇଥିଲେ । ଆଉ ମୁଁ ଆମ ସମସାମୟିକ ଅନେକ ବ୍ୟକ୍ତିଙ୍କର ବୁଦ୍ଧିଯୁକ୍ତ ମସ୍ତିଷ୍କ ଓ ମନର କଥା ଜାଣେ, ଯେଉଁମାନେ ଜୀବନସାରା ପ୍ରଚାର କଲେ ମଧ୍ୟ ନିଜ ମନର ପରିବର୍ତ୍ତନ କରିପାରିବେ ନାହିଁ । ମୁଁ ସଂସାରକୁ ଫେରିବା ପାଇଁ ବ୍ୟଗ୍ର ନୁହେଁ । ସମଗ୍ର ବିଶ୍ୱ ରାମକୃଷ୍ଣଙ୍କ ଦ୍ୱାର ପାଖକୁ ଆସିଲା, ଯେତେବେଳେ ସେ ସିଦ୍ଧପୁରୁଷ ହେଲେ । ପୁଣି ବିବେକାନନ୍ଦ ସମଗ୍ର ପୃଥିବୀ ବୁଲିଲେ; କିନ୍ତୁ କାହାକୁ ଦୀକ୍ଷିତ କରିପାରିଲେ ନାହିଁ । ବେଶି ଯୁକ୍ତିତର୍କ କରି ଲାଭ ନାହିଁ । ଦେଶବିଦେଶରେ ବୁଲି ବକ୍ତୃତା ଦେଲେ ବା ଗୁଡ଼ାଏ ବହି ଲେଖିଲେ 'ସାଧନା' ହୁଏ ନାହିଁ । ପୁଣି ଏ କାଳର ଅସଂଖ୍ୟ ଗଧଙ୍କ କାନରେ ମନ୍ତ୍ର ଦେଲେ ମଧ୍ୟ ସାଧନା ହୁଏ ନାହିଁ । ଅନ୍ତତଃ ମୋ ପାଖରେ ସାଧନାର ଅର୍ଥ ଅନ୍ୟ କିଛି ଓ ଅନେକ କିଛି ଅଧିକ ।

ମୋର ବାପା, ମା' ଓ ଭଉଣୀ ଆଶା କରିଛନ୍ତି ଯେ, ମୁଁ ଘରକୁ ଫେରିବି । ସେଥିପାଇଁ ମୁଁ ଅନେକ ଦିନ ହେଲା ସେମାନଙ୍କଠାରୁ ଚିଠି ପାଇନାହିଁ; କାରଣ ମୁଁ ଅଳ୍ପ ଦିନ ପାଇଁ ସ୍ୱଦେଶକୁ ଯିବାର ଥିଲା । ମୋର ବହି 'ଯେ ଆଲୋକ ନିବେ ଗେଛେ' (ଯେଉଁ ଆଲୋକ ଲିଭିଯାଇଛି) ସେପ୍ଟେମ୍ବର ୧୮ ତାରିଖରେ ମୋର ବନ୍ଧୁ ନିକଟରେ ପହଞ୍ଚିଯାଇଛି । ଏଇ ଚିଠି ଅମୃତାକୁ ଦେଖାଇବ । ଇତି । – ମିର୍ଜା

ଚିଠିଟା ପଢ଼ିଛି ଏବଂ ବୁଝିପାରୁଛି ଯେ, ସେ ବାପାଙ୍କ ଉପରେ ରାଗି ନିଆଁ ହୋଇଯାଇଛି । ବାପାଙ୍କର ଦେଶବିଦେଶରେ ବକ୍ତୃତା ଦେବା, ବିଦ୍ୟା ଅର୍ଜନ ଓ ବିଦ୍ୟାଦାନ, ଏସବୁ କିଛି ସେ ପସନ୍ଦ କରୁନାହିଁ; କିନ୍ତୁ ମନେ ମନେ ତାଙ୍କୁ ଅନେକ ବଡ଼ ଭାବିଥିଲା ବୋଲି ସେ ତାଙ୍କୁ ସବୁ ମହାପୁରୁଷଙ୍କ ସହ ତୁଳନା କରିଛି । ବାପାଙ୍କର ଏ ଗୋଟିଏ ଦୁର୍ଭାଗ୍ୟ ଯେ, ତାଙ୍କର ପ୍ରିୟଜନମାନଙ୍କ ନିକଟରେ ସେ ଦେବତା ହେବାକୁ ଚାହିଁଥିଲେ । ଯଦି ତା' ନହୋଇ ସେ ଦୋଷଗୁଣଯୁକ୍ତ ମଣିଷଟିଏ ହେବାକୁ ଚାହିଁଥାଆନ୍ତେ, ତେବେ ତାଙ୍କର ଏଡ଼େ ଦୁର୍ଭୋଗ ହୋଇନଥାନ୍ତା, କି ଆମର ମଧ୍ୟ ହୋଇନଥାନ୍ତା ।

ସ୍ୱର୍ଗାଶ୍ରମ,
ନଭେମ୍ବର ୨୫,୧୯୩୦

ପ୍ରିୟ ଖୋକା,

ମୁଁ ତୁମ ଚିଠି ଅପେକ୍ଷାରେ ଥିଲି । ତେଣୁ ଦ୍ରୁତ ଚିଠିଟି ପଢୁଛି । ମୁଁ କାହିଁକି ସେ ବିଷୟ ଘରକୁ ଲେଖୁନାହିଁ ? ମୋ ଭଉଣୀ ପାଖକୁ କିଛିଟା ଲେଖିଛି । ସେମାନେ କେହି ମୋ ବିଷୟରେ, ମୋ ଚିନ୍ତାଧାରା ବିଷୟରେ ଏତେ ବେଶି ଜାଣନ୍ତି ନାହିଁ ଯେ

Digitized by srujanika@gmail.com

ମୋ ଚିଠି ପାଇ ସବୁକିଛି ବୁଝିପାରିବେ । ସେମାନେ ଜାଣନ୍ତି ଯେ ମୁଁ ଗୋଟିଏ ହିନ୍ଦୁ ଝିଅକୁ ବିବାହ କରିବି ବୋଲି ଠିକ୍ କରିଛି ଏବଂ ଭାରତରେ ଆଉ ପାଞ୍ଚବର୍ଷ ରହିବି । ସେମାନେ ଏତିକି ମାତ୍ର ଜାଣନ୍ତି; କିନ୍ତୁ ମୋ ଅନ୍ତର କଥା ମୁଁ କାହାରିକୁ ହେଲେ କହିନାହିଁ । ସେମାନଙ୍କୁ କହିବି; କିନ୍ତୁ ବର୍ତ୍ତମାନ ନୁହେଁ । ମୁଁ ପ୍ରତ୍ୟୁଷର ଅପେକ୍ଷାରେ ଅଛି । ତୁମେ କ'ଣ ଭାବୁଛ ଯେ ପ୍ରଭାତ ହେବାକୁ ବେଶି ଡେରି ହେବ ? ଦେଖୁଛ ତ ସାହିତ୍ୟିକ ଖ୍ୟାତି କି କାମରେ ଲାଗିଲା ? ତେଣୁ ମୁଁ ବର୍ତ୍ତମାନ ସାହିତ୍ୟ ବା ଯଶ ଇତ୍ୟାଦିକୁ ଗ୍ରାହ୍ୟ କରେନାହିଁ । ମିଁ ଦିବାରାତ୍ର ଉପନିଷଦ୍ ପଢୁଛି । ବେଦର କିଛି ଅଂଶ ପଢୁଛି । ମୁଁ ଗୁରୁକୁଳ ଯାଇଥିଲି । ଆର୍ଯ୍ୟସମାଜଦ୍ୱାରା ପରିଚାଳିତ ଏହି କଲେଜଟି ଖୁବ୍ ବିଖ୍ୟାତ । ବିଭିନ୍ନ ଧର୍ମର ତୁଳନାତ୍ମକ ବିଷୟରେ ବକ୍ତୃତା ଦେବାପାଇଁ ମୁଁ ଏଠାକୁ ନିମନ୍ତ୍ରିତ ହୋଇଛି । ମୁଁ ରାଜିହୋଇଛି; କାରଣ ଗୁରୁକୁଳରେ ସଂସ୍କୃତ ଭାଷାରେ କଥା କହିବାକୁ ସୁଯୋଗ ପାଇବି । ଏଠାରେ ଛାତ୍ରମାନେ ପୁରାତନ ଭାରତର ମହାନୁଭବତାରେ ଉଦ୍‌ବୁଦ୍ଧ । ଗଛତଳେ ପବିତ୍ରଭାବେ– ମୁକ୍ତବାୟୁରେ ଏମାନେ ବାସ କରନ୍ତି । ବର୍ତ୍ତମାନ କେବଳ ଏହି ଜୀବନଟି ମୁଁ ସହ୍ୟ କରିପାରୁଛି । ତୁମେ ପଚାରିଛ ଯେ ମୁଁ ଅଳ୍ପ ଦିନ ପାଇଁ ଦେଶକୁ ଯାଉନାହିଁ କାହିଁକି ? କାରଣ ତା'ହେଲେ ସେମାନେ ଆଉ ମୋତେ ଆସିବାକୁ ଦେବେନାହିଁ । ସେମାନେ ମୋର ଆଖିକୁ ଅନାଇଁ ବୁଝିବେ– ଭାରତ ମୋତେ କ'ଣ ଦେଇଛି । ସେମାନଙ୍କୁ ଭୟଲାଗିବ ଏବଂ ସେମାନେ ମୋତେ ୟୁରୋପରେ ଅଟକାଇ ରଖିବେ । ୟୁରୋପ ବର୍ତ୍ତମାନ ମୋର ସ୍ୱପ୍ନର ମହାଦେଶ–ସେଠାରେ ମୁକ୍ତ ଥିଲି, ମୋର ବୟସ କମ୍ ଥିଲା । ସେଠାରେ ଥିଲାବେଳେ ଜୀବନ ସମ୍ବନ୍ଧରେ ଉଦାସୀନ ଥିଲି ଏବଂ ଶାନ୍ତି ଓ ସୁଖରେ ଥିଲି । ଏବେ ସେସବୁ ମୋ ପାଖରେ ସ୍ୱପ୍ନ । ସିସିଲି ତୀର ଏବଂ ରୋମର ଧ୍ୱଂସାବଶେଷ, ଫ୍ଲୋରେନ୍‌ସର ଘନନୀଳ ଆକାଶ ଏବଂ ସୁଇଜରଲାଣ୍ଡର ନିର୍ଜନତା, ହୁଏତ ଏସବୁ ମୁଁ ଆଉ କେବେ ଦେଖିବି ନାହିଁ । ମୋତେ ଏଠାରେ ରହି ଯୁଦ୍ଧ କରିବାକୁ ହେବ । ଏଇ ଭାରତରେ ରହି ଭାରତ ସହିତ ଯୁଦ୍ଧ କରିବି । ଭାରତ ହିଁ ମୋତେ ବନ୍ଧନର ଶିକୁଳି ଦେଇଛି; ଭାରତହିଁ ମୋତେ ମୁକ୍ତିର ପଥ ଦେଖାଇବ । ମୁଁ କାହାକୁ ପ୍ରବଞ୍ଚନା କରୁନାହିଁ– ନିଜକୁ ମଧ୍ୟ ନୁହେଁ– ମୋ ଦେଶକୁ ମଧ୍ୟ ନୁହେଁ । ତେଣୁ ଦେଶକୁ ଫେରିଯାଇ ମୋର ଆଧ୍ୟାତ୍ମିକତା ସମ୍ବନ୍ଧରେ ଭୁଲ କଥା କହି କିମ୍ବା ମୋର ଯୋଗବିଷୟକ ବିଦ୍ୟା ସମ୍ବନ୍ଧରେ ବଢ଼େଇ କରି ଲାଭ କ'ଣ– ଯେତେବେଳେ ସତ୍ୟ ହେଉଛି ଯନ୍ତ୍ରଣା, କେବଳ ଯନ୍ତ୍ରଣା ମୁଁ ଚାହେଁ ଯେ ତୁମେ ଅଧିକ ସହାନୁଭୂତିର ସହ ବୁଝ । ତୁମେ ବର୍ତ୍ତମାନ ପର୍ଯ୍ୟନ୍ତ ଜାଣିନାହଁ ଯେ ମୋର କି ସର୍ବନାଶ ହୋଇଯାଇଛି –ତା'ର ଗଭୀରତା କେତେ ଦୂର । ମୁଁ ଏଠାରେ ରହିବି । ମୁଁ ସର୍ବଦା ସଂସ୍କୃତ ଓ ଭାରତୀୟ ଦର୍ଶନ ପଢୁଛି । ଗୋଟିଏ

Digitized by srujanika@gmail.com

ବତି ପାଇଛି– ଗଭୀର ରାତି ପର୍ଯ୍ୟନ୍ତ ପଢ଼େ । ଏଠାରେ ଖୁବ ଥଣ୍ଡା, ଖୁବ୍ ନିର୍ଜନ । ଏଠାରେ ଅଳ୍ପ କେତେ ଜଣ ପଣ୍ଡିତ ଅଛନ୍ତି । ଅମୃତାକୁ ମୋର ସେହି ଫଟୋ ଦେଖାଇବ–ସେ ଜାଣେ ମୋର କେତେ କଷ୍ଟ । ତା'ପାଖକୁ ଫଟୋ ପଠାଇବାର ଅଧିକାର ମୋର ନାହିଁ । ସ୍ନେହ ନେବ । ଇତି–ମିର୍ଜା ।

ସ୍ୱର୍ଗାଶ୍ରମ

୫ ଡିସେମ୍ବର,

ପ୍ରିୟ ଖୋକା,

ତୁମର ଚିଠି ପଢ଼ିଲି । ତୁମକୁ କ୍ଷମା କରିବାର ପ୍ରଶ୍ନ ଉଠୁନାହିଁ । ତୁମେ ଠିକ୍ କରିଛ । ତୁମ ବନ୍ଧୁକୁ ତୁମ ବିପଦର କଥା ଲେଖିଛ । ମୋର ତ୍ରୁଟି ଯେ ତୁମକୁ ସାହାଯ୍ୟ କରିପାରୁନାହିଁ । ମୁଁ ଅହରହ କାମ କରି ଚାଲିଛି । ଉପନିଷଦ-ତତ୍ତ୍ୱବିଷୟକ ମୋର ପ୍ରବନ୍ଧ ଶେଷହୋଇଛି । ଉପନିଷଦ୍ ବିଷୟରେ ମୁଁ ଏତିକି କହିପାରେ ଯେ, ଏହି ବହି ମୋର ଜୀବନର ସାନ୍ତ୍ୱନା, ମୋର ମୃତ୍ୟୁରେ ମଧ୍ୟ ସାନ୍ତ୍ୱନାସ୍ଥଳୀ ହେବ । ମୁଁ ଯେତେବେଳେ କ୍ଳାନ୍ତ ହୋଇପଡ଼େ, ସେତେବେଳେ ସାହିତ୍ୟଚର୍ଚ୍ଚା କରେ । ଅବସରବିନୋଦନ ନିମିତ୍ତ ନୁହେଁ, କି ନାମଖ୍ୟାତି ପାଇଁ ନୁହେଁ– ସମ୍ପାଦକଙ୍କ ପ୍ରତି କର୍ତ୍ତବ୍ୟ ଦୃଷ୍ଟିରୁ । ଲେଖାଲେଖି କରିବା ହିଁ ମୋର ଅପରାହ୍ଣର ବିଶ୍ରାମ । ଏବେ ତୁମକୁ ଗୋଟିଏ କଥା ପଚାରୁଛି, ତୁମେ ଅମୃତାକୁ ଫଟୋଟି ଦେଖାଇଛ କି ? ସେ ବର୍ତ୍ତମାନ କ'ଣ କରୁଛି ? ତୁମେ ପ୍ରତି ଚିଠିରେ ଲେଖୁଛ ଯେ ତା'ର ସଙ୍କଟ ଦୂର ହୋଇନାହିଁ; କିନ୍ତୁ ଏହାଦ୍ୱାର ବିଶେଷ କିଛି ବୁଝାପଡୁନାହିଁ । ଏ ତ ଗୋଟାଏ କଥା ମାତ୍ର । ଆଶାକରେ, ତୁମେ ବୁଝିପାରୁଛ ତା' ଖବର ପାଇଁ ମୁଁ କିପରି ଉଦ୍‌ବିଗ୍ନ ହୋଇପଡ଼ିଛି । ମୁଁ ଜାଣେ ଓ ମୋର ଦୃଢ଼ ବିଶ୍ୱାସ ଯେ ଠିକ୍ ଯାହା କରିବା ଉଚିତ, ସେ ତାହା କରୁଛି ଏବଂ ଭବିଷ୍ୟତରେ ମଧ୍ୟ କରିବ; କିନ୍ତୁ ମୁଁ ତା' ବିଷୟରେ ଅଧିକ ଜାଣିବାକୁ ଚାହେଁ । ତୁମେ କାହିଁକି ତାକୁ ମୋ ଚିଠି ଦେଖାଉନାହଁ ? ଯେତେବେଳେ ସେ ଏକୁଟିଆ ଥାଏ, ସେତେବେଳେ ତାକୁ ମୋ ଚିଠିଗୁଡ଼ାକ ଦେଖାଇବ ଏବଂ ତା' ମନର କଥା ମୋତେ ଯେପରି ହେଉ ଜଣାଇବ । ତା' ମନର ଅବସ୍ଥା ବର୍ତ୍ତମାନ କିପରି, ମୁଁ ଜାଣିବାକୁ ଚାହେଁ । ସେ ଅତୀତର କଥା ଭୁଲିବ ନାହିଁ–ଏ କଥା ଲେଖି କିଛି ଲାଭହେବନାହିଁ । କାରଣ ଅତୀତ ଗୋଟିଏ କଥାମାତ୍ର । ମୋ କଥା ବୁଝିଲ ତ ?

ମୋର ଯେଉଁ ଉନ୍ମତ୍ତ ଅଭିଜ୍ଞତା ହେଲା (ତୁମେ ତାକୁ ପ୍ରେମ କହିପାର), ଯାହା ଗତ ତିନିମାସ ହେଲା ମୋତେ ଅସୀମ ଯନ୍ତ୍ରଣାବିଦ୍ଧ କରୁଛି, ବର୍ତ୍ତମାନ ତା'ର ଆଲୋକିତ ଦିଗଟା ମୁଁ ଦେଖିବାକୁ ଆରମ୍ଭକରିଛି । ସେହି ଝିଅ ମୋ ଜୀବନକୁ ବଦଳେଇଦେଇଛି ଓ ସହସ୍ର ଗୁଣ ସୁନ୍ଦର କରିଛି । ମୋର ଏହି ଜାଗରଣ ସୂର୍ଯ୍ୟୋଦୟ

Digitized by srujanika@gmail.com

ପରି ମହିମାମୟ । ମୁଁ ସତ୍ୟକୁ ଦେଖୁଛି ଏବଂ ସାମାଜିକ ଜଗତରେ ଓ ବିଦ୍ୟା-ଜଗତରେ ଅପରିଚ୍ଛନ୍ନତା ଦେଖୁଛି । ଚତୁର୍ଦିଗର ଭୀରୁତା ଓ ଅପରିଚ୍ଛନ୍ନତା ମଧ୍ୟରେ ମୁଁ ନିଜକୁ ପବିତ୍ର ମନେକରୁଛି । ଯେତେ ମିଥ୍ୟାର କିଣାବିକା ଦେଖୁଛି, ତା' ଭିତରେ ବି ମୋତେ ଶାନ୍ତି ମିଳୁଛି; କାରଣ ମୁଁ ଦୁଃଖପାଉଛି । ମୁଁ ଏ ଜୀବନ ଉପଭୋଗ କରିବାକୁ ଚାହେଁନାହିଁ । ମୁଁ ସୁଖ ଚାହେଁ ନାହିଁ, ଚାହେଁ ନାହିଁ – ଇତି । ତୁମର ବନ୍ଧୁ ମିର୍ଜା ।

ଚିଠିଗୁଡ଼ିକ ପଢୁଛି, ଆଉ ଭାବୁଛି, ମିର୍ଜା ଘୁଷୁରି ଆଗରେ ମୁକ୍ତା ବିଞ୍ଚିଛି । ବାପାଙ୍କ ପାଖରେ ପ୍ରତିଜ୍ଞା କରିଥିଲା– ମୋ ପାଖକୁ ଲେଖିବ ନାହିଁ– ସେଥିପାଇଁ ଖୋକା ପାଖକୁ ଲେଖିଛି । ସେ ନିଶ୍ଚିତ ଥିଲା, ଖୋକା ମୋତେ ଚିଠି ଦେଖାଇବ ଏବଂ ମୁଁ ଯଥାକର୍ତ୍ତବ୍ୟ କରିବି । ତା'ର ବିଶ୍ୱାସ ଥିଲା, ମୁଁ ଠିକ୍ ସମୟରେ ଠିକ୍ କାମଟି କରିବି । ମୋ ଉପରେ ତା'ର ଏତେ ବିଶ୍ୱାସ; ଆଉ ମୁଁ କ'ଣ କଲି ? ସାରା ଜୀବନ ଧରି ମୁଁ ଭାବିଆସିଛି ଯେ ସେ ମୋତେ ଠକିଛି । ମୁଁ ନିଶ୍ଚୟ କିଛି କରିପାରିଥାଆନ୍ତି । ଏ ତ ମୋ ଦେଶ, ମୋର ଅନେକ ବନ୍ଧୁ ଥିଲେ, ସେମାନେ ସମସ୍ତେ ବେଶ୍ ପ୍ରଭାବଶାଳୀ ବ୍ୟକ୍ତି । ମୋର କ'ଣ କେହି ସହାୟ ନଥିଲେ ? ତେବେ କାହିଁକି ମୁଁ କିଛି କଲିନାହିଁ ? କାରଣ ମୋର ଧାରଣା ଥିଲା, ଏ ବିଷୟରେ ଯାହା କିଛି କରଣୀୟ, ପୁରୁଷକୁ ହିଁ କରିବାକୁ ହେବ– ଝିଅମାନେ କାହିଁକି ଆଗେଇଯିବେ– ଉପଯାଚିକା ହେବେ ?

ଏ ବି ତ ଏକପ୍ରକାର କୁସଂସ୍କାର ଏବଂ ଦମ୍ଭ । ମୁଁ ଗୋଟିଏ ନିର୍ବୋଧ ଅପଦାର୍ଥ ଝିଅ ଥିଲି । ଅବଶ୍ୟ ମୁଁ ଜାଣିନଥିଲି ଯେ ବାପା ପୁଲିସ ପଠେଇଦେଇଥିଲେ ଏବଂ କହିଥିଲେ ଯେ ମୋ ପାଖକୁ ଚିଠି ଲେଖିବାର ଚେଷ୍ଟାକଲେ ତାକୁ ଯେପରି ଦେଶରୁ ବହିଷ୍କୃତ କରିଦିଆଯାଏ । ବାପା ତା' ପାଖକୁ ଲେଖିଥିଲେ, ''ତୁମେ ଥିଲ ତୃଣାଚ୍ଛାଦିତ ସର୍ପ, ଆଉ ସାପ ଯେତେବେଳେ ମୁଣ୍ଡ ଟେକେ, ସେତେବେଳେ ହିଁ ତାକୁ ମାରିବା କଥା । ମୁଁ ତାହା ହିଁ କରିଛି ।'' ସେଥିପାଇଁ ତା'ର କୌଣସି ଉପାୟ ନଥିଲା, ଅଥଚ ସାରା ଜୀବନ ମୁଁ ତାକୁ ସନ୍ଦେହ କରି କଷ୍ଟପାଇଛି । ପୁଣି ଏଆଡ଼େ ଖୋକା ତାକୁ ମିଛ କଥା କହିଛି । ଅନ୍ତତଃ ଫଟୋ କଥା ଯେତେବେଳେ କହିଛି, ଚିଠି କଥା ନିଶ୍ଚୟ କହିଥିବ । ତେଣୁ ତା ପକ୍ଷରେ ଏପରି ଭାବିବା ଅସମ୍ଭବ ନୁହେଁ ଯେ ମୁଁ ଇଚ୍ଛା କରି କିଛି କଲି ନାହିଁ । ମୋ ଆଉ ସତ କିଛି ନଥିଲା । ମୋ ଘରର ଦୁଇମାଇଲ ଭିତରେ ଏହି ଚିଠିଗୁଡ଼ିକ ଥିଲା, ଆଉ ମୁଁ ସେଗୁଡ଼ିକ ତେୟାଳିଶ ବର୍ଷ ପରେ ପାଇଲି– ଏହା ହିଁ ହେଉଛି କର୍ମଫଳ, ଭବିତବ୍ୟ । ଖୋକା ବଡ଼ପାଟିରେ କହିଚାଲିଛି, ''ପରେ ପଢ଼ିବ । ବର୍ତ୍ତମାନ ଟିକିଏ କଥାବାର୍ତ୍ତା କରିବା ।''

Digitized by srujanika@gmail.com

ମୁଁ କହିଲି, "ଭଲ୍ଲୁକ ।"– ରାଗରେ ମୁଁ ଥରୁଚି ।

ସେ ଚମକିପଡ଼ିଲା । ମୋ ପରି ମାର୍ଜିତରୁଚିସମ୍ପନ୍ନା ମହିଳା ମୁହଁରୁ ଯେ ଏପରି ଇତର ଦୁର୍ବାକ୍ୟ ବାହାରିପାରେ, ତା' ସେ ଭାବିପାରିନାହିଁ । "କ'ଣ କହିଲ 'ଲୁ', କ'ଣ କହିଲ ?"

"ନା, ନା, ସେଟା କିଛି ନୁହେଁ, ଜନ୍ତୁର ନାମ ।"

"କାହାକୁ କହୁଛ ?"

"ସେଇ ଜନ୍ତୁକୁ । ଖୋକା, ଏ ସବୁ ଚିଠି ମୋତେ କାହିଁକି ଦେଖାଇନଥିଲ ?"

"ଦେଖାଇଥିଲି ତ ।"

"ଦେଖାଇଥିଲ ? ମିଛୁଆ– କାହିଁକି ଦେଖାଇନାହଁ, କୁହ ।"

"ଦେଖାଇଥିଲେ ତୁମେ କ'ଣ କରିଥା'ନ୍ତ ? ତୁମର କ'ଣ କରିବାର ଥିଲା ?" ମୁଁ ସେ ଲୋକଟିକୁ ଦେଖୁଛି– ମୁହଁରେ ଝାଳ ଚକ୍‌ଚକ୍ କରୁଛି । ମହମବତିର ଆଲୁଅରେ ସେ ଏକ ଆଦିମ ଗୁହାସ୍ଥିତ ଜନ୍ତୁ ଭଳି ଦିଶୁଛି । କାହିଁକି ଏ ଲୋକଟା ଏପରି ଶତ୍ରୁତା କଲା ? ଏ ସବୁ ପ୍ରଶ୍ନର କୌଣସି ଉତ୍ତର ନାହିଁ ଏବଂ ଉତ୍ତର ପାଇ ବା ଲାଭ କ'ଣ ?

"ଖୋକା, ଯାଉଛି । ଏ ଚିଠି ତିନିଖଣ୍ଡ ଯେ ଏତେ ଦିନ ସାଇତି ରଖିଛ, ସେଥିପାଇଁ ଧନ୍ୟବାଦ ।" ମନେ ମନେ ଭାବୁଚି, ଅଯଥା ତା' ଉପରେ ରାଗୁଛି, ଏ ଚିଠି ପଢ଼ି କ'ଣ ସେ କିଛି ବୁଝିପାରିଛି ? ହୁଏତ ଭଲକରି ପଢ଼ିନି । ବ୍ୟାଗ୍‌ଟୀ ଖୋଲି ଚିଠିଗୁଡ଼ାକ ପୂରାଉଛି, ଖୋକା କହିଲା, "ଜାଣ ତ କିଭଳି ଦିନକାଳ ହୋଇଛି । କେତେ ଦିନ ହେଲା ରୋଜଗାର ନାହିଁ । ଯଦି ପଚାଶଟା ଟଙ୍କା ଦେବ, ତାହେଲେ କାଲି ରେଶନର ଜିନିଷପତ୍ର ଆଣିପାରିବି ।" ମୁଁ ଟଙ୍କା କେଇଟା ପକେଇଦେଇ ଚାଲିଆସିଲି । ମୋର ଅଷ୍ଟାଙ୍ଗ ଶରୀର ଜଳିଯାଉଛି । ଖୋକା ପଛରୁ ଡାକି କହିଲା, "ସେ କେଉଁଠି ଅଛି, ଜାଣ ?"

"ନିଶ୍ଚୟ ।"

"କେଉଁଠି କୁହତ ?"

"ଠିକ୍ ଯେଉଁଠି ଥିଲା, ସେଇଠି ।"

ଖୋକା ବିସ୍ମିତ ହୋଇ କହିଲା, "ଏଟା କ'ଣ ଗୋଟାଏ ଠିକଣା ହେଲା ?"

"ଭାଇ, ମୁଁ ତ ଅନ୍ୟ କୌଣସି ଠିକଣା ଜାଣେନାହିଁ ।"

ମୁଁ ଆଶ୍ଚର୍ଯ୍ୟ ହୋଇ ଭାବୁଛି । ୧୯୩୦ ମସିହା ଯେପରି ମନ୍ତ୍ରଣା କରିଥିଲା ଆମର ବିଚ୍ଛେଦ ପାଇଁ, ୧୯୭୩ ଆମର ମିଳନ ପାଇଁ ସେହିପରି ମନ୍ତ୍ରଣା କରୁଛି । ମୁଁ ତତୋଽଧିକ ଆଶ୍ଚର୍ଯ୍ୟ ହେଉଛି ଯେ ଯିଏ ୧୯୩୦ ମସିହାରେ ଏପରି ଚିଠି ଲେଖୁଛି- ଏତେ ସତ୍ୟରେ ସ୍ଥିର–୧୯୩୩ ମସିହାରେ ସେ ଏଭଳି ବହି କିପରି ଲେଖିଲା ? ମୋର ଭୟହେଉଛି ଯେ ତା'ର ଏଇ ଯେଉଁ ସୁନ୍ଦର କୋମଳ ମନଟା

Digitized by srujanika@gmail.com

ଚିଠିରେ ପ୍ରତି ଅଂଶରେ ପ୍ରକାଶପାଉଛି, ତାହା ବଞ୍ଚିଛି ନା ପାଣ୍ଡିତ୍ୟର ଚାପରେ ଶୁଖିଯାଇଛି ।

ତା'ର ପାଣ୍ଡିତ୍ୟର ଖ୍ୟାତି ଶୁଣୁଛି ଏବଂ ମୁଁ ଡରିଯାଉଛି । ମୁଁ ଜାଣେ ଯେ ବିଦ୍ୟାଭାରରେ ମଣିଷ ପିଷ୍ଟ ହୋଇଯାଏ; ମୋ ବାପା ମଧ୍ୟ କହୁଥିଲେ ଯେ ବିଦ୍ୟା ଆମମାନଙ୍କର ପିଠିର ବୋଝ । ଭାରବାହୀ ଜନ୍ତୁ ଭଳି ଆମେ ଚାଲିଛୁ । ଏକମାତ୍ର ରବୀନ୍ଦ୍ରନାଥଙ୍କ ମଧ୍ୟରେ ହିଁ ଦେଖାଯାଏ ଯେ ବିଦ୍ୟା ତାଙ୍କ ରକ୍ତ ମଧ୍ୟ ଦେଇ ପ୍ରବାହିତ ହୋଇ ତାଙ୍କର ଦୁଇ ପଟେ ଡେଣା ବାହାରିକରିଦେଇଛି । ସେହି ବିଦ୍ୟା ହିଁ ତାଙ୍କୁ ହାଲୁକା କରି ଆକାଶରେ ଉଡ଼ାଇଦେଇଛି ।

ଯିବା ସମୟଟା ଯେତେ ଆଗେଇଆସୁଛି, ମୁଁ ବୁଝିପାରୁନାହିଁ ହଠାତ୍ କେଉଁଠୁ ଏ ଉଡ଼ଁରି ଆସି ମୋ ଜୀବନ-ନଦୀର ସୁଅକୁ ବଦଳାଇଦେଉଛି– ଏହାର ଉଦ୍ଦେଶ୍ୟ କ'ଣ ? ପରିଣାମ ବା କ'ଣ ?

ମୋ ସ୍ୱାମୀ ମୋତେ ଆଶ୍ୱାସନା ଦେଉଛନ୍ତି–କହୁଛନ୍ତି, ''ତୁମେ ନିଶ୍ଚିତ ଜାଣିରଖ ଯେ ଏହାଦ୍ୱାରା ତୁମ ଜୀବନରେ ସୁଫଳ ମିଳିବ । ଏହାର କୌଣସି ଉଦ୍ଦେଶ୍ୟ ଅଛି, ଆମ ଦୁଇଜଣଙ୍କର ଲାଭ ହେବ ।''

ମୁଁ ପଚାରିଲି, ''ତୁମର ପୁଣି କ'ଣ ଲାଭ ହେବ ?''

''ଲାଭ ହେବନାହିଁ ? ଲାଭ ତ ହେଉଛି । କେବଳ ମୁଁ ନୁହେଁ, ଆମେ ସମସ୍ତେ ତାଙ୍କୁ ଆହୁରି ବେଶି ଚିହ୍ନୁଛୁ; ଆମେ ତାଙ୍କୁ ଭକ୍ତି କରୁଛୁ । ସେ ନିଜେ ମଧ୍ୟ ନିଜକୁ ଚିହ୍ନୁଛନ୍ତି । ସେ ତାଙ୍କର ପ୍ରେମ, ଧୈର୍ଯ୍ୟ ଓ ନିରଭିମାନର ପରୀକ୍ଷା ଦେଉଛନ୍ତି ଏବଂ ଅତି ସହଜରେ ସେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଯାଉଛନ୍ତି । ମୁଁ ବେଳେବେଳେ ଭାବୁଛି ଆମର ଏକ ସାଧାରଣ ସଂସାର ଭିତରେ ରହି ମୋ ସ୍ୱାମୀ ଯାହା ହୋଇପାରିଛନ୍ତି ହିମାଳୟସ୍ଥିତ ଗୁହାରେ ବସି ମୌନୀ ସାଧୁ ସେହି ଜଜ୍ ସାହେବ କ'ଣ ତାହା ହୋଇପାରିଲେ ?

ମୁଁ ସ୍ୱପ୍ନାଚ୍ଛନ୍ନ ଭଳି କାମଗୁଡ଼ିକ କରିଯାଉଛି । ଯେଉଁସବୁ ନିମନ୍ତ୍ରଣ ପାଇଛି, ତା' ପାଇଁ ଲେଖୁଛି; ବୈଷୟିକ କାମଗୁଡ଼ିକ କରିଯାଉଛି; କିନ୍ତୁ ଏସବୁ ଭିତରେ ମୋ ମନ ସ୍ପୃହାଶୂନ୍ୟ– ଏଇ କଥାଟା ଲେଖିବା ପାଇଁ ଆଜି ହାତରେ କଲମ ଧରିଛି– ବାଲ୍ୟକାଳରେ କ'ଣ ହୋଇଥିଲା ସେ କଥା ଲେଖିବା ପାଇଁ ନୁହେଁ । କାରଣ ବାଲ୍ୟ-ପ୍ରଣୟ ଓ ମଧ୍ୟପଥରେ ତା'ର ଅକସ୍ମାତ୍ ଅପଘାତ ମୃତ୍ୟୁ କୌଣସି ବିଶେଷ ଘଟଣା ନୁହେଁ । ଏଭଳି ସର୍ବଦା ହୋଇଥାଏ, ହେଉଛି ଓ ହେଉଥିବ । ଏ ବିଷୟ ବହୁତ ଲୋକ ଦୃଢ଼ଭାବରେ ଲେଖିଛନ୍ତି । ମୁଁ ବୟାଳିଶ ବର୍ଷ ପରେ ଯାହା ଘଟିଥିଲା, ତାହାହିଁ ଲେଖୁଛି । ସେଟା ଏକ ବିଶେଷ ଘଟଣା, ବିସ୍ମୟକର ଅଭୂତପୂର୍ବ ଘଟଣା । ଏପରି

Digitized by srujanika@gmail.com

ଘଟଣାର ଅନୁଭୂତି ବର୍ଣ୍ଣନା କରିବାର ଭାଷା ମୋତେ ଜଣାନାହିଁ । ଯାହା କହିବାକୁ ଚାହୁଁଛି, ତାହା କହିପାରୁନାହିଁ । କଥାଗୁଡ଼ିକ ଯେପରି ନିଷ୍ପ୍ରାଣ ଛାୟାମାତ୍ର । ମୋର ଅନୁଭୂତିକୁ ପ୍ରାଣ ଦେବାପାଇଁ ମୁଁ ସମ୍ପୂର୍ଣ୍ଣ ଅଯୋଗ୍ୟ ।

ମୋ ସ୍ମୃତିରେ ମିର୍ଚ୍ଚାର ପୁନରାଗମନର ବର୍ଷକ ପୂର୍ବରୁ ଅର୍ଥାତ୍ ସେରଗେଇ ଆସିବା ଆଗରୁ ମୁଁ ମୋର ହୃଦୟରେ ଏକ ଅଦ୍ଭୁତ ବ୍ୟାକୁଳତା ଅନୁଭବ କରୁଥିଲି । ସେହି ବ୍ୟାକୁଳତାର ତୀବ୍ରତା ମୁଁ ବୁଝାଇପାରୁନାହିଁ । ବିଦେଶଯାତ୍ରା ପାଇଁ ମୁଁ ବ୍ୟାକୁଳ ହୋଇଉଠୁଥିଲି । ପରିଚିତ ଓ ଘନିଷ୍ଠ ବନ୍ଧୁମାନଙ୍କୁ ବିଦେଶଯାତ୍ରାର ସୁବିଧା-ସୁଯୋଗ କରାଇଦେବା ପାଇଁ ଅନୁରୋଧ କରିଛି ।

ମୋର ଏଇ ବ୍ୟାକୁଳତା ଚନ୍ଦ୍ରୋଦୟ ବେଳର ଆଲୋଡ଼ିତ ସମୁଦ୍ର ପରି । ଏକ ଅଜ୍ଞାତ ଶକ୍ତି ବହୁଦୂରରୁ ମୋତେ ଆହ୍ୱାନ କରୁଥିଲା ପରି ମନେହେଉଥିଲା । ସେହି ଅଜ୍ଞାତ ଶକ୍ତି ମୋର ବନ୍ଧନ ଖୋଲିଦେଉଥିଲା କି ?...

''ଦିଗନ୍ତ ହତେ ଶୁନି ତବ ସୁର, ମାଟି ଭେଦ କରି ଓଠେ ଅଙ୍କୁର,
କାରାଗାରେ ଲାଗେ ନାଡ଼ା ।''

ମୋର କାରାଗାର ଭାଙ୍ଗିବା– ମିର୍ଚ୍ଚା ତା'ର ନିମିତ୍ତମାତ୍ର । କିଭଳି କାରାଗାର ? ଏଇ ଜଗତଟାକୁ ପଞ୍ଚେନ୍ଦ୍ରିୟ ମାଧ୍ୟମରେ ଯେଭଳି ଚିହ୍ନିଛି, ଜାଣିଛି ଏବଂ ଯେଉଁ ଜାଣିବାଟାକୁ ଧ୍ରୁବ ବୋଲି ମାନିଛି, ସେଇ ମୂଢ଼ ବିଶ୍ୱାସର କାରାଗାର ମାତ୍ର । ମୁଁ ଜାଣେ ଯେ ଅଳ୍ପ କେତେଟା ଦିନ ପାଇଁ ମୋର ଏ ଚିନ୍ତାଟା ରହିବ; ସବୁ ଦିନ ପାଇଁ ରହିପାରିବ ନାହିଁ । ଅଳ୍ପ ସମୟ ପାଇଁ ହେଲେ ମଧ୍ୟ କାରାଗାରଟା ମୋ ପାଇଁ ଭାଙ୍ଗିଗଲା । ମୁଁ ମହାକାଳର ଏକ ଆଶ୍ଚର୍ଯ୍ୟ ରୂପ ଦେଖିପାରିଲି । ଯାହାକୁ ଆମେ ଅତୀତ ବୋଲି ଭାବୁଛୁ, ପ୍ରକୃତରେ ତାହା ଅତୀତ ନୁହେଁ । ତାହା କେଉଁଆଡ଼େ ଚାଲିଯାଇନାହିଁ । ତାହାର ଆଦି ନାହିଁ, ମଧ୍ୟ ନାହିଁ, ଅନ୍ତ ବି ନାହିଁ– ''ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ, ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପମ୍ ।'' ଏହାକୁ ଦେଖି ଲାଭ କ'ଣ ହେଲା ? କିନ୍ତୁ ମୁଁ ତ ଉତ୍ତର ଜାଣେ, ଏଠାରେ ଲାଭ-କ୍ଷତି ବିଷୟରେ ହିସାବ ହେବାର ନୁହେଁ । ଏମିତି ଅନେକ ଘଟଣା ଘଟେ, ଯାହାର ସାର୍ଥକତା ବାସ୍ତବ ଜୀବନରେ କି ପ୍ରତିଦିନର ଜୀବନରେ ନାହିଁ; ଅଥଚ ସେହି ଅବାନ୍ତର ଓ ଅନର୍ଥକ ଘଟଣାଗୁଡ଼ିକ ମଧ୍ୟରେ ମନୁଷ୍ୟର ଜଗତଟା ତିଆରି । ଏହି ଆଠମାସ ଧରି ମୁଁ ଅନ୍ତତଃ ଏତିକି ବୁଝିପାରିଲି– ମୁଁ ପଶୁ ନୁହେଁ, ମୁଁ ମଣିଷ; ବିଶ୍ୱରୂପ ଦର୍ଶନ କରିବାର ଅଧିକାର ମୋର ଅଛି ।

ମହାକାଳ ମୋତେ କୋଳରେ ନେଇ ନୃତ୍ୟ କରୁଛି । ତା'ର ଜଟା ବନ୍ଧନ ଖୋଲି ମୋର ଆଖି, ମୁହଁ ତଥା ସର୍ବଶରୀର ଆବୃତ କରୁଛି । ମୋର ଅଗ୍ର-ପଶ୍ଚାତ୍, ପୂର୍ବ-ପଶ୍ଚିମ ଓ ଦୂର-ନିକଟ ଏକ ହୋଇଯାଇଛି; ମୋର କାରାଗାର ଚୂର୍ଣ୍ଣ-ବିଚୂର୍ଣ୍ଣ ହୋଇଯାଇଛି । ଲଜ୍ଜା,

Digitized by srujanika@gmail.com

ଭୟ, ଆତ୍ମୀୟସ୍ୱଜନବନ୍ଧନ ସବୁ ଦୂରହୋଇଯାଇଛି । କେବଳ ପ୍ରେମ, କାଳଜୟୀ ପ୍ରେମ ଏହି ଉଜ୍ଜ୍ୱଳ ନୀଳାକାଶରେ ଧ୍ରୁବତାରା ପରି ମୋତେ ପଥ ନିର୍ଦ୍ଦେଶ କରୁଛି । ମୋତେ ସେ ମହାସମୁଦ୍ର ପାରିକରି ନେଇଯିବ ।

ବିମାନବନ୍ଦରରେ ପହଞ୍ଚି ମୋର ସ୍ୱାମୀଙ୍କୁ ପ୍ରଣାମ କରିବାକୁ ଇଚ୍ଛା ହେଲା । ତାଙ୍କ ସ୍ନେହର ସ୍ନିଗ୍ଧ ପବନ ମୋର ଚତୁର୍ଦ୍ଦିଗରେ ପ୍ରବାହିତ ହେଉଛି । ମୋର ଦେହ ଓ ମନ ଶୀତଳ ହୋଇଯାଉଛି । କିନ୍ତୁ ମୁଁ ତ ଏଠାରେ ପ୍ରଣାମ କରିପାରିବି ନାହିଁ– ସେ ଅପ୍ରସ୍ତୁତ ହୋଇଯିବେ । ତେଣୁ ମୁଁ ଧୀରେ ଧୀରେ କହିଲି, ''ସାରା ଜୀବନ ତୁମେ ମୋତେ ଯଥେଷ୍ଟ ସ୍ୱାଧୀନତା ଦେଇଛ ।'' ସେ ଅଳ୍ପ ହସି କହିଲେ, ''ତୁମର ସ୍ୱାଧୀନତା କ'ଣ ମୋ ପକେଟରେ ଥାଏ ଯେ ତାକୁ ବାହାର କରି ଦେବି ? ତୁମ ସ୍ୱାଧୀନତା ତୁମର ବସ୍ତୁ ।''

——

Digitized by srujanika@gmail.com

ଚତୁର୍ଥ ପର୍ବ

ମହାନଗରୀର ରାଜପଥରେ ସଦ୍ୟ ପରିଚିତ 'ଜନ୍'କୁ ମୁଁ କହିଲି, ''ଆମେ ଯେତେବେଳେ ଉଡ଼୍‌ଲ୍ୟାଣ୍ଡ ରାସ୍ତାରେ ଯିବା, ସେତେବେଳେ ତୁମେ କହିବ ।'' ତା'ର ଠିକଣାଟା ମୁଁ ସଂଗ୍ରହ କରିଛି ବହୁ କଷ୍ଟରେ । ଦେଶରେ ଥିଲାବେଳେ ତା'ର ଠିକଣା ଓ ଟେଲିଫୋନ୍ ନମ୍ବର ସଂଗ୍ରହ କରିଛି । ଏତେ କଷ୍ଟ କରି ସଂଗ୍ରହ କରିବା ଦରକାର ନଥିଲା; କିନ୍ତୁ ଆମ ଦେଶରେ ସେଇଟା ଯୋଗାଡ଼ କରିବା ଏକ ସମସ୍ୟା ହୋଇଯାଇଥିଲା । ସଠିକ୍ ଠିକଣା ମୋର ଦରକାର; ଏତେ ଦିନ ତ ଭୁଲ ଠିକଣାରେ କେତେ ବୁଲିଲି ।

ଗାଡ଼ି ଚାଲିଛି । ନୂତନ ଦେଶ, ନୂତନ ସହର, ଅଚିହ୍ନା ମୁହଁ ଅତିକ୍ରମ କରି ମୋର ଚିରପରିଚିତ କୌଣସି ଲକ୍ଷ୍ୟ ଆଡ଼େ ମୁଁ ଚାଲିଛି । ମୋର ମନ ଆଚ୍ଛନ୍ନ; ସତେ ଅବା ମୁଁ ନିଦର ଆବେଶରେ ଅଛି । ମୋର ଏଇ ଶରୀର, ଏଇ ଜୀବନ, ତା'ଠୁଁ ବର୍ତ୍ତମାନ 'ମୁଁ'ର ଦୂରତ୍ୱ ଅନେକ । ଏଇ ଦୁଇକୁ ଏକ କରି ରଖିବା ଅତି କଠିନ । ମୁଁ କିଏ ? ଏ କଥା ମନେରଖିବା ପାଇଁ ବି କଷ୍ଟ ହେଉଛି ।

ଜନ୍ କହିଲା, ''ଆମେ ଏଥର ଉଡ଼୍‌ଲ୍ୟାଣ୍ଡରେ ପ୍ରବେଶକଲୁ ।'' ଦୁଇ ପାଖରେ ବିସ୍ତୃତ ବନ ବା ସହରର ଘର । ପୁଣି କେତେବେଳେ ଦେଖୁଛି– ବଡ଼ ବଡ଼ ଗଛର ଛାଇରେ ଛାୟାଚ୍ଛନ୍ନ ଉଡ଼୍‌ଲ୍ୟାଣ୍ଡ–କେଉଁଟା ସତ କେଜାଣି ? ଗୋଟିଏ ଦୃଶ୍ୟ ଭିତରେ, ଗୋଟିଏ ବାହାରେ । ଭିତରଟା ହିଁ ସତ୍ୟ; କାରଣ ମନ ହିଁ ଦେଖେ, ମନ ହିଁ ଦର୍ଶନ । ମୁଁ ବର୍ତ୍ତମାନ ଯେଉଁ ଜଗତରେ ବାସକରୁଛି, ତାହା ମନଜଗତ । ବହୁକାଳ କେତେ ବିନିଦ୍ର ରାତ୍ରିରେ ଏଇ ରାସ୍ତାଟିର କଥା ଭାବିଛି । ସେ ପଥ କେବେ ହୋଇଛି ବୃକ୍ଷଛାୟାରେ ଆବୃତ, ଅବା କେବେ ହୋଇଛି ବୃକ୍ଷହୀନ– ତଥାପି ସେ ଚିନ୍ତାଟୀ ଯିବ କିପରି ? ମୁଁ ଆଖି ଅଧା ବନ୍ଦ କରି ବସିଛି– ଆଉ ଉଡ଼୍‌ଲ୍ୟାଣ୍ଡ ଯେପରି କୌଣସି ମହାଶୂନ୍ୟରୁ ଭାସିଭାସି ଆସୁଛି– ବିଖଣ୍ଡିତ ରାସ୍ତା ଛାୟାମୟ ।

ଗାଡ଼ି ରହିଲା । ଶାର୍ଲି କହିଲା, ''ଅମୃତା ! ତୁମେ ଯେଉଁଠିକୁ ଯିବାକୁ ଚାହଁ, ଏ ଝିଅଟି ତୁମକୁ ସେଠାକୁ ନେଇଯିବ ।''

ମୁଁ ପଚାରିଲି, ''ତୁମେ କ'ଣ ଅଧ୍ୟାପକଙ୍କୁ ଫୋନ୍ କରିଥିଲ ? ଜାଣ କି ସେ କେତେବେଳେ ଘରେ ଥାଆନ୍ତି ?''

''ଫୋନ୍ କରିଥିଲି; କିନ୍ତୁ ତାଙ୍କ ସେକ୍ରେଟାରୀ କହିଲେ, ତାଙ୍କ ସମୟର କୌଣସି ଠିକ୍‌ଠିକଣା ନାହିଁ ।''

Digitized by srujanika@gmail.com

ଶାର୍ଲି ଅଳ୍ପ ବୟସର ଝିଅଟିଏ, ଏହି ବିଶ୍ୱବିଦ୍ୟାଳୟର ଛାତ୍ରୀ । ଆମେ ଗୋଟିଏ କ୍ୟାଣ୍ଟିନରେ ଖାଇବସିଛୁ । ଶାର୍ଲି ଖାଦ୍ୟପଦାର୍ଥ ଆଣି ଟେବୁଲ ଉପରେ ରଖିଲା । ମୁଁ ସେ ଖାଦ୍ୟସବୁ ଚିହ୍ନିପାରିଲି ନାହିଁ । ମୋ ହାତରୁ ଥରକୁଥର ଚାମଚ ପଡ଼ିଗଲା । ଶାର୍ଲି ଆଶ୍ଚର୍ଯ୍ୟ ହୋଇଗଲା । ରାସ୍ତାକୁ ବାହାରି ମୁଁ ପଚାରିଲି, ''ଥିଓଲଜିକାଲ୍ କଲେଜଟା କେଉଁଠି ?''

ସେ କହିଲା, ''ଏଇ ଗୋଟିଏ ବ୍ଲକ୍ ପରେ ।''

''ଚାଲିଯାଇପାରିବା ତ ?''

''କାହିଁକି ନୁହେଁ ? ଏଇ ବ୍ଲକ୍‌ଟା ପରେ, ପାରିବାନି କାହିଁକି ?''

ଆମେ ଅଗ୍ରସର ହେଉଛୁ । ମୁଁ ସ୍ୱାଭାବିକଭାବରେ କଥା କହିବାକୁ ଚେଷ୍ଟା କରୁଛି ।

''ତୁମେ କାହା ସହିତ ଦେଖାକରିବ ?''

''ମୋର ଜଣେ ବନ୍ଧୁ ଅଛନ୍ତି ।''

''ସେ ଜାଣନ୍ତି କି ତୁମେ ଅସୁସ୍ଥ ବୋଲି ?''

''ନା ।''

''କେତେ ଦିନ ପରେ ଦେଖାହେବ ?''

''ମାତ୍ର ବୟାଳିଶ ବର୍ଷ ପରେ ।''

''ବୟାଳିଶ ବର୍ଷ ଧରି ତୁମର ଦେଖାସାକ୍ଷାତ୍ ହୋଇନାହିଁ । ତା'ହେଲେ ତ କେହି କାହାକୁ ଚିହ୍ନିପାରିବ ନାହିଁ ।''

''ମୋର ତ ସେପରି ମନେହେଉନାହିଁ । ବୟାଳିଶ ବର୍ଷ ଏମିତି କ'ଣ ବେଶି ହେଲା ? ଏଇ ପୃଥିବୀ କେତେ ପୁରୁଣା– ସୂର୍ଯ୍ୟର ଜନ୍ମତାରିଖ ବା କିଏ ଜାଣେ ?''

ହଠାତ୍ ମୋର ମନେହେଲା– ଏହି ସ୍ୱଗତୋକ୍ତିଗୁଡ଼ିକ ଉଚ୍ଚସ୍ୱରରେ କହିବା ଉଚିତ ହୋଇନାହିଁ । ସେ କ'ଣ ଭାବିଲା କିଏ ଜାଣେ ? ଶାର୍ଲି କିନ୍ତୁ ବିସ୍ମିତ ନୁହେଁ, ତା'ର ବିସ୍ମୟ ଅନ୍ୟ କାରଣ ଯୋଗୁଁ । ସେ କହିଲା, ''ବୟାଳିଶ ବର୍ଷ ପରେ ଜଣକର ତା' ବନ୍ଧୁ ସହିତ କିପରି ଦେଖାହେବ, ତାହା ମୁଁ ଭାବିପାରୁନାହିଁ ।''

''ଭାବିବ, ସମୟ ହେଉ ।''

''ଡ୍ରାମାଟିକ୍ ।''

''ସମସ୍ତେ ତ କହନ୍ତି ଯେ ଜୀବନଟା ଡ୍ରାମା । ଦେଖ, କି ପ୍ରକାର ଡ୍ରାମା ହେବ ।''

ଶାର୍ଲି କହିଲା, ''ଏଇ ତ ଆମେ ପହଞ୍ଚିଗଲେ ।''

ହଠାତ୍ ଯେପରି ମହାଶୂନ୍ୟରୁ ଯାଦୁକରର ଯଷ୍ଟି ସ୍ପର୍ଶରେ ବଗିଚା ଭିତରେ ଗୋଟିଏ ସାଇନ୍‌ବୋର୍ଡ଼ ବାହାରିଲା । ଠିକଣାଟା ସାଇନ୍‌ବୋର୍ଡ଼ରେ ଲିଖିତ ଥିଲା । ସେଟା କ'ଣ ଅର୍ଥବହ ହୋଇପାରେ ? ମୁଁ କ'ଣ ହୋଲିଗ୍ରେଲ୍ ଦେଖୁଛି ?

Digitized by srujanika@gmail.com

ଘରର ବଡ଼ ଦୁଆଟା ପର୍ଯ୍ୟନ୍ତ ମୁଁ ପବନରେ ଭାସିଚାଲିଛି । ଶାର୍ଲି ଦୁଆରଟା ଖୋଲିଲା । ପାର୍ଶ୍ୱରେ ପ୍ରକାଣ୍ଡ ଏକ ବୋର୍ଡ଼ରେ ଅନେକଙ୍କ ନାମ ଲେଖାହୋଇଛି । ସେ ପଚାରିଲା, ''ତୁମେ କାହା ସହିତ ଦେଖା କରିବାକୁ ଚାହିଁ ?''

ମୋର ନିଶ୍ୱାସ ବନ୍ଦହୋଇଯାଉଛି, କଥା କହିବା ଅସମ୍ଭବ, ଆଙ୍ଗୁଳି ଦେଇ ଦେଖାଇଦେଲି, ''ଏଇ ସେ ବିଖ୍ୟାତ ବ୍ୟକ୍ତି, ବିରାଟ ଲୋକ ।'' ମୁଁ ଆଗେଇଚାଲିଛି । ଶାର୍ଲି ମୋ ହାତ ଧରି ନେଇଯାଉଛି । କାହିଁକି କିଏ ଜାଣେ ? ମୁଁ କ'ଣ ଅଶୀତିପର ବୃଦ୍ଧା ? ମୁଁ ପଚାରିଲି, ''ସେ କ'ଣ ପାଇଁ ବିଖ୍ୟାତ ?'' ''ସେ ମହାପଣ୍ଡିତ ।'' ପଣ୍ଡିତ ! ମୋ ମନରେ ଆଶଙ୍କା ହେଲା, କାହା ସହିତ ଦେଖା କରିବାକୁ ଆସିଲି ? ମୁଁ ପୁନର୍ବାର ପଚାରିଲି, ''ଶାର୍ଲି ! ସେ ପଣ୍ଡିତ ନା ଜ୍ଞାନୀ ?'' ଶାର୍ଲି ଆଚମ୍ୱିତ ହୋଇଯାଇଛି । ସେ ତାହା ଜାଣେନାହିଁ ବୋଲି କହିଲା । ଶାର୍ଲି କହିଲା, ''ମୁଁ ତ ଜଣେ ସାମାନ୍ୟ ଛାତ୍ରୀ, ତାଙ୍କୁ ତ ଚିହ୍ନେ ନାହିଁ ।''

ଆମେ ଲିଫ୍‌ଟ ପାଖକୁ ଆସିଛୁ; ଜଣେ ଠିଆହୋଇଥିଲା, ସେ କହିଲା, ''ଏଟା ପ୍ରାଇଭେଟ ଲିଫ୍‌ଟ । ବାହାରୁ ଯେଉଁମାନେ ଆସନ୍ତି, ସେମାନେ ପାହାଚ ଦେଇ ଉପରକୁ ଯାଆନ୍ତି ।'' ଶାର୍ଲି ଦୃଢ଼କଣ୍ଠରେ କହିଲା, ''ଲିଫ୍‌ଟର ଦୁଆର ଖୋଲିଦିଅନ୍ତୁ । ଏ ଭଦ୍ରମହିଳା କାଲି ରାତିରେ ହଜାର ହଜାର ମାଇଲ ପାରିହୋଇ ଆସିଛନ୍ତି । ସେ ଗୋଟିଏ ହେଲେ ପାହାଚ ଚଢ଼ିପାରିବେ ନାହିଁ ।''

ମୁଁ ଭାବୁଛି– ସେ ଏକଥା କାହିଁକି କହିଲା ? ଲିଫ୍‌ଟ ଭିତରେ ମଧ୍ୟ ଶାର୍ଲି ମୋତେ ଧରିଛି; କାରଣ ମୁଁ ଥରୁଛି । ମୋର ମନେହେଉଛି ଯେ ଏ ସୁଦୂର ବିଦେଶରେ ମଧ୍ୟ ମୋର ଗୋଟିଏ 'ମା' ଅଛି– ମୋତେ ସେ କାଖେଇ କରି ନେଇଯାଉଛି ।

ତିନିମହଲାରେ ଲିଫ୍‌ଟ ରହିଲା । ଆମେ ଗୋଟିଏ ଲାଇବ୍ରେରି ଭିତରକୁ ଆସିଲୁ । ମୋତେ ନିଦରୁ ଉଠିଲା ଭଳି ମନେହେଲା । ମୁଁ ଲାଇବ୍ରେରି ପାରିହୋଇ କରିଡୋର୍‌ରେ ପ୍ରବେଶକଲି । କରିଡୋର୍‌ର ଦୁଇ ପାଖରେ କୋଠରି । ଆମେ ଗୋଟିଏ ପରେ ଗୋଟିଏ କୋଠରି ପାରିହୋଇ ଚାଲିଛୁ । ଗୋଟିଏ କୋଠରି ପାଖରେ ଶାର୍ଲି ରହିଯାଇ କହିଲା, ''ଏଇ ତ ଅଧ୍ୟାପକ, ଭିତରେ ଅଛନ୍ତି ।'' ମୁଁ ଭିତରକୁ ପ୍ରବେଶକଲି । ପଶିଯିବାମାତ୍ରେ ସେ ବୃଦ୍ଧ ବ୍ୟକ୍ତିଟି ଗୋଟିଏ ଶବ୍ଦ କଲା, ତତ୍ପରେ ଉଠି ଠିଆହେଲା । ପୁଣି ବସିପଡ଼ିଲା ଓ ଆଉ ଥରେ ଠିଆହୋଇଗଲା । ମୋ ଆଡ଼କୁ ପଛ କରି ଠିଆହେଲା । ଏ କ'ଣ ? ସେ ମୋତେ ଚିହ୍ନିପାରିଛି କି ? କେମିତି ପାରିଲା ? ମୋତେ ସେ ତ ଦେଖିନାହିଁ । ଏତେ ଦିନ ପରେ କ'ଣ ପାଦଶବ୍ଦ ଜାଣିପାରିଲା ? ଅସମ୍ଭବ ! ଯାହା ବି ହେଉ, ଏ ନାଟକ ଶାର୍ଲି ଆଗରେ ହେବା ଉଚିତ ନୁହେଁ । ଦୁଆର ପାଖକୁ ଫେରିଆସି ଦେଖେ ଯେ ଶାର୍ଲି ଚିତ୍ରପଟ ପରି ଠିଆହୋଇଛି । ତା'ର ଚକ୍ଷୁ ବିସ୍ଫାରିତ । ଦୁଇଟି

Digitized by srujanika@gmail.com

ବୃଦ୍ଧ-ବୃଦ୍ଧାର ଏହି ଅଭିନବ ସାକ୍ଷାତ୍‌ର ସେ ଏକମାତ୍ର ଦର୍ଶକ । ମୁଁ କହିଲି, ''ଶାର୍ଲି–ତୁମେ ଚାଲିଯାଅ । ଟିକିଏ ପରେ ମୁଁ ତୁମ ପାଖକୁ ଯିବି ।''

ମୋ ମନ ବର୍ତ୍ତମାନ ଶାନ୍ତ, ସ୍ଥିର । କୌଣସି ଉତ୍ତେଜନା ନାହିଁ । ଯାହା କରିବା ଉଚିତ ଥିଲା, ତାହା କରାଯାଇଛି । ଶାର୍ଲି କହିଲା, ''ଏ ବିରାଟ ସହରରେ ଆଜି ତୁମର ପ୍ରଥମ ଦିନ । ତୁମେ ବାଟ ଭୁଲିଯିବ ନାହିଁ ତ ?'' ମୁଁ ''ନା, ନା, ବାଟ ଭୁଲିବି ନାହିଁ ।'' ମନେ ମନେ କହୁଛି– ସମୟର ମହାସିନ୍ଧୁ ପାରିହୋଇ ଯେତେବେଳେ ଏତେ ବାଟ ଆସିପାରିଛି, ସେତେବେଳେ ମହାଜଗତରେ ଆଉ ପଥଭ୍ରଷ୍ଟ ହେବି ନାହିଁ ।

ଦୁଆର ପାଖରୁ ଫେରିଆସିଲି ସିନା; କିନ୍ତୁ ମିର୍ଜା ପାଖକୁ ଆସିବା ବହୁତ କଷ୍ଟ । ଚାରିଆଡ଼େ ଖାଲି ବହିର ପାହାଡ଼, ବହିଗୁଡ଼ାକ ଛାତକୁ ଲାଗିଛି । ମୋତେ ଭୟ ଲାଗିଲା । ହାତଗୋଡ଼ ଥରିବାକୁ ଲାଗିଲା, ଶୀତରେ ନୁହେଁ ଭୟରେ । ଶୁଣିଛି, ପଥର ଚାପରେ ସୁକୁମାର ଜୀବନ ଜୀବାଶ୍ମ ହୋଇଯାଏ । ତା'ର ସେପରି କିଛି ହୋଇନାହିଁ ତ ? ମୁଁ ତାକୁ ଦେଖୁଛି । ମୁଣ୍ଡରେ ଆଦୌ ବାଳ ନାହିଁ । ବେକ ପାଖରେ ପାଚିଲା ବାଳ । ଆଗପରି ଶୀର୍ଣ୍ଣ ଦେହ । ପୂର୍ବପରି ଚଞ୍ଚଳ । ଥରେ ଟେବୁଲ ଉପରୁ କାଗଜ ଉଠାଇନେଉଛି ପୁଣି ରଖିଦେଉଛି । ତା'ର ପତଳା ଦେହଟା ପବନରେ ଥରିଲା ଭଳି ମନେହେଉଛି ।

''ମିର୍ଜା, ତୁମେ ମୁହଁ ବୁଲେଇ ଠିଆହୋଇଛ କାହିଁକି ?''

''ତୁମକୁ ମୁଁ ଦେଖିବି ନାହିଁ । ମୁଁ ଅନ୍ୟ ଲୋକର ଅପେକ୍ଷାରେ ଅଛି ।''

''କାହାର ଅପେକ୍ଷାରେ ଅଛ– କୁହ, କାହାର ?''

''ଜଣେ ଇନ୍‌କମ୍-ଟାକ୍‌ସ ଅଫିସର୍‌ର ?''

''ଇନ୍‌କମ୍-ଟାକ୍‌ସ ଅଫିସର ?''

''ହଁ, ହଁ ।''

''ମିର୍ଜା, ବୋକାମି କରନାହିଁ । ଜାଣ ମୁଁ କିଏ ? ତା'ର ଉତ୍ତରକୁ ଅପେକ୍ଷା ନ କରି ମୁଁ ପୁଣି କହିଯାଉଛି, ''ମୋତେ ଚିହ୍ନିପାରୁନାହିଁ ? ଜାଣ ମୁଁ କିଏ ?''

''ନିଶ୍ଚୟ, ନିଶ୍ଚୟ, (Certainly, Certainly)''

ସେ ମୁଣ୍ଡ ହଲାଉଛି । ଏ ଯେ ସେଇ ମିର୍ଜା, ସେହି ତେଇଶ ବର୍ଷର ତରୁଣ, ତା'ର ତେଷଠି ବର୍ଷର ଦେହ ଭିତରେ ବସିରହିଛି ।

''ତୁମେ ଅମୃତା । ଯେଉଁ ମୁହୂର୍ତ୍ତରେ ଏ ଦେଶରେ ଗୋଡ଼ ଦେଇଛ, ସେହି ମୁହୂର୍ତ୍ତରେ ମୁଁ ଜାଣିପାରିଛି ।''

''କିପରି ଜାଣିଲ ?''

Digitized by srujanika@gmail.com

''ଏଡ୍ କହିଛି ।''

''ଏଡ୍ ତ ଜାଣିନଥିଲା ମୁଁ କେବେ ଆସିବି ?''

'' Well, I knew (ମୁଁ କିନ୍ତୁ ଜାଣିଥିଲି) ।''

''ମୁହଁ ବୁଲାଅ, ପ୍ରିୟତମ ମିର୍ଜ୍ଜା ! ତୁମକୁ ଦେଖିବି ବୋଲି ମୁଁ କେତେ ଦୂରରୁ ଆସିଛି । ତୁମେ ଥରେ ମୋତେ ଦେଖିବ ନାହିଁ ?''

''ଶୁଣ, ଅମୃତା !''

ସେ ତା'ର ଅସ୍ଥିର ହାତରେ ବହିଆକ ଧରିଛି । ''ଶୁଣ ମୁଁ କହୁଛି, ଏ ସମସ୍ତ ଘଟଣାକୁ ମୁଁ ଅନ୍ୟରୂପରେ ଦେଖିଛି । ମୁଁ ତ କହୁନାହିଁ ଯେ ମୋର ଭାବିବାଟା ଠିକ୍ । ହୁଏତ କାହିଁକି ? ନିଶ୍ଚୟ ତୁମରଟା ଠିକ୍ ।''

''ମୋ ଚିଠିର ଉତ୍ତର ଦେଇନାହଁ କାହିଁକି ? ଚିଠି ପାଇଥିଲ ?''

''ହଁ, ଛୋଟ, ଦୁଇ ଚାରି ଧାଡ଼ିର ଲେଖା ।''

''ତା'ହେଲେ ମଧ୍ୟ ଉତ୍ତର ଦେଲ ନାହିଁ କାହିଁକି ? ଭଦ୍ରତା ତ ଅଛି ?''

''ଭଦ୍ରତା କଥା କିଏ ଭାବୁଥିଲା ?'' ତା'ପରେ ଟିକିଏ ରହି କହିଲା, ''ସେଇଥିପାଇଁ ତ ମୁଁ କହୁଛି ମୋର ଅତୁଳନୀୟ ଅଭିଜ୍ଞତା ଏତେ ସୁନ୍ଦର ଯେ ମୁଁ ଭାବିନାହିଁ ତାକୁ ଆଉ ଥରେ ସ୍ପର୍ଶ କରାଯାଇପାରେ ବୋଲି । ତେଣୁ ମୁଁ ତୁମକୁ ଦେଶକାଳର ଅତୀତ କରି ରଖିଛି ।''

''ଅସଲ କଥା ତୁମେ ଭାବିଥିଲ– ମୁଁ ମୋ ନୂତନ ଜୀବନରେ ତୁମକୁ ଭୁଲିଯାଇଛି ।''

''ଆଦୌ ନୁହେଁ, ଅମୃତା ! ଥରେ ହେଲେ ମୁଁ ଭାବିନାହିଁ ଯେ ତୁମେ ମୋତେ ଭୁଲିଯାଇପାର ବୋଲି । କେବଳ ଜାଣିନଥିଲି ଯେ ତୁମେ ମୋତେ ଦେଖିବାକୁ ଚାହଁ ବୋଲି ।''

''କାହିଁକି ?''

''ଆମେ ତ ଜାଣୁ କେତେ ସୁନ୍ଦର ପଦାର୍ଥ ଅଛି । ସୁମେରୁ ଶିଖର ଅଛି, ତୁଷାରମୌଳି ହିମାଳୟ ଅଛି– ଆମେ କ'ଣ ଯାଇପାରୁ ? ଜାଣେ ସେମାନେ ସବୁ ମୋର– ତଥାପି କ'ଣ ପାଇପାରେ ? ସେଥିପାଇଁ ତାହା ଭୁଲି ହୁଏନାହିଁ । ସେ ମୋର ଗୋପନ ବିଶ୍ୱର ଗୋପନତମ ସତ୍ତାରେ ଲଗ୍ନ ସୁନ୍ଦରତମ ସ୍ୱପ୍ନ ।''

''ଏଇ ତ ମୁଁ ପାଇପାରିଲି । ମୁଁ ତ ଆସିଲି ।''

''ତୁମେ ଯେ ଅମୃତା, indestructible–ତୁମେ ଯାହା କରିପାର ମୁଁ କ'ଣ ତାହା କରିପାରେ ? ତୁମର ସଂସ୍କୃତି ହଜାର ବର୍ଷର । ତୁମର ଇତିହାସ ଓ ମୋର ଇତିହାସ ତ ଏକ ନୁହେଁ । ଅମର ଭାରତବର୍ଷର ଇତିହାସ ।''

''ସତେ ? ମୁଁ ତ ଶୁଣିଛି ଯେ ତୁମେ ମଧ୍ୟ ଭାରତୀୟ ।''

Digitized by srujanika@gmail.com

''ହଁ ହଁ, ମୁଁ ତ ସମସ୍ତଙ୍କୁ କହେ ମୁଁ ଭାରତୀୟ ।''

''ମୁଁ ଏ ସବୁ କିଛି ଶୁଣିବାକୁ ଚାହେଁନା । ତୁମେ ମୁହଁ ବୁଲାଅ ମିର୍ଜା ! ମୁଁ ଆଜି ତୁମକୁ ଦେଖିବି ।''

''ସେ ଠିଆହୋଇଛି । କିନ୍ତୁ ସ୍ଥିର ନୁହେଁ– ଆମ ମଧ୍ୟରେ ଅନ୍ତତଃ ତିନି ଗଜ ବ୍ୟବଧାନ । ମୁଁ ବଡ଼ପାଟିରେ କଥା କହୁଛି– କାରଣ ଆମର ଯଥେଷ୍ଟ ବୟସ ହୋଇଛି, କାନର ଶକ୍ତି ତେଣୁ କମିଯାଇଛି ।

ମିର୍ଜା ଉଦ୍‌ଭ୍ରାନ୍ତ ମନେହେଉଛି । ସେ କହିଲା, ''କିପରି ମୁଁ ଦେଖିବି ତୁମକୁ ? ଦାନ୍ତେ କ'ଣ କେବେହେଲେ ଭାବିଥିଲେ– ତାଙ୍କ ବିୟେତ୍ରୀଚକୁ ନିଜ ଚକ୍ଷୁରେ ପୁନର୍ବାର ଦେଖିବେ ?''

ତା'ର ପାଗଳାମି ଦେଖି ମୋର କ୍ରୋଧ ହେଉଛି, କ୍ରୋଧରେ ମୁଁ ଥରୁଛି । ଏ ଲୋକଟି ଏକ ଅବାସ୍ତବ ଜଗତ୍ ସୃଷ୍ଟିକରି ତା' ଭିତରେ ବାସକରୁଛି । କେଉଁଠୁ ଦାନ୍ତେ ବିୟେତ୍ରୀଚକୁ ଆଣିଲା– ସ୍ଥାନକାଳର ଅତୀତ ବା କ'ଣ ? ମୁଁ କ'ଣ ଭୂତ ହୋଇଯାଇଛି ? କେଉଁ ସ୍ୱପ୍ନଜଗତରେ ଅବା କଳ୍ପନାର ଧୂମାଚ୍ଛନ୍ନ ସ୍ୱର୍ଗରେ ତୁମେ ବାସକର ମିର୍ଜା ? ମୁଁ ଏହି ବାସ୍ତବ ଜଗତରେ ରକ୍ତମାଂସର ଅମୃତା, ତୁମର ରୁମ୍‌ରେ ଠିଆହୋଇଛି, ଏଟା ସତ୍ୟ । ଏ ସତ୍ୟ ତୁମକୁ ସ୍ୱୀକାର କରିବାକୁ ହେବ । ତୁମର ପଳାତକ ମନୋବୃତ୍ତି ଛାଡ଼ ।''

''ମୁଁ କ'ଣ କରିବି ଅମୃତା, ତୁମର ଯେ ସ୍ୱାମୀ ଅଛନ୍ତି, ମୋର ମଧ୍ୟ ସ୍ତ୍ରୀ ଅଛନ୍ତି, ଏବେ କ'ଣ କହିବି କୁହ ।''

ମୁଁ ବିସ୍ମିତ ଓ ହତବାକ୍– ମିର୍ଜା କ'ଣ କହୁଛି ?

''ମିର୍ଜା ! ତୁମେ ଏତେ ପଢ଼ିଲ; ତଥାପି ତୁମର ପ୍ରଜ୍ଞା ହେଲାନାହିଁ ? ପ୍ରେମ କ'ଣ ଗୋଟିଏ ବସ୍ତୁ ଯେ ତୁମେ ଜଣକ ପାଖରୁ କାଢ଼ିନେଇ ଅନ୍ୟ ଜଣକୁ ଦେବ ? ଏ କ'ଣ ବିଷୟ ସମ୍ପତ୍ତି ନା ସୁନାଗହଣା ? ଏ ତ ଗୋଟିଏ ଆଲୋକ । ଯେମିତି ବୁଦ୍ଧିର ଆଲୋକ, ଜ୍ଞାନର ଆଲୋକ, ସେହିପରି ପ୍ରେମର ଆଲୋକ । ବୁଦ୍ଧି ଆଲୋକର ସ୍ୱାମୀ ଅଛି, ତା'ର କ୍ଷେତ୍ର ଗୋଟିଏ; କିନ୍ତୁ ପ୍ରେମର ଆଲୋକ ସବୁଠାରୁ ବେଶି ଜ୍ୟୋତିର୍ମୟ, ତାହା ସବୁକିଛିର ସତ୍ୟରୂପ ଦେଖାଏ– ଏ ଆଲୋକ ଜଳିଲେ ତ୍ରିଭୁବନ ପ୍ରେମମୟ ହେବ– ଅପ୍ରିୟ ପ୍ରିୟ ହେବ– ତୁମେ ବିଶ୍ୱାସକର ମିର୍ଜା ! ତୁମ କଥା ମନେପଡ଼ିବା ଦିନୁ ମୋ ସ୍ୱାମୀ ମୋ ନିକଟରେ ପ୍ରିୟତର ହୋଇଛନ୍ତି । ତାଙ୍କୁ ଏହା ଆଗରୁ ଏତେ ବେଶି ଭଲପାଇନଥିଲି । ବିଶ୍ୱାସ କରିବ ତୁମେ ?''

ସେ ମୁଣ୍ଡ ହଲାଉଛି, ''ନିଶ୍ଚୟ, ନିଶ୍ଚୟ, ସତ୍ୟ, ସତ୍ୟ...''

''କ'ଣ ସତ୍ୟ ?''

''ତୁମେ ଯାହା କହୁଛ ତାହା ଧ୍ରୁବ ସତ୍ୟ, ତୁମେ ସବୁବେଳେ ନିର୍ଭୁଲ ସତ୍ୟ କୁହ ।''

Digitized by srujanika@gmail.com

''ହଁ, ସତ୍ୟେର ପରେ ମନ, ଆମି କରେଛି ସମର୍ପଣ । ସେଥିପାଇଁ ତ ମୁଁ ସତ୍ୟକୁ ସ୍ୱୀକୃତି ଦେବାକୁ ଆସିଛି । କାମଟା ସହଜ ହୋଇନାହିଁ ମିର୍ଜ୍ଞା ! ସଂସାର, ସମାଜ, ଆତ୍ମୀୟସ୍ୱଜନ, ପୁତ୍ରକନ୍ୟା– ସମସ୍ତଙ୍କ ସମ୍ମୁଖରେ ଥିବା ଉଚ୍ଚାସନରୁ ତଳକୁ ଓହ୍ଲାଇ ଆସିବା ସହଜ ନୁହେଁ । କେହି କେହି ହୁଏତ ଭାବୁଛନ୍ତି ଯେ ମୋର ମତିଭ୍ରମ ହୋଇଛି । ଅଧିକ ଲୋକ ଜାଣିଲେ କ'ଣ ଭାବିବେ ସେମାନେ ? ଆମ ଦେଶ କଥା ଜାଣ ତ ? ମୋ ଦେହରେ ଧୂଳି ପକାଇବେ । ବୟାଳିଶ ବର୍ଷ ପରେ ତୁମକୁ ଦେଖିବାକୁ ଆସିଲି, ଏଟା କ'ଣ ସହଜ କଥା ?''

''ଆଦୌ ସହଜ ନୁହେଁ, ଅନ୍ତତଃ ମୁଁ ତ ତାହା ପାରିନଥାନ୍ତି । ଅନେକ ଥର ସୁଯୋଗ ଆସିଛି ମୋ ସ୍ୱପ୍ନର ଭାରତକୁ ଯିବାପାଇଁ, ମୁଁ ଯାଇନାହିଁ । କିପରି ଯିବି ସେଠାକୁ ?''

''କାହିଁକି ? ସେଠାରେ ମୁଁ ଅଛି ବୋଲି ?''

ସେ ମୁଣ୍ଡ ହଲେଇ କହିଲା, ''ହଁ, ସେଇଥିପାଇଁ...''

''ଆଉ ମୁଁ ଆସିଲି, କେବଳ ତୁମେ ଅଛ ବୋଲି । ମୁଁ ଏତେ ସାହସ କେଉଁଠୁ ପାଇଲି କହିପାରିବ ?''

''ହଁ, ମୁଁ ତ ତାହା ହିଁ ଭାବୁଛି– କେଉଁଠୁ ପାଇଲ ?''

''ଗାନ୍ଧିଜୀଙ୍କ ପାଖରୁ । ମୁଁ ଭାବିଲି ସେ ଯଦି ପାରନ୍ତି ତା'ହେଲେ ମୁଁ କାହିଁକି ପାରିବି ନାହିଁ ? ଆଉ ସେତକ ଯଦି ନ ପାରେ, ତେବେ ତାଙ୍କ ମୃତ୍ୟୁଦିବସରେ ବକ୍ତୃତା ଦେଇ ଲାଭ କ'ଣ ?''

''ଗାନ୍ଧି କ'ଣ ଏତେ ବଡ଼ ହୋଇପାରିଥିଲେ ?''

''ହଁ, ନିଶ୍ଚୟ । ୧୯୩୦ରେ ତୁମେ ତାଙ୍କୁ ଯାହା ଜାଣିଥିଲ, ତା'ଠାରୁ ଅନେକ ବେଶି ବଡ଼ ହୋଇଥିଲେ । ସେ ତ କେବଳ ପୋଥି ପଢୁନଥିଲେ, ମଣିଷ ପାଇଁ କାମ କରୁଥିଲେ । ହଁ, ସେଇଥିପାଇଁ ତୁମକୁ ପଚାରୁଛି– ତୁମ ବହିରେ ମୋର କି ଚରିତ୍ର ଅଙ୍କନ କରିଛ ? ସେଠି ତ ମୁଁ ମୋତେ ପାଇଲି ନାହିଁ ?''

''ଫାଣ୍ଟାସୀ, ଫାଣ୍ଟାସୀ । ତୁମକୁ ମୁଁ ରହସ୍ୟମୟୀ ଏକ ଦେବୀ କରିବାକୁ ଚାହିଁଥିଲି, ଯେ କି ବିନା କାରଣରେ ଯେକୌଣସି କାର୍ଯ୍ୟ କରିପାରନ୍ତି, ଠିକ୍ କାଳୀଙ୍କ ପରି, ଯେ କି ନାନା ଦୁର୍ଘଟଣା ଘଟାଇପାରନ୍ତି ବିନା କାରଣରେ ।''

''ଖବରଦାର୍, ମୋତେ କାଳୀଙ୍କ ସହିତ ତୁଳନା କରିବନାହିଁ–ସବୁ ଦିନ ତୁମେ ଏହିପରି କୁହ...ମୁଁ କ'ଣ ଏତେ କଳା ?''

''ଆଚ୍ଛା, ଆଚ୍ଛା, ଦୁର୍ଗାଙ୍କ ପରି, ଯେ ଅସମ୍ଭବ କାର୍ଯ୍ୟ କରିପାରନ୍ତି, inscrutable, ଏକ ହାତରେ ଅସ୍ତ୍ର, ଅନ୍ୟ ହାତରେ ବରାଭୟ – an enigma that you were–"

Digitized by srujanika@gmail.com

"ମୁଁ ତୁମକୁ କହୁଛି, ଫାଣ୍ଟାସୀର ସୌନ୍ଦର୍ଯ୍ୟ ଅଛି । ସତ୍ୟର ସୌନ୍ଦର୍ଯ୍ୟ ଉଜ୍ଜ୍ୱଳତର– କିନ୍ତୁ ଅର୍ଦ୍ଧସତ୍ୟ ଭୟଙ୍କର । ତେଣୁ ତୁମ ବହିଟା ମୋ ନିକଟରେ ଏକ ବିଭୀଷିକା । ତା' ଛଡ଼ା ମୁଁ ଖୁବ୍ ସହଜ ସରଳ ଗୋଟିଏ ଛୋଟ ଝିଅ ଥିଲି ମିର୍ଜ୍ଜା । ବେଳେବେଳେ ଦାର୍ଶନିକର ଛଳନା କରୁଥିଲି, ଏତିକିମାତ୍ର । ରହସ୍ୟଟା ତ ତୁମର ସୃଷ୍ଟି–ତୁମେ ରହସ୍ୟ ଭଲପାଅ, କିନ୍ତୁ ମୁଁ ଏଥର ଅସମ୍ଭବ କାର୍ଯ୍ୟ କରିବାକୁ ହିଁ ଆସିଛି ।"

ସେ ମୋ ଆଡ଼କୁ ପିଠି ବୁଲେଇ ଠିଆହୋଇଛି । ମୁଁ ତା' ଆଡ଼କୁ ଗୋଟିଏ ହାତ ବଢ଼େଇଛି । ମୋର ଅନ୍ତର ନିଷ୍କମ୍ପ, ସ୍ଥିର–ତା'ର ଏହି ରହସ୍ୟର ନିଶା ମୁଁ ଘୁଞ୍ଚାଇବି–ଏହି ବାସ୍ତବ ପୃଥିବୀର ମାଟିରେ ଆମେ ପରସ୍ପରକୁ ଦେଖିବୁ ।

"ପ୍ରିୟତମ ହେ, ଜାଗ ଜାଗ ଜାଗ ।"

ମିର୍ଜ୍ଜା ମୁହଁ ବୁଲାଇଲା ନାହିଁ, ସେ ମୁଣ୍ଡ ତଳକୁ ପୋତି ରହିଛି ।

"କ'ଣ ଚାହଁ ଅମୃତା ?"

"ଶାନ୍ତି, ତୁମ ପାଖରୁ ଶାନ୍ତି ଚାହେଁ ।"

ହୋଃ, ହୋଃ... ସେ ପାଗଳ ପରି ହସୁଛି । "ତୁମକୁ ମୁଁ କିପରି ଶାନ୍ତି ଦେବି ? ମୋର ନିଜର ତ ଶାନ୍ତି ନାହିଁ ।"

କ'ଣ ହେବ ? ଭୟରେ ମୁଁ ଶଙ୍କିତା – ତା' ମୁଣ୍ଡଟା ଖରାପ ହୋଇଗଲା ନା କ'ଣ ? ଏତେ ସୁନ୍ଦର, ଏତେ ଗଭୀର, ଏତେ ପରମ ସତ୍ୟକୁ ସେ ସ୍ପର୍ଶ କରିପାରୁନାହିଁ ? ହଠାତ୍ ମୁଁ କହିଲି– "ମିର୍ଜ୍ଜା, ତୁମେ ଯେ କି ଚମତ୍କାର ପିଆନୋ ବଜାଉଥିଲ, ଏବେ ବି ବଜାଅ ତ ?"

"ନାହିଁ, ନାହିଁ, ସେ ସବୁ ଅନେକ ଦିନୁ ଛାଡ଼ିଦେଇଛି ।"

"କାହିଁକି ?"

"କି ଦରକାର ସମୟ ନଷ୍ଟ କରି..."

ମୁଁ ଭାବୁଛି– କିପରି ସେ ପିଆନୋ ବଜାଇବ ? ତା' ଆଙ୍ଗୁଠିଗୁଡ଼ିକ ଯେ ବହିର ମଲାଟ ଭଳି ଟାଣ । ଶିରା, ଉପଶିରା ଶୁଖିଯାଇଛି– ନା, ଆଉ ସେ କେବେ ବଜାଇପାରିବ ନାହିଁ ।

"ମିର୍ଜ୍ଜା, ଏଇ ଯେ ମୁଁ ତୁମ ଘରେ ଆସି ଠିଆହୋଇଛି, ମୁଁ ରକ୍ତମାଂସର ମଣିଷ, ମୁଁ କୌଣସି ସିମ୍ବଲ୍ ନୁହେଁ, ମିଥ୍ୟା ନୁହେଁ, ମୁଁ ଜଣେ ସୁଖଦୁଃଖକାତର ଅପାର ସମ୍ଭାବନାଭରା ମଣିଷ । ବିୟେଟ୍ରୀଚ ଭୂତ ହୋଇ ସ୍ୱର୍ଗକୁ ଯାଇଥିଲେ ସେଠାରେ ଦାନ୍ତେଙ୍କ ସଙ୍ଗେ ଦେଖାହେଲା; କିନ୍ତୁ ମୁଁ ଯେ ଏଇ ଜୀବନରେ ଆସିଛି, ଏଟା କ'ଣ କିଛି ନୁହେଁ ?"

ସେ ମୋତେ ପଛ କରି କଥା କହୁଛି– ନିଃଶ୍ୱାସ-ପ୍ରଶ୍ୱାସ ଦ୍ରୁତ ।

Digitized by srujanika@gmail.com

''ବିସ୍ମୟ ! କି ପରମ ବିସ୍ମୟ ! ସତ, ସତ, ମୁଁ ତ ସେଥିପାଇଁ ପେସିମିଷ୍ଟମାନଙ୍କୁ କହେ ଜୀବନରେ କି ଅପାର ସମ୍ଭାବନା ରହିଛି ? କିଏ ଜାଣେ ? କିଏ ଜାଣେ କ'ଣ ହୋଇପାରେ ? ତୁମକୁ ଦେଖିବି, ଏ କଥା କେବେହେଲେ ଭାବିନାହିଁ ।''

''ତେବେ ମୋ ଆଡ଼କୁ ମୁହଁକର ।''

''ମିର୍ଚ୍ଚା ବୁଲିପଡ଼ିଲା; କିନ୍ତୁ ମୁହଁ ଟେକୁନାହିଁ । ମୁହଁ ତଳକୁ କରି ରଖିଛି । ଏବେ ମଧ୍ୟ ସେ ମୋତେ ଦେଖିବା ପାଇଁ ପ୍ରସ୍ତୁତ ନୁହେଁ । ମୁଁ ମିନତି କରୁଛି, ''କାହିଁକି ତୁମେ ମୋ ଆଡ଼କୁ ଅନାଉନାହଁ ? ତୁମେ ତ ତୁମ ବହିରେ ଲେଖିଛ– ଯେଉଁଦିନ ମୋ ସଙ୍ଗେ ଦେଖାହେବ, ସେଦିନ ମୋ ଆଖିରେ ଆଖି ମିଶାଇବ, ସେ କଥା କ'ଣ ଭୁଲିଗଲ ?''

''ସେ ତ ବହୁଦିନ ପୂର୍ବର ଘଟଣା । ଚାଳିଶ ବର୍ଷ – ଚାଳିଶ ବର୍ଷ !''

''ଜାଣ, ଲୋକେ ମୋତେ ପଚାରନ୍ତି, କେତେ ଦିନ ତୁମେ ଆମ ଘରେ ଥିଲ ? ମୋର ମନେପଡୁନାହିଁ– କେତେ ଦିନ ଥିଲ କହିପାରିବ ?''

'ସହସ୍ର ବର୍ଷ ।''

''ତେବେ– ତେବେ ବି କ'ଣ ତୁମେ ଜାଣନା ତୁମେ କିଏ ? ଆମେ କ'ଣ ? ମୁଁ ତ ସେଇ ତୁମକୁ ହିଁ ଦେଖିବାକୁ ଆସିଛି, ଯାହାକୁ weapon cannot pierce,fire cannot burn– ଶସ୍ତ୍ର ଯାହାକୁ ଛିନ୍ନ କରିପାରିବ ନାହିଁ ବା ଅଗ୍ନି ଯାହାଂକୁ ଦଗ୍‌ଧ କରିପାରିବ ନାହିଁ ।''

ସେ ସଂସ୍କୃତରେ କହିଲା, ''ନ ହନ୍ୟତେ ହନ୍ୟମାନେ ଶରୀରେ...''

''ତେବେ– ସେଇ ତୁମେ, ଯା'ର ଆଦି ନାହିଁ, ଅନ୍ତ ବି ନାହିଁ–ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦି, ସେଇ ତୁମକୁ ହିଁ ମୁଁ ଦେଖିବାକୁ ଚାହିଁଛି । ମୋ ଆଡ଼କୁ ଥରେ ଚାହିଁ ଦେଖ; ବିଶ୍ୱାସକର–ଗୋଟିଏ ମୁହୂର୍ତ୍ତ ମଧ୍ୟରେ ମୁଁ ତୁମକୁ ଚାଳିଶ ବର୍ଷ ପାରିକରିଦେବି । ଦେଖିବ ଆମେ ସେଇଠି ଛିଡ଼ାହୋଇଛେ–ପ୍ରଥମେ ଯେଉଁଠି ଆମର ଦେଖାହୋଇଥିଲା । ମୋତେ ଦେଖ ମିର୍ଚ୍ଚା, ମୋତେ ଦେଖିଲେ ହିଁ ତୁମେ ଅମର ହେବ ମିର୍ଚ୍ଚା– ଅମର ହେବ ।''

ମିର୍ଚ୍ଚା ମୁହଁ ଟେକିଲା । ମୁଁ ଦେଖିଲି– ତା'ର ଆଖିର ଦୃଷ୍ଟି ସ୍ଥିର । କି ସର୍ବନାଶ ! ଯାହା ଆଶଙ୍କା କରୁଥିଲି, ତାହା ହିଁ ହୋଇଛି । ତା' ଦୃଷ୍ଟି ପଥର ହୋଇଯାଇଛି । ସେ ଆଉ ମୋତେ କେବେହେଲେ ଦେଖିପାରିବ ନାହିଁ । କ'ଣ ହେବ ? କ'ଣ ହେବ ? ହେ ଈଶ୍ୱର ? ଉପାୟ କ'ଣ ? ତା' ଆଖିରେ ତ ମୁଁ ଆଉ ଆଲୋକ ଆଣି ଦେଇପାରିବି ନାହିଁ ! ମୋ ହାତରେ ତ ପ୍ରଦୀପ ନାହିଁ । ଦୀର୍ଘପଥ ଚାଲୁଚାଲୁ ତେଲ ଶେଷ ହୋଇ ସଳିତା ପୋଡ଼ି ଲିଭିଯାଇଛି । ମୋତେ ଡରମାଡୁଛି । ମୁଁ ଆଉ ଅମୃତା ନୁହେଁ– ମୁଁ ଏକ ମରଣଶୀଳ ମଣିଷ ହୋଇଗଲି । ତା' ଭଳି ଭାବିବାକୁ ଲାଗିଲି । ହାୟ ଚାଳିଶ ବର୍ଷ । ବହୁତ ବେଶି ଡେରିହୋଇଗଲା ।

Digitized by srujanika@gmail.com

ଏକ ବୁକୁଫଟା ଦୁଃଖ ଦୀର୍ଘନିଶ୍ୱାସ ହୋଇ ଘର ଭିତରେ ଭଉଁରିଭଳି ବୁଲୁଚି । ମୁଁ ଏଥର ବୁଲିପଡ଼ିଲି । ସେଇ ଦୁଆର ପାଖରେ ପହଞ୍ଚିବାକୁ ପଡ଼ିବ । ଦୁଆରର ପିତଳ ହ୍ୟାଣ୍ଡଲଟା ବୁଲାଇବାକୁ ପଡ଼ିବ । ତା'ପରେ ଦୁଆର ଖୋଲିଯିବ । ମୁଁ ସେଇବାଟେ ଚାଲିଯାଇ ଶାର୍ଲି ନିକଟରେ ପହଞ୍ଚିଯିବି । ମୁଁ ପଥର ଭଳି ଜମାହୋଇଥିବା ପୁସ୍ତକର ସ୍ତୂପ ଡେଇଁ ଡେଇଁ ଚାଲିଛି । ହଠାତ୍ ପଛରୁ ମିର୍ଚ୍ଚାର କଣ୍ଠ ଶୁଣିପାରିଲି, ମନେହେଲା– ଦୂରରୁ ଭାସିଆସୁଛି–

''ଟିକିଏ ଅପେକ୍ଷାକର ଅମୃତା– Why are you breaking down now when you were so brave for so many years ? ଏତେ ଦିନ ଧରି ଏତେ ସାହସ ଦେଖାଇ ପୁଣି ଏବେ ତୁମେ ଭାଙ୍ଗିପଡ଼ିଲ କାହିଁକି ? ମୁଁ କହୁଛି – ମୁଁ ତୁମ ପାଖକୁ ଯିବି, ସେହି ଗଙ୍ଗା କୂଳରେ ମୋର ସ୍ୱରୂପ ତୁମକୁ ଦେଖାଇବି । I will show you my real self on the shores of the Ganges. ମୁଁ ନୈରାଶ୍ୟବାଦୀ ନୁହେଁ । ସେଥିପାଇଁ ଏପର୍ଯ୍ୟନ୍ତ ମୋର ଭଗ୍ନ-ହୃଦୟ ଭିତରେ ଛୋଟ ପକ୍ଷୀଟିଏ ଡେଣାଭାଙ୍ଗି ପଡ଼ିରହି ଧୁକ୍ ଧୁକ୍ କରୁଛି–''

ମିର୍ଚ୍ଚା କଥାଟା ମୋ କାନକୁ ଯିବାମାତ୍ରେ ଏକ ଘଟଣା ଘଟିଗଲା । ସେଇ ଛୋଟ ପକ୍ଷୀଟା ହଠାତ୍ ଫିନିକ୍ସ ହୋଇଗଲା– ଫିନିକ୍ସ ପକ୍ଷୀ କେହି ଦେଖିଛ ? ଠିକ୍ ଆଲ୍‌ବାଟ୍ରାସ୍ ପରି ଦେଖିବାକୁ । ସେହି ବିରାଟ ଖଗେନ୍ଦ୍ର ତା'ର ଶୁଭ୍ର ବିପୁଳ ପକ୍ଷ ଦୁଇଟି ବିଧ୍ୱନିତ କରି ମୋତେ ନେଇ ଊର୍ଦ୍ଧ୍ୱଗାମୀ ହେଲା । ଆଉ ଠିକ୍ ସେତିକିବେଳେ ତା' ପଢ଼ାଘର ଛାତଟା ପାଣ୍ଡୋରାବାକ୍ସ ଭଳି ଖୋଲିଗଲା । ପାଚେରିର ବାଧା ଉଠିଗଲା । ପୁସ୍ତକଗୁଡ଼ିକ ପାଣିର ଢେଉ ହୋଇଗଲା । ମୁଁ କଳକଲ୍ଲୋଳ ଶୁଣିବାକୁ ପାଇଲି ।

ଆଶାର ମାୟାରେ ଗଢ଼ା ସେହି ବ୍ୟାବୃତପକ୍ଷ ମହାପକ୍ଷୀ ଲେକ ମିଶିଗନ୍ ପାରିହୋଇ ଅଜ୍ଞାତ ମହାଦେଶ ଆଡ଼କୁ ଯାଉଯାଉ ମୋତେ କହିଲା, ''କୌଣସି ଭୟନାହିଁ ଅମୃତା, ତୁମେ ହିଁ ତା' ଆଖିରେ ଆଲୋକ ଜାଳିବ ।''

ମୁଁ ବ୍ୟାକୁଳ ହୋଇ ପଚାରିଲି, ''କେବେ ? କେବେ ?''

ସେ କହିଲା, ''ଯେଉଁଦିନ ଛାୟାପଥରେ ଆମ ଦୁହିଁଙ୍କର ଦେଖାହେବ ।''

ତାହା ଆଉ ବେଶି ଡେରିନାହିଁ ।

—

Digitized by srujanika@gmail.com